
ନଭେମ୍ବର - ୨୦୧୯ NOVEMBER - 2019

Spreading Kowledge Amongst Mankind.........



[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



**ISSN NO – 2582-208X**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ......

ପ୍ରିୟ ପାଠକବନ୍ଧୁ, ପ୍ରଦୂଷଣ ତତ୍ତ୍ୱ କମ୍ବା ପ୍ରଦୂଷକ ବାତାବରଣର ମିଶ୍ରଣକୁ କୁହାଯାଏ । ଯେତେବେଳେ ଏହି ପ୍ରଦୂଷକ ଆମର ପ୍ରାକୃତିକ ସଂଶାଧନରେ ମିଶିଯାଏ, ସେତେବେଳେ ବିଶେଷ ପ୍ରକାର ନକରାତ୍ମକ ପ୍ରଭାବ ଉତ୍ପନ୍ନ ହୁଏ । ପ୍ରଦୂଷଣ ମୁଖ୍ୟତଃ ମାନବୀୟ ଗତିବିଧି ଦ୍ୱାରା ଉତ୍ପନ୍ନ ହୋଇଥାଏ ଏବଂ ଏହା ପୁରା ପରିସ୍ଥିତି ତନ୍ତ୍ରକୁ ପ୍ରଭାବିତ କରିଥାଏ । ଆଜିର ଯୁଗରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା ରୂପେ ଦେଖାଦେଇଛି । ଖାଲି ଆମ ଦେଶରେ ନୁହେଁ, ଏହା ଏକ ଅନ୍ତରାଷ୍ଟ୍ରୀୟ ସମସ୍ୟା ଯାହା ପୃଥିବୀ ପୃଷ୍ଠରେ ରହୁଥିବା ସମସ୍ତ ଜୀବଜନ୍ତୁ ଏବଂ ନିର୍ଜୀବ ପଦାର୍ଥ ମଧ୍ଯ ଆସନ୍ତି । ଏହାର ପ୍ରଭାବ ସର୍ବତ୍ର ବିଦିତ । ପ୍ରଦୂଷଣର ଅର୍ଥ ହେଉଛି ପ୍ରକୃତିର ସନ୍ତୁଳନ ବିଗିଡି ଯିବା ଏବଂ ଜୀବନର ବ୍ୟବହୃତ ଜରୁରୀ ଦ୍ରବ୍ୟ ଦୂଷିତ ହୋଇଯିବା । ଯେମିତି ସ୍ୱଚ୍ଛ ଜଳ ନମିଳବା, ସ୍ୱଚ୍ଛ ବାୟୁ ଏବଂ ପ୍ରଦୂଷିତ ବାତାବରଣର ସମସ୍ୟା ବଢି ବଢି ଯିବା । ପ୍ଲାଷ୍ଟିକ ଏମିତି ଏକ ପଦାର୍ଥ ଯାହାକି ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଯେମିତିକୁ ସେମିତି ପଡି ରହିଥାଏ । ଯେବେଠାରୁ ମାନବ ବିଜ୍ଞାନରେ ଉନ୍ନତି କଲାଣି, ସେବେଠାରୁ ପ୍ଲାଷ୍ଟିକର ନିର୍ମାଣ ମନୁଷ୍ୟ ଜୀବନରେ ଅଧିକ ମାତ୍ରାରେ ବଢିଗଲାଣି । ନିଜ ସୁବିଧା ପାଇଁ ବ୍ୟବହାର କରାଯାଉଥିବା ଏହି ପ୍ଲାଷ୍ଟିକ ମାନବ ଜୀବନ ସହିତ ପୁରା ପୃଥିବୀର ବାତାବରଣ ପ୍ରତି ସମସ୍ୟା ଉତ୍ପନ୍ନ କରିବାରେ ଲାଗିଛି । ଆମର ଭାରତ ଦେଶରେ ୨୦୧୬ ରିପୋର୍ଟ ଅନୁସାରେ ପ୍ରତିଦିନ ୧୫,୦୦୦ ଟନ ପ୍ଲାଷ୍ଟିକ ଅପଶିଷ୍ଟ ବାହାରୁଛି ଯାହା ପ୍ରତିଦିନ ବଢିବାରେ ଲାଗୁଛି । ପ୍ଲାଷ୍ଟିକର ବଢୁଥିବା ଗୃହିଦା ଅନୁସାରେ ଅନୁମାନ କରାଯାଇପାରେ କି ପୁରା ବିଶ୍ୱରେ ଏତେ ପ୍ଲାଷ୍ଟିକ ହୋଇଗଲାଣି ଯେ ଏହି

ପ୍ଲାଷ୍ଟିକରେ ପୃଥିବୀକୁ ପାଞ୍ଚଥର ଗୁଡାଯାଇପାରେ । ଏହି ପ୍ଲାଷ୍ଟିକର ସତୁରି ପ୍ରତିଶତ ମହାନଗରରେ ଦେଖାଯାଏ । ପ୍ଲାଷ୍ଟିକ ବନେଇବାରେ ବିଭିନ୍ନ ପ୍ରକାର ବିଷାକ୍ତ କେମିକାଲ ର ଆବଶ୍ୟକ ହୋଇଥାଏ । ଯଦ୍ଵାର୍ ଏହା ଯେଉଁଠି ପଡିରହେ, ଧିରେ ଧିରେ ସେଇଠି ବିମାରୀ ଏବଂ ପ୍ରଦୂଷଣକୁ ଜନ୍ମ ଦେଇଥାଏ । ପ୍ଲାଷ୍ଟିକ ମାନବର ଦିନଚର୍ଯ୍ୟାରେ ଏକ ଜରୁରୀ ବ୍ୟବହୃତ ଦ୍ରବ୍ୟ ବନଗଲ୍ଣି । ସକାଳୁ ଉଠୁଉଠୁ ପ୍ଲାଷ୍ଟିକ ବ୍ରସ୍ ରେ ଦାନ୍ତ ଘସିବା ଠାରୁ ଆରମ୍ଭ କରି ପ୍ଲାଷ୍ଟିକ ବାଲ୍ଟି ଏବଂ ମଗ୍ ର ବ୍ୟବହାର ପ୍ଲାଷ୍ଟିକ ଗ୍ଲାମଚ ଏବଂ ଟିଫିନ୍ ମଧ୍ୟ ପ୍ଲାଷ୍ଟିକ ଡବାରେ ନେଇ ମନୁଷ୍ୟ ଅଫିସ୍ ବାହାରୁଛି । ପାଣି ମଧ୍ୟ ପ୍ଲାଷ୍ଟିକ ବୋତଲରେ ନେବାକୁ ଭୁଲୁନ । ମନୁଷ୍ୟ ଜୀବନର ଏହା ଏକ ଅଭିନ୍ନ ଅଙ୍ଗ ବନଗଲ୍ଣି । ପ୍ଲାଷ୍ଟିକ ମାନବକୁ ଯେତିକି ସହୁଲିୟତ ପ୍ରଦାନ କରୁଛି, ସେତିକି ବିମାରୀ ମଧ୍ୟ ଆଣିଦେଉଛି । ଗୋଟିଏ ପ୍ଲାଷ୍ଟିକ ବୋତଲକୁ ବାରମ୍ବାର ବ୍ୟବହାର କଲେ, ଏହା ଏକ ମାର୍ମିକ ରୋଗର କାରଣ ହୋଇଥାଏ । ପ୍ଲାଷ୍ଟିକ ମନୁଷ୍ୟ ଜୀବନରେ ଖରାପର କାରଣ ହୋଇ ମଧ୍ୟ ମନୁଷ୍ୟ ତାର ସୁବିଧା ପାଇଁ ସବୁବେଳେ ଏହାର ବ୍ୟବହାର କରୁଛି । ଘରୁ ବାହାରିଲ୍ବେଳେ କୌଣସି ବ୍ୟାଗ ହାତରେ ନେଉନାହିଁ ଯଦ୍ଵାର୍ ଦୋକାନ ପଲିଥିନ୍ ବ୍ୟାଗ ଧରାଇ ଦେଉଛି । ଏହା ହାଲକା ଏବଂ ସୁବିଧା ହେତୁ ମନୁଷ୍ୟ ଏହାକୁ ବ୍ୟବହାରରେ ଆଣୁଛି । ଫାଷ୍ଟଫୁଡ୍ ପ୍ୟାକିଙ୍ଗ୍ ମଧ୍ୟ ପଲିଥିନ୍ ବ୍ୟାଗରେ ହିଁ କରୁଛି । ଏହା ସ୍ୱାସ୍ଥ୍ୟ ପକ୍ଷେ ଅହିତକର ବନବାରେ ଲ୍ଗିଛି । ପାଠପଢୁଆ ମନୁଷ୍ୟ ମଧ୍ୟ ଏହା କରିବାକୁ ପଛଘୁଞ୍ଚା ଦେଉନ । ପ୍ଲାଷ୍ଟିକରୁ ନିର୍ଗତ ବିଷାକ୍ତ ପଦାର୍ଥ ମାନବ ସହିତ ପୃଥିବୀର ସମସ୍ତ ପ୍ରାଣୀ ଜଗତ ଏବଂ ପର୍ଯ୍ୟାବରଣକୁ ମଧ୍ୟ ନଷ୍ଟ କରିବାରେ ଲ୍ଗିଛି । ଯେମିତିକି ଜଣାଅଛି ପ୍ଲାଷ୍ଟିକର ବିଘଟନ ପକ୍ରିୟାରେ ୫୦୦ ରୁ ୧୦୦୦ ବର୍ଷ ଲ୍ଗିଯାଏ । ଯେତେବେଳେ ପ୍ଲାଷ୍ଟିକକୁ ଭୂମିରେ ପୋତି ଦିଆଯାଏ, ସେତେବେଳେ ଏହାର ବିଘଟନ ହୁଏ ନାହିଁ ଏବଂ ଏହା ବିଷାକ୍ତ ପଦାର୍ଥ ଛାଡିଥାଏ । ଯଦ୍ଵାର୍ ଭୂମି ବଞ୍ଜର ହୋଇଯାଏ ଏବଂ ଫସଲ ମଧ୍ୟ ସମ୍ଭବ ହୁଏନାହିଁ । ବିଷାକ୍ତ ପଦାର୍ଥ ମିଶି ଯିବାରୁ ମାନବ ସ୍ୱାସ୍ଥ୍ୟ ପାଇଁ ଏହା କ୍ଷତିକାରକ ଅଟେ ।

ଆଜିର ସମସ୍ୟା ପ୍ଲାଷ୍ଟିକ କଚର୍ । ଏହାର ସମାଧାନ ପାଇଁ କେତେକ କ୍ଷେତ୍ରରେ ଏହାକୁ ଜଳାଇ ଦିଆଯାଏ । ଏହାଦ୍ୱାର୍ ଯେଉଁ ବିଷାକ୍ତ ଧୂଆଁ ନର୍ଗତ ହୁଏ, ଏହା ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ଅଟେ । ମାନବ ନଶ୍ୱାସ ପ୍ରଶ୍ୱାସରେ ଏହା ଯାଇ ମାନବକୁ ର୍ୱୋଗଗ୍ରସ୍ତ ବନାଇଥାଏ । ଏହା ମାନବ ସ୍ୱାସ୍ଥ୍ୟ ପାଇଁ ବହୁତ ହାନକାରକ । ପ୍ଲାଷ୍ଟିକର ଉପଯୋଗ ମାନବ ଦ୍ୱାର୍ ହିଁ ଅଧିକ ମାତ୍ରାରେ କର୍‌ଯାଇଥାଏ । ଏବଂ ଏହାର ଦୁଃସପ୍ରଭ୍‌ବ ମାନବ ଉପରେ ହିଁ ଅଧିକ ମାତ୍ରାରେ ଦେଖାଯାଏ । ମାନବ ଜନ୍ମ ହେବା ମାତ୍ରେ ହିଁ ତାର ହାତରେ ପ୍ଲାଷ୍ଟିକ ଧର୍‌ଇ ଦିଆଯାଉଛି । ଛୋଟ ପିଲ୍‌ର ମୁହଁରେ କ୍ଷୀର ବୋତଲର ନପଲ୍ ଠାରୁ ଆରମ୍ଭ କରି ଡାଇପର ପର୍ଯ୍ୟନ୍ତ, ଏମିତିକି ତାର ଖେଳଣା ମଧ ପ୍ଲାଷ୍ଟିକରେ ହୋଇଥାଏ । ମାନବ ତାର ପୁର୍ ଜୀବନକାଳରେ ସବୁଠାରୁ ଅଧିକ ପ୍ଲାଷ୍ଟିକ ଘେରରେ ରହିଥାଏ । ଯଦ୍ୱାର୍ ଭବିଷ୍ୟତରେ ଭୟଙ୍କର ବିମାରୀର ଶୀକାର ହୋଇଥାଏ ।

ଆହୁରି ମଧ ପୃଥିବୀର ସର୍ବାଧିକ ପ୍ଲାଷ୍ଟିକରେ ବ୍ୟବହୃତ ବସ୍ତୁ ମହାସାଗରରୁ ହିଁ ମିଳଥାଏ । ପ୍ଲାଷ୍ଟିକ ମାନବ ଦ୍ୱାର୍ ମହାସାଗରରେ ଫୋପାଡି ଦିଆଯାଇଥାଏ । ଯେମିତିକି ସମୁଦ୍ର ଏକ କଚର୍ ପାତ୍ର । ପ୍ଲାଷ୍ଟିକ ନଦୀ ନାଳରେ ବହିଆସି ସମୁଦ୍ରରେ ମିଶିଥାଏ । ପ୍ଲାଷ୍ଟିକରେ ବନୁଥିବା ବସ୍ତୁରେ ଜାୟୋଲେନ୍, ଇଥିଲେନ, ଅକ୍ସାଇଡ୍, ବେଞ୍ଜେନ୍ ଭଳ ବିଷାକ୍ତ କେମିକାଲର ବ୍ୟବହାର କର୍‌ଯାଇଥାଏ । ସମୁଦ୍ରୀ ଜୀବ ପ୍ଲାଷ୍ଟିକ କୁ ଭୋଜନ ଭାବି ଖାଇଦେଇ ଥାଆନ୍ତି ଯଦ୍ୱାର୍ ପ୍ଲାଷ୍ଟିକ ସେମାନଙ୍କ ମୃତ୍ୟୁର କାରଣ ବନଥାଏ । ଏହାଦ୍ୱାର୍ ଏମାନଙ୍କ ସଂଖ୍ୟା ଧିରେ ଧିରେ କମିବାକୁ ଲ୍‌ଗିଛି । ପ୍ଲାଷ୍ଟିକ ଦ୍ୱାର୍ ଅତ୍ୟଧିକ ବସ୍ତୁ ଏମିତି ବନଥାଏ ଯେଉଁଟାକ ଥରେ ପ୍ରୟୋଗରେ ଆସି ପରେ ଫୋପାଡି ଦିଆଯାଏ, ଯାହାକୁ କ ଆମେ “ସିଂଗଲ୍ ୟୁଜ୍ ପ୍ଲାଷ୍ଟିକ ବୋଲି” କହୁ ଯେମିତିକି ପ୍ଲାଷ୍ଟିକ ପାଣି ବୋତଲ, ପଲିଥିନ୍ କ୍ୟାରି ବ୍ୟାଗ୍,ପ୍ୟାକଙ୍ଗ୍ ସାମାନ ଆଦି ଏହିସବୁ ବସ୍ତୁକୁ କଚର୍ ଡବାରେ ପକାଇ ଦିଆଯାଇଥାଏ । ଏଥିରେ ବଳକା ଖାଦ୍ୟ ପଦାର୍ଥ ମଧ ଥାଏ । ଯଦ୍ୟାର୍ ଭ୍ରମଣକାରୀ ପଶୁ ଯଥା ଗାଇ, କୁକୁର ଆଦି ଖାଦ୍ୟ ସହିତ ପ୍ଲାଷ୍ଟିକ ଜିନଷକୁ ଖାଇ ମୃତ୍ୟୁ ବରଣ କରିଥାନ୍ତି । ପ୍ଲାଷ୍ଟିକ ଦୁଃସପ୍ରଭ୍‌ବକୁ ର୍ୱୋକବାର ଉପାୟ ହିଁ ଆମକୁ କରିବାକୁ ପଡିବ । ପ୍ରଥମେ

ପ୍ଲାଷ୍ଟିକର ବସ୍ତୁକୁ ବହିଷ୍କାର କରନ୍ତୁ । ପ୍ଲାଷ୍ଟିକ୍ ବ୍ୟାଗ ଏବଂ ବୋତଲର ପ୍ରୟୋଗ କରନ୍ତୁ ନାହିଁ । ପ୍ଲାଷ୍ଟିକ ବଦଳରେ ଷ୍ଟିଲ୍, କପଡା, ଜୁଟ୍ ଏବଂ କାଗଜରେ ବନାଯାଇଥିବା ପ୍ୟାକଙ୍ଗ୍ ବ୍ୟାଗ କମ୍ବା ବୋତଲ ବ୍ୟବହାର କରନ୍ତୁ । ଯଦି କୌଣସି ଜିନଷ କଣିବାକୁ ବଜାରକୁ ଯାଉଛନ୍ତି, ତେବେ ସ୍ୱୟଂ କପଡାରେ ବନଥିବା ବ୍ୟାଗକୁ ନେଇ ଯାଆନ୍ତୁ । ଯଦ୍ୱାର୍ ଆପଣଙ୍କୁ ପ୍ଲାଷ୍ଟିକର ବ୍ୟାଗ ଆଣିବାକୁ ପଡିବନ । ଦୋକାନକୁ କୁହନ୍ତୁ ପଲିଥିନ୍ ବଦଳରେ କାଗଜରେ ବନଥିବା ବ୍ୟାଗରେ ହିଁ ଜିନଷ ଦେବାକୁ । ଖାଦ୍ୟସାମଗ୍ରୀ ପାଇଁ ଷ୍ଟିଲ୍ କମ୍ବା ମାଟିରେ ତିଆରି ବସ୍ତୁକୁ ପ୍ରାଥମିକତା ଦିଅନ୍ତୁ । ପ୍ଲାଷ୍ଟିକ **Pete** ଏବଂ **Hdpe** ପ୍ରକାରର ଦ୍ରବ୍ୟକୁ ବ୍ୟବହାର କରିପାରନ୍ତି କାରଣ ଏହାର **re-cycle** ରେ ସୁବିଧା ହୁଏ । ସ୍କୁଲ, କଲେଜ, ଅଫିସରେ ପ୍ଲାଷ୍ଟିକର ଦୁଃସପ୍ରବାହ ବିଷୟରେ ଲୋକଙ୍କୁ ଅବଗତ କରାନ୍ତୁ । ସେମାନେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଜାଣିବା ଉଚତ ଯେ ପ୍ଲାଷ୍ଟିକ ମାନବ ଜୀବନ ପାଇଁ କେତେ ହାନକାରକ । ଯଦ୍ୱାର୍ ପିଲାମାନେ ପିଲାଦିନରୁ ହିଁ ପ୍ଲାଷ୍ଟିକର ବ୍ୟବହାର ଅତି କମ ମାତ୍ରାରେ କରିବା ଶିଖିବେ । ପ୍ଲାଷ୍ଟିକ ସ୍ୱୟଂ ନଷ୍ଟ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ଏହାଦ୍ୱାର୍ ପ୍ରଦୂଷଣ ବଢିଥାଏ । ଏହା **re-cycle** କରୁଥିବା ସଂସ୍ଥାକୁ ଦେଇଦିଅନ୍ତୁ । ପ୍ଲାଷ୍ଟିକ କଚରା ଭରି ମାତ୍ରାରେ ଗଦାହୋଇ ପର୍ଯ୍ୟାବରଣ ପ୍ରଦୂଷଣ ଉତ୍ପନ୍ନ କରିଥାଏ । ପ୍ଲାଷ୍ଟିକ ଏକ **non-biodegradable** ପଦାର୍ଥ ଅଟେ । ଏହା ପାଣି କମ୍ବା ମାଟିରେ ବିଘଟିତ ହୁଏ ନାହିଁ । ଏବଂ ଏହାକୁ ଜଳାଇଲେ ମଧ୍ୟ ଏହାର ପ୍ରଭାବ ଭରି ମାତ୍ରାରେ ହାନକାରକ ହୋଇଥାଏ । ଏହା ବାତାବରଣରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଉପସ୍ଥିତ ରହେ । ଯଦ୍ୱାର୍ ବାୟୁ, ଜଳ, ଭୂମି, ପ୍ରଦୂଷଣ ଉତ୍ପନ୍ନ କରେ । ଏହା ସହିତ ମନୁଷ୍ୟ, ଜୀବଜନ୍ତୁ, ଗଛ-ବୃକ୍ଷ, କୀଟପତଙ୍ଗ ସମସ୍ତଙ୍କ ପାଇଁ କ୍ଷତିପ୍ରଦ । ପ୍ଲାଷ୍ଟିକ ପ୍ରଦୂଷଣ ହେତୁ ପ୍ରତିବର୍ଷ ଅନେକ ସମୁଦ୍ରୀ ଜୀବଜନ୍ତୁ ମୃତ୍ୟୁବରଣ କରିଥାନ୍ତି ।

ପ୍ଲାଷ୍ଟିକ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା ଏବଂ ଚନ୍ତାର ବିଷୟ ହୋଇଛି ଆଜିର ଦିନରେ । ଆମରି ଦ୍ୱାର୍ ବହୁ ମାତ୍ରାରେ ପ୍ଲାଷ୍ଟିକ ର ଉପଯୋଗକୁ ରୋକ ଆମେ ଏହି ଭୟାଭୟ ସମସ୍ୟାର ସମାଧାନ ଖୋଜି ବାହାର କରିପାରିବା । ପ୍ରତ୍ୟେକ ବ୍ୟକ୍ତିକୁ ଏହି ସମସ୍ୟାର

ନବୀକରଣ ପାଇଁ କାର୍ଯ୍ୟ କରିବାକୁ ପଡିବ । ଏବଂ ଏହାକୁ ରୋକିବାକୁ ବହୁମୂଲ୍ୟ ଯୋଗଦାନ ଦେବାକୁ ପଡିବ ।

ଏହି ପରିବର୍ତ୍ତନ ଧିରେ ଧିରେ ଆମ ସମସ୍ୟାକୁ ସମାଧାନ କରିବାରେ ସାହାଯ୍ୟ କରିବା ସହିତ ପ୍ଲାଷ୍ଟିକ ପ୍ରତି ବଢୁଥିବା ଆକର୍ଷଣକୁ ମଧ୍ୟ କମ କରିପାରିବ । ଏଥିପାଇଁ ଆମର ଛୋଟ ଛୋଟ ଚେଷ୍ଟା ଏହି ପ୍ଲାଷ୍ଟିକ ପ୍ରଦୂଷଣକୁ କମ କରିବା ପାଇଁ ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ଅଟେ । ଭବିଷ୍ୟତରେ ଭାବି ବଂଶଧରଙ୍କ ପାଇଁ ସୁନିଶ୍ଚିତ ଏବଂ ସମସ୍ୟାମୁକ୍ତ ପ୍ରଦୂଷଣ ମୁକ୍ତ ଜୀବନ ପ୍ରତି ସଚେତନ ଆଣିବା ଆମର କର୍ତ୍ତବ୍ୟ ଅଟେ । ପ୍ଲାଷ୍ଟିକ ପ୍ରଦୂଷଣକୁ ନିୟନ୍ତ୍ରିତ କରିବା କେବଳ ସରକାରଙ୍କର କର୍ତ୍ତବ୍ୟ ନୁହଁ । ବାସ୍ତବରେ ସରକାର ଏକୁଟିଆ କିଛି କରିବାକୁ ସକ୍ଷମ ନୁହେଁ । ଏକ ଜିମ୍ମେଦାର ନାଗରିକ ହିସାବରେ ନିଜର କର୍ତ୍ତବ୍ୟ ପାଳନ କରି ପ୍ଲାଷ୍ଟିକ ପ୍ରଦୂଷଣକୁ କିପରି ରୋକାଯାଇପାରିବ ସେଥିପାଇଁ ମହତ୍ୱପୂର୍ଣ୍ଣ ଯୋଗଦାନର ଆବଶ୍ୟକ । ଆମରି ଦ୍ୱାରା ବଢୁଥିବା ପ୍ଲାଷ୍ଟିକର ଉପଯୋଗକୁ ରୋକି ଏହି ଭୟାଭୟ ସମସ୍ୟାର ସମାଧାନ କରାଯାଇପାରିବ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ

# ଭିତର ପୃଷ୍ଠାରେ....


| | | |
|---|---|---|
| ନମୁନା | ମମତା ଦାଶ | ୧୨ |
| ଛୁରିଯାନା | ରୁଦ୍ରପ୍ରସନ୍ନ ମିଶ୍ର | ୧୪ |
| ସନାତନ | ବିନୟ ମହାପାତ୍ର | ୧୭ |
| ଭଲ ପାଇ | ଗୁରୁକଲ୍ୟାଣ ମହାପାତ୍ର | ୨୪ |
| ନେପଥ୍ୟ ନାୟକ | ଅନୁସୂୟା ମିଶ୍ର | ୨୭ |
| ପରିବେଶ ସୁରକ୍ଷା ଜୀବନ ରକ୍ଷା | ଭାସ୍କର ଚନ୍ଦ୍ର ଖଣ୍ଡା | ୨୮ |
| ଶୀତ ପାଇଁ ଗୀତଟିଏ | ଡ଼ଃ ଦୀପାଞ୍ଜଳୀ ସାହୁ | ୩୩ |
| କୋଟି ପ୍ରଣିପାତ ଘେନ | ପ୍ରଣତି ମହାପାତ୍ର | ୩୫ |
| ପରମ୍ପରାର ଦୁଇ ରୂପ | ରାଜବାଳା ତ୍ରିପାଠୀ | ୩୭ |
| ମହାନାୟକ: ଗାନ୍ଧିଜୀ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | ୪୨ |
| ସୁଖଦାର ସ୍ୱପ୍ନ | ସୁଲୋଚନା ପଟ୍ଟନାୟକ | ୪୫ |
| ବିଶ୍ୱାସ | ଶଶଧର ମହାପାତ୍ର | ୫୦ |
| ପ୍ରେମ ଉପନ୍ୟାସ | ରାଜଶେଖର ସି. "ଚମା" | ୫୨ |
| ଯିବି ମୁଁ ସଂସଦ | ଉଦୟନ ସୂପକାର | ୫୩ |
| ସୁନ୍ଦରବନରେ ଯାତ୍ରା-୨ | ଅଶୋକ ବିଶ୍ୱାଳ | ୫୪ |
| କଣ ହେଲା? | ଡ. ଜ୍ଞାନେଶ୍ୱର ମିଶ୍ର | ୬୬ |
| ଅସାମାନ୍ୟ | ହରେରାମ ପଣ୍ଡା | ୬୮ |
| କର୍ମ ଜୀବନ ମନ୍ତ୍ର | ଆଶୁତୋଷ ମେହେର | ୬୯ |
| ଶଯ୍ୟାରୁ ଅବସ୍ଥା | ଡକ୍ଟର ବିଜ୍ଞାନୀ ଦାସ | ୭୦ |
| ତୁମ ପାଇଁ | ସଂଯୁକ୍ତା ବିଶ୍ୱାଳ | ୮୧ |

| | | |
|---|---|---|
| ଘର | ମନୋଜ କୁମାର ପଣ୍ଡା | ୮୩ |
| ଦୋଷ କାହାର | ନରେନ୍ଦ୍ର ପ୍ରସାଦ ବେହେରା | ୮୪ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୮୬ |
| ଅଭୂଲ୍ ସ୍ମୃତି | ସଂଯୁକ୍ତା ମହାପାତ୍ର | ୯୪ |
| ମୁଠାଏ ପାଉଁଶ | ଦିଲିପ୍ କୁମାର ତ୍ରିପାଠୀ | ୯୬ |
| ଛାଡ଼ଖାଇ | ସୀତାରାମ ଦାଶ | ୯୮ |
| ମୁହଁ ହେଲେ ଦରପଣ | ଲକ୍ଷ୍ମୀ ନାରାୟଣ ପଣ୍ଡା | ୧୦୨ |
| ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ | ସିଦ୍ଧେଶ୍ୱର ତ୍ରିପାଠୀ | ୧୦୩ |
| ମା | ବିଜୟ ପଣ୍ଡା | ୧୦୫ |
| କୁମାର ପୂର୍ଣ୍ଣମୀ | ଅନଙ୍ଗ ମଞ୍ଜରୀ | ୧୧୪ |
| ମୋନାଲିସା | ପ୍ରିୟଦର୍ଶିନୀ ମହାନ୍ତି | ୧୧୬ |
| ଚକ୍ରବ୍ୟୂହ | ଆରତୀ ସାହୁ (ଆଶା) | ୧୧୭ |
| ଜୀବନ | ଅନାମ ଚରଣ ସାହୁ | ୧୨୨ |
| ପାହାଚର ଆତ୍ମକଥା | ନୂତନ କୁମାର ବେହେରା | ୧୨୩ |
| ହେଲମେଟ୍ | ସୁମିତ୍ରା ପୃଷ୍ଟି | ୧୨୫ |
| ଭାଗ୍ୟ ଓ କର୍ମ | ସରୋଜିନୀ ବେହେରା (ଟିକି) | ୧୨୮ |
| ଦାରୁଣ ମାୟା | ଶରତ ଚନ୍ଦ୍ର ଜାଲି | ୧୨୯ |
| ଆଗତ ପ୍ରାୟ | ଅନିଲ କୁମାର ସାହୁ | ୧୩୦ |
| ନୀରବ ଲୋତକ | ଅମ୍ବିକା ସ୍ୱାଇଁ | ୧୩୨ |
| ମୋ ଗାଁ ଗାନ୍ଧୀ | ନବ କୁମାର ଦାସ | ୧୩୮ |
| ନବାନ୍ନ | ତରଙ୍ଗ ଚଣ୍ଡି | ୧୪୦ |
| ଇଏ ଆଧୁନିକ ଦୁନିଆଁ ଭାଇ | ଶିଶିର କୁମାର ପଣ୍ଡା | ୧୪୨ |
| ରାଣୀ ଲକ୍ଷ୍ମୀବାଈ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୪୩ |

| | | |
|---|---|---|
| କେବେ କେବେ | ଅବିନାଶ ବେହେରା | ୧୪୬ |
| ସନ୍ଧ୍ୟା | ଅଜୟ କୁମାର ବେହେରା | ୧୪୭ |
| ସ୍ୱାଇଁ ସାର୍ | ରାଜେଶ କୁମାର ବାରିକ | ୧୪୯ |
| ମା ବସୁଧା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୫୨ |
| ଗାନ୍ଧୀ ନୀତି ହେଉ ଆମ ବରତ | ରାଜକିଶୋର ସାଇଁ | ୧୫୩ |
| ଭିନ୍ନ ଏକ ନୈନୀତାଲ | ପ୍ରିୟବ୍ରତ ପାଢ଼ୀ | ୧୫୫ |
| ମାଆ | ପ୍ରୀତି ଅନୁରାଗ ପୁରୀ | ୧୬୧ |
| ସ୍ୱପ୍ନଭୁକ୍ | ଶୁଭ ପଧାନ୍ | ୧୬୩ |
| ଅଯୋଗ୍ୟ ବାପା | ନବୀନ କୁମାର ପଧାନ | ୧୬୪ |
| ସଂପର୍କ | କେଶରୀ ପ୍ରସାଦ ମହାନ୍ତି | ୧୬୬ |
| ମା ବୃନ୍ଦାବତୀ | ସଙ୍ଗୀତା ମହାନ୍ତି | ୧୭୨ |
| ଜହ୍ନ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୭୩ |
| ଭାଗଶେଷ ଶୂନ୍ୟ | ହାସ୍ୟମୟୀ ରାଜ୍ | ୧୭୪ |
| ରାକ୍ଷୀ ର ମାନ | ସୁଷମା ପରିଜା | ୧୭୫ |
| ମା | ପ୍ରକାଶ ସାହୁ | ୧୮୨ |
| ମୁଠାଏ ପାଉଁଶ | ଦିଲିପ୍ କୁମାର ତ୍ରିପାଠୀ | ୧୮୩ |
| ତୁମେ | ନରେଶ କୁମାର ତ୍ରିପାଠୀ | ୧୮୪ |
| ବାହ୍ୟପୂଜା ଓ ଶ୍ରାଦ୍ଧ | ବରଦା ପ୍ରସନ୍ନ ଦାସ | ୧୮୫ |
| ମୁଣ୍ଡା ପାହାଡ଼ | ସୂର୍ଯ୍ୟକାନ୍ତ ବେହେରା | ୧୮୮ |
| ହୁଅନ୍ତାନ | ବିଦ୍ୟାଧର ମିଶ୍ର | ୧୯୦ |
| ଶିଶୁ | ଧୀରେନ୍ଦ୍ର କୁମାର ପ୍ରଧାନ | ୧୯୧ |
| ମୁକ୍ତିର ଆନନ୍ଦ | ଶ୍ରୀ ଅଖଣ୍ଡ | ୧୯୩ |
| ବାପା - ଏକ ନଆର୍ ଶପଥ | ଧ୍ରୁବ ଚରଣ ମହାନ୍ତି | ୧୯୫ |

| | | |
|---|---|---|
| ନାରୀ | ଶକ୍ତିଦା ବିଶୋଇ | ୧୯୭ |
| ପ୍ରଜ୍ଞାନର ସ୍ୱପ୍ନ | ପ୍ରଦୀପ କୁମାର ନାୟକ | ୧୯୯ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୨୦୧ |
| ବଞ୍ଚିବାକୁ ଦିଅ | କୃଷ୍ଣ ଚନ୍ଦ୍ର ଡାକୁଆ | ୨୧୩ |
| ରତୁର ନାଁ ବର୍ଷା ନା ମୌସୁମୀ | ଚନ୍ଦ୍ର ଶେଖର ଗୋ | ୨୧୮ |
| ବାପା | ମୀର ମୁସ୍ତାକମ ଅଲ୍ଲୀ | ୨୨୦ |
| ଶେଷ ସାହାର୍ | ଶିବରାମ ଦଳେଇ | ୨୨୧ |
| ଅପହଞ୍ଚ ଦୂରତ୍ୱ | ଖଗେଶ୍ୱର ବାଗ | ୨୨୩ |
| ଭାଗ୍ୟରେଖା | ବଳରାମ ତରାଇ | ୨୨୪ |
| କୋମଳ କଳକା | ନିବେଦିତା ମହାପାତ୍ର | ୨୨୬ |
| ଧର୍ମାନ୍ଧତାରୁ ରକ୍ତପାତ : ସାକ୍ଷୀ ଇତିହାସ | ବାଲ୍ମୀକି ନାୟକ | ୨୨୮ |
| ଅଭିମାନୀ ପ୍ରିୟା | ଆର୍ଯ୍ୟରଶ୍ମି ଦଳାଇ | ୨୩୫ |
| ହେ ମୋର ସଦଗୁରୁ | ତୃପ୍ତିମିତ୍ରା ରଥ | ୨୩୬ |
| ଶ୍ରମିକ | ଧନେଶ୍ୱର ଭୋଇ | ୨୩୮ |
| ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟର ସାରକଥା-୨ | ନରେନ୍ଦ୍ର ପ୍ରସାଦ ବେହେରା | ୨୩୯ |
| ଗାନ୍ଧାରୀ | ଚିତ୍ତରଞ୍ଜନ ପଧାନ | ୨୪୧ |
| ଉତ୍କଳ ମାଟିର ମଣି | ସଂଯୁକ୍ତା ରାଉତ | ୨୪୩ |
| ପ୍ରେମ ର ପରିଭାଷା | ବିଶ୍ୱରଂଜନ ପଣ୍ଡା | ୨୪୬ |
| କାଳିଆର ହସ | ବିଶ୍ୱଜିତ୍ @ ବାବୁସୁନା | ୨୪୭ |
| ପଏସାର୍ ଦୁହିଫାଲ୍ | ଶଙ୍ଖସିନ୍ଧୁ ପୁରୋହିତ | ୨୫୦ |
| ପବିତ୍ର ପାପ | ପ୍ରକାଶ କୁମାର ଗୁନ୍ଦ | ୨୫୨ |

| | | |
|---|---|---|
| କୁମାରୀ ମାତୃତ୍ୱ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୨୫୪ |
| ପୁସ୍ତକ ସମୀକ୍ଷା | ସନାତନ ମହାକୁଡ | ୨୫୬ |
| ପୂଜା ଖବର | ବେଦାନ୍ତୀ ପରିବାର | ୨୫୮ |


# ଶିଶୁ ବିଭାଗ


| | | |
|---|---|---|
| କୋଇଲି ବୈକୁଣ୍ଠ | ମମତା ଦାଶ | ୨୬୧ |
| ମା ପାଦେ ଏହି ଅଳ | ସତ୍ୟବ୍ରତ ସାହୁ | ୨୬୨ |
| ଦୀପାବଳି ଦୀପାଳି | ରାଜଶେଖର ସି "ଚମା" | ୨୬୩ |
| କଖାରୁ ମାହାତ୍ମ୍ୟ | ଡ଼ଃ ରଞ୍ଜିତ କୁମାର ସାହୁ | ୨୬୫ |
| ସ୍ନେହର ପିଲ୍ମାନେ | ପ୍ରେମଶିଲ୍ ରାଉତ | ୨୬୮ |
| କୁନା ବୁଝି ଗଲ୍ | ବୈଦ୍ୟନାଥ ପଣ୍ଡା | ୨୭୦ |
| ସ୍ୱଛ ବିଦ୍ୟାଳୟ | ଶରତ ଚନ୍ଦ୍ର ଜାଲି | ୨୭୨ |
| ମାନଯା ଥରେ ଧନରେ ମୋର | ଡମ୍ବରୁଧର ବାଗ | ୨୭୩ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୭୫ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୭୬ |

# ନମୁନା



ମମତା ଦାଶ

ମାନବର ବିବେକ ଆଉ ବିଚାର
ବୁଦ୍ଧି, ଜ୍ଞାନ, ଧୈର୍ଯ୍ୟ, ପ୍ରେମର ବିସ୍ତାର
କେଉଁଠି ତ ତୁମର ଇତିହାସ ଥିବ
ଜୀବନ ଚେଙ୍ଗିଜ୍ ର କେବଳ ଅଟ୍ଟହାସ୍ୟ ନୁହେଁ ॥

ଭ୍ରମ ଉତ୍ପନ୍ନ କରେ
ପ୍ରତ୍ୟେକ ପଥରରେ ଚମକେ ହୀରା
ପ୍ରତ୍ୟେକ ଛାତିରେ ଆତ୍ମା ଅଧୀରା
ପ୍ରତ୍ୟେକ ସୁସ୍ମିତରେ ବିମଳ ସଦା ନୀରା
ଭ୍ରମ ଉତ୍ପନ୍ନ କରେ ପ୍ରତ୍ୟେକ ବାଣୀରେ
ମହାକାବ୍ୟ ଏକ ପିଡା ॥

ଶସ୍ୟ ଶ୍ୟାମଳା ମା ର ପୁତ୍ର
ଖାଇବାକୁ ବସିଛି ମୁଠେ ଭାତ
କେବେ ମିଳଥିଲା ସଞ୍ଜୀବନୀ ମୂରା
ଏବେ ମିଳୁଛି ଚେନାଚୁର ॥

ନୀଡର ଭାବ ପ୍ରତ୍ୟେକ ବସ୍ତୁକୁ କଠିନ ବନାଏ
ବାସନରୁ ମୁଲମା ଛଡାଏ
କରେ ସର୍ବଦା ଟାଇଁ ଟାଇଁ ରାବ

ଯନ୍ତ୍ରଣାର ଘାଟିରେ ନିଜ ମାଟିରେ ଚଢେ, ଓହ୍ଲାଏ
ଛାୟା ପରି ଅନ୍ଧାର ରାତ୍ରିରେ ॥

ମୂକ ଶାଳ, ପଳାଶ ଚୁପ ଏଠି
ବଢିବାକୁ ଯାଗା ନାହିଁ, ଧସିଯାଅ ଏଠି
ପଶି ପାରେନି ପବନ ଯେଉଁଠି
ସତପୁଡାର ଘନ ଜଙ୍ଗଲ
ନିଦରେ ଘୁଙ୍ଗୁଡି ମାରେ
ଅସହନୀୟ କାଳର ରଥରେ ହୋଇ ସବାର ॥

ବିଭ୍ରାନ୍ତ ବୁଦ୍ଧିଜୀବୀ
ଘୁରିବୁଲେ ହୋଇ ଧରି ଭ୍ରମ ଭଗବାନ
ହୋମ ଏଠି ମାନବତାର ହୁଏ
ଦାନବତା ହସେ ବିକଟାଳ ॥

ରାଜପଥରୁ କିଛି ଦୂରରେ
ଠିଆ ହୋଇଛି ରାଜ ହାବେଲୀ
ଚଲତା ଫିରତା ଖପତା ମାନବ ଏଠି
ନିଜ ପୌରୁଷ ପ୍ରତିଭାକୁ କରେ ଉଜ୍ଜାଗର ॥

ସମ୍ପାଦିକା

# ଛୁରିୟାନା



ରୁଦ୍ରପ୍ରସନ୍ନ ମିଶ୍ର

ଓଃ ମେ ମାସଟା କେଡେ ନୃଶଂସ
ତୁମେ ଖସିଛୁଟି ହେବାର ଅନେକ ଆଗରୁ
ଗଳିଯାଅ.....
ହଷ୍ଟେଲର ଦରଭଙ୍ଗା ଖଟ ଆଉ ଅବସ ପଙ୍ଖା
ଘୂରିବୁଲେ ମୁଁ
ତୁମ ପୁରୁଣା ଲେଡିବର୍ଡ ସାଇକେଲ ଧରି
ବଏଜ ହଷ୍ଟେଲରୁ ପାଣିଟାଙ୍କି
କେବେ କେବେ ତୁମ ହଷ୍ଟେଲ ଆଟେଣ୍ଡାଣ୍ଟ
ମୋହନ ଭାଇନା ଦେଖାହୁଏ
ଦାନ୍ତ ନିକୁଟି ହସେ.....ବୋଧେ ଛିଗୁଲେଇ
ସତେ ଅବା କୁହେ
ଏମିତି ଅନେକ ପ୍ରେମିକ ଦେଖିଛି ।

ମୁଁ ଘଣ୍ଟାଘଣ୍ଟା ଛିଡା ହୁଏ ତୁମ ହଷ୍ଟେଲ ସାମାରେ
ଗୋଟେ ଖେଚଡ ସ୍କୁଲ ପିଲା ପରି
ୟାଡେ ସିଆଡେ ନଜର ବୁଲାଏ
ମୋହନ ଭାଇନାକୁ ନେହୁରା ହୁଏ
"ଭାଇ ଟିକେ ଖବର ଦେଲକ?"

ସାମ୍ନା ପଟ ପିସିଓ ବୁଥରେ ଲମ୍ବା ଭିଡ....
ତୁମେ ଆସ ହଷ୍ଟେଲ ରୁମରୁ
ହଲିହଲି....ଲାଜ ମିଶା କପଟିଆ ହସ
ମୁଁ ହଷ୍ଟେଲ ଗେଟ ଫାଙ୍କରୁ ଉହୁଙ୍କି ଦେଖେ
ଛାତି ଧକଧକ
ସାଇତି ଆଣିଥିବା ଡାଏଲଗର ସିକୁଏନ୍ସ ଗୁଡା ଅଲଗ୍ ହୋଇଯାଏ
ଆଜି ନା କାଲି, ନା ଆଉ କେବେ
ଏତିକ ବେଳେ ମୋହନ ଭାଇନା ପୁଣି ହସେ
ଛିଗୁଲେଇ
ସତେ ଅବା କୁହେ
ଏମିତି ଅନେକ ପ୍ରେମିକ ଦେଖିଛି
ମୁଁ ଦୁଇ ପାହୁଣ୍ଡ ପଛେଇ ଆସେ
ନା ଆଉ କେବେ.....
ବଡ ସନ୍ତର୍ପଣରେ ନୋଟ ଖାତାଟିକୁ ବଢେଇ ଦିଏ
ଏଥର ତୁମେ ହସ.....କୁଟିଳ....
କଛି ବୁଝା ପଡେନ ମୋତେ
ତୁମେ ବୋଧେ ଭବିଷ୍ୟତ ଦେଖିପାର
ଆମ ଗାଁ ଗଙ୍ଗା ଜ୍ୟୋତିଷ ପରି
ତୁମେ ପୁଣି ହସ
ଖତେଇ ହେବା ଭଳ ତୁମ ଆଖି ନାଚେ
ମୁଁ ବଶୀଭୂତ ହୁଏ ।

ତୁମେ କହିଥିଲ ପୁଣି କ୍ୟାମ୍ପସକୁ ଫେରିବ
ଆମେ ସାଥି ହୋଇ କୋଚଙ୍ଗ ନେବା....

ଡାଏଲଗ ଗୁଡା ସଜାଡି ନେବି...ମୁଁ ଭାବେ
ସିକ୍ୱେନ୍ସ ଠିକ କରିନେବି
ଜୁନ ଯାଏ.... ଜୁଲାଇ ଯାଏ....
ମୁଁ ଆଗଷ୍ଟ ବେଳକୁ ଶୁଣେ
ତୁମର ଆଉ କୋଚଙ୍ଗ ନେବା ଦରକାର ନାହିଁ
ମୁଁ ବିଅର ପିଏ.... ରମ ପିଏ....
ଏକା ଏକା ବୁଲେ
ତୁମ ପୁରୁଣା ଲେଡିବର୍ଡ ସାଇକେଲ ଧରି
ବଏଜ ହଷ୍ଟେଲରୁ ପାଣିଟାଙ୍କି ଯାଏଁ ।

ୟା ଭିତରେ କେତେ ମେ ମିଳେଇ ଗଲେଣି
ମୋ ଫ୍ଲାଟ ଘରୁ ତୁମ ଲେଡିଜ ହଷ୍ଟେଲ ଦେଖାଯାଏ ନାହିଁ
ମୋହନ ଭାଇନା ବିସ୍ମୃତିର ଦିଗ୍-ବଳୟ ସେପାଖେ
ତୁମେ ବି କେବେ କେମିତି ମନେପଡ ମନେ ନାହିଁ....
ପୁଣି ଯେବେ ଅକ୍ଟୋବର ଆସେ,
ଠିକ କୁମାର ପୂର୍ଣ୍ଣିମା ପୂର୍ବରୁ
ଆକାଶ ସଫା ଦିଶେ
ଛୁରିୟାନା ଫୁଲ ଫୁଟିମହକ ଉଠେ
ସୁଲୁସୁଲିଆ ପବନରେ ଧସେଇ ପଶେ
ଛୁରିୟାନାର ବାସ୍ନା
ଆଉ ଧସେଇ ପଶେ ତୁମ ସ୍ମୃତି....
ବିସ୍ମରିତ ଡାଏଲଗ.....
ଆଉ ତୁମ ପୁରୁଣା ଲେଡିବର୍ଡ ସାଇକେଲ ।

ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ

# ସନାତନ



ବିନୟ ମହାପାତ୍ର

ସନାତନ ଆମ ଗାଆଁର ସେମିତି କୋଉ ବଡ ନାମଜାଦା ଲୋକ ନଥିଲା ନା ବଡ ଚାଷୀଟାଏ ଥିଲା । ବେଶି ପାଠୁଆ ନଥିଲା କ ସେମିତି କଛି ବଡ କମ୍ବା ଛୋଟ ମୋଟ ନେତାଟିଏ ବି ନଥିଲା । ଆପଣମାନେ ଭାବୁଥିବେ ମୁଁ ତା ବିଷୟରେ କଛି କହିବାକୁ କାହିଁକ ବାଛିଲି ? ଏତେ ଲୋକ ଗାଆଁରେ ଆଛନ୍ତି, ସେମାନଙ୍କ ବିଷୟରେ କହିବାକୁ ବହୁତ କଛି ମସଲା ମିଳଥାନ୍ତା, ହେଲେ ସେମାନଙ୍କୁ ଛାଡି ମୁଁ ସନେଇ ମାନେ ସନାତନ କଥା କହିବାକୁ କାହିଁକ ଭାବିଲି ?

ଏଇଥି ପାଇଁ କହୁଛି ସନେଇ କଥା, କାରଣ ତା ଘରଟା ଆମ ଗାଆଁ ମୁଣ୍ଡରେ, ମେଲଣ ପଡିଆ ପାଖ ଯେଉଁ ବରଗଛଟା ତାଠାରୁ ଅଳ୍ପ ଦୂରରେ । ତା ଅଗଣାରେ ଠିଆହେଲେ ବରଗଛଟା ପୁରା ଦେଖାଯାଏ । ବରଗଛ ତଳେ କଏ ବସିଛି କଏ ଠିଆ ହୋଇଛି ପୁରା ଚହ୍ନି ହୋଇଯାଏ । ସନେଇ ହେଉଛି ଆମ ସମାଜର ଗୋଟିଏ ନିର୍ଭିକ ସୈନୀକ । ଦେଶର ସୀମାର ବନ୍ଧୁକଧରି ପହରା ଦେଉନ ସିନା, ହେଲେ ଦେଶସେବା କରିବାକୁ ଦେଶବାସୀଙ୍କ ଥାଳରେ ଭାତମୁଠାଏ ଦେବାକୁ ହଳ ବଳଦ ନେଇ ଭାଗ ଜମିରେ ତାର ରକ୍ତ ନିଗାଡି ଦିଏ । ଛନ୍ଦ କପଟ ଜାଣେନା, ରାଜନୀତିରେ ମୁଣ୍ଡ ଖେଳାଏନ । ଦେଶ କଥା ଜାଣନା, ହେଲେ ତାର ଅଜାଣତରେ ଦେଶପାଇଁ କେତେ କାମ କରିଯାଏ । କୃଷକଟିଏ ତାର ଜମିରେ ତାର ଝାଳ ନିଗାଡିଦିଏ । ତାଆରି ଝାଳ ନିଗିଡା ଫସଲରୁ ଅସଲ ଲାଭ ବେପାରୀ ଖାଇଯାଏ ଆଉ ତା ପରିଶ୍ରମର ଫଳ ଆମ ଖାଇବା ଥାଳରେ ପରଶି ଦିଆଯାଏ । ସେମିତି ନିରିହ ଚାଷିଟିଏ ସନଆ । ଦିନେ ତାକୁ ପଚାରିଲି, ଆରେ ସନେଇ ତୁ ଶୁଣିଛୁ ! ଆମ ନେତା କହୁଛନ୍ତି ଭଲ ଦିନ ଖୁବ୍ ଶିଘ୍ର ଆସିବ ! ସମସ୍ତଙ୍କର ସପନ ପୁରା ହୋଇଯିବ । ଭଲ ଦିନ କହିଲେ ତୁ କଣ ଭାବୁ ? ସନେଇ ଯାହା ଉତ୍ତର ଦେଲା ଆପଣ ଶୁଣିଲେ ବି ଆଶ୍ଚର୍ଯ୍ୟ ହୋଇଯିବେ । ସତରେ କହନ୍ତି ମାଟିର ମଣିଷଟିଏ, ଯିଏ ମୁଣ୍ଡରୁ ନୁହେଁ ହୃଦୟରେ ଭାବେ । ସନେଇ

କହିଲା, ଆଜ୍ଞା, ଯେଉଁଦିନ ମୋ ବୁଢିମାଆ, ମୋ ପୁଅ, ଝିଅ, ମୋ ସ୍ତ୍ରୀ ଦି ବକତ ପେଟ ପୁରେଇ ଖାଇବେ, ଯେଉଁ ଦିନ ଝଡି ବର୍ଷାରେ ମୋ ଘରଚାଳରୁ ପାଣି ଗଳିବନି, ଶୀତ କାକରରେ ମୋ ପିଲାଏ ହନ୍ତସନ୍ତ ହେବେନି କି ମୋ ପରିବାରର କେହିବି ରୋଗ ଯନ୍ତ୍ରଣା ଭୋଗି ଔଷଧ ଟୋପାଏ ନପାଇ ମରିବନି ସେଇଦିନ ଆସିବ ଭଲଦିନ । ସନିଆ ପାଇଁ ସେ ଭଲ ଦିନ କେବେ ଆସିବ **?** ଏ ପ୍ରଶ୍ନ ମୋତେ, ଆପଣଙ୍କୁ, ମୋ ଦେଶର ଶହେକୋଟିରୁ ଅଧିକ ଜନତା ମୋ ଦେଶର ରାଜନେତାଙ୍କ ପାଇଁ ଏକ ଯକ୍ଷପ୍ରଶ୍ନ । ଯାହାର ସିଧାସଳଖ ଉତ୍ତର ଆମ କାହା ପାଖରେ ନାହିଁ । ସନିଆ କଣ ବହୁତ କିଛି ଆଶାକରି ବସିଛି **??**

ସନାତନର ଛୋଟ ପରିବାରଟିଏ । ପରିବାର କହିଲେ, ବୁଢି ମାଆ, ସ୍ତ୍ରୀ ସୁମତି, ବଡପୁଅ ବିକାଶ, ଏଇ ଦୋଳକୁ ନଅ ପୁରି ଦଶ ଚାଲିଲା, ଗାଁ ପ୍ରାଇମରୀ ସ୍କୁଲରେ ପଞ୍ଚମରେ ପଢେ, ଝିଅ ସାନ, ଆଠ ବର୍ଷର କେତକୀ ତାର ନାଆଁ, ତୃତୀୟ ଶ୍ରେଣୀରେ ପଢେ । ସନିଆର ବାପା ତ ଯେତେବେଳେ ସେ ଛୋଟପିଲା ଥିଲା ସେବେ ମରି ଯାଇଥିଲା । ମାଆ ଥିଲା ବୋଲି ସନେଇ ମଣିଷ ହେଲା, ହାତକୁ ଦି ସାତ ହେଲା । ବୁଢିମାଆ ଖୁବ୍ ସମ୍ଭାଳି ଥିଲା ଘରକୁ । ସନିଆ ସେତେବେଳେ ଆଠ ବରଷର ଥିଲା, ସନିଆର ବାପା କୋଉ ଅଜଣା ବେମାରୀରେ ମରିଗଲେ । ବଇଦେ କହୁଥିଲେ କୁଆଡେ ରାଜଯକ୍ଷ୍ମା ହେଇ ଯାଇଥିଲା ବୋଲି । ପ୍ରଥମେ ତ କାଶ ହେଲା, କାଶି କାଶି ନୟାନ୍ତ ହେଲାରୁ ବଇଦକୁ ଦେଖାଇଲେ । ଜମିବାଡିତ କିଛି ନଥିଲା, ମୂଲଚାଲ କରି ଘର ଚଳଉଥିଲା । ପଥି ପାଞ୍ଚଣ ପାଇଁ ରୁଣ କରଜ କିଏ ବା ଦେଇ ଥାଆନ୍ତା **!** ବଡ କଷ୍ଟରେ କେଉଁଠୁ କେଉଁଠୁ ଧାର ଉଧାର କରି ସନେଇର ମାଆ ତା ବାପାକୁ ବଇଦ ପାଖକୁ ନେଇଥିଲା । ବଇଦେ କିଛି ଔଷଧ ଦେଲେ, ମାସ ଦିଟାରେ ହାଡ କଙ୍କାଳ ଦିଶିଗଲା ସନେଇ ବାପର । ତା'ପରେ କାଶରେ ରକ୍ତ ପଡିଲା, ଦିନ ପନ୍ଦରଟାରେ ସବୁ ଶେଷ ।

ସନେଇ ମାଆ ବହେ କାନ୍ଦିଲା, ଶେଷକୁ କପାଳ ଆଦରି ପଡି ରହିଲା, ସନେଇର ମୁହଁକୁ ଚାହିଁ । ଘର ଘର କାମ କରି, ସନେଇକୁ ବଡ କଲା । ସନେଇ ଟିକେ ପାରିବାର ହେଲାରୁ ମୂଲ ଲାଗିବା ଆରମ୍ଭ କରିଦେଲା । ମାଆ ପୁଅ ମିଶି କାମରେ ଲାଗିଗଲେ, ଦି ପଇସା ଅଧିକ ଘରକୁ ଆସିଲା । ଖାଇବାକୁ ଦି'ଜଣ ମଣିଷ, ଦୁନିଆର ସ୍କୁଲ, ଜୀବନ ବିଷୟରେ ବହୁତ କିଛି ଶିଖେଇ ଦେଇଥିଲା ବୁଢିକୁ ତା ଜୀବନକାଳ ଭିତରେ । ଆଗକଥାକୁ ଭାବି ବୁଢି ଦି ଦିପଇସା ଏକାଠି କରିବାରେ ଲାଗିଗଲା । ବରଷ ଦିଟାରେ ଏତିକି ତ ହୋଇଗଲା କି

ଯୋଡିଏ ବଳଦ ଆଉ ହଳ ନଙ୍ଗଳ କଣି ହୋଇଯିବ । ଭୁବିଲା ହଳ ଲଙ୍ଗଳ ହୋଇଗଲେ ସନେଇ ଆଉ ଅଧିକ ଦିପଇସା ରୋଜଗାର କରି ପାରବ । କଛି କଛି ଅଧିକ ଜୋଡିଲେ ସନେଇକୁ ହାତକୁ ଦି ହାତ କରିଦେଇ ଘରକୁ ବୋହୁ ଆଣିବ । ତେଣିକ ସନେଇର ସଂସାର ଦେଖି ନଷ୍ଟିନ୍ତରେ ତା ଆଖି ବୁଜିବ, ନହେଲେ ଆର ପୁରକୁ ଯାଇ ସନେଇ ବାପାକୁ କଣ କହିବ !

ଭୋକ ହିଁ ମଣିଷର ପରମ ମିତ୍ର, ହିତୈଷୀ । ଭୋକ ନଥିଲେ ହୁଏତ ମଣିଷଜାତି କେଉଁ ଯୁଗରୁ ସମାପ୍ତ ହୋଇ ସାରନ୍ତାଣି । ମଣିଷର ସବୁ ପ୍ରେରଣାର ଧାରା ଭୋକରୁ ହିଁ ଆସେ, ଏଇ ଭୋକ ହିଁ ମଣିଷକୁ ଜୀବିତ ରଖିଛି । ଭୋକ ଖାଲି ପେଟରେ ନଥାଏ । ଭୋକ ପାଇଁ କଏ ଦେହ ବିକୁଛି ତ କଏ ନଜ ଦେହର ଭୋକ ମେଣ୍ଟେଇବାକୁ ଦେହ କଣୁଚ । ଭୋକ କ୍ଷମତା ପାଇଁ, ଭୋକ ନାଆଁ କରିବା ପାଇଁ, ଭୋକ ଜ୍ଞାନ ପାଇଁ, ବିଜ୍ଞାନ ପାଇଁ, ଭୋକ ଇଶ୍ୱର ଭକ୍ତି ପାଇଁ ଏମିତି ଅନେକ ଭୋକ । ଏଇ ଭୋକ ମଣିଷକୁ ସକାଳୁ ଉଠଉଚ ଆଉ ଦିନସାରା ବଦଳ ପରି ଖଟଉଚ । ଭୋକ ନ ଥିଲେ କଏବା କାହିଁକ ସକାଳୁ ଉଠନ୍ତା କ ରାତି ରାତି ନଶୋଇ ଚବିଶଘଣ୍ଟା, ଘଡିର କଣ୍ଟା ପରି ଟିକ୍ ଟିକ୍ କରି କାମରେ ଲାଗି ଥାଆନ୍ତା ? ଯେତେବେଳେ ମଣିଷର ଭୋକ ସମାପ୍ତ ହୋଇଗଲା, ଜାଣ ସେତେବେଳେ ମଣିଷଟି ବି ସମାପ୍ତ ।

ସରକାର ଦିଟଙ୍କିଆ ଗୁଉଳ କରି ଖଟିଖିଆ ଲୋକଙ୍କର ପେଟର ଭୋକକୁ ମାରିଦେଲେ ଆଉ ମାରିଦେଲେ କାମିକା ମଣିଷମାନଙ୍କର କାମ କରିବାର ଇଚ୍ଛା ଏବଂ ଆବଶ୍ୟକତାକୁ, ଆଉ ସେମାନଙ୍କର କାମ କରିବାର ଭୋକକୁ । ସରକାର ଗୁଡାଏ ନକମ୍ମା ଅଳସୁଆ ଲୋକରେ ଭରିଦେଲେଣି ଦେଶଟାକୁ । ସରକାର ତ ରାଜନୀତି ଖେଳୁଛନ୍ତି । ଦାନା ଦେଖାଇ ଡେଣା କାଟି ଦେଉଛନ୍ତି । ଗୁଡାଏ କ୍ରୀତଦାସ ତିଆରି କରୁଛନ୍ତି ଦି ଟଙ୍କିଆ ଗୁଉଳ ବଦଳରେ । କାଲି ପୁଣି ଭୋଟ ହେବ, ସେତେବେଳେ ଏଇ ନକମ୍ମା ମାନେ ତ କାମରେ ଆସିବେ । ଜୟ ଜୟକାର କରିବେ ପୁଣି ଭୋଟ ଦେଇ ଜିତେଇ ଦେବେ । ଆଉ ଅନେଇ ବସିବେ ଗୁତକଙ୍କ ପରି । ପୁଣି ମହାଭାଗ କେଉଁ ଦୟାର ବୃଷ୍ଟି କରିବେ । ମାଗଣାରେ ଅମୁକ ମିଳବ ସମୁକ ମିଳବ । ଗୁଡାଏ ମାଗଣାଖିଆ ନକମ୍ମା ମଣିଷଙ୍କର ଦେଶ ବନିଯିବ, ଏବଂ ଏଇ ଶସ୍ୟ ଶ୍ୟାମଳା ଭୂଇଁ ଦିନେ ଟାଙ୍ଗରାଭୂଇଁ ପାଲଟି ଯିବ ।

ପେଟ ଗ୍ରଖଣ୍ଡଙ୍କ ପାଇଁ ସମସ୍ତେ ଅନେଇ ବସିଛନ୍ତି ଏଇ କୃଷକର ହାତକୁ । ସକାଳୁ ବ୍ୟାଗ୍ ଧରି ହାଟ ବଜାରରେ ବୁଲି ବୁଲି ଖୋଜୁଛନ୍ତି ବାଇଗଣ ଗଣ୍ଡେ କ ଶାଗ ବିଡାଟେ ପାଇଁ । ଚୁଲି ମୁଣ୍ଡରେ ଘରଣୀ ଅନେଇ ବସିଛି ଗ୍ରଉଳଗଣ୍ଡେ କ ଅଟା ଦିମୁଠା ପାଇଁ । ଖାଇଲା ବେଳେ କଏ କଣ ମନେ ପକାଏ ସେହି ଅନ୍ନଦାତା 'ବିଚର୍ା ଗ୍ରଷିଟିଏ'ର କଥା **?** ହଁ ବେପାରୀ ବାପୁଡା ଖାଲି ଅନେଇ ବସିଛି । କେତେବେଳେ କ୍ଷେତରେ ଧାନ ପାଚବ କ ପିଆଜ, ଟମାଟର ଫଳବ । କ୍ଷେତ ମୁଣ୍ଡରୁ ଆଠଣି ଗ୍ରରଣି ଭ୍ରଉ ଦେଇ ପିଆଜ ଟମାଟର କଣି ନେବ ଆଉ ବଜାରରେ ପଗ୍ରଷ ଶାଠିଏ ଟଙ୍କାରେ ବିକବ । ବିଚର୍ା ଗ୍ରଷି ଝାଳ ରକତ ନଗାଡି ଦେଇ ଖାଲି ହାତରେ ଅନେଇ ବସିଥିବ, ଋଣ କରଜ କେଉଁଠୁ ମିଳବ ଆସନ୍ତା ଫସଲ ପାଇଁ । କରଜ ଶୁଝି ନପାରିଲେ ପାଞ୍ଚ ହାତର ଦଉଡିରେ ଗଛଡାଳରେ ଝୁଲେଇ ଦେବ ନଜକୁ ।

ଯେତେବେଳେ ସନେଇର ସାଇ ଭ୍ରଇ ଭେଣ୍ଡିଆ ପଲକ ପିଣ୍ଡାରେ କ ଗାଆଁ ମୁଣ୍ଡ ବରଗଛ ଚବୁତର୍ାରେ ବସି ତାସ ଖେଳରେ ମସଗୁଲ ହେଉଥାନ୍ତି, ସେତେବେଳେ ସନେଇ ଲ୍ରଗିଥାଏ ତା କାମରେ, ନଜର ଜମି ବୋଇଲେ ତ ଖାଲି ଘରଡିହ ଖଣ୍ଡକ । ତେଣୁ ମାହାନ୍ତି ଘର ଜମି ଭ୍ରଗରେ ଗ୍ରଷ କରେ । ମାହାନ୍ତି ବୁଢା ଆଗରୁ ନଜେ ଗ୍ରଷ କରୁଥିଲେ, ଦି' ଦିଟା ହଳଆ କାମ କରୁଥିଲେ କ୍ଷେତରେ । ଦି ହଳ ବଳଦ ବନ୍ଧା ହେଉଥିଲେ ଗୁହାଳରେ ଆଉ ବଉଳା ଗାଈର ଗୁହାଳ ଅଲଗା । ପିଲ୍ରମାନେ ପାଠଶାଠ ପଢି ବଡ ବଡ ଅଫିସର ହେଲେ, ଏବେ ପିଲ୍ରଛୁଆଙ୍କୁ ନେଇ ସହରରେ ରହୁଛନ୍ତି । ବୁଢାକୁ ମନା କରିଦେଲେ ଗ୍ରଷବାସ କରିବାକୁ, ଆଜି କାଲି ଗ୍ରଷରେ କଛି ଲ୍ରଭ ନାହିଁ । ବଜାରରେ ତ ସବୁକଛି ମିଳ ଯାଉଛି କଣିବାକୁ । ଗ୍ରଷକରି କାଦୁମାଟିରେ ଏତେ ହନ୍ତସନ୍ତ ହୋଇ ଲ୍ରଭ କଣ **?** ଏକ୍ ତ ହଳଆ ରହିବାକୁ ଲ୍ରୋକ ମିଳଲେନ, ଉପରେ ଆଜିକାଲି ମୂଲିଆ ବି ମିଳୁ ନାହାନ୍ତି କଣ ଗୋଟାଏ କାମ କରିବାକୁ । ହଳ ବଳଦ କଥା କଏ ବୁଝିବ, ଜମିବାଡି ଗ୍ରଷ କଏ କରିବ **?** ତା ଉପରକୁ ଏତେ କଷ୍ଟକରି ପଇସା ଖର୍ଚ୍ଚ କରି ଗ୍ରଷ କରିବ, ଠିକ ସମୟରେ ଇନ୍ଦ୍ରଦେବତା ନାର୍ାଜ ହେଲେ କ ପୋକ ଲ୍ରଗିଗଲେ ସବୁ ସରିଲ୍ର, ବର୍ଷ ଯାକର ମେହେନତ ଚୁଲିକୁ ଗଲ୍ର। ଗ୍ରଷରେ ଆଉ ମନ ବଳୁନ ମାହାନ୍ତି ବୁଢାର । ଏବେ ଜମିଯାକ ସବୁ ପଡିଆ ପଡିଛି ।

ଦି ବର୍ଷ ଆଗରୁ ଦୋଳ ମେଲଣ ଜାତରେ ମାହାନ୍ତି ବୁଢା ସାଙ୍ଗରେ ଦେଖା ହୋଇଗଲ୍ର ସନେଇର । ସନେଇ ଓଳଗି କରିଲ୍ର, ମାହାନ୍ତି ବୁଢା ଗାଆଁରେ ଜଣେ ପୁରୁଖା ଲ୍ରୋକ,

ସମସ୍ତଙ୍କୁ ଚହ୍ନନ୍ତି, ଜାଣନ୍ତି । ଗାଆଁ ମାମଲତରେ ତାଙ୍କୁ ଡାକନ୍ତି ନ୍ୟାୟ ନଶାପ କ ଭାଇଭାଗ ସମୟରେ । ସନେଇର ମାଆ ନାଆଁ ଧରି ପଚାରିଲେ ତୁ ପଞ୍ଚେଇ ପୁଅନା' ସନେଇ ହଁ କଲାରୁ ଦୁଃଖ ସୁଖ ସବୁ ପଚାରିଲେ, ତୋ ମାଆ କେମିତି ଅଛି ? ପୁଣି କହିଲେ, ବିଚାରି ଭାରି କାମିକା ମାଇପିଟାଏ, ସବୁବେଳେ ତୋଅରି କଥା କହେ ତୋଅରି ଚନ୍ତା କରେ । ପୁଣି ପଚାରିଲେ, ଆଜିକାଲି କଣ କରୁଚୁ ତୁ ? ସନେଆ କହିଲା ତା ହଳ ବଳଦ କଥା, ଆଜି କାଲି କଏ ଡାକଲେ ଦିନ ମଜୁରୀରେ କ୍ଷେତ ଜୋତ ଦଉଚ । ମାହାନ୍ତି ବୁଢା କହିଲେ, ଭଲ, ଭଲ, ତୁ ତୋ ମାଆ ପରି କାମିକା ପିଲାଟିଏ ! ଦେଖୁନୁ ଆଜିକାଲି ଜୁଆନ ଭେଣ୍ଡିଆ ଯାକ କେମିତି ନକମ୍ମା ହେଇ ଗଲେଣି, ମାସରେ ଚାରି ଛ'ଦିନ କାମ କରିଦେଲେ ମାସକ ପାଇଁ ଟଙ୍କାକଆ ଚାଉଳ ଯୋଗାଡ ହୋଇଗଲା । ବାକି ଦିନ ମାନ ସବୁ ଏଇ ବରଗଛ ମୂଳେ ବସି ତାସ ଖେଳରେ ବେସ୍ତ । ଭୋକ ଲାଗିଲେ ଘରୁ ପଖାଳ କଂସେ ଠୁଙ୍କି ଦେଇ ଆସିବେ । ଚନ୍ତା କଣ, ସରକାର ତ ସବୁ ସୁବିଧା କରି ଦେଇଚ । ପିଲାଙ୍କୁ ବହିଠୁ ଡ୍ରେସ ଯାଏ ସବୁ ମାଗଣା ଉପରେ ମଧ୍ୟାହ୍ନ ଭୋଜନ, ବିପିଏଲ ହେଇଗଲେ ମାଗଣା କୋଠାଘର ମିଳବ । ବେଶି କାମ କରିବା କଣ ଦରକାର ।

ଆରେ ତୋତେ ବି ତ ସବୁ ମିଳଥିବ ଏମିତି । ସନେଇ କହିଲା, ନାଇମ ଆଜ୍ଞା, ଆମ କଥା କଏ ପଚାରୁଚ, ଆମେ କୋଉ ଗାଈର ଗୋବର ଯେ । ମାମଲତକାର କରି ଶିଖି ପାରିଲିନ ଏଯାଏ । ବୁଢି ମାଆର ବିଧବା ପେନସନ ପାଇଁ ସରପଞ୍ଚଙ୍କୁ କେତେଥର କହିଲିଣି, କହିଲେ ଆଗଲା କୋଟା ଆସିଲେ କରିବେ । ଯାହା ଥିଲା ବଣ୍ଟା ସରିଲାଣି । ପଛରେ ଶୁଣିଲି କୁଆଡେ ଲେନଦେନ କଲେ କ ସୁପାରିଶ ଆଣିଲେ ମିଳୁଚ । ବଡ ବଡିଆ ଯାକ ତ ଗରୀବଙ୍କ ବିପିଏଲ ଖାଉଛନ୍ତି, ଆଉ ଆମ କଥା ବୁଝୁଛି କଏ । ମହାନ୍ତି ବୁଢା ମୁଣ୍ଡ ହଲାଇଲେ, କହିଲେ ହଁ ହଁ ଜାଣେରେ ସବୁ କଥା । ଆଜିକାଲିକା ନେତା ସବୁ ଏମିତି, ଏମାନେ କଣ ଗାନ୍ଧି ନା ଗୋପବନ୍ଧୁ ହେଇଛନ୍ତି, ନା ହୋଇ ପାରିବେ ।

ମାହାନ୍ତି ବୁଢା ପୁଣି କହିଲେ, ଆରେ ସନେଇ ଗୋଟେ କଥା ଭାବୁଥିଲି, କରିବୁ ? ସନେଇ କହିଲା, କୁହନ୍ତୁ ଆଜ୍ଞା, ଆପଣଙ୍କ କଥା ଆଜିଯାଏ କଏ ଟାଳଲାଣି ? ମାହାନ୍ତିବୁଢା କହିଲେ, ଆରେ ସେମିତି କଛି କଥା ନାହିଁମ, କଣ କହୁଥିଲି କ ତୁ ତ ଜାଣିଥିବୁ, ଦିବର୍ଷ ହେଲା ଚାଷ ବୁଡେଇ ବସିଛି । ହଳଆ ମୂଲିଆ ମିଳୁ ନାହାନ୍ତି, ତା ଉପରକୁ ମୋର ଆଉ ଧାଁ ଧପଡ କରିବା ବୟସ ବି ଆଉ ନାହିଁ । ବାତ ବାହାରି ପଡିଲାଣି । ବେଶି ଚଲାବୁଲା କଲେ ଆଣ୍ଠୁ

ଗଣ୍ଡି ଦରଜ ବାହାରି ପଡୁଛି । ପିଲ୍ମାନେ ବି ମନା କରୁଛନ୍ତି ଗୃଷ କରିବାକୁ । କହୁଛନ୍ତି ବଜାରରେ ତ ସବୁକଛି କଣିବାକୁ ମିଳ ଯାଉଛି, ଗୃଷ କରିବା କଣ ଦରକାର । ତୁ କହିଲୁ, ସମସ୍ତେ ଯଦି ଏମିତି ଭ୍ବି ଗୃଷ ବନ୍ଦ କରିଦେବେ, ତାହେଲେ ବଜାରକୁ ଗ୍ଉଳ ହେଉ କ ପରିବା ଗଣ୍ଡାକ ହେଉ କୋଉଠୁ ଆସିବ ? ଏ ସବୁ ମେସିନ୍ ରେ ତ ତିଆରି ହେବନ । ଯୋଉ ଦିନ ଚଷା ବାପୁଡା ଗୃଷ ବନ୍ଦକରି ହାତବାନ୍ଧି ବସିଯିବ ସେଇଦିନ ସମସ୍ତଙ୍କର ଭ୍ତଥାଳ ଶୂନ୍ୟ ହୋଇଯିବ । ମଣିଷ କଣ ଟଙ୍କା କ ସୁନା ରୂପା ଖାଇ ପେଟ ଭରିବ ?

ତୁ ଯଦି ପାରିବୁ ଆମ ଜମି ଯାକ ଭ୍ଗରେ ଗୃଷ କରନୁ ! ଯେତେବେଳେ ଯାହା ଯେମିତି ଦରକାର ହେବ ମୁଁ ସାହାଯ୍ୟ କରିଦେବି । ପୋଖରୀ ତଳଆ ସାତ ଏକର ଅଉଲ ଜମି, ଟିକେ ମେହନତ କଲେ ସୁନା ଫଳବ । କରିବୁ ? ସନେଇର ଆଖି ତାଳୁକୁ ଉଠି ଆସିଲ୍ ଖୁସିରେ । ଇଏତ ବହୁତ ଭଲ ପ୍ରସ୍ତାବଟିଏ, କନ୍ତୁ ସାତ ଏକର ଜମି, ଇଏ ତ ବହୁତ ବେଶି ତା ପାଇଁ । ଆଗରୁ ନଜେ ନଜେ କେବେ ଗୃଷ କରିନ । କହିଲ୍, ଆଜ୍ଞା ସାତ ଏକର ଜମିକୁ ଆଖି ପାଉନ, ଆପଣ ଟିକେ ବଡେଇ ଦେଲେ ପ୍ରଥମେ ଏକର ଦି ଏକରରୁ ଆରମ୍ଭ କରିବି, ପରେ ପୁଣି ଆପଣେ ଯେମିତି କହିବେ । ମହାନ୍ତି ବୁଢା ଖୁସି ହେଇଗଲେ କହିଲେ, ଜାଣିବା ବୁଝିବା ପିଲ୍ଟେ ତୁ । ଠିକ୍ କଥା କହିଚୁ, ଅଳ୍ପରୁ ଆରମ୍ଭ କରିବା ଭଲ । ମୁଁ ସବୁ ଶିଖେଇ ଦେବି ତୋତେ, କେବେ କଣ କେମିତି କରିବୁ ବୋଲି, ତୁ ଜମ୍ମାରୁ ଚନ୍ତା କରିବୁନ। ଆରେ ଗୃଷ କରି କରି ପର୍ ବାଳ ପାଚଗଲ୍ ମୋର । ଗୋଟିଏ ବର୍ଷରେ ତୁ ଗୃଷ ବାସ ବିଷୟରେ ସବୁ ଜାଣିଯିବୁ, ତାପରେ ଦେଖିବା । ସଂଧ୍ୟାବେଳେ ଘରକୁ ଆସେ, ସବୁ କଥା ହୋଇଯିବା । ସେବେଠୁ ସନେଇ ଭ୍ଗରେ ଗୃଷ କରୁଛି ମହାନ୍ତି ବୁଢାର ଜମି । ଦୁଇ ଏକରରୁ ଆରମ୍ଭ କରିଥିଲ୍, ଗଲ୍ବର୍ଷ ଗ୍ରି ଏକର ଗୃଷ କରିଥିଲ୍ ଏବର୍ଷ ସବୁ ଯାକ ସାତ ଏକର ଗୃଷ କରିବ ବୋଲି ଭ୍ବିଛି ।

ସକାଳର ପହିଲି କାଉ କାଆ କରିବା ବେଳକୁ ସନେଇ ତା ବଦଳ ହଳକୁ ଖୋଇ ପେଇ କ୍ଷେତକୁ ବାହାରି ପଡେ, ଅଣ୍ଟିରେ ତାର ମୁଢି ଦିମୁଠା ବାନ୍ଧିନଏ, ସେଇତକ ତାର ସକାଳ ଜଳଖିଆ । ଦି ପହର ବେଳକୁ ତା ଘରଣୀ ତା ପାଇଁ ପଖାଳ କଂସାଏ ନେଇ ପହଞ୍ଚିଯାଏ କ୍ଷେତରେ । ବେଳ ବୁଡିବା ଯାଏ ଯୁଟି ଯାଆନ୍ତି ଦିଜଣ ଯାକ ମାଟି ମାଆ ସାଙ୍ଗରେ ମାଟି କଦୁଅ ହୋଇ । ଧାନ ଉଠିଗଲ୍ ପରେ କ୍ଷେତରେ ତାର ପରିବା ଗୃଷ କରେ ସନେଇ, ବାଇଗଣ ଲଙ୍କା, ଶାଗ କାକୁଡି ଲ୍ଉ ଠାରୁ ଆରମ୍ଭ କରି ଶୀତ ଦିନେ କୋବି ମୂଳା ଟମାଟର

ମଟର ପିଆଜ ରସୁଣ ସବୁ । ସନେଇ କହେ, ଆପଣା ହାତ ଜଗନ୍ନାଥ । ଠାକୁରେ ହାତ ଦେଇଛନ୍ତି କାମ କରିବାକୁ, ମାଗିବାକୁ ନୁହେଁ । ତାରି ଝାଳରେ ଭିଜା ପରିବା, ଆମର ରୋଷେଇ ଘରେ ରନ୍ଧାଯାଏ, ଆମରି ଖାଇବା ଥାଳରେ ପରଶା ଯାଏ । କେବେ ବି ମନେ ପଡେନା ସେଇ ମଳ ମଣ୍ଡିଆ ଗୃଷିଟିର କଥା । ଦି ପହର ଖରାରେ ମୁଣ୍ଡରେ ଠେକାଟିଏ ଭିଡି ଉତପ୍ତ ସୂର୍ଯ୍ୟକିରଣକୁ ପିଠି ଦେଖେଇ ଝୁଙ୍କ ପଡିଥିବ ଧାନ କଆରୀରେ ଅବା କୋଉ ବାଇଗଣ ଗଛ ମୂଳରେ । କେବେ ବି ମନେ ପଡେନା ସେଇ ସନେଇ ! ଲଞ୍ଚ ଟେବୁଲରେ ଗରମ ଗରମ ଭାତଥାଳ ପାଖରେ ସୁଆଦିଆ କୋବି ଆଳୁ ଝୋଳର ସ୍ୱାଦ ନେଲାବେଳେ କେବେ କେହି ଭାବେନା ବିଚରା ସନେଇ ତା ଲଞ୍ଚରେ କଣ ଖାଇଥିବ ! ପଖାଳ କଂସା ସାଙ୍ଗରେ ବାଇଗଣ ପୋଡାଟିଏ କ ଶାଗଭଜା ଟିକଏ !

ଦିନ ଦି'ପହରର ସେଇ ଉଦୁଉଦିଆ ଖରାରେ ହେଉ କ ଧାରା ଶ୍ରାବଣର ଝଡି ବର୍ଷାରେ ଭିଜି ଭିଜି କେତେ ସନେଇ ଏମିତି ମେହନତ କରୁଛନ୍ତି, ଆମ ଖାଇବା ଥାଳର ଭାତ ମୁଠାକ ପାଇଁ କମ୍ବା ରୁଟି ଦିପଟ ପାଇଁ । ଖାଇଲା ବେଳେ କେବେବି ମନେ ପଡେନା ଟାଙ୍ଗରା ଭୂଇଁକୁ ଶସ୍ୟ ଶ୍ୟାମଳା କରୁଥିବା ଆଉ ମାଟି କାଦୁଅରେ ପଚ ପଚ ଗାଧୋଇ ପଡିଥିବା ସେଇ ସନେଇର କଥା । ବର୍ଷା ରାତିରେ ପାଣି ଗଳୁଥିବା ତାର ସେଇ ଘାସ ଛପର ତଳେ ଶୋଇ ଭାବୁଥିବ ତା ଜମିରେ ଘାଇ ହୋଇ ଯାଇନତ ? ଫସଲ ଠିକ୍ ନହେଲେ ସାହୁକାର କରଜ କେମିତି ଶୁଝିବ । କେବେ ବି ହିସାବ ପାଏନା, ବେପାରି ଯେଉଁ ଟମାଟର ତାଠାରୁ କଲୋ ଆଠଣି ଦେଇ କଣୁଛି ତାହା କେତେ ଦାମରେ ବଜାରରେ ବିକୁଛି । ଆଠଣି ହାତରେ ନେଇ ଖାଲି ଏତିକ ଭାବେ, ଏଇ ଦାମରେ ଫସଲ ବିକଲେ ତାର କରଜ କେମିତି ଶୁଝିବ ? ସେମିତି ଶୀତ ରାତିରେ ଗରମ ରେଜଇ ତଳେ ଶୋଇ ଶୋଇ ଆମର କେବେବି ମନେ ପଡେନା ସେହି ସୈନୀକଟିର କଥା । ଯିଏ ସିଆଚନର ବରଫ ଗଦା ଭିତରେ ଅଧା ପୋତିହୋଇ ସାରା ରାତି ସେମିତି ପହରା ଦେଉଥାଏ । କନ୍ତୁ କେବେ କେଉଁ ସଭାସମିତିରେ ବଡ ଜୋର ସୋରରେ 'ଜୟ ଜବାନ ଜୟ କଶାନ'ର ସ୍ଲୋଗାନ ଦେଲା ବେଳକୁ ଆମ ପାଟି କେବେ ଖନମାରି ଯାଏନ । ଆଜି ବି ଯାଆନ୍ତୁ ସନେଇର ଗାଆଁ, ସନେଇକୁ ଦେଖିବେ, ସେଇ ମାଟିର ମଣିଷଟି କପରି ମାଟିରେ ସାଲୁବାଲୁ ହୋଇ ଆପଣଙ୍କ ଲଞ୍ଚ ଡିନରର ଥାଳ ପାଇଁ ଫସଲ ଅମଳ କରୁଛି ।

କଟ୍ ସ୍କୋୟାର, ପଟିଆ

# ଭଲ ପାଇ



ଗୁରୁକଲ୍ୟାଣ ମହାପାତ୍ର

କାହାକୁ କେବେ ଭଲ ପାଇଛ

ତମେ, ହଁ ତମେ ?

କାହାକୁ କେବେ ଘୃଣା କରିଛ

ତମେ, ସତ ତମେ ?

ଦୁଇଟି ଯାକର ଉତ୍ତର ଯଦି

ହଁ ହୁଏ, ତେବେ –

ତମେ କାହାକୁ ବି

ଭଲ ପାଇନ ଜୀବନରେ,

କାହାକୁ ବି ଘୃଣା କରିନ

କେବେ ହେଲେ ।

ଭଲ ପାଇ ମଣିଷ ବଞ୍ଚିଯାଏ

ଭଲ ପାଇ ମଣିଷ ବି

ଜୀବନ ହାରି ପାରେ ।

ଏବଂବିଧ ଘୋର ବିରୋଧାଭାସ,

ଲମ୍ବି ଲମ୍ବିଯାଏ ଜୀବନ

ଅତି ବିଚକ୍ର ପଥରେ,

ଯେଉଁ ପଥ କେବେ ବି

ସରେନ, ଅସରନ୍ତି ଯେପରି ।

ମନେହୁଏ ଭଲ ପାଇବା

ସୁଗନ୍ଧିର ନଥାଏ ଦେହାବସାନ

ସତେ ଏ ଜୀବନଟା

ଯେମିତି ଅନନ୍ୟ ।

ଭିଏ ୨୯/୩, ୟୁନିଟ୍-୨, ଭୁବନେଶ୍ୱର
ମୋ- ୯୪୩୭୦୧୨୧୨୩

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ନେପଥ୍ୟ ନାୟକ



ଅନୁସୂୟା ମିଶ୍ର

କବିର ବା ସାଧ କାହିଁ
କଲମକୁ କଢ଼ାଇବ ବାଟ !
କଲମ ହିଁ ତୋଳିନଏ
କବିମନର ଉଚ୍ଛୁଳା ଆବେଗ ସବୁକୁ,
ଲେସିଦିଏ ପରସ୍ତ ପରେ ପରସ୍ତ
ସ୍ୟାହିର ଶୀତଳ ସ୍ପର୍ଶ,
ଗଢ଼ିଦିଏ
ସୁଦୃଶ୍ୟ ଏକ ଶବ୍ଦର କୋଣାର୍କ।

ଭାବନାର କ୍ଷିପ୍ରତା ସହିତ
ପାଦ ମିଳାଇବା କଣ ଏତେ ସହଜ...
ତଥାପି, କେବେ ଦେଖିଛ କି
କଲମ କହିଛି
"ନାଃ, ଆଜି ମୁଁ ଖୁବ୍ କ୍ଲାନ୍ତ" ?
ଆକ୍ରୋଶର କ୍ରୁର ଆଲିଙ୍ଗନ ହେଉ
କି ନିରାଶାର ନିସ୍ପୃହ ବାହୁପାଶ,
ନିଜକୁ ବାନ୍ଧିରଖେ ସିଏ
କବିର କବଜା ଭିତରେ
ସ୍ୟାହିର ବିନ୍ଦୁଟିଏ ବି ବାକିଥିବା ପର୍ଯ୍ୟନ୍ତ।

ଅଭିମାନକୁ ଆଢ଼େଇକ ଦେଖେ
ଅଲୋଡ଼ାପଣର ପାଦଚିହ୍ନ କେତେ
କେତେ ଅବା ଅପ୍ରାପ୍ତିର ଆର୍ତ୍ତନାଦ,
କପାଳର କୁଞ୍ଚିତ ରେଖାରେ ବାରମ୍ବାର ଝୁଣ୍ଟେ,
ତଥାପି ବି ଖୋଜିବୁଲୁଥାଏ
ଅସୁମାରୀ ଜୀବନଜିଜ୍ଞାସାରୁ ନିଷ୍କୃତିର ପଥ,
ନିରବତାର ନିଘଞ୍ଚ ଅରଣ୍ୟରେ ହଜେ
ଅମାନିଆ ଶ୍ରାବଣରେ ଭିଜେ,
ଦିଗନ୍ତପ୍ରସାରି ଅନ୍ୟମନସ୍କତାକୁ ଭେଦି
ସାଉଁଟି ଆଣେ
ଇପ୍ସିତ ଏକ ସାଥୀର ସାନ୍ନିଧ।

କବିତା ତ କବିର ମାନସୀ,
କଲମର ଅଧିକାର ନାହିଁ
ତା ସ୍ପର୍ଶରେ ପୁଲକ ଉଠିବା ପାଇଁ,
ଛୁଇଁ ଯିବାକୁ ହୁଏ ତାକୁ
ଛନ୍ଦାୟିତ ଏକ ଅଙ୍ଗସୌଷ୍ଠବର ପ୍ରତିଟି ବିଭବକୁ
ନିର୍ବିକାର ଆଉ ନିର୍ଲିପ୍ତ,
ଅନୁଭବ କରିବାକୁ ହୁଏ
ତା ଅନ୍ତରର ସକଳ ଅଭାବକୁ
ନିଗାଡ଼ି ଦେବାକୁ ହୁଏ ସମ୍ପୂର୍ଣ୍ଣ ନିଜକୁ
ପରିପୂର୍ଣତାର ପୂର୍ଣ୍ଣଚ୍ଛେଦଟିଏ
ଫୁଟି ଉଠିବା ପର୍ଯ୍ୟନ୍ତ।
କିନ୍ତୁ......ଦୁନିଆ କୁହେ,
"ବାଃ..... କବି,
ଧନ୍ୟ ତୁମର କବିତ୍ୱ !!"

ଶତାବ୍ଦୀ ନଗର, ୟୁନିଟ୍-୮, ଭୁବନେଶ୍ୱର

# ପରିବେଶ ସୁରକ୍ଷା ଜୀବନ ରକ୍ଷା



ଭାସ୍କର ଚନ୍ଦ୍ର ଖଣ୍ଡା

ପରିବେଶ କହିଲେ ଆମ ଚାରିପାଖ ମାଟି, ପାଣି, ପବନ, ଗଛ, ଲତା, ଜୀବ, ଜନ୍ତୁ ଏବଂ ବାୟୁମଣ୍ଡଳ ଇତ୍ୟାଦିକୁ ବୁଝାଇଥାଏ। ପ୍ରକୃତିର ପରିବେଷ୍ଟନ ଭିତରେ ଯେଉଁଠି ଜଣେ ମଣିଷ ବା ପ୍ରାଣୀ ଜନ୍ମ ନେଇ ବଢିଥାଏ, ବଂଚଥାଏ, ଶ୍ବାସ ପ୍ରଶ୍ବାସ ନିଏ, ପାଣି ପିଏ, ଖାଦ୍ୟ ଖାଏ, ଯେଉଁ ଜମିରେ ରହେ ତାହାହିଁ ଆମର ପରିବେଶ । ଏହା ପ୍ରକୃତି ଏବଂ ମଣିଷ ଦ୍ୱାରା ନିର୍ମିତ ଏକ ସୃଷ୍ଟିର ସମାହାର। କଥାରେ ଅଛି "ଯେପରି ବୁଣି, ସେପରି ପାଇ"। ଆମ ଜୀବନ ସହିତ ସମାଜକୁ ସୁସ୍ଥ, ସୁଖ, ସମୃଦ୍ଧି ଓ ସ୍ୱାଛନ୍ଦ୍ୟରେ ଗଢି ତୋଳିବାକୁ ହେଲେ ପରିବେଶର ସୁରକ୍ଷା ବାଂଛନୀୟ ।

ଇତିହାସରେ ବର୍ଣ୍ଣିତ କାଳିଦାସଙ୍କ ପରି ଆଜିର ସଭ୍ୟ ଓ ଶିକ୍ଷିତ ସମାଜ ଯେଉଁ ଡାଳରେ ବସିଛି ସେଇ ଡାଳଟିକୁ ହାଣିବାରେ ଲାଗିଛି। ତଥାକଥିତ ସଭ୍ୟ ମଣିଷ ଯୋଗୁଁ ପ୍ରକୃତି ସହିତ ପରିବେଶ ଆଜି ଭାରସାମ୍ୟ ହରାଇ ବସିଛି।

ଏହାର କେତୋଟି ଜ୍ୱଳନ୍ତ ଉଦାହରଣ ସମ୍ପର୍କରେ ଆଲୋକପାତ କରିବା :-

୧) ଜନସଂଖ୍ୟା ବୃଦ୍ଧି ଯୋଗୁଁ ମଣିଷ ଆଜି ଗଛ, ଲତା, ଜଂଗଲକୁ ନଷ୍ଟ କରି ବସବାସ ପାଇଁ ଅଟ୍ଟାଳିକା ନିର୍ମାଣ କରିବା ସହିତ କଳକାରଖାନା ଗଢିବାରେ ଲାଗିଛି ସତ କିନ୍ତୁ ପ୍ରଦୂଷଣ ନିୟନ୍ତ୍ରଣର ନୀୟମାବଳୀ କୁ ଉଲଂଘନ କରି ଚାଲିଛି।

୨) ମାଟି ମା ଆଜି କୀଟନାଶକ ଔଷଧ ଆଉ ଅଜୈବିକ ସାର ଗ୍ରହଣ କରି କରି ସତେ ଯେପରି ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ଉପନୀତ। ସତେ ଅବା କେଉଁ ବୃଦ୍ଧା ବିଧବା ମାଆ ନିଜ ଜନ୍ମିତ ପୁତ୍ର ହାତରେ ଆଜି ଅବହେଳିତ।

୩) ଗୋ ମାତା ଆଜି ରାସ୍ତା କଡରେ ପଡିଥିବା ଅଳଆ, ଆବର୍ଜନା ସହିତ କୃତ୍ରିମ ପ୍ଲାଷ୍ଟିକ ଜରିକୁ ଖାଇ ମୂମୁର୍ଷୁ ।

୪) ମାଆ ଗଂଗା ମୃଦାର ସହିତ ମଣିଷକୃତ ସମସ୍ତ ପ୍ରକାର ଆବର୍ଜନା ବହନ କରି ଆଜି କଳୁଷିତ।

୫) ଯାନବାହାନ ଧୂଆଁରେ ଆଜି ବାୟୁମଣ୍ଡଳ ଦୂଷିତ।

୬) ପାଣିର ମାତ୍ରାଧିକ ବ୍ୟବହାର ଏବଂ ଦୁରୁପଯୋଗ ଯୋଗୁଁ ଆଜି ମାଟି ଭିତରର ପାଣିର ସ୍ତର ନିମ୍ନଗାମୀ।

୭) ବ୍ୟବସାୟର ମନୋଭାବ ନେଇ ମୁନାଫାଖୋର ବ୍ୟବସାୟୀ ଆଜି ପନପରିବା ଫଳ ମାଛ ସବୁଥିରେ କୃତ୍ରିମ ହାନକାରକ ରସାୟନ ଏବଂ ଔଷଧ ବ୍ୟବହାର କରି ଧିରେ ଧିରେ ସମାଜର ଧ୍ୱଂସ କରିବାକୁ ପଛଘୁଞ୍ଚା ଦେଉନାହିଁ।

"ଆପଣା ହସ୍ତେ ଜିହ୍ୱା ଛେଦି,
କେ ତା'ର ଅଛି ପ୍ରତିବାଦୀ"

ସମୟ ଏବେ ଆସି ଯାଇଛି, ସଭ୍ୟ ମଣିଷକୁ ସଚେତନ ହେବା ପାଇଁ। ସରକାର କହିଲେ ଜନସାଧାରଣଙ୍କୁ ବୁଝାଏ। ଯେତେ ସବୁ ନୀତି, ନୀୟମ କଲେ ମଧ ଯେପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ ନାଗରିକଙ୍କ ମନରେ ସଚେତନତା ଜାଗ୍ରତ ନ ହୋଇଛି ସେପର୍ଯ୍ୟନ୍ତ ଆମେ ତାହା ସବୁ ଲାଗୁ କରି ପାରିବୁ ନାହିଁ।

ଜନମାନସର ଜାଗରଣ ପାଇଁ ଆମ ସମସ୍ତଙ୍କୁ ଦେଶ ହିତକର କାର୍ଯ୍ୟ ସହିତ ସମାଜର ମଂଗଳ ପାଇଁ ଆଗଭର ହୋଇ ବଢିବାକୁ ହେବ :-

"ଜାତି ନନ୍ଦିଘୋଷ ଚଳବକ ଭୁଇ ସ୍ୱାର୍ଥକୁ ସାରଥି କଲେ,
ଟାଣେ କରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ"

କୃଷି, ଶିଳ୍ପ, ବିଜ୍ଞାନର ଉନ୍ନତି ସହିତ ପରିବେଶର ସୁରକ୍ଷା ଅତ୍ୟନ୍ତ ଜରୁରୀ। ଆମକୁ ଶିକ୍ଷା ସହିତ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ହେବ। ପ୍ରାଥମିକ ବିଦ୍ୟାଳୟ ସ୍ତରରେ ମାନବିକ ମୂଲ୍ୟବୋଧର ଶିକ୍ଷା ସହିତ, ନିଜ ଘର, ଗାଁ ବା ସହରକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବା ପାଇଁ ପରାମର୍ଶ ଦେଇ ଜନ ସମାଜରେ ସଚେତନତା ଜାଗ୍ରତ କରିବାକୁ ପଡିବ।

ମାଟିର ଉର୍ବରତା କୁ ରକ୍ଷା କରିବା ପାଇଁ କୃଷି ସଂପ୍ରସାରଣ ମାଧ୍ୟମରେ ଶିକ୍ଷା ଏବଂ ସୂଚନାର ବିକାଶ କରି, ମାଟିର ପରୀକ୍ଷା କରାଇ ଆବଶ୍ୟକତା ଅନୁଯାୟୀ ଜୈବିକ ଖତ ଯଥା ଗୋବର, ବୋନ, ବୋନ ମିଲ ଇତ୍ୟାଦି ଉପରେ ଗୁରୁତ୍ୱ ଦେବାକୁ ପଡିବ। ବିଭିନ୍ନ କିସମର ଫସଲ ତଥା ମିଶ୍ରଣ ଚାଷ ଉପରେ ଗୁରୁତ୍ୱ ଦେଇ ମାଟିର ଉର୍ବରତା  ରକ୍ଷା ପାଇଁ ଡାଲି ଜାତୀୟ (ଲେଗୁମିନାସ କ୍ରପ) ଚାଷ ଦ୍ୱାରା କୃତ୍ରିମ ଯବକ୍ଷାରଜାନ ଉପାଦାନକୁ ବୃଦ୍ଧି କରାଯାଇ  ପାରିବ।

ଅଧିକ ବର୍ଷା ସମୟରେ ପାଣି ଅମଳ ଯୋଜନା (**Water Harvesting Technique**) ର ସହାୟତା ନେଇ ଲୋକମାନଙ୍କୁ ଶିକ୍ଷିତ କଲେ ଭବିଷ୍ୟତରେ ମାଟିର ପାଣିର ସ୍ତରକୁ ନିମ୍ନଗାମୀରୁ ରକ୍ଷା କରାଯାଇ ପାରିବ। ପରିବେଶବିତ୍ ମାନଙ୍କ ମତରେ ଆମ ଦେଶର ବଡ ସହର ଯଥା ମୁମ୍ବାଇ, ବାଂଗାଲୋର, ଚେନ୍ନାଇ ଇତ୍ୟାଦିରେ ଭୟଙ୍କର ପାଣି ସଂକଟ ଦେଖାଯିବ, ମାଟି ତଳେ ଥିବା ପାଣିର ସ୍ତର ଅତିମାତ୍ରାରେ କ୍ରମାଗତ ନିମ୍ନଗାମୀ ହେବାରେ ଲାଗିଛି।

ଗଛ ଲତା ଜଙ୍ଗଲର ସୁରକ୍ଷା ପାଇଁ ପଦକ୍ଷେପ ନେଇ ଆମକୁ ଅଧିକ ଗଛ ଲଗାଇ ଅମ୍ଳଜାନ ଓ ଅଂଗାରକାମ୍ଳ ଗ୍ୟାସ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ହେବ। ଏହା ଦ୍ୱାରା ତାପମାତ୍ରାର ତାରତମ୍ୟକୁ ସଂକୁଚିତ କରିବା ସହିତ ଜଳବାୟୁ ଏବଂ ବାୟୁମଣ୍ଡଳର ବିଭିନ୍ନ ପ୍ରକାରର

ଅନିଶ୍ଚିତତା ଯଥା ଅଧିକ ବା ସ୍ୱଳ୍ପ ବର୍ଷା, ଶୀତ ଇତ୍ୟାଦିର ବ୍ୟବଧାନକୁ ହ୍ରାସ କରାଯାଇ ପାରିବ।

ସାମାଜିକ ମୂଲ୍ୟବୋଧର ବିକାଶ କରି ଅଧିକ ଲାଭ ଉଦ୍ଦେଶ୍ୟରେ ହାନିକାରକ ରସାୟନ ବ୍ୟବହାର ନକରିବାକୁ ପରାମର୍ଶ ସହିତ ଶୀତଳ ଭଣ୍ଡାର ଏବଂ ଅନ୍ୟ ବିକଳ୍ପ ବ୍ୟବସ୍ଥା ଜରିଆରେ ଚାଷୀ ମାନଙ୍କର ପନିପରିବାକୁ ଅଧିକ ଦିନ ସତେଜ ଭାବେ ରଖିବାର ବ୍ୟବସ୍ଥା କରିବାକୁ ହେବ।

ସମଗ୍ର ପୃଥିବୀ ଆଜି ପରିବେଶର ସୁରକ୍ଷା ପାଇଁ ଚିନ୍ତିତ। ଅଂଗାରକାମ୍ଳ ଗ୍ୟାସର ମାତ୍ରା ବୃଦ୍ଧି ଯୋଗୁଁ ଧରିତ୍ରୀ ମାଆ ଆଜି ଗ୍ଲୋବାଲ ୱାର୍ମିଙ୍ଗ ରେ ପୀଡିତ। ବୈଜ୍ଞାନିକ ଗବେଷଣାରୁ ଜଣାଯାଇଛି ଯେ ପୃଥିବୀର ବର୍ତ୍ତମାନ ତାପମାତ୍ରା ୧ ଡିଗ୍ରୀ ସେଲସିୟସ ଯାହାକି ୧୫୦ ବର୍ଷ ପୂର୍ବର ତାପମାତ୍ରାରୁ ଅଧିକ ଏବଂ ୧୦୦ ରୁ ୨୦୦ ବର୍ଷ ପରେ ଏହା ୬ ଡିଗ୍ରି ସେଲସିଅସ୍ ହୋଇଯିବ। ଗ୍ଲୋବାଲ ୱାର୍ମିଙ୍ଗର କୁପରିଣାମରେ ସମୁଦ୍ରର ଜଳସ୍ତର ଉପରକୁ ଉଠିବ, ପର୍ବତମାଳାର ବରଫ ଖଣ୍ଡ ସବୁ ତରଳି ଯିବ। ପୃଥିବୀର ଅନେକ ବଡ ବଡ ସହର ଜଳମଗ୍ନ ହେବ।

ଆମ ଦେଶରେ ରାଜଧାନୀ ନୂଆଦିଲ୍ଲୀର ବାୟୁମଣ୍ଡଳ ଯେ ମାତ୍ରାଧିକ ଦୂଷିତ ଏଥିରେ ସଂଦେହ ନାହିଁ। ଏହି ଦୂଷିତ ବାୟୁକୁ ପ୍ରଶ୍ୱାସରେ ଗ୍ରହଣ କରି ବିଭିନ୍ନ ସଂକ୍ରାମକ ରୋଗରେ ସେମାନେ ଆକ୍ରାନ୍ତ। ପରିବେଶ ସୁରକ୍ଷା ନହେଲେ ଏହାଯେ ସୁସ୍ଥ ଏବଂ ଦୀର୍ଘ ଜୀବନ ଅତିବାହିତ କରିବାରେ ବାଧକ ଏଥିରେ ସନ୍ଦେହ ନାହିଁ।

ଜାତିର ପିତା ମହାତ୍ମା ଗାନ୍ଧୀ ସ୍ୱଚ୍ଛ ଭାରତର କଳ୍ପନା କରିଥିଲେ। ଆମ ଦେଶର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମଧ୍ୟ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ "ସ୍ୱଚ୍ଛ ଭାରତ ଅଭିଯାନ" ମାଧ୍ୟମରେ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ପାନୀୟ ଜଳଯୋଗାଣ ଯୋଜନା ସହିତ ପ୍ରତ୍ୟେକ ଘରେ ଓ ପ୍ରତ୍ୟେକ ବିଦ୍ୟାଳୟରେ ଶୌଚାଳୟର ବ୍ୟବସ୍ଥା କରାଯାଉଛି। ସୂର୍ଯ୍ୟାଲୋକରୁ ବିଦ୍ୟୁତ ଉତ୍ପାଦନ କରି ନୂତନ ଉଦ୍ଭାବନ ଜରିଆରେ ଯାନବାହାନ ବ୍ୟବହାର ସହିତ ଗୃହପୋଯୋଗୀ ଆଲୋକର ବ୍ୟବସ୍ଥା କରାଯାଉଛି।

ବଂଚବାକୁ ହେଲେ ଆମକୁ ଭଲ ଖାଦ୍ୟ, ପାଣି ଓ ପବନର ଆବଶ୍ୟକତା ଯେ ରହିଛି ଏଥିରେ ଦ୍ୱିମତ ନାହିଁ। ସେଥିପାଇଁ ଆମ୍ଭକୁ ଆମର ପରିବେଶକୁ ସୁରକ୍ଷା ଦେବାକୁ ପଡିବ। ବେଳ ଥାଉ ଥାଉ ଆମେ ସାବଧାନ ହୋଇ ଆମ ପରିବେଶକୁ ରକ୍ଷା କରିବାକୁ ହେବ।

ଜନ ଜାଗରଣ ଓ ସଚେତନତା ବଳରେ ମଣିଷ ସମାଜ ନିଶ୍ଚିତ ଭାବେ ପରିବେଶର ସୁରକ୍ଷା ସହିତ ନିଜର ଅସ୍ତିତ୍ୱକୁ ବଂଚାଇ ରଖିବାରେ ସମର୍ଥ ହେବ। ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ଆଜି ଜନ ମାନସରେ କିଛି ମାତ୍ରାରେ ପରିବର୍ତ୍ତନ ଆସିଛି। ନିଜ ଘରର ଆବର୍ଜନାକୁ ଡଷ୍ଟବିନରେ ଫୋପାଡ଼ିବା ସହିତ ରାସ୍ତା ଘାଟ ପରିମଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସମ୍ପର୍କରେ ଜନ ସାଧାରଣଙ୍କ ମନରେ ଭାବନାର ସ୍ରୋତ ଯେ ଉଦ୍ରେକ ହେଲାଣି ଏଥିରେ ସନ୍ଦେହ ନାହିଁ। ଦୂରଦର୍ଶନ ଏବଂ ବିଭିନ୍ନ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ପରିବେଶର ସୁରକ୍ଷା ସମ୍ପର୍କରେ ପରାମର୍ଶ ଦିଆଯାଉଛି।

ମଣିଷ ଏକ ସର୍ବକାଳୀନ ବୁଦ୍ଧିମାନ ପ୍ରାଣୀ। ଆବଶ୍ୟକତା ଅନୁଯାୟୀ ନିଜର ପାରିବେଶକୁ ସୁରକ୍ଷା ଦେଇ, ନିଜ ଜୀବନ ରକ୍ଷା କରିବାରେ ନିଶ୍ଚିତ ରୂପେ ସଫଳତା ଲାଭ କରିବ।

ଆଲ୍ଲାହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଶୀତ ପାଇଁ ଗୀତଟିଏ



ଡ଼ଃ ଦୀପାଞ୍ଜଳୀ ସାହୁ

ସକାଳ ଆସନ୍ତା ମଠେଇ ବୋହୂ ପରି,
ହାତରେ କାକର ଓ କୁହୁଡି ର ଟ୍ରେ ଟେ ଧରି ।।

ଦ୍ୱିପହର ଲାଗନ୍ତା,
ଅନେକ ଦିନ ପରେ ଭେଟୁଥିବା
ଅନ୍ତରଙ୍ଗ ବନ୍ଧୁ ର ସାନ୍ନିଧ ପରି।।

ସଞ୍ଜ ସବୁ ....
ଇନ୍ଦ୍ରଧନୁ ରଙ୍ଗ ରେ ରଙ୍ଗୀନ ହୋଇଯାଆନ୍ତା ।

ରାତି ସବୁ ଲାଗନ୍ତା....
ମଶାଣି ରୁ ଫେରିଥିବା ମଣିଷ ର ଚେହେରା ପରି।
ନିହାତି ଗୁମସୁମ।

କାହିଁ....??
ସେଭଳି କଛିତ ଲାଗୁନ!

ସକାଳ ଆସୁଛି ସଅଳ ସଅଳ
ମଧ୍ୟାହ୍ନ ଗ୍ରୀଷ୍ମ ଭଳି ନିଷ୍କରୁଣ,
ସଞ୍ଜ ସବୁ ରଂଗହୀନ
ରାତି ସବୁ ସ୍ୱପ୍ନ ହୀନ
ନିଥର ଜୀବନ।।

କୁଆଡେ ଗଲା...??
କେଉଁ ଆଡେ ହଜିଗଲା ସବୁ,
ଠିକ ହଜିଗଲା ପିଲାଦିନ ଭଳି,
ଅବା ପାହାନ୍ତି ସକାଳ ଭଳି,
ସବୁକିଛି ମିଳେଇ ଗଲା।।

ଅଧ୍ୟାପିକା, ଇତିହାସ ବିଭାଗ
ସାଧୁଗୌଡେଶ୍ୱର ମହାବିଦ୍ୟାଳୟ,
କନକାପଡା, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କୋଟି ପ୍ରଣିପାତ ଘେନ



ପ୍ରଣତି ମହାପାତ୍ର

ମାଆ ନୁହନ୍ତି  ସେ ପୁଣି ବହେ
ଫଲ୍ଗୁ ମମତାର,
ଅନ୍ତଫାଡି ଦେଇ ନାହାଁନ୍ତି ଜନମ
ହେଲେ ଅତି ଆପଣାର।
ଦେଖିଲେ ଫୁଙ୍ଗୁଳା ଦେହ
ବଢେଇ ଦେଇଥାନ୍ତି ଜାମା,
ପେଟ ଦେଖି ବୁଝି ଖୋଇଦିଅନ୍ତି
ଘୁଞ୍ଚାଇ ଦିଅନ୍ତି ଅମା।
ଦୁଃଖ ଆସିଲେ ଆଗକୁ ଠିଆ ହୋଇ
ପତାଇ ଦିଅନ୍ତି ଛାତି,
ସବୁଦୁଃଖ ସହିଯାନ୍ତି ହସିହସି
ନ କରି ସେ ଭୀତି।
ତେଲ ହଳଦୀ ଲଗାଇ ମାଆ ଭଳ
କରନ୍ତି ସ୍ନାହାନ,
ରାନ୍ଧି ବାଢ଼ି ଖୁଆନ୍ତି ବସାଇ କୋଳ
ତାଙ୍କ କରି ସିଂହାସନ।
ଏମିତି ଦେବତା ବି ଅଛନ୍ତି ଜଗତେ
ବାପାଙ୍କ ଠାରୁ ବି ମହାନ,
ତାଙ୍କ ପାଦେ ନମି କହେ ଏ ଅଧମ
ମୋର କୋଟି ପ୍ରଣିପାତ ଘେନ।

ବାଲେଶ୍ୱର, ଓଡିଶା।

# ପରମ୍ପରାର ଦୁଇ ରୂପ



ବ୍ରଜବାଳା ତ୍ରିପାଠୀ

## ଦୃଶ୍ୟ - ଏକ

ଆଗକୁ ପଛକୁ ଚାହିଁ ବେଶ ସତର୍କତାରେ ସାମ୍ନାରେ ସଜା ହୋଇ ଚକ ଚକ କରୁଥିବା ନାଲି ନେଳ ଚୁଡିଗୁଡିକୁ ଧିରେ କନା ଆଉଁସିଦେଲା ସୁନନ୍ଦା। ତା ଆଖିରେ ଫୁଟି ଉଠିଲା ଗୋଟେ ମିଠା ମିଠା ଭାବ ଯାହା ମୁହୂର୍ତ୍ତକ ପାଇଁ ଓଲହେଇଗଲା ଓଠଧାରକୁ ମିଠା ହସଟେ ହୋଇ। ଏଇ ନାଲି ନେଳ ଚୁଡ଼ିର ମୋହରେ ତ ଦିନେ ବାପାଙ୍କ କଥାରେ ହଁ ମାରି ପାଠ ପଢ଼ାରେ ଡୋରୀ ବାନ୍ଧି ବୋହୁ ବେଶରେ ବେଦୀରେ ବସିଥିଲା । ବିବାହ କାହାପାଇଁ କେତେ ସ୍ୱପ୍ନ ନେଇ ଆସିଥିଲା ବେଳେ ତା ପାଇଁ କେବଳ ଥିଲା ହାତ ଭର୍ତ୍ତି ମୁଠା ମୁଠା ରଙ୍ଗୀନ ଚୁଡି। ଚୁଡିର ରୁଣୁ ଝୁଣୁ ତା କାନ ପାଇଁ ଥିଲା ଦୁନିଆର ସବୁଠୁ ମିଠା ଶବ୍ଦ। ଚୁଡିର ସ୍ୱପ୍ନରେ ବିଭୋର ସୁନନ୍ଦାର ନୂଆ ଜୀବନର ମଧୁର ସ୍ୱପ୍ନସବୁ ଟୁକ କନା ଭାଙ୍ଗି ଯାଇଥିଲେ ଠିକ କାଚ ଚୁଡ଼ିଟିଏ ଚଟ କନା ଭାଙ୍ଗିଗଲା ପରି। ପାପୁଲିରୁ ମେହେନ୍ଦିର ରଙ୍ଗ ଲିଭିନଥିଲା, ଲିଭିଗଲା ତା ମଥାରୁ ସିନ୍ଦୁର। ସଡ଼କ ଦୁର୍ଘଟଣାରେ ଦୁନିଆ ଛାଡି ଚାଲି ଯାଇଥିଲେ ରବି, ତା ସ୍ୱାମୀ। ଯାହା ସହ ସମ୍ପର୍କ ଖୁବ ଅଳ୍ପ ଦିନର । କଣ ଯେ ଘଟିଗଲା ତା ଜୀବନରେ କଥାଟିକୁ ଭଲରେ ବୁଝିବା ଆଗରୁ ଲୁହର ଦରିଆରେ ଭାସୁଥିବା ସୁନନ୍ଦା ହାତରୁ ଭାଙ୍ଗି ଦିଆଯାଇଥିଲା ତାର ଅତି ପ୍ରିୟ ନାଲି ନେଳ ଚୁଡି ପୁଞ୍ଜାକ। ଖଣ୍ଡ ଖଣ୍ଡ ହୋଇ ମାଟିରେ ଏଣେ ତେଣେ ବୁଣି ହେଇ ଯାଉଥିଲେ ଚୁଡି ଖଣ୍ଡ ସବୁ, ଲୁହ ଡବ ଡବ ଆଖିରେ ଶେଷ ଥର ପାଇଁ ଯାହା ଦେଖିଥିଲା ସେ। ବାସ, ତା ପରେ ଜୀବନରୁ ହଜିଯାଇଥିଲେ ସବୁତକ ରଙ୍ଗ। ଏକ ବିକଟ ଧଳା ରଙ୍ଗକୁ ପାଥେୟ କରି ବଞ୍ଚିବାକୁ ଛାଡି ଦିଆ ଯାଇଥିଲା ତାକୁ। ଅନେକ ରୀତିର

ସ୍ୱପ୍ନରେ ତାର ଉଙ୍କିମାରେ ମୁଠା ମୁଠା ରଙ୍ଗୀନ ଚୁଡି ଯାହାକୁ ଛୁଇଁବାକୁ ଚେଷ୍ଟା କରୁ କରୁ ନିଦ ଭାଙ୍ଗି ଯାଏ । ଆଖ ପାଖର ବିବାହିତା ମହିଳାମାନଙ୍କର ହାତରେ ରୁଣୁଝୁଣୁ କରୁଥିବା ନାଲି ଚୁଡି ଖୁବ ଆକର୍ଷିତ କରେ ତାକୁ। ଇଚ୍ଛା ହୁଏ ସମୟ ଓଲଟି ଯାଆନ୍ତା କ, ପୁଣିଥରେ ରଙ୍ଗିନ ଚୁଡିରେ ପୁରି ଉଠନ୍ତା ତାର ଶୂନ୍ୟ ହାତ। ହେଲେ ତାର ସେହି ଇପ୍ସିତ ବସ୍ତୁ ଯେ ତା ପାଇଁ ଏକ ନିଷିଦ୍ଧ ଆକାଂକ୍ଷା। ସେହି ରଙ୍ଗୀନ ଚୁଡି ପିନ୍ଧି ନୂତନ ଜୀବନର ଆରମ୍ଭର ଉତ୍ସବ, ବିବାହରେ ଯୋଗଦେବା ଆଜିକାଲି ତା ପାଇଁ ମନା, ସେ ଯେ ଅଶୁଭ।

ବେଶ କିଛି ମାସର ଗୃହ ବନ୍ଦୀ ଜୀବନ ପରେ, ଘରର ଚାରି କାଂଥ ଭିତରୁ ପ୍ରଥମ କରି ଖୋଲା ଆକାଶ ତଳକୁ ବାହାରିଛି ସୁନନ୍ଦା। କଲେଜ ପଢୁଆ ମାଉସୀ ଝିଅ ରୁଚ ଜୋର କରି ନେଇ ଆସିଛି ତାକୁ ଦୂର ଏକ ଗାଁରେ ଲାଗିଥିବା ମେଳାକୁ। ସେ ତ ଆଗକୁ ଆଗେଇ ଗଲାଣି କିନ୍ତୁ ଏଇ କାଚ ଚୁଡିର ଦୋକାନ ଆଗରେ ଅଟକି ଯାଇଛି ସୁନନ୍ଦାର ପାଦ। ସୁନ୍ଦର ଚକଚକ କରୁଥିବା ସୁନେଲି ଧାରବାଲା ନାଲି ଚୁଡି ମୁଠାକ ହାତରେ ମୁଠେଇ ଧରିଲା ସେ। ସତେ ଯେମିତି ଖାଲି ହାତ ତାର ତାକୁ ଆହ୍ୱାନ ହେଉଛି, ଦେ ପିନ୍ଧିଦେ ସେ ନାଲି ଚୁଡି। ପୂର୍ଣ୍ଣ କରିଦେ ଶୂନ୍ୟ ହାତ, ରଙ୍ଗୀନ କରିଦେ ତୋର ରଂଗହୀନ ଜୀବନ।

ନିଜ ଉପରେ ନିୟନ୍ତ୍ରଣ ହରେଇ ଚୁଡି ମୁଠାକ ହାତରେ ପଶାଉ ପଶାଉ କାନରେ ପଡିଲା ଶବ୍ଦ କେତୋଟି "ତୁ ପରା ବିଧବା" । ଚମକି ପଡିଲା ସୁନନ୍ଦା। କିଏ କହିଲା ଏ କଥା। ଚାରିପାଖେ ଆଖି ବୁଲେଇ ଦେଖିଲା ଚୁଡ଼ିବାଲା ଅନ୍ୟ ଏକ ଗ୍ରାହକ ସହ ବ୍ୟସ୍ତ। ତେବେ କିଏ କହିଲା ତାକୁ ଏ କଥା ପଦକ। କିଣ ସେ ନିଜେ। ତା ନିଜ ମନରେ ଥିବା ଦ୍ୱନ୍ଦର ଏ ପ୍ରତିଫଳନ ନୁହେଁ ତ। ତା ମୁଣ୍ଡରେ ଯୁଗ ଯୁଗରୁ ପ୍ରଥା ପରମ୍ପରା ନାମରେ ଭର୍ତ୍ତି କରାଯାଇଥିବା କଥା ସବୁର ଏ ସ୍ୱର ନୁହେଁ ତ। ଇଛା ହେଉ ବା ଅନିଚ୍ଛା ଏ ଜୀବନରେ ରଙ୍ଗୀନ ଚୁଡ଼ି ଉପରେ ତା ଅଧିକାର ହରେଇ ସାରିଛି ସେ, ଏହି ଅଲିଖିତ ସାମାଜିକ ନିୟମକୁ ବଦଲେଇବାର ସାମର୍ଥ୍ୟ ତାର କାହିଁ, ଏବେ ତା ଭାଗ୍ୟରେ କେବଳ ଏକ ସଫେଦ ଦୁନିଆ। ଚୁଡିତକ ଥାକରେ ଥୋଇଦେଇ ଓଦା ଆଖିରେ ଆଗକୁ ବଢିଗଲା ସୁନନ୍ଦା।

## ଦୃଶ୍ୟ- ଦୁଇ

ହାତ ସାର୍ ଭ୍ରି ଯନ୍ତ୍ରଣା। କେବଳ ହାତ ନୁହେଁ, ବେକ, କାନ ନାକ ସବୁରେ ବ୍ୟଥା। କଚଟିରୁ କହୁଣୀ ଯାଏଁ ପୂରି ଯାଇଛି ଭଳିକି ଭଳି ଚୁଡି, ଶଙ୍ଖା, ସୁନା ବଳା ଏମିତି କେତେ କଣ। ହାତର ଚୁଡିକୁ ଟିକେ ଆଡେଇ ଦେଖିଲ୍ ରିନ, ହାତ ଯାକ ଭର୍ତି ହେଇଯାଇଛି ନାଲି ନାଲି ଫୋଟକାରେ । ଜୁନ ମାସର ଭୀଷଣ ଗରମକୁ ଗୁଳୁଗୁଳ ଯୋଗୁ ଝାଳ ବାହାରି ଚୁଡି ଯୋଗୁ ରିଏକ୍ସନ ହେଇଯାଇଛି ବୋଧେ। ହାର ଭର୍ତି ବେକ ଝାଳ ଯୋଗୁ କୁଣ୍ଡେଇ କୁଣ୍ଡେଇ ନାଲି ପଡ଼ିଗଲ୍ଣି। ଓଜନଆ କାନ ଫୁଲ ଯୋଗୁ କାନର କଣାଟି ଟାଣି ହେଇ ହେଇ ଭ୍ରି ବଥା କରୁଛି। ନୂଆ କରି ପିନ୍ଧିଥିବା ପାଦର ମୋଟା ମୋଟା ପାଉଁଜି ଆଉ ଝୁଣ୍ଟିଆ, କେତେ ଥର ଯେ ଝୁଣ୍ଟି ଝୁଣ୍ଟି ଖଣ୍ଡିଆ ଖବର୍ ହେଲ୍ଣି। ତା ସହ ଅଭ୍ୟସ୍ତ ନଥିବା ବାନ୍ଧିଦେଲ୍ ଭଳି ଶାଢ଼ୀ। ରୋଷେଇ ଘରର ଗରମ ପରିବେଶରେ ଝାଳରେ ଆକ୍ତା ମାକ୍ତା ହେଇ ରୋଷେଇ କରୁ କରୁ ପ୍ରାୟତଃ କାନ୍ଦି ପକେଇଲ୍ ରିନ। ନିଜ ଦୁଃଖ କାହାକୁ କହିବ ସେ। କାହିଁ ହଜି ଗଲ୍ ତାର ସୁଖର ଦିନ ସବୁ। ଜିନ୍ସ ପିନ୍ଧା ପ୍ରଜାପତି ପରି ବିନ୍ଦାସ ଜୀବନ। କେବଳ ଗୋଟିଏ ରାତି। ସେଇ ଗୋଟିଏ ରାତି ପରେ ସମ୍ପୂର୍ଣ୍ଣ ଭାବେ ଓଲଟି ଗଲ୍ ତାର ପୃଥିବୀ। ଘରଦ୍ୱାର, ପରିବାର, ପରିଧାନ ସବୁ ବଦଳି ଗଲ୍। ବିବାହର ଅର୍ଥ କଣ ଏଇଆ। ଝିଅଟିକୁ ବାନ୍ଧି ପକେଇବା। କାହିଁ କିଛି ପରିବର୍ତ୍ତିତ ହେବାକୁ ପଡିନ ତ ସୁରଜଙ୍କୁ । ସବୁ କିଛି ଆଗଭଳି ତାଙ୍କ ଜୀବନରେ। ତେବେ ବିବାହ କଣ କେବଳ ତାର ହିଁ ହେଲ୍। ସେଦିନ କାନରୁ କାନ ଫୁଲଟି ବାହାର କରିଦେଇ କିଛି ସମୟ ପାଇଁ ଆଶ୍ୱସ୍ତ ହୋଇଥିଲ୍ ସେ, "ଭାଉଜ, କାନ ଖାଲି ରଖନା, କିଏ ଦେଖିଲେ କଣ ଭାବିବ" ଟୋକ ଦେଇ ଥିଲେ ନଣନ୍ଦ ନିତୁ।" ବାହାଘରର ଛଅ ମାସ ଯାଏଁ ନୂଆ ବୋହୂ ହାତରୁ ପଟେ ବି ଚୁଡି କାଢ଼ିବା ଜମା ଭଲ ନୁହେଁ" କଥା ଛଳରେ କହିଦେଇଥିଲେ ଶାଶୁ। ସାଲୱାର କି ଆଉ କଣ ପିନ୍ଧିବା ତ ଛାଡ଼ ଶ୍ୱଶୁର ଆଗରୁ ଓଢଣା ଖସିଗଲେ ଶାଶୁଙ୍କର ଅସନ୍ତୋଷର ନଜରର ଶିକାର ହେଉଥିଲ୍ ସେ। "ଟିକେ କିଛି ଦିନ ଆଡ଼ଜଷ୍ଟ କରିଯାଅ, ପରେ ଘରେ କଥା ହେବି" ତାର ଲୁହଭର୍ତି ଆଖିକୁ ନ ଚାହିଁ ଉତ୍ତର ଦେଇଥିଲେ ସୁରଜ।

ଧୀରେ ଧୀରେ ମଉଳ ଯାଉଥିଲା ରିନର ମନ। ତାକୁ ଲାଗୁଥିଲା ଯେପରି ପ୍ରଥା ପରମ୍ପରା ନାମରେ ଡେଣା କାଟି ପିଞ୍ଜରାରେ ପଶେଇ ଦେଇଥିବା ଚଢେଇଟିଏ ସିଏ। ବିବାହ ନୁହେଁ ତ ଯେମିତି ଜଞ୍ଜିରଟିଏ ବାନ୍ଧି ହୋଇଯାଇଛି ତାର ପାଦରେ। ଆଜି ଯାଏଁ କେବେ ଏ ଭଳ ଅସହାୟ ଅନୁଭବ କରି ନଥିଲା ସେ। ଆଖିବୁଜି ସହିବା ବ୍ୟତୀତ, ତକିଆରେ ମୁହଁମାଡି ବା ବାଥରୁମରେ ଲୁଚ ଲୁଚ କାନ୍ଦିବା ବ୍ୟତୀତ ଆଉ କଛି ଉପାୟ ଅଛିକ। ଏ ଯନ୍ତ୍ରଣାରୁ ଆଉ ମୁକ୍ତି କାହିଁ ଯେ। "ରିନ, ଭଜାଟା ପୋଡି ଗଲାନା କଣ" ଠାକୁର ଘରୁ ଡାକ ଛାଡିଲେ ଶାଶୁ। ଭାବନାରୁ ବାହାରି ଝାଳ ଲୁହ ଏକାକାର ମୁହଁକୁ ପଣତରେ ପୋଛି ଆଣି ରୋଷେଇରେ ମନ ଦେଲା ରିନ।......

ସତରେ କଣ ପରମ୍ପରା ବଦଳେନ । କଣ ସିଧା ସଳଖ ଉଚ୍ଚାରିତ ହେଇଚ ଭଗବାନଙ୍କ ମୁହଁରୁ, ମଣିଷ ପାଇଁ ନର୍ଦ୍ଦେଶ ରୂପରେ। ନାଁ ପ୍ରଥା ପରମ୍ପରାକୁ କେବଳ ଅଟକେଇ ଦିଆଯାଇଛି ଶହ ଶହ ରିନ ଆଉ ସୁନନ୍ଦାମାନଙ୍କ ପାଖରେ, ସେମାନଙ୍କର ସ୍ୱାଧୀନତାର ଅନ୍ତରାୟ ରୂପେ। କଏ ଦେବ ଉତ୍ତର । ସମାଜ? ନାଁ କେବେ ନୁହେଁ । ଉତ୍ତର ସେବେ ମିଳବ ଯେବେ ଉତ୍ତର ଖୋଜିବେ ସେଇମାନେ ଯେଉଁମାନେ ପ୍ରଥା ପରମ୍ପରା ନାମରେ ନର୍ଯ୍ୟାତିତ ନଷ୍ପେସିତ, ସେଇ ରିନ ଆଉ ସୁନନ୍ଦାମାନେ।

ସହାୟକ ପ୍ରଫେସର, ସରକାରୀ ବିଜ୍ଞାନ କଲେଜ,
ଛତ୍ରପୁର, ଗଞ୍ଜାମ, ଓଡିଶା।

# ରହିଲା ମୋ ନିମନ୍ତ୍ରଣ



ଶାନ୍ତିଲତା ମିଶ୍ର

ତୁମେ ସେ ଅବୁଝା, ନିଃଶବ୍ଦ ଫଗୁଣ ରାତିର ଓଦା ଜହ୍ନ ।
ଭୁଲିବା ସହଜ ହୋଇ ନାହିଁ, ଏଯାଏ ସଂପର୍କ, ପଡି ନାହିଁ ତ ମଳିନ ||
ଏ ଜୀବନ ଇଲାକାକୁ, ପୁଣିଥରେ ଫେରି ଆସିବାକୁ କହିଛି ଦିନ |
ରହିଲା ମୋ ସାଦର ନିମନ୍ତ୍ରଣ, କରିବନି ପ୍ରତ୍ୟାକ୍ଷାନ ||
ପଛୁ ଆସି ଯେବେ କେବେ, ଲୁଚ ଲୁଚ, ଆଖି ବୁଜି ଧରୁଥିଲ ।
ତୁମ ପାଇଁ ଥିଲା ତାହା ଖାଲି, ଏକ ସାଧା ସିଧା ଖେଳ ||
କିନ୍ତୁ ମୋ ଭିତରେ, ତୁମ ହାତର ସେ ଶୀତଳ ମିଠା ସ୍ପର୍ଷ ।
କେମିତି ବର୍ଣ୍ଣିବି, କେତେ ଆଲୋଡନ କରୁ ଥିଲା ସୃଷ୍ଟ ||
ଏଯାଏ ଭୁଲିନି, ସେଇ ପିଲା ଦିନର, ମିଛି ମିଛିକା ଖେଳ ଘର ।
ଝୁରୁଛି ଏବେବି, ସାଇତି ରଖିଛି, ମନେ ମନେ ଏତେ କାଳ ||
ଶୀତ ସକାଳର କୁହୁଡିଆ ଖରାରେ, ସ୍କୁଲ ଯିବାକୁ ହୋଇ ତର ତର |
ତଳେ ପଡି ଯାଇ, ସାହାଯ୍ୟ ଆଶାରେ, ହାତ ବଢାଇଛ ମୋର ଆଡେ କେତେଥର ||
କାଶତଣ୍ଡି ଫୁଲେ ଫୁଲେ ପୂଜା, ପାର୍ବଣ ଋତୁର ଆବାହନ ।
ଏକ ଖୁସିର ଆସ୍ତରଣେ, କରି ରଖିଥାଏ ସଦା ସମ୍ମୋହନ ||
ପୂଜା ସାରି ମା' ଚାଲିଗଲେ ନିରବେ, ହୋଇ ଯେପରି ବିସର୍ଜନ |
ତୁମେ ବି ସେଇପରି, ଏ ଜୀବନ ପରିଧୀରୁ ହୋଇଗଲ ଅର୍ନ୍ତଦ୍ଧାନ ||

ବର୍ଷା ଭିଜା ତୁମ ବେଷ ଓ କେଶ ରାଶିରୁ, ଝରି ପଡୁଥିବା ପାଣି ।
ମତେ ନେଇ ଯାଉଥିଲା ବେଳେ ବେଳେ, ତୁମ ପାଖକୁ ଅନାୟସେ ଟାଣି ||
ସଂସାର ଜାଲରେ, ବାଧ୍ୟ ହୋଇ ଛନ୍ଦି ହେଇ ଗଲା, ସିନା ଏ ଜୀବନ ।
କିନ୍ତୁ ଅପେକ୍ଷାରେ ଅଛି, ମୋର ଅଜାଣତେ, ତୁମ ପାଇଁ ଏବେ ବି ଏ ମନ ||
ବେଳେ ବେଳେ ଅସମୟେ, ମନେ ପଡିଯାଏ, ସେ ଅବୁଝା ପିଲାଦିନ |
ହାତ ଧରା ଧରି ଚକା ଭଉଁରୀର ଖେଳେ, କରିଛି ଖାଲି ତୁମକୁ ଅନୁସରଣ ||
ଏବେ ବି ସେ ସ୍ପର୍ଶ ଲାଗି ଅଛି, ଅନ୍ତର ଆତ୍ମାକୁ ଛୁଇଁ କରି ଆଲିଙ୍ଗନ ।
ଆଉ ଥରେ ଫେରି ଆସ, ଏ ଜୀବନ ଇଲାକାକୁ, କରୁଅଛି ନିମନ୍ତ୍ରଣ ||

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମହାନାୟକ: ଗାନ୍ଧିଜୀ



ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ

ସେ ସ୍ୱୟଂ ଥିଲେ
ଗୋଟେ ବିଜୟ ପତାକା
ଉଡୁଥିଲେ ଫରଫର୍
ଭାରତର ଭାଗ୍ୟାକାଶରେ
ମିଶିଥିଲେ ନିର୍ବାଧରେ
ଏ ମାଟି ପାଣି ପବନରେ
କୋଟିକୋଟି ହୃଦୟରେ
ତୋଳିଥିଲେ ଘର
ମହାନାୟକ ସେ
ଆମ ମୁକ୍ତି ସଂଗ୍ରାମର।।
ତାଙ୍କୁ ହିଁ ଜଣାଥିଲା
ସ୍ୱାଧୀନତାର ପଦ୍ମତୋଳା ମନ୍ତ୍ର
ପରାଧୀନତାର ବିନାଶ ପାଇଁ
ସେ ତିଆରି ଥିଲେ
ଏକ ଅବ୍ୟର୍ଥ ଅସ୍ତ୍ର
ଅର୍ଜୁନଙ୍କ ଅଦୃଶ୍ୟ ଗାଣ୍ଡିବ
ଅବା ଥିଲା ଶିବଙ୍କ ପାଶୁପତ
କି ଅବା ଦେବରାଜ ଇନ୍ଦ୍ରଙ୍କର ବଜ୍ର
କିଏ ଜାଣେ  ଅଥଚ- -

ଦୁର୍ଦ୍ଧର୍ଷ ଇଂରେଜ କବଳରୁ
ସେଦିନ ମୁକ୍ତ କରିପାରିଥିଲେ ଭାରତ
ପ୍ରତିଟି ମଣିଷଙ୍କୁ ଶିଖାଇ ଦେଇଥିଲେ
ସ୍ୱାଭିମାନରେ ବଞ୍ଚିବାର ସୂତ୍ର
"କାଟିପିନ୍ଧି -କୁଟି ଖାଅ "-
ଏ ମାଟିର ମହାମନ୍ତ୍ର ।

ସାରାବିଶ୍ୱରେ ପ୍ରଥମଥର ପାଇଁ
ପ୍ରୟୋଗ କଲେ ସେ
ଯୁଦ୍ଧରେ ଅହିଂସାର ଅମୋଘ ଅସ୍ତ୍ର
କିଏ ଜାଣିଥିଲା ବିଶ୍ୱାସ କରିଥିଲା
ଯୁଦ୍ଧହେବ ବିନା ହିଂସା ବିନା ରକ୍ତପାତ
ସ୍ୱାଧୀନତାର ସ୍ୱାଦ ଚାଖିବ ଭାରତ!!!
ସ୍ତବ୍ଧ ହେଲା ସେଦିନ ସମଗ୍ର ଜଗତ
ନୀଳ ଆକାଶରେ ଉଡ଼ିଲା
ଶତଶତ ଶାନ୍ତିର କପୋତ
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହେଲା
ଆମ ବିଜୟର ଟେକ ।।
ସତ୍ୟକୁ ଈଶ୍ୱର ମଣି
ମାନବ ସେବା ହିଁ ମାଧବ ସେବା କହି
ବାଣ୍ଟିଥିଲେ ସେ ପ୍ରେମର ବାର୍ତ୍ତା ସର୍ବତ୍ର
ଶିକ୍ଷା ତଥା ସମ୍ମାନ ଦେଇ ନାରୀକୁ,
ଦେଖିଥିଲେ ପ୍ରଗତିର ସ୍ୱପ୍ନ
ଜାତି- ଧର୍ମ -ବର୍ଣ୍ଣ ଭେଦକୁ ଏଡ଼ାଇ
ଭାଙ୍ଗିଥିଲେ ଉଚ୍ଚ ନୀଚର ପ୍ରାଚୀର
ସମସ୍ତଙ୍କୁ ମାନିଥିଲେ ନିଜ କୁଟୁମ୍ବ
କହୁଥିଲେ ଆମ ସଭ୍ୟତା- ସଂସ୍କୃତି

ନୀତି ଆଉ ଆଦର୍ଶର ଇତିକଥା
ରକ୍ତମାଂସ ଗଢା ମଣିଷଙ୍କ ଭିତରେ
ଥିଲେ ସେ ମଣିଷ ପରି ମଣିଷଟେ
ହାତରେ ବାଡ଼ି, ଅଣ୍ଟିରେ ଝୁଲୁଥିଲା ଘଡ଼ି
ଦେହରେ-ଆଣ୍ଠୁ ଲୁଚୁ ନ ଥିବା ଖଦଡ଼
ପିନ୍ଧୁଥିଲେ ଆଖିରେ ଚଷମା ଖଣ୍ଡେ
ସାଜିଥିଲେ ମୁକ୍ତି ଆନ୍ଦୋଳନର ଅଗ୍ରଦୂତ
ଭାରି ସରଳ ହେଲେ ବି ସେ ବେଶ୍ ଶକ୍ତ
ନା, ଦେବତା ନୁହଁନ୍ତି ମହାମାନବ
ମୋହନଦାସ କରମଚାନ୍ଦ ଗାନ୍ଧି..ସେ।।
ସତ୍ୟ ଧର୍ମ ଶାନ୍ତି ମୈତ୍ରୀର
କ ମୋହନ ମନ୍ତ୍ର ଫୁଙ୍କିଲେ କେଜାଣି
ସେଦିନ ମୁଗ୍ଧ ହେଲେ ଭାରତବାସୀ
ଚକିତ ହେଲା ବିଶ୍ୱ
ଉନ୍ମୁକ୍ତ ହେଲା ଆଲୋକ ପଥ
ନିଃସ୍ୱାର୍ଥ କର୍ମ ଓ ତ୍ୟାଗର
ଧ୍ୱଜ ଉଡେଇଲା ଆକାଶ
ସବୁରି ମୁହଁରେ ବୋଲାଇଲେ ସେ
ଏ ଜାତିର ଜନକ
ବାସ୍ତବରେ ସେ ଥିଲେ
ସତ୍ୟର ମୂର୍ତ୍ତିମନ୍ତ ପ୍ରତୀକ
ପିନ୍ଧେଇ ପାରିଥିଲେ ଯିଏ
ଭାରତମାତାଙ୍କୁ
ସ୍ୱାଧୀନତାର
ଉତ୍ତୁଙ୍ଗ ବିଜୟ ମୁକୁଟ।।

ବାଲେଶ୍ୱର, ଓଡିଶା

# ସୁଖଦାର ସ୍ୱପ୍ନ



ସୁଲୋଚନା ପଟ୍ଟନାୟକ

ଅନେକ ଘଟଣା ଅଘଟଣା, ମନ ଫଟାଫଟି ଭିତରେ ଝିଅର ବାହାଘର ସରିଯାଇଥାଏ । ସୁଖଦାଙ୍କ ଆଖିରୁ ନିଦ କିଏ ଚୋରାଇ ନେଇଥିଲା ବାହାଘର ହେବ ବୋଲି ଶୁଣିବା ଦିନରୁ । ଆମେରିକାନ୍ ପୁଅକୁ ବାହା ହେଉଛି ବୋଲି ଝିଅ ଠିକ୍ କରିଛି । କେବେଠୁ ଠିକ୍ କଲାଣି ତାହା ତାଙ୍କୁ ଜଣା ନାହିଁ, କିନ୍ତୁ ଦୁଇ ବର୍ଷର ସଂପର୍କ ନିଶ୍ଚୟ ଦୁହିଁଙ୍କର ଥିଲା । ଦୁହେଁ ଏକା କଲେଜରେ ସ୍ନାତୋକତ୍ତର ପଢୁଥିଲେ, "ୟୁନିଭରସିଟି ଅଫ୍ ପେନ୍"ରେ । ଫିଲାଡେଲ୍‌ଫିଆ ସହରରେ ସେ ଅଞ୍ଚଳର ନାମ ଭଲ ନୁହେଁ, ତଥାପି କଲେଜକୁ ପାଖ ହେବ ବୋଲି ସେଇଠି ଏକ ଆପାର୍ଟମେଣ୍ଟରେ ଦୁହେଁ ଉପର ତଳ ହୋଇ ରହୁଥିଲେ । ସେଇ ସଂପର୍କରୁ ସାଥି ହୋଇ ପାରିଥିଲେ ଦୁଇଜଣ । ରାତିରେ କଲେଜରୁ ଫେରିବା ବେଳେ, ଏକାଠି କୁଆଡେ ଯିବା ବେଳେ, ଦୁହେଁ ଏକାଠି ସାଙ୍ଗ ହୋଇ ଯିବା ଆସିବା କରୁଥିଲେ । ହୁଏତ ଦୁହେଁ ଦୁହିଁଙ୍କୁ ଜଗୁଥିଲେ, ଦୁର୍ଘଟଣାରୁ ଦୁରେଇ ରଖୁଥିଲେ ନିଜକୁ । ସେଦିନ ମେଟ୍ରୋରେ ଯିବାବେଳେ ଆଖି ସାମନାରେ କେତେଜଣ ଗୁଣ୍ଡା ଜଣଙ୍କୁ ମାରି ତଳେ ପକାଇ ତାର ୱାଲେଟ୍ ଛଡାଇ ନେବା ତାଙ୍କ ମନରୁ ଯାଇ ନଥାଏ । ସବୁବେଳେ ଡରି ଡରି କଲେଜରୁ ଘରକୁ ଫେରନ୍ତି । ଯେତେ ଅସୁବିଧା ହେଲେ ବି ଆମେରିକାର ଏକ ଉଚ୍ଚତମ ବିଶ୍ୱବିଦ୍ୟାଳୟକୁ ଛାଡି ଚାଲିଯିବାର ପ୍ରଶ୍ନ ନଥାଏ । ଦୁଇ ବର୍ଷରେ ପଢା ସାରି ଏ ସ୍ଥାନରୁ ଦୂରକୁ ଯିବାର ଯୋଜନା ସବୁବେଳେ ମନ ଭିତରେ ଉହୁଁକି ମାରୁଥାଏ । ଜଣା ପଡୁଥାଏ, ଏ ପାଠ, ପରୀକ୍ଷା ଓ ପି.ଏଚ୍.ଡିର ଆଶା ଯେମିତି ହାତ ପାହାନ୍ତାରେ ଦେଖା ଯାଉଥିଲେ ମଧ୍ୟ ଜୀବନ ନଉକାଟିକୁ ଲହରୀ ଆଗକୁ ନେଇ ଯାଉଛି । ହାତରୁ ଖସି ଯାଉଛି ସ୍ୱପ୍ନ । ମନ କହୁଥାଏ

ଯାହାଙ୍କୁ ଆଗ ଗ୍ରୀନ୍ କାର୍ଡ ମିଳିବ, ଯେଉଁଠି ମିଳିବ, ସେଇଠିକୁ ଗଲାପରେ ଯାହା ବ୍ୟବସ୍ଥା କରିବେ ।

ଫିଲାଡେଲ୍‌ଫିଆର ଡାଉନ୍ ଟାଉନ୍ ଉପରେ ବସିଛି ୟୁନିଭରସିଟି ଅଫ୍ ପେନ୍ । ବିରାଟ ବିଶ୍ୱବିଦ୍ୟାଳୟ । ଅନେକ ଶାଖା ରହିଛି ସହର ଏବଂ ସହର ବାହାରର ବିଭିନ୍ନ ସ୍ଥାନରେ । ମେଡିକାଲ ସ୍କୁଲ, ଲ' ସ୍କୁଲ, ଅଣ୍ଡର୍ ଗ୍ରାଜୁଏଟ୍ ସ୍କୁଲ୍ ଇତ୍ୟାଦି । କିନ୍ତୁ ବାହାରୁ ଦେଖିଲେ ରୂପ ଏତେ ଭଲ ଦେଖାଯାଏନି । ପୁରୁଣା ବିଲ୍ଡିଂ ଉପରେ ନାମକରା ସ୍କୁଲ୍ । ପିଲାଙ୍କୁ ସିଟ୍ ମିଳିବା ବି ଏତେ ସହଜ ନୁହେଁ ଏଠାରେ । ବୃତ୍ତି ପାଇବା ବି ବହୁତ କଷ୍ଟକର କଥା । ହେଲେ ସ୍କୁଲର ନାମ ଭଲ । ଭଲ ଛାତ୍ର ଛାତ୍ରୀମାନେ ଏଠି ପଢିବାକୁ ସୁଯୋଗ ପାଇଥାନ୍ତି । ଝିଅ ଆନୀ ସେଭଳି କଲେଜରେ ପଢୁଛି ବୋଲି ସୁଖଦା ଭାରି ଖୁସି, ଭାରି ଗର୍ବିତ । ଝିଅ ଏବେ ସାଥୀଟିଏ ପାଇଛି । ବାହା ହେବ ବୋଲି ଠିକ୍ କରିଛି ସେଇଠି ପଢୁଥିବା ପିଲାଟିକୁ । ମାନିବାକୁ ପଡିବ ଯେ ପିଲାଟି ନିଶ୍ଚୟ ଭଲ ପଢେ । ଦ୍ୱିତୀୟତଃ ଭାରତୀୟ ସଂସ୍କାର ପ୍ରତି ନିଶ୍ଚୟ ସମ୍ମାନ ଅଛି ତା'ର । ଦେଖିବାକୁ ଭଲ । ଏତିକି ଭଲ ମିଳିବା ସବୁବେଳେ ସହଜ ନୁହେଁ । ତେଣୁ ସେଇଥିରେ ସିଏ ଖୁସି । ଅଳ୍ପରେ ସନ୍ତୁଷ୍ଟ ହେବା ଅଭ୍ୟାସ ଅଛି ତାର । ଗୋଟିଏ ବୋଲି ଝିଅ ସୁଖଦାର । ପିଲାଟି ଦିନରୁ ଅଳ୍ପ କଥା କୁହେ ସିଏ । ହାଇସ୍କୁଲ ପରଠାରୁ ତା' ମଧ୍ୟ କମିଯାଇଛି । ନିଜର ନୂଆ ସାଙ୍ଗଟିଏ ପାଇ ସିଏ ଭାରି ଖୁସି । ସାଙ୍ଗ ଜଶୁଆ ମଧ୍ୟ, ବିଶେଷ କଥା କୁହେନି । ଭାରି ଚୁପଚାପ୍ ପିଲାଟିଏ । ଭଲ ଛାତ୍ରୀ ବୋଲି ସମସ୍ତେ ତାକୁ ଭଲ ପାଆନ୍ତି । ଜଶୁଆ ଅରଗାନିକ୍ କେମେଷ୍ଟ୍ରିରେ ପି.ଏଚ.ଡି କରୁଥାଏ । ରିସର୍ଚ୍ଚ କରିବାରେ ମନ ତାର । ମନରେ ଅନେକ ପ୍ରଶ୍ନ ସବୁବେଳେ । ଦୁହିଁଙ୍କର ମନୋଭାବ ପ୍ରାୟ ଏକାପରି । ଦୁହେଁ ପରସ୍ପରକୁ ସାଙ୍ଗ ଭାବରେ ପାଇ ଭାରି ଖୁସି । ସେମାନେ ଶେଷକୁ ଠିକ୍ କରିଛନ୍ତି ପରସ୍ପରର ଜୀବନ ସାଥୀ ହିସାବରେ ଜୀବନ ବିତାଇବେ ।

ସେଦିନ ଗୁରୁବାର ହୋଇଥାଏ । ସୁଖଦା ଆନୀଠାରୁ ଟେକ୍ସଟିଏ ପାଇଲା, ସେମାନେ ଏନଗେଜଡ୍ ହେଲେ ବୋଲି । ସୁଖଦା ଖୁବ୍ ଖୁସି ହେଲା, କିନ୍ତୁ ଖୁସିରେ ହସି ପାରିଲାନି ।

ସେତେବେଳକୁ ଗୁରୁବାର ପୂଜା ସରିଯାଇଥାଏ । ଖୁସିରେ ଖବର ପାଇ ପୁଣି ଫେରିଗଲା ବଗିଚାକୁ । ଦୁଇଟି ଗୋଲାପ ଫୁଲ ତୋଳି ଆଣି ଜଗନ୍ନାଥଙ୍କ ପାଦ ତଳେ ଦେଲା । ଠାକୁରଙ୍କ ପାଖରେ ମୁଣ୍ଡିଆ ମାରି କହିଲା, "ଠାକୁରେ, ପିଲାଏ ତୁମକୁ ଡାକୁ ନାହାନ୍ତି । ଏସବୁ କଥା ହୁଏତ ବୁଝି ପାରୁନାହାନ୍ତି । ମୁଁ ଆମ ସମସ୍ତଙ୍କ ପାଇଁ ତୁମକୁ ଡାକୁଛି । ତୁମକୁ ଶତକୋଟି ପ୍ରଣାମ କରୁଛି । ତୁମେ ସେମାନଙ୍କୁ ଆର୍ଶୀବାଦ ଦିଅ । ସେମାନେ ଭଲରେ ସଂସାର କରନ୍ତୁ । ଭଲରେ ରହନ୍ତୁ" । ତାପରେ ଖୁସିରେ ଖୁସିରେ ଯାଇ ରୋଷାଇରେ ଲାଗିଗଲା । ଦିନ ବିତିଗଲା । ଗୁରୁବାର ଯାଇ କେତେବେଳେ ଶନିବାର ହୋଇଗଲାଣି, ଆନୀଠାରୁ ଆଉ ଖବର ଆସିନି । ଭାବିଥିଲା ଆନୀ ଘରକୁ ଆସିବ । କିନ୍ତୁ ଶନିବାର ରାତି ଏଗାରଟା ହେଲାଣି । ସିଏ ଭାବିଥିଲା ହୁଏତ ଆନୀ ନିଜେ ଆସି ମାଆକୁ କହିବ । ହେଲେ ତାର ଦେଖା ନାହିଁ । ପୁଣିଥରେ କାନ୍ଥ ଘଣ୍ଟାକୁ ଅନାଇଲା । ରାତି ଅନେକ ହେଲାଣି, ଝିଅ ଆସିଲାନି ଦେଖି ଚୁପଚାପ୍ ଶୋଇବାକୁ ଗଲା । ଚନ୍ତାରେ ପାଣି ଗ୍ଲାସ୍‌ଟା ନେବାକୁ ଭୁଲିଯାଇଥିଲା । ରୋଷେଇ ଘରକୁ ଫେରି ପାଣି ବୋତଲ୍‌ଟା ଆଣିଲା । ମନ କେଉଁଥିରେ ଲାଗୁ ନ ଥାଏ । ମନେ ମନେ ଭାବିଲା ଇଏ ନୂଆ କଥା ତା' ପାଇଁ । ଝିଅର ନିର୍ବନ୍ଧ ହେଲା । ଭଲ କଥା । କିନ୍ତୁ କେହି ନାହାନ୍ତି । ଭୋଜି ଭାତ ନାହିଁ । କୁଣିଆ ମୈତ୍ର ନାହାନ୍ତି । ନିର୍ବନ୍ଧ ସରିଗଲା । ସିଏ ସେଥିରେ ଭାଗ ମଧ୍ୟ ନେଇ ପାରିଲାନି । ତଥାପି ତାକୁ କାଲି ପରିବାରଙ୍କୁ ଜଣାଇବାକୁ ପଡିବ । ସକାଳୁ ସକାଳୁ ସମସ୍ତଙ୍କୁ ଡାକି ଜଣାଇଦେବ, ସେଇଆ ଭାବି ସିଏ ଶୋଇବାକୁ ଗଲା ।

ଯୁଗ ବଦଳି ଗଲାଣି । ଏମାନେ ଏଯୁଗର ପିଲା । ତାଙ୍କ ଚିନ୍ତାଧାରା ଅଲଗା । ନିଜ ଛଡା ସେମାନେ ଅନ୍ୟ କଥା ଭାବି ପାରନ୍ତି ଥି । ତାଙ୍କୁ କିଏ କେଉଥିକ ନ ଡାକଲେ ବି ସେମାନେ କିଛି ଭାବନ୍ତି ଥି । କେବଳ ନିଜ କଥାକୁ ଚିନ୍ତା କରନ୍ତି । କଅଣ କଲେ ତାଙ୍କର ସୁବିଧା ହେବ ସେଇଟା ବଡ କଥା । କିଏ କଅଣ ଭାବିଲା ସେ ବିଷୟରେ କିଛି ଯେ ଚିନ୍ତା କରିବାକୁ ହୁଏ ତାହା ସେମାନେ ଜାଣି ନାହାନ୍ତି । ଯେତେ ଏ କଥାକୁ ମନରୁ ଦୂରେଇ ଦେବ ଭାବୁଥାଏ ସେଇଟା ହେଉ ନଥାଏ । ବିଛଣାରେ ଗଡପଡ ହେବାହିଁ ସାର । ମନକୁ ଖୁସି କଥାଟିଏ

ଆଣିଲେ କାଳେ ନିଦ ଆସିଯିବ ଭାବି ସିଏ ଚିନ୍ତା କଲା । ହଠାତ ଗୋଟିଏ କଥା ମନକୁ ଆସିଗଲା । ଯାହା ହେଉ ବାହାଘରଟା ହୋଇଗଲେ ତାର ହୁଏତ ନାତି ନାତୁଣୀ ଦେଖିବାର ସୁଯୋଗ ମିଳିଯିବ .... ସେଇ ଖୁସିରେ ଭବିଷ୍ୟତ କଥା ଭାବି ଭାବି ସିଏ ଶୋଇଗଲା । ରାତିଟା କୁଆଡେ ଚାଲିଗଲା ସିଏ ଜାଣିପାରିଲାନି । ସକାଳୁ ଉଠିବାକୁ ଡେରି ହୋଇଯାଇଥାଏ । ଉଠୁ ଉଠୁ ମନରେ କେତେ ଯୋଜନା ଥିଲା ତାକୁ ଲେଖିବ ବୋଲି ଭାବିଲା । ନିତ୍ୟକର୍ମ ସାରି କଫି ବସାଇଲା । କଫିରେ ସେଦି ଚିନି ପକାଇବାକୁ ବି ଭୁଲି ଯାଇଥାଏ । ମନେ ହେଲା ଚିନିର ଆବଶ୍ୟକତା ହିଁ ନାହିଁ । ସ୍ୱାଦର କିଛି ଫରକ୍ ପଡୁନି । ଲିଭିଂ ରୁମରେ କଫି କପ୍‌ଟା ଧରି ବସିଗଲା । ଖାତା ଆଉ କଲମ ଆଣି ଲେଖିବା ଆରମ୍ଭ କଲା । ପାଖରେ ଥିବା ପେ୍ଷ୍ଟର ଆଣି କପଟା ରଖିଲା । ପେ୍ଷ୍ଟର୍ ଦେଖି ମନେ ପଡିଗଲା ରିନା ତା ଝିଅ ବାହାଘରରେ ଏଇଟା ସମସ୍ତଙ୍କୁ ଉପହାର ଦେଇଥିଲା । ପଥରରେ ତିଆରି ପେ୍ଷ୍ଟର୍ ଉପରେ ଦୁଇଟି ହାତୀର ଚିତ୍ର । ଭଲ ଦେଖାଯାଉଛି । ହାତୀ ଦୁଇଟି ଶୁଣ୍ଢ ଟେକ ତୂରୀ ବଜାଉଛନ୍ତି । ଆଜି ସକାଳୁ ସକାଳୁ ସତେ ପ୍ରଥମ କରି ତାକୁ ଦେଖୁଛି ! ତଥାପି ମନଟା ଖୁସି ହୋଇଗଲା । ମନକୁ କହିଲା, "ଦେଖମ ଭଗବାନଙ୍କ କଥା, ସତେ ଯେମିତି ସିଏ ମୋ' ମନ କଥା ଜାଣିଦେଲେ । ମୋ' ଝିଅ ବାହାଘର କଥା ତାଙ୍କୁ କିଏ କହିଲା ? ମୁଁ ଜାଣେ ଝିଅ କହି ନଥିବ, ଜୁଆଁଇ ତ ଆମେରିକାନ୍ ପୁଅ । ସିଏ ବା ଆମ ଭଗବାନଙ୍କୁ ଜାଣିବ କେମିତି ଯେ ଡାକିବ ? ଯାହା ହେଉ ମନ କଥା ଜାଣିବାକୁ ତ କେହି ହେଲେ ଅଛି" ! ସେଇ ଖୁସିରେ ମନେ ମନେ ଜୁହାରଟିଏ ହେଲା । ପାଟିରୁ ଦୁଇ ପଦ ଅଜାଣତରେ ବାହାରି ଆସିଲା । "ହେ ପ୍ରଭୁ ଜଗନ୍ନାଥ, ତୁମେ ହିଁ ଭରସା", କହି ସିଏ ଉଠିଲା । କଫି କପ୍‌ଟି ସେମିତି ପ୍ରାୟ ଅଧୁଆଁ ହୋଇ ପଡି ରହିଲା । ଢୋକେ ପିଇଛିକି ନାହିଁ ଫରକ୍ ପଡିଲା ନାହିଁ।

ଝିଅର ନିର୍ବନ୍ଧ କଥା ସାଙ୍ଗ ସାଥୀଙ୍କୁ କହିବ ବୋଲି ସୁଖଦାର ଗୋଡ ତଳେ ଲାଗୁ ନଥାଏ ସେଦିନ । ଖୁସି ବାଣ୍ଟିବ ପରିଚିତ ଲୋକମାନଙ୍କ ସହ । ପରିବାରର ସମସ୍ତ ଲୋକ ତ ଓଡିଶାରେ ରହୁଛନ୍ତି । ତାଙ୍କୁ କହିବାକୁ ହେଲେ ଅପେକ୍ଷା କରିବାକୁ ପଡିବ ରାତି ପର୍ଯ୍ୟନ୍ତ ।

ସମୟ ଅନୁସାରେ ଦଶ ଘଣ୍ଟାର ବ୍ୟବଧାନ ଦୁଇ ଦେଶ ମଧ୍ୟରେ । ସେଇଟା ଅନେକ ସମୟରେ ସୁବିଧା ଦେଇଥାଏ । ତେଣୁ ସୁଖଦା ଖୁସି । ମନ କାହିଁ କୁଆଡେ ଗ୍ଳ ଲିଯାଉଥାଏ। କେତେ କଥା ମନକୁ ଆସିଯାଉଥାଏ । ଝିଅର ଶାଢୀ ଗହଣାଠୁ ଆରମ୍ଭ କରି ବାହାଘରର ବେଢ଼ର କଣାକଣି କଥା, କେଉଁଠୁ କଣିବ, କେଉଠିକ ଆଗ ଗଲେ ଠିକ୍ ହେବ ଏପରି ଅନେକ କଥା । ଏଭଳକ କଟକର ଶଙ୍କର ବାବୁଙ୍କ ହୋଲେ୍ସଲ୍ ଲୁଗା ଦୋକାନ, ଖୁମ୍‌ଜୀରୁ ଗହଣା କଣିବା ପର୍ଯ୍ୟନ୍ତ । ଜୁଆଁଇର ଲୁଗାପଟାର ଲିଷ୍ଟ, ଜୁଆଁଇ ଘରର ଲୋକଙ୍କ ପାଇଁ ଲୁଗାପଟା ଇତ୍ୟାଦି । ହଠାତ୍ ସୁଖଦାର ମନେ ପଡିଗଲା, ଭାଇର ବଡ ପୁଅ ବାହାଘର କଥା । ଭାଇକୁ ପଗ୍ଳରଲେ ସିଏ କହିଦେବ କୋଉଠୁ କଅଣ ଆଣିଲେ ସୁବିଧା ହୋଇପାରେ । ସେତିକବେଳକୁ ଆନୀଠାରୁ ଗୋଟିଏ ଇମେଲ ପାଇଲା ସୁଖଦା । ଗ୍ଳରିଧାଡିର ଇମେଲଟିଏ । ଆନୀ ଲେଖିଛି, ସେମାନେ ତାଙ୍କର ଯୋଜନା ବଦଳେଇ ଦେଇଛନ୍ତି । ସେମାନେ ଠିକ୍ କରିଛନ୍ତି ଲସଭେଗାସ୍ ଯାଇ ବାହାହେବେ । ସେଠାରୁ ହନମୁନ୍ ପାଇଁ ହଓ୍ୱାଇ ଯିବେ । ବାହାଘର ପାଇଁ କାହାକୁ କଛି ହଇରାଣ ହେବାକୁ ପଡିବ ନାହିଁ । ତା ଛଡା ସିଏ ଯଦି ବାହାଘର ପାଇଁ ଟଙ୍କା ରଖିଥାଏ, ତାକୁ ଦେଲେ ସିଏ ଅଗ୍ରୀମ ସବୁ ବୁକ୍ କରିଦେଇ ପାରିବ । ସୁଖଦାର ପାଦ ତଳୁ ପୃଥିବୀ ଯେମିତି ଖସିଗଲା । ଝିଅ ଜନ୍ମ ହେବା ଦିନୁ ଯେଉଁ ସ୍ୱପ୍ନ ଦେଖିଥିଲା ସବୁ କେବଳ ସ୍ୱପ୍ନରେ ହିଁ ରହିଗଲା । ଆଖି ତାର ବିସ୍ତାରିଗଲା କାହିଁ କେଉଁ ଦୂର ଦିଗ୍‌ବଳୟକୁ, ଯେଉଁଠି ଜହ୍ନ ହଜିଯାଏ, ସୁରୁଜ କେତେବେଳେ ମୁହଁ ଲୁଗ୍ଳଏ, ତାରାମାନେ ଟିକ୍ ମିକ୍ ହୋଇ ଲୁଚକାଳୀ ଖେଳନ୍ତି ଆଉ ସମୁଦ୍ର ତାର ଢେଉକୁ ପଠାଉଥାଏ ବେଳାଭୂମୀକୁ । ସୁଖଦା ଭାବିଲା, ସେଇ ଛୋଟିଆ ଢେଉ ଭିତରେ ସିଏ ଲୁଚଯାଆନ୍ତାକ!

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବିଶ୍ୱାସ



ଶଶଧର ମହାପାତ୍ର

"ବିଶ୍ୱାସ' ଶବ୍ଦଟି ଶୁଣିଲେ କାନରେ
ଅଜବ ଅଜବ ଲାଗେ
ସୃଷ୍ଟି ହୋଇଥିଲା ଏଭଳ ଶବଦ
କହି ପାରିବକ କେବେ ?
ରାଜନେତାଟିଏ ସଭା ସମିତିରେ
ଯେବେ ଛିଡାହେଇ କୁହେ
"ବିଶ୍ୱାସ' ଶବ୍ଦକୁ ବ୍ୟବହାର କରି
ବିଶ୍ୱାସଭାଜନ ହୁଏ
ସାଧୁସନ୍ଥମାନେ କଥାକଥାକରେ
କହିଥାନ୍ତି ଏ' ଶବ୍ଦକୁ
ତଥାପି ଭକ୍ତଙ୍କୁ ଜନ୍ମଜନ୍ମ ଲାଗେ
ଅର୍ଥଟିକୁ ବୁଝିବାକୁ
"ବିଶ୍ୱାସେ ମିଳଇ ହରି" କୁହନ୍ତି
ସବୁବେଳେ ଯୋଗୀମାନେ
ତର୍କ କଲେ ହରି ଦୂରେଇ ଯାଆନ୍ତି
ମନେରଖ ସୁଧୀଜନେ
ବିଶ୍ୱାସଯୋଗୁ ଆବିର୍ଭାବ ହେଲେ
ଖୁଣ୍ଟଟିରୁ ନାରାୟଣ
ନରସିଂହ ବେଶ ଧାରଣ କରିଲେ
ରକ୍ଷାକଲେ ଭକ୍ତ ମାନ
"ବିଶ୍ୱାସରେ କାଳେ ବିଷ ହୁଏ ପାଣି'
ମନକୁ ଏ' ନଏ କଣି

ଗୁଣି, ଗାରେଡି ଯୋଗୁ ଭଲହେବା
ଲାଗେ ସତେକ କାହାଣୀ
"ସବକା ସାଥ୍, "ସବକା ବିକାଶ'
ସହିତ ଯୋଡିଲେ ମୋଦି
"ସବକା ବିଶ୍ୱାସ' ପାଇବାକୁ ହେଲେ
କାମ କର ଜଲ୍ଦି ଜଲ୍ଦି
ବିଶ୍ୱାସ ନଥିଲେ ସବୁ ତୁଟିଯାଏ
ଘରଟିଏ ଭାଙ୍ଗିଯାଏ
ଏହାର ମାହାତ୍ମ୍ୟ ବୁଝିବାକୁ ସାରା
ଜୀବନଟା କଟିଥାଏ
ଜଗତର ନାଥ ସ୍ୱୟଂ ଜଗନ୍ନାଥ
ବିଶ୍ୱାସର କେନ୍ଦ୍ର ବିନ୍ଦୁ
ସେଥିପାଇଁ ଓଡିଶାର ଘରେଘରେ
ତାଙ୍କୁ ଦେଖି ହସୁ କାନ୍ଦୁ

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ପ୍ରେମ ଉପନ୍ୟାସ



ରାଜଶେଖର ସି. "ଚମା"

ତୁମ ବଚନ ମହତ୍ତ୍ୱ ଜଣାଏ ତୁମର ସିଦ୍ଧ ବାଗ୍‌ବିନ୍ୟାସ,
ତୁମ କୁଶଳ ଚାତୁର୍ଯ୍ୟ ଜଣାଏ ତୁମର ଉଚତ ବାଗ୍‌ବିଳାସ,
ତୁମ ମେଧା ସମ୍ପଦ ଜଣାଏ ତୁମର ଅନନ୍ତ ନ୍ୟାସ ବିନ୍ୟାସ,
ତୁମ ସମ୍ପ୍ରୀତି ସସ୍ନେହ ଜଣାଏ ଲେଖିବାକୁ ପ୍ରେମ ଉପନ୍ୟାସ |୧|

ମଧୁରସ ମହକ ଜଣାଏ ମକରନ୍ଦ କୁସୁମର ମହତ୍ତ୍ୱ,
ଚକମକ ଚମକ ଜଣାଏ ପୂର୍ଣ୍ଣିମା ଚନ୍ଦ୍ରାଲୋକ ତତ୍ତ୍ୱ,
ଲହର ଲହରୀ ଜଣାଏ ବିସ୍ତୀର୍ଣ୍ଣ ସମୁଦ୍ରର ଗୁରୁତ୍ୱ,
ମସୃଣ ମୃଦୁହାସ ଜଣାଏ ତୁମ ସୌନ୍ଦର୍ଯ୍ୟର ଅସ୍ତିତ୍ୱ |୨|

ତୁମ ସଚିତ୍ର ସ୍ୱରୂପ ଜଣାଏ ତୁମେ ସୁଚିତ୍ର ଚିତ୍ରମାଳା,
ତୁମ ସୁବର୍ଣ୍ଣ ମୁଖ ଜଣାଏ ତୁମେ କାମ୍ୟ କାଞ୍ଚନମାଳା,
ତୁମ ଅଳଙ୍କରଣ ଜଣାଏ ତୁମେ ମଣିମୟ ମଣିମାଳା,
ତୁମ କେଶପାଶ ଗଜରା ଜଣାଏ ତୁମେ ପୁଷ୍ପିତ ମାଳା |୩|

ତୁମ ନୀଳ ନୟନ ପ୍ରଭା ଜଣାଏ ତୁମେ ରତ୍ନଖଚିତ ରତ୍ନମାଳା,
ତୁମ ରଙ୍ଗୀନ ଚିତ୍ରପଟ ଜଣାଏ ତୁମେ ଆକର୍ଷଣୀୟ ଚିତ୍ରକଳା,
ତୁମ ତ୍ରିଭଙ୍ଗୀ ଭଙ୍ଗିମା ଜଣାଏ ତୁମେ ଶୋଭନୀୟ ଶିଳ୍ପକଳା,
ତୁମ ପ୍ରେମ ଉପନ୍ୟାସ ଜଣାଏ କଳାତ୍ମକ ପ୍ରକାଶଭଙ୍ଗୀ ଶାଳା |୪|

chvrajasekhar@gmail.com

# ଯିବି ମୁଁ ସଂସଦ



ଉଦୟନ ସୂପକାର

ଜୀବନରେ ଥିବି ଯେବେ ଯିବି ମୁଁ ସଂସଦ
ଅର୍ଜିବି ପାଞ୍ଚ ବରଷେ ମୁଁ ଅପାର ସମ୍ପଦ||......
ନେତାଙ୍କ ପଦଲେହନ କରିବି ମୁଁ ସର୍ବଦା
ତାଙ୍କ କୃପାରୁ ଲଭିବି ସତେ ମନ୍ତ୍ରୀ ପଦ||......
ବଦଳ ଓ ନଯୁକ୍ତିର ମୁଁ ନେବି ହେ ଆଶ୍ରୟ
ଅର୍ଥ ଲାଭ କରିବାର ତ  ହୋଇବ ଆୟୁଧ||.....
ଦିଆଇବି ଲାଇସେନ୍ସ ପୁଅ ଓ ପୁତୁରାକୁ
ମଲେ ମୁହିଁ ସେମାନେ କରିବେ ମୋ ଶ୍ରାଦ୍ଧ||....
ମଣ୍ଡାଖିଆ ଅସୁର ମୁଁ ଗିଳ ଯିବି ରେ ସର୍ବସ୍ୱ
ହେଲେ ହେଉ ପଛକେ ରେ ଅଜୀର୍ଣ୍ଣ ରୋଗ||....
ସ୍ୱର୍ଗ ନର୍କ ଦେଖିଛି କଏ ମଲା ପରେ ବାବୁ
ସଂସାରେ ରହି କରିବି ସ୍ୱର୍ଗ ସୁଖ ଭୋଗ ||,....
ଜନସେବୀ ବୋଲାଇବି ନଜ ସେବା କରି
ଦୁର୍ନୀତି ର ଯେତେଦିନ ରହିଥିବ ରୋଗ||....

ଭୁବନେଶ୍ୱର, ଓଡିଶା

# ସୁନ୍ଦରବନରେ ଯାତ୍ରା-୨



ଅଶୋକ ବିଶ୍ବାଳ

"ଏଇ ସେପଟଟା ତ ବାଙ୍ଗଲାଦେଶ ।"- କୌଶିକ ପାଟି କରି ଉଠିଲା ।

ତଳେ କାଳନ୍ଦୀ ରାଇମଙ୍ଗଳରେ ମିଶିଛି ଆଉ ଚଉଡା ହୋଇଯାଇଛି । ଏଠି ଉପରକୁ କାଳନ୍ଦୀନଦୀଟା ସେଠି ସମୁଦ୍ର ମୁହାଣର ଥିବା ରାଇମଙ୍ଗଳ ନଦୀପରି ଚଉଡା ନଥିଲା । ଆଉ କୂଳଟା ଝାପସା ଦେଖାଯାଉଥିଲା । କିନ୍ତୁ ଦିଶୁଥିଲା । ଗଛବୃକ୍ଷ ବାରି ହେଉଥିଲା । ସବୁଜ ଗୋଳିଆ ପାଣି । କିଛି ଡଙ୍ଗା ସେପଟେ ଭାସୁଥିଲା ।

ନଦୀର ସେପଟଟା ବାଙ୍ଗଲାଦେଶ । ନଦୀର ମଝିରେ କିଛି ଚିହ୍ନ ନାହିଁ । ମଝି ଜଳରାଶିକୁ ଆନୁମାନିକ ଭାବେ ଦୁଇ ଦେଶର ସୀମା ବୋଲି ମାନି ନିଆ ଯାଇଛି । ସେପଟର ଡଙ୍ଗାସବୁ ସରୁ ସରୁ, ଆଗଟା ଗୋଜିଆ । ଭାରତପଟେ ଭାସୁଥିବା ଡଙ୍ଗାସବୁ ଏତେ ସରୁ ନୁହେଁ । ସେପଟର ଲୋକମାନଙ୍କ ଉପର ଶରୀର ପ୍ରାୟ ଖୋଲା, ଭାରତ ପଟେ ଲୋକମାନେ ଦେହରେ କିଛି କିଛି ପ୍ରାୟ ପିନ୍ଧିଥାନ୍ତି । ଏମିତି ଏକ ସରୁ ନୌକାକୁ କିଛିଟା ଛୁଆ ମଧ୍ୟ ବାହି ନେଉଥିଲେ । ଅବଶ୍ୟ ମଙ୍ଗ ଧରିବାପାଇଁ ବଡ ଲୋକ ଥିଲେ ।

ସେମାନେ ସେମିତି କିଛି ପାଣିରେ ବୁଲିଲେ । ଗୋଟିଏ ଯାଗାରେ ଲଙ୍ଗର ପକାଇ କିଛି ସମୟ ନିରୀକ୍ଷଣ କଲେ । ଯାହା ଦେଖିବାର ଥିଲା ଦେଖିନେଲେ । ଏକ ବାଙ୍ଗଲାଦେଶୀ ଡଙ୍ଗା ବଉଁଶରେ ଧଳା ପାଲ ଟାଣିଦେଲା । ପବନ ଧିରେ ବୋହୁଛି । ଆହୁଲା ସାଙ୍ଗରେ ପବନଯୋଗୁ ଡଙ୍ଗାର ବେଗ ବେଶ ବଢିଯିବ । ଏ ସରୁ ଡଙ୍ଗାଗୁଡିକ ବେଶ ଗତିରେ ଯାଇପାରେ । କିନ୍ତୁ ଲହଡିରେ ଓଲଟି ପଡିବାର ଭୟଥାଏ । ଏଠିକାର ଲୋକମାନେ ଡଙ୍ଗା

ଚଲେଇବାରେ ଆଉ ପହଁରିବାରେ ବେଶ ଓସ୍ତାଦ । ପିଲାମାନେ ମଧ୍ୟ ଏତେ ବଡ ନଦୀରେ ଡଙ୍ଗା ବାହିବା ଶିଖି ନେଉଛନ୍ତି । ଭାରତୀୟ ଡଙ୍ଗା ଆଉ ବାଙ୍ଗଲାଦେଶୀ ଡଙ୍ଗାର ପ୍ରଭେଦ ଏଠି ଭଲ ଭାବେ ଜଣା ପଡି ଯାଉଥିଲା । ଅଧିକାଂଶ ଭାରତୀୟ ଡଙ୍ଗାର ମଝିରେ ଅର୍ଦ୍ଧ ବୃତ୍ତାକାରରେ ବାଉଁଶ ଫାଳମାନ ବଙ୍କେଇଦେଇ ଉପରେ ତାରପୋଲିନ ଟାଣି ବିଶ୍ରାମପାଇଁ ସ୍ଥାନ କରାଯାଇଛି । ଏଇଟା କିନ୍ତୁ ପ୍ରାୟ ବାଙ୍ଗଲାଦେଶୀ ନୌକାରେ ନାହିଁ ।

ପ୍ରାୟ ଅଧଘଣ୍ଟା ପରେ ପାଓଲିଙ୍କର ବୋଟାଟା ସେଉଠୁ ବୁଲୁଥିଲା । ଲଙ୍ଗରଟା ଉଠାଇ ଦିଆଯାଇଛି । ଯଦି କିଛି ଅଧିକ ସମୟ ରହିବାକୁ ପଡେ ତେବେ ଗୌତମ ଲଙ୍ଗରକୁ ତଳେ ଓହ୍ଲାଇଦିଏ । ବୋଟ ଇଞ୍ଜିନ ବନ୍ଦ କରିଦିଏ । ପାଓଲି ଆଉ ତାଙ୍କ ଦଳ ଭଲଭାବରେ କାମ କରି ନଅନ୍ତି । ସେମାନେ ଜିପିଏସ ସାହାଯ୍ୟରେ ସ୍ଥାନ ନିରୂପଣ କରନ୍ତି ଆଉ ଗଛ ଲତାର ଅଧ୍ୟୟନ ଦୂରରୁ କରନ୍ତି । ଏବେ ବାଘ ଭୟ ଯୋଗୁଁ ମାଟିରେ ଓହ୍ଲାଇବେ ନାହିଁ । ଏ ଯାଗାରେ ପାଣି ସୁଅ ବେଶ ଜୋର । ବୁଲୁବୁଲୁ ଡଙ୍ଗାଟା ବାଙ୍ଗଲାଦେଶ ଆଡକୁ ଭାସିଯାଉଥିଲା । ଆନୁମାନିକ ନଦୀର ମଝି ରେଖାଠାରୁ କିଛି ଭିତରକୁ ପଶିଗଲା ।

"ଆରେ ବୋଟ ଜଲଦି ବୁଲା ।"- ଗାୟନବାବୁ ଖଲାସୀ ଉପରେ ଜୋରରେ ପାଟି କରି ଉଠିଲେ । ସେ ଏଇ ଦୁଇବର୍ଷ ହେଲା ରିଟାୟାର କରିଛନ୍ତି । ଏସବୁ ସ୍ଥାନ ବିଷୟରେ ଭଲକରି ଜାଣନ୍ତି । କୁହାଯାଇପାରେ ସୁନ୍ଦରବନର ଏପଟ ବାଙ୍ଗଲାଦେଶ ସୀମାନ୍ତ ଅଞ୍ଚଳ ତାଙ୍କ ନଖ ଦର୍ପଣରେ । ଏପର୍ଯ୍ୟନ୍ତ ତାଙ୍କ ସ୍ୱରରେ ସରକାରୀ ଚାକରୀର ଗରମ ମଧ୍ୟ ଅଛି। ଖଲାସୀ ଟୋକାଟା ହାତରେ ବୋଟର ମଙ୍ଗଥିଲା । ତା'ର ସୁଅ ଆଉ ପବନ ବିଷୟରେ ଜ୍ଞାନ ନାହିଁ । ଗୌତମ ପାଖରେ ଆରାମରେ ଠିଆହୋଇଥିଲା ।

"ବାଙ୍ଗଲାଦେଶ ଜଳସୀମା ଭିତରେ କିଛି କାରଣ ନଥାଇ ତୁମେ ପଶିଯାଉଛ।"- ଗାୟନବାବୁ ଗୌତମକୁ ବକୁଥିଲେ। ବି.ଡି.ଆର୍. ର (ବାଙ୍ଗଲାଦେଶ ରାଇଫଲସ୍) ଲୋକମାନେ ମୋଟେ ଭଲ ନୁହଁନ୍ତି । ଅଯଥାରେ ଝଗଡା ।

ବେଶ କଛି ଦୂରରେ ବି.ଏସ୍.ଏଫ୍ (ବର୍ଡର ସିକୁରିଟି ଫୋର୍ସ)ର ଭାସନ୍ତା କ୍ୟାମ୍ପ ଦେଖାଯାଉଥିଲା । ଭାରତର ସୀମା ପ୍ରହରୀମାନେ ଏତେ ପାଣି ଭିତରେ ପ୍ରହରା ଦେଇ ଚାଲିଛନ୍ତି । ନଦୀଟା ଆଗକୁ କେଇ ଭାଗ ହୋଇଯାଇଛି । ମିଳନସ୍ଥଳ ପ୍ରାୟ ଦୁଇ ତିନ କିଲୋମିଟର ଚଉଡା ଲାଗୁଥିଲା । ସବୁ ଦ୍ୱୀପରେ ଗଛଲତା ଭରା । ପାଣି ଉପରେ ସବୁକିଛି ପରିଷ୍କାର ଦିଶୁଥିଲା । ସାମଶେର ନଗରରେ ବି.ଏସ୍.ଏଫ୍ର ଆସିଷ୍ଟାଣ୍ଟ କମାଡାଣ୍ଟ ବସନ୍ତି । ସାମଶେର ନଗର ବି.ଏସ୍.ଏଫ. ର ଏକ ମୁଖ୍ୟ ଫିଲଡ୍ ଅଫିସ ।

ଟୋକାଟା ଏକଦମ ଚମକ ପଡିଲା । ଗୌତମର ଆଖିଟା ମଧ୍ୟ ବଡ ହୋଇଗଲା । ଖଲାସୀ ଟୋକାଟା ସବୁ ଶିଖିବ ଶିଖିବ ହେଉଛି କିନ୍ତୁ ଏପର୍ଯ୍ୟନ୍ତ ମଙ୍ଗ ମୋଡିବାଟା ଭଲକରି ଶିଖିପାରି ନାହିଁ । ଗୌତମର ଚାହାଣିରେ ଟୋକାଟା ଥରିଗଲା । ସେ ଜୋରରେ ହୁଇଲକୁ ଡାହାଣକୁ ବୁଲାଇ ଚାଲିଲା । ବୋଟଟା ପ୍ରାୟ ଅଧାଗୋଲ ବୁଲି ଭାରତର ଜଳରାଶିକୁ ଚାଲି ଆସିଲା । ଏଣିକ କଛି ଅସୁବିଧା ନାହିଁ ।

ସେପଟେ ବାଙ୍ଗଲାଦେଶ ପଟେ ଅନେକ ଅନେକ ଡଙ୍ଗା । ସେମିତି ସବୁଗୁଡା ଡଙ୍ଗା ସରୁ ଆଉ ଲମ୍ବା । ପ୍ରାୟ ପ୍ରତିଡଙ୍ଗାରେ ରଙ୍ଗ ବେରଙ୍ଗୀ ପାଲ ଲାଗିଛି । ପାଲ ଲାଗିଥିବା ଡଙ୍ଗଗୁଡାକ ପାଣିର ଅନେକ ଭିତରକୁ ଆସିଯାଇଛନ୍ତି । ସବୁ ଡଙ୍ଗା ବାଇନୋକୁଲାର ବିନା ମଧ୍ୟ ସ୍ପଷ୍ଟ ଦେଖାଯାଇଛି । ଏପଟେ ଭାରତପଟେ ଏକ ଛୋଟ ଡଙ୍ଗାରେ ଦୁଇଜଣ ଲୋକ ଧିରେ ଧିରେ ଆହୁଲା ମାରୁଥିଲେ । ସେ ଡଙ୍ଗଟାର ମଝିରେ ଏକ ଛୋଟ ବସିବାପାଇଁ ସ୍ଥାନ। ସେଠି ଏକ ମହିଳା ଶାଢୀ ପିନ୍ଧି ବସିଥିଲେ । ପାଣି ରୂପାଭଳ ଝଲମଲ କରୁଥିଲା । ନଦୀଟା ଚଉଡା ହୋଇଗଲେ ପାଣି ସବୁବେଳେ ସୂର୍ଯ୍ୟକରଣରେ ଝଲମଲ କରୁଥାଏ ।

"ମହିଳାମାନେ ମାଛ ଧରିବାକୁ ଏତେ ଭିତରକୁ ଆସନ୍ତି! ନଦେଖିଥିଲେ ମୋତେ ବିଶ୍ୱାସ କରନ୍ତିନ ।"- ତପନ ନଜର ବିସ୍ମୟ ପ୍ରକାଶ କରୁଥିଲା ।

"ଏ ମହିଳାମାନଙ୍କ ସାହାସ ପାଇଁ ସେମାନଙ୍କୁ ବାହାବା ଦେବା କଥା । ନହେଲେ ଏ ଅଥଳ ପାଣି, ଡକାଏତମାନଙ୍କ ଆଡ୍ଡା ଭିତରକୁ ଆସିବା ପାଇଁ କେହି ସାହାସ କରନ୍ତାନ ।"-ପାଓଲି କହିଲେ ।

"ସେମାନେ ପୁରୁଷ ଉପରେ ସଂମ୍ପୂର୍ଣ ନର୍ଭରଶୀଳ ନୁହଁନ୍ତି । ସେମାନେ ନଜେ ଆହୁଲା ମାରୁଛନ୍ତି । ନଜେ ମାଛ ଧରୁଛନ୍ତି ।"-ପାଓଲି ଟିକଏ ରହି କହିଲେ । ତାଙ୍କୁ ବଡ ଖୁସି ଲାଗୁଥିଲା ।

"ଏ ବଡ ନଦୀକୁ ମହିଳାମାନେ ମଧ ମାଛ ଧରିବା ପାଇଁ ବେଳେବେଳେ ଆସିଯାଆନ୍ତି । ସାନ ନାଳମାନଙ୍କରେ ଅନେକ ମହିଳା ମାଛ ଧରିବାକୁ ଆସିଥାନ୍ତି । କନ୍ତୁ ବଡ ନଦୀରେ ଏମାନଙ୍କ ସଂଖ୍ୟା କମ୍ । ଏତେଦୂରକୁ କଦବା କ୍ୱଚତ କେହି ମହିଳା ଆସନ୍ତି ।" – ଗୌତମ କହିଲା ।

"ସମଶେର ନଗରଟା ଏକ ଟୁରିଷ୍ଟ ସ୍ଥଳ । ବହୁତ ଲୋକ ଏଠାକୁ ଆସନ୍ତି ।"- ହାଲଦାର ବାବୁ କହିଲେ । ସେ ପରିଷ୍କାର ଖୁଅର ହୋଇଛନ୍ତି । କଳା ଦେହଟା ମସୃଣ, ମାଛି ବସିଲେ ଖସିଯିବ । ପାଖକୁ ଏକ ଟୁରିଷ୍ଟ ବୋଟ ଆସିଲା । ଦୁଇ ଡେକ ବାଲା ବୋଟ । ତଳ ଡେକରେ ସବୁ ଝରକାରେ ମୋଟା କାଠର ବାଡା ଲାଗିଛି । ଭିତରୁ ଭଲକରି ଦେଖିହେବ କନ୍ତୁ ବାହାରି ହେବ ନାହିଁ । ଉପର ଡେକରେ ଅନେକ ଚେୟାର ପଡିଥିଲା । ସେଥିରେ କଛି ଲୋକ ବସିଥିଲେ । ସେମାନଙ୍କର ମୁଣ୍ଡହଲା, ହାତହଲା ଦେଖି ଜଣା ପଡୁଥିଲା ସେମାନେ ବହୁତ ଉତ୍ସାହିତ ଅଛନ୍ତି । ବୋଟ ଉପରେ ଏକ କାଠର ଛାତ ଥିଲା । ତା' ଉପରେ ନୀଳ ରଙ୍ଗର ତାର୍ପୁଲିନ ପାଲ ଲାଗିଥିଲା । ବୋଟର ଉପରେ ଏକ ଭାରତୀୟ ପତାକା ଲଗାଇ ଦିଆଯାଇଥିଲା ।

ସେପଟେ ଭାରତପଟ ଏକ ଦ୍ୱୀପରେ ଓ୍ୟାଚ ଟାଓ୍ୱାର ଦେଖାଯାଉଥିଲା । କୂଳରୁ ଅଳ୍ପ ଦୂରରେ । ଏପଟେ ନଦୀ କୂଳ ଖାଉଛି । ଗଛ ବହୁତ ଉପୁଡି ପଡିଛି ।     କୂଳ ସେତେ ଦୂର ପର୍ଯ୍ୟନ୍ତ ଖାଇବନ । ଲୋକେ ଉପରୁ ବାଙ୍ଗଲାଦେଶ ନୌକା ଆଉ ବାଙ୍ଗଲାଦେଶ କୂଳକୁ

ଦେଖନ୍ତି । ଉପରୁ ବାଇନୋକୁଲରରେ ଭଲ ଦିଶେ । ଲୋକେ ତ ଅନ୍ୟଦେଶର ସୀମାନ୍ତ ଦେଖିବାପାଇଁ ଏତେବାଟ ଆସନ୍ତି ।

ଏବେ ଭଟ୍ଟାର ସମୟ । ଖରତପଟେ କୂଳଟା ବେଶି ଦୂର ନଥିଲା । ଏହି ୧୫-୨୦ ଫୁଟ ପରେ କାଦୁଅ । ତାପରେ ଜଙ୍ଗଲ । ଅନ୍ୟ ଜଙ୍ଗଲ ଭଳି ଘଞ୍ଚ ଲାଗୁଥିଲା । ଭିତରକୁ କିଛି ଦିଶୁନ । ସେମିତିଆ ଜଙ୍ଗଲରେ କ ଜୀବ ଜନ୍ତୁ ଜାଣିହେବନ । ଦିନଟାରେ ଜଙ୍ଗଲଟା ଅନ୍ଧାରୁଆ ଲାଗୁଥିଲା ।

"ବାଘ କଣ ୨୦ ଫୁଟ ଡେଇଁ ପାରିବ?"- ତପନ ପଚାରିଲା। ତା'ର ଆଖି ଜଙ୍ଗଲ ଉପରେ ଲାଗି ରହିଥିଲା । କେଉଁଠି କିଛି ହଲଚଲ ହେଲେ ସେ ଫଟକରି ବୁଲି ପଡୁଥିଲେ। ତା' ମନ ଭିତରେ ଯେମିତି ଏକ ମାଛ ପାଣିବିନା ଛଟପଟ ହେଉଥିଲା । ଏଇ ଯେମିତି ଜୀବ ଛାଡିଯିବ । କିଛି ଉତ୍ତର ପାଇବା ପର୍ଯ୍ୟନ୍ତ ସେମିତି ସେ ଛଟପଟ ହେଉଥିବ ।

"ବାଘ କଣ ଏ କାଦୁଅ ଚଡାକୁ ସହଜରେ ଅତିକ୍ରମ କରିପାରିବ?"-ତପନ ପୁଣି ପଚାରିଲା। ହାଲଦାର ବାବୁ କିମ୍ବା ଗାୟନ ବାବୁ ଏ ପର୍ଯ୍ୟନ୍ତ ତା'ର ପ୍ରଶ୍ନର ଉତ୍ତର ଦେଇ ନଥିଲେ । ସେମାନଙ୍କ ବ୍ୟତୀତ କାହାର ସୁନ୍ଦରବନ ଏପରେ ବହୁତ ଧାରଣା ନାହିଁ । ଗୌତମ ଜାଣିଥିବ । କିନ୍ତୁ ଗୌତମ ଏତେ ଜଲଦି ଉତ୍ତର ଦେବବୋଲି କେହି ଭାବୁନଥିଲେ। ହାଲଦାରବାବୁ ତପନକୁ ଅନାଇଲେ । ସେ ତା'ର ବ୍ୟସ୍ତତା ଦେଖି ସାମାନ୍ୟ ହସୁଥିଲେ । ତପନ କେତେ ଡରୁଛି । ବାଘ ଦେଖିନ । କେଉଁଠି ପଡିଥିବ । କିନ୍ତୁ ଏବେଠୁ ବାଘ ବାଘ ହେଉଛି । ଆଗକୁ ତ କେତେ ଦିନ ଅଛି ।

"ବାଘ ଏ ବୋଟ ଉପରକୁ ଆସିପାରିବନ । ଏତେ ଉଚ୍ଚ ଲମ୍ଫ ଦେବା ବାଘ ପକ୍ଷରେ ସମ୍ଭବ ନୁହେଁ ।" - ଗାୟନବାବୁ କହିଲେ । କଥାଟା ଯେମିତି ନାରଦ ବଚନ ଭଳି ଏକଦମ ସତ। କିନ୍ତୁ ତାଙ୍କ କଥାଟା ତପନପୂରା ବିଶ୍ୱାସ କରୁ ନଥିଲା । ତା'କୁ ଲାଗୁଥିଲା ଏ ଲୋକମାନେ ସବୁ କଥାକୁ ହାଲୁକା ଭାବରେ ନଅନ୍ତି । ତେଣୁ ସୁନ୍ଦରବନରେ ଏତେ ଦୁର୍ଘଟଣା ଘଟେ । ନହେଲେ ମୋଟେ ୨୦ ଫୁଟ ଦୂରରେ ଜଙ୍ଗଲ ଆଉ ଗାୟନବାବୁ ଭଳି ଲୋକ

କହୁଛନ୍ତି ବାଘ ବୋଟକୁ ଆସି ପାରିବ ନାହିଁ । ମୋତେ ବିଶ୍ୱାସେଯାଗ୍ୟ ନୁହେଁ । କଥାଟା ସେ ଆନାଲିଟିକାଲି ବା ବେଶ୍ଲେଷଣାତ୍ମକ ଭାବରେ ଭାବୁ ନାହାନ୍ତି ।

ହାଲଦାରବାବୁ ଆଉ କଛି କହିଲେନ । ଶୀତଦିନଆ ସୁଲୁସୁଲିଆ ସାମାନ୍ୟ ଥଣ୍ଡା ପବନ ବୋହୁଥିଲା । ଲୁଣା ଅଂଶ ପବନରେ ମୋଟେ ନାହିଁ । ବାହାରେ ନରମ ଖରା ପଡିଛି । ବୋଟର ହଲଚଲରେ ତାଙ୍କୁ ଟିକଏ ନଦ ଲାଗୁଥିଲା । ସେ ଅରିନ୍ଦମ କଥାକୁ ଆଉ କାନ ନଦେଇ ଢୁଳେଇ ପଡିଲେ ।

ଏ ପଟେ ବାଘ ଅଛି?"-ତପନ ପଚାରୁଥିଲା । ହାଲଦାରବାବୁ ଗାୟନବାବୁଙ୍କ ଆଡକୁ ଅନାଇଲେ । ସେ ଢୁଳଉଛନ୍ତି ।

"ବାଘ ତ ସବୁଆଡେ । ସୁନ୍ଦରବନରେ କେଉଁଠି ନାହିଁ ବୋଲି କହିହେବନ । ଏତେ ଲୋକ ତ ବାଘ ଦେଖିବାକୁ ଆସୁଛନ୍ତି । ବାଘ ନାମରେ ସୁନ୍ଦରବନ ତ ଚାଲୁଛି ।"- ଗାୟନବାବୁ କହିଲେ ।

ତପନ ଆଗକୁ ଅନାଇଲା । ଖରାଟା ତା' ଉପରେ ପଡୁଥିଲା । ଆଖିଟା ଝଲସି ଯାଉଥିଲା । ନଦୀର ଢେଉରେ ପାଣି ନାଚୁଥିଲା ।

"ଏମିତି ଆଲୁଅରେ ଆଖିଟା ଝାପସା ହୋଇଯାଉଛି । ବାଘଟା ଏପଟୁ ଆସିଲେ ତ ଦେଖା ଯିବନ ।"– ସେ କହିଲା । ତାପରେ ସେ ବସିବା ପ୍ଲାଷ୍ଟିକ ଚେୟାରକୁ ପଛକୁ କରିଦେଲା । ପାଓଲି ତପନକୁ ଅନାଇଲେ । ତପନର ଲମ୍ବା ପତଳା ଚେହେରା ଆଗକୁ ଝୁଙ୍କି ପଡିଥିଲା । କଛି କେଉଁଠି ଘଟିଲେ ତପନ ପ୍ରଥମ ଲକ୍ଷ୍ୟ କରିନେବ । ପାଓଲିଙ୍କୁ ତପନର ଏମିତି ପଚାରିବାଟା ଭଲ ଲାଗୁଥିଲା । ବୋଟ ଯାତ୍ରାରେ କଛି ପଚରାପଚରି ବିନା ମଜା ଲାଗିବନ । ସେ ତପନ ଆଡକୁ ଏକ ଚକୋଲେଟ ବଢେଇଦେଲେ ।

"ମାଡାମ୍ । ଦେଖନ୍ତୁ ଏମାନେ କେମିତି ହାଲୁକା ଭାବରେ ସବୁ କଥା କହନ୍ତି?"- ତପନ ମନରେ ସାମାନ୍ୟ କ୍ଷୋଭ ଥିଲା ।

ପାଓଲି ତପନର କଥାରେ ମୁଣ୍ଡ ହଲାଇଲେ । ତପନ ପ୍ରଥମଥର ପାଇଁ ସୁନ୍ଦରବନକୁ ଆସୁଛି । ତେଣୁ ବହୁତ କଥା ତା'ର ବିଶ୍ୱାସଯୋଗ୍ୟ ନହେବା କଥା । ସେ ହାଲଦାରବାବୁଙ୍କ ଆଡକୁ ଅନାଇଲେ । ହାଲଦାରବାବୁ ଉପର ରେଲିଙ୍ଗରେ ଭରାଦେଇ ପାଣିକୁ ଚାହୁଁଥିଲେ । ପାଣି ସେଇଠି ବେଶ ଚଉଡା । ଗଭୀର ପାଣିରେ ଅନେକ ଅନେକ ଡଙ୍ଗା ଭାସୁଥିଲା । ପବନ ନଥିଲା, ତେଣୁ ବଡ ଲହଡି ନାହିଁ । ହାଲୁକା ତରଙ୍ଗ । କେଉଟମାନେ ଜାଲ ପାଣିକୁ ଓହ୍ଲାଇ ଦେଇଥିଲେ । ଦୂରରେ କଛି ଡଲଫିନ ଉଠି ବୁଡିବା ଭଳି ଜଣା ପଡୁଥିଲା । ସେତେ ଦୂରକୁ ଗଲେ ସମୟ ଅଯଥାରେ ନଷ୍ଟ ହେବ । ସେମାନେ ନିଜର ଗନ୍ତବ୍ୟ ପଥରେ ଆଗେଇଲେ ।

"ଆପଣ ସୁନ୍ଦରବନରେ କେବେଠାରୁ ବୁଲୁଛନ୍ତି?"- ପାଓଲି ହାଲଦାରବାବୁଙ୍କୁ ଅନାଇ ପଚାରିଲେ ।

"୨୦୦୫ ମସିହାରୁ ।"-

"ଏତେ ଦିନ । ପାଣିରେ ବହୁତ ସମୟ କଟାଇଲେଣି ।"-

"ପେଟ ପାଟଣା କଥା । ଆସିବାକୁ ପଡେ ।"-

"ଆଉ ଏ ଟୁରିଷ୍ଟମାନେ?"-

"ଗୋଆସାବା ବା ସଜନାଖାଲିରୁ ଆସୁଛନ୍ତି ।"

ଏ ଭିତରେ ସେମାନେ ମୁଖ୍ୟ ନଦୀକୁ ଛାଡି ଏକ ଚଉଡା ନାଳରେ ପଶିଥିଲେ । ଏମିତିଆ ନିଛାଟିଆ ଚଉଡା ନାଳ କୂଳରେ ଜୀବଜନ୍ତୁ ଦେଖାଯିବାର ସମ୍ଭାବନା ଅଧିକ । ସେ ପାଣି ରାସ୍ତାରେ ଅନେକ ଟୁରିଷ୍ଟ ବୋଟ ଯାଉଥିଲା । ସବୁ ବୋଟରେ ଲୋକମାନେ ଉତ୍ସୁକତାର ସହ ଜଙ୍ଗଲକୁ ଚାହୁଁଥିଲେ । ଗୋଟାଏ ବୋଟ ଅଟକଗଲେ ସବୁ ବୋଟ ଅଟକ ଯାଉଥିଲା । କେହି କନ୍ତୁ ମାଟିକୁ ଓହ୍ଲାଉ ନଥିଲେ । ସମସ୍ତେ ଚାରିଆଡକୁ ଚାହୁଁଥିଲେ ।

"ଖାଇବାଟା ଆଜି ଚକେନ, ସରୁ ଆଳୁଭଜା, ପାମ୍ପଡ, ଡାଲି ଆଉ ମିଠା ଚଟଣି ।" – ତପନ ଧିରେଆସି ଡେକରେ କହିଲା । ସେ ଏ ଭିତରେ ତଳକୁ ଯାଇ ଖାଇବା ଖବର ନେଇଆସିଛି ।

ବାଘ କମ୍ବା ଟୁରିଷ୍ଟ ବା ଜୀବଜନ୍ତୁଙ୍କ କଥା ଆଉ ଆଗେଇଲାନ । ହାଲଦାରବାବୁଙ୍କ ମନ ବୁଝିଲାନ । ସେ ପଛ ଶିଡିଦେଇ ଇଞ୍ଜିନ ଘରକୁ ଓହ୍ଲାଇଗଲେ । ସେଇଠି ବୋଟର ରୋଷେଇ ଘର । ବୋଟରେ ରୋଷେଇଟା ରାଗ ମସାଲା ବିନା ହୋଇପାରେନା । ଦିନେ ଖାଇହେବ । କନ୍ତୁ ଦିନକରୁ ଅଧିକ ନୁହେଁ । ଅଧିକ ଖାଇଲେ ନଶ୍ଚିତ ଭାବେ ପେଟ ଖରାପ ହେବ । ଆଗକୁ ଆହୁରି କଛିଦିନ ରହିବାର ଅଛି ।

"ଖାଇବାଟା ମୋଟେ ରାଗ କରିବନ ।"- ହାଲଦାରବାବୁ ରୋଷେଇଆକୁ ତାଗିଦ କରୁଥିଲେ । ମନ ବୁଝିଲାନ । ସେ ତେଲ ମସାଲାକୁ ନରିଖେଇ କରି ଅନେଇଲେ ।

ଦଲକାଏ ଜୋର ପବନ ବୋହି ଆସିଲା । କଛି କାରଣ ନାହିଁ ହଠାତ୍ ପବନ ବୋଟକୁ ହଲାଇ ଦେଲା । ବୋଟ ଧପ୍ କରି ଜୋରରେ ପାଣିରେ ପଡିଲା । ସମସ୍ତେ ପ୍ରାୟ ଛିଟିକ ପଡିଲେ । ଆଗରେ ଅନେକ ପ୍ରକାରର ବୋଟ । କଛି ବୋଟ ତ ସେମାନଙ୍କ ବୋଟ ତୁଳନାରେ ବହୁତ ବଡ । ଏକ ଏକ ଛୋଟ ଜାହାଜ କୁହାଯାଇପାରେ । ପାଓଲି ସବୁଆଡକୁ ଅନାଉଥିଲେ । ଏପଟ ଜଙ୍ଗଲରେ ଜାଲି ଲାଗିନ । ଗାଁ ଥିବା ପାଖ ଜଙ୍ଗଲରେ ଜାଲି ଲାଗିଛି । ସବୁ ଦ୍ୱୀପରେ ଜାଲି ଲଗାଯାଇନ । ଆବଶ୍ୟକ ନାହିଁ । ସବୁ ଦ୍ୱୀପରେ ଲୋକ ରହୁ ନାହାନ୍ତି ।

"ବାଘ କେବେ ଏ ଆଖ ପାଖ ଗାଁରୁ ମଣିଷ ଖାଇଛି?"- ତପନ ପଚାରିଲା ।

କଛି ନଥିବ ହଠାତ୍ ଏଠି ସୁନ୍ଦରବନ ଭିତରେ ସବୁ କଥା ବାଘକୁ ନେଇ ଆରମ୍ଭ ହୋଇଯାଏ । କଏ ନା କଏ ବାଘ କଥା ଆରମ୍ଭ କରିଦିଏ । ଅବଶ୍ୟ ଏ ବୋଟରେ ତପନ ସବୁବେଳେ କଥା ଆରମ୍ଭ କରୁଥିଲା । ଅନ୍ୟ ବୋଟରେ ମଧ କଏ କଥା ଆରମ୍ଭ କରିଦିଏ ।

"ଏଇ ଗତ ସପ୍ତାହରେ । ସଜାନଖାଲି ପାଖ ଜଙ୍ଗଲରେ ବାଘ ମଣିଷ ଶିକାର କରିଛି । ଚାରିଆଡେ ଚୁପା ଗୁଞ୍ଜନ । ଏ ବାଘ ଆକ୍ରମଣରୁ କେବେ ମୁକ୍ତି ମିଳବ?"- ଗୌତମ କହୁଥିଲା । ଏ ବାଘର ମଣିଷ ଶିକାର କଥା ଶୁଣି ଶୁଣି ଗୌତମ ଥକଗଲାଣି । ତା' ଗାଁର ତିନଜଣ ବାଘ ମୁହଁରେ ଗଲେଣି ।

"ଆପଣ କଣ କହୁଛନ୍ତ!"– ପାଓଲି ପ୍ରାୟ ଚମକ ପଡିଲେ । ବାଘ ଏଇ ଗତ ସପ୍ତାହରେ ମଣିଷ ଖାଇଛି ଆଉ ଏମାନେ ଏଠିକୁ ବୁଲିଆସିଛନ୍ତି?

"ବାଘ ମଣିଷ ଗାଁରୁ ମାରିନ । ଜଙ୍ଗଲ ଭିତରେ ମଣିଷକୁ ଧରିଛି । ଡଙ୍ଗାରେ ମଣିଷକୁ ଧରିନ ।"– ହାଲଦାରବାବୁ କହିଲେ ।

ତାଙ୍କକଥାକୁ କେତେ ବିଶ୍ୱାସ କରାଯାଇପାରିବ? ପାଓଲି ଭାବୁଥିଲେ ବୋଟ ଚାଳକମାନେ ବା ବୋଟରେ ଥିବା ଲୋକମାନେ ଅନେକ ସମୟରେ ମନଗଢା କଥା କୁହନ୍ତି । ବୋଟର ଅତିଥିମାନେ ଆମୋଦିତ ହେବେ । ବାଘ ବିଷୟଟା ଲୋମ ଟାଙ୍କୁରାଇଦିଏ । କଥା ହେବାପାଇଁ ଏକ ଭଲ ଖୋରାକ ଯୋଗାଇ ଦିଏ । ଆକ୍ରମଣ ଆଉ ମୃତ୍ୟୁର ଖବରରେ କାନ କେମିତି ଥରୁଥାଏ । ଆଉ କଛି ମନ ଭିତରେ ପଶେନ । ଏମିତିଆ ହାଡଥରା ଖବରସବୁ କଲିକତା ଆଉ ବଡ ସହରମାନଙ୍କରେ ପହଞ୍ଚିଯାଏ । ଟୁରିଷ୍ଟମାନେ ଧାଡିକରି ଛୁଟି ଆସନ୍ତି ସୁନ୍ଦରବନର ପାଣିକୁ । ବାଘ ଡରର ମଜା ନେବେ ।

"ବାଘ ମୋଟେ ଗାଁରୁ ମଣିଷ ମାରିନ! ଅନେକ ସମୟରେ ଗାଁକୁ ବାଘ ଆସିଛି । ଆଉ ଆପଣ କହୁଛନ୍ତି ଗାଁରୁ ବାଘ ମଣିଷ ମୋଟେ ମାରିନ ।"– ତପନ କହିଲା ।

ହାଲଦାରବାବୁ କଛି କହିବା କହିବା ହେଉଥିଲେ । କନ୍ତୁ ଗାୟନବାବୁ ତାଙ୍କର ମୋଟା ସ୍ୱରରେ ନଜର ରାୟ ଶୁଣାଇବାକୁ ଚାହୁଁଥିଲେ । ସେ ଏଠିକାର ରିଟାୟାର୍ଡ ଲୋକ । ବାଘ ଉପରେ ତାଙ୍କର ଅଗାଧ ଜ୍ଞାନ ଅଛି ବୋଲି ଅନ୍ୟମାନେ ବିଶ୍ୱାସ କରନ୍ତୁ । ତାଙ୍କ ନଦ

ଭାଙ୍ଗିବାର ଅନେକ ସମୟ ହେଲାଣି । କଛି କଥାରେ ସେ ମୁଣ୍ଡ ପୁରାଇବାକୁ ଭାବୁଥିଲେ । ଖାଲିରେ ସମୟ ଯିବାକୁ ଦେବା କଥା ନୁହେଁ ।

"ବାଘ ମୋଟେ ଗାଁରୁ ମଣିଷ ମାରେନା"- ଗାୟନବାବୁ ବଡ ଗମ୍ଭୀର ସ୍ୱରରେ କହିଲେ । ସମସ୍ତେ ତାଙ୍କୁ ଆଁ କରି ଅନାଇଲେ । ତାଙ୍କ କଥାଟା ଏମିତି ଯେ ସଥିରେ କଛି ମିଛ ମିଶିଛି ବୋଲି କେହି କେବେ ଭାବି ପାରିବନ । ତାଙ୍କ କଳାଚଆ ଦାଗ ପଡିଯାଇଥିବା ମୁହଁ ବେଶ ଓଜନଆ ଲାଗୁଥିଲା । ନାକ ତଳେ ଗୋଛାଏ ମୋଟା ଧଳା ନଶ ସିଧା ହୋଇ ବାହାରିଛି । "ଏଠିକାର ଘରଦ୍ୱାର ଦେଖିଛନ୍ତି ତ । ପ୍ରାୟ ଝାଟିମାଟି ଘର । ଏଠାକାର ଲୋକେ ଏମିତି ଘର ଦୁଆରରେ ଛିଟିକଣି ଦେଇ ଶୁଅନ୍ତି ନାହିଁ । ଅନେକ ସମୟରେ ବାଘ ମଣିଷକୁ ଡେଇଁ ଗୁହାଳକୁ ଯାଇ ଗାଇ ବାଛୁରୀ ମାରିଛି । କନ୍ତୁ ମଣିଷ ଶିକାର ଘର ଭିତରେ କରିନ ।"– ଗାୟନବାବୁଙ୍କ କଣ୍ଠ ବେଶ ଭାରି । ଏତେ ଭାରି କଣ୍ଠତଳେ ବୋଟର ଧପ୍ କରି ପଡୁଥିବା ଶବ୍ଦ ଲୋପ ପାଇଯାଉଥିଲା ।

"ତେବେ ଏ ଶିକାର? ଏଇଟା ତ ସଜନାଖାଲି ପାଖରେ । କେତେ ବୋଟ ସେ ଆଡେ ବୁଲୁଛି । ଟୁରିଷ୍ଟମାନଙ୍କ ହାଉଯାଉ ।"– ତପନ କହିଲା ।

"କନ୍ତୁ ମଣିଷ ମାରିଥିବା ଯାଗାଟା କେଉଁଠି ? ଗାଁରୁ ବେଶ ଦୂରରେ । ଏସ ଟି ଆର୍ ଭିତରେ । ଲୋକଟା ଦେଶୀ ଡଙ୍ଗା ନେଇ ଭିତରକୁ ଯାଇଛି । ସରୁ ନାଳରେ ମାଛ ଧରୁ ଧରୁ ଜଙ୍ଗଲକୁ ଲକ୍ଷ୍ୟ କରିନ । ଏଇ ଅସାବଧାନତା ହେତୁ ବାଘ ତା'କୁ ଧରିନେଇଛି ।"– ସେ କହିଲେ । ସଜନାଖାଲି ପାଖରେ ଜଙ୍ଗଲ । ତାପରେ ଗାଁ ଗଣ୍ଡା ସରିଯାଇଛି । ଲୋକେ ମାଛ ଧରିବାକୁ ନଷିଦ୍ଧ ଯାଗାକୁ ପଶି ଯାଉଛନ୍ତି । ଲୋକମାନଙ୍କୁ ଯେତେ ମନାକଲେବି ମାନୁନାହାନ୍ତି । ଭଲ ମାଛ ଭିତରେ ମିଳେ ।

ସକାଳଟା ବହୁତ ବେଶି ବେଳ ହେଲା ଯାଇନ । ଛୋଟ ଛୋଟ ଲହଡିଟା ରୂପାର ଦର୍ପଣରେ ପୁରା ବଦଳ ଯାଇନ । ସାମାନ୍ୟ କ୍ କ୍ ଶବ୍ଦ ହେଲା । କଛି ଅସ୍ୱାଭାବିକ ଶବ୍ଦ ବୋଟ ଭିତରକୁ ପଶି ଆସୁଥିଲା । ବୋଟଟା ବେଶ ଜୋରରେ ଗ୍ଲୁଛି ।

"ଡଲଫିନ ନା ଆଉ କଣ? ଡଲଫିନମାନେ ବେଳେବେଳେ ଶବ୍ଦ କରନ୍ତି । ଶୁଣିହୁଏ ।" – ତପନ ମନେ ମନେ ଭାବୁଥିଲା । ତା'ର କାନରେ ସବୁ ଶବ୍ଦ ପଶିଯାଏ । ତା'ର ମନରେ ସବୁବେଳେ ଏକ ମାଙ୍କଡ ଡେଉଁଥାଏ । ସେ କିଛି ନା କିଛି କରିବାକୁ ଚାହେଁ ।

କିଛି ସମୟ ଆଗରୁ ପାଣିରେ ଡଲଫିନ ଦେଖାଯାଉଥିଲା । ରାଇମଙ୍ଗଳ, ହରିଣଭଙ୍ଗା, ବିଦ୍ୟା ଆଦି ବଡ ନଦୀରେ ଡଲଫିନ ପ୍ରାୟ ଦେଖା ଯାଆନ୍ତି । ଇରାବତୀ ଡଲଫିନ ଏସବୁ ନଦୀରେ ଢେର ସଂଖ୍ୟାରେ ମିଳନ୍ତି । ଡଲଫିନଟାଏ ଆଗରୁ ପାଣିରେ ଟିକେଏ ଉଠି ବୁଡି ଯାଇଥିଲା । ପିଠିଟା ପାଉଁଶିଆ କଳା । ଡଲଫିନ ପୁରା ଶରୀର ଦେଖାଯାଉନ । ପିଠିର କିଛି ଅଂଶ ଅଳ୍ପ କେଇ କ୍ଷଣ ପାଇଁ ଦେଖାଯାଏ । ଡଲଫିନ ଭଳି ଅନ୍ୟମାଛ ଏମିତି ଡୁବୁକ ମାରି ଉଠନ୍ତି ନାହିଁ ।
କିନ୍ତୁ ଶବ୍ଦଟା ପାଣିରୁ ଆସିଲା ଭଳି ଲାଗୁନଥିଲା । ତାହେଲେ ଏ ଶବ୍ଦ କଣ?

ତପନ କିଛି ବୁଝିପାରୁ ନଥିଲା । ତା'ର କାନଟା ଠେକୁଆ ଭଳି ଠିଆ ହୋଇଯାଇଥିଲା । ସବୁ ଶବ୍ଦ କାନ ଭିତରେ ପଶୁ । ତେଣିକି ମସ୍ତିଷ୍କ ସେ ଶବ୍ଦକୁ ଠିକ ଭାବରେ ବିଶ୍ଳେଷଣ କରିବ । ବାଘର ଏତେ ପତଳା ଶବ୍ଦ ହୋଇ ନପାରେ । କିଛି ଜୀବ କଣ ଭୁଲରେ ବୋଟ ଭିତରକୁ ପଶିଆସିଛିକି? ବେଶ ପରିଷ୍କାର କ୍ କ୍ ଶବ୍ଦ । ସେ କିଛି ବୁଝିପାରିଲା ନାହିଁ ।

"ଆସନ୍ତୁ ଦେଖିବେ ।"- ଗୌତମ କହିଲା ।



"ପୂର୍ବ ଦେଶୀ କୁକୁଡା । ଆପାଣଙ୍କ ଖାଇବା ପାଇଁ ସବୁପ୍ରକାର ବନ୍ଦୋବସ୍ତ ହୋଇଛି ।" – ଗ୍ରେଷେଇଆ କହିଲ୍ ।

ଦେଶୀ କୁକୁଡାର ବେଶ ଭଲ ଟେଷ୍ଟ । ତଟକା ମାଂସ ମିଳବ । ବ୍ରୟଲର ଚକେନ ଏତେ ଭଲ ଲ୍ଗେନାହିଁ । ମସଲ୍ ମସଲି ଦେଇ ର୍ାନ୍ଧିଲେ କୁକୁଡା ମାଂସଠାରୁ ଆଉ କଛି ମାଂସ ଭଲ ନାହିଁ । ଅବଶ୍ୟ ଏହାକୁ ଖାସି ମାଂସ ସହ ତୁଳନା କର୍ାଯାଇପାରେ । ସୁନ୍ଦରବନରେ ଖାସି ମାଂସଟା ବେଶ ଭଲ । କନ୍ତୁ ଖାସି ମାଂସ ତଟକା ରଖାଯାଇ ପାରିବ ନାହିଁ । ବୋଟରେ ରେଫ୍ରିଜେରେଟର ନାହିଁ ।

ତପନ ତଳକୁ ଓହ୍ଲାଇ ଯାଇ ଗଳ ଅନାଇଲ୍ । ଦୁଇଟା ଦେଶୀ କୁକୁଡା ଗୋଡରେ ବନ୍ଧା ହୋଇଛନ୍ତି । ଟିକଏ ଗ୍ଳିପାରିବେ । କନ୍ତୁ ଉଡି ପଳାଇ ପାରିବେ ନାହିଁ । ସେମାନଙ୍କ ଖାଇବା ପାଇଁ କଛି ଗ୍ଉଳ ବିଞ୍ଚି ଦିଆଯାଇଛି । ଏକ ଗିନାରେ ପାଣି ରଖାଯାଇଛି ପିଇବା ପାଇଁ । କୁକୁଡାମାନେ ମରିବେନ । ତଟକା ମାଂସ ମିଳବ । ବୋଟର ଅତିଥିମାନଙ୍କ ପାଇଁ ସବୁବେଳେ ଭଲ ବନ୍ଦୋବସ୍ତ ଥାଏ ।

ପାଓଲି କନ୍ତୁ ମଧ୍ୟାହ୍ନ ଭୋଜନରେ କୁକୁଡା ମାଂସ ଖାଇ ପାରିଲେ ନାହିଁ । ତାଙ୍କ ଆଗରେ ମର୍ାଯାଇଥିବା କୁକୁଡାକୁ ଖାଇବାକୁ ତାଙ୍କୁ କଣପାଇଁ ଭଲ ଲ୍ଗିଲ୍ ନାହିଁ ? ଖାଇବାଟା ଅବଶ୍ୟ ବେଶ ସୁଆଦିଆ ଥିଲ୍ । କୁହାଯାଇପାରେ ଦାରୁଣ ଥିଲ୍ । କାରଣଟା କଛି ଭିନ୍ନ ଥିଲ୍ । ସେ ସେଇ କାରଣପାଇଁ ଖାଇ ପାରି ନଥିଲେ । ଅନ୍ୟମାନେ ବି ଭଲକରି ଖାଇପାରିଲେ ନାହିଁ ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

# କଣ ହେଲା?



ଡ. ଜ୍ଞାନେଶ୍ୱର ମିଶ୍ର

ହରିଦାସ ପୁଅ ଡାକ୍ତରୀ ପାସ୍ କଲା

ଅଧିକା ପଇସା ଭୁଲ୍ ଅପରେସନ

ରୋଗୀଙ୍କୁ ମାରିବା ଡାକ୍ତରଙ୍କ ସଂଖ୍ୟା ବଢିଲା ।

ଗୋବିନ୍ଦ ତିଆଡି ପୁଅ ଆଇ.ଏ.ଏସ୍. ପାଇଲା

ଲାଞ୍ଚ ଖାଇ କୋଠାବାଡି କରିବାର ରାସ୍ତା ମିଳିଗଲା ।

ନଳିଆ ପୁଅଟା ଗାଁ ସ୍କୁଲରେ ମାଷ୍ଟ୍ର ହେଲା

ମିଡ୍-ଡେ ମିଲ୍ ତା ଘରେ ଡେଲି ମିଲ୍ ହେଲା ।

ବୁଲା ରିକ୍ସା ବାଲାଟା ମରିଗଲା

ଗରିବଙ୍କ ସଂଖ୍ୟା ଗୋଟେ ତ କମିଲା ।

ସିଂହ ନନ୍ଦନ ଭୋଟରେ ଜିତିଥିଲେ

ଛ ମାସ ପରେ ସି.ବି.ଆଇ. ତଦନ୍ତରେ ଜେଲରେ ପଶିଲେ ।

ମୂଷା ଭାଇ ପୁଅ, ଇଂଜିନିୟରିଂ ପାସ୍ କରି ବେକାର ବୁଲିଲା

ମଦ, ମାଂସ ଗଂଜେଇର ଦାମ୍ ବଢିଲା

ଗାଁ ଝିଅ ବୋହୂଙ୍କ ସୁରକ୍ଷା ବିପଦ ଆସିଲା ।

ମହାରଥୀ ସାରଥୀଙ୍କ ଗୁମର ଫିଟିଲା

ସବୁ ବାବା ଭଣ୍ଡ ବାବା, ବିଶ୍ୱାସ ତୁଟିଲା ।

ଜଗନ୍ନାଥଙ୍କର ବ୍ରହ୍ମ ପରିବର୍ତ୍ତନ

ରାତି ଅଧ ବଦଳରେ ହୋଇଗଲା ଦିନ ।

କଣ ହେଲା **??**

ଆମେ ଓଡିଆ, ଓଡିଶା ଆମର ଘର

କହିବାକୁ ଭୀଷଣ ଲାଜ ଲାଗିଲା ।

୪୯/୫/ଏଚ, କାର୍ଲ ମାର୍କ୍ସ ସରଣୀ,
ଖିଦିରପୁର, କୋଲକତା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଅସାମାନ୍ୟ



ହରେରାମ ପଣ୍ଡା

ବିନ୍ଦୁବିନ୍ଦୁ ଜଳ ନୁହଁଇ ସାମାନ୍ୟ
ମିଶି ହୋଇଥାଏ ନଈ,
ନଦୀ ବା ଝରଣା ଜଳଦାନ କରି
ଜୀବନ ଥାନ୍ତି ବଞ୍ଚାଇ ।

କେତେବେଳେ ସେହି ବୁନ୍ଦେ ଜଳ ପାଇଁ
ଜୀବନ ହୁଏ ବିକଳ,
ଆଉ କେତେବେଳେ ଜୀବନ ଅଥୟ
ଜଳ ହୋଇଲେ ବହୁଳ ।

ଗୋଟିଗୋଟି କରି ପଇସା ସଞ୍ଚିଲେ
ହୁଏ ଜଣେ କୋଟିପତି,
ଗୋଟିକୁ ସାମାନ୍ୟ ମଣିଲେ ଜୀବନେ
ଆସଇ ନାନା ଦୁର୍ଗତି ।

ଫୁଲରୁ ଫୁଲକୁ ଉଡ଼ି ମହୁମାଛି
ସଞ୍ଚିତ କରଇ ମଧୁ,
ମଧୁର ସୁଆଦ ମଣିଷ ଚାଖଇ
ଏ କଥା ଜାଣିଥା ବନ୍ଧୁ ।

ଟିକଟିକ ତାର୍ ଆକାଶକୁ ଶୋଭି
ଉଦ୍ୟାନକୁ ଟିକ ଫୁଲ,
ଟିକଟିକ ଶିଶୁ ନୁହଁନ୍ତି ସାମାନ୍ୟ
ସମ୍ପଦ ଆମ ଦେଶର ॥

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ,
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

# କର୍ମ ଜୀବନ ମନ୍ତ୍ର



ଆଶୁତୋଷ ମେହେର

କର୍ମ ହିଁ ଜୀବନ ଆକାଶ ଉପରେ
ଇନ୍ଦ୍ରଧନୁ ରଂଗ ଭରେ
କର୍ମ ଗାଇ ଥାଏ ଜୀବ ମୂଳ ମନ୍ତ୍ର
ପ୍ରଗତି ର ବାରି ଧାରେ ।।
ଆଗକୁ ଆଗକୁ ବାଟ କାଢି ନିଏ
ଦୁଃଖ ପରାଭବ ଡେଇଁ
ଅନ୍ଧାରି ମୂଳକ ସୁଡଙ୍ଗ ପରେ ତ
ଆଲୋକର ଚରାଭୂଇଁ ।।
କର୍ମରୁ ବଦଳେ ମରୁ ଚରା ମାଟି
ସବୁଜ ଶ୍ୟାମଳ ରଂଗେ
ହତାଶ ବାଦଲ ପଛେ ହଟି ଯାଏ
ସଫଳତା ଆଗ ଭାଗେ ।।
କର୍ମ ଯେବେ ହସେ କରି କରି କରି
ସଫଳତା କୁହେ ବାଣୀ
ଯୁଗ ଯୁଗ ରହେ ଶୀଳାଲେଖା ପରି
ସ୍ୱର୍ଣ୍ଣାକ୍ଷରେ ହସେ ପୁଣି ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ଶସ୍ତାରୁ ଅବସ୍ଥା



ଡକ୍ଟର ବିଜ୍ଞାନୀ ଦାସ

ଆୟର୍ଲାଣ୍ଡ ଦେଶର ରାଜଧାନୀ ଡବ୍‌ଲିନ୍ ସହର । ଅନୁ ସେ ସହର ବିଷୟରେ କେତେକେତେ କାହାଣୀ ସବୁ ପଢିଥିଲା । ସେ ସହରଟିକୁ ଦେଖିବାର, ଆବିଷ୍କାର କରିବାର ପ୍ରବଳ ଇଚ୍ଛା ତା ମନରେ । ହେଲେ ବେଲ୍‌ଫାଷ୍ଟରୁ ଆସୁଥିବା ଏୟାରକୋଚ୍ ବସ୍ ଡବ୍‌ଲିନ୍‌ର ଓ'କନେଲ୍ ଷ୍ଟ୍ରିଟ୍‌ର ବସ୍ ଷ୍ଟପ୍ ରେ ପହଞ୍ଚିବା ବେଳକୁ ଅନ୍ଧାର ହୋଇଯାଇଥିଲା । ସେତେବେଳକୁ ସନ୍ଧ୍ୟା ସାଢେ ୭ଟା । ଝିପିଝିପି ମେଘ ପକାଉଥାଏ । ବସ୍‌ରୁ ଓହ୍ଲାଇସାରି ଝିଅ ସୋନକୁ ଅନୁ ପଚାରିଲା, "ଏବେ କେଉଁ ଦିଗରେ ଚାଲିକରି ଯିବା?"

ସୋନ ତା' ସେଲଫୋନ୍ ଚେକ୍ କରିବାକୁ ଚାହିଁଲା, ହେଲେ ସେଠି ୱାଇଫାଇ କାମ କରୁନଥିଲା । ଏବେ କଛି ଜାଣି ହେଉନଥାଏ । ଏହି ସମୟରେ ସୋନର କନ୍‌ଫରେନ୍‌ସ୍‌କୁ ଯୋଗ ଦେବାକୁ ଯାଇଥିବା ଡବ୍‌ଲିନ୍‌ର ଜଣେ ବ୍ୟକ୍ତି ମଧ ବସ୍‌ରୁ ଓହ୍ଲେଇଲେ । ସିଏ ଆସି ସୋନକୁ ପଚାରିଲେ, "କଣ କଛି ସାହାଯ୍ୟ ଦରକାର ?"

ସୋନ କହିଲା, "ନା, ସେମିତି କଛି ଆବଶ୍ୟକତା ନାହିଁ । ମୁଁ ଏଠି ରହିବା ପାଇଁ ଗୋଟିଏ ଏ.ଆଇ.ଆର୍.ବି.ଏନ୍.ବି. ଠିକ୍ କରିଥିଲି ଯେ, ହେଲେ ଏଠି ୱାଇଫାଇ କାମ କରୁନଥିବାରୁ ସେଠିକୁ ଯିବାପାଇଁ ମାନଚିତ୍ରଟି ଦେଖିପାରୁନ । ସେ ଭଦ୍ରବ୍ୟକ୍ତି ଜଣକ ନିଜ ସେଲ୍ ଫୋନ୍ କାଢି ମାନଚିତ୍ର ଦେଖିବାକୁ ଚାହିଁଲେ । ହେଲେ ତାଙ୍କ ଫୋନ୍ ବି କାମ କରିଲାନି । ଏବେ ଅନୁକୁ ସେପଟେ ଗୋଟିଏ ସୂଚନା କେନ୍ଦ୍ର ଦେଖାଗଲା ଓ ସିଏ ସୋନକୁ କହିଲା, "ଚାଲେ ଆମେ ସେ ସୂଚନା କେନ୍ଦ୍ରରେ ପଚାରି ବୁଝିବା ।"

ସେମାନେ ସୋନର ସେ କନ୍‌ଫରେନ୍‌ସ୍‌ର ଭଦ୍ରବ୍ୟକ୍ତିଙ୍କଠାରୁ ବିଦାୟ ନେଲେ ଓ ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ସୂଚନା କେନ୍ଦ୍ରକୁ ଆସିଲେ । ସେଠି ସେମାନେ ଏ.ଆଇ.ଆର୍‌.ବି.ଏନ୍‌.ବି. ସ୍ଥାନର ଠିକଣା ଦେଖି ଜଣେଇଲେ ଯେ ସେ ସ୍ଥାନକୁ ୪୦ ନମ୍ବର ବସ୍ ନେଇ ଯିବାକୁ ପଡିବ । ୬ଟା ଷ୍ଟପ୍ ପରେ ଓହ୍ଲେଇ କଛି ବାଟ ଚାଲିବାକୁ ପଡିବ । ଅନୁ ଓ ସୋନ ୪୦ ନମ୍ବର୍ ବସ୍‌କୁ ଅପେକ୍ଷା କରି ରହିଲେ । ପନ୍ଦର ମିନଟ୍ ପରେ ଆସନ୍ତା ବସ୍ ଆସିବ ବୋଲି ସେଠି ପ୍ରଦର୍ଶନ ବୋର୍ଡରେ ଜଣାଇ ଦିଆଯାଉଥିଲା । କଛି ଗୋଟିଏ ହରତାଳ ପାଇଁ ବସ୍ ଡେରିରେ ପହଞ୍ଚିବ ।

ପନ୍ଦର ମିନଟ୍ ପରେ ବସ୍ ଯେତେବେଳେ ପହଞ୍ଚିଲା, ସେମାନେ ବସ୍ ଉପରକୁ ଚଢିଲେ । ବସ୍ ଡ୍ରାଇଭର୍ ପାଖରୁ ଟିକେଟ୍ କଣିବେ ବୋଲି ପଚ୍ଚାରନ୍ତେ ସିଏ ଠିକ୍ ଛବେ ୬ ୟୁରୋ ଖୁଚୁରା ଦେବାକୁ ଜଣାଇଲା । ହେଲେ ସେମାନଙ୍କ ପାଖରେ ଠିକ୍ ୬ ୟୁରୋ ଖୁଚୁରା ନଥିଲା । ଅତଏବ୍ ସେମାନେ ବସ୍‌ରୁ ତଳକୁ ଆସିଲେ ଓ କେମିତି ଖୁଚୁରା ଯୋଗାଡ କରିବେ, ସେଇ କଥା ଭାବିଲେ । ହଠାତ୍ "ବର୍‌ଗର୍ କଙ୍ଗ୍' ଦୋକାନ ସେମାନଙ୍କ ନଜରକୁ ଆସିଲା । ସେମାନେ ସେଠାକୁ ଗଲେ । ସେଠି ଅନେକ ଲୋକ ଲାଇନରେ ଠିଆ ହୋଇଥାନ୍ତି । ସୋନ ଲାଇନରେ ଠିଆ ହୋଇ କଛି ଛେନାର ଚପ୍‌ସ୍ କଣିଲା ଓ ୬ ୟୁରୋ ଖୁଚୁରା ସଂଗ୍ରହ କଲା । ତାପରେ ସେମାନେ ଆସି ୪୦ ନମ୍ବର ବସ୍‌କୁ ଅପେକ୍ଷା କରି ରହିଲେ ।

ଏ ବସ୍‌ଟି ମଧ୍ୟ ଡେରି କଲା । ସେମାନେ ସେଇ ଝିପିଝିପି ବର୍ଷାରେ ଭିଜି ବସ୍‌କୁ ଅପେକ୍ଷା କରି ରହିଥାନ୍ତି । ଦଶ ମିନଟ୍ ପରେ ବସ୍ ପହଞ୍ଚିଲା । ସେମାନେ ଖୁଚୁରା ୬ ୟୁରୋ ଦେଇ ଦୁଇଟି ଟିକେଟ୍ କଣିଲେ । ଏକାଧାଡିରେ ଦୁଇଟି ସିଟ୍ ନଥିଲା । ଅନୁ ଆଗରେ ଖାଲିଥିବା ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍ ରେ ବସିଗଲା । କଏ ଭିନ୍ନକ୍ଷମ ବ୍ୟକ୍ତି ଆସିଲେ ବରଂ ଉଠିଯିବ । ସୋନ ପଛରେ ଯାଇ ବସିଲା । ଲଗେଜ୍ ଭିତରେ ସେମାନଙ୍କର ଦୁଇଟି ବ୍ୟାଗ୍‌ପ୍ୟାକ୍ ଓ ଦୁଇଟି ଛୋଟ ବାକ୍ସ ଥାଏ । ସେ ଦୁଇଟି ବାକ୍ସକୁ ଅନୁ ନିଜ ସାମନାରେ ରଖିଲା । କାରଣ ସେଇପଟେ ହିଁ ସେମାନଙ୍କୁ ଓହ୍ଲାଇବାକୁ ପଡିବ ।

ଦୁଇଟି ଷ୍ଟପ୍ ପରେ ବସ୍ ରେ ଅନେକ ଭିଡ ହୋଇଗଲା । କେତେଲୋକ ଖୁନ୍ଦାଖୁନ୍ଦି ହୋଇ ଠିଆ ହୋଇଥାନ୍ତି । ଏହି ସମୟରେ ଜଣେ ଦଂପତି ଗୋଟିଏ ଷ୍ଟ୍ରୋଲରରେ ଦୁଇ ବର୍ଷର

ଝିଅଟିଏ ଧରି ବସ୍ ଭିତରେ ପଶିଲେ । ସେମାନେ ଠିକ୍ ଭାବେ ଷ୍ଟ୍ରୋଲର୍ ରଖିବାକୁ ଚାହିଁବାରୁ ଅନୁ ବାକ୍ସ ଦୁଇଟିକୁ ଅତି ନିକଟକୁ ନେଇଆସିଲା । ସେ ଦୁଇଜଣ ସେ ଝିଅଟିର ଜେଜେବାପା ଜେଜେମା ବୟସର ଦିଶୁଥାନ୍ତି । ପିଲାଟି ଅନୁ ସହିତ ଖେଳିବାକୁ ଲାଗିଲା । ତାକୁ ତା' ଅସ୍ପଷ୍ଟ ଭାଷାରେ କଣ ସବୁ କହି ହସିବାକୁ ଲାଗିଲା । ଅନୁ ବି ସେମିତି ତା ସହିତ "ହାଏ", "ଗୁଡ୍ ଜବ୍" କହି ତାକୁ ଅସ୍ପଷ୍ଟ କଥୋପକୋଥନରେ ନିୟୋଜିତ କରି ରଖିଲା ।

ପରବର୍ତ୍ତୀ ଷ୍ଟପରେ ଆହୁରି ଗୁଡିଏ ଲୋକ ବସ୍ ଭିତରକୁ ଆସିଲେ । ଏବେ ବସ୍ ଭିତରେ ପିଂପୁଡି ଗଳିବାକୁ ବି ଜାଗା ନଥିଲା । ଏହି ସମୟରେ ଅନୁ ଓ ସୋନିର ଓହ୍ଲାଇବା ଷ୍ଟପ୍ ଆସିଗଲା । ଅନୁ ଏ ଭିତରେ ଦୁଇଟି ବାକ୍ସ ଧରି ବାହାରିବ କେମିତି ? ଭାଗ୍ୟକୁ ସେ ପିଲାକୁ ଧରି ଚଢିଥିବା ସ୍ତ୍ରୀ ଲୋକ ଜଣକ ସୋନିର ବାକ୍ସ ଟେକି ସୋନିକୁ ବଢାଇଦେଲା । ଅନୁ ନିଜ ବାକ୍ସକୁ କଷ୍ଟେମଷ୍ଟେ ବାହାର କରି ବସ୍‌ରୁ ଓହ୍ଲେଇଲା ।

"ଏବେ କୁଆଡେ ଯିବା ?" - ଅନୁ ପଚାରିଲା ।

ସୋନି କହିଲା, "ମତେ ଅନୁସରଣ କର ।"

ଅନୁ ଅନୁସରଣ କଲା । ସୋନି ଚାଲିଥାଏ । ସେମାନେ କେତେକେତେ ରାସ୍ତା ସବୁ ପାର କରି ଚାଲିଥାନ୍ତି । ଏମିତି ଚାଲିଚାଲି ୧୧ ମିନିଟ୍ ହୋଇଗଲା । ଅନୁ ପଚାରିଲା, "ଆଉ କେତେ ବାଟ ?"

ଅନୁର ଇଚ୍ଛା ହେଉଥିଲା ସିଏ କାନ୍ଦିପକାନ୍ତା । ଏମିତି ହନ୍ତସନ୍ତ ହୋଇ ସିଏ କେବେ ରହିନି କି ବିଦେଶ ଭ୍ରମଣ କରିନି । ମୋଟ ଉପରେ ତାର ସମସ୍ତ ବିଦେଶ ଭ୍ରମଣ ସିଏ କନ୍‌ଫରେନ୍‌ସ୍ ପାଇଁ କରିଛି । ସେଥିରେ ଅତି ବଡବଡ ହୋଟେଲରେ ରହିବାକୁ ମିଳେ ଓ ଅନ୍ୟ ସମସ୍ତ ଖର୍ଚ୍ଚ ଯଥା ଟ୍ୟାକ୍ସି ଭଡା ଇତ୍ୟାଦି ମିଳିଯାଏ । ତେଣୁ ଏମିତି ଦୁରାବସ୍ଥା ହେବାକୁ ପଡେନି । ଏବେ ନିଜ ହାତରୁ ଖର୍ଚ୍ଚ ହେଉଥିବାରୁ ଟିକେ ଦ୍ୱିତୀୟ ଥର ଚିନ୍ତା କରିବାକୁ ପଡୁଛି ।

ସୋନର ଫୋନ୍ ଏବେ ଡବ୍ଲିନ୍‌ର ୱାଇଫାଇ ରିସିଭ୍ କରୁଥାଏ । ସିଏ ମଝିରେ ରହି କହିଲା, "ଆମ ମାନଙ୍କୁ ନଉମାର୍କେଟ୍ ବିଲ୍ଡିଙ୍ଗ୍ ଯିବାକୁ ପଡିବ । ହେଲେ ଏବେ ଦୁଇ ଦିଗରେ ରାସ୍ତା ଦେଖାଉଛି । କେଉଁ ଦିଗରେ ଗଲେ ଭଲହେବ ମୁଁ ଜାଣିପାରୁନ ।" ସେମାନେ ଏମିତି ଚିନ୍ତା କରୁଥିବା ସମୟରେ ଆଗରେ ଜଣଙ୍କ ଘରର କବାଟ ଖୋଲିଲା। ଗୃହସ୍ୱାମୀ ବାହାରକୁ ଆସିଲେ । ଟ୍ୟାକ୍ସିରେ ସଦ୍ୟ ପହଞ୍ଚିଥିବା ତାଙ୍କର କେଉଁ ବନ୍ଧୁକୁ ସ୍ୱାଗତ କଲେ । ସେଇ ଅବସରରେ ସୋନ ସେମାନଙ୍କୁ ନଉମାର୍କେଟ୍ ଡିଷ୍ଟିଲେରି କେଉଁଠି ବୋଲି ପଚାରିଲା । ଭଦ୍ରବ୍ୟକ୍ତି କହିଲେ, "ଟିକେ ଆଗକୁ ଯାଅ । ଦୁଇ ମିନଟ୍ ପରେ ଡିଷ୍ଟିଲେରି ଆସିଯିବ ।"

ସେମାନେ ପୁଣି ଆଗକୁ ଚାଲିଲେ । ଦୁଇ ମିନଟ୍ ପରେ ଡିଷ୍ଟିଲେରି ତ ଆସିଗଲା । ହେଲେ ନଉମାର୍କେଟ୍ କୋଠା ଦିଶିଲାନି । ସୋନ ପୁଣି ତା ସେଲ୍‌ଫୋନ୍ ଚେକ୍ କଲା ଓ ଆଗକୁ ବଢିଲା । ସେମାନେ ଶେଷରେ ଯାଇ ସେ କୋଠା ସାମନାରେ ପହଞ୍ଚିଲେ ।

ଏ.ଆଇ.ଆର୍.ବି.ଏନ୍.ବି. ଦେଇଥିବା ସୂଚନା ଅନୁସାରେ ସୋନ ବାହାରୁ ତାର ଆପାର୍ଟମେଣ୍ଟ ନମ୍ବରକୁ ଡାକଲା । ହେଲେ କେହି ଧରିଲେନ । ସିଏ ଏମିତି ତିନ ଥର ଡାକ ବିଫଳ ହେଲା । ଏବେ ରାତି ୯ଟା ବାଜିଥାଏ । କଣ ଏବେ କରିବେ ସେମାନେ ? ସୋନର ଫୋନ୍ ଆଉ ୱାଇଫାଇ ରିସିଭ୍ କରୁନଥାଏ । ମହରଗରୁ ଆସି କାନ୍ତାରରେ ପଡିବା ଭଳି ଅବସ୍ଥା । ଠିକ୍ ସେତିକି ବେଳେ ସେ କୋଠାରେ ରହୁଥିବା ଜଣେ କେହି ଭଦ୍ରବ୍ୟକ୍ତି କୋଠାର ତାଲା ଖୋଲି ଭିତରକୁ ପଶିଲେ । ସିଏ ସୋନ ଓ ଅନୁଙ୍କୁ ଭିତରକୁ ପଶିବାକୁ ଦେଲେ । କୋଠା ଭିତରକୁ ପଶି ଆଉ ଗୋଟିଏ ଦ୍ୱାର ପାଇଁ ବି ସିଏ ତାଲା ଖୋଲି ଭିତରକୁ ଗଲେ । ସୋନ ଓ ଅନୁ ତାଙ୍କୁ ଅନୁସରଣ କଲେ । ହେଲେ ତଳ ମହଲାର ଆପାର୍ଟମେଣ୍ଟରେ ନମ୍ବର ସବୁ ୧ ରୁ ୪ ପର୍ଯ୍ୟନ୍ତ ଥିଲା । ୧୨ ନମ୍ବର୍ ଆପାର୍ଟମେଣ୍ଟ ତେବେ କେଉଁଠି ଥିବ ? ସେମାନେ ଏମିତି ଭାବି ଆସି ଦୁଇ ନମ୍ବର୍ ଆପାର୍ଟମେଣ୍ଟର ଦ୍ୱାର ଖଡଖଡ କଲେ । କିଛି ସମୟ ପରେ ସେ ଦ୍ୱାର ଖୋଲି ଜଣେ ସ୍ତ୍ରୀ ଲୋକ ଆସିଲେ । ସୋନ ତାଙ୍କୁ ୧୨ ନମ୍ବର ଆପାର୍ଟମେଣ୍ଟ ବିଷୟରେ ପଚାରିବାରୁ ସିଏ କହିଲେ, ସେଇଟା ଉପର ମହଲାରେ । ସୋନ ଓ ଅନୁ ଉପର ମହଲାକୁ ଗଲେ । ସେଠି ୧୨ ନମ୍ବର ଆପାର୍ଟମେଣ୍ଟ

ଆଗରେ ଠିଆ ହୋଇ ଖଡଖଡ କଲେ । କେହି ବି କବାଟ ଖୋଲୁନାହାନ୍ତି । କଣ କରିବେ ଏବେ ଦୁଇଜଣ ? ସୋନ ଏବେ ସେ ଗୃହକର୍ତ୍ରୀ ଏମା ସହିତ ୱାଇଫାଇରେ ଫୋନ୍ କରିପାରିଲା ଓ ତାକୁ ପଚାରିଲା । ଏମା ଜଣେଇଲା ଯେ ସିଏ ଘର ଚାବି ତଳେ ତା ମେଲ୍ ବକ୍ସରେ ରଖିଛି । ଟ୍ରାଫିକ୍ ପାଇଁ ଏବେ ସିଏ ତା' ଘରେ ପହଞ୍ଚିବାକୁ ଆଉ ୭ ମିନଟ୍ ଡେରି ହେବ ।

ସୋନ ତଳ ମହଲାକୁ ଗଲା ଓ ୧୨ ନମ୍ବର ମେଲ୍ ବକ୍ସରୁ ଚାବି ଆଣିଲା । ହେଲେ ସେ ଚାବି କାମ କରିଲାନ । ସୋନ ପୁଣି ଥରେ ଏମାକୁ ଫୋନ୍ କରି ପଚାରିଲା । ଏମା ଜଣେଇଲା, "ଗୋଟିଏ ହାତରେ ଚାବି ପୁରାଇଥିବା ବେଳେ, ଆଉ ଗୋଟିଏ ହାତରେ କବାଟକୁ ଧକ୍କା ଦେଇ ଖୋଲ ।" ସୋନ ସେମିତି କରିବାରୁ କବାଟ ଖୋଲିଲା ଓ ସେମାନେ ଦୁଇଜଣ ଆପାର୍ଟମେଣ୍ଟ ଭିତରକୁ ଆସିଲେ । ଏମା କହିଥିବା ଅନୁଯାୟୀ ସୋନ ଯାଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କୋଠରି ଖୋଲିଲା ଓ ସେଠି ମା' ଝିଅ ଦୁଇଜଣ ନିଜ ବାକ୍ସ ଓ ବ୍ୟାଗ୍‌ପ୍ୟାକ୍ ରଖି ସ୍ୱସ୍ତିର ନିଶ୍ୱାସ ମାରିଲେ ।

ଅନୁ ରେଷ୍ଟରୁମ୍‌କୁ ଗଲା । ଛୋଟ ରେଷ୍ଟରୁମ୍ ଟିଏ । ଛୋଟ ବେସିନ୍ । ବେସିନ୍ ପାଖରେ ଦାନ୍ତଘଷା ଜିନିଷ ରଖିବାକୁ ବି ସ୍ଥାନର ଅଭାବ । ଆଉ ଗାଧୋଇବା ପାଇଁ ସାୱାର୍ କେବଳ।

ମୋଟ ଉପରେ ସେ ଆପାର୍ଟମେଣ୍ଟର ୫ଟି ବନ୍ଦ ଦ୍ୱାର ଦେଖିଲା ଅନୁ । ତା ମଧ୍ୟରୁ କେଉଁଠି କଣ ଅଛି, ଜାଣିବା କଷ୍ଟ । ଅନ୍ତତଃ କଚେନ୍ ତ କେଉଁଠି ଥିବ । ଲିଭିଙ୍ଗ୍ ରୁମ୍ ନାହିଁ କେଜାଣି ? ଆମେରିକାର ଆପାର୍ଟମେଣ୍ଟ କ ଘର ଭଳି ନୁହେଁ ଯେ ଦ୍ୱାର ଖୋଲି ଦେଲେ, ଲିଭିଙ୍ଗ୍ ରୁମ୍ ଓ କଚେନ୍ ଖୋଲାରେ ଦେଖାଯିବ । ହୁଏତ ଲୋକଙ୍କୁ ଭଡାଦେବ ବୋଲି ସିଏ ସେମିତି ସବୁକୁ ବନ୍ଦ କରି ରଖିଛି କ କଣ ?

ସେମାନେ ଏମାକୁ ଅପେକ୍ଷା କରି ରହିଲେ । ପ୍ରାୟ ୭ ମିନଟ୍ ପରେ ଏମା ଆସି ପହଞ୍ଚିଲା । ପ୍ରାୟ ତିରିଶି, ଚାଳିଶି ବୟସର ସ୍ତ୍ରୀ ଲୋକଟିଏ । ଭାରି ସୁନ୍ଦର ଓ ଭଲ ବ୍ୟବହାର ମଧ୍ୟ । ସିଏ ସୋନକୁ କହିଲା, "କଛି ଦରକାର ହେଲେ ମତେ ପଚାରିପାରିବ ।"

ସୋନ ପଗ୍ଭରିଲା, "ଏଠି ପାଖରେ କେଉଁଠି ଗ୍ଭଚ୍ଛିଭୋଜନ କରିବା ପାଇଁ ମିଳବ **?"**

ଏମା କହିଲା, "ଅତି ପାଖରେ ତ ସେମିତି କଛି ବଡ ଭୋଜନାଳୟ ସବୁ ନାହିଁ । ତେବେ ପବ୍ ଗୋଟିଏ ଅଛି । ସେଠି ଖାଦ୍ୟ ମଧ ମିଳେ । ପବ୍ଟି ଏଇ ଆମ କୋଠାର ଆର ପାଖରେ । ଗ୍ଭଲିକରି ଯିବାକୁ ଦୁଇମିନଟ୍ ଲାଗିବ ।"

ସୋନ କହିଲା, "ଧନ୍ୟବାଦ । ଆମେମାନେ ସେଇଠିକୁ ହିଁ ଯିବୁ ।"

ସୋନ ତାପରେ ପଗ୍ଭରିଲା, "କାଲିର ଟୁର୍ ପାଇଁ ଆମମାନଙ୍କୁ ଯାଇ ସିଟି ଗ୍ୟାଲେରିରେ ସକାଳ ୬ଟା ୪୫ରେ ପହଞ୍ଚିବାକୁ ପଡିବ । ଏଠାରୁ କେମିତି ଗଲେ ଭଲ ହେବ **?"**

ଏମା କହିଲା, "ସବୁଠାରୁ ଭଲ ହେବ, ତମେ ଯଦି 'ଫ୍ରି ନାଓ' ଟ୍ୟାକ୍ସି ବୁକ୍ କରିବ ।"

"ସେଇଟା କେମିତି କରିବାକୁ ପଡିବ **?"** - ସୋନ ପୁଣି ପଗ୍ଭରିଲା ।

"ତମେ ତାର ଆପ୍ ଡାଉନେ୍ଲାଡ୍ କରିବ । ସେ ଆପ୍ ଡାଉନେ୍ଲାଡ୍ କରିସାରିବା ପରେ ସେଥିରେ ବୁକ୍ କରିବ ।"

ଏମା ତାପରେ ସାଓ୍ବାର୍ କେମିତି ଖୋଲିବାକୁ ହେବ, ସେକଥା ସୋନକୁ ଦେଖେଇଦେଲା । ସିଏ ତାପରେ ତା' ନଜରୁମ୍କୁ ଗ୍ଭଲିଗଲା ଓ କବାଟ ଦେଇଦେଲା ।

ସୋନ ଏବେ ଆପ୍ ଡାଉନେ୍ଲାଡ୍ କଲା । ହେଲେ, ଡାଉନଲୋଡ୍ କରିସାରିବା ପରେ ଗୋଟିଏ ସିକ୍ରେଟ୍ କୋଡ୍ ପଠାଇବାକୁ ତାକୁ ଫୋନ୍ ନମ୍ବରଟିଏ ଦେବାକୁ ପଡିବ, ଯେଉଁଥିରେ କ ଟେକଷ୍ଟ ମେସେଜ୍ ଦେଖିହେବ । ମା' ଝିଅ ଦୁଇଜଣଙ୍କର ଫୋନରେ ବିଦେଶ ଭ୍ରମଣ ସମୟରେ ଟେକଷ୍ଟ ଦେଖିବାକୁ ବ୍ୟବସ୍ଥା କରିନଥିଲେ । ସେଥିପାଇଁ ଅନୁ ମୁଣ୍ଡର ଗୋଟିଏ ଉପାୟ ଜୁଟିଲା । ସିଏ ସୋନକୁ କହିଲା, "ପାପାଙ୍କୁ ହ୍ୱାଟ୍ସ୍ଆପ୍ ରେ

ଡାକଦେ । ତାଙ୍କ ଫୋନ୍ ନମ୍ବରରେ ସିଏ ଟେକଷ୍ଟ ମେସେଜ୍ ପାଇବାକୁ କହିଦେ । ତାହେଲେ ସିଏ ସେ ନମ୍ବରଟି କହିଦେବେ ଓ ତୋର ଆପ୍ ଡାଉନେ୍ଲଡ୍ ହୋଇଯିବ ।" ସେମାନେ ସେଇଆ କଲେ । ହେଲେ ର୍ଜେଶ ପଗ୍ଚରିଲେ, "ତମ ଗୃହକର୍ତ୍ତ୍ରୀକୁ କହୁନ ତମ ପାଇଁ ଟ୍ୟାକ୍ସି ବୁକ୍ କରିଦେବ ।"

ଅନୁ କହିଲ୍, "ହଉ ତମେ ଅଧିକ କଛି କୁହନ । ଶସ୍ତାରୁ ଅବସ୍ଥା । ହେଲେ ଯେଉଁ ଶସ୍ତା ପାଇଁ ଏତେ ସବୁ ଅସୁବିଧାକୁ ଆଦରି ନେଉଛୁ, ସେ ଶସ୍ତା ବି ଆଉ ଶସ୍ତା ହୋଇ ନାହିଁ । ଏଠି ହୋଟେଲ୍ ଭଲ ସର୍ଭିସ୍ ମିଳବନ । ଆମକୁ ଯେତିକ ସାହାଯ୍ୟ କରିପାରୁଛ, କର । ପରେ ତମକୁ ସବୁ କହିବି ।"

ତେବେ ଆପ୍ ଡାଉନେ୍ଲଡ୍ ହୋଇଗଲ୍ । ସୋନ ଆସନ୍ତା କାଲି ପାଇଁ ସକାଳ ଛଟା ବେଳକୁ ଟ୍ୟାକ୍ସି ବୁକ୍ କରିଦେଲ୍ ।

ସୋନ ଓ ଅନୁ ଏବେ ସେ ପବ୍‌କୁ ଗଲେ । ସେ ପବ୍‌ର ନା ଥିଲ୍ "ଟେଣ୍ଡର୍‌ସ୍ ଗାଷ୍ଟ୍ରୋ ପବ୍"। ପବ୍ ରେ ସେତେବେଳେ ପ୍ରାୟ ୩୦-୪୦ ଜଣ ଗ୍ରାହକ ଥାଆନ୍ତି । ପବ୍‌ର ଜଣେ ଆଟେଣ୍ଡାଣ୍ଟ ମେନୁ ନେଇ ପହଞ୍ଚିଲ୍ । ମେନୁରେ ଅନୁ ଖାଇବା ଭଳ କଛି ନଥିଲ୍ । ତେବେ ଖାଲି ତ ବସିବନ, ତେଣୁ "ଓନଅନ୍ ରିଙ୍ଗ୍" ମଗେଇଲ୍ । ସୋନ ମେଣ୍ଢାମାଂସର ଗୋଟିଏ ଆଇଟମ୍ ମଗେଇଲ୍ । ଯେତେବେଳେ ସେମାନଙ୍କୁ ଆଟେଣ୍ଡାଣ୍ଟ ଆଣି ଖାଦ୍ୟ ଦେଲ୍, ସେତେବେଳେ ସେ "ଓନଅନ୍ ରିଙ୍ଗ୍"କୁ ଗ୍ଚଖିଦେଇ ଅନୁର ପାଟି ଖରାପ ହୋଇଗଲ୍ । ସେମାନେ ଯେଉଁ କୋଣରେ ବସିଥିଲେ, ସେ ସ୍ଥାନର ଅନ୍ୟ କୋଣରେ ଜଣେ ବୃଦ୍ଧ ଗୋର୍ ଦଂପତି ବସିଥାନ୍ତି । ସେମାନଙ୍କ ମୁଣ୍ଡ ଉପରକୁ ଗୋଟିଏ ଟିଭି ରହିଥାଏ ଓ ସେଥିରେ ଆମେରିକାର ଫୁଟ୍‌ବଲ୍ ଖେଳ ପ୍ରଦର୍ଶିତ ହେଉଥାଏ । ସେ ପବ୍ ରେ ଆଉ କୌଣସି ବିଶେଷ ଆକର୍ଷଣ ନଥାଏ । ତେଣୁ ଅନୁ ସେଇ ଟିଭି ଆଡେ ହିଁ ଗ୍ଚହୁଁଥିଲ୍ । ଏହି ସମୟରେ ସେ ଦଂପତି ସ୍ଥାନ ପରିବର୍ତ୍ତନ କରି ମଝିକୁ ଆସିଲେ । ତାପରେ ଶୁଭିଲ୍ ଲ୍ଇଭ୍ ସଂଗୀତର ସ୍ୱର । ଅନୁ ଯେମିତି ବସିଥାଏ, ସିଏ କଛି ଦେଖି ପାରୁନଥାଏ । ତେବେ ସେ ସଂଗୀତ ଅନେକ ମର୍ମସ୍ପର୍ଶୀ ଓ ର୍ୋମାଣ୍ଟିକ୍ ଥାଏ । ପ୍ରତି ଗୀତ ଶେଷରେ ବସିଥିବା ସମସ୍ତ

ଦର୍ଶକ କରତାଳରେ ଗାୟକ ଓ ଗୀତାର ବାଦକଙ୍କୁ ପ୍ରଶଂସାରେ ପୋତି ପକାଉଥାନ୍ତି । ସେ ସଂଗୀତରେ ମୁଗ୍ଧ ହୋଇ ଅନୁ ଓ ସୋନ ସେଠି ରାତି ଏଗାରଟା ପର୍ଯ୍ୟନ୍ତ ବସିଗଲେ । ତାପରେ ସେମାନେ ନିଜ ଏ.ଆଇ.ଆର୍.ବି.ଏନ୍.ବି. ଆପାର୍ଟମେଣ୍ଟକୁ ଫେରିଲେ ।

ଅନୁ ଏପର୍ଯ୍ୟନ୍ତ କିଛି ବି ପ୍ରତିବାଦ କରିନଥାଏ । ପ୍ରତିବାଦ କଲେ ବି କିଛି ଫଳ ହୋଇନଥାନ୍ତା । ବରଂ ସୋନର ମନ ଖରାପ ହୋଇଥାନ୍ତା । ସୋନ ଯେବେ ସେପ୍ଟେମ୍ବର ମାସରେ ନିଜର ବେଲ୍‌ଫାଷ୍ଟ କନ୍‌ଫରେନ୍‌ସ୍ ବିଷୟରେ ଅନୁ ଓ ରାଜେଶଙ୍କୁ ଜଣାଇଥିଲା, ସେମାନେ ତା' ସହିତ ବେଲ୍‌ଫାଷ୍ଟ ଯିବାକୁ ଭାବିଥିଲେ । ହେଲେ ମନ୍ଦିର ସମ୍ବନ୍ଧୀୟ ଶୁଣାଣିର ଦିନ ଅକ୍ଟୋବର ଦଶ ତାରିଖକୁ ଧାର୍ଯ୍ୟ କରାଯାଇଥିଲା । ସେଥିପାଇଁ ରାଜେଶ ଯିବାକୁ ମନା କରିଦେଲେ । ଅନୁ ଯିବ କି ନାହିଁ ଏମିତି ଭାବିଭାବି ଯିବ ବୋଲି ବହୁତ ଡେରିରେ ସ୍ଥିର କଲା । ସେତେବେଳକୁ ସୋନ ତାର ଟିକେଟ୍ କରିଦେଇଥିଲା ଓ ଡବ୍‌ଲିନ୍‌ରେ ରହିବାକୁ ଗୋଟିଏ ଏ.ଆଇ.ଆର୍.ବି.ଏନ୍.ବି. ଠିକ୍ କରିଦେଇଥିଲା । ସୋନର କହିବା ଅନୁଯାୟୀ ସେ ଏ.ଆଇ.ଆର୍.ବି.ଏନ୍.ବି. ସ୍ଥାନଟି ସିଟି ସେଣ୍ଟର ର ଅତି ପାଖରେ । ତେଣୁ ସେମାନଙ୍କୁ ସବୁ ସୁବିଧା ହେବ । ପ୍ରତିଦିନ ପାଇଁ ସେ ସ୍ଥାନରେ ୭୦ ଡଲାର୍ ପଡିବ । ବାଥରୁମ୍ କିନ୍ତୁ ଶେୟାର କରିବାକୁ ପଡିବ ।

ଅନୁ ଦୁଇ, ତିନି ଦିନ ଚିନ୍ତା କଲା । ତାପରେ ସିଏ ବି ସୋନ ବୁକ୍ କରିଥିବା ସେଇ ଏକା ଏୟାର୍‌ଲାଇନ୍ସ ଆଏର୍‌ଲିଙ୍ଗସରେ ଏକା ସମୟରେ ଯିବା ପାଇଁ ଫ୍ଲାଇଟ୍ ବୁକ୍ କରିଦେଲା । ସେମାନଙ୍କର ଯୋଜନା ଅନୁଯାୟୀ ସେମାନେ ୱାଶିଂଟନ୍ ଡିସିରୁ ଡବ୍‌ଲିନ୍ ଆଏର୍‌ଲିଙ୍ଗସରେ ଅକ୍ଟୋବର ୯ ତାରିଖରେ ଯିବେ । ଅକ୍ଟୋବର ଦଶ ତାରିଖ ସକାଳେ ଫ୍ଲାଇଟ୍ ଡବ୍‌ଲିନରେ ପହଞ୍ଚିବ । ତାପରେ ସେମାନେ ସେଠି ବସ୍ ନେଇ ବେଲ୍‌ଫାଷ୍ଟ ଯିବେ । ସେଠି ସୋନର କନ୍‌ଫରେନ୍ସ "ୟୁରୋପା ହୋଟେଲ' ରେ ଦିନ ୨ଟା ବେଳୁ ଆରମ୍ଭ ହେବାର ଥାଏ । ସେମାନେ ବେଲଫାଷ୍ଟ ଅକ୍ଟୋବର ୧୦, ୧୧ ଦୁଇଦିନ ରହିବେ ଓ ୧୨ ତାରିଖରେ ଡବ୍‌ଲିନ୍ ଆସିବେ । ଡବଲିନ୍ ରେ ୧୨, ୧୩ ଦୁଇଦିନ ରହି ୧୪ ତାରିଖରେ ଫେରିବେ । ବେଲ୍‌ଫାଷ୍ଟର ହୋଟେଲ୍ ସବୁ ଚେକ୍ କରି "ୟୁରୋପା ହୋଟେଲ୍' ପାଖରେ ଥିବା "ହଲିଡେ ଇନ୍' ସେମାନେ ବୁକ୍ କଲେ । ହେଲେ ଡବ୍‌ଲିନ୍‌ର ଏ.ଆଇ.ଆର୍.ବି.ଏନ୍.ବି. ଅନୁକୁ ପସନ୍ଦ

ଲାଗିଲାନି । ସିଏ ମଧ୍ୟ ଇଣ୍ଟରନେଟରେ ଖୋଜି ଡବ୍‌ଲିନ୍‌ର ହୋଟେଲ୍ ସବୁ ଚେକ୍ କଲା ଓ ଅନେକ ହୋଟେଲ୍ ୧୦୦ ଡଲାର୍ ଭିତରେ ମିଳୁଥିଲା । ହେଲେ ସୋନ ଜଣେଇଲା ଯେ ସିଏ ଯଦି ସେ ଏ.ଆଇ.ଆର୍.ବି.ଏନ୍.ବି.କୁ ଏବେ କ୍ୟାନ୍‌ସଲ୍ କରିବ, ତେବେ ତାକୁ ଗୋଟିଏ ଦିନର ଭଡା ଯେମିତି ହେଲେ ଦେବାକୁ ପଡିବ । ତାପରେ ଏ.ଆଇ.ଆର୍.ବି.ଏନ୍.ବି. ସିଟି ସେଣ୍ଟର୍ ପାଖରେ । ଟିକେ ଆଡ୍‌ଜଷ୍ଟ କରିଦେଲେ ଚଳବ ।

ସୋନର ଉପରୋକ୍ତ ମନ୍ତବ୍ୟରେ ଅନୁ ଆଉ କଛି ବଦଳାଇବାକୁ ଜିଦ୍ କଲାନି । ତାପରେ ଦେଖାଯାଉ, ଏ ଏ.ଆଇ.ଆର୍.ବି.ଏନ୍.ବି.ର ଅନୁଭୂତି କେମିତି ରହୁଛି । ସିଏ କେବେ ଏ.ଆଇ.ଆର୍.ବି.ଏନ୍.ବି ରେ ରହିନି ଯଦିଓ ତାର ଝିଅମାନେ କେତେକେତେ ସ୍ଥାନରେ ଏ.ଆଇ.ଆର୍.ବି.ଏନ୍.ବି ରେ ରହିଯାଉଛନ୍ତି । ହେଲେ ସେମାନେ ଅଲଗା ଭଳି ରହନ୍ତି । ଗୃହକର୍ତ୍ତା ସେ ସମାନ ଘରେ ରହିନଥାଏ, ତାର ଦ୍ୱିତୀୟ, ତୃତୀୟ ଘରକୁ ଭଡାରେ ଦେଇଦେଇଥାଏ । ଯାହାବି ହେଉ, ଦେଖାଯାଉ କେମିତି ଅନୁଭୂତି ରହିବ । ଏମିତି ଭାବି ଅନୁ ଅନୁଭୂତି ପାଇବା ପାଇଁ ଅପେକ୍ଷା କରି ରହିଲା ।

ଯାତ୍ରା ଆରମ୍ଭ କରିବାର ଶେଷ ପର୍ଯ୍ୟନ୍ତ ବି ଗୋଟିଏ ଚେକ୍‌ଇନ୍ ବ୍ୟାଗ୍ ନେବ କି ନନେବ, ସେକଥା ସ୍ଥିର କରିପାରୁନଥିଲା ଅନୁ । ପିଲାମାନେ ସମସ୍ତେ କହୁଥିଲେ, "ତମେ ଚାରିଦିନ ପାଇଁ କଣ ନେଇକରି ଯିବାକୁ ଚାହୁଁଛ ଯେ, ତମକୁ ଏତେ ବ୍ୟାଗ୍ ନେଇ ଯିବା ଦରକାର ? ଖାଲି କ୍ୟାରିଅନ୍ ବ୍ୟାଗ୍ ନିଅ ଓ କେବଳ ସବୁ ଦରକାରୀ ଜିନିଷ ହିଁ ବ୍ୟାଗରେ ରଖ ।" ଅକ୍ଟୋବର ୭ ତାରିଖ ଦିନ ଯେତେବେଳେ ଅନୁ ସମସ୍ତ ଛୋଟ କ୍ୟାରିଅନ୍ ବ୍ୟାଗ୍ ପରଖି ଦେଖିଲା, କୌଣସିଟି ବି ଠିକ୍ ଲାଗିଲାନି । ଯେଉଁଟି ଠିକ୍ ଲାଗିଲା, ସେ ବ୍ୟାଗ୍‌ଟିର ଚକ ପାଇଁ ତାର ଉଚ୍ଚତା ୨୨.୫ ଇଞ୍ଚ୍ ହୋଇଯାଉଥିଲା, ଆଏର୍‌ଲିଙ୍ଗସ୍‌ର ନିୟମ ଅନୁଯାୟୀ କ୍ୟାରିଅନ୍‌ର ଉଚ୍ଚତା ୨୧.୫ ରହିବା ଦରକାର । ଅନ୍ୟ ସବୁ ବ୍ୟାଗ୍ ଭିତରୁ ଅନେକ ସବୁ ଅଧିକ ସାନ ହୋଇଯାଉଥିଲେ କି ବଡ ହୋଇଯାଉଥିଲେ । ଏମିତି ଦ୍ୱନ୍ଦରେ ରହି ଅକ୍ଟୋବର ୮ ତାରିଖରେ ପୁଣି ଗୋଟିଏ ନୂଆ କ୍ୟାରିଅନ୍ କିଣିଲା ଅନୁ । ଚେକ୍ ଇନ୍ ବ୍ୟାଗ୍ ପାଇଁ ଅଧିକ ୧୧୦ ଡଲାର୍ ପଡିଥାନ୍ତା । ଏବେ ସେଥିରୁ ପଞ୍ଚାବନ ଡଲାର୍ ଖର୍ଚ୍ଚ ହୋଇଗଲା

ବ୍ୟାଗ୍ କଣିବାରେ । ତେବେ ବ୍ୟାଗ୍‌ଟି ଅନ୍ୟ ସମୟରେ ଦରକାରରେ ଆସିପାରେ । ସେକଥା ଭାବି ଅନୁ ନିଜ ମନକୁ ପ୍ରବୋଧନା ଦେଲା ।

ଅକ୍ଟୋବର ୧୧ ତାରିଖରେ ଯେତେବେଳେ ସୋନ ଏ.ଆଇ.ଆର୍.ବି.ଏନ୍.ବି ର ଗୃହକର୍ତ୍ତ୍ରୀକୁ ତା' ସହିତ ତା' ମାମା ରହିବ ବୋଲି ଜଣେଇଲା, ଗୃହକର୍ତ୍ତ୍ରୀ ଆଉ ୭୦ ଡଲାର୍ ଅଧିକ ଲାଗିବ ବୋଲି କହିଲା । ତା' ଅର୍ଥ ପ୍ରତିଦିନକୁ ୧୧୦ ଡଲାର୍ ରହିବା ଖର୍ଚ୍ଚ ରହିବ । ୧୧୦ ଡଲାର୍ ଭିତରେ କେତେ ଆରାମରେ ଭଲ ହୋଟେଲ୍ ସବୁ ମିଳପାରିଥାନ୍ତା । ହୋଟେଲରେ ରହିଥିଲେ ଅନ୍ୟ ସୁବିଧା ହେଲା ଯେ ସେମାନେ ସବୁ ସହରର ମାନଚିତ୍ର ଦିଅନ୍ତି, ସହର ବିଷୟରେ ସମସ୍ତ ବିବରଣୀ ଦିଅନ୍ତି, ଯିବା ଆସିବା ପାଇଁ ବି ଟୁର୍ ଚାଳକମାନେ ହୋଟେଲ୍‌ରୁ ନେଇଯାଆନ୍ତି ଓ ଦରକାର ପଡିଲେ ଟ୍ୟାକ୍ସି ଡାକଦିଅନ୍ତି । ଆଉ ସବୁଠାରୁ ଭଲକଥା ହେଲା, ନିଜ ରୁମରେ ସ୍ୱାଧୀନ ହୋଇ ରହିବା ଓ ନିଜର ସ୍ୱତନ୍ତ୍ର ଗାଧୁଆଘରର ସୁବିଧା । ଏବେ ସେ ଏ.ଆଇ.ଆର୍.ବି.ଏନ୍.ବି ରେ ସେତିକି ଅର୍ଥ ଖର୍ଚ୍ଚ ହେବ, କିନ୍ତୁ କିଛି ସୁବିଧା ନାହିଁ । ନା ମାନଚିତ୍ର ମିଳିବ, ନା ଅନ୍ୟ କିଛି ସାହାଯ୍ୟ ।

ହେଲେ ସୋନ ତ ସିଟି ସେଣ୍ଟରରେ ସେ ଏ.ଆଇ.ଆର୍.ବି.ଏନ୍.ବି ଆପାର୍ଟମେଣ୍ଟଟି ଥିବାର କହିଥିଲା । ଏବେ ତ ଏ ସ୍ଥାନ କୋଶେ ଦୂରରେ । ସେମାନେ ୬ ୟୁରୋ ଖର୍ଚ୍ଚ କରି ବସରେ ଆସିଲେ, ପୁଣି ୧୫ ମିନଟ୍ ଚାଲିଲେ । ପହଞ୍ଚିବା ବେଳକୁ ଗୃହକର୍ତ୍ତ୍ରୀ ସହିତ ଯୋଗାଯୋଗ ବି କରିହେଲାନି । ସୋନ ଅନେକ ସମୟରେ ଏମିତି ଭୁଲ୍ କରେ । ତା ବାପାଙ୍କ ଭଳି ସମୟେ ସମୟେ ଏତେ ଉତ୍ତେଜିତ ହୋଇଯାଏ ଯେ, ଆଗପଛ ଚିନ୍ତା ନକରି ହଠାତ୍ ନିଷ୍ପତ୍ତି କରିଦିଏ ।

ଅନୁର ଇଚ୍ଛା ହେଉଥିଲା ସିଏ ସୋନ ସାମନାରେ ନିଜ ମନର ସମସ୍ତ ଅସନ୍ତୋଷ ଭାବ ବ୍ୟକ୍ତ କରନ୍ତା । ତେବେ ସେସବୁ କଲେ କିଛି ଲାଭ ହେବାର ନଥିଲା । କେବଳ ଅଯଥା ଯୁକ୍ତିତର୍କ ହେବ ଓ ଅସନ୍ତୋଷ ବଢ଼ିବ । ବରଂ ସେମାନଙ୍କର ଆସନ୍ତା କାଲିର "କ୍ଲିଫ୍‌ସ୍ ଅଫ୍ ମୋହେର୍" ଟୁର୍ ବିଷୟରେ ଭାବିବା ଉଚିତ ।

ସୋନ ଜଣେଇଲା, "କାଲିର ଟୁର୍ ପାଇଁ ଆମମାନଙ୍କୁ ୬ଟା ବେଳେ ଯାଇ ଟ୍ୟାକ୍ସି ଧରିବାକୁ ପଡିବ । ତମେ କଣ ଗାଧୋଇବ ?"

ଅନୁ କହିଲା, "ତୁ ପାଞ୍ଚଟାରେ ଉଠିବା ପାଇଁ ଆଲାର୍ମ୍ ଦେଇଦେ । ଦେଖିବା ଯଦି ସମୟ ହୁଏ ତ ଗାଧୋଇବି, ନହେଲେ ନାହିଁ ।"

ସୋନ ଆଲାର୍ମ୍ ଦେଇଦେଲା । ସିଏ ଶୋଇବା ପୂର୍ବରୁ ଗାଧୋଇ ପଡିଲା । ଅନୁ ନିଜ ବ୍ୟାଗ୍‌ପ୍ୟାକ୍ ସଜାଡିଦେଲା । କ୍ୟାମେରା ବ୍ୟାଟେରିକୁ ଗ୍ଚାର୍ଜରେ ରଖିଦେଲା ।

ରାତିସାରା କାହିଁକି ଅନୁ ଠିକରେ ଶୋଇପାରୁନଥିଲା । ଆସନ୍ତା କାଲି ସକାଳୁ ଉଠିବାର ଛନକା ରହିଥିଲା । ହଠାତ୍ ରାତି ୨ଟା ବେଳେ ଯେତେବେଳେ ନିଦ ଭାଙ୍ଗିଗଲା, ଦେଖିବା ବେଳକୁ ଆକାଶରେ ଜହ୍ନ ବିନା ପରଦା ଥିବା କାଚ ଝରକା ବାଟ ଦେଇ ସେମାନଙ୍କ କୋଠରିକୁ ଆଲୋକିତ କରୁଛି । ଜହ୍ନ କରଣରେ ପୂରା ଅନ୍ଧାର ଥିବା କୋଠରିଟି ଉଜ୍ଜ୍ୱଳ ଦିଶୁଛି । ଅନୁ ଅନେକ ଦିନ ଧରି ଜହ୍ନକୁ ନିଜ ଶୋଇବା କୋଠରି ଭିତରେ ଅନୁଭବ କରିନଥିଲା । ଆଜି ସେ ଅନୁଭବ କେମିତି ନିଆରା ଲାଗିଲା । ସିଏ ଅଭିଭୂତ ହୋଇଗଲା । ହୁଏତ ଏ ଜହ୍ନକୁ ହୋଟେଲ୍‌ର ଆଲୋକମାଳା ଆଉ ପରଦା ମଧ୍ୟରେ ଅନୁଭବ କରିହୋଇନଥାନ୍ତା । ଏମିତି ସ୍ଥାନରେ ରହିବାର ସେଇଟା ହିଁ ଟିକେ ଖୁସି ହେବାର କାରଣ ଟିଏ ।"

ମନକୁ ବୁଝେଇ, ଆଖିବୁଜି ପୁଣି ଥରେ ଶୋଇବାକୁ ଚେଷ୍ଟା କଲା ଅନୁ ।

ରଦରେଫର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ତୁମ ପାଇଁ



ସଂଯୁକ୍ତା ବିଶ୍ୱାଳ

ଫରଫର ଉଡେ ଓଢଣୀଟା ମୋର
ଧକଧକ ହୁଏ ଛାତି
ତରତର ହୋଇ ମନ ମଇନାଟା ଉଡିଯାଏ ପଞ୍ଜୁରୀ କାଟିଲୋ
କହିବି କାହାକୁ ଲ୍‌ଜଲଗେ ମୋତେ କାଳେ କଏ ଦେବ ଦେଖି...

ଥିରିଥିରି ବହେ ମୃଦୁ ମଳୟଟା
ଘନଘନ ବନ ବୃକ୍ଷ
ଦୂର ଦେଶରୁ ବଜାଇ ମୋହନ ବଇଁଶୀ
ଚରିଦିଏ କେତେ ବକ୍ଷଲୋ
କହିବି କାହାକୁ ସେହିଠି ମୋର ଲକ୍ଷ...

ଖିଲିଖିଲି ହସ ଖିଆଲି ମନର
ଝକମକ ଝଟକେ ଝର୍ ତୋରଣ
ଚକମିକ ଚମକେ ହୀର୍ ସମାନଲୋ
ସେଇ ହୀର୍‌କୁ ଲୁଗ୍ୱଇ ମୋ କାନତଳେ ଦିନରେ ଦେଖଇ ଜହ୍ନ
କହିବି କାହାକୁ ଡରଲ୍‌ଗେ ମୋତେ କଳେ କଏ ଲଗାଇ ଦବ ଗ୍ରହଣ...

ଝିପିଝିପି ବରଷା ର୍‌ତିରେ ଚୁପିଚୁପି ଆସେ ନେଇ କେତେ ନୂଆ ସପନ
ଶିରିଶିରି ଦେହେ ଶ୍ରୀହରଣ ଭରଇ
ଛନ ଛନ ହୁଅଇ ମନଲେ୍
ମନ ଚଢ଼େଇର ପଙ୍ଖ ଲ୍‌ଗି ଛୁଇଁ ଯାଏ ସାର୍‌ ଗଗନ
କହିବି କାହାକୁ ବଡ ଅଲ୍‌ଜୁକ ମୁଁହିଁ
ଦିନରେ ଦେଖେ ସପନ...

ହାଇଦ୍ରାବାଦ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଘର



ମନୋଜ କୁମାର ପଣ୍ଡା

ଇଟା ସିମେଣ୍ଟ ରଡ଼ ଆଉ
ଗୋଡି ମିଶି ଘର ତିଆରି ହୁଏ ।
ତାହା ତ କେବଳ ହିଁ କେବଳ
ଏକ ଆଶ୍ରୟ ସ୍ଥଳୀ।
ମାଆ ବାପା ଓ ପିଲ୍ ମାନେ
ଜେଜେବାପା ଓ ଜେଜେମା
ଦାଦା ଖୁଡ଼ୀ ଓ ବଡବାପା ଓ ବଡ଼ ମା
ସମସ୍ତେ ଏକାଠି ରହିବା ଖାଇବା
ହସ ଖୁସିର ମାହୋଲ ତିଆରିବା ହିଁ ଘର ।
ତାକୁ ହିଁ କହିବା ଯେଉଁଠି ସମ୍ପର୍କର ଘନିଷ୍ଠତା
ରକ୍ତର ପରିଚୟ ଓ ଦୁଃଖମୟ ରେ
କାନ୍ଧ କୁ କାନ୍ଧ ହାତ ସହ ହାତ ମିଳେଇ
ଏକତାର ସ୍ୱରରେ ମିଳମିଶି ଗ୍ଢିବା
ଚଳେଇ ନେଇ ସ୍ନେହ ବାଣ୍ଟିବା ଓ
କର୍ତ୍ତବ୍ୟ କୁ ପାଳନ କରିବା ହିଁ
ପ୍ରକୃତ ଘର ॥

ଅଡା, ବାଲେଶ୍ୱର

# ଦୋଷ କାହାର



ନରେନ୍ଦ୍ର ପ୍ରସାଦ ବେହେରା

ଅଙ୍କା ବଙ୍କା ହୋଇ ଗ୍ଭଲିଛି ମୁଁ ଧାଇଁ
କାହାରିକୁ ମୋର ନଜର ନାହିଁ
ଯେତେକଷ୍ଟ ମୋତେ ଦେଲା ଏ ମଣିଷ
ତଥାପି ମୁଁ ତାକୁ ଭୁଲିବି ନାହିଁ ।।

ଭାଙ୍ଗୁଛି ହାଣୁଛି ତାଇଛାରେ ମୋତେ
ସଜାଉଛି କେତେ ନୂଆ ଢଙ୍ଗରେ
ମନ ଇଛା କରି ପ୍ରହାର କରୁଛି
ପଡିଯିବି କାଳେ କାହା ପ୍ରେମରେ ।।

ଅବୁଝା ମଣିଷ ବୁଝୁନ ସେ ଆଜି
ଦେଉଛି ମୋତେ ସେ କେତେ ଦୋଷ
ଦୋଷ ନାହିଁ ମୋର ସବୁ ମଣିଷର
ଦେଖୁ ଦେଖୁ ଯାଏ ତା'ର ବୟସ ।।

ହର୍ମସ୍ କରୁଛି ନଦରେ ଚାଲୁଛି
  ରାଜନୀତି ଅବା ସେ ମଦ୍ୟପାନ
ଅନ୍ୟ ମନସ୍କରେ ଅନାଏ ନାରୀକୁ
   ନ ରେଖି ଦେଖେ ତା ପିନ୍ଧା ବସନ ।।

ଘଟିଲା ଘଟଣା ପାଇଲା ଯନ୍ତ୍ରଣା
     ଦୁଃଖ ଦେଇଗଲା ସେ ସମସ୍ତଙ୍କୁ
ଅଟଇ ମୁଁ ରାସ୍ତା ସେ ଥିଲା ପଥିକ
   କେବେବି ଦେଇନ ଦୋଷ ମୁଁ ତାଙ୍କୁ ।।

ସବୁ ଦୋଷ କହି ମୋତେ ନିନ୍ଦୁଛନ୍ତି
  କଏ ସେ ନଜର ହେବଯେ ମୋର
ତେଣୁ କୁହ ଭାଇ କାଳଆକୁ ଚାହିଁ
   କର୍ମ ଅନୁସାରେ ଦୋଷ କାହାର ।।

ଆଳଦା, ଖଇରା, ବାଲେଶ୍ୱର

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

**(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା। ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ ।)**

**ପ୍ରଶ୍ନ - ୧୫ : ପିତାମାତାଙ୍କ ଭବିଷ୍ୟତ ଜୀବନ ପାଇଁ କନ୍ୟା ସନ୍ତାନର ଭୂମିକା କ'ଣ?**

**-ଉତ୍ତର-**

- ସେବା ।

**[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]**

- ପୁତ୍ର ପରି କନ୍ୟାର କର୍ତ୍ତବ୍ୟ ସମାନ । ଉଭୟେ ଏକ ବ୍ରହ୍ମଙ୍କ ଆଜ୍ଞାରେ ମାତୃଗର୍ଭରୁ ଜନ୍ମ ନଅନ୍ତି । ବୃତ୍ତିଫଳ ଓ କର୍ମ ନିର୍ବିଶେଷରେ ଉଭୟଙ୍କୁ ଜୀବନଧାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

**[ପ୍ରଫେସର ଶତ୍ରୁଘ୍ନ ନାଥ]**

- ସେମାନଙ୍କୁ ସବୁ ପ୍ରକାର ସାହାଯ୍ୟ କରିବା ।

**[ଡ. ସଚ୍ଚି ରାଉତରାୟ]**

- ପାଶ୍ଚାତ୍ୟ ଦେଶମାନଙ୍କରେ ଜରାଗୃହ ସରକାର ସୃଷ୍ଟି କରିଛନ୍ତି । ବୃଦ୍ଧ ପିତାମାତା ପାରିବାରିକ ସ୍ନେହରୁ ଦୂରେଇଗଲେ ସେମାନଙ୍କ ଜୀବନର ଦୀର୍ଘତା ପ୍ରଭାବିତ ହୁଏ। ପାଶ୍ଚାତ୍ୟ ଦେଶରେ ଐକକ ପରିବାର ଯୋଗୁଁ ବୃଦ୍ଧ ପିତାମାତା ପରିବାରର ବୋଝରୂପେ ବିବେଚତ ହୁଅନ୍ତି । ଭାରତରେ ପିତାମାତାଙ୍କ ସେବା କରିବା ସନ୍ତାନସନ୍ତତିଙ୍କ କର୍ତ୍ତବ୍ୟ ରୂପେ ବିବେଚତ ହୁଏ । ତେଣୁ ଆମ ଦେଶରେ ଜରାଗୃହର ବ୍ୟବସ୍ଥା ନାହିଁ ।

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଉଭୟ ପକ୍ଷର ଅବସ୍ଥା ଦେଖି ଶକ୍ତି ଅନୁସାରେ କର୍ତ୍ତବ୍ୟ ସମ୍ପାଦନ ।

[ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ସେମାନେ କପରି ଭଲରେ ରହିପାରିବେ - ବୃଦ୍ଧାବସ୍ଥାରେ ସେବା ପାଇପାରିବେ ବିଶେଷତଃ ସ୍ନେହ ଓ ଆଦର ପାଇପାରୁଥିବେ ।

[ଜଷ୍ଟିସ୍ ନବକୁମାର ଦାସ]

- ସେମାନଙ୍କର ଭଲ ଫଳ ପାଇଁ ସନ୍ତାମାନେ ଚେଷ୍ଟା କରିବା ଉଚତ । ଦେଖାଯାଏ କନ୍ୟା ସନ୍ତାନ ଏ କ୍ଷେତ୍ରରେ ବେଶୀ ତତ୍ପର ଥାଆନ୍ତି ।

[ପ୍ରଫେସର ରାଧାନାଥ ରଥ]

- ବାପ ମା'ମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ଦେଖିବା - ସେମାନଙ୍କର ସେବା କରିବା ଛଡ଼ା ସନ୍ତାନର ଅନ୍ୟ କଛି ଭୂମିକା ହୋଇ ନ ପାରେ - ଏହାହିଁ ହେଉଛି ଆମ ଭାରତୀୟ ସଂସ୍କୃତି, ଯାହା ପାଶ୍ଚାତ୍ୟ ସଂସ୍କୃତିଠାରୁ ଆମକୁ ଉଚ୍ଚ ଆସନରେ ରଖିଛି ।

[ନାଟ୍ୟକାର ମନୋରଞ୍ଜନ ଦାସ]

- ପିତାମାତାଙ୍କର ଭବିଷ୍ୟତ ପାଇ କନ୍ୟାର ଭୂମିକା ଯଥେଷ୍ଟ । ପିତା କନ୍ୟାଦାନ ସମୟରେ ବହୁ ଆଶା ପୋଷଣ କରି କନ୍ୟା ଦାନ କରେ । ସେଥିପାଇଁ ଦ୍ୱାଦଶ ପୁତ୍ର ମଧ୍ୟରେ ଦୌହିତ୍ର ସନ୍ତାନର ୨ୟ ସ୍ଥାନ । ପିଣ୍ଡଦାନରେ କନ୍ୟାର ଅଧିକାର ଅଛି ।

[ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- କନ୍ୟାମାନଙ୍କୁ ପଗ୍ଗରନ୍ତୁ ।

[ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ପୁତ୍ରଠାରୁ କନ୍ୟା କୌଣସି ହିସାବରେ ଭିନ୍ନ ବୋଲି ମୁଁ ମନେ କରେନାହିଁ – ଯେକୌଣସି ପାରିବାରିକ ଓ ସାମାଜିକ ଦାୟିତ୍ୱ ଓ ମର୍ଯ୍ୟାଦାର ପରିପ୍ରେକ୍ଷୀରେ ।

[କିଶୋରୀ ଚରଣ ଦାସ]

- କନ୍ୟାମାନଙ୍କ ମନରେ ପିତାମାତାଙ୍କ ପ୍ରତି ଯେଉଁ ପ୍ରଗାଢ଼ ମମତା ରହିଥାଏ, ସେଥିପାଇଁ ସେମାନେ ଯଥାଶକ୍ତି ସେବା ଓ ସାହାଯ୍ୟ ଲାଗି ବ୍ୟାକୁଳ ରହିବା ସ୍ୱାଭାବିକ । ତେଣୁ ନିଜର ସାମର୍ଥ୍ୟ ଓ ଅବସ୍ଥା ଦୃଷ୍ଟିରୁ ସେମାନେ ସେମାନଙ୍କ ଭୂମିକା ନିରୂପଣ କରିପାରନ୍ତି ।

[ଡ. ମନ୍ମଥ ନାଥ ଦାସ]

- ଉତ୍ତର ଜୀବନର ଦାୟିତ୍ୱ ବହନ ।

[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ଯାହା ପୁତ୍ର ସନ୍ତାନର ଭୂମିକା ତାହାହିଁ କନ୍ୟା ସନ୍ତାନର ଭୂମିକା । ନିଜର ପିତାମାତାଙ୍କର ସେବା ଶୁଶ୍ରୁଷା କରିବା କନ୍ୟା ସନ୍ତାନର କର୍ତ୍ତବ୍ୟ ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- A daughter is daughter throughout her life. A son is sontill he gets a wife. ଉଭୟରେ ବ୍ୟତିକ୍ରମ ସ୍ୱୀକାର୍ଯ୍ୟ ।

[ପ୍ରଫେସର ପଠାଣି ପଟ୍ଟନାୟକ]

- ଯଥାସମ୍ଭବ ସହାୟତା କରିବା ।

[ଡ. ଲିଙ୍ଗରାଜ ଶତପଥୀ]

- ପୁତ୍ର ଓ ପୁତ୍ରୀ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ଯାହା ଅବା ଅଛି, ତାହା କେବଳ ଶାରୀରିକ ବା ସାମାଜିକ । ପୁତ୍ର ଭଳି ପୁତ୍ରୀ ମଧ୍ୟ ପିତାମାତାଙ୍କର

ସାହାଯ୍ୟକାରିଣୀ ହେବାରେ କଛି ଅସବୁିଧା ହେବନାହିଁ, ଯଦିବା ସାମାଜିକ ଚଳଣୀ, ପାରମ୍ପରିକ ଅଭ୍ୟାସ ଓ ରୁଚଭେଦରେ ଏହା ବଦଳଯାଇଛି ।

[ହରିହର ବାହିନୀପତି]

- ଆମ ଶାସ୍ତ୍ରରେ ମାତୃଦେବ, ପିତୃଦେବ ଶବ୍ଦର ପ୍ରୟୋଗ ଅଛି । ମା' ବାପା ଚଳନ୍ତି ଦେବତା । ପୁତ୍ର କନ୍ୟା ନର୍ବିଶେଷରେ ଆଜୀବନ ପିତାମାତାଙ୍କ ସେବା ଯଥାଶକ୍ତି କରଣୀୟ । ତାଙ୍କରି ଆଶୀର୍ବାଦ ସୁଖଲାଭର ଏକମାତ୍ର ସୂତ୍ର ।

[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ପୁତ୍ର ସନ୍ତାନମାନଙ୍କର ଯାହା ଭୂମିକା, କନ୍ୟା ସନ୍ତାନମାନଙ୍କର ଠିକ୍ ସେହି ଭୂମିକା ବୋଲି ମୋର ଦୃଢ଼ ଧାରଣା ଅଛି ।

[ପ୍ରଫେସର ହୃଦାନନ୍ଦ ରାୟ]

- ପୁତ୍ର ସନ୍ତାନ ଅପେକ୍ଷା କନ୍ୟା ସନ୍ତାନର ଅଧିକ ସାହାଯ୍ୟ ମନୋଭାବ ଥାଏ ।

[ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ପୁତ୍ରର ଭୂମିକା ସହିତ ସମାନ ।

[ଗିରିଜା ଭୂଷଣ ପଟ୍ଟନାୟକ]

- କନ୍ୟାର ଅନ୍ୟ ନାମ ଦୁହିତା, ଅର୍ଥାତ୍ ଯେ ବିବାହିତ ହୋଇ ମାତାପିତାଙ୍କଠାରୁ ଦୂରକୁ ଚାଲିଯାଏ । ତେବେ ପିତାମାତାଙ୍କ ସେବା କରିବା ପୁତ୍ରଙ୍କ ପରି ପୁତ୍ରୀଙ୍କର ମଧ୍ୟ କର୍ତ୍ତବ୍ୟ ।

[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- କନ୍ୟା ପିତାମାତାଙ୍କର ଭବିଷ୍ୟତ ଜୀବନର ଆଶ୍ରୟସ୍ଥଳ ହେବାର ସମ୍ଭାବନା ଯଥେଷ୍ଟ ବେଶୀ । ତା' ତୁଳନାରେ, ପୁତ୍ରଠାରୁ ବର୍ତ୍ତମାନ ଯୁଗରେ ଖୁବ୍ କମ୍ ସେପରି ସମ୍ଭାବନା ଆଶା କରାଯାଏ ।

[ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- କନ୍ୟା ସନ୍ତାନ ମଧ୍ୟ ପୁତ୍ର ପରି ପିତାମାତାଙ୍କର ସକଳ ଦାୟିତ୍ୱ ବହନ କରିବାକୁ ସମର୍ଥ । ଏହା ମନୋବୃତ୍ତି ଉପରେ ନିର୍ଭର କରେ । ପିତାମାତାଙ୍କର ଦାୟିତ୍ୱ ନେବା କନ୍ୟାର କର୍ତ୍ତବ୍ୟ । ପୁତ୍ର କନ୍ୟା ମଧ୍ୟରେ ପାର୍ଥକ୍ୟ ରହିବା ଉଚିତ ନୁହେଁ ।

[ଡ. ରେଖା ମହାନ୍ତି]

- ସନ୍ତାନ ଭାବରେ ପୁତ୍ର କନ୍ୟା ସମାନ ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ପୁତ୍ର ସନ୍ତାନ ବର୍ତ୍ତମାନ ଜୀବନ ପାଇଁ ଓ ଭବିଷ୍ୟତ ଜୀବନ ପାଇଁ ଯାହାକିଛି କରିପାରେ, କନ୍ୟା ସନ୍ତାନ ମଧ୍ୟ ତାହା କରିପାରେ । ଏଥିପାଇଁ ପ୍ରଗାଢ ବିଶ୍ୱାସ ଓ ଉପଯୁକ୍ତ ଶିକ୍ଷା ଆବଶ୍ୟକ । ବରଂ ଅଧିକାଂଶ କ୍ଷେତ୍ରରେ ଦେଖାଯାଏ କନ୍ୟା ସନ୍ତାନମାନଙ୍କର ପିତାମାତାଙ୍କ ପ୍ରତି ଅଧିକ ମମତା ଓ ଶ୍ରଦ୍ଧା ଥାଏ ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଆଧୁନିକ ଯୁଗର କନ୍ୟା ଏବଂ ପୁତ୍ର ସମାନ ।

[ଡାକ୍ତର କବି ପ୍ରସାଦ ମିଶ୍ର]

- ଝିଅ ପାଖରୁ ବାପା ମା' ସାରା ଜୀବନ ସ୍ନେହମମତା ପାଆନ୍ତି ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ପିତାମାତାଙ୍କ ଭବିଷ୍ୟତ ଜୀବନ ପାଇଁ ପୁତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେହେଁ କନ୍ୟାର ଅବଦାନ କିଛି କମ୍ ନୁହେଁ । କନ୍ୟା ପିତୃଗୃହରେ ଅବସ୍ଥାନ କରୁଥିବା ପର୍ଯ୍ୟନ୍ତ ପିତାମାତାଙ୍କ ଆଦରଣୀୟା ହୋଇଥାଏ । ଗୃହର ସୌନ୍ଦର୍ଯ୍ୟବର୍ଦ୍ଧନକାରୀ ହେଉଛି କନ୍ୟା । ଗୃହକାର୍ଯ୍ୟରେ କନ୍ୟା ମାତାକୁ ସାହାଯ୍ୟ କରିଥାଏ । କନ୍ୟା ଯଦି ଉଚ୍ଚଶିକ୍ଷିତା ହୋଇଥାଏ ଏବଂ ଚାକିରି କରିଥାଏ ତେବେ ସେ ତା'ର ଅର୍ଜିତ ଧନ ପିତାମାତା ଓ ଭାଇଭଉଣୀମାନଙ୍କ ପାଇଁ ବିନିଯୋଗ କରିବା ଉଚିତ; ଏପରିକି ବିବାହ ପରେ କନ୍ୟା ବଧୂର ଭୂମିକା ଗ୍ରହଣ କଲେ ବି, ପିତାମାତାଙ୍କ ପ୍ରତି ତା'ର

ଦାୟିତ୍ୱ ସେ ଭୁଲିବା ଉଚତ ନୁହେଁ । କନ୍ୟାର ସୁଗୁଣ ହିଁ ପିତାମାତାଙ୍କର ଯଶ ବା ଖ୍ୟାତିକୁ ବର୍ଦ୍ଧନ କରିଥାଏ ।

[ଡ. ରତ୍ନାକର ସାହୁ]

- ବର୍ତ୍ତମାନ ପରିପ୍ରେକ୍ଷୀରେ କନ୍ୟା ସନ୍ତାନ ଭଲ ।

[ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- କନ୍ୟାର ଆର୍ଥିକ, ସାମାଜିକ ଓ ମାନସିକ ସ୍ଥିତି ଉପରେ ନିର୍ଭର କରେ । ମହାତ୍ମାଗାନ୍ଧୀଙ୍କ ପୁଅ ଓ ପଣ୍ଡିତ ନେହରୁଙ୍କ ଝିଅ ଏହାର ବଳିଷ୍ଠ ଉଦାହରଣ ।

[ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ଆମ ସମାଜରେ କନ୍ୟା ସର୍ବଦା ତା'ର ସ୍ୱାମୀ ଓ ଶ୍ୱଶୁରଙ୍କ ଦ୍ୱାରା ପରିଗ୍ରଳିତ । ଅନେକେ ଅବିବାହିତ ରହି ପୁତ୍ର ଭଳି ପିତାମାତାଙ୍କର ବାର୍ଦ୍ଧକ୍ୟରେ ସହାୟକ ହୁଅନ୍ତି ଏବଂ ବିବାହ ପରେ ମଧ୍ୟ ଅନେକ ସ୍ୱାମୀ, ଶ୍ୱଶୁରଙ୍କୁ ବୁଝାଇ ଏ କାର୍ଯ୍ୟ କରିଥାଆନ୍ତି। ଏଣୁ କନ୍ୟାମାନେ ପୁତ୍ର ଅପେକ୍ଷା କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରତିପାଦିତ କରିବା ଉଚତ ।

[ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- କଥାରେ ଅଛି ଝିଅ ଜନମ ପରଘରକୁ । ନିଜ ଘରେ ଅନେକ ସମୟରେ ପୁଅମାନେ ବିବାହ କଲାପରେ ପରଘରୁ ଆସିଥିବା ଝିଅ ଶାଶୁ-ଶ୍ୱଶୁରଙ୍କୁ ଅବହେଳା କରେ । ତେଣୁ ପ୍ରତ୍ୟେକ କନ୍ୟା ସନ୍ତାନ ଶାଶୁ-ଶ୍ୱଶୁରଙ୍କ ସେବାରେ ଲାଗିଲେ ବାପା ମା' ଖୁସି ହୁଅନ୍ତି । ନିଜ ବାପା ମା'ଙ୍କର ଶରୀର ଖରାପ ହେଲେ ତୁରନ୍ତ ଆସି ଯତ୍ନ ନେବା ଉଚତ ।

[ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ପୁତ୍ର ବା କନ୍ୟା କେବଳ ସନ୍ତାନର ଲିଙ୍ଗବାଚକ ଉପାଧି ମାତ୍ର, ତଥାପି ସାମାଜିକ ପରମ୍ପରା ଓ ଚଳଣୀ ଉପରେ ସବୁକିଛି ନିର୍ଭର କରୁନାହିଁ କି?

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ହଁ । ଗୋଟିଏ ପରିବାରରେ ଗୋଟିଏ ସନ୍ତାନ ପୁଅ ବା ଝିଅରେ ସୀମାବଦ୍ଧ ହେବା ଉଚତ । ତା'ଠାରୁ ଅଧିକ ହେଲେ ଦେଶ ନାନା ସମସ୍ୟା ତଥା ଦାରିଦ୍ର୍ୟର ସମ୍ମୁଖୀନହେବ । ପରିବାର ନିୟନ୍ତ୍ରଣ ପଦ୍ଧତିକୁ କଡ଼ାକଡ଼ି ଭାବେ ଭାରତରେ ଲାଗୁ ହେବା ଉଚତ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ]

- ପିତାମାତାଙ୍କ ଭବିଷ୍ୟତ ପାଇଁ ପୁତ୍ରର ଯେଉଁ ଭୂମିକା, ବର୍ତ୍ତମାନ ସମାଜରେ କନ୍ୟାର ମଧ୍ୟ ସେହି ଭୂମିକା । ବିଶେଷତଃ ପିତାମାତାଙ୍କର ଯଦି ପୁତ୍ର ନ ଥାଏ କନ୍ୟା ତାହାର ଶକ୍ତି ପ୍ରକାରେ ବୃଦ୍ଧ ପିତାମାତାଙ୍କୁ ସାହାଯ୍ୟ କରିବା କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ପାଳନ କରିବାକୁ କନ୍ୟାର ସାମାଜିକ ଦାୟିତ୍ୱ ରହିଛି । କାରଣ ବର୍ତ୍ତମାନ ଯୁଗରେ ସେ ପିତାମାତାଙ୍କର ସମ୍ପତ୍ତିରେ ଅଂଶୀଦାର ହୋଇଥାଏ ଏବଂ ଦାୟାଦ ହୋଇଥାଏ ।

[ଡ. ଲୁଇ ସଭସୁନ୍ଦର, କାଥଲିକ୍]

- କନ୍ୟା ସନ୍ତାନର ଦାୟିତ୍ୱ ରହିଛି । ପୁଅର ପୂର୍ଣ୍ଣମାତ୍ରା, ଝିଅର ଅର୍ଦ୍ଧେକ ମାତ୍ରା । କାରଣ ଝିଅ ମଧ୍ୟ ପୈତୃକ ସମ୍ପତ୍ତିରୁ କିୟଦଂଶ ପାଇବ ।

[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଡାକ୍ତର ନିରଞ୍ଜନ ତ୍ରିପାଠୀଙ୍କ ମତରେ ପିତାମାତାଙ୍କ ଭବିଷ୍ୟତ ଜୀବନ ପାଇ କନ୍ୟା ସନ୍ତାନଙ୍କ ଭୂମିକା କ'ଣ ଉତ୍ତରରେ ସେ କହିଛନ୍ତି ଯେ କନ୍ୟାର ଆର୍ଥିକ, ସାମାଜିକ ଓ ମାନସିକ ସ୍ଥିତି ଉପରେ ସବୁକିଛି ନିର୍ଭର କରେ । ଏହା ବାସ୍ତବିକ ସତ୍ୟ । ଯାହାର ପୁତ୍ର ସନ୍ତାନ ନଥାନ୍ତି, ସେମାନେ ପୋଷ୍ୟପୁତ୍ର କରିଥାନ୍ତି । ଆଉ କେତେକ ସରକାରୀ ପ୍ରୋତ୍ସାହନରେ ବିଦେଶୀ ଢାଞ୍ଚାରେ ଜରାନିବାସ ଗଢ଼ିଉଠିବା କଥା କହିଥାନ୍ତି । ଆଉ କେତେକ ସାମାଜିକ ପ୍ରଥା ଅନୁଯାୟୀ ମୃତ୍ୟୁ ପରେ ମୁଖାଗ୍ନି ବା ପିଣ୍ଡଦାନ ନ ଦେଲେ ଆତ୍ମା ତୃପ୍ତ ନ ହେବା କଥା ଚନ୍ତା କରିଥାନ୍ତି । ପୁଣି ଡାକ୍ତର ତ୍ରିପାଠୀ କନ୍ୟା ସନ୍ତାନର ଗୁରୁତ୍ୱ ପ୍ରତିପାଦନ କରିବାକୁ ଯାଇ କହିଛନ୍ତି ଯେ ମହାତ୍ମାଗାନ୍ଧୀଙ୍କ ପୁଅ ଓ ପଣ୍ଡିତ ନେହରୁଙ୍କ ଝିଅ ଏହାର ଜ୍ୱଳନ୍ତ ଉଦାହରଣ । ତେବେ ପ୍ରଶ୍ନ ଉଠେ ବାର୍ଦ୍ଧକ୍ୟ ଅବସ୍ଥାରେ କନ୍ୟା ତା'ର

ପିତାମାତାଙ୍କ ଯତ୍ନ ନେବା କେତେଦୂର ଯୁକ୍ତିଯୁକ୍ତ? ନଜର ଘର-ସଂସାର, ସନ୍ତାନ, ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ଭଲମନ୍ଦ ପରେ ପିତାମାତାଙ୍କ ଯତ୍ନ ନେବା ପ୍ରଶ୍ନ ଉଠିବ ନଷ୍ଟୟ । ଏଣୁ ପରିବେଶ ପରିସ୍ଥିତିକୁ ନେଇ ଯାହା କର୍‌ଯାଇପାରିବ । ତେବେ କଛି କହିବା ଓ ବାସ୍ତବରେ ଘଟିବା ମଧ୍ୟରେ ଅନେକ ତଫାତ୍ । ପଠାଣି ପଟ୍ଟନାୟକଙ୍କ ମତ ଏଠାରେ ବିଶେଷ ପ୍ରଣିଧାନଯୋଗ୍ୟ । ସେ ପିତାମାତାଙ୍କ ଭବିଷ୍ୟତ ଜୀବନ ପାଇଁ କନ୍ୟା ସନ୍ତାନର ଭୂମିକା ସମ୍ପର୍କରେ କହିଛନ୍ତି ଯେ "A daughter is daughter throughout her life. A son is son till he gets a wife" । ଉଭୟରେ ବ୍ୟତିକ୍ରମ ସ୍ୱୀକାର୍ଯ୍ୟ । ବାସ୍ତବିକ ଏହା କ'ଣ ସତ୍ୟ? ଏ ଲଘୁ ମନ୍ତବ୍ୟ କଞ୍ଚିତ ସତ୍ୟ ହୋଇପାରେ । କନ୍ୟା ସନ୍ତାନ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନଜ ପିତାମାତାଙ୍କ ପ୍ରତି କନ୍ୟା ସନ୍ତାନର ଦୁର୍ବଳତା ଅନେକ । ବୃଦ୍ଧ ଅବସ୍ଥାରେ ସେମାନଙ୍କର ବିଶେଷ ଯତ୍ନ ପାଇଁ କନ୍ୟା ସନ୍ତାନ ଚେଷ୍ଟିତ ହୋଇଥାନ୍ତି । ପରିବେଶ ଓ ପରିସ୍ଥିତି ନେଇ ଭିନ୍ନତା ଆସିବା ସ୍ୱାଭିବିକ । ଏଠାରେ ଉଲ୍ଲେଖ କର୍‌ଯାଇପାରେ ଯେ ମଣିଷ ଜୀବନରେ ଦୁଇଟି ଅସହାୟ ଅବସ୍ଥା ପରିଲକ୍ଷିତ ହୋଇଥାଏ - ପ୍ରଥମଟି ହେଲ୍ ବାଲ୍ୟାବସ୍ଥା ଓ ଦ୍ୱିତୀୟଟି ବୃଦ୍ଧାବସ୍ଥା । ଏହି ଦୁଇଟି ଅବସ୍ଥାରେ ମଣିଷ ଅନ୍ୟର ସହାୟତା ଲୋଡ଼ିଥାଏ । ତେବେ ଯିଏ ଏହି ଦୁଇଟି ଅବସ୍ଥାରେ ଯାହାଠାରୁ ପୂର୍ଣ୍ଣ ସହାୟତା ପାଇଥାଏ ସେ ତାକୁ ତା'ର ଏହିପରି ଅବସ୍ଥାରେ ପୂର୍ଣ୍ଣ ସହାୟତା କରିବା ଉଚତ - ସେ ପୁତ୍ର ହେଉ ଅବା କନ୍ୟା ।

**(ଲେଖକ)**

ଉପ ନର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ଅଭୂଲ୍ ସ୍ମୃତି



ସଂଯୁକ୍ତା ମହାପାତ୍ର

ତୁମେ ମୋତେ ଭଲ ପାଅ କ ନପାଅ
ନିତି ନିତି ଝୁରି ହେଉଥିବି,
ତୁମ କଥା ହୃଦେ ଭାବି ଭାବି ନିତି
ମନକୁ ବୁଝେଇ ଦେବି ।

ହୃଦୟେ ରଖିଛି ତୁମ ପ୍ରିତି ଭରା
ଅପାଶୋରା କେତେ କଥା,
ସେ ସବୁ ଭାବି ମୁଁ ମନେ ମନେ ହସେ
ଓଠେ ହସ ମନେ ବ୍ୟଥା ।
ଆଇନାକୁ ଦେଖି ଭାବଇ ଆଜି ମୁଁ
ସତେ କ ପାଗଳ ହେଲି,
ତୁମର ସେ ସ୍ନେହ ରାଗ ରୁଷା ସବୁ
ମନରେ ସାଇତି ଦେଲି ।
କେମିତି  ଜାଣିବି କୁହ,
ମୋତେ କେତେ ଭଲପାଅ,
ଅଭିମାନ ଯଦି କରିଦେଲି କେବେ,
କେମିତି ଯେ ଭୁଲିଯାଅ ।

ଡର ଡର ଲାଗେ ତୁମେ ରାଗିଗଲେ,
ହେଲେ ଭଲ ଲାଗେ,

ଦେଖି ତୁମ ମୁହଁ ଫୁଲ,
ମାନ ଅଭିମାନ ରାଗ ରୁଷା ଆମ
ସବୁ ଯେ ସ୍ମୃତି ଅଭୂଲ ।
ପ୍ରେମରେ ଲଢେଇ ଅଢେଇ ଘଡିର,
ପ୍ରାଣେ ଭରିଯାଏ ରସ ପିରତିର,
ମାନ ଭଞ୍ଜନର ମଉକା ଯେ ମିଳେ
ଭଲଲାଗେ ସତେ ପ୍ରିତି ଦିଆ ନିଆ କାରବାର ।
ମାନଯାଅ ଏବେ ମନୁଆ ରାଜା ମୋ
ଘଷୁଛି ନାକ ମୋ ଧରୁଛି କାନ,
ଛୋଟ କଥାଟିରେ କରିବିନି ଆଉ
ଏଇମିତି କେବେ ଅଭିମାନ,
ସାଥି ହୋଇ ଆମେ ସହିଯିବା ସବୁ
ପ୍ରିତିଭରା ଆମ ଜୀବନ ।

ପଟିଆ, ଭୂବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ଡିସେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ନଭେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

# ମୁଠାଏ ପାଉଁଶ



ଦିଲିପ୍ କୁମାର ତ୍ରିପାଠୀ

ପ୍ରେମ ବୋଲି ଭାବି ହେଲି
ହର୍ଷିତ ମନା
ଅଥୟ ପାଦ ମୋର କଲା
ଛୁଇଁବାକୁ, ଧରାକୁ ମନା ।

ପ୍ରଥମ ଭେଟି ପ୍ରେମର ଭାବିଲି
ହାୟ ! ମୁଁ କି ଥିଲି ଭୋଳା
ଥିଲା ସେ କାଗଜ ଫୁଲ
ଆଉ ଅତର ବୋଳା ।

ତଥାପି, କାଗଜ ଫୁଲେ କଲି ସ୍ୱପ୍ନ ଅନ୍ୱେଷଣ
ସପନ ବି ଦେଖାଇଲା
କି ରାତି କି ଦିନ
କିନ୍ତୁ ଆଜି ଏକ ହେଲା !
ନାହିଁତ ସପନ !

ମନ ମନ୍ଦିର ମୋ କୋଣାର୍କ ସଦୃଶ

ଜୀର୍ଣ୍ଣଶୀର୍ଣ୍ଣ ଆଉ ଭଗ୍ନ ।

ହେଲା କ ପ୍ରେମ ଶେଷ

ହେଲା କ ପ୍ରେମ ଶେଷ ବୋଲି

ମୁଠା ଖୋଲି ଦେଖିଲା ବେଳକୁ

ଥିଲା ମୁଠାଏ ପାଉଁଶ

ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com



# ଛାଡ଼ଖାଇ

ସୀତାରାମ ଦାଶ

କାର୍ତିକ ମାସ ଦିନ କେତେଟା ବାକି ଅଛି। ଧରମ ମାସରେ ଆଇଁସ ନ ଖାଉଥିବା କଛି ଲୋକଙ୍କ ପାଟି ଆମ୍ବିଳା ହୋଇଗଲାଣି। ଗୁରିଟା ଦିନ କେମିତି ସରିବ ଏବଂ ପାଟିରେ ମାଛ, ମାଂସ ଟିକେ ବାଜିବ। ପୁରା ମାସଟା ଶାଗ ମୁଗରେ କଟିଲାଣି। ପଞ୍ଚୁକ ପାଞ୍ଚ ଦିନ ପରେ କେମିତି ଭଲ ଖାସି ମାଂସ ହେଉ ନ ହେଲେ ବ୍ରଏଲର କମ୍ବା ଭୁକୁର ମାଛରେ ଛାଡଖାଇ ପାଳବାର ବ୍ୟବସ୍ଥା ସମସ୍ତେ କରିସାରିଲେଣି ।

ଆମ ଗାଁର ସନଆ ସାହୁ ଜଣେ ଛେଳ ଗୃଷୀ। ତାଙ୍କ ଘରେ ଛେଳ ଭଲ ବଢନ୍ତି। ସନଆ ସାହୁର ସ୍ତ୍ରୀ ଛୁଆ ପିଲା ସମସ୍ତେ ପୁରା ଦାମରେ ଲାଗିଛନ୍ତି ଛେଳ ପଛରେ। କଅଁଳ ପନ୍ର, ଘାସ, ବିରି, କୋଳଥ ଖୁବ ଦେଉଛନ୍ତି। କେମିତି ଟିକେ ହୃଷ୍ଟପୃଷ୍ଟ ହୋଇଗଲେ ଛାଡ଼ଖାଇରେ ଭଲ ଦି ପଇସା ହେବ। ଟିକେ ଭଲ ମନ୍ଦ ଖାଇ ଖୁବ ଆନନ୍ଦରେ ଥାଆନ୍ତି ଛେଳ ଗୁଡିକ।

ସନଆ ସାହୁର ସବୁଠୁ ସୁନ୍ଦର ଛେଳ ହେଉଛି ମଙ୍ଗୁ। ମଙ୍ଗଳ ବାରରେ ଜନ୍ମ ହୋଇଥିବାରୁ ତା ନା ମଙ୍ଗୁ। ମଙ୍ଗୁ ଦେଖିବାକୁ ଖୁବ ସୁନ୍ଦର। କଳା ଛନ୍ନ ଛନ୍ନ ଦେହକୁ ମୁଣ୍ଡରେ ଧଳା ଗୃନ୍ଦ। ପଶୁଟିଏ ହେଲେ ବି ଖୁବ ସ୍ନେହି ଓ ବୁଦ୍ଧିମାନ। ଭାତ ହେଉ ଜଳଖିଆ ହେଉ କମ୍ବା ଭୁଜା ମୁଢ଼ି ହେଉ ମଙ୍ଗୁ ସମସ୍ତଙ୍କ ସାଥିରେ ଖାଏ ଏବଂ ସାଥିରେ ଶୁଏ। ଶୀତରୁ ରକ୍ଷା ପାଇବା ପାଇବା ପାଇଁ କମ୍ବଳ, ରେଜାଇ ବି ଘୋଡାଇ ଦିଅନ୍ତି ଘର ଲୋକେ। ସନଆ ସାହୁର ସାନ ପୁଅ ମନୁଆ ବହୁତ ଭଲ ପାଏ ମଙ୍ଗୁକୁ। ସ୍କୁଲ ସମୟ ଛାଡିଦେଲେ ସବୁବେଳେ ମଙ୍ଗୁ ଓ ମନୁଆ ଏକାଠି ଖେଳନ୍ତି, ବୁଲନ୍ତି। ସ୍କୁଲ ରୁ ଫେରିବା ବାଟରେ ମନୁଆ ଦୁବ ଘାସ ସାଙ୍ଗକୁ ଡାଳ ପନ୍ର ଆଣି ଆସେ ମଙ୍ଗୁ ପାଇଁ।

ଛାଡ଼ଖାଇର ଦୁଇ ଦିନ ପୂର୍ବରୁ କାଲୁ ମିଆଁ ଛେଳ ପାଇଁ ଆସିଲା ସନଆ ସାହୁ ଘରକୁ। ଅନେକ ମୂଳ ଗ୍ଲ ପରେ ନେଇଗଲା ମନୁଆ ଘରୁ ମଙ୍ଗୁ ସହିତ ଆଉ ଦଶଟି ଛେଳ। ବିଡାଏ ନୋଟ ପାଇଁ ସମସ୍ତଙ୍କ ମନ ବହୁତ ଖୁସି। ହେଲେ ମଙ୍ଗୁକୁ ଭିଡି ଧରିଥାଏ ମନୁଆ। ଆଖିରେ ଆଖିଏ ଲୁହ। କାନ୍ଦି ବୋବାଇ ତଳେ ଗଡ଼ିଲାଣି। ଏକା ଜିଦ ମଙ୍ଗୁ କୁଆଡେ ଯିବନ। ବାପା ମନୁଆକୁ ଦୁଇଟି ପଗ୍ଶ ଟଙ୍କା ଦେଇ କହିଲେ ମଙ୍ଗୁର ଦେହ ଖରାପ। ଡାକ୍ତରଖାନା ଯାଉଛି କଛିଦିନ ରହି ପୁଣି ଆମ ଘରକୁ ଫେରିବ। ବୋଉ ବି ବୁଝାସୁଝା କରି ମନୁଆକୁ ସ୍କୁଲ ପଠାଇ ଦେଲେ। କାଲୁ ମିଆଁ ଛେଳ ମାନଙ୍କ ଗ୍ରି ଗୋଡ଼କୁ ବାନ୍ଧି ବଡ଼ ବଡ଼ ବ୍ୟାଗରେ ଅତି ନୃଶଂସ ଭ୍ବରେ ଭର୍ତି କରି ନେଇଗଲା। ସେ ଦୃଶ୍ୟ ଅତି କରୁଣ ଏବଂ ହୃଦୟ ବିଦାରକ।

ଛାଡ଼ଖାଇ ଦିନ ସକାଳ। କାଲୁ ମିଆଁ ଦୋକାନ ଆଗରେ ମାଂସ ପାଇଁ ବହୁତ ଭିଡ। ଅନେକ ଛେଳ ବନ୍ଧା ହୋଇଛନ୍ତି କଟା ହେବାକୁ। କାଲୁ ମିଆଁ ସବା ଶେଷକୁ ରଖିଛି ମଙ୍ଗୁକୁ। ମଙ୍ଗୁର ଆଖି ଆଗରେ ତା ପରିବାରର ସଦସ୍ୟ ଗୋଟିଏ ପରେ ଗୋଟିଏ ହଣା ହେଉଛନ୍ତି। କାଲୁ ମିଆଁ ଛେଳ ମାନକୁ ତଳେ ପକାଇ ଏକ ଧାରୁଆ ଛୁରୀରେ ଶରୀରରୁ ମୁଣ୍ଡ ସବୁ ଅଲଗା କରିଦେଉଥାଏ। ରକ୍ତର ସୁଅ ଛୁଟୁ ଥାଏ, ମୁଣ୍ଡ ରୁ ଆଲଗା ହୋଇଥିବା ଶରୀର ଟା ଅନେକ ସମୟ ପର୍ଯ୍ୟନ୍ତ ଛଟପଟ ହୋଇ ନସ୍ତେଜ ହୋଇଯାଏ। ତାପରେ ଦୁଇଜଣ ଯୁବକ ଶରୀରରୁ ସମସ୍ତ ଚମଡା କାଢ଼ିନେଇ ଏକ ଧାରୁଆ କଟୁରିରେ ଟୁକୁଡା ଟୁକୁଡା କରିଦେଉଥାନ୍ତି। ଏସବୁ ଦୃଶ୍ୟ ଅତ୍ୟନ୍ତ ଦୃଦୟ ବିଦାରକ। ମଙ୍ଗୁର ସାରା ଶରୀର ଭୟରେ ଥରହର। ମାରିବା ଠୁ ମରିବାର ଭୟ ବେଶୀ କଷ୍ଟ ଦେଉଥାଏ ମଙ୍ଗୁକୁ। ଖସି ପଳାଇବାକୁ ଶତ ଚେଷ୍ଟାରେ ବି ବିଫଳ ହେଉଥାଏ ମଙ୍ଗୁ। କେବଳ ବିକଳ ହୋଇ ମେ ମେ ରଡି ଛାଡି କାନ୍ଦୁଥାଏ। ମନେ ମନେ ମନୁଆ ଆଉ ସନଆ ଭ୍ଇକୁ ବହୁତ ଖୋଜୁଥାଏ। ମଙ୍ଗୁର କରୁଣ ଚତ୍କାର ଗଗନ ପବନ ପ୍ରକମ୍ପିତ କରୁଥାଏ କନ୍ତୁ କଏ ଶୁଣିବ? ସମସ୍ତେ ଭଲ ମାଂସ ଟିକେ କେମିତି ପାଇବେ ଗ୍ହିଁ ବସିଥାନ୍ତି। କଏ କଲିଜା ମାଗିଲାଣି ତ କଏ ବେକ ପାଖ ମାଂସ ମାଗିଲାଣି। କାହାର ପଞ୍ଜରା ଦରକାର ତ କାହାର ଗୋଡ।

ଏପଟେ ମନୁଆ କଛି ବୟସ୍କ ବେକ୍ତି ଏବଂ ବଡ ପିଲାମାନଙ୍କ ପାଖରୁ ଜାଣିବାକୁ ପାଇଛି, ମଙ୍ଗୁ କାଲୁ ମିଆଁ ସାଥିରେ ଯିବାର ପ୍ରକୃତ ରହସ୍ୟ। ମଙ୍ଗୁ ସାଥିରେ କଣ କଣ ହେବ

ଜାଣିବା ପରେ ମନୁଆର ପାଦତଳୁ ମାଟି ଖସି ଯାଇଛି। ମାନସିକ ସ୍ତରରେ ଗଭୀର ଆଘାତ ପାଇଛି ସେ। ନିରବ ନିଃସ୍ତବ୍ଧ ହୋଇଯାଇଛି ଶରୀରର ପ୍ରତ୍ୟେକ ଅଙ୍ଗ। ନା ଖେଳ ବୁଲ, ନା ଖିଆପିଆ ନା କଥାବାର୍ତ୍ତା.... ସବୁ ବନ୍ଦ, କେବଳ ମଙ୍ଗୁ ଚିନ୍ତା ମନୁଆର। ଘର ଲୋକ ବହୁତ ବ୍ୟସ୍ତ।

ସୂର୍ଯ୍ୟଦେବଙ୍କ ଆଲୋକ ରଶ୍ମି ଧରିତ୍ରୀ ପୃଷ୍ଠରୁ ବିଦାୟ ନେଇସାରିଥାଏ। ଆକାଶରେ ଚନ୍ଦ୍ରର ଶୀତଳ କିରଣ ଏବଂ ହେମନ୍ତର ଶିଶିର ବିନ୍ଦୁ ଦେହ ମନକୁ ଶୀତରେ ମତୁଆଲା କରୁଥାଏ। କିନ୍ତୁ ମନୁଆ ଦେହ ତାତିରେ ଖଇ ଫୁଟୁଥାଏ। ରାତିର ଗତି ସହିତ ମନୁଆର ଦେହ ବେଶି ବେଶି ଖରାପ ହେଉଥାଏ। ଘରେ ସମସ୍ତେ ଲୋକ ଉପାସରେ ଜଗି ବସିଥାନ୍ତି। ଅଧ ରାତିରେ ମନୁଆ ମଙ୍ଗୁ ମଙ୍ଗୁ ବୋଲି ଅସ୍ପଷ୍ଟ ଭାବରେ କହୁଥାଏ। ଏବେ ପରିବାରର ସମସ୍ତେ ନିଷ୍ପତ୍ତି ନେଲେ ଯାହାବି ହେଉ କିଛି ଅଘଟଣ ଘଟିବା ପୂର୍ବରୁ ନିରାପଦରେ ମଙ୍ଗକୁ ଘରକୁ ଫେରାଇ ଆଣିବାକୁ ପଡ଼ିବ। ସମସ୍ତେ ମନୁଆକୁ ଆଶ୍ୱାସନା ଦେଉଥାନ୍ତି "ଧର୍ଯ୍ୟ ଧରିବାକୁ, ସକାଳ ହେଲେ ଯେମିତି ହେଲେ ମଙ୍ଗୁ କୁ ଘରକୁ ଅଣାଯିବ"।

ବଡି ଭୋରୁ ସନିଆ ସାହୁ ଧାଇଁଲେ କାଲୁ ମିଆଁ ଘରକୁ। ମନୁଆ ବି ସମସ୍ତଙ୍କ ବାରଣ ସତ୍ତ୍ୱେ ବାହାରିଲା ସାଙ୍ଗରେ ଯିବା ପାଇଁ। ତାର ଦୁର୍ବଳ, ଅବଶ ଶରୀରରେ ଟିକେ ଚମକ ଜଣାଗଲା। କାଲୁ ମିଆଁ ଘରେ ପହଞ୍ଚି ସମସ୍ତେ ଜାଣିଲେ ଛେଳି ମାନଙ୍କୁ ନେଇ କାଲୁ ମିଆଁ ଯାଇଛି ଅତଶପୁର ବଜାରକୁ ମାଂସ ବିକ୍ରି ଉଦ୍ଦେଶ୍ୟରେ। ସମସ୍ତଙ୍କ ମନରେ ହତାଶ ଆଉ ଆଶଙ୍କା। ଈଶ୍ୱରଙ୍କ ସ୍ମରଣ କରିବା ଛଡା କିଛି ଉପାୟ ନ ଥାଏ କାହା ପାଖରେ। ବ୍ୟସ୍ତ ଆଉ ବିବ୍ରତ ହୋଇ ସମସ୍ତେ ଧାଇଁଥାନ୍ତି କାଲୁ ମିଆଁ ପାଖରେ ଜଲଦି ପହଂଚବା ଉଦ୍ୟଶରେ।

କାଲୁ ମିଆଁ ପାଖରେ ମାଂସ ପାଇଁ ବହୁତ ଭିଡ। ଗୋଟେ ଖାସି କଟା ହେଉଥାଏ ଦଶ ପନ୍ଦର ମିନିଟ ଭିତରେ ଶେଷ। କିଛି ଗ୍ରାହକ ଅପେକ୍ଷା କରିଥାନ୍ତି ମଙ୍ଗୁ କେତେବେଳେ କଟାହେବ। ଶେଷରେ ମଙ୍ଗୁ ପାଳି, ମଙ୍ଗୁ କୁ ଧରି କାଲୁ ମିଆଁ ଯାଉଛି ହାଣିବା ପାଇଁ। କରୁଣାମୟ ଭଗବାନଙ୍କର କି ଅପୂର୍ବ ସଂଯୋଗ। ହଠାତ ସନିଆ ଭାଇ ଏବଂ ମନୁଆ ପହଁଚିଲେ। ମଙ୍ଗୁକୁ ଦେଖି ମନୁଆର ଦେହ ଅଧା ଭଲ। କେହି କିଛି ବୁଝିବା ଆଗରୁ ମନୁଆ ମଙ୍ଗୁକୁ

କୁଣ୍ଡେଇ ଭେଁ ଭେଁ ହୋଇ କାନ୍ଦିଲା। ମଙ୍ଗୁ ଆଖିରେ ବି ଲୁହ। ମେ ମେ ହୋଇ ବହୁତ ଖୁସି ହେଉଥାଏ ମଙ୍ଗୁ। ମନୁଆ କାନ୍ଦି କାନ୍ଦି କହିଲା କାଲୁ କାକା ହାଣିବ ଯଦି ମତେ ହାଣ ହେଲେ ମଙ୍ଗୁ ଛାଡି ଦିଅ। ନ ହେଲେ ତାକୁ ଛାଡି ମତେ ହାଣ।

ତାପରେ ମନୁଆ ମଙ୍ଗୁର ମୁହଁ, ଆଖି, କପାଳ, ପିଠିକୁ ଚୁମା ଦେଲା ଅନେକ ଥର ଗୋଟେ ଅଦ୍ଭୁତ ପାଗଳପଣରେ। ତାପରେ ମନୁଆ କହିଲା "ମଙ୍ଗୁ ତୁ ମତେ ଖରାପ ଭାବୁନୁତ**?** ତୁ ଏତେ କଷ୍ଟରେ କେମିତି ଏକଲା ରହୁଛୁ। ତୋ ବିନା ମୁଁ ମରିଯିବିରେ"। ମଙ୍ଗୁ ବି ସବୁ ବୁଝୁଥିଲା ଆଉ ମନୁଆର ଆଖିରୁ ଝରୁଥିବା ଲୁହ ଧାରାକୁ ଚାଟି ଚାଟି ସଫା କରିବାରେ ଲାଗିଥିଲା।

ସମସ୍ତଙ୍କ ଆଖିରେ ଲୁହ। ଏକ ଶୋକାକୁଳ ପରିବେଶ ଭିତରେ ନୀରବତା ରାଜୁତି କରୁଥିଲା। ମାଂସ ପାଇଁ ରହିଁ ରହିଥିବା ଲୋକମାନେ ଗୌତମ ବୁଦ୍ଧଙ୍କ ଅହିଂସା ମନ୍ତ୍ରରେ ଅନୁପ୍ରାଣିତ ହୋଇଯାଇଥିଲେ ଆପେ ଆପେ କିଛି ସମୟ ପାଇଁ। କାଲୁ ମିଆଁର ରକ୍ତ ଲଗା ଛୁରି ଟା ହାତରୁ ଖସି ପଡ଼ିଥିଲା ତା ଅଜାଣତରେ। ସନଆ ଭାଇ କଣ କହିବାକୁ କାଲୁ ମିଆଁ କାନ ପାଖକୁ ଝୁଙ୍କି ପଡୁଥିଲେ, ହେଲେ କାଲୁ ମିଆଁ ତର ତର ହୋଇ କହିଲା ସନଆ ଭାଇ ଛେଳି ନେଇ ଘରକୁ ଯାଅ, ପରେ କଥା ହେବା।

ଏବେ କାଲୁ ମିଆଁ ମାଂସ ବିକ୍ରି ଛାଡି ଲୁଗାପଟା ବ୍ୟବସାୟ କରୁଛି, ବହୁତ ଭଲରେ ବି ଅଛି। ମଙ୍ଗୁ ବହୁତ ବଡ଼ ହୋଇ ଗଲାଣି। ପୂର୍ବର ସୁନ୍ଦରତା କି କୋମଳତା ନାହିଁ କିନ୍ତୁ ମନୁଆ ଆଉ ମଙ୍ଗୁ ସବୁବେଳେ ଏକାଠି।

ସାନମୂଳେଇ, କଟକ

# ମୁହଁ ହେଲେ ଦରପଣ



ଲକ୍ଷ୍ମୀ ନାରାୟଣ ପଣ୍ଡା

ମୁହଁଟା ହୋଇଯାଆନ୍ତା
ଦରପଣ ଯଦି
ପ୍ରତିବିମ୍ବିତ ହୁଅନ୍ତା
ମନ ଆଉ ହୃଦୟର ଛବି ।

ମନରେ ଛଳନା ଭରି
ମିଛ କଥା ହୁଅନ୍ତା କ କହି
ନୟନରୁ ହୁଅନ୍ତା କ
ଲୋତକ ଗଡାଇ
ପର ଦୁଃଖ ଦେଖି
ଅନ୍ତର ଭିତରେ ହସୁଥାଇ ।
କଳ ବଳ କଉଶଳ
ସ୍ୱାର୍ଥ ସିଦ୍ଧି ପାଇଁ
ପାରନ୍ତା ଲଗାଇ
କବା ଧର୍ମ ଦ୍ୱାହି ଦେଇ ।

ଧନକଉଡ଼ା, ସମ୍ବଲପୁର

# ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ



ସିଦ୍ଧେଶ୍ୱର ତ୍ରିପାଠୀ

ସରିଛି ବେଲ ବରଣ
ଶକ୍ତି ଶିବ ଆବାହନ
ପୀଠ ମଣ୍ଡପରେ ବାଜେ
ଘଣ୍ଟ କାହାଳ
ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ
ଦିଅ ଦିଅ କରୁଣା ଢାଳ । - - - -(0)

ଯୋଗମାୟା ଭଗବତୀ
ହରପ୍ରିୟା ଜଗଧାତ୍ରୀ
ଶାକମ୍ବରି ସନାତନୀ
ଘେନ ଆରତୀ ।

ଗୁହାରି କରୁଛୁ ମାତ ପ୍ରଦୀପ ଜାଳ
ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ
ଦିଅଦିଅ କରୁଣା ଢାଳ ।- - - -(୧)

ଅଶିଣ ସାଥିରେ ଧରି
ଶରତ ଆସିଛି ଫେରି
କାଶତଣ୍ଡି ହସ ଦେଖି
ସବୁ ମନ ଯାଏ ପୁରି ।

ଦଶଭୂଜାଙ୍କ ଦର୍ଶନେ
ଖୁସିଭରେ ସବୁ ମନେ
ଦୁଷ୍ଟ ଅହଙ୍କାରୀ ପାପୀ
ଯାଆନ୍ତି ଜଳ
ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ
ଦିଅଦିଅ କରୁଣା ଢାଳ - - - -(୨)

ତୁମେ ମାତ ମହାକାଳୀ
ତୁମେ ମାତ ମହାଲକ୍ଷ୍ମୀ
ମହା ସରସ୍ୱତୀ ମାଗୋ।
ଘେନ ପ୍ରଣତୀ

ଜଗଦମ୍ବା ଦଶ ଭୁଜା
ଏଇ ଦଶହରା ପୂଜା
ତୁମକୁ ପାଇ ଜଗତ ପଡେ ଉଛୁଳ
ଦୁର୍ଗତି ନାଶିନୀ ଦେବୀ ଦୁର୍ଗେ
ଦିଅ ଦିଅ କରୁଣା ଢାଳ ....(୩)

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# "ମା"



ବିଜୟ ପଣ୍ଡା

ଦକ୍ଷିଣ ପୂର୍ବତଟ ରେଳବାଇ ଅନ୍ତର୍ଗତ ଛୋଟିଆ ଷ୍ଟେସନଟିଏ ମାର୍କୋଣା । କୌଣସି ଏକ୍ସପ୍ରେସ ଟ୍ରେନ ରହିବାର ସୁବିଧା ନାହିଁ ଏଠାରେ, ତେଣୁ ପାସେଞ୍ଜର ଟ୍ରେନରେ ପରବର୍ତ୍ତୀ ବଡ ଷ୍ଟେସନକୁ ଯାଇ ଏକ୍ସପ୍ରେସ ଟ୍ରେନ ଧରି ରାଜଧାନୀ କମ୍ବା ରାଜ୍ୟ ବାହାରକୁ କାମ କରିବାକୁ ଯାଆନ୍ତି ଲୋକମାନେ । ଷ୍ଟେସନରୁ ଦୁଇ ମାଇଲ ଭିତରେ ତହସିଲ ଅଫିସ, ପୋଲିସ ଥାନା, ଡାକ୍ତରଖାନା ଓ ଗ୍ରାମୀଣ ବ୍ୟାଙ୍କ ଆଦି ସବୁ ସରକାରୀ କାର୍ଯ୍ୟାଳୟ ଅବସ୍ଥିତ । ଷ୍ଟେସନ ପାଖ ବଜାରରେ ନିତ୍ୟଦିନ ଜୀବନ ଯାପନ ପାଇଁ ପ୍ରାୟ ସବୁ ପ୍ରକାରର ଘରୋଇ ସାମଗ୍ରୀ ଉପଲବ୍ଧ । ଷ୍ଟେସନରୁ ୧ ମାଇଲ ଭିତରେ ବ୍ୟସ୍ତ ବହୁଳ ଜାତୀୟ ରାଜପଥ ନମ୍ବର-୬ ଆଉ ଛ'ରୁ ସାତ କିଲୋମିଟର ଦୂରରେ ମଫସଲି ଗାଁ ସବଙ୍ଗରେ ଜନ୍ମ ବଂଶିଧରଙ୍କର । ଅଙ୍କାବଙ୍କା ମାଟି ସଡକଟିଏ ଲମ୍ବିଯାଇଥାଏ ବଜାରରୁ ଗାଁକୁ ।

ନଦୀ ନାଳ, କ୍ଷେତ ବାଡ଼ି, ଆମ୍ବ ତୋଟା, ବାଉଁଶ ବଣ ଆଉ ସବୁଜ ବନାନୀରେ ଭରା ଚତୁର୍ପାର୍ଶ୍ୱ ଭାରି ମନଲୋଭା । ଯେମିତି ପ୍ରକୃତିର ନିଜ ଘରେ ସବୁକିଛି ଯଥାବିଧି ନିଜର ଉପସ୍ଥିତିରେ ଶୋଭାମଣ୍ଡିତ କରୁଥାନ୍ତି ଗାଁର ପରିବେଶକୁ । ଗାଁ ମଝିରେ ଠାକୁରାଣୀ ମନ୍ଦିର ଆଉ ତା'ପାଖକୁ ଲାଗି ଭାଗବତ ଟୁଙ୍ଗି, ଗ୍ରାମବାସୀଙ୍କର ଆଧ୍ୟାତ୍ମିକ ଚେତନାର କେନ୍ଦ୍ର । ଘରୁ ବାହାରି ହାଟ ବଜାରକୁ ବା ସହରକୁ ଗଲାବେଳେ ଠାକୁରାଣୀଙ୍କୁ ମୁଣ୍ଡିଆ ମାରିବାକୁ ଭୁଲନ୍ତି ନାହିଁ ଆବାଳ ବୃଦ୍ଧ ବନିତା । ଘଣ୍ଟାରେ ସକାଳ ନ'ଟା କେତେବେଳେ ବାଜିଲା ସେକଥା

ନୀତିଦିନ ଗାଈ ଗୋଠ ନେଇ ବାହାରୁଥିବା ସନଆ ଭାଇର "ଗାଈ ଛାଡ଼ ହୋ ଗାଈ.. ଗାଈ ଛାଡ଼ ହୋ ଗାଈ..ଇ" ଡାକରୁ ଜଣାପଡ଼େ । ଅସ୍ତଗାମୀ ସୂର୍ଯ୍ୟଙ୍କର ଗୋଠ ଫେରନ୍ତା ଗୋଧୂଳ ସମୟର ଦୃଶ୍ୟରେ ସନଆ ଭାଇର ଡାକ "ଗାଈ ଗଲ୍ ହୋ..ଗାଈ..." ଘଣ୍ଟାରେ ଗୁରିଟା ବାଜିଲ୍ ବୋଲି ସୂଚେଇଦିଏ ।

ବଜାରକୁ ଯାତାୟାତ ପାଇଁ ମୁଖ୍ୟତଃ ସାଇକେଲର ବହୁଳ ବ୍ୟବହାର କରନ୍ତି ଗ୍ରାମବାସୀ । ମାଟି ରାସ୍ତାର ଅବସ୍ଥା ଯାହା.., ପାଗ ଶୁଖିଲା ଥିଲେ ଲୋକମାନେ ସାଇକେଲ ଉପରେ ଆଉ ଇନ୍ଦ୍ରଦେବଙ୍କ କୃପା ହେଲେ ବରଷା ରାଣୀର ଆଗମନରେ..ଦୃଶ୍ୟ କଛି ଅଲଗା; ସାଇକେଲ ବୁହାହୁଏ ଲୋକଙ୍କ କାନ୍ଧରେ । ଏସବୁକୁ ଗାଁ ଲୋକେ ଯେମିତି ତାଙ୍କ ଭାଗ୍ୟ ସହ ଯୋଡି ନେଇଥାନ୍ତି ।

ବଜାରରୁ ଗାଁ ଯିବା ପାଇଁ ରାସ୍ତାରେ ଦୁଇଟି କେନାଲ ପାର ହୋଇ ଯିବାକୁ ପଡେ, ବର୍ଷାଦିନେ ବାଉଁଶର ପୋଲଟିଏ ବନ୍ଧା ହୁଏ କେନାଲ ପାରି ହେବାପାଇଁ । ଗାଁରେ ଗାରିଚକଆ ଯାନର ସୁବିଧା ନଥିବାରୁ ଆପାତକାଳୀନ ପରିତିସ୍ଥିତିରେ ଡାକ୍ତରଖାନାକୁ ଲୋକମାନେ ଖଟିଆରେ ବୁହା ହୋଇ ଯା'ନ୍ତି । ଗାଁରେ ବିଜୁଳ ଆଲୋକର ସୁବିଧା ନଥିବାରୁ ଲୋକମାନେ ଲଣ୍ଠନ, କେରୋସିନ ବତୀ ଆଦି ଜାଳ ଅନ୍ଧକାର ଦୂର କରନ୍ତି । କଣ୍ଟ୍ରୋଲ ଦୋକାନରୁ ରାଶନ କାର୍ଡ ଯୋଗେ କରୋସିନ କଣାଯାଇ ଘରେ ମହଜୁତ ରଖା ଯାଏ ଆପାତକାଳୀନ ପରିସ୍ଥିତି ପାଇଁ।

ବଂଶିଧରର ପରିବାର କହିଲେ ଦୁଇ ଭଉଣୀ, ବଡ ଭାଇ ପ୍ରବୀଣ ଆଉ ବିଧବା ମା କୌଶଲ୍ୟା । ବଂଶିଧର ବାପଛେଉଣ୍ଡ ପିଲାଟି ଦିନରୁ, ସେ ମା' ପେଟରେ ଥିଲା ବେଳେ ହିଁ ତା'ର ବାପା ଟି.ବି. ରୋଗରେ ଆକ୍ରାନ୍ତ ଥିଲେ । ବଂଶିଧର ଜନ୍ମ ହେବାର ବର୍ଷେ ନ ପୁରୁଣୁ ତାର ବାପା ପ୍ରାଣ ହରାଇଲେ । ବାପାଙ୍କ ସ୍ନେହରୁ ସେ ବଞ୍ଚିତ ।

ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବଡ ଭାଇ ପ୍ରବୀଣ, ମାଟ୍ରିକ ପାସ ପରେ ଗୃଷ କାମରେ ଲାଗିଯାଏ । ଗୃଷ ଜମି ବୋଲି ମାତ୍ର ଛ ଗୁଣ୍ଠ ! କେତେ ବା ସେଥିରେ ଧାନ ଅମଳ ହେବ !

ପୁରା ବର୍ଷକ ପାଇଁ ପାଇଁ ଗ୍ଭଉଳ ବି ମିଳେନ । ଯାହା ଅମଳ ହୁଏ ସେଥିରୁ କିଛି ମାସ ପାଇଁ ଗ୍ଭଉଳ ଆଉ ଘର ଛାଉଣି ପାଇଁ କିଛି ଛଉଣ ମିଳିଯାଏ । ସେ ଅଞ୍ଚଳରେ ପ୍ରାୟ ସମସ୍ତଙ୍କ ଘରେ ସକାଳେ ସଞ୍ଜେ ଜଳଖିଆ କହିଲେ ମୁଢି ହିଁ ପ୍ରଥମ ପସନ୍ଦ । ମୁଢିକୁ ନେଇ କେତେ ପ୍ରକାର ଯେ ଖାଦ୍ୟ ତିଆରି ନହୁଏ। ପିଲାରୁ ବୁଢା ଯାଏଁ, ଆମିଷ ଭୋଜନକାରୀ ଠୁଁ ନିରାମିଷାଶୀ ସମସ୍ତଙ୍କର ମୁଢି ହିଁ ଦରକାର ହୁଏ । ଏମିତିକି ମାଂସ ଝୋଳରେ ବି ମୁଢି ପକେଇ ଅତି ଆନନ୍ଦରେ ଖାଇ ନିଅନ୍ତି ଲୋକମାନେ ।

କୌଶଲ୍ୟା ବହୁତ ଭଲ ମୁଢି ଭାଜନ୍ତି, ଜୀବନ ନିର୍ବାହ କରିବାର ଏକ ପନ୍ଥା ହିସାବରେ ସେହି ମୁଢିକୁ ବ୍ୟବସାୟ ଭାବରେ ଧରିନିଅନ୍ତି । ଘରେ ଦୁଇଟି ବାଢୁଅ ଝିଅ ସାଙ୍ଗକୁ ଦୁଇଟି ପୁଅ, ସମସ୍ତଙ୍କର ଦାୟିତ୍ୱ ତାଙ୍କ ଉପରେ । ବହୁ କଷ୍ଟରେ ଓଷା ବ୍ରତ, ପର୍ବ ପର୍ବାଣି, ଯାନିଯାତରା ସବୁ କିଛିର ଖର୍ଚ୍ଚ ସେଇଥିରୁ ହିଁ ଉଠାନ୍ତି । ଗାଁରେ ତ ସମସ୍ତେ ନିଜ ଘରେ ନିଜେ ମୁଢି ତିଆରି କରନ୍ତି ତେଣୁ ଗାଁରେ ସେମିତି କିଛି ବ୍ୟବସାୟ ହୁଏନି ।

ମୁଣ୍ଡରେ ମୁଢି ବସ୍ତାକୁ ମୁଣ୍ଡରେ ବୋହି ଷ୍ଟେସନ ପାଖ ବଜାରକୁ ପ୍ରତିଦିନ ଗ୍ଭଲି ଗ୍ଭଲି ଯାନ୍ତି ମୁଢି ବିକ୍ରି କରିବାକୁ । ଖରା, ବର୍ଷା, ଶୀତ ପବନକୁ ଖାତିର ନଥାଏ ତାଙ୍କର, ଆଖିରେ ଆଖିଏ ସପନ ଯେ ଦୁଇ ଝିଅଙ୍କର ବାହାଘର କରେଇବେ ଆଉ ବଂଶିଧରକୁ ପାଠ ପଢେଇ ବଡ ମଣିଷ କରିବେ । ବଜାରରେ କିଛି ଗ୍ଭକିରିଆ ଲୋକଙ୍କ ଘରେ ମୁଢି ଯୋଗାଇ ଦିଅନ୍ତି, ବଜାର ଯିବା ଆସିବା ରାସ୍ତାରେ କିଛି ବିକ୍ରି ବି ହେଇଯାଏ । ଏମିତି ମୁଢି ବିକ୍ରିକରି ଯାହା କିଛି ଟଙ୍କା ଅର୍ଜନ କରନ୍ତି, ସେଥିରେ କଷ୍ଟେ ମଷ୍ଟେ ଘର ଚଳିଯାଏ ।

ଗାଁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ, ଟଙ୍କା ଅଭାବରୁ ବଂଶିଧର କେବେବି ଟ୍ୟୁସନ ଯାଏନି ହେଲେ ବି ପ୍ରଥମରୁ ସପ୍ତମ ଶ୍ରେଣୀଯାଏଁ ସବୁ ପରୀକ୍ଷାରେ ତାର ସ୍ଥାନ ପ୍ରଥମ । ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଅଶି ପ୍ରତିଶତ ମାର୍କ ରଖି

ଉତ୍ତୀର୍ଣ୍ଣ ହେଲାପରେ, ଗାଁ ପାଖ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଭେଟି ଅଷ୍ଟମ ଶ୍ରେଣୀରେ ବଂଶିଧର ନାମ ଲେଖାଇ ଦେଲେ ତାର ବଡ ଭାଇ ।

ମେଧାବୀ ବଂଶିଧର ବିଷୟରେ ସବୁ ଜାଣି ବହୁତ ଖୁସି ହେଲେ ପ୍ରଧାନ ଶିକ୍ଷକ, ବାକି ଶିକ୍ଷକଙ୍କୁ ଡାକି ବଂଶିଧର ଭଳି ଜଣେ ମେଧାବୀ ଛାତ୍ର ଆମ ସ୍କୁଲରେ ନାମ ଲେଖାଇଛି ବୋଲି ନିଜର ଖୁସି ପ୍ରକାଶ କଲେ । ଦଶମ ଶ୍ରେଣୀରେ ବହୁତ ଭଲ ନମ୍ବର ରଖି ପାସ କଲେ ଇଂଜିନିୟରିଂ ପଢିବ ବୋଲି ବଂଶିଧର ମା'ଙ୍କର ବହୁତ ବଡ ଆଶା ଥାଏ । ପ୍ରତି ସୋମବାର ସକାଳୁ ଗାଁ ପାଖ ମହାଦେବ ମନ୍ଦିରରେ ବଂଶିଧରଙ୍କ ମା ମହାଦେବଙ୍କ ଉପରେ ପାଣି ଚଢାନ୍ତି । ପରିବାର ସୁଖଶାନ୍ତି ପାଇଁ, ଆଉ ଖାସ କରି ବଂଶିଧର ବେଶୀ ପାଠ ପଢି ବଡ଼ ଗୁରୁକରିଟେ କରୁ ଆଉ ଭଲ ମଣିଷଟେ ହେଉ ସେଥିପାଇଁ ପ୍ରଭୁଙ୍କୁ ଗୁହାରି କରନ୍ତି ।

-"ମୁଢିବାଲିର ପୁଅ କି ସୁନ୍ଦର ପାଠ ପଢୁଛି ! ବଡ ଗୁରୁକରିଟେ ନିଶ୍ଚୟ କରିବ ଆଉ ତା ମା'ର ସବୁ ଦୁଃଖ ଦୂର କରିବ" ଏକଥା ସମସ୍ତଙ୍କ ତୁଣ୍ଡରେ ଥାଏ ।

ଗାଁକୁ ବିଜୁଳି ଆସିନଥିବାରୁ ଟେଲିଭିଜନରେ ଖବର ଦେଖିବା କମ୍ବା କ୍ରିକେଟ ଖେଳ ଦେଖିବାର ଇଚ୍ଛା କେବେ ପୂରଣ ହୁଏନି । ରେଡିଓ ଜରିଆରେ ସେଇ ଆକାଶବାଣୀର ଖବର ପ୍ରସାରଣରେ ଦେଶ ଦୁନିଆର ଖବର ମିଳିବାର ଏକମାତ୍ର ସୂତ୍ର ତା' ପାଇଁ । ସାଧାରଣ ଜ୍ଞାନ ବହି ସବୁ ପଢିବାରେ ବହୁତ ପସନ୍ଦ ତାର, ସେଥିପାଇଁ ବିଦ୍ୟାଳୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ତାର ସ୍ଥାନ ପ୍ରଥମ ଥାଏ, ଏମିତି କି ବ୍ଲକ ସ୍ତରୀୟ ଶିଶୁ ମେଳାରେ ବି ପୁରସ୍କୃତ । ବଂଶିଧର ଜଣେ ମେଧାବୀ ଛାତ୍ର ଭାବେ ଗାଁ ଲୋକଙ୍କର ପ୍ରଶଂସାର ପାତ୍ର ।

ସବୁ ପିଲାଙ୍କ ପରି, ଗାଁ ସାଙ୍ଗ ସାଥି ସହ ମିଶି ଖେଳକୁଦରେ ମାତିବାର ନିଶା କିଛି କମ ନଥାଏ । ଟିକେ ଟିକେ ଦୁଷ୍ଟାମି, ଯେମିତି ସାଙ୍ଗ ମାନଙ୍କ ସହ ମିଶି ଲୁଚି ଲୁଚି କାହା ବାଡିରୁ ପିଜୁଳି ଚୋରୀ କରି ଖାଇବା, ଆମ୍ବ ତୋଟାରୁ ଆମ୍ବ ଚୋରୀ ଏସବୁର ମଜା ନିଏ ବଂଶିଧର।

ଗାଁ ପିଲାଙ୍କର ଏସବୁ କରନାମା ସାଧାରଣ କଥା ତେଣୁ ସବୁ ପିଲାଙ୍କ ପରି ଏମିତି ଛୋଟ ଛୋଟ କଥାକୁ ଗାଁ ଲୋକମାନେ ଅଣଦେଖା କରିଦିଅନ୍ତି ।

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପଞ୍ଚାଅଶି ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତିର୍ଣ୍ଣ ହୁଏ ବଂଶିଧର । ବିଦ୍ୟାଳୟର ଇତିହାସରେ ଦଶମଶ୍ରେଣୀ ବୋର୍ଡ ପରୀକ୍ଷାରେ ସେପର୍ଯ୍ୟନ୍ତ ସଫଳ ଭାବେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସର୍ବାଧିକ ନମ୍ବର ରଖିଥିବା ତାଲିକାରେ ବଂଶିଧର ଏଥର ସର୍ବୋଚ୍ଚ ସ୍ଥାନ ଅଧିକାର କରେ । ସେଥିପାଇଁ ବିଦ୍ୟାଳୟର ସବୁ ଶିକ୍ଷକ ମାନେ ବଂଶିଧର ପାଇଁ ବହୁତ ଗର୍ବିତ ହୁଅନ୍ତି ।

ଇଂରାଜୀ ବିଭାଗର ଶିକ୍ଷକ ମେଧାବୀ ବଂଶିଧରର ଏପରି ପ୍ରତିଭା ପାଇଁ ତାକୁ ଟିକେ ସାହାଯ୍ୟ, ସହାନୁଭୂତି ପାଇଁ ଆଗେଇ ଆସିଲେ । ବଂଶିଧର କେମିତି ଭଲ କଲେଜରେ ନାମ ଲେଖାଇ ପାରିବ ସେସବୁରେ ସାହାଯ୍ୟ କରନ୍ତି ଆଉ ବହୁତ ଭଲ ମାର୍କ ରଖିଥିବାରୁ ବଂଶିଧରକୁ ଫକୀରମୋହନ ସରକାରୀ କଲେଜରେ ଯୁକ୍ତ ଦୁଇ ବିଜ୍ଞାନରେ ଆଡମିସନ ମିଳଯାଏ । କନ୍ତୁ ତା'ପର ପରିସ୍ଥିତି ସଂଘର୍ଷପୂର୍ଣ୍ଣ ହୋଇପଡ଼େ ।

ଛାତ୍ରାବାସରେ ରହିବା ପାଇଁ ବି ଯାହା ଖର୍ଚ୍ଚ ଦରକାର ପଡୁଥିଲା ତାହା ଯୋଗେଇଦେବା ପାଇଁ କଷ୍ଟ ହୋଇ ପଡୁଥିଲା କୌଶଲ୍ୟାଙ୍କ ପାଇଁ । ଗରିବ ମେଧାବି ଛାତ୍ରମାନଙ୍କ ପାଇଁ ସରକାରଙ୍କ ତରଫରୁ କଛି ରିହାତି ମିଳପାରିବ ବୋଲି ବଂଶିଧର ବୁଝା ବୁଝି କରି ୩୦୦ ଟଙ୍କା ଯାଏଁ ମାସିକ ରିହାତିର ସୁବିଧା ପାଇଲା । ଏମିତି ଦୁଇବର୍ଷ ସଂଘର୍ଷ ପରେ ବଂଶିଧର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତିର୍ଣ୍ଣ ହେଲା। କୌଶଲ୍ୟାଙ୍କ ମନରେ ଅସରନ୍ତି ସ୍ୱପ୍ନ ଆଉ ଅସୁମାରି ଆଶା । ପୁଅ ଏଥର ଇଂଜିନୟରିଂ ପଢିବ, ବଡ ଚାକରୀ କରିବ ଆଉ ତାର ନାଁ ରଖିବ । ବଡ ଘର, ଗାଡି ଏସବୁରେ ଲୋଭ ନଥାଏ, ପୁଅକୁ ସଫଳ ମଣିଷଟେ ହେବାର ଦେଖିବାକୁ କେଉଁ ମା'ର ସ୍ୱପ୍ନ ନଥାଏ ! କୌଶଲ୍ୟା ତ ଏତେ

ଦୁଃଖ, କଷ୍ଟ, ତ୍ୟାଗ କରିଛନ୍ତି କେବଳ ପୁଅକୁ ସମାଜରେ ଅଗ୍ରଗଣ୍ୟ ମଣିଷ ଭାବେ ଦେଖିବାକୁ ।

-"ଏମିତି ଏକ ପରିବାର ତଥା ମୋ ଭଳ ଅପାଠୁଆ ଅସହାୟା ମା'ର ପୁଅ ସହରରେ ରହି ବଡ଼ ଚାକରି କରିବ, ବଡ଼ ହାକମଙ୍କ ସହ ମିଶିବ ଏବଂ ସଫଳ ମଣିଷଟେ ହେବ ଏଇଟା ମୋର ଗୋଟେ ସ୍ୱପ୍ନ । ପ୍ରଭୁ ମୋତେ କେତେ କଷ୍ଟ ଦେଉଛ ଦିଅ କନ୍ତୁ ମୋ ପୁଅ ଭଲରେ ଭଲରେ ପାଠ ପଢା ସର ଚାକରିଟେ ପାଉ ।" ପ୍ରଭୁଙ୍କ ପାଖରେ ଏତିକି ଗୁହାରି କରନ୍ତି ସବୁବେଳେ କୌଶଲ୍ୟା ।

-"ଇଂଜିନୟରିଂ ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ପାଇଁ ଯେତେ ଟଙ୍କା ଦରକାର ସବୁ ମୁଁ କେମିତି ହେଲେ ବି ଯୋଗାଡ କରିଦେବି, ତୁ ଖାଲି ମନଦେଇ ପଢାପଢି କର ବୋଲି ବଂଶିଧରକୁ ବୁଝାଉଥିଲେ କୌଶଲ୍ୟା ।"

ମା'ର ଏ ଅସହାୟ ପରିସ୍ଥିତି ଦେଖି ବହୁତ କଷ୍ଟ ଲାଗୁଥାଏ ବଂଶିଧରକୁ । ନଜ ମା'କୁ ଏତେ କଷ୍ଟ ଦେଇ ପାଠପଢାରେ ବା କ ସୁଖ ପାଇବ ବୋଲି ମନେ ମନେ ନଜକୁ ଅସହାୟ ମନେକରେ । ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ବେଳେ ବଂଶିଧର ଘରର ପରିସ୍ଥିତି ଶୁଣି, ଶିକ୍ଷକ ତା'ଠାରୁ କେବଳ ୫୦ ପ୍ରତିଶତ ହିଁ ପାଉଣା ନଅନ୍ତି ଆଉ ତାର ପଢାପଢି ପାଇଁ ଭଲକରି ଧ୍ୟାନ ଦିଅନ୍ତି ।

ଦେବୀ ସରସ୍ୱତୀ ଯାହାକୁ ଆଶୀର୍ବାଦ କରିଛନ୍ତି ଆଉ ପରୀକ୍ଷାରେ ଅସଫଳ ହେବାର ସମ୍ଭାବନା କେମିତି ବା ଆସିବ ! ଆର. ଇ . ସି ବୁର୍ଲା ମହାବିଦ୍ୟାଳୟରେ କମ୍ପୁଟର ବିଜ୍ଞାନ ବିଭାଗରେ ଚୟନ ହୁଏ ବଂଶିଧର ।

ପ୍ରକୃତ ସଂଘର୍ଷ ଆରମ୍ଭ ହୁଏ ଏଇଠୁ । ଆଶା, ଅଭିଳାଷ, ଆକାଂକ୍ଷାରେ ପ୍ରତିବନ୍ଧକ ସାଜେ ଅର୍ଥ । ନାମଲେଖା ବାବଦକୁ ୨୦ ହଜାର ଟଙ୍କା ଦରକାର ଥାଏ ବର୍ଷକୁ, ତା ସହିତ ବହି କଣା, ଛାତ୍ରାବାସରେ ରହିବାକୁ ଖର୍ଚ୍ଚ ଇତ୍ୟାଦି ଇତ୍ୟାଦି । ଜଣେ ମୁଢି ବିକ୍ରି କରି ଚଳୁଥିବା

ଜଣେ ମା ପାଇଁ ଏତେ ଗୁଡାଏ ଟଙ୍କା ଯୋଗାଡ଼ କରିବା ଅସମ୍ଭବରୁ ବି ଉର୍ଦ୍ଧରେ । ଏତେ ସବୁ ଟଙ୍କା କେଉଁଠୁ ଆସିବ ବୋଲି ଭାବିଲେଣି ପଡ଼େ କୌଶଲ୍ୟାଙ୍କୁ । ବ୍ୟାଙ୍କରୁ ଋଣ ନେଇ ପାଠ ପଢି ହେବ ବୋଲି ଜାଣିବାକୁ ପାଏ ବଂଶିଧର କିନ୍ତୁ ସେଥିପାଇଁ ବ୍ୟାଙ୍କର ନିୟମ ଅନୁଯାୟୀ, ଜମି ପଟାର କାଗଜ ପତ୍ର ବ୍ୟାଙ୍କରେ ବନ୍ଧକ ଦେବାକୁ ପଡିବ ବୋଲି ଜଣାପଡ଼େ। ଜମି ବନ୍ଧକ କଣ, ବିକ୍ରି ହେଇଗଲେ ବି କିଛି ଦୁଃଖ ନାହିଁ ବୋଲି ଛାତିରେ ଛାତିଏ ଧର୍ଯ୍ୟ ଥାଏ କୌଶଲ୍ୟାଙ୍କର ।

କିନ୍ତୁ ଯେତିକି ଜମି ଅଛି ତା'ର ବାବଦରେ ଋଣ ଦେବାକୁ ରାଜି ହୁଏନି ବ୍ୟାଙ୍କ । ଏମିତି ସାହାଯ୍ୟ ପାଇଁ ଘୁରି ବୁଲୁଥିଲାବେଳେ, ବଜାର ପାଖ ଗୋଟିଏ ସ୍ଥାନୀୟ ସ୍କୁଲରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ ସାର ସାହାଯ୍ୟର ହାତ ବଢାନ୍ତି । ବ୍ରଜ ସାର ଗରିବ ମେଧାବୀ ଛାତ୍ରଙ୍କୁ ସାହାଯ୍ୟ କରିବା ପାଇଁ ଏକ ସଂଗଠନ ଆରମ୍ଭ କରିଥିଲେ, ସେ ଅଞ୍ଚଳରେ ଜଣାଶୁଣା ବ୍ୟକ୍ତି ତଥା ତାଙ୍କର ପୁରୁଣା ଛାତ୍ରମାନଙ୍କ ଠାରୁ କିଛି କିଛି ଅର୍ଥ ସଂଗ୍ରହ କରି ଜମା ଅର୍ଥରାଶିରୁ ସେ ଗରିବ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ସାହାଯ୍ୟ କରନ୍ତି । ବଂଶିଧରର ବିଷୟରେ ସବୁ ଜାଣିବାପରେ, ଖୁସି ଖୁସିରେ ତାର ଗ୍ୟାରେଣ୍ଟର ହୁଅନ୍ତି ବ୍ୟାଙ୍କ ଋଣ ଉପଲବ୍ଧ କରିବା ପାଇଁ । ସ୍ଥାନୀୟ ବିଧାୟକ ବି ବ୍ୟାଙ୍କ ମାନେଜରକୁ ଅନୁରୋଧ କରନ୍ତି ଆଉ ଶେଷରେ ବ୍ୟାଙ୍କ ଋଣ ପାଇ ଆର.ଇ.ସି ବୁର୍ଲା ମହାବିଦ୍ୟାଳୟରେ ଇଂଜିନିୟରିଂ ପଢା ଆରମ୍ଭ ହୁଏ ବଂଶିଧର । ସାଥି ଅଶୋକ ସହିତ ଭଲ ବନ୍ଧୁତା ହୁଏ ବଂଶିଧରର, ଏମିତି ଥରେ କି ଦୁଇ ଥର ଯିବା ଆସିବା ହେଇଛି ଅଶୋକର ଘରକୁ ।

ଚାରି ବର୍ଷର କଠିନ ପରିଶ୍ରମ ପରେ ସ୍ୱପ୍ନ ସତ ହେଲା ବଂଶିଧରର । ଶେଷବର୍ଷର କଲେଜ କ୍ୟାମ୍ପସରେ ଇଣ୍ଟରଭିଉରେ ଡି.ଆର.ଡି.ଓ ର ବୈଜ୍ଞାନିକ ଭାବରେ ଚାକିରି ମିଳିଲା ବଂଶିଧରକୁ । ବଂଶିଧର ମା'ର ଖୁସି କହିଲେ ନସରେ । ଯେମିତି ଗୋଟେ ଯୁଗର ତପସ୍ୟା ଫଳ ଆଜି ମିଳିଲା । ଦୀର୍ଘ ୨୦ ବର୍ଷ ହେଲା, ଆଖ ପାଖ ସବୁ ମନ୍ଦିରରେ କେତେ ପୂଜା ପାଠ ନକରିଛନ୍ତି ବଂଶିଧର ମା । ବଂଶିଧର ବହୁତ ପାଠ ପଢି ଭଲ ଚାକରିଟେ କରୁ ଆଉ

ଭଲ ମଣିଷଟେ ହେଉ, ଏତିକ ଗୁହାରି କରୁଥିଲେ ପ୍ରଭୁଙ୍କ ଚରଣରେ ଆଉ ଏବେ ସେ ଗୁହାରି ଶୁଣିଛନ୍ତି ଠାକୁରେ । ଦରମା ଯଦିଓ ବହୁତ ବେଶୀ ନଥିଲା କିନ୍ତୁ ଭବିଷ୍ୟତ ଉଜ୍ଜ୍ୱଳ ଥିଲା ।

ଚାକିରି କରିବାର ଦୁଇ ବର୍ଷ ଭିତରେ ବଡ ଭଉଣୀର ବାହାଘର, ବଡ ଭାଇର ବାହାଘର ସବୁ ଦାୟିତ୍ୱ ତୁଲେଇ ସାରିଥାଏ । ଭାଇ ଭଉଣୀମାନଙ୍କ ମଧ୍ୟରେ ସାନ ସାନ ହେଲେ ବି ଘରର ମୁରବି ଭଳି ସବୁ ଦାୟିତ୍ୱ ସମ୍ଭାଳି ମା'ର ଦୁଃଖ ଲାଘବ କଲା ।

କାହିଁ କେଉଁ କାଳର ମାଟି ଘରେ ଜୀବନ କାଟୁଥିବା ମା' ଆଉ ଭାଇଙ୍କ ପାଇଁ ବଂଶିଧର ପକ୍କା ଘରଟିଏ ବି କରିଦେଲା ବ୍ୟାଙ୍କରୁ ଋଣ ନେଇ । ନୂଆ ଘର ସରିଲା ପରେ କୌଶଲ୍ୟାଙ୍କ ଖୁସି କହିଲେ ନସରେ । ମା'କୁ ଖୁସି ଦେଖି ବଂଶିଧରକୁ ସ୍ୱର୍ଗ ପ୍ରାପ୍ତି ହେଲା ଭଳି ଲାଗୁଥାଏ ।

କୌଶଲ୍ୟା ସୁନ୍ଦର କନ୍ୟାଟିଏ ଖୋଜିବାରେ ବ୍ୟସ୍ତଥିଲେ, ବଂଶିଧରର ବାହାଘର କରିଦେଇ ସେ ଶାନ୍ତିରେ ନିଃଶ୍ୱାସ ମରିପାରିବେ ବୋଲି ତାଙ୍କର ଚିନ୍ତା । ବହୁତ ଖୋଜା ଖୋଜା ଖୋଜି ପରେ ଉଚ୍ଚ ଶିକ୍ଷିତ ବୋହୁଟିଏ ପାଇଲେ । ଆଡମ୍ବର ସହିତ ବାହାଘର ସରେ ।

-ବାହାଘର ପରେ ବଂଶିଧର ମା କୌଶଲ୍ୟାଙ୍କୁ କୁହେ "ଆମ ସହ ସହରକୁ ଚାଲ କିଛି ମାସ ରହିଆସିବୁ, ତୋର ମନଟିକେ ଭଲ ଲାଗିବ" ।

-"ମୁଁ ବିନା ପିଆଜ ରସୁଣରେ ତିଆରି ଖାଦ୍ୟ ଖାଏନ ତେଣୁ ତମ ସହ ରହି କାହିଁକି ତମକୁ ଅଯଥା କଷ୍ଟ ଦେବି" କୌଶଲ୍ୟା ଉତ୍ତର ଦିଅନ୍ତି ।

-"ତୁ ତୋର ପିଲା ମାନଙ୍କର ଉନ୍ନତି କାମନା କରି ସବୁ ତ୍ୟାଗ କଲୁ, ଏମିତିକି ପିଆଜ ରସୁଣ ଖାଇବା ଛାଡିଲୁ । ଏବେ ତ ସମସ୍ତେ ବାହା ହୋଇ ସଂସାର କଲେ ଆଉ ତୋର

ମାନସିକ ପୂରଣ ହେଲା । ତୁ ଆଉଥରେ ପିଆଜ ରସୁଣ ଖାଇବା ଆରମ୍ଭ କରୁନୁ ! ଅସୁବିଧା କଣ ?" ପଚାରିଲା ବଂଶିଧର ।

-"ଖାଲି ସଂସାର ଆରମ୍ଭ କଲେ କଣ ହେଇଗଲା ? ସେମାନଙ୍କର ସଂସାର ଖୁସିରେ ଚାଲୁ । ବୋହୁର କୋଳ ଭରୁ । ଆହୁରି କେତେ ସବୁ କଥା, ତୁ ସେସବୁ ବୁଝିବୁନ ।" ଉତ୍ତର ଦେଲେ କୌଶଲ୍ୟା ।

କୌଶଲ୍ୟାଙ୍କ ଉତ୍ତର ଶୁଣି ପ୍ରତିଉତ୍ତର ପାଇଁ କୌଣସି ଶବ୍ଦ ପାଏନ ବଂଶିଧର । ବାତ୍ସଲ୍ୟ ମମତା ଆଉ ମା'ର ତ୍ୟାଗ ଆଗେ ସେ ଶବ୍ଦଶୂନ୍ୟ ହୋଇଯାଉଥାଏ ।

ବାହାଘରର ଦୁଇ ସପ୍ତାହ ଭିତରେ ପୁଅ ବୋହୁ ଫେରିଯାନ୍ତି ସହରର କର୍ମ କ୍ଷେତ୍ରକୁ । କୌଶଲ୍ୟା ମନେ ପକାଉଥାନ୍ତି ପୁରୁଣା ସ୍ମୃତିକୁ, ସେ ସଂଘର୍ଷର ଦିନଗୁଡିକୁ ତାଙ୍କ ଆଖି ଆଗରେ ନାଚ ଯାଉଥାଏ । ଭଗବାନ ଶିବ ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ, ବ୍ରଜ ସାରଙ୍କ ଉଦାର ପଣିଆ, ସ୍କୁଲ ଇଂରାଜୀ ଶିକ୍ଷକର ସହଯୋଗ ସହ ବଂଶିଧରର କଠିନ ପରିଶ୍ରମ, ନିଷ୍ଠା, ଏକାଗ୍ରତା, କର୍ତ୍ତବ୍ୟ ପାଇଁ ଆଜି ଏ ଦିନ ଦେଖିବାକୁ ମିଳଛି । କୃତଜ୍ଞ କୌଶଲ୍ୟା ଅଜସ୍ର ଧନ୍ୟବାଦ ଦିଅନ୍ତି ମନେ ମନେ ସମସ୍ତଙ୍କୁ ପ୍ରାୟବେଳେ ।

ଇଂରାଜୀ ଶିକ୍ଷକ ସ୍କୁଲରେ ତାଙ୍କର ପ୍ରିୟ ଛାତ୍ର ବଂଶିଧର ଆଉ ତାଙ୍କ ମା' କୌଶଲ୍ୟାଙ୍କ ସଫଳତାର କାହାଣୀକୁ ପ୍ରେରଣାର ଉତ୍ସ ଭାବେ ଉଦାହରଣ ଦିଅନ୍ତି ସ୍କୁଲ ପିଲାମାନଙ୍କୁ .. ।

ବିନାୟକ ନଗର, ଏ ବ୍ଲକ , ଏଚ. ଏ. ଏଲ ପୋଷ୍ଟ,

# କୁମାର ପୂର୍ଣ୍ଣମୀ



ଅନଙ୍ଗ ମଞ୍ଜରୀ

ସ୍ମୃତି ଏକ ଅଭୁଲା ଅତୀତ
ଫେରି ଯିବା ଆଜି ସେ ପୁରୁଣା ସ୍ମୃତି କୁ
ନା ପାଇବାର ଆଶା ରେ, ହଜେଇଥିବା ରେ
ଯାହାକୁ ଛାଡିଆସିଛେ ଶରଦ ପୂର୍ଣ୍ଣିମା ରେ
ପ୍ରିୟା ର ପ୍ରୀତି, ମନର ଶାନ୍ତି ।

ସେ ନବ ଯୌବନ ଶିଂହରଣ
ଅନ୍ଧାର ରାତି ରେ କୁଆଁରୀ ମନ
ଆଜି ତ ଯାଇଛି ସେ ସୁନ୍ଦର ଦିନର ଅଭୁଲା ରାତି
ଚଉଁରା ମୂଳରେ, ଜହ୍ନୀ ଫୁଲ ର ମହକ
ଘର ଅଗଣାରେ ଝିଅ ଙ୍କ ର ଅଭାବ

ରଙ୍ଗ ଭରା ହୃଦୟ ର କୋଣରେ
ନଦୀ ତୁଠ ଟୁ ଶାଉଁଟି ଆଣିବା ପ୍ରୀତି
ଶରଦ ପୂର୍ଣ୍ଣମୀ ଚାନ୍ଦ ର ରୋଶନୀ
ନାହିଁ ଆଉ ସେହି ଭାବରେ
ଲୋପ ପାଇଲାଣି କୁମାରୀ ର ପର୍ବ- ପର୍ବାଣୀ ।

ଭାବରେ ଆଜି ଲାଗୁଛି କଳଙ୍କ
ପ୍ରିୟା ସଜାଇଛି ମାୟା ର ବନ୍ଧନ
ଜୀବନ ବନୁଛି ପ୍ଲାଷ୍ଟିକ ବନ୍ଧନ
କୁମାର ଉତ୍ସବ ନା ରଖୁଛି ପିରତି ଭାବ
ପ୍ରିୟା ପ୍ରୀତି ଆଜି କୃତିମ ଅନୁଭବ ।

ଫେରିବକ ସେ ପୁରୁଣା ଦୀନ
ନାଚ, ଗୀତ, ପୁଚର ଖେଳ
ଦୂରରେ ଚୋକାଏ ଆଡ ନୟନ ରେ
ଟପୁରୁ ଟାପର କରୁଥିବେ ମନକୁ ତୋଷ
ସ୍ମୃତିପୁଣି ଲାଗିବ ରୂପା ର ଜହ୍ନ ।

ମା, ଲକ୍ଷ୍ମୀ, ଗଜଲକ୍ଷ୍ମୀ ର ପ୍ରସନ୍ନ
ସଭିଙ୍କ ମନକୁ ଆନନ୍ଦ ଦବ
ଭୁଲି ଯାଉଥିବା ସଂସ୍କୃତି କୁ
ଅନ୍ଧାର ରେ ନରଖି ଆଲୋକ ଦବ
ସଂସାର ରେ ଫେରିବ ସ୍ନେହ ଭାବ ।

ହାଇଦରାବାଦ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ମୋନାଲିସା



ପ୍ରିୟଦର୍ଶିନୀ ମହାନ୍ତି

କେଉଁ ଚନ୍ଦ୍ରକର ହାତର ପରଶେ
ଫୁଟିଛି ତୋହର ବେଶ,
କମନୀୟ ଆଉ ମହନୀୟ ରୂପ
ଓଠ ଧାରେ ସ୍ମିତ ହସ ।

"ମୋନାଲିସା" ନାମ ଦେଲ୍ ତୋ ବିନ୍ଧାଣି
କାନଭ୍ୱସେ ଦେଲ୍ ଆଙ୍କି,
ରଙ୍ଗରେ ରଙ୍ଗକୁ ସମ୍ମିଶ୍ରଣ କରି
ପ୍ରେମ ରଙ୍ଗେ ଦେଲ୍ ମାଖୀ ।

ହସରେ ତୋହର କୋଟିଏ ପାଗଳ
ଅର୍ଦ୍ଧ ଅଙ୍କା ତୋର ତନୁ,
ଆଙ୍କିଥାନ୍ତା ଯଦି ପୂର୍ଣ୍ଣ ରୂପେ ସ୍ରଷ୍ଟା
ଲିଭନ୍ତ ନାହିଁ ତୁ ମନୁ ।

କଳ୍ପନା ରାଜ୍ୟର କାଳ୍ପନିକ ନାରୀ
ବାସ୍ତବତା ଚନ୍ଦ୍ରପଟ
ରହସ୍ୟମୟ ତୋ ତିର୍ଯ୍ୟକ ଚାହାଣି
ବିଶ୍ୱ ସର୍ବଶ୍ରେଷ୍ଠ ଫୋଟ ।

ଶିକ୍ଷୟିତ୍ରୀ, ଭୁବନେଶ୍ୱର

# ଚକ୍ରବ୍ୟୂହ



ଆରତୀ ସାହୁ (ଆଶା)

ବାପା ତୁନ ତୁନ ବୋଉକୁ କହୁଥିଲେ ଯେମିତି ଉଷାର କାନରେ ନ ବାଜୁ । କିନ୍ତୁ ଉଷା ଶୁଣି ପକାଇଥିଲା, କିଛି କିଛି । ତାକୁ ଆଜି ପୁଣିଥରେ ଗ୍ଲାସ୍ ଜଳଖିଆ ଧରି ନିଜର ଅଲାଜୁକ ପ୍ରଦର୍ଶନ କରିବାକୁ ପଡ଼ିବ । ତାଠାରୁ ଲୁଚେଇବେ ଯେ, କିନ୍ତୁ କେତେ ସମୟ ? ଆଜି କୁଆଡେ ବଡ଼ ଓକିଲ ଜଣେ ଦେଖିବା ପାଇଁ ଆସୁଛନ୍ତି । ଧନାଢ୍ୟ ବ୍ୟକ୍ତି । ଅକୁତ ଅଚଳାଚଳ ସମ୍ପତ୍ତି ।

ହଁ, ଆସନ୍ତୁ ନା । ତାଙ୍କର ଉତ୍ତର ସେ ଭଲଭାବେ ଜାଣିଛି । ପ୍ରଦର୍ଶିତା ହୋଇ ସେ କ୍ଲାନ୍ତ ହୋଇ ସାରିଲାଣି । ଗରିବ ବାପର ଝିଅକୁ କିଏ ବିବାହ କରିବ, ଯାହାର ଭଲ ଆସନଟିଏ ମଧ୍ୟ ନାହିଁ ଅତିଥି ସତ୍କାର କରିବାକୁ ! ଭଲ ଗ୍ଲାସଟିଏ ନାହିଁ ପାଣି ଦେବାପାଇଁ !

ଉଷା ଯାଉଥିଲା ତା ସାଙ୍ଗ ମାନଙ୍କର ବିବାହରେ ନିମନ୍ତ୍ରିତା ହୋଇ । ତାକୁ ମଧ୍ୟ ଇଚ୍ଛା ହେଉଥିଲା ତାର ମଧ୍ୟ ବାହାଘର ହୁଅନ୍ତା । ସେ ମଧ୍ୟ ବେଦୀରେ ବସନ୍ତା ଓଢ଼ଣା ଦେଇ । ପୁରୋହିତ ତା ହାତକୁ ଆଉ ଜଣକର ବଳିଷ୍ଠ ହାତ ସହ ଛନ୍ଦି ଦିଅନ୍ତେ ପବିତ୍ର ବେଦ ମନ୍ତ୍ର ଉଚ୍ଚାରଣ ପୂର୍ବକ । ତାର ଶିରାପ୍ରଶିରାରେ ଖେଳିଯାଏ ଅହେତୁକ ଅପୂର୍ବ ଶିହରଣ ।

କନ୍ୟା ଦେଖା ପର୍ବ ସରିଲା । ପାଳିତା ଶୁଆ ପରି ସାଧାରଣ କିଛି ପ୍ରଶ୍ନର ଉତ୍ତର ଦେଇ ସେ ଧୀରେ ଉଠିଗଲା ଭିତରକୁ ।

ସେ ସ୍ୱପ୍ନ ଦେଖୁନାହିଁ ତ ? ପରଦିନ ତାର ବାହାଘର , ମନ୍ଦିରରେ ! ବାପା ବୋଉ ବରର ରୂପ, ତାଙ୍କ ବାପା ମାଆଙ୍କର ଶାଳୀନ ସ୍ୱଭାବ ଓ ଅମାୟିକ ବ୍ୟବହାରର ଚର୍ଚ୍ଚା କରି ଥକୁ ନଥାନ୍ତି ।

ଉଷା ପଦ୍ମପତ୍ରେ ମିମାମ୍ବସା ସଦୃଶ୍ୟ ନିର୍ବିକାର । ଖୁସି ଯେମିତି ତା ସହିତ ଥଟ୍ଟା କରୁଛି । ସମୟ ତା ସହ ଖେଳ ଖେଳୁଛି । ତା ବର କୁଆଡେ ଦୋବେହି ! ପାଞ୍ଚବର୍ଷ ର ଗୋଟେ ପୁଅର ବାପା ! ଗାଁରେ ସମସ୍ତେ ତଥାପି ଈର୍ଷ୍ୟାତୁର ହୋଇ ପଡୁଛନ୍ତି କାହିଁକି ? ସମ୍ପତ୍ତି ବୋଧେ ଖୁସିର ଗୁବିକାଠି । ତାର କେତେକ ସାଙ୍ଗମାନେ ମଧ୍ୟ ଏପରି କିଛି ମନ୍ତବ୍ୟ ଦେଉଥାନ୍ତି ଯେ ଉଷା ଭାବୁଥାଏ, ଦୋଷ କିଛି ନଷ୍ଟୟ ତାର ନଜର, ସେ ଏତେ ଭଲ ପ୍ରସ୍ତାବ ସହ ସାଲିସ କରି ପାରୁନାହିଁ ।

ମନ୍ଦିରରେ ବାହାଘର ହୋଇଗଲା । କିଛି କାନ୍ଦି ସମସ୍ତଙ୍କୁ କନ୍ଦେଇ ଉଷା ଗୁଲିଗଲା ତା ସ୍ୱାମୀ ସହ ସୁସଜ୍ଜିତ ବହୁମୂଲ୍ୟ କାରରେ ବସି । କେତେ କେତେ ଈର୍ଷ୍ୟାଳୁ ଦୃଷ୍ଟି ତା ପଛରେ ଗୋଡେଇ ଆସିଲେ ।

ମଧୁଯାମିନୀ !! ସେ ଉପନ୍ୟାସ ପଢ଼ିଥିଲା, କିଛି ସିନେମା ମଧ୍ୟ ଦେଖିଥିଲା । କିନ୍ତୁ ଏପରି ଐଶ୍ୱର୍ଯ୍ୟମୟ ସଜ୍ଜା ଦେଖି ନଥିଲା । ଦେଖି ନଥିଲା ବି ଏପରି ଭବ୍ୟ କୋଠା । ଏଥିରେ କଣ ମଣିଷ ରହନ୍ତି ନା ଦେବତା !!

ତାର ଅନୁମାନ କେତେକାଂଶରେ ଠିକ ଥିଲା । ଦୁଇଜଣ ଦେବତା ତୁଲ୍ୟ ମଣିଷ ତାର ଚଲାପଥକୁ କୁସୁମିତ କରିବାରେ କୌଣସି ଅଭାବ ରଖି ନଥିଲେ । ତାର ଜୀବନକୁ ସୌରଭମୟ କରିବା ପାଇଁ ସଦା ସର୍ବଦା ଚେଷ୍ଟା କରୁଥିଲେ । ଚତୁର୍ଥୀ ପୂର୍ବରୁ ଏ ତିନି ଦିନରେ ସେ ଏସବୁ ଜାଣି ପାରିଥିଲା । ଏମାନେ ହେଉଛନ୍ତି ଉଷାର ଶାଶୂ ଶ୍ୱଶୁର ।

ସ୍ୱାମୀ ସୁଦର୍ଶନ ଆସିଲେ ଘର ଭିତରକୁ । ବିନା ବାକ୍ୟ ବିନିମୟରେ ରୁମରେ ଥିବା ସୋଫାରେ ଶୋଇ ପଡ଼ିଲେ । ଉଷାର ମଧ୍ୟ ନା ଥିଲା କିଛି ଆଶା ନା ଇଚ୍ଛା । ସେ ହୁଏତ

ଭଗବାନଙ୍କ ନକଟରେ ପ୍ରାର୍ଥନା କରିଥିଲ୍ ଏହାହିଁ ପ୍ରତିଦିନ ଘଟୁ । ପ୍ରାର୍ଥନା ନଷ୍ଫଳ ଯାଇ ନଥିଲ୍ ।

ଅତିଥି ଅଭ୍ୟାଗତ ବିଦାୟ ନେଲେ । ଏତେ ବଡ଼ ଅଟ୍ଟାଳକାରେ କେବଳ ଗ୍ଭରିଜଣ ମଣିଷ, ନା ନା ସାଢ଼େ ଗ୍ଭରି । ତେବେ ସେ ଅଧା ମଣିଷଟିକୁ ତ ସେ କାହିଁ ଦେଖିପାରିଲ୍ ନାହିଁ ଏ ପର୍ଯ୍ୟନ୍ତ ।

ତେବେ ପୂଝାରୀ ଦାମ ମଉସା ଓ ବାହାର କାମ ପାଇଁ ସୁରମା ମାଉସୀ, ଆଉ ଦୁଇଜଣ ଶୁନଶାନ ବାତାବରଣକୁ ଟିକେ ଶବ୍ଦ ଦେଉଥିଲେ ।

ଉଷାକୁ ଏତିକ ଆରାମ ହଜମ ହେଉ ନଥିଲ୍ । ସେ ରୋଷେଇ ଘରକୁ ଗଲେ ଦାମ ମଉସା ବିଦା କରି ଦେଉଥିଲେ । ଶେଷରେ ସେ ତା ଶାଶୁଙ୍କୁ କହିଲ୍, ଦାମ ମଉସା ସାହାଯ୍ୟ କରନ୍ତୁ କନ୍ତୁ ରୋଷେଇ ସେ କରିବ । ରୋଷେଇ ଘରର ଏପରି ସାଜ ସରଞ୍ଜାମ ସେ କେବେ ଦେଖି ନଥିଲ୍ । କୁକଂ ରେଞ୍ଜ, ଓଭନ ଆହୁରି କେତେ କଣ । ତଥାପି ସେ ସାହାଯ୍ୟ ନେଇ ରୋଷେଇ କଲ୍ । ପ୍ରଥମ ଦିନ ହିଁ ଶ୍ୱଶୁର ତା ହାତରନ୍ଧା ଖାଇ କାନ୍ଦି ପକାଇ ଅଜସ୍ର ଆଶୀର୍ବାଦରେ ତାକୁ ପୋତି ପକାଉଥିଲେ । ସ୍ୱାମୀ ସଙ୍ଗ ବିନା ତାର ଜୀବନ ଗ୍ଭଲିଲ୍ । ତଥାପି କଛି ଗୋଟେ ତାକୁ ଅହରହ ଦୋହନ କରୁଥାଏ ତାର ଅନଚ୍ଛା ସତ୍ତ୍ୱେ ।

ଦିନେ ସେ ତା ରୁମରେ ବସିଛି, କୁଲୁକୁଲିଆ ମୁହଁ ଟିଏ ଭ୍ଭରି ପରଦା ଟେକଦେଇ ପୁଣି ଥରେ ଛପିଗଲ୍ । ଉଷା ଜାଣିଲ୍ ଏହି ସେହି ମଣିଷ ଯିଏ ପରିବାରକୁ ସମ୍ପୂର୍ଣ୍ଣ ସାଢ଼େ ଗ୍ଭରି କରିବ । ପିଲ୍ଟି ବାରମ୍ବାର ପରଦା ଟେକୁଥାଏ ପୁଣି ଲୁଚୁଥାଏ । ଉଷାକୁ ମଜା ଲ୍ଗିଲ୍ ଏ ଖେଳରେ । ଛୁଆଟି ମଧ ଉତ୍ସାହିତ ହୋଇ ଏଥିରେ ଯୋଗ ଦେଲ୍ । ଦୁହିଁଙ୍କ ମଝିର ବାଡ଼ଟା ଧୀରେ ଧୀରେ ଭ୍ଭଙ୍ଗିବାକୁ ଲ୍ଗିଲ୍ । ସୋହମ ସହିତ ତାର ସମ୍ପର୍କ ନବିଡ଼ ହେବାକୁ ଆରମ୍ଭ କଲ୍ । ଏଥର ସମସ୍ତେ ଖୁସି । ଉଷା ମଧ ।

ଗୋଟିଏ ରହସ୍ୟ ତାକୁ ବେଳେ ବେଳେ ବ୍ୟସ୍ତ କରେ । ସୋହମର ମାଆ କଥା ଘରେ କେବେହେଲେ ଆଲୋଚନା ହୁଏ ନାହିଁ । ସେ ପଗ୍ଭରିବାକୁ ସାହସ କରେ ନାହିଁ । ଥରେ

ସୁରମା ମାଉସୀ କଣ କହି ଆସୁଥିଲେ କିନ୍ତୁ ଜୀଭ କାମୁଡି ସେଠାରୁ ପଳାଇ ଗଲେ । ସୋହମର ମାଆଙ୍କର କୌଣସି ସ୍ମୃତିଚିହ୍ନ ସେ ଦେଖିବାକୁ ପାଉ ନଥିଲା ।

ଧୀରେ ଧୀରେ ସେ କେବେ ଯେ ଶାଶୁ ଶ୍ୱଶୁର ଓ ସୋହମ ସହ ଏମିତି ନିବିଡ଼ ଭାବରେ ଜଡ଼ିତ ହୋଇଗଲା ସେ ନିଜେ ମଧ୍ୟ ଜାଣି ପାରିଲାନାହିଁ । ସୋହମ ଯେ ତାର ନିଜର ପୁଅ ନୁହେଁ ଏକଥା ସେମାନଙ୍କୁ ଦେଖିଲେ କେହି ଅନୁମାନ କରି ପାରିବ ନାହିଁ । ସୋହମ ଏମିତି ଆଦରି ଯାଇଥିଲା ତାକୁ । ଶାଶୁ ଶ୍ୱଶୁର ତ ତାକୁ ନଦେଖିଲେ ଅନ୍ଧ । ବାପା ବୋଉଙ୍କର କୋଉଠି ନା କୋଉଠି ଥିବା ଅପରାଧବୋଧ ମଧ୍ୟ ମନରୁ ପୋଛି ହୋଇଗଲା । ସ୍ୱାମୀ ସୋହାଗକୁ ବାଦ୍ ଦେଇ, ସୁଦର୍ଶନଙ୍କ ଉପସ୍ଥିତି ଅନୁପସ୍ଥିତିକୁ ଭୁଲି ତାର ଜୀବନ ବେଶ ଭଲ ଚାଲିଲା । କିନ୍ତୁ ଦିନେ ଏମିତି ଏକ ଭୟାନକ ସ୍ଥିତି ସହିତ ଯେ ତାକୁ ସମ୍ମୁଖୀନ ହେବାକୁ ପଡିବ, ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା ।

ଦିନେ ଠାକୁର ଘରେ ପୂଜା କରୁଥାଏ । ସୋହମ ତା କୋଳରେ ବସି ଦରୋଟି କଣ୍ଠରେ "ଆହେ ଦୟାମୟ ବିଶ୍ୱ ବିହାରି" ଗାଉଥାଏ । ହଠାତ ରାମଙ୍କର ବଡ଼ ଫଟୋଟିଏ ଓଲଟି ପଡ଼ି ଯାଏ । ତା ପଛରେ ନାଇଲନ ରସିଟାଏ । ତାକୁ ଆଣୁ ଆଣୁ ସୋହମ ତା କୋଳରୁ ଭୟାତୁର ହୋଇ ଚିତ୍କାର କରି ଡେଇଁ ପଡେ । ସେ ତାକୁ ଧରି ପକାଏ । ସୋହମ ଛାଟିପିଟି ହୋଇ କହୁଥାଏ ,

- ମାମା ମୋତେ ମାରନା । ମୋ ବେକ କାଟିବ । ମୁଁ ତ ଦୁଷ୍ଟ ହେଉନାହିଁ ।

ଉଷା ଆଶ୍ଚର୍ଯ୍ୟ ! ପାଟି ଶୁଣି ଶାଶୁ ଧାଇଁ ଆସି ତା ପାଟିକୁ ଚାପି ଧରିଲେ ।

ଉଷା କିନ୍ତୁ ସୂତ୍ର ଧରି ନେଇ ତାଙ୍କୁ ଜେରା କଲା ତାଙ୍କୁ ବିଶ୍ୱାସରେ ନେଇ ।

ଶାଶୁ କାନ୍ଦି କାନ୍ଦି ସବୁ ଘଟଣା ବର୍ଣ୍ଣନା କରିଗଲେ । ସୁଦର୍ଶନଙ୍କ ପୂର୍ବ ପତ୍ନୀଙ୍କର ହଠାତ ମସ୍ତିଷ୍କ ବିକୃତି ଘଟିଥିଲା । ଆକ୍ରାମକ ହୋଇ ସୋହମର ବେକରେ ଏହି ନାଇଲନ୍ ରସି ବାନ୍ଧି ପକାଇ ତାକୁ ମାରିଦେବାକୁ ବସିଥିଲା । କିନ୍ତୁ ଠିକ ସମୟରେ ସୁଦର୍ଶନ ପହଞ୍ଚି ଯାଇଥିଲେ ଓ ଯୋରରେ ଏକ ଧକ୍କା ଦେଇଥିଲେ । ଯଦ୍ୱାରା ତାଙ୍କ ପତ୍ନୀଙ୍କର ମୁଣ୍ଡ ବାଡେଇ

ହୋଇ ଯାଇଥିଲା ପଲଙ୍କ ବାଡ଼ାରେ । ଅଥାନ ଥାନରେ ବାଜି ତାଙ୍କର ତତ୍କାଳ ମୃତ୍ୟୁ ଘଟିଥିଲା । ଏହା ଏକ ଦୁର୍ଘଟଣା ଥିଲା । କିନ୍ତୁ ହସ୍ପିଟାଲ ନେଲା ପରେ ଏହା ଏକ ପୋଲିସ କେସ ର ରୂପ ନେଲା । ଅବଶ୍ୟ ପୋଷ୍ଟ ମର୍ଟମରେ ସ୍ପଷ୍ଟ ଜଣା ପଡ଼ି ଯାଇଥିଲା ଯେ ତାର ମୁଣ୍ଡ ଖରାପ ହୋଇ ଯାଇଥିଲା । ତଥାପି କେସ ଟି କୋର୍ଟକୁ ଯାଇଥିଲା । କିନ୍ତୁ ଯେହେତୁ ସୁଦର୍ଶନ ଏକ ନାମିଦାମୀ ଓକିଲ ଥିଲେ ତଥା ଆଇନଗତ ଅଭିଜ୍ଞତା ଥିଲା ତାଙ୍କର ଅପାର, ତେଣୁ କେସଟି ଦବେଇ ଦିଆଯାଇଛି । କିନ୍ତୁ ଏହା ଯେ ପୁଣି ପୁନର୍ଜିବିତ ନହେବ କହିହେବ ନାହିଁ ।

ଉଷା ବଡ଼ ଧର୍ମ ସଙ୍କଟରେ ପଡ଼ିଲା । ଆଉ ଠିକ ସେହି ସମୟରେ ହିଁ ପୁଣିଥରେ କୋର୍ଟରୁ ସୁଦର୍ଶନଙ୍କ ନାମରେ ସମନ ଆସିଲା । ପୁଣିଥରେ ଘରେ ଅଶାନ୍ତି ପରିବେଶ ସୃଷ୍ଟି ହେଲା । ପୋଲିସ ସମସ୍ତଙ୍କୁ ଜେରା କରି କିଛି ତଥ୍ୟ ପାଉ ନଥିଲେ ।

ଶେଷକୁ ତା ପାଖକୁ ମଧ ଆସିବେ ନିଶ୍ଚୟ । ଚକ୍ରବ୍ୟୁହ ଭିତରେ ଛନ୍ଦି ହୋଇ ଯାଉଥିଲା ଉଷା । ଗୋଟିଏ ପଟେ ସୋହମର ନିଷ୍ପାପ ଶ୍ରଦ୍ଧା, ଆଉ ଗୋଟାଏ ପଟେ ବୃଦ୍ଧ ଶାଶୂ ଶ୍ୱଶୁରଙ୍କ ଅନାବିଳ ସ୍ନେହ ଓ ପରିପକ୍ୱ ଏକ ବିଶ୍ୱାସ ତାକୁ କର୍ତ୍ତବ୍ୟ ପଥରୁ ଟାଣି ଧରୁଥିଲେ ପଛକୁ । ସତ୍ୟ ଉଦଘାଟିତ କରି ଦେବ କି । କରିଦେବ କି ସୋହମର ଭବିଷ୍ୟତକୁ ଅନ୍ଧାର । କରିଦେବ କି ନିଜେ ସଜାଡିଥିବା ପରିବାରଟିକୁ ଛାରଖାର । କି ନିର୍ଣ୍ଣୟ ସେ ନେବ **?**

ପୋଲିସର ପ୍ରଶ୍ନ ଶୁଣି ସେ ଅତି ଆତ୍ମବିଶ୍ୱାସର ସହ କହିଲା, ମୋତେ ବିବାହ ପୂର୍ବରୁ ଏକଥା ଜଣା ଅଛି ଯେ ସୁଦର୍ଶନଙ୍କ ପୂର୍ବ ପତ୍ନୀ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଅପରାଧି ହୋଇଥିଲେ ମୋ ନିକଟରେ ଏହା ଏକ ରହସ୍ୟ ହିଁ ରହିଥାନ୍ତା । ତେଣୁ ମୋର ଦୃଢ଼ ବିଶ୍ୱାସ ଯେ ସୁଦର୍ଶନ ଓ ତାଙ୍କର ମାଆବାପା ସମ୍ପୂର୍ଣ୍ଣ ନିର୍ଦୋଷ ।

ଚକ୍ରବ୍ୟୁହ ଆପଣାଛାଏଁ ଉନ୍ମୁକ୍ତ ହୋଇ ଯାଇଥିଲା ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଜୀବନ



ଅନାମ ଚରଣ ସାହୁ

ଜୀବନଟା କେବେ ବଇଶାଖ ଝାଞ୍ଜି
ଚଇତି ମଳୟ ବାଆ
ଶିତ୍ରବଣ ଝର ଭଦୁଅ ଆକାଶ
ଲଢ଼ିବାର ଅନ୍ୟ ନାଆଁ।
ଦିଏ ପରାଜୟ ଜିତିବାର ସୂତ୍ର
ବାଜି ପରେ ବାଜି ପଡେ
ହାରି ଯାଇଥିବା ମଣିଷର ଦିନେ
ବିଜୟର ଧ୍ୱଜା ଉଡେ ।
ହାତ ପାହାନ୍ତାରେ ବିଜୟ ଥାଇବି
ହାରିବାରେ ମିଳେ ସୁଖ
ଆନନ୍ଦରେ ଭରେ ଯେବେ କେତେବେଳେ
ଆପଣା ମଣିଷ ମୁଖ ।
କେବେକେବେ ପୁଣି ହାରିଯିବା ଜାଣି
ଖେଳବାକୁ ହୁଏ ଖେଳ
ସବୁ ଜଣା ପଡେ ଆସି ପହଞ୍ଚିଲେ
ପବିତ୍ର ଲଗନ ବେଳ ।
ପ୍ରତ୍ୟେକ ବାଜିରେ ଜଣେ ଜିତିଥାଏ
ହାରିଥାଏ ପ୍ରତିଦ୍ୱନ୍ଦି
ଜିତିବା ହାରିବା ଅଟେ ବେନ ଫଳ
ପରସ୍ପର ଛନ୍ଦାଛନ୍ଦି ।

ବିଭୁତିପୁର, କାକଟପୁର, ପୁରୀ

# ପାହାଚର ଆତ୍ମକଥା



ନୂତନ କୁମାର ବେହେରା

ତଳୁ ଉପରକୁ ଉଠାଇବାର ମୁଖ୍ୟପଥ
ମୁଁ ଏକ ସାମାନ୍ୟ ପଥରର ପାହାଚ,
ଭେଦାଭେଦ ମୋ ପାଖେ ନାହିଁ କିଛି
କାହାକୁ ବିଚାରେ ନା ଉଚ୍ଚ କି ନୀଚ ।
ଉଠିବା ଓହ୍ଲାଇବାର ସହଜ ମାଧ୍ୟମ,
ଉପରକୁ ଉଠାଇବା ଅଟେ ମୋ ଧରମ ।
କେତେ କେତେ ପାଦ ମୋ ପିଠିରେ ପଡ଼ି,
ଉପରକୁ ମହଲକୁ ବେଗେ ଯାନ୍ତି ଚଢ଼ି ।
ମୁଁ ଏକାଏକା ରହି ଥାଏ ନୀରବ ନିଶ୍ଚଳ,
ବଖାଣେ ନା କେବେ କିଛି କାହାରି ଖଳ ।
ପାଦର ଆଘାତ ସହିବାକୁ ମୋ ହୀନଜନ୍ମ,
ନାହିଁ ମୋର ଅନ୍ୟ ରୂପ ରହିବାକୁ ଛଦ୍ମ ।
ଅନ୍ୟର ସେବା କରିବାକୁ ଭାବି ନେଇ ବ୍ରତ,
ଏକ ଧ୍ୟାନ ଧାରଣାରେ ଅଛି କରି ମନ ପବିତ୍ର ।
କେହି ମୋର ନେଉ କି ନ ନେଉ ଯତ୍ନ,
ଜଣକୁ ଉପରକୁ ଉଠାଇ କରି ପାରେ ରତ୍ନ ।

ଯିଏ ମୋ ସାହାଯ୍ୟରେ ଉଠିଯାଏ ଉପରକୁ
କେବେ କାହିଁ ଖୁସିରେ ଅନାଏଁନା ତଳକୁ ।
ଚାହିଁଥାଏ ଖାଲି ଉପରର ସେ ଆକାଶକୁ
ଶେଷ ସୀମା କାହିଁ ଉଠିବ କେତେ ଉପରକୁ **?**
ମନରେ ଭାବେ ନାହିଁ କେବେ ଗଭୀର ଭାବେ
ହୁଏତ ଖସି ଯାଇ ପାରେ ହଠାତ୍ କେବେ ।
ମୋ ପରି ପାହାଚ ଏ ଦୁନିଆଁରେ ଅନେକ
ବାପା ମାଆ ଆତ୍ମୀୟଜନଙ୍କଠାରୁ ଭଦ୍ରଲୋକ ।
ଅଛନ୍ତି ଯେତେ ଜଣର କଲେ ସବୁ ହିତ
ଉପରକୁ ଉଠି ବିନମୟେ ଦିଏ ଆଘାତ ।
ଏ ସ୍ୱଭାବର ଲୋକ ଯୁଗେ ଯୁଗେ ବେଶି
ଦୁନିଆଁର ଉନ୍ନତିରେ କାହୁଁ ଆସିବ ଖୁସି **?**

କୋହି, ଗଡ଼ିଆ, ମୟୂରଭଞ୍ଜ

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# ହେଲମେଟ୍



ସୁମିତ୍ରା ପୃଷ୍ଟି

ସେଦିନ ଯନ୍ତ୍ରଣାଦାୟକ ବସଯାତ୍ରା ପରେ ଆମେ କଟକର ଓମ୍ଫିରେ ଓହ୍ଲେଇଥିଲୁ। ଯନ୍ତ୍ରଣାଦାୟକ କହିଲେ ମୁଁ ବସ୍ ମଧ୍ୟରେ ସ୍ୱାଭାବିକ୍ ଭାବରେ ବସି ପାରେନାହିଁ। ସିଟ୍ ଉପରେ ବସିବାମାତ୍ରେ ମୋ ମୁଣ୍ଡ ଭାରି ଭାରି ଲାଗେ, ଆଉ କିଛିସମୟ ପରେ ମୁଣ୍ଡ ବୁଲାଇବା ଏବଂ ବାନ୍ତି ଲାଗିବା ଏକପ୍ରକାର ସ୍ଥିର ହୋଇ ରହିଥାଏ ଯେମିତି ମୋପାଇଁ। ସେଦିନ ମୁଁ ଆଉ ମୋର ଅତିପ୍ରିୟ ବାନ୍ଧବୀ ରାନୀ ବସ୍ ମଧ୍ୟରୁ ଓହ୍ଲେଇଲୁ। ଆମର ପୂର୍ବନିର୍ଦ୍ଧାରିତ ସମୟ ଅନୁଯାୟୀ ସେଠି ଉପସ୍ଥିତ ଥିଲେ ରାନୀର ଜଣେ ପୁରୁଷ ବନ୍ଧୁ। ବାରମ୍ବାର ମନାକଲାପରେ ମଧ୍ୟ ସେ ସୁଦୂର ଭୁବନେଶ୍ୱରରୁ ଆସିଥିଲେ ଆମକୁ ପରୀକ୍ଷାକେନ୍ଦ୍ରରେ ଛାଡିବା ପାଇଁ। ସେ ଗୋଟେ ବ୍ଲାକ୍ କଲର୍ ଦୁଇଚକିଆ ଯାନରେ ଆସିଥିଲେ। ତାଙ୍କ ମୁଣ୍ଡରେ ଥିଲା ବ୍ଲାକ୍ ଓ ବ୍ରାଉନକଲର୍ କମ୍ବିନେସନର ଏକ ହେଲମେଟ୍। ଆମକୁ ସେଦିନ କଟକର ଇଷ୍ଟ କଲେଜ୍ ଯିବାରଥିଲା। ଆମେ ଦୁଇଜଣ ତାଙ୍କ ଗାଡିରେ ବସି ଚାଲିଲୁ ପରୀକ୍ଷାକେନ୍ଦ୍ର ଅଭିମୁଖେ । ରାସ୍ତାରେ ଗାଡି ଗୁଡିକର ଅପ୍ରିତିକର ଶବ୍ଦ ଏବଂ ଦ୍ରୁତଗତି ସହିତ କେତେକ ଗାଡି ମଧ୍ୟ ଆମ ପାଖାପାଖି ଲାଗିକି ଚାଲୁଥାନ୍ତି, ତାହାସତ୍ତ୍ୱେ ମଧ୍ୟ ଆମେ ଦୁଇଜଣ ନିର୍ଭୟରେ ତାଙ୍କ ଗାଡିରେ ବସିଥିଲୁ। କାରଣ କଟକ ଓ ଭୁବନେଶ୍ୱର ପରି ଜନଗହଳପୂର୍ଣ୍ଣ ସ୍ଥାନରେ ଗାଡି ଚଳାଇବାରେ ତାଙ୍କର ଦୀର୍ଘ ସାତବର୍ଷର ଅଭିଜ୍ଞତା ଥିଲା ବୋଲି ସେ କହୁଥିଲେ। ସେତେବେଳେ ସମୟଥିଲା ସକାଳ ୭ଟା ବାଜି ୩୦ମିନିଟ୍। ଆମେ ଫୁଲନଖରରେ ପହଞ୍ଚିବାକୁ ଯାଉଥିଲୁ, ହଠାତ୍ ଟ୍ରାଫିକ୍ ନିୟମ ମାନି ଗାଡିଗୁଡିକ ରହିଲାଭଳି ରାସ୍ତାରେ ଦ୍ରୁତଗତିରେ ଯାଉଥିବା ପ୍ରତ୍ୟେକ ଗାଡିଗୁଡିକର ଗତି ଶିଥିଳ ପଡିଗଲା। ଆଖିପିଛୁଳାକେ ରାସ୍ତାରେ ଭିଡ ଜମିଗଲା, ଆମେ ସେଠି ଅଟକି ଘଟଣାର

ସଠିକ୍ ଅନୁଧାନ ପାଇଁ ଭିଡକୁ ଅତିକ୍ରମ କରି ଆଗକୁ ବଢିଲୁ। ମୁଁ କଛି ଭାବିବା ପୂର୍ବରୁ ହଠାତ୍ ମୋ ଆଖି ପଡିଗଲା ରାସ୍ତାରେ ପଡିଥିବା ଗୋଟିଏ ଦୟନୀୟ ଲୋକଟି ଉପରେ, ସେ ତାଙ୍କ ହାତ ଦୁଇଟିରେ ନଜ ମୁଣ୍ଡକୁ ଜାବୁଡିଧରି ମଝିରାସ୍ତାରେ ତଳକୁ ମୁହଁମାଡି ଲମ୍ବହୋଇ ପଡିରହିଥିଲେ। ହଠାତ୍ ତାଙ୍କୁ ଯିଏବି ଦେଖିବ ଭାବିବ ଲୋକଟି ନିଶ୍ଚୟ ଗୋଟେ ବଡ ଭୁଲ୍ କରି କାହାକୁ କ୍ଷମା ମାଗୁଛି। ମୁଁ ମଧ ଠିକ୍ ସେଇଆ ଭାବିଲି କନ୍ତୁ ହଠାତ୍ ମୋ ଦୃଷ୍ଟି ପଡିଗଲା ତାଙ୍କ ମୁଣ୍ଡରୁ ଝରୁଥିବା ସେ ବ୍ଲଡ୍ ଉପରେ ଏବଂ ଦଶ ହାତ ଦୂରରେ ପଡିଥିବା ଗୋଟିଏ କ୍ଷତବିକ୍ଷତ ସ୍କୁଟି ଉପରେ। ଏ ଦୃଶ୍ୟ ଦେଖି ମୁଁ ପାଟିକରି ଉଠିଲି। କଛିକ୍ଷଣ ପୂର୍ବରୁ ଦୁଇଚକଆ ଯାନରେ ବସି ରୂପାର ନଗରୀକୁ ବାହାରୁ ଦେଖି ଉତ୍ଫୁଲ୍ଲିତ ହୋଇ ଉଠୁଥିବା ମନଟି ହଠାତ୍ ଭୟ ଓ ଆଶଙ୍କାରେ ଅସ୍ଥିର ହୋଇଗଲା। ଲୋକଟିର ଏଭଳ ଅବସ୍ଥାକୁ ଦେଖି କଛିକ୍ଷଣ ପାଇଁ ମୋ ପରୀକ୍ଷା କଥା ମୁଁ ଭୁଲିଯାଇଥିଲି। ଟିକଏ ବିଳମ୍ବ ହେଲେ ଲୋକଟିର ଜୀବନ ହୁଏତ ବିପଦ ମୁଖରେ ପଡିଯାଇପାରେ ଭାବି ମୋ ବାନ୍ଧବୀର ପୁରୁଷ ବନ୍ଧୁ ଜଣକ ସେତେବେଳକୁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିସାରିଥିଲେ। ସେଠି ଅଳ୍ପ ସମୟ ମଧରେ ଆହୁରି ଅନେକ ଲୋକଙ୍କର ଭିଡ ଜମିଯାଇଥିଲା, ଏବଂ ତା ମଧରୁ ମୋ କାନରେ ଗୋଟେ କଥା ଶୁଣିବାକୁ ମିଳୁଥାଏ "ହେଲମେଟ୍ ଥିଲେ ଲୋକଟିର ଏପରି ଅବସ୍ଥା ହୋଇନଥାନ୍ତା"।

ସେତେବେଳକୁ ଏହି କୋଳାହଳମୟ ପରିବେଶରେ ଥାଇ ମଧ ମୋ ପୂର୍ବ ଅବସ୍ଥାର ଦୃଶ୍ୟଗୁଡିକ ମୋର ମନେପଡି ଯାଉଥିଲା । ଠିକ୍ ତିନଘଣ୍ଟା ପୂର୍ବରୁ ଦୁଇଚକଆ ଯାନରେ ମୋତେ ବସ୍ ପାଖରେ ଛାଡିଦେଇ ଯାଇଥିବା ମୋ ଭାଇ ଏବଂ ମୋ ବାନ୍ଧବୀର ପୁରୁଷ ବନ୍ଧୁଙ୍କ ମୁଣ୍ଡରେ ଥିବା ହେଲମେଟର ଦୃଶ୍ୟ ମୋ ମନରେ ଅନେକ ପ୍ରଶ୍ନ ଉପୁଜାଉ ଥାଏ, "ସତରେ କ'ଣ ଏଇ ହେଲମେଟ୍ ମଣିଷ ଜୀବନ ପାଇଁ ଏତେ ମୂଲ୍ୟବାନ୍"।

ହଠାତ୍ ଭିଡ ଭିତରୁ କେହିଜଣେ ଭଦ୍ରଲୋକ କହିଉଠିଲେ" 'ମା' ତୁମର ପରୀକ୍ଷା ଅଛି ତୁମେ ଏଥର ଯାଅ ଆମ୍ବୁଲାନ୍ସକୁ ଜଣାଇ ଦିଆଯାଇଛି, ଗାଡି ବର୍ତ୍ତମାନ ଆସୁଥିବ"। ମୁଁ ସେଠି ଆଉ କଛି ସମୟ ଅପେକ୍ଷାକରି ମୋ ବାନ୍ଧବୀ ଆଉ ତାଙ୍କ ବନ୍ଧୁଙ୍କସହିତ ଆସି ପରୀକ୍ଷାକେନ୍ଦ୍ରରେ ପହଞ୍ଚି ଯାଇଥିଲି। ପରୀକ୍ଷା କେନ୍ଦ୍ରର ପରିସର ମଧ୍ୟରେ ନୀରବରେ କଛିସମୟ ବସି ନଜ ମନକୁ ବୁଝାଇବାରେ ଲାଗିଥାଏ ଏବଂ ଭଗବାନଙ୍କୁ ଡାକବାରେ ଲାଗିଥାଏ" ହେ ଭଗବାନ ଲୋକଟିର ଯେମିତି କଛି ନହେଉ, ସେ ଭଲ ହୋଇଯାଉ" ଏମିତି କେତେ ଗୁହାରି ଠାକୁରଙ୍କୁ ଜଣାଇବାରେ ଲାଗିଥାଏ। ଠିକ୍ ସେତିକବେଳେ ମୋର ପରୀକ୍ଷାକେନ୍ଦ୍ରରେ ପ୍ରବେଶ କରିବାର ସମୟ ଆସିଯାଇଥାଏ । ମୁଁ ଯାଇ ପରୀକ୍ଷା ଦେଉଥାଏ ଏବଂ ମଝିରେ ମଝିରେ ଲୋକଟିର ଯନ୍ତ୍ରଣାବୋଧ ଦୃଶ୍ୟ ମୋ ମନକୁ ବିଚଳତ କରିପକାଉଥାଏ। ତିନ ଘଣ୍ଟାର ପରୀକ୍ଷା କେମିତି ସରିବ ଏବଂ ମୁଁ ଯାଇ ଲୋକଟିର ଅବସ୍ଥା ସମ୍ପର୍କରେ ବୁଝିବି ବୋଲି ଚନ୍ତା କରୁଥାଏ। କଛି ସମୟପରେ ମୋର ପରୀକ୍ଷା ସରିଗଲା । ମୁଁ ପରୀକ୍ଷାକେନ୍ଦ୍ରରୁ ବାହାରିବା ସମୟରେ ଗେଟ୍ ପାଖରେ ଶୁଣିବାକୁ ପାଇଲି, "ହେଲମେଟ୍ ଥିଲେ ହୁଏତ ଲୋକଟି ବଞ୍ଚି ଯାଇଥାନ୍ତା କନ୍ତୁ ସେ ଆଉ ଏ ସଂସାରରେ ନାହିଁ"।ସେହି ସମୟରେ ମୋ ପାଟିରୁ ବାହାରି ପଡିଥିଲା"ଝମ୍...ଝମ୍...ଝମ୍.." ।

ଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଭାଗ୍ୟ ଓ କର୍ମ



ସରୋଜିନୀ ବେହେରା (ଟିକି)

ଭାଗ୍ୟ ନନ୍ଦିବି ନା କର୍ମକୁ ନନ୍ଦିବି
ଜାଣିପାରୁନାହିଁ ମୁହିଁ
ଥରୁଟିଏ ଆସି କାଳଆ ସୁନାରେ
କାନେ ମୋର ଦେଏ କହି ।

ଭାଗ୍ୟ ମୋର ମନ୍ଦ କର୍ମ ଭରେ ଦ୍ୱନ୍ଦ
କାହାକୁ କହିବି ଭଲ
ଦୋଛକ ବାଟର ଏଇ ଜୀବନ ମୋ
ହେଉଅଛି କଲବଲ ।

ଭାଗ୍ୟର କବାଟ ଖୋଲିଲେ ମୋହର
କର୍ମ ଦେଉଅଛି କଳ
ଭାଗ୍ୟ ପୁଣ୍ୟ ପାପ କର୍ମର ଦୁଆରେ
ମୁହିଁ ପଡ଼ିଅଛି ବଳ ।

କର୍ମ କେବେକେବେ ସଫଳ ହୋଇଲେ
ଭାଗ୍ୟ ମୋ ସାଜୁଛି ଦାଉ
ସହି ହେଉନାହିଁ ଏସବୁ ଯନ୍ତ୍ରଣା
ଆଖିରେ ଝରୁଛି ଲହୁ

ଅଗରପଡା, ଭଦ୍ରକ

# ଦାରୁଣ ମାୟା

ଶରତ ଚନ୍ଦ୍ର ଜାଲି

ଶରଣ ଗଲି ତୋ ଚରଣ ତଳେ
କାରଣ କରିବ ମରଣ ବେଳେ
ଭରଣ ପୋଷଣ ସଂଜ ସକାଳେ
ବାରଣ କରିବ ନାହିଁଟି ତିଳେ ॥

ହରଣ କରିବ ଦୁଃଖ ଜଞ୍ଜାଳ
ଧାରଣ ଚେତନେ ଯଶୋଦାବାଳ
ତାରଣ ପ୍ରଭୁ,ମୋ ଫଟା କପାଳ
କରଣ କରୁଣା ମାଗେ କେବଳ ॥

କରମ ହୀନ ମୁଁ ଧରମ ହୀନ
ଗରମ ପଥରେ ପଥିକ ଦୀନ
ନରମ ନୁହେଁ ମୋ ହୃଦୟ ମନ
ଚରମ ସୀମାରେ ମୁଁ ପାପୀ ଜନ ॥

ମରମ କାନ୍ଦୁଛି ଶରମ ତେଜି
ପରମ ବ୍ରହ୍ମଙ୍କୁ ଅନ୍ତିମେ ଖୋଜି
ଭରମ ତୁଟାଇ ନୟନ ବୁଜି
ପେରମ ଭକତି ଅର୍ପୁଛି ଆଜି ॥

ପୂରଣ କରିବ ଭକତ ବାଞ୍ଛା
ପର୍‌ଣ ଦେବତା ଯାହା ତୋ ଇଛା
କରୁଣ କଣ୍ଠରେ ଡାକେ ସ୍ୱଇଚ୍ଛା
ଦାରୁଣ ମାୟାକୁ କଷିତେ ଘୁଞ୍ଚା ॥

ପଥର୍‌, ଖଲିକୋଟ, ଗଂଜାମ

# ଆଗତ ପ୍ରାୟ

ଅନଲ କୁମାର ସାହୁ

ନୁହେଁ ବେଶୀ ଦିନ ଦେଖିବ ନୟନ
ଆସିବ ଯେବେ ସେ ବେଳ
ଗ୍ଧରିଆଡେ ନଷ୍ଟେ ହେବ ହାହାକାର
ଧର୍ଷ ହେବ କଳବଳ ||

ପୃଥିବୀ ଜଳବ ସମୁଦ୍ର ବଢିବ
ଶୁଭିବ ଆର୍ତ୍ତଚତ୍କାର
ମରୁଡି ସଙ୍ଗେ କେତେ ବିପର୍ଯ୍ୟୟ
ମାଡିଯିବେ ଘରଘର ||

ସାଗର ବଢିବ ଗାଁ ବୁଡିଯିବ
କେ ପଗ୍ଧରେ ନଦୀ, ନାଳ
କେତେ ଯେ ଶରୀର ଜଳମଗ୍ନ ହେବ
ମାଡି ଆସିବ ସେ କାଳ ||

ଫାଇଲିନ୍, ହୁଡହୁଡ, ତିତିଲି କେତେ ଆସୁଥିବେ
କଳନା ନାହିଁ ଟି ତାର
ଏ ଯୁଗ ମଣିଷ କରୁଛି ସଂହାର
ବୁଡିବ ଦିନେ ସଂସାର ||

ଦୁର୍ବଳ କୁ କରେ ସବଳ ଶୋଷଣ
ଦୁଃଖୀ କୁ ଧନୀ ଯେସନ
ରାଜନୀତି ଯୋଗୁଁ ଗୁଣ୍ଡା ରାଜନେତା
ଦିଅନ୍ତି ଲମ୍ବା ଭାଷଣ ||

ନାହିଁ ତ ସମୟ କର ହେ ଉପାୟ
କରୁଅଛ କଣ କଣ
ଜଙ୍ଗଲ ହାଣିଲ ମରୁଭୂମି କଲ
ପୁଣି ପରିବେଶ ପ୍ରଦୁଷଣ ||
କେତେ ଯେ ସହିବ ଏ ଧରଣୀ ମାତା
ଦେଖିବ ଦିନେ ତା ଖେଳ
ଖେଳ ଆରମ୍ଭିଲେ ପୃଥିବୀ କଂପିବ
ନାଶ ଯିବ ଏ ସକଳ ||
ସତର୍କ ହୁଅ ହେ ମଣିଷ ସମାଜ
କର ନାହିଁ ଅତ୍ୟାଚ୍ଚର
କାହା ଉପକାର ନ କର ପଛକେ
କରନାହିଁ ଅପକାର ||

ମୁଣ୍ଡାପାଲି, ନଅଗାଁ, ଆଗଲପୁର, ବଲାଙ୍ଗିର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ନୀରବ ଲୋତକ



ଅମ୍ବିକା ସ୍ୱାଇଁ

ଜିତେନ୍ଦ୍ର ବାବୁ ଙ୍କ ଗୋଡ଼ ଆଜି ତଳେ ଲାଗୁନ। ଘରେ ବନ୍ଧୁ ବାନ୍ଧବ ଙ୍କ ଗହଳରେ ଘର ପୁରି ଉଠୁଛି ଗୋଟିଏ ବୋଲି ପୁଅ ଶୋମୁ ର ଆଜି ବାହାଘର । ଦୁଇ ଝିଅ ରିତା, ନତା ଙ୍କ ର ବାହାଘର ଆଗରୁ ସରି ଯାଇଛି, ଗେହ୍ଲା ସାନ ଭାଇ ର ବାହାଘର ପାଇଁ ଦୁଇ ଭଉଣୀ ମଧ୍ୟ ଆସି ପହଂଚ ଛନ୍ତି । ବଡ଼ ଝିଅ ରିତା ସୁଦୂର ଲଣ୍ଡନ ରେ ରହେ । ଜ୍ୱାଇଁ ସଫ୍ଟୱେର ଇଞ୍ଜିନିୟର । କୁନ ନାତୁଣୀ ଲେସେଲି କୁ ମାତ୍ର ଦୁଇ ବର୍ଷ । ତା କୁ ପ୍ରଥମ ଥର ପାଇଁ ଦେଖି ଜିତେନ୍ଦ୍ର ବାବୁ ଙ୍କ ଗୋଡ଼ ତଳେ ଲାଗୁନ । କିନ୍ତୁ ବାହାଘର କାମ ର ବ୍ୟସ୍ତତା ଭିତରେ ନାତୁଣୀ ସହିତ ଖେଳ ବାକୁ ଫୁର୍ ସତ୍ କାହିଁ ? ମଝିରେ ମଝିରେ ତାକୁ ଟିକେ ଗେହ୍ଲା କରି ଖୁବ୍ ଆନନ୍ଦିତ ହେଉଥାନ୍ତି, ପୁଣି କାମରେ ଲାଗୁ ଥାନ୍ତି ।

ତାଙ୍କ ସାନ ଝିଅ ଜ୍ୱାଇଁ ମୁମ୍ବାଇ ରେ ଚାକରି କରନ୍ତି । ମାତ୍ର ୨ବର୍ଷ ପୂର୍ବରୁ ବାହାଘର ହୋଇଛି, ସେମାନେ ମଧ୍ୟ ଆସି ପହଂଚ ସାରିଲେଣି । କିନ୍ତୁ ଜିତେନ୍ଦ୍ର ବାବୁ ଗୋଟିଏ ଅଭାବ କୁ ସହି ପାରୁ ନ ଥାନ୍ତି, ତାଙ୍କ ସ୍ତ୍ରୀ ଶାନ୍ତି ଦେବୀ ଙ୍କ ର ଅନୁପସ୍ଥିତି । ସେ ଅନେକ ଦିନୁ ସଂସାର ଛାଡ଼ି ଚାଲି ଯାଇଛନ୍ତି ଯେତେବେଳେ ଶୋମୁ କୁ ମାତ୍ର ୫ ବର୍ଷ ହୋଇ ଥିଲା, ବ୍ଲଡ଼ କ୍ୟାନସରରେ ପୀଡିତ ହୋଇ ଆର ପାରି କୁ ଚାଲି ଯାଇଥିଲେ, ପରିବାର କୁ ଶୋକ ସାଗରେ ଭସାଇ, ସଂସାର ଡଙ୍ଗାରେ ବସାଇ । ମାମତମୟୀ ଶାନ୍ତି ଦେବୀ ଘରର ଯାବତୀୟ ଦାୟିତ୍ୱ ଓ ପିଲାମାନଙ୍କର ଭବିଷ୍ୟତ ର ବୋଝ କୁ ସ୍ୱାମୀ ଙ୍କ ମୁଣ୍ଡ ଉପରେ ଲଦି ଆର ପାରି କୁ ଚାଲି ଗଲେ ସିନା, ଜିତେନ୍ଦ୍ର ବାବୁ କିନ୍ତୁ ଛାତି କୁ ପଥର କରି ବାପା ଓ ମା ର ଦାୟୀତ୍ୱ କୁ ଆକାଶ ଧରିତ୍ରୀ ପରି, ବହନ କରି ପିଲାଙ୍କ ର ସବୁ ଦୁଃଖ, ସୁଖ ଭଲ, ମନ୍ଦ କୁ ସହ୍ୟ କରି ଦଦରା ନାଆ ରେ ନାଉରୀ ଟି ସାଜି, ବହୁତ୍ କଷ୍ଟରେ ଉଛୁଳା ନଈ ରେ ପାରି ହେବା ପାଇଁ ଅନେକ ସଂଘର୍ଷ କରି, ଆଜି ଏହି ଜାଗାରେ ପହଂଚଛନ୍ତି, ପିଲା ଙ୍କ ର

ଦୁଃଖ, ସୁଖ ଅଳ ଅର୍ଦ୍ଦଳ କୁ ଏକା ଏକା ବାପା ଓ ମା ର ଭାର କୁ କାନ୍ଧରେ ବୋହି ଛୋଟ ରୁ ପିଲାଙ୍କୁ ବଡ଼ କରିଛନ୍ତି । ବାପା ମା ଉଭୟ ଙ୍କ ସ୍ନେହ ମମତା ଭଲ ପାଇବା ଆଦର ଯତ୍ନ ସହକାରେ ଲାଳନ ପାଳନ କରି ବଡ଼ କରି ଗଢି ତୋଳବା ଓ ତାଙ୍କ ଗୋଡ଼ରେ ତାଙ୍କୁ ଠିଆ କରିବା କଛି କମ କଥା ନୁହେଁ !!!

ଜିତେନ୍ଦ୍ର ବାବୁ ପିଲାମାନଙ୍କୁ ତାଙ୍କ ମାଆ ର ଅନୁପସ୍ଥିତି କେବେ ବି ଅତି ଗଭୀର ଭାବେ ଅନୁଭବ କରିବାକୁ ଦେଇ ନାହାନ୍ତି । ଯାହା ବି ହେଉ ବାପା ଙ୍କ ର ଲାଳନ ପାଳନ ରେ ପିଲା ମାନେ ଆଜି ବଡ଼ ହୋଇ ନଜ ଜାଗାରେ ନଜେ ପ୍ରତିଷ୍ଠିତ ।

ଦୁଇ ଝିଅ ମିତା, ନତା ଙ୍କ ର ବାହାଘର ପରେ, ଆଜି ଏକମାତ୍ର ସାନ ପୁଅ ଶୋମୁ ର ବାହାଘର ବେଶ୍ ଧୁମ୍ ଧାମରେ ପ୍ରସ୍ତୁତି ଚାଲିଛି । ଜିତେନ୍ଦ୍ର ବାବୁ ଙ୍କ ମନରେ ଅକୁହା ଆନନ୍ଦ ମନେ ମନେ କେତେ କଣ ଭାବୁ ଥାନ୍ତି, ଆଉ କେଇ ଘଣ୍ଟା ପରେ ଘରକୁ ନୂଆ ବୋହୂ ଟିଏ ଆସିବ, ବୋହୂ କଣ ସେ ତ ମୋ ଘର ର, ମୋର ଗେହ୍ଲା ଝିଅ !! ଶୋମୂ ବାହାଘର ସରିଗଲେ ରିତା ନତା ତ ତାଙ୍କ ନଜ ନଜ କର୍ମସ୍ଥଳୀ କୁ ଚାଲି ଯିବେ, ମୋ ପାଖରେ ଆଉ କଏ ଅଛି ଯେ । ଏଇତ ମୋ ବୋହୂ ମୋ ଘର ର ଲକ୍ଷ୍ମୀ ମୋ ଘର ପୁରି ଉଠିବ । ପୁଅ ଅଫିସ ବାହାରି ଗଲାପରେ ମୁଁ ଆଉ ସେ ଏକଲା ପଣ ଅନୁଭବ କରିବିନ। ଏମିତି କେତେ କଣ କଳ୍ପନାତିତ ର ଭାବନାରେ ଜିତେନ୍ଦ୍ର ବାବୁ ବିମୋହିତ ଅଜସ୍ର ଆନନ୍ଦରେ ଉଲ୍ଲସିତ ।

ତେଣେ ଶଙ୍ଖ ହୁଳହୁଳ ଶବ୍ଦରେ ଦାଣ୍ଡ ଉଛୁଳ ପଡ଼ିଲାଣି । ବରଧରା ଆସି ଗଲାଣି, ବର କୁ ପାଛୋଟି ନେବା ପାଇଁ । ଘର ପୁରୋହିତ ଙ୍କ ଉପସ୍ଥିତିରେ କଛି ପୂଜା ପାଠ ପରେ ବର ବାହାରିବାର ପ୍ରସ୍ତୁତି ସରି ଗଲାଣି । ଏଥର ଶଙ୍ଖ ହୁଳହୁଳୀ, ବାଜା, ବାଣ ଶୋଭାଯାତ୍ରା ଶ୍ରେଣିରେ ବର ବାହାରି ଗଲା କନଆ ଘର ଅଭିମୁଖେ । ଧୁମ୍ ଧାମ ରେ ସାଙ୍ଗସାଥୀ ଙ୍କ ର ନାଚ ଗୀତ ସହ ଡିଜେ ବଜାଇ ଶୋଭାଯାତ୍ରା କରି, ବର ପହଂଚ ଗଲା କନ୍ୟା ଘରେ । ବାଟ ବରଣି ସରିଗଲା । ପୁଅ ର ମାମୁଁ ବେଦୀରେ ବସି ବାହାଘର କଲେ । ବାହାଘର ର ଭୋଜି ଭାତ କନ୍ୟା ଘର ପକ୍ଷରୁ ବେଶ ଜାକ ଜକମ ରେ ଉନ୍ନତ ଧରଣର କରା ଯାଇଥିଲା । ସ୍ୱତନ୍ତ୍ର ବରାଦ ଦିଆ ହୋଇ ଖାସି ମାଂସ ର ବ୍ୟବସ୍ଥା ହୋଇ ଥିଲା । ବରଯାତ୍ରୀ ଭୋଜି ଖାଇ ବା

ହାଃ ବା କରି ଯେଝା ବାଟରେ ଯିଏ ଫେରି ଆସିଲେ । ଜିତେନ୍ଦ୍ର ବାବୁ ଙ୍କ ଉପସ୍ଥିତି ରେ ବିନା ବାଧା ବିଘ୍ନ ରେ ବାହାଘର ଟି ଖୁବ୍ ସୁରୁଖୁରୁ ରେ ସରି ଗଲା ।

ଜିତେନ୍ଦ୍ର ବାବୁ ପୁଅ ବୋହୁ ଙ୍କୁ ଧରି ଘରକୁ ଆସିଲେ । ଆଉ ଦିନକ ପରେ ଚତୁର୍ଥୀ । ଜିତେନ୍ଦ୍ର ବାବୁ ମଧ ବହୁତ ଆଡମ୍ବର ରେ ଭୋଜି ଭାତର ଆୟୋଜନ କରି ଥାଆନ୍ତି। ଅନେକ ଅତିଥି ଙ୍କୁ ନିମନ୍ତ୍ରଣ କରି ଥାନ୍ତି, କାରଣ ତାଙ୍କର କୋଳ ପୋଛା ଗେହ୍ଲା ପୁଅ ର ଶେଷ ବାହାଘର ।

ସମୁଦୀ ଘରୁ ଚତୁର୍ଥୀ ଭାର ଆସି ପହଂଚ ଗଲାଣି, କୌଣସୀ ଥିରେ ଊଣା ନାହିଁ । ଘରେ ବନ୍ଧୁ ବାନ୍ଧବ ଭରପୁର, ସମସ୍ତେ ଦେଖି ଜିତେନ୍ଦ୍ର ବାବୁ ଙ୍କୁ ପ୍ରଶଂସା ରେ ପୋତି ପକାଉ ଥାନ୍ତି। କହୁଥାନ୍ତି ଆପଣଙ୍କ ଭାଗ୍ୟ କେଡ଼େ ଉଜ୍ଜ୍ୱଳ ଏମିତି ସମୁଦୀ ଘର ଟି ପାଇଲେ । ଭାଗ୍ୟରେ ଥିଲେ ଏମିତି ବୋହୂ, ଏମିତି ଘର ମିଳେ । ସନ୍ଧ୍ୟାରେ ମଣ୍ଡପ ରେ ଭୋଜି ର ବ୍ୟବସ୍ଥା ହୋଇ ଥାଏ । ନିମନ୍ତ୍ରିତ ଅତିଥି ମାନେ ଆସିଗଲେଣି । ମଣ୍ଡପ ବେଦୀ ରେ ପୁଅ ବୋହୁ ଙ୍କୁ ଦେଖି ସମସ୍ତେ ଖୁବ୍ ଖୁସି । ଜିତେନ୍ଦ୍ର ବାବୁ ଙ୍କୁ ସମସ୍ତଙ୍କର ସେହି ଗୋଟିଏ କଥା ପୁଅ ସଂଗ କୁ ଏତେ ସୁନ୍ଦର ବୋହୂ ଟି ବାଛି ବାଛି ଆଣିଛନ୍ତି, ଯୋଡି ବେଶ୍ ମାନୁଛି । ଘର ଆଉ ଖାଲି ଖାଲି ଲାଗିବନି । ଘର ଆପଣଙ୍କର ହସି ଉଠିବ । ଆପଣଙ୍କ ଝିଅ ମାନଙ୍କ ବାହାଘର ପରେ ପୁଣି ଏକା ହୋଇ ଯାଇଥିଲେ । ଦୀର୍ଘ ଦିନର ଅଭାବ ବୋଧ ଏଥର ଦୂର ହୋଇ ଯିବ ..ନା କଣ କହୁଛନ୍ତି ଜିତେନ୍ଦ୍ର ବାବୁ?

ସାଙ୍ଗ ରବୀନ୍ଦ୍ର ବାବୁଙ୍କର କଥା ଶୁଣି ଜିତେନ୍ଦ୍ର ବାବୁଙ୍କ ମୁହଁରେ ଆନନ୍ଦର ଝଲକ । ହଁ ହଁ ନିଶ୍ଚୟ, ଶେଫାଳୀ କଣ ମୋର ବୋହୂ, ସେ ତ ମୋର ତୃତୀୟ ଝିଅ, ସବୁ ଠାରୁ ଗେହ୍ଲା। ମୋ ପାଖରେ ଆଉ କିଏ ଅଛି, ସେ ମୋର ସବୁ କିଛି । ବୁଢ଼ା ବୟସରେ ସେ ହିଁ ମୋର ସାହା ଭରସା । ମୋ ସ୍ତ୍ରୀ ଶାନ୍ତି ସଂସାର ଛାଡ଼ି ଗଲା ଦିନ ଠାରୁ ଏକା ଏକା ଏତେ ଦାୟିତ୍ୱ ତୁଲାଇ ଥାକ୍କା ହୋଇ ଗଲିଣି ଆଉ ପାରୁନି । ସାଙ୍ଗମାନେ ତାଙ୍କୁ ଆଶ୍ୱାସନା ଦେଇ କହିଲେ - ବୋହୂ ତ ଆସିଗଲାଣି ଆଉ ଚିନ୍ତା କଣ ? ଏଥର ଟିକେ ଆଶ୍ୱସ୍ତି ହୁଅନ୍ତୁ ଜିତେନ୍ଦ୍ର ବାବୁ।

ଯାହା ବି ହେଉ ବନ୍ଧୁ ବାନ୍ଧବ ଓ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ବୋହୂ ର ଭୂରି ଭୂରି ପ୍ରସଂଶା ଶତ ମୁଖରେ, ଜିତେନ୍ଦ୍ର ବାବୁ ଆନନ୍ଦରେ ଆତ୍ମହରା । ଭୋଜି ଭାତ ସରିଗଲା, ନିଜ ନିଜ ଘରକୁ ସମସ୍ତେ ବାହୁଡ଼ି ଗଲେ । ଦୁଇ ନଣନ୍ଦ ରିତା, ନିତା ସାନ ଭେଲୀ ଭାଉଜ ହାତରେ ବାପାଙ୍କର ସବୁ ଦାୟିତ୍ୱ କୁ ସମର୍ପି, ଭାଉଜ ଶେଫାଳୀ ଠାରୁ ବାପାଙ୍କର ଓ ଘର ର ସବୁ ଦାୟିତ୍ୱ ଠିକ୍ ସେ ତୁଲାଇବାର ପ୍ରତିଶ୍ରୁତି ପାଇ ନିଜ ନିଜର କର୍ମ ସ୍ଥଳୀକୁ ଚାଲିଗଲେ ।

ନୂଆବୋହୂ ଟିର ଚାଲି ଚଳଣିରେ, ବ୍ୟବହାର ରେ କାର୍ଯ୍ୟକଳାପରେ ଜିତେନ୍ଦ୍ର ବାବୁ ବେଶ୍ ଖୁସି । ମାତ୍ର ୭ ଦିନ ର ରହଣି ଭିତରେ ଶ୍ୱଶୁରଙ୍କ ମନ କୁ କିଣି ନେଇ ସାରିଲାଣି ସୁନା ବୋହୂ ଶେଫାଳୀ । ଜିତେନ୍ଦ୍ର ବାବୁ ଙ୍କ ମନରେ ଅସରନ୍ତି ଆନନ୍ଦ । ଭଗବାନ ଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଥାନ୍ତି ମନେ ମନେ, ସତରେ ପ୍ରଭୁ ଏତେ ଦିନ ପରେ ମୋର ଡାକ ଶୁଣିଛନ୍ତି ଆପଣ । ଶେଫାଳୀ ଭଳି ବୋହୂ ଟିକୁ ମୋତେ ସ୍ନେହର ଉପହାର ଦେଇ ଛନ୍ତି । ଏହି ସମୟରେ ଶେଫାଳୀ ଚା କପ୍ ସହିତ କିଛି ସ୍ନାକ୍ସ ଧରି ଆସି ପହଂଚ ଗଲା । ଆରେ ମାଆ ବସ ମୋ ପାଖରେ, ବୋହୂ ଭାରି ସନ୍ତର୍ପଣରେ ଶ୍ୱଶୁରଙ୍କ ପାଖରେ ବସିଲା । ଜିତେନ୍ଦ୍ର ବାବୁ କହିଲେ ଜାଣିଛୁ ମା, ଏତେ ଦିନ ପରେ ମୋ ଘର ଆଜି ପୁରି ଉଠିଛି ରେ ମାଆ" । ତୁ ଏଥର ତୋ ଘର ସମ୍ଭାଳେ ।ତୋ ଶାଶୂ ଙ୍କ ଅନୁପସ୍ଥିତିରେ, ଅନେକ ବାଧା ବିଘ୍ନ କଷ୍ଟ ସହି ଛୁଆମାନଙ୍କୁ ମଣିଷ କରିଛି । ଆଉ ପାରିବିନି ରେ ମା, ଆଜି ଠୁ ଏ ଘର ତୋର, ତୁ ଯେମିତି ଭାବରେ ତୋ ଘର ର ଦେଖା ଶୁଣା କରିବୁ, ତୁ ଘର ର ଝିଅ, ବୋହୂ ସବୁ କିଛି ର ଦାୟିତ୍ୱ କୁ ଭଲ ଭାବରେ ନିଭାଇବୁ ଏ ବିଶ୍ୱାସ ମୋର ଅଛି, କହି ଆଲମାରୀ ର ଚାବି ଟି ବୋହୂ ଶେଫାଳୀ ର ହାତରେ ଧରାଇ ଦେଇ ଦୀର୍ଘ ନିଃଶ୍ୱାସ ଟିଏ ନେଇଥିଲେ।

ଏହି ସମୟ ରେ ଶେଫାଳୀ ର ବାବା ସମୁଦୀ ବିଶ୍ୱମ୍ଭର ବାବୁ ଙ୍କ ପାଖରୁ ଫୋନ କଲ୍ ଆସିଲା । ଅଷ୍ଟ ମଙ୍ଗଳା କୁ ତାଙ୍କ ଘରକୁ ଝିଅ ଜ୍ୱାଇଁ ଙ୍କୁ ନିମନ୍ତ୍ରଣ କଲେ ଯିବା ପାଇଁ । ବିଶ୍ୱମ୍ଭର ବାବୁ ଙ୍କ ର ଏକ ମାତ୍ର ଅଲିଅଳ ଝିଅ ଶେଫାଳୀ । ଅଷ୍ଟ ମଙ୍ଗଳା ଦିନ ସକାଳୁ ସକାଳୁ ତାଙ୍କ ଗାଡି ଧରି ଡ୍ରାଇଭର ଆସି ପହଂଚ ଗଲା । ପୁଅ ବୋହୁ ସମୁଦୀ ଘରକୁ ଯିବା ପାଇଁ ଜିତେନ୍ଦ୍ର ବାବୁ ସବୁ ବ୍ୟବସ୍ଥା କରି ଦେଲେ । ନୂଆ ସମୁଦୀ, ସମୁଦୁଣୀ ପାଇଁ କେତେ ପ୍ରକାର ମିଠା, ଫଳ ମୂଳ ଆଦି ଗାଡ଼ିରେ ଲଦି ଖୁସିଖୁସି ରେ ପୁଅ ବୋହୂ ଙ୍କୁ ପଠାଇଲେ । ସେମାନେ ସେଠାରେ ଖାଇ ପିଇ ରାତି ସୁଦ୍ଧା ଘରକୁ ଫେରିବା କଥା । ପୁଅ

ବୋହୂ ଙ୍କ ର ଫେରିବା ବିଳମ୍ବ ଦେଖି, ଜିତେନ୍ଦ୍ର ବାବୁ ସମୁଦୀ ବିଶ୍ୱମ୍ବର ବାବୁଙ୍କୁ ଫୋନ କଲେ । ବିଳମ୍ବ ର କାରଣ ପଚ୍ଚାରିଲାରୁ, ସମୁଦୀ କହିଲେ ପିଲାମାନେ ବାହାରି ଥିଲେ । କିଛି ଜରୁରୀ କଥାବାର୍ତ୍ତା ଥିବାରୁ ଅଟକାଇ ଦେଲି । ଜିତେନ୍ଦ୍ର ବାବୁ କିଛି ବୁଝି ପାରିଲେନ କି କାରଣ ମଧ୍ୟ ପଚ୍ଚାରି ଲେନ । ଖାଲି ଭାବୁଥିଲେ କଣ ହୋଇଥାଇପାରେ ସେ ଜରୁରୀ କାରଣ। ଭାବିବା ଭିତରେ କେତେବେଳେ ନିଦ ଆସି ଯାଇଛି, ସକାଳୁ ଉଠି ନିତ୍ୟକର୍ମ ସାରି ଜଳଖିଆ ଖାଇ ଅପେକ୍ଷା କରିଥାନ୍ତି ଚାତକ ପରି ପୁଅ ବୋହୁଙ୍କୁ । ଦିନ ଗଡି ଚାଲିଥାଏ, କିନ୍ତୁ ପୁଅ ବୋହୁ ଆସି ଘରେ ପହଞ୍ଚିଲେ ସନ୍ଧ୍ୟା ପରେ । ଜିତେନ୍ଦ୍ର ବାବୁ ଲକ୍ଷ୍ୟ କଲେ ପୁଅ ଶୋମୁ ମୁହଁରେ ସରସତା ନାହିଁ । ପଚାରିଲେ ଆରେ ମା ଶେଫାଳୀ, କାଲି ନ ଆସି ରହିଗଲ ଯେ ? ସମୁଦୀ ଙ୍କୁ ଫୋନ କରିଥିଲି ତୁମ ଆସିବା କଥା ପଚାରିବା ପାଇଁ କିଛି ଜରୁରୀ କାମ ଅଛି ବୋଲି କହିଲେ । କଣ ମା ସେ ଜରୁରୀ କାମ ଥିଲା ? ଏହି ସମୟ ରେ ପୁଅ ଶୋମୁ ବିଷର୍ଣ୍ଣତା ଭରା ବଦନରେ ବାପା ଙ୍କ ହାତକୁ କିଛି କାଗଜ ପତ୍ର ଧରାଇ ଦେଲା । ବାପା ତନ୍ନ ତନ୍ନ କରି ଦେଖି ନେଲେ ଆଶ୍ଚର୍ଯ୍ୟ ଚକିତ ହେଲେ। ଆରେ
ଏ କଣ ଆଜି ରାତି ୯/୩୦ ରେ ଦିଲ୍ଲୀ ର ଫ୍ଲାଇଟ୍ ଟିକେଟ । ତା ସହିତ ପୁଅ ନାଁ ରେ ଉଇଲ ହୋଇ ଥିବା ଦିଲ୍ଲୀ ର ଏକ ଫ୍ଲାଟ୍ ର ଦଲିଲ ପତ୍ର । ପୁଅ ଶୋମୁ ମନ ଦୁଃଖରେ ଚୁପ୍ ଚାପ୍ ହୋଇ ବାପା ଙ୍କ ପାଖରେ ଠିଆ ହୋଇଥାଏ । କାଗଜ ପତ୍ର ଭଲ ଭାବେ ତନଖି ଦେଖିଲା ପରେ ଜିତେନ୍ଦ୍ର ବାବୁ ଙ୍କ ପାଟିରେ ଆଉ ଭାଷା ନାହିଁ । ପୁଅ ଶୋମୂ ଉଦାସ ମୁହଁରେ ବାପା ଙ୍କୁ କେବଳ ଏତିକି କହିଲା ବାପା କଣ ଭାବୁଛନ୍ତି ଆପଣ ? ମୁଁ ଆଉ ଆପଣଙ୍କ ପୁଅ ହୋଇ ନାହିଁ ମୁଁ କୋଟି ପତି ଶ୍ୱଶୁରଙ୍କ ପାଖରେ ବନ୍ଧା ପଡି ଯାଇଛି । ସେଠୁ ଆଉ ହୁଗୁଳିବାର ବାଟ କାହିଁ? ଯଦି ତାଙ୍କ ସର୍ତ୍ତ ନ ମାନୁଛି ତେବେ ସେ ତାଙ୍କ ଝିଅ ଶେଫାଳୀ କୁ ଆମ ଘରୁ ସବୁ ଦିନ ପାଇଁ ନେଇଯିବେ । ତାଙ୍କର ଅତି ଅଲିଅଳ ଝିଅ ଶାଶୁ ଘର ର ଚାରି କାନ୍ଥ ଭିତରେ ଆବଦ୍ଧ ହୋଇ ରହି ପାରିବନି.. ବାପା ଆପଣ କୁହନ୍ତୁ ମୁଁ କଣ କରିବି ? ତାଙ୍କ କଥାରେ ଯଦି ଆମେ ରାଜି ନ ହେବା ତେବେ ଆମେ ଲୋକହସା ହେବା । ମୁଣ୍ଡ ଟେକି ଆପଣ ବାଟ ଚାଲି ପାରିବେନି...ତାଙ୍କ ଝିଅ କୁ ଯଦି ସେ ନେଇ ଯାଆନ୍ତି ତାଙ୍କ ଘରକୁ...!!

ସତରେ ବାପା ମୁଁ ହାରି ଗଲି, ବାପା ମୁଁ ହାରି ଗଲି । ସବୁ ସ୍ୱପ୍ନ ଆପଣଙ୍କ ର ମାଟିରେ ମିଶି ଗଲା । ଜିତେନ୍ଦ୍ରବାବୁ ପୁଅ ପିଠିରେ ହାତ ଥାପୁଡେଇ କହିଲେ, ନାରେ ପୁଅ ଖୁସି ଖୁସି

ରେ ଦିଲ୍ଲୀ ଯାଅ । ଆଶୀର୍ବାଦ କରୁଛି ଦୁଇ ଜଣ ଯାକ ଖୁବ୍ ଖୁସିରେ ରୁହ । ମନର ବ୍ୟଥା ହୃଦୟ ର କୋହ କୁ ଗୁପି, ସମୁଦୀ ଘରୁ କାର ରେ ପ୍ୟାକ୍ଂ ହୋଇ ଆସିଥିବା ଜିନଷ ପତ୍ର ଲଦି ପୁଅ ବୋହୁ ଙ୍କୁ ବିଦାୟ ଦେଲେ । ପୁଅ, ବୋହୂ ବାପା ଙ୍କ ପାଦ ଛୁଇଁ ପ୍ରଣାମ କରି ଦିଲ୍ଲୀ ଅଭିମୁଖେ ଏୟାର ପୋର୍ଟ କୁ ଯାତ୍ରା କଲେ।

ଜିତେନ୍ଦ୍ର ବାବୁ ବେଦନାସିକ୍ତ ନୟନ ରେ ଗେଟ୍ ପାଖରେ ଠିଆ ହୋଇ, ଏକ ଲୟରେ କାର ର ଗତିପଥ କୁ ଗୃହିଁ ରହିଥାନ୍ତି । କାର ଟି ଦୃଶ୍ୟ ପଟ୍ଟରୁ ଅଦୃଶ୍ୟ ହୋଇ ଗଲ୍ । ଜିତେନ୍ଦ୍ର ବାବୁ ଗେଟ୍ ତାଲ୍ ପକାଇ, ପାଣି ଗ୍ଲାସ୍ ଟିଏ ପିଇ ଦୀର୍ଘ ନଃଶ୍ୱାସ ଟି ପକାଇ ବିଛଣାରେ ଗଡ଼ି ଗଲେ। ଅନେକ ଅକୁହା ବେଦନା ମନକୁ ଛଟପଟ କରୁ ଥାଏ । ହୃଦୟ ରୁ ଉଙ୍କି ମାରୁଥାଏ ଅନେକ ପ୍ରଶ୍ନ, କନ୍ତୁ ଉତ୍ତର ମିଳୁ ନ ଥାଏ । ଯନ୍ତ୍ରଣା ରେ ମନ ହୃଦୟ ଆତ୍ମା କଲବଲ ହେଉଥାଏ, ଏକଲ୍ ପଣରେ....!! ମୁଣ୍ଡ ଉପରେ ଟଙ୍ଗା ହୋଇଥିବା ପତ୍ନୀ ଶାନ୍ତି ଦେବୀଙ୍କର ଫଟୋ କୁ ଗୃହିଁ ନୀରବ ର ଲୋତକ ନୟନ ରୁ ବୋହି ଯାଉଥାଏ ଚବୁକ୍ ର ଦୁଇ ଧାରେ.....!!!

ଶ୍ୟାମପୁର, ଭୁବନେଶ୍ୱର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କର୍‌ଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହଯୋଗ ଦିଅନ୍ତୁ ।

# ମୋ ଗାଁ ଗାନ୍ଧୀ



ନବ କୁମାର ଦାସ

ଅଚଳ, ନିଶ୍ଚଳ, ଚଳାଚଳରୁ
ଅସ୍ତାଚଳ ପର୍ଯ୍ୟନ୍ତ....
ସ୍ୱର୍ଗ, ମର୍ତ୍ତ୍ୟ, ପାଣି ପବନରୁ
ପାତାଳ ପର୍ଯ୍ୟନ୍ତ.....
ଏକ ନିଷ୍କପଟ, ସତ୍ୟ, ଅହିଂସାର
ପୂର୍ଣ୍ଣ ଅବତାର ଥିଲ ତୁମେ ଗାନ୍ଧୀ

ମହ ମହ ମାଟି ଚନ୍ଦନରୁ
ମମତା ର ପୁଟଦିଆ ବନ୍ଦନା ପର୍ଯ୍ୟନ୍ତ...
ପ୍ରତି ହୃଦ କନ୍ଦରରୁ
ସ୍ନେହ ପ୍ରୀତିଭରା ନେତୃତ୍ୱ ପର୍ଯ୍ୟନ୍ତ
ଏକ ନିଷ୍କଳଙ୍କ ମହନୀୟ ଚରିତ୍ର
ଆଉ ଚର୍ଚ୍ଚିତ ଚିତ୍ର ଥିଲ ତୁମେ ଗାନ୍ଧୀ....

ତୁମେ ପୁଣି ଆସନ୍ତ କି
ମୋ ସଂକଳ୍ପ ର ଷଠିଘର ଗାଁକୁ
ଏକ ଭ୍ଇଗ୍ଲର୍ ଲଗେଇବାକୁ
ସମ୍ପର୍କ ଗଛ ର ପ୍ରତି ଡାଳରେ
ସ୍ୱାଧୀନତା ର ଫୁଲ ଫୁଟେଇବାକୁ

ତୁମ ସ୍ୱପ୍ନର ଭାରତ କୁ
ସକଳ ପ୍ରକାରେ ସାକାର କରିବାକୁ....

ତୁମେ ପୁଣି ଥରେ ଆସନ୍ତ
ପ୍ରକୃତ ସ୍ୱାଧୀନତା ମନ୍ତ୍ର ଫୁଙ୍କି ଦିଅନ୍ତ....
ହିଂସା, ଦ୍ୱେଷ, ନିନ୍ଦା, ଘୃଣା, ଅପମାନ ସବୁ
ଅପସରି ଯାଆନ୍ତା....
ମୁଁ ମୁକ୍ତ କହି ଶିଶୁଟିଏ
ଖୋଲା ଆକାଶ ରେ ଉଡିବୁଲନ୍ତା
ଝିଅ ଟିଏ ଏକୁଟିଆ
ଅନ୍ଧକାରରେ ଗ୍ଭଲିପାରନ୍ତା...
ମା ଟିଏ ମାତୃତ୍ୱର ପେଡିଖୋଲି
ମୃତ୍ୟୁ ପର୍ଯ୍ୟନ୍ତ ସମାନ ପାଆନ୍ତା
ଗରୀବର ପେଟପୁରି
ମୁଁହ ହସ ମୁଖରିତ ହୁଅନ୍ତା....
ତେବେ ସିନା ଭାରତ ଆକାଶରେ
ତିନିରଙ୍ଗୀ ପତାକା ଉଡି ପାରନ୍ତା
ତୁମ ସ୍ୱପ୍ନର ବାସ୍ତବତା ମିଳନ୍ତା...

ଶିକ୍ଷକ, ବାଲିଆପାଳ, ବାଲେଶ୍ୱର

# ନବାନ୍ନ



ତରଙ୍ଗ ଚଣ୍ଡି

ଲିପା ପୋଛା ସାରି ଅନେଇଛି ବୋଉ
ଫେରିବ କର୍ମିଷ୍ଠ ପୁଅ
ନାତି ନାତୁଣୀ ଙ୍କୁ କୋଳେଇ ନେଇ କ
ପୋଛି ଦେବ ଆଖି ଲୁହ ||୧

ସର୍‌ଗ ରେ ନେଇ ବଜାର କରିବ
ସୁଝି ଦେଇ ଯେତେ ଋଣ
ହସିଲ୍ ପୁରିଲ୍ ଲ୍‌ଗିବ ଅଗଣା
ଉଛୁଳ ପଡିବ ପ୍ରେମ ||୨

ନୂଆ ଲୁଗା ନୂଆ ଅନ୍ନ ର ଯୋଗାଡ
କରିବ ହରଷ ହୋଇ
ଦୂର ପାହାଡ଼ ରୁ କୁରେଇ ପତର
ଗୋଟେଇ ଆଣିବ ଥୋଇ ||୩

ଠିକାଦାର ଜ'ମା ଛାଡୁନ ଲେ ବୋଉ
ଦେଉନାହିଁ ମୋ ପାଉଣା
କେମିତି ଆସିବି ଖାଲିହାତେ ବୋଉ
ବୁଦ୍ଧି ହୁଏ ବାଟବଣା ||୪

ସାହି ପଡିଶା ଙ୍କ ଟୁପୁରୁ ଟାପର
ଶୁଣିବୁନ ବୋଉ ଜ'ମା
ବନ୍ଧନୁ ମୁକୁଳ ପଇସା ପାଇଲେ
ଫେରିବି ତୋ କୋଳ କୁ ମା।। ୫

ଲୁହ ରେ ବୁଝାଇ କହଇ ଜନନୀ
ଥୟ ଧର ମୋ'ର ଧନ
ଦୂର ରାଇଜ ରୁ ଫେରିବୁ ତୁ ଯେବେ
ପାଳବା ଆମେ ନବାନ୍ନ ।।୬

ଗାଆଁ ଭୂଇ ଯେତେ ପାଳବେ ପରବ
ଜୁହାର ଭେଟ ଯେ ହୋଇ
ଜନନୀ ଆଖିରୁ ଝରିବ ଲୋତକ
ଲେଉଁଟା ପାଦ କୁ ଗୃହିଁ ।।୭

ଲିମସେର ବୃନ୍ଦାବାହାଲ,
ସାହିତ୍ୟ ସଂସଦ ଧର୍ମଗଡ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଇଏ ଆଧୁନିକ ଦୁନିଆଁ ଭାଇ

ଶିଶିର କୁମାର ପଣ୍ଡା

ବୋଉ ମୋ କୁଆଡ଼େ ରୋଷେଇ ଜାଣିନି
ଭଲ ରାନ୍ଧୁଥିଲା ଆଗରୁ ଯିଏ
ଭରିଯା ରାନ୍ଧଣା ବିନା ମସଲାରେ
ମହମହ ହୋଇ ବାସନା ଦିଏ ।
ଆଗରୁ ଯେ ହାତ ବଡ଼ି ତୁରିଦେଲେ
ଠୁଙ୍କି ଦେଉଥିଲା କଂସାଏ ଭାତ
ସେଇ ମଣିଷର ବୟସ ଯିବାରୁ
ପୁଅଠୁ ଖାଉଛି ଗୋଇଠା-ନାତ ।
ଯେଉଁ କାନିରେ ସେ ମୁହଁ ପୋଛୁଥିଲା
ସେଇଟା ଏଇନେ ଗନ୍ଧାଏ ତାକୁ
ପଣତଟା କାଳେ ଅସନା ହୋଇଛି
ନାତିକୁ ବାରଣ ତାଆରି ପାଖୁ ।
ଯେଉଁଘରେ ଦିନେ ହସିଖେଳି ସିଏ
ପିଲାଦିନ ଆହା ଦେଇଛି କାଟି
ସେ ଘରକୁ ଆଉ ଫେରି ଯାହୁଁନାହିଁ
ମାଆର ହୃଦୟ ଯାଉଛି ଫାଟି ।
ଆଧୁନିକତାର ଭିଡ଼ରେ କେମିତି
ହଜି ଯାଇଥିବା ଦୁନିଆଁ ଇଏ
କାହାକୁ କେମିତି ସୁଖ ଲାଗିପାରେ ,
ଛାତିକୁ କନ୍ତ ମୋ ବିଦାରୀ ଦିଏ ।

କୁଆଁସ, ମେରଦା କାଟିଆ, ଯାଜପୁର

# ରାଣୀ ଲକ୍ଷ୍ମୀବାଈ



ସୁଧାଂଶୁ ଶେଖର ଦ୍ୱିବେଦୀ

## (ନଭେମ୍ବର ୧୯ ପବିତ୍ର ଜନ୍ମ-ଜୟନ୍ତୀ ଉପଲକ୍ଷେ)

ଲକ୍ଷ୍ମୀବାଈଙ୍କ ଜନ୍ମ ନଭେମ୍ବର ୧୯ ତାରିଖ ୧୮୨୮ ମସିହାରେ ବାରଣାସୀଠାରେ ହୋଇଥିଲା । ତଙ୍କର ପିଲାଦିନର ନାଁ ଥିଲା ମଣିକର୍ଣ୍ଣିକା, କିନ୍ତୁ ସଭିଏଁ ତାଙ୍କୁ ଆଦରରେ "ମନୁ" ବୋଲି ଡାକୁଥିଲେ । ବାରାଣସୀରେ ୪ ବର୍ଷ ବିତେଇବା ପରେ ପିତା ମୋରପନ୍ତ ତାମ୍ବେ ପେଶବା ବାଜିରାଓ ଦ୍ୱିତୀୟଙ୍କଠାରୁ ନିମନ୍ତ୍ରଣ ପାଇ ବିଠୁରକୁ ଯାଇ ଦେବାନ ପଦରେ ନିଯୁକ୍ତି ହେଲେ । ସେଠାରେ ସୁନ୍ଦରୀ ମନୁକୁ ପେଶବା ବାଜିରାଓଙ୍କ ସମେତ ଅନ୍ୟମାନେ "ଛବିଲି" ବୋଲି ସଂବୋଧନ କରୁଥିଲେ । ପେଶବାଙ୍କ ରାଜ ଉଆସରେ ରହିବା ସହ ମନୁ ଶାସ୍ତ୍ର ଶିକ୍ଷା ସହ ଶସ୍ତ୍ର ଶିକ୍ଷା ମଧ ଶିଖିଥିଲେ ।

ବିଠୁରରେ ରହିଲାବେଳେ ମୋରପନ୍ତଙ୍କ ଜୀବନରେ ଝଡ ଆରମ୍ଭ ହୋଇଯାଇଥିଲା । ସେଠାରେ କିଛିଦିନ ରହିଲା ପରେ ତାଙ୍କ ସ୍ତ୍ରୀ ଭାଗିରଥି ବାଈଙ୍କର ମୃତ୍ୟୁ ହୋଇଥିଲା । ସେହିଦିନଠାରୁ ମୋରପନ୍ତ ଝିଅ ଲକ୍ଷ୍ମୀବାଈଙ୍କୁ ମା ର ମମତା ଓ ବାପାର ସ୍ନେହ ଦେଇ ପାଳିବାକୁ ଲାଗିଲେ । ପେଶବା ବାଜିରାଓଙ୍କର କିଛି ପୁଅ ଝିଅ ନଥାନ୍ତି । ସେ ନନା ସାହେବଙ୍କୁ ପିଲାଦିନରୁ ପୋଷ୍ୟପୁତ୍ର କରି ରଖିଥିଲେ । ପିଲାଦିନୁ ମନୁବାଈ ନାନା ସହେବଙ୍କ ସାଥିରେ ପାଠ ପଢିବା ଓ ଖେଳାବୁଲା କରିବାର ସୁଯୋଗ ପାଇଥିଲେ । ନାନା ସାହେବ ପିଲାଦିନୁ ଅତି ସାହସୀ ଓ ନିର୍ଭୀକ ଥିଲେ । ମନୁବାଈ ନନା ସାହେବଙ୍କ ସାଥିରେ ମିଶି ସାହସୀ ହେବା ସଙ୍ଗେ ସଙ୍ଗେ ନିଜର ଦୟାଳୁ ଗୁଣରେ ଗୁଣୀ ହୋଇଥିଲେ ।

୧୮୩୭ ମସିହାରେ ମୋରପନ୍ତ ନିଜ ପରିବାର ସହିତ ପୁରୀ ଧାମକୁ ଆସିଥିଲେ । ସେତେବେଳେ ତାଙ୍କର ପଣ୍ଡା ଭୀମ ସେନ୍ ଲକ୍ଷ୍ମୀବାଈ ଦିନେ ରାଣୀ ହେବେ ବୋଲି

କହିଥିଲେ । ତାପରେ ମନୁ ବାଇ ଝାନସୀର ରାଜା ଗଙ୍ଗାଧର ରାଓଙ୍କୁ ବିବାହ କରିଥିଲେ । ସେ ଦିନୁ ମନୁବାଇ ରାଣୀ ଲକ୍ଷ୍ମୀବାଈ ନାମରେ ପରିଚତ ହୋଇଥିଲେ । ଦୁର୍ଭାଗ୍ୟରୁ ଗଙ୍ଗାଧର ରାଓ ଓ ତାଙ୍କର ଜନ୍ମୀତ ଶିଶୁ ପୁତ୍ରର ଅକାଳରେ ମୃତ୍ୟୁ ହୋଇଥିଲା । ସେତେବେଳେ ଲକ୍ଷ୍ମୀବାଈଙ୍କୁ ମାତ୍ର ୧୮ ବର୍ଷ ହୋଇଥିଲା । ମରିବା ପୂର୍ବରୁ ପେଶବା ଗଙ୍ଗାଧର ରାଓ ରାଣୀ ଲକ୍ଷ୍ମୀବାଈଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିବାର ଅଧିକାର ଦେଇ ଯାଇଥିଲେ । ଲକ୍ଷ୍ମୀବାଈ ସେହି ଅଧିକାର ବଳରେ ଦାମୋଦର ରାଓଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରି ବଡ ଲାଟ ଲର୍ଡ ଡେଲହାଉସିଙ୍କୁ ଜଣାଇଲେ । ତଥାପି ଡେଲହାଉସି ଝାନସୀ ରାଜ୍ୟକୁ ଇଂରେଜ ସାମ୍ରାଜ୍ୟ ସହିତ ମିଶାଇ ଜଣେ ଇଂରେଜ ଅଫିସରଙ୍କ ଦ୍ୱାରା ଝାନସୀର ଶାସନ କାର୍ଯ୍ୟ ଚଳାଇଥିଲେ ।

ଡେଲହାଉସିଙ୍କର ଏ ପ୍ରକାର କାର୍ଯ୍ୟରେ ଲକ୍ଷ୍ମୀବାଈ ଅତି କ୍ଷୁବ୍ଧହୋଇ ଯାଇଥିଲେ । ଏତିକବେଳେ ସାରା ଭାରତରେ ସିପାହୀମାନେ ନାନା କାରଣରୁ ବିଦ୍ରୋହ ଆରମ୍ଭ କରିଦେଇଥିଲେ । ଏ ସୁଯୋଗ ପାଇ ଲକ୍ଷ୍ମୀବାଈ ସେମାନଙ୍କ ସହିତ ମିଶି ସ୍ୱାଧୀନତା ପାଇବା ପାଇଁ ଇଂରେଜଙ୍କ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରି ଦେଇଥିଲେ । ୨୯.୦୫.୧୮୫୭ ରେ ରାଣୀ ଲକ୍ଷ୍ମୀବାଈ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ କରି ଝାନସୀ ଅଧିକାର କରି ନେଇଥିଲେ । ଜଣେ ନାରୀର ବୀରତ୍ୱ ଭାରତୀୟମାନଙ୍କୁ ଅମାପ ବଳ ଓ ଉତ୍ସାହ ଯୋଗାଇ ଥିଲେ ।

୨୩.୦୫.୧୮୫୮ ରେ ଇଂରେଜମାନେ ପୁଣି ଝାନସୀ ଆକ୍ରମଣ କଲେ । ଦୀର୍ଘ ଆଠଦିନ କାଳ ଉଭୟଙ୍କର ଯୁଦ୍ଧ ଚାଲିଲା । ଇଂରେଜମାନଙ୍କ ତୁଳନାରେ ଲକ୍ଷ୍ମୀବାଈଙ୍କ ସୈନ୍ୟମାନେ ଜଣକ ପରେ ଜଣେ ଭୂମିରେ ଟଳି ପଡିଲେ । ଦୁଇଜଣ ଦେଶଦ୍ରୋହୀଙ୍କ ସାହାଯ୍ୟରେ ଇଂରେଜମାନେ ଝାନସୀ ଦୁର୍ଗ ଭିତରେ ପଶିଯାଇଥିଲେ । ଶତ୍ରୁ ମୁହଁରୁ ରକ୍ଷା ପାଇବା ପାଇଁ ସେ ପୁରୁଷ ବେଶ ଧରି ଘୋଡାରେ କଲ୍ପିକୁ ପଳାଇ ଯାଇଥିଲେ । ସେତେବେଳେ ତାଙ୍କ ସାଙ୍ଗରେ କେତେଜଣ ବିଶ୍ୱସ୍ତ ପାଖଲୋକ ଓ ପୋଷ୍ୟପୁତ୍ର ଦାମୋଦର ଥାନ୍ତି । ଲକ୍ଷ୍ମୀବାଈ କଲ୍ପିକୁ ପଳାଇ ଯାଇଥିବା ଜାଣି ଇଂରେଜ ସୈନ୍ୟମାନେ ତାଙ୍କ ପଛେ ପଛେ ସେଠାରେ ପହଞ୍ଚିଲେ । ତା ପରେ ଲକ୍ଷ୍ମୀ ବାଈ କଲ୍ପିରେ ରହିବା ବିପଦ ଜାଣି ଗୋୱାଲିୟରକୁ ଚାଲିଗଲେ ।

ଗୋୱାଲିୟର ରାଜା ଦୟାଜୀ ରାଓ ଇଂରେଜ ସରକାରଙ୍କଠାରେ ଶରଣ ପଶିବାରୁ ସେମାନଙ୍କର ସୈନ୍ୟ ଗୋୱାଲିୟରରେ ଆସି ପହଞ୍ଚିଗଲେ । ସେଠାରେ ପୁଣି ଭୟଙ୍କର ଯୁଦ୍ଧ ଚାଲିଲା । ଗୋୱାଲିୟର ସୈନ୍ୟମାନେ ଲକ୍ଷ୍ମୀବାଈଙ୍କୁ ଯୁଦ୍ଧରେ ସାହାଯ୍ୟ କଲେ । ଭୟଙ୍କର ଯୁଦ୍ଧ ହେଲା । ଏହି ଯୁଦ୍ଧରେ ଦାମୋଦର ରାଓଙ୍କର ମୃତ୍ୟୁ ହେବାରୁ ପୁତ୍ର ଶୋକରେ ଅଧୀରା ଲକ୍ଷ୍ମୀବାଈ ଭୀଷଣ ଯୁଦ୍ଧ ଚଳାଇଥିଲେ । ଲକ୍ଷ୍ମୀବାଈଙ୍କ ବୀରତ୍ୱ ଦେଖି ଇଂରେଜ ସେନାପତି ହ୍ୟୁଗୋରସ୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେହି ଯୁଦ୍ଧରେ ସେ ଏତେ କ୍ଷତାକ୍ତ ହୋଇଯାଇଥିଲେ ଯାହା ଫଳରେ ଆହତ ହୋଇ ଭୂଇଁରେ ଟଳି ପଡିଲେ । ସେତେବେଳେ ତାଙ୍କୁ ମାତ୍ର ୨୩ ବର୍ଷ ହୋଇଥିଲା । ଇଂରେଜମାନେ ତାଙ୍କ ମର ଶରୀରକୁ ସ୍ପର୍ଶ ନକରିବା ପାଇଁ ତତକ୍ଷଣାତ୍ ଶବ ସତ୍କାର କରି ଦିଆଯାଇଥିଲା ।

ସେ ଯେଉଁଠାରେ ଶେଷ ନିଶ୍ୱାସ ଛାଡିଥିଲେ ସେଠାରେ ଗୋଟିଏ ସମାଧି ଅଛି । ପ୍ରତିବର୍ଷ ସେଠାରେ ବଡ ଧରଣର ମେଳା ହୁଏ । ଲକ୍ଷ୍ମୀବାଈଙ୍କ ବୀରତ୍ୱ କାହାଣୀ ଆଜି ମଧ୍ୟ ଦେଶବାସୀଙ୍କୁ ଅଶେଷ ସାହସ ଓ ପ୍ରେରଣା ଯୋଗାଇଥାଏ । ଏତେ କମ ଜୀବନକାଳ ମଧ୍ୟରେ ସେ ଯେଉଁ ବୀରତ୍ୱ ଓ ଆଦର୍ଶ ଦେଖାଇଛନ୍ତି, ତାହା ପୃଥିବୀରେ ବେରଳ ।

ଯୋଗ ଫର ଲାଇଫ, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# କେବେ କେବେ



ଅବିନାଶ ବେହେରା

କେବେ କେବେ ସମୟ ବଦଳେ ଭଲ ଲାଗେ
ସେହି ସମୟରେ ମଣିଷ ବଦଳାଏ ନିଜକୁ
କେବେ ସିଏ ଦୋହି ଦିଏ ନିଜ ପରିସ୍ଥିତିକୁ,
କେବେ ପରିବେଶକୁ, କେବେ ଅନ୍ୟକୁ,
ବିଗ୍ରହକୁ ନିଏ ନାହିଁ ନିଜ କର୍ମକୁ ।
କେବେ ଦୃଢମନା ହୁଏ ବିଚଳିତ,
କେବେ ଦିବ୍ୟାଙ୍ଗବି ହୋଇପାରେ ଶ୍ରେଷ୍ଠ,
ଅଭାଗାର ଭାଗ୍ୟରେ ବି ଆସିପାରେ ସୁଯୋଗ,
ସମୟହିଁ କରି ପାରେ ଏମିତି ଚମତ୍କାର ।
କହିବାର ସୀମା ଟପି ଗଲେ,
କେବେ ସୃଷ୍ଟି ହୁଏ ତିକ୍ତତା
ସହିବାର ଧୈର୍ଯ୍ୟ ସରିଗଲେ,
କେବେ ମନେ କ୍ରୋଧ ହୁଏ ଜାଗ୍ରତ
ଭିନ୍ନ ମଣିଷର ସ୍ୱତନ୍ତ୍ର ପରିଚୟ,
ସମାଜ କରେ ଗ୍ରହଣ ଏହା ନିଶ୍ଚୟ,
ସମୟ ଚକ୍ରରେ ମଣିଷ ବଦଳାଏ ତା' ବ୍ୟବହାର
ସହିଯାଏ ଯନ୍ତ୍ରଣା, ଅନ୍ୟର ଆକ୍ଷେପ ....

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

# ସନ୍ଧ୍ୟା



ଅଜୟ କୁମାର ବେହେରା

ପଶ୍ଚିମାକାଶେ ଲୋହିତ ଛବି
ଦିଶେ କେଡ଼େ ମନ ଲୋଭା
ପାହାଡ଼ ଗୁହାରେ ଲୁଚେ ରବି
ହଜି ଯାଏ ଯାର ଶୋଭା।୧।

ଗ୍ନହୁଁ ଗ୍ନହୁଁ କାଳମାରେ ଭରି
ଆସଇ ରଜନୀ ରାଣୀ।
ଗୋ ଗୋଷ୍ଠେ ଫେରନ୍ତି ଯେତେ ସବୁ
ଗୋରୁ, ଗାଈ, ଛେଳ ପୁଣି।୨।

ଭୟରେ ଆତୁର ଜନ୍ତୁଜୀବ
ହୋଇ ଯାଏ ସନ୍ଧ୍ୟା ପୁଣି
ଗାଈଆଳ ସେତ ଛାଡ଼େ ଘରେ
ଗୋଟି ଗୋଟି କରି ଗଣି।୩।

ହମ୍ବା ରଡ଼ି ଡାକ ଲାଗେ ଭଲ
ଗୋଠରୁ ବାହୁଡ଼ି ଗଲେ
ତାଙ୍କ ପରି କେହି ବୋଲ ହାକ

କରି କ ପାରିବ ଭଲେ।୪।

ଦେଖୁ ଦେଖୁ ହୁଏ କ ଅନ୍ଧାର
ଗାଆଁ ପଡ଼ିଆ, ନଗର
ଘୁରିଆସେ କାଳମାରେ ଭର
ନିସ୍ତବ୍ଧ ଲାଗେ ସଂସାର।୫।

ଦିବସର ଗହଳ ଚହଳ
ନ ଥାଏ ଜମା ରାତିରେ
ମନ ଖୋଜେ ଦିବସ ଶ୍ରମକୁ
କାଟନ୍ତି ଟିକେ ଶାନ୍ତିରେ।୬।

ଏଇତ କର୍ମମୟ ଜୀବନ
କର୍ମେ ବ୍ୟସ୍ତ ରହି ସଦା
ନିତି ଡାକୁଥାଉ ବିଭୁଙ୍କୁ
ମନରେ ନ ରଖି ଦ୍ୱିଧା।୭।

ମୋରଡ଼ା, ମୟୂରଭଞ୍ଜ

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ସ୍ୱାଇଁ ସାର୍



ରାଜେଶ କୁମାର ବାରିକ

ସକାଳର ସୂର୍ଯ୍ୟ ସିନା ଆଲୋକ ଆଣେ ଏ ଧରାପୃଷ୍ଠରେ କିନ୍ତୁ ମନରେ ଆଣି ପାରେନା। ମନରେ ଦେହରେ ଆଲୋକ ପାଇଁ ଆବଶ୍ୟକ ଶିକ୍ଷା। ବାସ୍ତବରେ ଜ୍ଞାନ ବିନା ଦୁନିଆ ଅନ୍ଧାର। ବିରାଟ ଆଶା, ଉଚ୍ଚ ଆକାକ୍ଷାଂ ନେଇ ମଣିଷ ଗତିଶୀଳ। ହେଲେ ବାସ୍ତବତା ତକିଆ ଉପରେ ସୋଇଛି। ଜୀବନରେ ଦିନେ ବଡ ହେବାର ସ୍ୱପ୍ନ ନେଇ ବାପାଙ୍କ ପାଦ ଛୁଇଁ ସିନା ସପଥ ନେଇଛି କିନ୍ତୁ ସତଟା ପୁରା ଭିନ୍ନ.................

ନିଦରୁ ଉଠିବା କ୍ଷଣି ଚଟାପଟ୍ ଟିଭି ପାଖରେ ବସିପଡିଲା ସୁଭମ ଗୋଟିଏ ଆଧ୍ୟାତ୍ମିକ ଚ୍ୟାନାଲ୍ ଖୋଲି । ଆପଣଙ୍କୁ କଣ ଲାଗୁଛି ? ସୁଭମ ଗୋଟେ ଆଧାତ୍ମିକବାଦୀ ପିଲା ! ଜଦି ଆପଣ ଭାବୁଛନ୍ତି ତାହାଲେ ଭୁଲ ଭାବୁଛନ୍ତି। ସେ ସୁନାପିଲା ଭଳି ବସି ରାଶିଫଳ ଦେଖୁଛି । ସନିଆ, ପିଣ୍ଟୁ ଆଉ ବାପିର ମଧ୍ୟ ରାଶିଫଳ ଦେଖି ତାଙ୍କୁ ପୁଣି ସ୍କୁଲ୍ ରେ କହିବାରେ ଅଛି। ଘଣ୍ଟାରେ ସମୟ ଦେଖି କରି ଜୋର ଜୋର ସେ ଡାକଛାଡିଲା ସୁଭମ:

ମାଁ .... ମାଁ... ଓ...ମାଁ କିଛି ଗୁଡ, ଆଉ କିଛି ଦୂବ ଘାସ ରେଡି କରିକି ରଖ ମାଁ, ସ୍କୁଲ୍ ଜିବାପାଇଁ ଡେରି ହେଲାଣି ପରା ତୁମେ ରେଡି କରି ରଖ ମୁଁ ଗାଧେଇ ଆସୁଛି ।

___ ତୁ ତୋ ସ୍କୁଲ୍ ଯିବୁ ପୁଣି ଏଇ ଦୁବ ଘାସ, ଗୁଡ ନେଇ କଣ କରିବୁ କି??

___ ତୁମେ କଣ ଜାଣିନ କ? ସବୁ ସେଇ ସ୍ୱାଇଁ ସାରଙ୍କ ପାଇଁ। ଆଜି ଟିଭିରେ ଜ୍ୟୋତିଷ କହିଛି ପିମ୍ପୁଡିକୁ ଗୁଡ, ବାଛୁରୀ କୁ ଦୁବ ଘାସ ଖୁଆଇଲେ କୁଆଡେ ସବୁ ରିଷ୍ଟ ଖଣ୍ଡନ ହେବ । ଦେଲୁ ଦେଲୁ ଜଲଦି ଦେଲୁ । ମୋର ସ୍କୁଲ୍ ବେଳ ଲେଟ୍ ହେଲାଣି।

ଅଙ୍କା ବଙ୍କା କାଦୁଅ ର ରାସ୍ତା, ବୁଲି ବୁଲି ଗଲେ ପଡେ ଆମ ସ୍କୁଲ୍ । ସ୍କୁଲ ଷ୍ଟାଣ୍ଡ ପାଖରେ ହୋଇଥିବାରୁ ଘର ଲୋକଙ୍କୁ ଭାରି ଡର କନ୍ତୁ ମୋତେ ଏଇ ଗାଡ଼ିଘୋଡା ଦେଖି ଯେତିକ ଡର ଲାଗେନ ତାଠୁ ଅଧିକ ଡର ତ ଆମ ବିଜ୍ଞାନ, ଗଣିତ ଶିକ୍ଷକ ସ୍ୱାଇଁ ସାର ଙ୍କୁ ଦେଖିଲେ ଲାଗେ । ଯାହାବି ହେଉ ଆଜି ବହି ଭିତରେ ନମ ପତ୍ର, ବାଛୁରୀ କୁ ଦୁବ ଘାସ, ପିମ୍ପୁଡିକୁ ଗୁଡ ଦେଇ ବି ଆସିଛି, ଆଉ ନଷ୍ଚିତ ଯେ ସାର ଆଜି ମୋତେ ମାରିବେନ ।

କ୍ଲାସ୍ ଆରମ୍ଭ ହୋଇଗଲା.... କାହିଁକ କେଜାଣି ସାର ପ୍ରଥମରୁ ଆସି ମୋତେ କଳାପଟାରେ ଗଣିତ କରାବାକୁ କହିଲେ, ମୁଁ ଗୋଟାପୁଣି ଥରୁଥାଏ। ମାଡକୁ ମହାଦେବଙ୍କ ଡର ମୁଁ ଛାର ପିଲାଟା, ଆଗ ଧାଡିର ବସିଥିବା କ୍ରିଷ୍ଣା, ଲିପୁ, ଆଉ ଅମର ର ସହାୟତା ନେଇ ଗଣିତ କରିଦେଲି । ଏଥିପାଇଁ କେତେ ମାଁ ମଙ୍ଗଳା, ମାଁ ବ୍ରହ୍ମାଣୀ ଙ୍କୁ ଡାକଛି, କେତେ ନଡିଆ ମାନସିକ କରିଛି ମୋ ବ୍ୟତିତ କାହାରିକୁ ଜଣାନାହିଁ।

ଗଣିତ କ୍ଲାସ୍ ସରିଗଲା ସିନା ବିଜ୍ଞାନ କ୍ଲାସ୍ କୁ ଡର ନଥାଏ । ସାର ଯେଉଁ ପାଠ ସବୁ ପଚାରିବେ ସବୁ ବହି ଦେଖି କହିଦେବି । ବାପୁନ, ମୁନା, ପତି ଆଉ ମୁଁ ଗୋଟିଏ ଧାଡିରେ ବସୁ ଆଉ ପଛପାଖରେ ଯେଉଁ ସବୁ ବଦମାସି କରୁ ତାକୁ ନ କହିବା ଭଲ ।

ଗ୍ରହୁଁ ଗ୍ରହୁଁ ବିଜ୍ଞାନ ବହିଧରି ସ୍ୱାଇଁ ସାର କ୍ଲାସ୍ ଭିତରକୁ ଆସିଲେ । ଗତକାଲିର ହୋମ୍ୱାର୍କ ଖାତାକୁ ଧରି ଆଣିବାକୁ କହିଲେ । ମୁଁ ପାଠ କରିନଥାଏ। ଛାନଆରେ ଗୋଡ ଦୁଇଟା ଥରୁଥାଏ ....ଛାତିର ହାର୍ଟ ବିଟ୍ ବି ମୋ କାନକୁ ସୁଭୁଥାଏ । ଧାଡି ରେ ଛିଡା ହୋଇଥାଏ ମୁଁ ମୋର ରଫ ଖାତାକୁ ଧରି । ଯେଉଁ ରଫ୍ ଖାତାର ଆଗ ପଛ କଛି ନଥାଏ (ଖାତାର ଦୁଇପାଖ ରୁ ଲେଖାଯାଇଛି) । ସମସ୍ତଙ୍କ ଖାତାରେ ସାଇନ୍ ମାରି ବସିବାକୁ ଦେଉଥାନ୍ତି।

ମୋର ଏଇ ଖାତା ଦେଖି ଅତ୍ୟଧିକ ମାତ୍ରାରେ ରାଗିଗଲେ ଆଉ ବେତ ଆଣି ଦୁଇ ଚାରି ପ୍ରହାର କସି ଦେଲେ । ମୁଁ ଉ....ହୁ...ଆହା... ହେଉ ଥାଏ। କାହିଁକି କେହିଜଣି ସାର୍ ଅଧା କ୍ଲାସ୍ ରୁ ବାହାରକୁ ଚାଲିଗଲେ । କଛି ବୁଝି ହେଲାନ ।

ସେଇ ଦିନଠାରୁ ଅଭଣା ସ୍କୁଲ୍ ରେ ବାକିତକ ଦିନ ସ୍ୱାଇଁ ସାର ତ ଦୂରର କଥା ତାଙ୍କ ଛାଇ କୁ ବି ଦେଖିଲେ ଡର ଲାଗେ । ଯଦି ପଡିଆରେ ଖେଳବା ସମୟରେ ସାର୍ ସେଇ ରାସ୍ତା ଦେଇ ଚାଲିଯାଆନ୍ତି ନା ଆମେ ସମସ୍ତେ ଦୌଡି ଯାଇ ଲୁଚପଡୁ । ମଜାରେ ଯଦି କେହି ସାର୍ ଆସିଗଲେ ବୋଲି ବି କହିଦେଲେ ନା କଥା ସରିଲା । ସେଦିନ ପାଚେରି ଉପରେ ଖେଳ ଦେଖୁଥାଏ ସାରଙ୍କୁ ଦେଖି ଅତର୍କିତ ଭାବେ ଗଡି ପଡିଥିଲି। ମନେପଡିଲେ ହସ ଲାଗେ ।

ସେଦିନର ମାଡ ପରେ ମନେ ମନେ ସାରଙ୍କୁ ବହୁତ ଗାଳ ଦେଇଥିଲି। କଛି ଦିନ ପରେ ସାରଙ୍କ ଖରାପ ହୋଇଗଲା। ମୋତେ ଲାଗେ କ ମୋ ଯୋଗୁଁ ସାର ଙ୍କ ଦେହ ଖରାପ ହୋଇଗଲା । କନ୍ତୁ ପରିକ୍ଷାରେ ଭଲ ମାର୍କ ରେ ପାସ କଲି ଆଉ କଲେଜ ଗଲି ।

ଆଜି କାଲି ଆଉ ଦୁବ ଘାସ, ଗୁଡ, କମ ପତ୍ର କ ସକାଳୁ ସକାଳୁ ରାଶିଫଳ ଦରକାର ପଡୁନ । ଖାଲି ଅବଶୋଷ ଏତିକ ମୋ ପାଖରେ ସ୍ୱାଇଁ ସାର ରହନ୍ତେ ନା ଜୀବନର କୋଣସି ବି ପରିକ୍ଷା ବି ସହଜରେ ସଫଳତା ପାଇ ପାରନ୍ତି ।

ଦେବେନ୍ଦ୍ର ପୁର, ଅଜଣା, ବାଲେଶ୍ୱର

# ମା ବସୁଧା



ପ୍ରକାଶ ଚନ୍ଦ୍ର ପଣ୍ଡା

ମା ସର୍ବଂସହା ମା ଲୋ ବସୁଧା
ତୋ କୋଳେ ଜନମ ନେଇ
ଏ ଜୀବନ ମୋର ସାର୍ଥକ ହୋଇଛି
ତୋ ପରି ମା ପାଇ ।
ଜନନୀ ଜଠରୁ ଜନ୍ମ ନେଲ୍‌ପରେ
ତୋ କୋଳେ ନେଲୁ କୋଳେଇ
ମୋ ଅଳ ଅଝଟ କରିନୁ ଆକଟ
ସବୁ ନେଇଛୁ ତୁ ସହି ।
ତୋ ପାଣି ପବନ କରି ମୁହିଁ ପାନ
ତୋ ବୁକୁରେ ଖେଳଧୂଳି
ତୋ ବଣଜଙ୍ଗଲେ ବର ଓହଳରେ
ଖେଳଛି କେତେ ମୁଁ ଦୋଳ ।
ସବୁଜିମା ଭରା ଘାସ ଗାଲିଚାରେ
ଯାଇଛି ମୁଁ ଯେବେ ଲୋଟି
ସରଗର ସୁଖ ମିଳଯାଏ ମୋତେ
ସତେ ମା କାନ ଯେମିତି ।
ସକାଳୁ ସଂଧ୍ୟା ଆମ ପାଇଁ ବନ୍ଧା
ସେବାରେ ଆମର ତୁହି
ଧନ୍ୟ ଜୀବନ ସବୁ ତୋ ଦାନ
ତୋ ପରି ମା କାହିଁ ।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ଗାନ୍ଧୀ ନୀତି ହେଉ ଆମ ବରତ



ରାଜକଶୋର ସାଇଁ

ଏଇ ଆମ ଦେଶ ଭାରତ
ଯା କୋଳେ ବାପୁଜୀ ହୋଇଲେ ଜାତ ।୧ ।

ବାପୁଙ୍କର ସତ୍ୟ ଅହିଂସା ନୀତି
ତଡିଦେଲା ଦେଶୁ ଫିରିଙ୍ଗି ଜାତି
ସମାଜରେ ଶାନ୍ତି ଆଉ ପ୍ରୀତି ପାଇଁ
ଏ ପରା ଅଟଇ ଗୁରୁଜୀ ମନ୍ତ୍ର ।୨।

ତାଙ୍କରି ଦର୍ଶନ ବିଶ୍ବର ଧାରା
ଆଦୃତ ହୁଅଇ ଦୁନଆ ସାରା
ଅଶାନ୍ତ ରୂପକ ଗଛକୁ ଉପାଡି
ବିଶ୍ବଶାନ୍ତି ପାଇଁ ଏକଇ ପଥ ।୩ ।

ଭାରତମାତାର ଦୁରୁଦିନରେ
ଦେବଦୂତ ଉଭା ହେଲେ ଧରାରେ
ଶିଖାଇଲେ ସବୁ ମଣିଷପଣିଆ
ସୁଖୀ ରହିବାର ଶାଶ୍ବତ ସୂତ୍ର ।୪।

ଗାନ୍ଧୀଙ୍କର ଏହି ମହତ ବାଣୀ
ବୁଲି ବାଣ୍ଟିଥିଲେ ଉତ୍କଳମଣୀ
ଅସହାୟ ସେବା କରି ଆରାଧନା
ସଭିଙ୍କୁ ତ କରିଦେଲେ ମୋହିତ ।୫ ।

ଭାରତ ଆମର ଜନମ ଭୂଇଁ
ମହାନ୍ ହୋଇଛି ବାପୁଙ୍କପାଇଁ
ଯେତେ ଝଡଝଞ୍ଜା ଆସୁ ଏ ଜୀବନେ
ଗାନ୍ଧୀନୀତି ହେଉ ଆମ ବରତ ।୬ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ,
ନୂଆପଡା, ନୂଆବଜାର, କଟକ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଭିନ୍ନ ଏକ ନୈନୀତାଲ

ପ୍ରିୟବ୍ରତ ପାତ୍ର

ଭାରତରେ ଶୈଳ ନିବାସ-ରାଣୀ ବୋଲାଉଥିବା ନୈନୀତାଲ ନିଜର ପ୍ରାକୃତିକ ଶୋଭା ସମ୍ଭାରକୁ ନେଇ ବିଶ୍ୱପ୍ରସିଦ୍ଧ । ଉତ୍ତରାଞ୍ଚଳ, ବିଶେଷ କରି କୁମାୟୁନ୍ ଅଞ୍ଚଳରେ ସବୁ କିଛି ନୈନୀତାଲକୁ କେନ୍ଦ୍ର କରି ଚାଲିଥାଏ, ଚାହେଁ ତାହା ରାଜନୈତିକ ଉଷ୍ଣତା ହେଉ, ବୌଦ୍ଧିକ ବିତର୍କ ହେଉ କି ଜଙ୍ଗଲ ସୁରକ୍ଷା ହେଉ । ବହୁ ବିଦଗ୍ଧ କବି, ଲେଖକ, ପର୍ଯ୍ୟଟକ ଏହି ସହରକୁ ନେଇ ବହୁତ କିଛି ପରାମର୍ଶ ଦେଇଛନ୍ତି । କିନ୍ତୁ ଯାହା ଅପରିବର୍ତ୍ତିତ ହୋଇ ରହିଯାଇଛି ତାହା ହେଲା ଏଠାକାର ମୂଳ ଅଧିବାସୀ ପାହାଡୀଙ୍କ ଜୀବନ ଜୀବିକା ଓ ଶୋଷଣର ଇତିହାସ । ପ୍ରଦୁଷଣ ନିରାକରଣ, ବୃକ୍ଷରୋପଣ, ଜଙ୍ଗଲ ସଂରକ୍ଷଣ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୁଦ୍ଧିଜୀବିମାନେ ଖୁବ୍ ଚିନ୍ତିତ । ନୈନୀତାଲର ମାଟି ଉପରେ ଠିଆ ହୋଇ ଏହି ସହରକୁ ଘେନେଇ ଆସୁଥିବା ବିପଦ, ଏଠାକାର ଶୋଷଣ ଓ ଏହାର ଭବିଷ୍ୟତ ବଂଶଧରଙ୍କ କଥା ଭାବିଲା ବେଳେ ଭିନ୍ନ ଏକ ନୈନୀତାଲ ନଜରକୁ ଆସେ ।

ନୈନୀତାଲ ପ୍ରଥମରେ ସେଠାକାର ମୂଳ ଅଧିବାସୀଙ୍କର, ତତ୍ ପରେ ଯାଇ ସେଠାରେ କାୟା ବିସ୍ତାର କରିଥିବା ଅନ୍ୟ ଭାରତୀୟଙ୍କର । ଏହା ସୃଷ୍ଟି ହେବା ଦିନଠୁ ଧୀରେ ଧୀରେ କରି ଏହି ମୂଳ ଅଧିବାସୀ ପାହାଡୀମାନଙ୍କୁ ଏଠାରୁ ତଡି ଦିଆଗଲା ଓ ସେମାନଙ୍କ ଭିଟା ମାଟିରେ ଗଢି ଉଠିଲା ଆଧୁନିକ ସମାଜ । ଏହି ସହର ଆଜି ଭାରତ ପ୍ରସିଦ୍ଧ, ମଉଜ ପାଇଁ ଲୋକେ ଲକ୍ଷ ଲକ୍ଷ ଟଙ୍କା ପାଣି ପରି ଉଡେଇ ଦେଉଛନ୍ତି, ଅନ୍ୟ ଖେଳୁଆଡମାନେ ସେସବୁ ଝାମ୍ପି ନେଇ ନିଜ ନିଜ ପକେଟସ୍ଥ କରୁଛନ୍ତି । ଅତି ସୁନ୍ଦର ସହରରେ ପାହାଡୀଙ୍କର ସତେ ଯେମିତି ପ୍ରବେଶ ଅଧିକାର ନାହିଁ । ଏଠାରେ ଖାସ୍ ଟୁରିଷ୍ଟଙ୍କ ପାଇଁ ସବୁକିଛି ସଜା ହୋଇ ରହିଛି । ମାଲ୍ ରୋଡର କଡେ ଥିବା ବିଚିତ୍ର ବିପଣିମାଳାରେ ସମସ୍ତେ ପଇସା ଫୋପାଡି ତମାସା ଦେଖିବା ପାଇଁ ବ୍ୟାକୁଳ । ପାହାଡୀ ପିଲାଏ ଏଠାରେ କୁଲିଗିରି କରନ୍ତି, ରିକ୍ସା ଟାଣନ୍ତି ବା ଖୁବ୍ ବେଶୀରେ ଘୋଡା ଚଳାନ୍ତି । ଶହ ଶହ ନେପାଳୀ ଏଠାରେ ଗୋଟିଏ

ଜାଗାରେ କାମ ପାଇଁ ଏକଜ ହେବାର ଦେଖାଯାଏ । ନେପାଳର ଅସ୍ଥିର ରାଜନୈତିକ ଆବହାଓ୍ୱା ଓ ମାଓବାଦୀଙ୍କ ଗଣସଂହାର କେତେ ଲୋକଙ୍କୁ ବାସଚ୍ୟୁତ କରି ପକାଉଛି । ମଇଳା ଲୁଗା ପିନ୍ଧି, ବିଡି ଟାଣି ବସିଥିବା ଏହି ମଣିଷଙ୍କ ହାଟକୁ ଦେଖି ସେବର ଇଉରୋପ୍ ରେ କ୍ରୀତଦାସଙ୍କ ହାଟ କଥା ମନେ ପଡିଯାଏ । ଅତ୍ୟାଗ୍ରହୀ ଆଗନ୍ତୁକମାନଙ୍କୁ ମନୋରଞ୍ଜନାର୍ଥେ ସବୁ କଛି ଯୋଗାଇ ଦେଇ ନଜେ ଜୀର୍ଣ୍ଣଶୀର୍ଣ୍ଣ ହୋଇ ମରିଯିବା – ସତେ ଯେମିତି ଏମାନଙ୍କ ନିୟତି । "ପୂର୍ବ ଜନ୍ମର କର୍ମର ଫଳ, ପ୍ରାୟଶ୍ଚିତ କରୁଛନ୍ତି-" ଏହିଭଳ ଅମାନବୀୟ ଉକ୍ତିଟିଏ କହିଦେଇ ଭାରତୀୟ ବିଜ୍ଞ ସମାଜ କେତେ ନିଷ୍ଠୁର ହୋଇପାରନ୍ତି – ତାହା ଏଠାରେ ଦେଖିବାକୁ ମିଳେ । ରୋଗିଣା – ଦୁର୍ବଳ ମଣିଷଟେ ଆଉ ଗୋଟେ ଚର୍ବିବନ୍ତ ମଣିଷକୁ ମୁଣ୍ଡରେ ବସେଇ ନେବ, ଏକ କୁଇଣ୍ଟାଲ୍ ପର୍ଯ୍ୟନ୍ତ ଓଜନର ଆଟାଚ ବ୍ୟାଗକୁ ପିଠିରେ ବୋହି ଉଠାଣି ରାସ୍ତା ଚାଲିବ – ଏକଥା ଆମେ ଶିକ୍ଷିତମାନେ ହିଁ ସହ୍ୟ କରୁଛୁ । ସ୍କୁଲ୍, କଲେଜ ସବୁ ଅଛି, ସୁଦୂର ଇଉରୋପରୁ ପାଦ୍ରୀମାନେ ଆସି ଅନ୍ଧକାର ଦେଶରେ ଆଲୋକ ବିକରଣ କରିବେ ବୋଲି ଚର୍ଚ୍ଚ କରିଛନ୍ତି, କନଭେଣ୍ଟ ସ୍କୁଲ ସବୁ କରିଛନ୍ତି । କେବଳ ଏକ ପୁଞ୍ଜିପତି ସଭ୍ୟତା ଓ ସମ୍ପର୍କ ଏଠାକାର ଶାନ୍ତ ପ୍ରକୃତି ଭିତରେ ଆପଣାର ଦଂଶନକୁ ଅନୁଭୂତ କରାଇ ନେଇଛି । ଶୋଷଣ ଓ ବାଣିଜ୍ୟର ବଜାର ମେଲିଥିବା ସେଠ୍ ମାନେ ସୁଦୁର କେରଳ, ତାମିଲନାଡୁ, ପଞ୍ଜାବ, ଗୁଜୁରାଟ ଓ ରାଜସ୍ଥାନରୁ ଆସିଛନ୍ତି । ସମସ୍ତେ ନିଜ ପାଇଁ, ଖୁବ୍ ବେଶୀରେ ଟୁରିଷ୍ଟମାନଙ୍କ ପାଇଁବଞ୍ଚିଛନ୍ତି – କନ୍ତୁ ବାସହ୍ନ ହୋଇଥିବା ପାହାଡୀଙ୍କୁ କିଏ ମନେ ପକାଉଛି?

ଉପରୋକ୍ତ ସମସ୍ତ ଉକ୍ତି ହେଉଛି ସବା ଆଗେ ମଣିଷକୁ ଭଲ ପାଉଥିବା ଆଉ ଏକ ମଣିଷର ଅନୁଭବ ଯାହାକି ସର୍ବକାଳେ ସତ୍ୟ ରହିଛି ।

ପରାଧୀନ ଭାରତରେ ଇଂରେଜମାନେ ଭାରତୀୟଙ୍କୁ ଯେଉଁ ନଜରରେ ଦେଖୁଥିଲେ, ଆଜି ଶିକ୍ଷିତବର୍ଗ ଓ ଧନୀଗୋଷ୍ଠୀ ଠିକ୍ ସେଇ ନଜରରେ ପାହାଡୀଙ୍କୁ ଦେଖୁଛନ୍ତି । ନୈନୀତାଲରେ ଥିବା ରାଜଭବନଟି ଦର୍ଶନ କଲେ ସେଇ ପରାଧୀନତାର ପ୍ରଲମ୍ବିତ ଛାୟା ସ୍ପଷ୍ଟ ବାରିହୁଏ । ଖରାଦିନିଆ ରାଜଧାନୀ ରୂପେ ବ୍ୟବହୃତ ଏହି ସହରରେ ପୂର୍ବେ ଭାରତର ଭାଇସରାଏ

ରହୁଥିଲେ ଏବଂ ଭାରତକୁ ଶାସନ କରୁଥିଲେ । ଏବର ରାଜଭବନରେ ସେତେବେଳର ଉଚ୍ଚପଦସ୍ଥ ସେନାପତି, ଶାସକ, ବିଗ୍ରରପତିମାନେ ଆଡା ଜମେଇଥିଲେ । ଏଠାରେ ଅଫିସ୍ ଚାଲୁଥିଲା, ଆଇନ୍ ସୃଷ୍ଟି ହେଉଥିଲା ଏବଂ ଅଙ୍ଗୁଳି ନିର୍ଦ୍ଦେଶ ମାତ୍ରେ ଭାରତର କେଉଁ ରାଜ ପରିବାର ନିଶ୍ଚିହ୍ନ ହୋଇଯାଉଥିଲା, କେଉଁଠି ଯୁଦ୍ଧ ହେଉଥିଲା, କେଉଁଠି ପୁଣି ଛଳନାର ସନ୍ଧି ହେଉଥିଲା । କେବେ କେମିତି କରାଣୀ ଦଳ ସୃଷ୍ଟି ପାଇଁ ସ୍କୁଲ ତିଆରି, ତଥା ରାସ୍ତାଘାଟ ତିଆରି ପାଇଁ ନିର୍ଦ୍ଦେଶ ଆସୁଥିଲା ସତ, ତତ୍ ସଙ୍ଗେ ଭାରତର କୁଟୀର ଶିଳ୍ପ ଧ୍ୱଂସ, ଗ୍ରାମ୍ୟ ଜୀବନ ଧ୍ୱଂସ ପାଇଁ ଷଡଯନ୍ତ୍ର ମଧ୍ୟ ଚାଲୁଥିଲା । ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଜେଲ ଘର, କଷଣ ଶିବିର, ଫାସି ଘର ସବୁ ତିଆରି ପାଇଁ ନିର୍ଦ୍ଦେଶ ଆସୁଥିଲା ।

ସେହି ରାଜଭବନରେ ଏବେ ମଧ୍ୟ ରକ୍ଷୀମାନେ ଇଂରେଜ ସମୟ ପରି ଲମ୍ବା ଲମ୍ବା ନାଲି ରଙ୍ଗର ଝୁଲୁଥିବା ଟୋପି ପିନ୍ଧନ୍ତି, ଅଣ୍ଟାରେ ଓ କାନ୍ଧରେ ଲାଲ୍ ରଙ୍ଗର ମୋଟା ବେଲ୍ଟ ଭିଡନ୍ତି । ସେ ଯୁଗର ପିତଳ ଫୁଲଦାନୀ, କାଚ ଝୁମର୍, ପୁରୁଣା ଫେନ୍, ଫୋନ୍, ଶିଶୁଆକାଠର କୁନ୍ଦ କାମ ଥିବା କବାଟ, ହାତୀ ଦାନ୍ତର ପଲଙ୍କ ସବୁ କିଛି ପୂର୍ବବତ୍ ଚକ୍ ଚକ୍ ରହିଛି । ଖାଲି କ୍ଷମତାର ଡୋରୀ ଯାହା ଜଣକ ହାତରୁ ଆଉ ଜଣଙ୍କ ହାତକୁ ଚାଲି ଯାଇଛି । କାନ୍ଥରେ ଲଟକ ରହିଛି ଇଂରେଜ ଶାସକଙ୍କ ଦୃପ୍ତ ଛବି, ବଡସ୍କର ସାଜିଥିବା ବା କୁର୍ଣ୍ଣିସ୍ କରୁଥିବା ଭାରତୀୟ ରାଜା ମହାରାଜାଙ୍କ ଅଲାଜୁକ ଚେହେରା, କେଉଁଠି ପୁଣି ଶାଣିତ ଖଣ୍ଡା ଓ ବନ୍ଧୁକର ପସରା, କେଉଁଠି ପୁଣି ସ୍କନ୍ଧଚ୍ୟୁତ ହିମାଳୟୀ ଅରଣା ମଇଁଷୀର ପ୍ରସାରିତ ଶିଙ୍ଘଯୁକ୍ତ ମସ୍ତକ । କାନ୍ଥରେ ଲଟକ ଥିବା ବାଘ, ସିଂହ, ହେଟାଙ୍କ ମୁଣ୍ଡ ମଧ୍ୟ ଶକ୍ତିଶାଳୀ ଇଂରେଜଙ୍କଠୁ ପରାଭବକୁ ସ୍ୱୀକାର କରନ୍ତି । ସୁବର୍ଣ୍ଣ ପରାସ୍ତେ ଝଟକୁ ଥିବା ପିତ୍ତଳ ଖମ୍ବ ଲଗା ସିଡି ସମୂହ, ମଖମଲ କନାର କାର୍ପେଟ୍ – କିଛି ବିଦେଶାଗତ ନିଙ୍ଖୁଳ ମାର୍ବଲ ମୂର୍ତ୍ତି ଓ ସୁରାପାତ୍ର ସବୁ କିଛି ପୂର୍ବାବତ୍ ରହିଛି । ବାହାରେ ଘୁମେଇ ପଡୁଥିବା ବୟସ୍କ ଚୌକିଦାର, ଘାସ କାଟୁ କାଟୁ କାନ୍ଥ କଡରେ ଲୋଗ୍ଣ କୋଗ୍ଣ ଲୁଗା ପିନ୍ଧିଥିବା ଓ ହାଇ ମାରୁଥିବା ପାହାଡୀ ମାଳୀ – ଏ ସମସ୍ତଙ୍କୁ ଏହି ପ୍ରାସାଦ ଭିତରେ ଦେଖିଲେ ପରାଧୀନ ଭାରତର ପ୍ରଲମ୍ବିତ ଜୀବନ୍ତ ଛାୟା ପରି ଅନୁଭବ ହୁଏ । ତମାମ ଚାକଚକ୍ୟ ଓ ଔଜଲ୍ୟ

ଭିତରେ ସ୍ୱାଭିମାନ ଛାତିଏ ତଥାପି ଶୁଖିଲା ରକ୍ତର ଗନ୍ଧକୁ ପ୍ରଥମେ ଆଘ୍ରାଣ କରିପକାଏ । ଗଭର୍ଣ୍ଣରଙ୍କ ଠାରୁ ଅନୁମତି ନେଇ ଏହି ପ୍ରାସାଦ ଦର୍ଶନର ସୁଯୋଗ ମିଳଥାଏ ଏବଂ ଏହାହିଁ ଏହି ଦର୍ଶନର ଦୁର୍ଦ୍ଦଶା ।

ନୈନୀତାଲକୁ ବିଭିନ୍ନ ସମୟରେ ବିଭିନ୍ନ ବିପଦ ମାଡି ଆସିଛି । ରେକର୍ଡ କହେ ୧୮୮୦ ମସିହା ସେପ୍ଟେମ୍ବର ୧୭ରେ ଏକ ବୃହତ୍ ଭୂସ୍ଖଳନ ଘଟିଥିବା ଏବଂ ପାହାଡର ବିରାଟ ଅଂଶ ତଳକୁ ଖସି ପଡିବାରୁ ୧୫୧ ଜଣଙ୍କ ଜୀବନ୍ତ ସମାଧି ଘଟିଥିଲା । ସେହି ଖସିପଡିଥିବା ଭୂଖଣ୍ଡ ଉପରେ ଏବେ "ଆମୋଦ ପ୍ରମୋଦ କେନ୍ଦ୍ର" ତିଆରି ହୋଇଛି ଏବଂ ଅନେକ ଫ୍ଲାଟ୍ ମଧ୍ୟ ତିଆରି ହୋଇଛି । ତା ପରଠୁ କୌଣସି ପ୍ରାକୃତିକ ଦୁର୍ବିପାକ ହୋଇନାହିଁ, ଯାହା କେବଳ ହୋଇଛି ମଣିଷକୃତ । ତାପରେ ବ୍ୟାପକ ଜଙ୍ଗଲ କଟା ପର୍ବ ଆରମ୍ଭହେଲା, ଫଳ ଚାଷ, ଫୁଲ ଚାଷ ଓ ଅର୍ଥକାରୀ ଫସଲ ଚାଷ ଆରମ୍ଭ ହେଲା । ଫଳରେ କଛି ମାଲିକ ଲାଭବାନ ହେଲେ ସତ କିନ୍ତୁ ଜୈବ ବିବିଧତା ଲୋପ ପାଇଲା । ବ୍ୟାପକ ଔଷଧର ପ୍ରୟୋଗ ଫଳରେ ବିଭିନ୍ନ ଜଙ୍ଗଲୀ କୀଟପତଙ୍ଗ, ଜଙ୍ଗଲୀ ଗଛ, ପକ୍ଷୀ, ପଶୁ ସବୁ ଲୁପ୍ତ ହେଲେ । ବହୁ ତଳ ପ୍ରାସାଦ, ଘର ସବୁ ପ୍ରାକୃତିକ ଶୋଭାରାଜିକୁ ଆଡୁଆ କରି ଦେଲା । କାରଖାନାର ଧୂଆଁ ଆକାଶକୁ ଆଛନ୍ନ କଲା, ବ୍ୟାପକ ରାସ୍ତାଘାଟ ନିର୍ମାଣ, ଗାଡି ଘୋଡାର ପ୍ରଚଳନ ଧୀରେ ଧୀରେ ଶାନ୍ତ ପରିବେଶକୁ ନଷ୍ଟ କରିଦେଲା । ଏକ କୋଳାହଳ ଓ ଉପଭୋଗ ସର୍ବସ୍ୱ ସଭ୍ୟତା, ସରଳ ଓ ନିରାଡମ୍ବର ପାହାଡୀ ଜୀବନକୁ ସିଂହାସନଚ୍ୟୁତ କଲା । ଏକଦା ତିବ୍ବତରୁ ଆସିଥିବା ଶରଣାର୍ଥିମାନେ ଏଠାରେ ବ୍ୟବସାୟ କରି ଧନୀ ହୋଇଗଲେ ଓ ନୂତନ ପିଢୀର ଶୋଷକ ସାଜିଗଲେ । ସହରୀ ହୋଇଥିବା ଭାଗ୍ୟବାନ ପାହାଡୀମାନେ ସଂଖ୍ୟାରେ ଲଘୁ କିନ୍ତୁ ସେମାନେ ନିଜର ଅତୀତ ପରିଚୟକୁ ଏତେ ଘୃଣା କରନ୍ତି ଯେ, ଆଧୁନିକ ହେବା ପାଇଁ ଯତ୍ନର ଚେଷ୍ଟା ଭିତରେ ସେମାନେ ହିଁ ପାହାଡୀ ଜନଜୀବନର ଘାତକ ସାଜୁଥାନ୍ତି ।

ଖାଦ୍ୟ ଭିତରେ ପାହାଡୀମାନଙ୍କ ମୁଖ୍ୟ ହେଉଛି ଭାତ, ରୁଟି, ବୁଢା କାକୁଡି, ଆଗ୍ୱର, ଲାଉ, ଗାଢ ଶ୍ୟାମଳ ବର୍ଣ୍ଣର ଡାଲି ଓ ଲଙ୍କାମରିଚ । କଳା ବା ଲାଲ୍ ରଙ୍ଗର ଘାଘରା ଜାତୀୟ ଗଡଓ୍ୱାଲୀ ପୋଷାକ ସ୍ତ୍ରୀ ଲୋକମାନଙ୍କ ଅତି ପ୍ରିୟ । ପାହାଡୀଙ୍କ ସରଳଧର୍ମ ବିଶ୍ୱାସକୁ ତଡି

ଦେଇ ଏଠାରେ ଗୀର୍ଜା, ମସଜିଦ୍ ଓ ମାର୍ବଲ ଲଗା ମନ୍ଦିର ସବୁ ଠିଆ ହେଲେଣି । ମସଜିଦ୍ ରୁ ମୁଲ୍ଲାଙ୍କ ଗଳା ଫଟା ରଡି, ମନ୍ଦିର ସବୁରୁ ଦୁନ୍ଦୁଭି ପରି ଶିଭୁଥିବା ହନୁମାନ ଚାଳଶା, ଚର୍ଚ୍ଚ ଓ କନଭେଣ୍ଟ ସବୁରେ ପାଦ୍ରୀଙ୍କର ଚାକଚକ୍ୟ ପଛର ଷଡଯନ୍ତ୍ର, ଅଣ୍ଟାରେ ଖଡ୍ଗ ଓହଳାଇ ବିଶାଳ ବପୁବନ୍ତ ସର୍ଦ୍ଦାରଜୀମାନଙ୍କ ଗୁରୁଦ୍ୱାରରେ ମିଠା ବଣ୍ଟନ – ଏସବୁ ଏକ ଅସ୍ୱାଭାବିକ ଆକ୍ରୋଶମୂଳକ ପ୍ରତିଯୋଗିତା ଯାହାକି ପାହାଡୀ ଅଞ୍ଚଳକୁ ଅଶାନ୍ତ କରି ଚାଲିଛି । ଏହା ଏକା ଘଞ୍ଚ ପାଇନ୍ ଜଙ୍ଗଲରେ ମନମତାଣିଆ ଗୀତ ଗାଇ, ସୁସୁରୀମାରି ଚାଲିଥିବା ଷୋଡଶୀ ପାହାଡୀ ଯୁବତୀ – ଏହି ଘଟୋତ୍କଚଙ୍କ ସହରର ଚାକଚକ୍ୟରେ ଅଣନଶ୍ୱାସୀ ହୋଇ ପଡିଛି । ଖଲିସ୍ଥାନ ଓ କାଶ୍ମୀର ଉଗ୍ରବାଦୀମାନେ କେବେ କେବେ ଆତଙ୍କ ଖେଳେଇ ଚାଲିଛନ୍ତି, ବାର୍ ପଥରଠାରେ ଦଶବାରଜଣଙ୍କୁ ଏକାଥରକେ ହତ୍ୟା କରାଯିବା ସେମିତି ଏକ ଦୁଃଖପୂର୍ଣ୍ଣ ଘଟଣା । ତା ସତ୍ତ୍ୱେ ଭାରତରେ ଥିବା ଅନ୍ୟ ସହର ତୁଳନାରେ ଏଠାରେ ଯଥେଷ୍ଟ ଶାନ୍ତି ଓ ସଂହତି ରହିଛି – ଏକଥାରେ ମିଥ୍ୟା ନାହିଁ ।

କୌଣସି ଏକ ରାସ୍ତା ମୋଡରେ ବସି ବିଷର୍ଣ୍ଣ ବଦନରେ ଜମ୍ନସ୍ଥ ସବୁଜ ପଟାଳ, ଚା ବଗିଚାକୁ ଦେଖୁଥିବା ପ୍ରାକ୍ତନ ନୈନୀତାଲ ମେୟରକୁ ଜଣେ ପଚାରିଲେ – ସବୁଜ ପଟାଳରେ ନୈସର୍ଗିକ ଶୋଭାରେ ଆପଣ ଖୁସି ନୁହଁନ୍ତି କି? ମେୟର ଜଣକ ନୈନୀତାଲକୁ ଖୁବ୍ ଭଲ ପାଉଥିଲେ ଓ କହିଲେ – ନଗଦ ଟଙ୍କାର ପ୍ରଲୋଭନରେ ଅର୍ଥକାରୀ ଫସଲର ଚାଷ ସବୁ କଛି ଜଙ୍ଗଲୀ ବୃକ୍ଷରାଜି, ପଶୁ ପକ୍ଷୀଙ୍କୁ ଲୁପ୍ତ କରି ଦେଉଛି । ଏସବୁ ପଟାଳ ତ ନୈନୀତାଲ ଦେହରେ ଧବଳଛଉ ପରି ବଢି ଚାଲିଛି, ଦିନ ଆସିବ ଦେହସାରା ମାଡିଯିବ – ଏଥିରେ ଖୁସି କେମିତି ହେବି?" ଦିଲ୍ଲୀବାସୀ ବହୁ ସଂଖ୍ୟାରେ ନିଜ ନିଜ ଗାଡିରେ ଦିନକ ପାଇଁ ଏଠାରେ ଭିଡ ଜମେଇ ଚାଲିଯାନ୍ତି । ଏସବୁ ଦେଖି ଥରେ ସେ କହିଥିଲେ – ଏହି ସହର ସୁଲଭ ଶୌଚାଳୟ ନୁହେଁ ଯେ ଲୋକେ ନିଜର ଯାବତୀୟ କୁକର୍ମ, କୁଚନ୍ତା ଓ ନିମ୍ନ ରୁଚିର କାମନା ବାସନା ସବୁକୁ ଏଠାରେ ବାନ୍ତିକରି ଚାଲିଯିବେ ଏବଂ ଆମେ ସେସବୁ ସଫା କରି ଚାଲୁଥିବୁ । ଜଣେ ଭାବୁକ ପାଇଁ, ପ୍ରେମୀ ପାଇଁ ଏହି ସହରରେ ଅବକାଶ ମରି ମରି ଯାଉଛି ଏଥିରେ ଦ୍ୱିମତ ନାହିଁ ।

ବିଭିନ୍ନ ସମୟରେ ମାଡି ଆସିଥିବା ବିପଦକୁ ଏହି ସହରର ନାଗରିକମାନେ ସଂଗଠିତ ହୋଇ ସାମନା କରିଛନ୍ତି । ଏକଦା ସହର ସାରା ପ୍ଲାଷ୍ଟିକ୍ ବୋତଲ ପଲିଥିନ୍, ମଦ ବୋତଲ, ମଇଳା ଆବର୍ଜନା ଭରି ରହିଥିଲା, ହ୍ରଦ ସାରା ସେସବୁ ପଡି ଅସୁନ୍ଦର ଦିଶୁଥିଲା । ଲୋକଙ୍କ ସହାୟତାରେ ଏଠାରେ ପଲିଥିନ୍ ନିଷିଦ୍ଧ ହେଲା, ପ୍ରତି ଘଣ୍ଟାରେ ରାସ୍ତାଘାଟ ସବୁ ସଫା ହେଉଛି । ଜଙ୍ଗଲ କଟା ବନ୍ଦ ହୋଇଛି । ଉତ୍ତରାଞ୍ଚଳ ହେବାପରେ ଏହାକୁ ରାଜଧାନୀ କରାଯିବାର ଷଡଯନ୍ତ୍ର ଚାଲିଥିଲା । ରାଜଧାନୀ ହୋଇଥିଲେ କୋଳାହଳ, ଧର୍ମଘଟ, ମାଡପିଟ ସାଙ୍ଗକୁ କୋଠାବାଡି ନିର୍ମାଣ, ରାସ୍ତାଘାଟ ଅଫିସ୍ ନିର୍ମାଣ ଚାଲିଥାନ୍ତା । ରାଜନୀତିଆଙ୍କ ଭିଡ, ସରଗରମ ଆଲୋଚନା, ଭଡାଟିଆ ଗୁଣ୍ଡା, ଶସ୍ତା ଲୋକପ୍ରିୟତା ପାଇଁ ସଭା ସମିତି ଭାଷଣବାଜି ରେ ନୈନୀତାଲର ସତ୍ତା ଲୁପ୍ତ ହୋଇଥାନ୍ତା । ବୁଦ୍ଧିଜୀବିମାନେ ଏକଜୁଟ ହୋଇ ଡେରାଡୁନ୍ କୁ ସେଇ କଣ୍ଟାର ମକୁଟ ପିନ୍ଧେଇଦେଲେ । ଏଠାରେ ଏବେ ସବୁଜବାହିନୀ ଖୁବ୍ ସକ୍ରିୟ ଓ ପରିବେଶ ପାଇଁ ସମସ୍ତେ ଚିନ୍ତିତ । ନୂଆଁ ଘର, ନୂଆଁ ରାସ୍ତା ପାଇଁ ତଥା ଦୁଇ ତାଲାରୁ ଉଚ୍ଚ ଘର ପାଇଁ ଅନୁମତି ଦିଆଯାଉ ନାହିଁ । ସାଂସ୍କୃତିକ ବ୍ୟଭିଚାରର ପ୍ରବେଶକୁ ରୋକାଯାଇଛି । ନୈନୀତାଲର ଯୌବନ ଅକ୍ଷତ ରହିବ ଯେ ପର୍ଯ୍ୟନ୍ତ ସେଠାକାର ବାସିନ୍ଦା ସତର୍କ ରହିଥିବେ ଏବଂ ପର୍ଯ୍ୟଟକମାନେ ଏକ ଉଚ୍ଚତର ମନ ନେଇ ଏଠାକୁ ଭ୍ରମିବାକୁ ଆସୁଥିବେ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ମାଆ



ପ୍ରୀତି ଅନୁରାଗ ପୁରୀ

ମା' ଆଶିଷରେ କେତେ ଶକ୍ତି ଥାଏ
ଦୁନଆର ଯେତେ ସବୁ ଅଭିଳାଷ
ଅକ୍ଳେଶରେ ପୂର୍ଣ୍ଣ ହୋଇଯାଏ,
ତୋ କୋମଳ ପଦ ସରଗ ସମ୍ପଦ
ତିନ ଭୂବନର ସରବ ସୁଖଯେ
ସତେ ଅବା ମିଳଯାଏ ।।

ତୋ'ର ମମତାର ରଙ୍ଗ ସମ୍ପର୍କର ତୁଳ
ଜୀବନ ରଙ୍ଗରେ ରଙ୍ଗିଛି,
କଲ୍ୟାଣମୟୀ ମମତାମୟୀ ସେ
ତୋ'ର ରୂପ ନୟନ ପଲକେ ବସିଛି,
ତାର ଆଶିଷରେ ସାର୍ ସଂସାର
ଇନ୍ଦ୍ରଧନୂର ସାତୋଟି ରଙ୍ଗରେ ରଙ୍ଗିଛି ।।

ତୋ'ର ସ୍ମିତ ହସରେ ମିଳଇ ସାହସ
ତୋ'ର ପଦିଏ କଥାରେ ମିଳଯାଏ ପଥ
ସେ ସାଥିରେ ଥିଲେ, ଦୁଃଖ ସରିଯାଏ
ନୟଶାର ଘନ ଅନ୍ଧାର ସତେ ପଛଘୁଞ୍ଚା ଦିଏ ।।

ତୁ ସ୍ୱର୍ଗର ଦେବୀ ଶାନ୍ତ ମୂରତୀ
ତୋ'ର ପାଦ ତଳେ ମିଳଇ ଶାନ୍ତି,
ସୁହାସିନୀ ସେ କୋମଳ ଭାଷିନୀ
ବରଦ ହସ୍ତା, କାନ୍ଧରେ ତାର ସମ୍ପର୍କର ଭାର,
ସନ୍ତାନ ପାଇଁ ସେ ଦୁଃଖ ନାଶିନୀ ।।

ଗ୍ରାମ / ପୋ- କଂସର, ଜିଲ୍ଲା- ଦେବଗଡ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସ୍ୱପ୍ନଭୁକ୍



ଶୁଭ ପଧାନ୍

ଏଇଠି ସଭିଏଁ ସ୍ୱପ୍ନଭୁକ୍ ।

ମରୁଭୂଇଁ ବି ସ୍ୱପ୍ନ ଦେଖେ
ତା ଧୂସର ବେଣୀରେ ଖୋସିବାକୁ
କେଉ୍ କେଉ୍ କଆଫୁଲ

ଛଇଳୀ ନଇ ଯେ ଉଡିବି ଉଡିବି ହେଉଥାଏ
ଛୁଇଁବାକୁ କଳା ବାଦଲ

ପକ୍ଷୀ ଯେ ପାଗଳ ଜହ୍ନ ତାରେ ସଜେଇବାକୁ
ତା ପକ୍ଷିଣୀ ର କପାଳ ।

ସଭିଏଁ ଜାଣନ୍ତି ସ୍ୱପ୍ନ କେବେ
ହୁଏ ନାହିଁ ସତ,

ତଥାପି ଏଠି ସଭିଏଁ ସ୍ୱପ୍ନ ଦେଖନ୍ତି
ଏହା କଣ ସ୍ୱପ୍ନ ପାଇଁ ନୁହେଁ କ ଯଥେଷ୍ଟ !!

ଇଂରାଜୀ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗାଇସିଲେଟ

# ଅଯୋଗ୍ୟ ବାପା



ନବୀନ କୁମାର ପଧାନ

ବିଶ୍ୱାସ ରୂପକ ମନ ମନ୍ଦିରରେ
ପ୍ରତାରଣା ଛୁରୀ ଦେଲ ।
ଶିକ୍ଷା ସଂସ୍କାର ଏ ପୁଣ୍ୟଭୂମେ ରହି
ହତ୍ୟାକାରୀ ସାଜି ଗଲ ।।

ଝିଅ ବୋଲି ଯେବେ ପାଇଲ ପ୍ରମାଣ
ବାଘ ପରି ହିଂସ୍ର ହୋଇ ।
ବାକ୍ୟହୀନ, ତେଣୁ ମୋ କୋମଳ ଦେହେ
କଟୁରୀ ଦେଲ ଲଗାଇ ।।

ତୁମ ଇଚ୍ଛା ଖାଲି ପୁଅ ଥିଲ୍ ବାପା
ଝିଅ ଆବଶ୍ୟକ ନାହିଁ ।
ଆଶା ଥିଲ୍ ବାପା ତୁମର କୋଳକୁ
ମଣ୍ଡନ କରିବି ମୁହିଁ ।।

ବିନା ଶାମୁକାରେ ମୁକୁତା ଖୋଜୁଛ
ବିନା ଶଶିରେ ଜୋଛନା ।
ବିନା ଝିଅରେ ଏ ବିରାଟ ସୃଷ୍ଟିର
କରୁଛ ପରିକଳ୍ପନା ।।

ଅତ୍ୟନ୍ତ ନୃଶଂସ ହତ୍ୟାକାରୀ ତୁମେ
ବାପା ଶବଦେ ଅଯୋଗ୍ୟ ।
ତୁମ ଘରେ ମୁହିଁ ଜନ୍ମ ନେଉଥିଲି
ଥିଲା ମୋହର ଦୁଃର୍ଭାଗ୍ୟ ।।

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ,
ବାବୁ ଫାସଡ, ବଲାଙ୍ଗିର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସଂପର୍କ



କେଶରୀ ପ୍ରସାଦ ମହାନ୍ତି

ସୃଷ୍ଟିର ଆଦ୍ୟରୁ ଅଦ୍ୟାବଧି ଲାଗିରହିଛି ସଂଯୋଗ-ବିଚ୍ଛେଦ, ଅନୁରାଗ-ବିରାଗ, ସଂଘର୍ଷ-ସଂପର୍କ, ଦୁଃଖ -ସୁଖ, ହସ -କାନ୍ଦ; ସତେ ଯେପରି ଗୋଟିଏ ବୃନ୍ତର ଦୁଇଟି କଳ ।

କେତେବେଳେ ସଂଯୋଗର ଆନନ୍ଦ ତ ବିଚ୍ଛେଦତ ଦୁଃଖ ଯନ୍ତ୍ରଣା, ହସ-କାନ୍ଦର ଦୁନିଆରେ ଘାଣ୍ଟିଚକଟି ପକାଏ । ସଂଯୋଗ ପାଇଁ ଆବଶ୍ୟକ ଦୁଇଟି ସ୍ୱଚ୍ଛ ହୃଦୟ, ମନ, ପ୍ରାଣ ଓ ପ୍ରେମ ।

ପ୍ରେମ ସଦା ସର୍ବଦା ସତ୍ୟ, ଚିରନ୍ତନ, ଅଜୟ, ଅକ୍ଷୟ, ଅନନ୍ତ ଓ ଅମର । ସେହି ପ୍ରେମ ହିଁ ଭବ, ଭକ୍ତି, ଜ୍ଞାନ, ମୋକ୍ଷର ମୁଖଶାଳା । ପ୍ରେମହିଁ ହେଉଛି ଆକର୍ଷଣତାର ମାଧ୍ୟମ । ଏହାର ଅନ୍ୟନାମ ଦୁର୍ବଳତା । ଏହି ପ୍ରେମର ମୂଳରେ ଥାଏ ସଂପର୍କ । ସତେ ଯେପରି ଏହି "ସଂପର୍କ" ଶବ୍ଦଟି ପାଇଁ ମନୁଷ୍ୟ ଅନ୍ୟ ପ୍ରାଣୀମାନଙ୍କ ଠାରୁ ଭିନ୍ନ ।

ସବୁବେଳେ ନଦୀ ଖୋଜେ ସାଗରକୁ, ପ୍ରକୃତି ଖୋଜେ ପୁରୁଷକୁ, ମା ଖୋଜେ ତାର ସନ୍ତାନକୁ, ପକ୍ଷୀ ଖୋଜେ ନୀଡ, ଆଖି ଖୋଜେ ଓଠର ମାଧୁର୍ଯ୍ୟ । ନବପ୍ରସ୍ଫୁଟିତ ପଦ୍ମ କଢିଟିଏ ସକାଳର ସୁନେଲି ସୂର୍ଯ୍ୟକିରଣକୁ ଖୋଜିଲା ପରି ପୂର୍ଣ୍ଣିମା ରାତିରେ ବାଦଲରେ ଲୁଚଥିବା ଚନ୍ଦ୍ର, କଇଁ ସହ ଲୁଚକାଳି ଖେଳେ । ଏ ସମସ୍ତ ଚିରନ୍ତନ ସତ୍ୟ । ଏହା ପଛରେ ଲୁଚି ରହିଛି ପରସ୍ପରର ପରସ୍ପର ପ୍ରତି ଆକର୍ଷଣତା ଓ ଦୁର୍ବଳତା । ଏହି ଦୁର୍ବଳତା ହିଁ ପ୍ରେମ ଓ ଆକର୍ଷଣତା ହିଁ ପ୍ରେମ ରୂପକ ବ୍ୟାସାର୍ଦ୍ଧ ବିଶିଷ୍ଟ ସଂପର୍କ ନାମକ ବୃତ୍ତର କେନ୍ଦ୍ରବିନ୍ଦୁ । ଯାହାର ଆସକ୍ତିରେ କାମ ସୃଷ୍ଟି ହୁଏ । ସ୍ନେହ, ପ୍ରେମ, ଭଲପାଇବା, ଶ୍ରଦ୍ଧା, ଆସକ୍ତି ଭାବନା ଏ ସମସ୍ତ ସଂପର୍କ ନାମକ ବୃତ୍ତର ଉପରିସ୍ଥ ବିନ୍ଦୁ । ଯେତେବେଳେକ

କ୍ରୋଧ, ହିଂସା, ଲୋଭ-ଲାଭ-ଭୋଗ, ମୋହ ଓ ମାୟା ବୃତ୍ତର ଅନ୍ତସ୍ଥ ବିନ୍ଦୁ, ଆତ୍ମା ଓ ପରମାତ୍ମା, ପରଂବ୍ରହ୍ମ, ମୋକ୍ଷ ଏମାନେ ବୃତ୍ତର ବହିସ୍ଥ ଅଟନ୍ତି ।

ସଂପର୍କ ନାମକ ବୃତ୍ତଟି ଆକର୍ଷଣ ରୂପକ କେନ୍ଦ୍ର ବିନ୍ଦୁ ଠାରୁ ସମଦୂରବର୍ତ୍ତୀ କେତେକ ବିଶ୍ୱାସ ଭିତ୍ତିକ ବିନ୍ଦୁର ସମାହାର । ସତେ ଯେପରି ବିଶ୍ୱାସ ଗୋଟିଏ ଗ୍ଲାସ୍ ସ୍ଲାବ୍ ପରି । ହେଲେ ମୋ ମତରେ ସଂପର୍କ ଏକ ସ୍ୱର୍ଗୀୟ ଅମୃତମୟ ଶବ୍ଦ । ଏହି ସଂପର୍କ ହିଁ ସଂସାରରେ ବନ୍ଧନର ପବିତ୍ର ସୂତ୍ର । ଏହା ଅଜୟ, ଅକ୍ଷୟ ଓ ଅମର ।

ସଂପର୍କର ନୀର୍ଜନତାରେ ଆଜି ପର୍ଯ୍ୟନ୍ତ ପାଦ ଥାପିପାରିନି କେଉଁ ଚୀନ୍, ଆମେରିକା, ଉତ୍ତର କୋରିଆ ଭଳି ପ୍ରଭାବଶାଳୀ ରାଷ୍ଟ୍ର କମ୍ପା ଗୁଳ ଚଳେଇ ପାରିନାହିଁ କେଉଁ ଜେନେରାଲ୍ ଡାୟାର୍ ଅଥବା କୌଣସି ଅଧିକାର କେବେ ବି ଜାହିର କରିପାରିନି ଆଡଲଫ୍ ହିଟଲରଙ୍କ ପରି । ଅର୍ଥାତ, ସଂପର୍କ ଏ ସମସ୍ତଠୁ ଊର୍ଦ୍ଧ୍ୱରେ । ସଂପର୍କ କେବେ ବି ଏକ ଛତ୍ରପତି ସମ୍ରାଟ ହୋଇପାରେନା । ଅର୍ଥାତ୍ ଦୁଇଟି ରାଷ୍ଟ୍ରର ମିଳିତ ସହଯୋଗରେ ହେଉଥିବା ପ୍ରକଳ୍ପ ପରି ଏହା ଦ୍ୱିପାକ୍ଷିକ ନଚେତ୍ ଅଲମ୍ପିକ୍ କ୍ରୀଡା ପରି ବହୁପେକ୍ଷିକ ।

ଆଜିଯାଏଁ କେହି ସଂପର୍କର ନିସ୍ତବ୍ଧତାକୁ ଶୁଣିନାହିଁ କି ନୀର୍ଜନତାକୁ କଳିନାହିଁ । କାରଣ ସଂପର୍କର ସ୍ୱର ଶ୍ରୁତିପଟଳକୁ ନୁହେଁ ବରଂ ହୃଦୟ ପଟଳକୁ ଝଙ୍କୃତ କରେ । ସଂପର୍କର ପ୍ରତ୍ୟେକଟି ଅଣୁକୁ ବାନ୍ଧିରଖେ ବିଶ୍ୱାସ ନାମକ ବଳ । ଯେପରି **Atom** ର **Nucleus** କୁ ଭାଙ୍ଗିହେବ ନାହିଁ, ଠିକ୍ ସେପରି ସଂପର୍କର ବିନାଶ ଅସମ୍ଭବ ।

ହେଲେ ବ୍ୟକ୍ତିବିଶେଷ ମିଛଟାରେ କହନ୍ତି ସଂପର୍କ ଭାଙ୍ଗିଗଲା ନଚେତ୍ କଟିଗଲା । ଯେତେବେଳେ ସଂପର୍କ କୌଣସି ପଦାର୍ଥ ବା ବସ୍ତୁ ନୁହେଁ ତାହା ଭାଙ୍ଗିବ କପରି? ଏହି ସଂପର୍କ ହିଁ ଅମାଅନ୍ଧାର ରାତିର ଧ୍ରୁବ ତାରାର ଜ୍ୟୋତି । କେତେବେଳେ ନିଦାଘର ଦାରୁଣ ଯନ୍ତ୍ରଣା ପରି କଷ୍ଟ ପ୍ରଦାନକାରୀ; ମାତ୍ର ସେହି ସଂପର୍କ କେତେବେଳେ ପୁଣି ବସନ୍ତର ସାୟଂକାଳୀନ ମୃଦୁ ହିଲ୍ଲୋଳ ପରି ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟେଙ୍ଗକୁ ସ୍ପର୍ଶ କରି ଶିଥିଳତା ଭରିଦିଏ । ଉତ୍ତପ୍ତ ଥିବା ମାଟିରେ ବର୍ଷାର ପ୍ରଥମବୁନ୍ଦା ପଡିବାକ୍ଷଣି ନିର୍ଗତ ବାସ୍ନାପରି ଦୁନିଆର ସର୍ବଶ୍ରେଷ୍ଠ ଅତର । ପ୍ରାତଃର ସୂର୍ଯ୍ୟ କିରଣପରି କୋମଳ ।

ବେଳେବେଳେ ପାହାନ୍ତିଆ ତାରାପରି ଧପ୍ ଧପ୍ କରି ମନ ମୁଗ୍ଧ କରେ ତ ପୁଣି ପାଉଁଶ ତଳର ନିଆଁ ପରି କଷ୍ଟ ଦିଏ। ସତେ ଯେପରି ଦୂରରୁ ଧୂସର ଦିଶୁଥିବା ପାଉଁଶର ସୂପଟିଏ। ଆକାଶ ଓ ଧରିତ୍ରୀର ମିଳନସ୍ଥଳ ସୀମାହୀନ ଦିଗବଳୟ ପରି ଅସରନ୍ତି ସିମାକୁ ମଧ ବ୍ୟାପିଯାଇଛି। ସେହି ସଂପର୍କ ପୁଣି କେତେବେଳେ ଅନ୍ଧାର ରାତିର ବିଷାଦ କାଳୀମା ତ ଏହା ପୁଣି ପୂର୍ଣ୍ଣିମା ରାତିର ଶୀତଳ ଚନ୍ଦ୍ରର ଜ୍ୟୋସ୍ନା ଓ ସରୋବରର ନୀଳ ଜଳରାଶିରେ ଦୋଳାୟମାନ କୁମୁଦମାଳ। ବେଳେବେଳେ କଣ୍ଟକତ ପଥ ସାଜି କଷ୍ଟଦିଏ ତ, ପୁଣି ଇନ୍ଦ୍ରଧନୁ ସାଜି ଅପରୂପ ସୌନ୍ଦର୍ଯ୍ୟରେ ଆକାଶର ଶୋଭା ବର୍ଦ୍ଧନ କରି ମନମୁଗ୍ଧ କରାଏ।

ଗୁରୁଙ୍କର ଶିଷ୍ୟପ୍ରତି ଥିବା ଶ୍ରଦ୍ଧା ଓ ଆନୁଗତ୍ୟ, ମା ର ପୁତ୍ର ପ୍ରତି ଥିବା ବାତ୍ସଲ୍ୟ ମମତା, ଭଉଣୀର ଭାଇପ୍ରତି ଥିବା ଅଭିମାନ, ଭାଇ ଭାଇଙ୍କ ମଧରେ ମାତୃକୋଳ ପାଇଁ କଳହ, ସ୍ତ୍ରୀ, ସ୍ୱାମୀ ନିକଟରେ ସନ୍ତାନର ଦୋଷ ଦୁର୍ବଳତା ଲୁଚାଇବା ପାଇଁ କଳହ, ବହୁସମୟ ଅପେକ୍ଷା ପରେ ପ୍ରେମିକା, ପ୍ରେମିକ ବିଳମ୍ବରେ ଆସିବାରୁ ତୁଚ୍ଛା ଅଭିମାନ। ଏ ସମସ୍ତ ପଛରେ ଥାଏ ସଂପର୍କର ମଧୁର ସ୍ପର୍ଶ।

ବେଳେବେଳେ ମନୁଷ୍ୟଙ୍କ କ୍ଷେତ୍ରରେ ସଂପର୍କ କହିଲେ – ବୁଝାଏ ମାନବତ୍ୱର ଆହ୍ୱାନକୁ। କାରଣ ମନୁଷ୍ୟ ଯେ, ୨୦୬ ଖଣ୍ଡ ଅସ୍ଥି, ଅନେକ ଉପାସ୍ଥି, ରକ୍ତ ମାଂସରେ ସୃଷ୍ଟି ଏକ ଜୀବନ୍ତ ପ୍ରତିମା ନୁହେଁ, ବରଂ ମନୁଷ୍ୟ କହିଲେ ବୁଝାଏ ମାନବତ୍ୱକୁ। ଏହି ମାନବତ୍ୱ ହିଁ ମଣିଷ ପଣିଆ। ଏହି ମଣିଷ ପଣିଆ ହିଁ ଆକର୍ଷଣର ଅନ୍ତର୍ଧ୍ୱନି। ଯେଉଁ ଆକର୍ଷଣ ସଂପର୍କ ବୃତ୍ତର କେନ୍ଦ୍ର। ମନୁଷ୍ୟର ଆତ୍ମା ଯେତେବେଳେ ସକଳ କ୍ଷେତ୍ରରେ ଗଗନଚୁମ୍ବୀ ହୋଇଉଠେ, ତାର ପଞ୍ଚେନ୍ଦ୍ରୀୟ ଓ ପଞ୍ଚମନ ଦୁଃଖ, ଯନ୍ତ୍ରଣା, ଦୁର୍ଦ୍ଦଶାରେ ଛଟପଟ ହୁଅନ୍ତି। ସେତେବେଳେ ତାର ଦୁଃଖକୁ ଲାଘବ ଓ ପରିପ୍ରକାଶ କରିବାକୁ କେହି ନଥାନ୍ତି। ସେତେବେଳେ ସ୍ୱୟଂ ବିଧାତା, ଅଗଣିତ ବାରି ରାଶିର ତରଙ୍ଗକୁ ଏକତ୍ରିତ କରି ମନରେ ସାହସ ଓ ଉତ୍ତମ ଚନ୍ତା ଜାଗ୍ରତ କରି ସଂପର୍କ ନାମକ ତରୀଟିଏ ସୃଷ୍ଟି କରନ୍ତି। ତେଣୁ ଏହି ସଂପର୍କରେ ଭବସାଗରରେ ନୌକା ସଦୃଶ, ମନର ଆଶା, ବିଶ୍ୱାସ ଏହି ନୌକାର ଆହୁଲା ଏବଂ ଭଲପାଇବା ହିଁ ନାବଟିର ମଙ୍ଗ। ମନୁଷ୍ୟ ନିଜେ ହିଁ ସେହି ନାବର ନାଉରୀ। ନିଜେ

ସଂପର୍କ ମଧ୍ୟରେ ଯେପରି ସମାନତା ରକ୍ଷା କରିବ ସେପରି ନାଆଟି ସମୟ ତଟିନୀରେ ଭାସିଚାଲିବ ।

ଉତ୍ତମ ଭାବନାରେ ପବିତ୍ର ସଂପର୍କରେ କୁତ୍ସିତ ଭାବନାର ସ୍ଥାନ "କହିଲେ କୁଳ କୁଟୁମ୍ବକୁ ଲାଜ, ନକହିଲେ କୁଳ ଭାସିଯାଉଛି ପରି ମହାଭାରତର ପାପ ସଂପର୍କରେ ପରିଣତ ହୋଇଥାଏ ।

କାହା ପ୍ରତି କୌଣସି ଆଶା ସୃଷ୍ଟି ହେଉ ବା ନିଶା ହେଉ, ମାତ୍ର ସବୁରି ମୂଳରେ ଭରି ରହିଥାଏ ଜୀଜ୍ଞାସା । ଅନେକ ଆଶା ଉଦ୍ଦୀପନା ଓ ଜୀଜ୍ଞାସାର ସମାହାର ଏହି ସଂପର୍କ । ନିଦାଘର ପ୍ରଚଣ୍ଡ ରୌଦ୍ରତାପ ଅଥବା ବର୍ଷାର ଜଳକଣା ତଥା ଶରତ ଋତୁରେ ଆକାଶରେ ଭାସମାନ ଖଣ୍ଡ ଖଣ୍ଡ ଧଳା ବାଦଲ ବା ଶୀତ ଋତୁର ଲାଜୁଆ ଶୀତ ଏମାନଙ୍କ ମଧ୍ୟରୁ କେହି ବି ସଂପର୍କର ପ୍ରତିରୋଧ କରିପାରିବେ ନାହିଁ । କର୍ମମୟ ଜୀବନରେ ଅପେକ୍ଷାରତ କୋମଳ ବସନ୍ତ ପରି ସଂପର୍କ ସଦାସର୍ବଦା ଅନୁଭବତାର ମାପକାଠି ।

ସଂପର୍କ ଆତ୍ମାପରି ଚିରନ୍ତନ । ସଂପର୍କକୁ କେଉଁ ଝଡ ବା ବତାସ ଭାଙ୍ଗି ପାରେନାହିଁ କମ୍ବା ଦହନ କରିପାରେ ନାହିଁ କେଉଁ ଅନଳ । ସେ କେବେବି ଧୋଇଯାଏ ନାହିଁ ଅଦିନ ବର୍ଷାରେ ଅଥବା ହଜିଯାଏ ନାହିଁ ନିସ୍ତବ୍ଧ ଅରଣ୍ୟରେ । ଯେପରି କଠିନ ପରିଶ୍ରମ ର ଅଭାବରେ ମନର ଆଶା ସବୁ ଧୂଳିସାତ୍ ହୋଇଯାଏ । ଠିକ୍ ସେହିପରି ବିଶ୍ୱାସ ଓ ଭରସାର ଅଭାବରେ ସଂପର୍କ ମଳିନ ପଡିଯାଏ ।

ବେଳେବେଳେ ସଂପର୍କ ଆଗରେ ହାର ମାନେ ସମାଜର ଅନେକ ନୀତି, ନିୟମ, ଚାଲି ଚଳନ, ପ୍ରଥା, ପରମ୍ପରା ଓ ସମ୍ବିଧାନ । ସମୟ ସ୍ରୋତରେ କେବେବି ନ ହଜି ବାଟ କଢାଇନିଏ ଆଗକୁ ।

ଯେପରି ସମୟ ଆସିଲେ ବିଜ୍ଞାନ ବି ଈଶ୍ୱରଙ୍କ ଆଗରେ ହାର ମାନେ, ସେପରି ଜାତି, ଧର୍ମ, ବର୍ଣ୍ଣ ମଧ୍ୟ ହାର ମାନେ କଲମର ଅଲିଭା ଗାରପରି, ଚନ୍ଦ୍ରୋପଳାରେ ମେଖଳା ସାଜିଥିବା ସଂପର୍କ ସମ୍ମୁଖରେ ।ନକଲି ପ୍ରେମ ସିନା ଜୀବନର ଭାବାବେଗ ବଦଳାଇପାରେ

ହେଲେ ଅସଲି ପ୍ରେମ ତଥା ସଂପର୍କ ଭାବନାର ବିକାଶ କରି ଚରପ୍ରେରଣାର ଉତ୍ସ ପାଲଟିଯାଏ । ଯେପରି ଦ୍ରୋଣ-ଏକଲବ୍ୟଙ୍କ ଗୁରୁ-ଶିଷ୍ୟ ସଂପର୍କ ଏକ ମାଇଲଖୁଣ୍ଟ ।

ଆଗରୁ ତ କହିସାରିଛି ସଂପର୍କ କେବେ ବି ଭାଙ୍ଗେନାହିଁ କାରଣ ଏହା ଏକ ବସ୍ତୁ କମ୍ବା ପଦାର୍ଥ ନୁହେଁ । ଅବଶ୍ୟ ନାନା ମନାନ୍ତର ଓ ମତାନ୍ତରରୁ ଏହା ମଳନ ପଡିଯାଇଥାଏ । ମାତ୍ର ଏହି ମଳନତାରେ ମଣିଷ ହାଟ ବାଜିଲା ପରି ଉତ୍ତମ ବୁଝାମଣା ଓ ବିବେକର ସ୍ପର୍ଶରେ ଦୂର ହୋଇଯାଏ ମଳନତା ।

ପୁନସ୍ଚ ବିପକ୍ଷବାଦୀମାନେ ମତ ପୋଷଣ କରନ୍ତି କି" ଅଙ୍ଗାର ଶତ ଧୌତେନ ମଳନତ୍ୱଂ ନ ମୁଚ୍ୟତେ" । ଅର୍ଥାତ୍ ଅଙ୍ଗାରକୁ ୧୦୦ବାର ଧୋଇଲେ ମଧ କାଳିମା ଦୂର ହୋଇପାରିବ ନାହିଁ । ତେଣୁ ସେମାନେ ସଂପର୍କକୁ କାଞ୍ଚନ ସହ ତୁଳନା ନକରି ଅଙ୍ଗାର ସହ ତୁଳନା କରନ୍ତି ।

ଜଣେ ସଂପର୍କ ପ୍ରେମୀ ଓ ବିଶ୍ୱାସୀ ମଣିଷଟିଏ ଭାବେ ମୋର ମତକୁ ପ୍ରମାଣ କରିବାକୁ ମୁଁ କହିବି ଅଙ୍ଗାରକୁ ଜଳରେ ଧୌତ ନକରି ଥରୁଟିଏ ଅଗ୍ନିରେ ଧୋଇଦେବା ଉଚତ୍ । ଫଳରେ ଏହାର ମଳନତା ଦୂରେଇଯିବ ଓ ପାଉଁଶ ହିଁ ମିଳବ । ଏହି ପାଉଁଶରେ ବର୍ଣ୍ଣ କଣ କଳା କି**?** ତେଣୁ ଯେଉଁଠି ସଂପର୍କ ମଜବୁତ ଭିତ୍ତିଭୂମି ଉପରେ ଦଣ୍ଡାୟମାନ ସେଠି ମଳନତା କଥା ଚନ୍ତା କରିବା ହାସ୍ୟାସ୍ପଦ ବିଷୟ ।

ତେଣୁ ମନୁଷ୍ୟ ହଠାତ୍ କୌଣସି ବିଷୟ ନବୁଝି, ଚନ୍ତା ନକରି ଭୁଲ କରି ବସେ । ଆଉ ସେହି ଭୁଲ୍ ରୁ ହିଁ ସଂପର୍କରେ ମଳନତା ପଡିଯାଏ । କନ୍ତୁ ସେ କଳଙ୍କ ଚରସ୍ଥାୟୀ ନୁହେଁ । ମାତ୍ର ଉତ୍ତମ ବୁଝାମଣା ଓ ବିଚାର ଯୋଗୁଁ ପୁଣି ଆଗଭଳ ସୁସଂପର୍କ ବଜାୟ ରହେ । ବିଶେଷତଃ ମନୁଷ୍ୟଙ୍କ କ୍ଷେତ୍ରରେ ସଂପର୍କ ଦୁଇ ପ୍ରକାରର । ଶିଶୁଟିଏ ଜନ୍ମ ହେବାକ୍ଷଣି ତା ସହ କେତେକ ସଂପର୍କ ସୃଷ୍ଟି ହୋଇଯାଏ । ଯେପରି ପିତା, ମାତା, ଭାଇ, ଭଉଣୀ, ପିଉସା, ପିଉସୀ ଇତ୍ୟାଦି । ଏହାତ ପ୍ରଥମ ଶ୍ରେଣୀର ସଂପର୍କ । ମାତ୍ର କରମ ଠାରୁ ଧରମ ବଡ ପରି ମୋ ମତରେ ଦ୍ୱିତୀୟ ଶ୍ରେଣୀ ସଂପର୍କଟି ଉର୍ଦ୍ଧ୍ୱରେ ଯାହାକ ଇଶ୍ୱର ଦତ୍ତ ସଂପର୍କ ଅଟେ ।

କେହି କାହାକୁ ଜାଣିନଥାନ୍ତି, ଶୁଣିନଥାନ୍ତି, କ କେବେ ପରସ୍ପର ସହ ଆଗରୁ ମିଶିନଥାନ୍ତି । ମାତ୍ର ପ୍ରଥମଦେଖା ବା ଜାଣିବାରୁ ପରସ୍ପରକ ପ୍ରତି ପରସ୍ପରର ହୃଦୟ ବ୍ୟାକୁଳତ ହୁଏ । କାରଣ ସେମାନଙ୍କ ହୃଦୟରୁ ସଂକୀର୍ଣ୍ଣ ଭାବେ ଦୂରେଇ ଯାଇ ଖୁବ୍ ଉର୍ଦ୍ଧ୍ୱକୁ ଗ୍ଲଲିଯାଏ । ଚନ୍ତାଧାର୍ ବ୍ୟାପକ ହୋଇଥାଏ ।

ଏଭଳ ଦ୍ୱିତୀୟ ପ୍ରକାରର ସଂପର୍କ ସୃଷ୍ଟି ହେଲେ କର୍ମମୟ, କ୍ଲାନ୍ତ, ଶ୍ରାନ୍ତ ଜୀବନରେ ପରିବର୍ତ୍ତନ ଆସିଲ୍ ପରି ପରିବର୍ତ୍ତନ ଆସେ ଓ ଏହା ମନର ଭାବାବେଗକୁ ପରିବର୍ତ୍ତନ କରିଦିଏ । ସେ ସଂପର୍କ କ୍ଷଣସ୍ଥାୟୀ । ସେହି ପରିବର୍ତ୍ତନ ସୃଷ୍ଟି କରେ ଆଶାର ଆଲୋକ । ପଲ୍ଲୀଠାରୁ ଦିଲ୍ଲୀ, ହିମାଳୟରୁ କନ୍ୟାକୁମାରୀ, ଗଙ୍ଗାଠାରୁ ଗୋଦାବରୀ ସବୁଠି ସୃଷ୍ଟି କରେ ଏକ ଦୃଷ୍ଟାନ୍ତ ।

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କର୍‌ଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ମା ବୃନ୍ଦାବତୀ



ସଙ୍ଗୀତା ମହାନ୍ତି

ଦେଉଛି ମୁଁ ଚଉଁର୍ ମୂଳେ ନିତି ପାଣି
ଦୀପ, ଧୂପ ଆଉ ମନ୍ଦାର ଫୁଲ ଆଣି
ନିତି କହୁଛି ମା ତୁମ ପାଖେ ମୋ ଦୁଃଖ କାହାଣୀ
ବୁଝିଯାଉଥିବ ମା ତୁମେ ଦେଖି ମୋ ଗୁହାଣି
ମୋ ଆଶା ଭବିଷ୍ୟତ ମା ତୁମରି ହାତରେ
ରହିଛି ରହୁଛି ରହିବି ମୁଁ ତୁମରି ପୟରେ
ତୁମକୁ ଦେଖିଦେଲେ ମା ବୋହିଯାଏ ଲୁହ ଧାର ଧାର
ସେ ଲୁହକୁ କରିଦିଅ ମା ହସର ଜୁଆର
ପଥର ତଳେ କାନ୍ଦୁଛି ମା ଭାଗ୍ୟତ ମୋର
ପଥରକୁ କରିଦିଅ ମା ଶୁଖିଲା ପତର
ଅନ୍ଧାର ଘେରିଛି ମା ବାଟକୁ ମୋର
ସେଇ ଅନ୍ଧାରକୁ ତୁମେ ଦୂର କର ॥

# ଜହ୍ନ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ବୁଝନ ତୁମେ ମୋ ହୃଦୟର ବେଦନା
ହସୁଥାଅ ଦେଇ ମୋତେ କେତେ ଯେ ଯାତନା
ତୁମକୁ ଖୋଜେ ମୁଁ ନତିଦିନ ଆକାଶେ
ଲୁଚକାଳ ଖେଳ ତୁମେ ଆସି ମୋ ପାଶେ

ବଦଲରେ ଢାଙ୍କି ହୋଇଯାଅ ତୁମେ ଲୁଚ
ଇଚ୍ଛାକରେ ଦେଖିବାକୁ ତୁମକୁ ମୁଁ ଛୁପିଛୁପି
ମନଟା ରହିଯାଏ ତୁମ ପାଖେ ଲଖି
ଖୋଜୁଥାଏ ଦେଖିବାକୁ ଆଜି ଏଇ ଆଖି
ନ ଦେଖିଲେ ତୁମକୁ ଆଖିରୁ ବାହାରେ ଲୁହ
ଦେଖିଦେଲେ ଥରୁଟେ ମନରୁ ମିଟେ କୋହ

କାହାର ତୁମେ ଶଶୀ ତ,
ଆଉ କାହାର ଜହ୍ନ
(କିନ୍ତୁ) "ଚନ୍ଦ୍ରମା" ହୋଇ ରହିବ
ମୋ ପାଇଁ ସବୁଦିନ

ମଠସାହି, ତୁଳସିପୁର

# ଭଗଶେଷ ଶୂନ୍ୟ

ହାସ୍ୟମୟୀ ରାଜ୍

ଜାତନାର ଜଉଘରେ
ଜଳେଇ ଜୀବନ
ତମେ କ'ଣ ସୃଷ୍ଟିର
ବିପୁଳ ସୃଜନକୁ
ଆମନ୍ତ୍ରଣ କରିପାରିବ **??**
କେବଳ
ଧ୍ୱଂସର ଚକ୍ରାର ଶୁଣିବ
ଦେଖିପାରିବନ ଆଲୋକ
ତୁମ ଗୃ ରିପଟେ
ଖାଲି ଦେଖିବ
କୁଢ କୁଢ ଅନ୍ଧାର
ଅନ୍ଧକାରକୁ ପଛକରି
ଟିକେ ଆଲୋକ ଆଡକୁ ବୁଲିପଡ
ଦେଖ ଅୟୁତ ସୃଜନ ।
ଅପେକ୍ଷା କରିଛି ତୁମକୁ
ପାଛୋଟି ନେବା ପାଇଁ
ହେଲେ ତମେ
କରୁଛ କ'ଣ **?**
ପାଇବ କ'ଣ **??**
ଭଗଶେଷ ଶୂନ୍ୟ ।।

ଶିକ୍ଷୟିତ୍ରୀ, ଓରାଳ, ହାଟଡିହି, କେନ୍ଦୁଝର

# ରାକ୍ଷୀ ର ମାନ



ସୁଷମା ପରିଡା

ନିହାର ନିଜ ଭିତରେ ନିଜେ ସହମି ଯାଉଥିଲା, କାଳେ ବାପା ରାଗିବେ କି ? ପିଲାଟି ଦିନରୁ ବାପା ଙ୍କୁ ନ ପଚାରି କୌଣସି କାମ କରିନି ସେ ଆଜି ଯାଏଁ, ଆଜି ଏତେ ବଡ କାମ ଟିଏ କରି ଆସିଛି ବାପା ଙ୍କର ବିନାନୁମତିରେ, ସେଥିପାଇଁ ଛାତି ଭିତରେ ଡରଟିଏ ଘର କରିସାରିଥିଲା ତା'ର । ତଥାପି ଆଶା ଥିଲା ବାପା ନିଶ୍ଚୟ ବୁଝି ପାରିବେ ତା' କଥା । କେଉଁ ପରିସ୍ଥିତିରେ ପଡି ସେ ଏତେ ବଡ କାମ ଟି କରିପକାଇଲା, କାହିଁକି ଆଗ ତାଙ୍କର ଦୃଷ୍ଟି କୁ ନ ନେଇ ଏମିତି ନିର୍ଣ୍ଣୟ ନେଲା, ସେ କଥା ସେ ବୁଝାଇବାକୁ ଚେଷ୍ଟା କରିବ ନିଶ୍ଚୟ। ତା' ପଛରେ ଆସୁଥିବା ରୀମା ନାନୀ ଅନେକ ବେଳୁ ଚାଲି ଗଲାଣି ଘର ଭିତରକୁ, ବୋଧହୁଏ ତାଙ୍କର ପଢାଘରେ ପଶି କବାଟ ଦେଇ ସାରିବଣି କି କ'ଣ। ଦାଣ୍ଡଘରେ ବସି ବାପା ନିଉଜ୍ ପେପର୍ ପଢୁଥିଲେ, ନିହାର କୁ ଘରେ ପଶିବାର ଦେଖି ମୁଣ୍ଡ ଉପରକୁ କରି ପ୍ରଶ୍ନିଳ ଦୃଷ୍ଟି ରେ ଚାହିଁଲେ ତା'କୁ, ସ୍କୁଲ୍ ରୁ ଫେରିବାର ବେଳ ଅନେକ ସମୟ ତଳୁ ଗଡିଗଲାଣି । ସାତବର୍ଷ ତଳେ ବୋଉ ପାଞ୍ଚ ବର୍ଷର ନିହାର ଆଉ ସାତ ବର୍ଷର ମାଧୁରୀମା କୁ ଏକା କରି ଆରପାରି କୁ ଚାଲିଗଲା ଦିନୁ, ଏଇ ବାପା ସେମାନଙ୍କୁ ବାପା ମାଆ ଉଭୟଙ୍କ ସ୍ନେହ ଦେଇ ପାଳିଛନ୍ତି । ମାଆ ର ଅଭାବ ଅନୁଭବ କରିବାକୁ ଦେଇନାହାଁନ୍ତି ଭାଇ ଭଉଣୀ ଦୁହିଁଙ୍କୁ । ସରକାରୀ ଚାକରୀ ରୁ ସ୍ୱେଚ୍ଛାକୃତ ଅବସର ନେଇ ସେମାନଙ୍କ ରକ୍ଷଣାବେକ୍ଷଣ କରିଛନ୍ତି । ରନ୍ଧାବଢା ଠାରୁ ଆରମ୍ଭ କରି ଲୁଗାସଫା, ଗୋଡଘସା ଯାଏଁ ସବୁ ନିଜ ହାତରେ କରିଛନ୍ତି । ଟିଉସନ ନଦେଇ ନିଜେ ଘରେ ପାଠ ପାଇଛନ୍ତି ସେମାନଙ୍କୁ। ସେମାନେ କେମିତି ଭଲ ଖାଇବେ, ଭଲ ପିନ୍ଧିବା, ଭଲ ପଢିବେ,

ଭଲ ମଣିଷ ହେବେ, ସେଇ ପ୍ରଚେଷ୍ଟାରେ ନିଜକୁ ହଜାଇ ଦେଇଛନ୍ତି ସିଏ। ସ୍ନେହଲତା ଙ୍କ ଯିବା ପରେ ସାହି ପଡିଶା, ବନ୍ଧୁ ବାନ୍ଧବଙ୍କ ଦ୍ୱିତୀୟ ବିବାହ ଲାଗି ହଜାରେ ଅନୁରୋଧ ସତ୍ତ୍ୱେ ଆଉଥରେ ସଂସାର କରିବେନି ବୋଲି ସଫା ସଫା ଶୁଣେଇ ଦେଇଛନ୍ତି ସେ । ନିଜର ସବୁ ସୁଖକୁ ଜଳାଞ୍ଜଳି ଦେଇ ପିଲା ଦୁହିଁଙ୍କୁ ମଣିଷ କରିବାରେ ଲାଗିଛନ୍ତି । ଟିକିଏ ହେତୁ ପାଇଲା ଦିନରୁ ସେମାନେ ବାପାଙ୍କ ତ୍ୟାଗ ଦେଖି ଆସୁଛନ୍ତି ଏବଂ ତାଙ୍କ ମହାନତା ପାଖରେ ମୁଣ୍ଡ ନଇଁ ଯାଇଛି ସେମାନଙ୍କର। ଆଜି ସେଇଥିପାଇଁ ନୀହାର ର ସାହସ ହେଉନି ବାପାଙ୍କ ଆଗରେ ଠିଆ ହେବାକୁ। ବୋଉ ଥିଲେ ଆଜି ହୁଏତ ଏମିତି ପରିସ୍ଥିତି ଆସି ନଥାନ୍ତା । ଯେତେ ସ୍ନେହ ଶ୍ରଦ୍ଧା କଲେ ବି ମାଆର ସ୍ଥାନ କେବେହେଲେ ନେଇ ପାରନ୍ତି ନାହିଁ ବାପା ମାନେ । ଯେଉଁ ସ୍ୱାଭାବିକତା ରେ ନିଜର ସବୁକଥା ମାଆଟି ଆଗରେ କହି ହୁଏ ତା' ବାପ ଆଗରେ କହିବାକୁ ଜିଭ ଲେଉଟେ ନାହିଁ, ସଙ୍କୋଚ ଆବୋରି ବସେ । ଆଉ ସେଇ ସଙ୍କୋଚ ଭାବ ପିଲାଙ୍କୁ କଥା ଲୁଚେଇବା ଲାଗି ବାଧ୍ୟ କରେ, କୌଣସି ବିକଟ ପରିସ୍ଥିତି ନ ଆସିଲା ଯାଏଁ । ତାହା ହିଁ ହୋଇଥିଲା ।

ଗାଁ ରେ ସରକାରୀ ନୋଡାଲ୍ ସ୍କୁଲ୍ ରେ ପଢୁଥିଲେ ନିହାର ଆଉ ମାଧୁରୀମା। ନିହାର ର ସପ୍ତମ ଶ୍ରେଣୀ ମାଧୁରୀମା ର ନବମ ଶ୍ରେଣୀ । ଏକା ସ୍କୁଲ୍ ରେ ପଢୁଥିବା ହେତୁ ଭାଇ ଭଉଣୀ ଦୁହେଁ ସାଙ୍ଗ ହୋଇ ଯା' ଆସ କରୁଥିଲେ, ତେଣୁ ସେମାନଙ୍କ ପାଇଁ ଚିନ୍ତା ନଥିଲା ଧନଞ୍ଜୟ ଭଞ୍ଜଙ୍କର। ମାଧୁରୀମା ଠିକ୍ ତା' ମାଆ ପରି, ଖୁବ୍ ଡଉଲଡାଉଲ କିନ୍ତୁ ନିହାତି ସରଳ, ସମସ୍ତ ଙ୍କ କଥାକୁ ହଠାତ୍ ବିଶ୍ୱାସ କରିଯିବ । ହେଲେ ନିହାର ଟା ଠିକ୍ ତାଙ୍କରି ପରି, ଖୁବ୍ ଧୀର ସ୍ଥିର, ସ୍ଥିତପ୍ରଜ୍ଞ, ସ୍ପଷ୍ଟବାଦୀ, ସାହସୀ ମଧ୍ୟ । ତାଙ୍କରି ଭଳି ଅନ୍ୟାୟ ଦେଖିଲେ ମୋଟେ ସହିବନି, ରାଗି ପାଚି ନିଆଁବାଣ ହୋଇଯିବ। କ'ଣ ନାଇଁ କ'ଣ କରି ବସିବ। ସେଥିପାଇଁ ଅନେକ ସମୟରେ ନିହାର କୁ ଆକଟ କରନ୍ତି ସେ, ହଠାତ୍ ନ ବୁଝି ସଶୁଝି ପ୍ରତିକ୍ରିୟା ନକରିବାକୁ ତାଗିଦ୍ କରନ୍ତି।

ମାଧୁରୀମା ଧୀରେ ଧୀରେ ବଡ ହେଉଥିଲା, ମାଆ ନଥିଲା ଝିଅ, କେତେବେଳେ କୋଉ କଥା । ମାଆ ଥିଲେ ଅବଶ୍ୟ ସଂସାର ନୀତିଗତି ଶିଖେଇ ଥାଆନ୍ତେ ଝିଅ କୁ, ହେଲେ ସେ

ତ ବାପ, କ'ଣ କେମିତି ବୁଝେଇବେ ଝିଅ କୁ। ଆଜି କାଲି ପରିସ୍ଥିତି ଯେଉଁ ଜଟିଳ ହେଲାଣି, ଝିଅଟି ଘରୁ ବାହାରକୁ ଗଲେ ଭୟ ଲାଗି ରହୁଛି ମନରେ। କିନ୍ତୁ ନିହାର ସାଥିରେ ଥିବାରୁ ଧନଞ୍ଜୟ ନିଶ୍ଚିନ୍ତ ହୋଇ ରହୁଥିଲେ, ସବୁବେଳେ କହୁଥିଲେ "ଅପା ସାଙ୍ଗରେ ଯିବୁ, ଅପା ସାଙ୍ଗରେ ଆସିବୁ, ବାଟରେ କୋଉଠି ଅଟକି ଯିବିନି ସାଙ୍ଗ ମାନଙ୍କ ସହିତ ଖେଳକୁଦ କରିବା ପାଇଁ । ଅପାକୁ ଘରେ ଛାଡି ଦେଇ ପଛେ ଯିବୁ ଖେଳିବୁ" । ପିଲାମାନଙ୍କର ସ୍କୁଲ୍ ରୁ ଫେରିବାର ଡେରି ହେଲେ ତାଙ୍କର ମନରେ ଛନକା ପଶେ, କୋଉଠି କିଛି ଅସୁବିଧା ହେଲା କି? ଆଜି ବି ସେମିତି ପ୍ରାୟ ଦୁଇ ଘଣ୍ଟା ବିଳମ୍ବ ରେ ଫେରିଥିଲେ ଭାଇଭଉଣୀ ଦୁଇ ଜଣ । ଆଗେ ଆଗେ ଆସିଥିବା ମାଧୁରୀମା ମୁହଁ ତଳକୁ କରି କ୍ଷିପ୍ର ପଦପାତ ରେ ପଶି ଯାଇଥିଲା ଘର ଭିତରକୁ ଆଉ କବାଟ ଟା ବନ୍ଦ କରି ବସିଥିଲା ସେତିକିବେଳୁ । ତା' ପଛରେ ଆସିଥିଲା ନିହାର, ମୁହଁ ଟା ଅସ୍ୱାଭାବିକ ଭାବରେ ଥମ୍ ଥମ୍ ଦିଶୁଥିଲା । ନିଉଜ୍ ପେପର୍ ଟି ଆଖି ଆଗରେ ଧରି ଥିଲେ ବି ଧନଞ୍ଜୟ ଙ୍କର ଦୃଷ୍ଟି ନିବଦ୍ଧ ରହିଥିଲା ପିଲାଙ୍କ ଉପରେ । ଅହେତୁକ ବିଳମ୍ବ ର କାରଣ ଜାଣିବାକୁ ପିତୃହୃଦୟ ତାଙ୍କର ବ୍ୟାକୁଳ ହୋଇ ଉଠୁଥିଲା ହେଲେ ଦୁହିଁଙ୍କ ଭିତରୁ ଜଣେ କେହି ବି ଆସୁନଥିଲେ ବାହାରକୁ । ସାଧାରଣତଃ ସ୍କୁଲ୍ ରୁ ଫେରିବାପରେ ଆଗ ପୋଷାକପତ୍ର ବଦଳାବଦଳି କରି ରୀମା ଆସେ, ଭାତ ବଢାବଢି କରି ଭାଇକୁ ଡାକେ ଖାଇବାକୁ । ଚଟ୍ ପଟ୍ ଦି' ଗୁଣ୍ଡା ଖାଇପିଇ ନିହାର ବାହାରି ଯାଏ ସାଙ୍ଗ ମାନଙ୍କ ସହିତ ଖେଳକୁଦ କରିବା ପାଇଁ । ରୀମା ଘରଦ୍ୱାର ଓଳାଓଳି କରି ଲୁଗାପଟା ସଜାଡି ରଖେ ସନ୍ଧ୍ୟା ବତୀ ଦିଏ।

ଟିକିଏ ହେତୁ ପାଇଲା ଦିନରୁ ରୀମା ଧନଞ୍ଜୟଙ୍କ ହାତରୁ ଅନେକ କାମ ଛଡେଇ ନେଇ ନିଜେ କରେ। କହେ "ବାପା! ତମେ ବହୁତ ଖଟିଲଣି ଆମ ପାଇଁ, ଏବେ ତ ମୁଁ ବଡ ହୋଇଗଲିଣି ନା, ମତେ ଏସବୁ କରିବାକୁ ଦିଅ। ତୁମେ ଟିକିଏ ବିଶ୍ରାମ କର" ।

ଖୁସି ର ଲୁହ ଜକେଇ ଆସେ ଧନଞ୍ଜୟ ଙ୍କ ଆଖିରେ । ଭାବନ୍ତି, ଆଜି ସ୍ନେହଲତା ଥିଲେ, ରୀମା କୁ ପାଣି ହାତ କରେଇ ଦେଉ ନଥାନ୍ତେ । ଝିଅ ପିଲା ଟା, କାଲି ସକାଳୁ ପରଘରକୁ ଗଲେ ସେଠି ତ ସାରା ଜୀବନ ଖଟିବାକୁ ପଡିବ, ଆଉ ଏଇଠି ବାପ ଘରେ ଟିକିଏ ଆରାମ

କରୁ, ବୋଲି କହିଥାନ୍ତେ । କନ୍ତୁ ସେ ତ ବାପା, ସେଥିପାଇଁ ମନରେ ସେମିତି ଭାବୁଥିଲେ ବି ପରିପ୍ରକାଶ କରି ପାରନ୍ତି ନାହିଁ, ରୀମା ର ମୁଣ୍ଡ କୁ ଆଉଁସି ଦେଇ ଚୁପ୍ ରହନ୍ତି । ତାଙ୍କ ଆଖି ର ଲୁହ ଆଉ ମନର କୋହ କୁ ଛାତି ଭିତରେ ଗୁପି ରଖି ବାହାରି ଯାଆନ୍ତି ବଜାର କରିବାକୁ । ନର୍ଜନ ରାତିରେ ଏକୁଟିଆ ଖଟଟିରେ ପଡି ପଡି ନଦ ନଆସୁଥିଲା ବେଳେ ସେଇ ଲୁହ ଆଉ କୋହ ମାନେ ବାହାରି ଆସନ୍ତି ଆଖିପତା ଭିଜେଇ । ଧନଞ୍ଜୟ ମନେମନେ କହନ୍ତି ସ୍ନେହଲତାଙ୍କୁ "ମତେ ଏକା କରି ହାତଛାଡି ଅଧାବାଟରୁ ଚାଲି ଗଲ ସିନା, ଏଇ ପିଲାଙ୍କୁ ବଢେଇ କୁଢେଇ ମଣିଷ କରିବା ପାଇଁ ମତେ ଧୈର୍ଯ୍ୟ, ସାହସ ଦିଅ, ମୋ ପାଖରେ ଛାଇଟିଏ ହୋଇ ରହିଥାଅ ସବୁବେଳେ, ନହେଲେ ମୁଁ ଏକୁଟିଆ ମଣିଷ ଟା କ'ଣ କରିବି ଯେ ? "

ନହାର ଟା ଖୁବ୍ ପେଟଗାବୁରା, ମୋଟେ ଭୋକ ସହି ପାରେନ । ସ୍କୁଲ୍ ରୁ ଫେରିବାପରେ ସାର୍ଟ ପ୍ୟାଣ୍ଟ ଫୋପାଡି ଦେଇ ଦୌଡି ଆସି ବସିଯାଏ ଖାଇବାକୁ । ଆଜି ସିଏ ବି ଆସୁନ, ଘଟଣା କ'ଣ? ଚୌକି ଛାଡି ଉଠିଲେ ଧନଞ୍ଜୟ, ଚାଲ ଚାଲ ହୋଇ ପିଲା ମାନଙ୍କ ଶୋଇବା ଘର ପାଖକୁ । କବାଟ ରେ ହାତ ମାରିଲେ, କବାଟ ଭିତରୁ ବନ୍ଦ ଅଛି, କବାଟ ରେ କାନ ଦେଇ ଶୁଣିବାକୁ ଚେଷ୍ଟା କଲେ ସେ। କଛି ଶୋର ଶବ୍ଦ ନାହିଁ, ଏଥରକ ଆଉ ନଜକୁ ସମ୍ଭାଳ ପାରିଲେନ ଧନଞ୍ଜୟ । ଜୋର୍ ଜୋରରେ କବାଟ ବାଡେଇବା ସହିତ ନହାର! ନହାର ! ବୋଲି ଚତ୍କାର କରିବାକୁ ଲାଗିଲେ। କଛି ସମୟ ପରେ ଆସ୍ତେ କରି କବାଟ ଖୋଲି ବାହାରକୁ ଆସିଲା ନହାର । ମୁହଁ ଟା ରେ ଭୟରେ ଚହ୍ନ ସୁସ୍ପଷ୍ଟ । ତା'କୁ ଆଡେଇ ଦେଇ ଆଗକୁ ଟିକଏ ମାଡି ଯାଇ ଘର ଭିତରକୁ ଚାହିଁଲେ ଧନଞ୍ଜୟ, ରୀମା ଖଟ ଉପରେ ମୁହଁ ମାଡି ଶୋଇଛି, ନା ' ନା', କାନ୍ଦୁଛି ବୋଧହୁଏ । ତା'ର ଶରୀର ଟା ରହିରହି ଥରି ଉଠୁଛି । ପଛକୁ ଫେରି ନହାର ର କାନ ଧରି ପକାଇଲେ ଧନଞ୍ଜୟ, ଗର୍ଜି ଉଠିଲେ "କ'ଣ ହେଇଛି, ସତ କଥା କହ । ନହେଲେ ପିଠିରୁ ଛାଲ ଉତ୍ତାରି ଦେବି ନହାର!" । ଆଉ ଚୁପ୍ ରହି ପାରିଲାନ ନହାର, ପାଟି ଖୋଲିଲା "କଛି ଦିନ ହେଲା ଅପା କହୁଥିଲା ଯେ ଆମ ସ୍କୁଲ୍ ର ବିଜ୍ଞାନ ସାର୍ ତା'କୁ ଅଯଥା ରେ ଗୁଡାଏ ପ୍ରଶ୍ନ ପଚାରୁଛନ୍ତି କ୍ଲାସ୍ ରେ, ସେ

ଉତ୍ତର ଦେଇ ନପାରିଲେ କହୁଛନ୍ତି ତତେ କଛି ପାଠ ଆସୁନ, ଆଗକୁ ବାର୍ଷିକ ପରୀକ୍ଷା ରେ ଠିଆ ଫେଲ୍ ହେବୁ।

ବାପାକୁ କହି ମୋ ପାଖରେ ଟିଉସନ ହ। ପରୀକ୍ଷା ପୂର୍ବରୁ ସବୁ ବତେଇ ଦେବି । ଅପାକୁ ସାର୍ ଶ୍ରେଣୀ ଆଗରେ ଏମିତି କହିବାରୁ ଲଜ ଲାଗୁଥିଲା କନ୍ତୁ ସେ ଭୟରେ କଛି କହି ପାରୁନଥିଲା ତାଙ୍କୁ। ଆଜି ସ୍କୁଲ୍ ସରିବା ପରେ ତା'କୁ ଡାକଲେ ବିଜ୍ଞାନାଗାର କୁ ଖାତା ନେଇ ଯିବାକୁ । ଡରି ଡରି ସେ ଯାଇଥିଲା ଖାତାପତ୍ର ଧରି ସେଠିକ । ସ୍କୁଲ୍ ର ଛୁଟି ଘଣ୍ଟା ବାଜିଲା ପରେ ଅନେକ ସମୟ ଧରି ଅପା କ୍ଲାସ୍ ରୁ ନ ଆସିବାରୁ ମୁଁ ଯାଇଥିଲି ତା' କ୍ଲାସ୍ କୁ । ସେଠାରେ କେହି ନଥିଲେ କନ୍ତୁ ଅପାର ବହିପତ୍ର ଥୁଆ ହୋଇଥିଲା ଡେସ୍କ ଉପରେ। ବାହାରକୁ ଆସି ପିଲା ମାନଙ୍କୁ ପଚ୍ଚରିବାରୁ ସେମାନେ ଅପାକୁ ବିଜ୍ଞାନାଗାର ଆଡେ ଯିବାର ଦେଖିଥିବା କଥା କହିଲେ । ସେଇଠୁ ମୁଁ ଗଲି ବିଜ୍ଞାନାଗାର କୁ। ବିଜ୍ଞାନାଗାର ର କବାଟ ବନ୍ଦ ଥିଲା । ସେଇଠୁ ଫେରି ଆସୁଛି ଗୋଟିଏ ଗଁ, ଗଁ ଶବ୍ଦ ଶୁଣି ଅଟକ ଗଲା ମୋ ପାଦ। କାନେଇଲି, ଶବ୍ଦ ଟି ବିଜ୍ଞାନାଗାର ଭିତରୁ ଆସୁଥିଲା । ଆଖିବୁଜା ଦୌଡିଲି ସେଠିକ । ନଜର ସବୁ ବଳ ଖର୍ଚ୍ଚ କରି ଧକ୍କା ମାରି ମାରି କବାଟ ଭାଙ୍ଗି ଭିତରେ ପଶିଲି । ଦେଖିଲା ବେଳକୁ ଅପାର ମୁହଁ ରେ ପଟି ବନ୍ଧା ହୋଇଛି, ସେ ପଡିଛି ଗୋଟିଏ କଣରେ ଆଉ ବିଜ୍ଞାନ ସାର୍ ...... । ମୋ ମୁଣ୍ଡକୁ ପିତ୍ତ ଚଢିଗଲା । ତାଙ୍କୁ ଅପା ଉପରୁ ଘୋଷାରି ଆଣି ତଳେ ପକେଇଦେଲି । ପାଖରେ ଟେବୁଲ୍ ଉପରେ ହାତୁଡି ଟିଏ ଥୁଆ ହୋଇଥିଲା, ଟାଣି ଆଣିଲି ସେଇଟାକୁ, ଅଦା ଛେଚଲା ପରି ଛେଚ ଦେଇଗଲି ତାଙ୍କୁ। ଲହୁଲୁହାଣ ହୋଇ ପଡିଗଲେ ସେ । ସେଇଠୁ ଅପାର ମୁହଁ ହାତ ଖୋଲି ତା'କୁ ସଜଡା ସଜଡି କରି ଆଣିଲି ଘରକୁ । ମୋର କଛି ଦୋଷ ନାହିଁ ବାପା ! ମୁଁ ଜାଣି ଜାଣି କଛି ଭୁଲ୍ କରିନ ।ଅପା ର ଦୁର୍ଦ୍ଦଶା ଦେଖି ମୋ ମୁଣ୍ଡ ଖରାପ ହୋଇଗଲା, ମୋ ଦେହରେ ଏତେ ବଳ କୁଆଡୁ ଆସିଲା ମୁଁ ନଜେ ଜାଣିନ । କନ୍ତୁ ଏତିକ କହୁଛି ବାପା! ମୁଁ କଛି ବି ଭୁଲ୍ କାମ କରିନ । ମୋ ଯାଗା ରେ ତମେ ଥିଲେ କ'ଣ ଏଇଆ କରି ନଥାନ୍ତ ? କୁହ ବାପା ! କୁହ । କୁହ । ଶେଷ ଆଡକୁ ନହାର ର କଥା ଗୁଡିକ ଡାକ ବାଜି ଯନ୍ତ୍ର ଭଳ ପ୍ରତିଧ୍ୱନତ ହେଉଥିଲା ଧନଞ୍ଜୟ

ଙ୍କର କାନରେ। ତାଙ୍କ ପାଦ ଦୁଇଟା ଭୂମିରେ ଲାଖି ଯାଇଥିଲା । ରସାତଳକୁ ଖସିପଡିଲା ପରି ପ୍ରତେ ହେଉଥିଲା ତାଙ୍କୁ। ତଣ୍ଟି ଶୁଖି ଅଠା ଅଠା ହୋଇ ଯାଉଥିଲା, ଶବ୍ଦ ସବୁ ଗଳାରେ ଅଟକି ଯାଇଥିଲେ। ସେ ଶୂନ୍ୟ ଦୃଷ୍ଟିରେ ଥରେ ନହାର ର ମୁହଁ କୁ ତ ଆଉ ଥରେ ମୁହଁ ମାଡି ଶୋଇରହି କାନ୍ଦୁଥିବା ମାଧୁରୀମା ଆଡକୁ ଚାହୁଁଥିଲେ । କ'ଣ କହିବେ, କ'ଣ କରିବେ କିଛି ବୁଦ୍ଧିବାଟ ଦେଖା ଯାଉନଥିଲା ତାଙ୍କୁ। ଭାବ ବିହ୍ୱଳତ ହୋଇ ସେ କୁଣ୍ଢେଇ ପକେଇଲେ ନହାର କୁ । ଭେଁ ଭେଁ ହୋଇ କାନ୍ଦି ଉଠିଲେ ସେ।

କହିଲେ "ତୁ ନଥିଲେ ଆଜି କ'ଣ ହୋଇଥାନ୍ତା ରେ ବାବୁ? ମୁଁ କାହା ଆଗରେ ମୁହଁ ଦେଖେଇ ଥାଆନ୍ତି? ମୋ ଝିଅ କ'ଣ ଆଉ ବଞ୍ଚି ପାରି ଥାଆନ୍ତା? ତୁ ମୋ ପୁଅ ନୁହେଁ ରେ, ତୁ ମୋ ବାପା, ତୁ ଆମ ସମସ୍ତଙ୍କ ଜୀବନ ବଞ୍ଚେଇ ଦେଲୁ ରେ ବାବୁ । ଠାକୁରେ ତତେ କୋଟି ପରମାୟୁ ଦିଅନ୍ତୁ, ତୁ ମୋ ଆୟୁଷ ନେଇ ବଞ୍ଚି ରହ ।" ଏମିତି ବିଳାପ କରୁ କରୁ ଧନଞ୍ଜୟଙ୍କର ମନେ ପଡିଗଲା ନହାର ର କହିବା କଥା, "ଲହୁ ଲୁହାଣ ହୋଇ ପଡିଛନ୍ତି ସେ" । ମନେ ମନେ ଭାବିଲେ ଏତେ ସମୟ ହେଲାଣି, ଯଦି ଅତ୍ୟଧିକ ରକ୍ତସ୍ରାବ ହେତୁ ବିଜ୍ଞାନ ସାର୍ ଙ୍କର ସେଇଠି ମୃତ୍ୟୁ ଘଟିଥିବ, ତେବେ କ'ଣ ହେବ? ନହାର କୁ ତ ଜେଲ୍ ହୋଇ ଯିବ, ତା'ର ଭବିଷ୍ୟତ ବରବାଦ୍ ହୋଇଯିବ । ଯଦି ସେ ବର୍ତ୍ତମାନ ଅନ୍ୟ ମାନଙ୍କୁ ଏ ବିଷୟରେ ଜଣାଇବେ ତେବେ ତାଙ୍କ ଇଜ୍ଜତ ମହତ ଚାଲିଯିବ। ସେ ଗାଁ ରେ କାହାକୁ ମୁହଁ ଦେଖେଇ ପାରିବେ ନାହିଁ । ମାଧୁରୀମା ଆଉ ସ୍କୁଲ୍ କୁ ପଢିବା ପାଇଁ ଯାଇ ପାରିବନି, ତା'ର ଭବିଷ୍ୟତ ମଧ୍ୟ ବରବାଦ୍ ହୋଇଯିବ । କ'ଣ କରିବେ ସେ? ଏମିତି ଭାବି ଭାବି ଶେଷରେ ନିଷ୍ପତ୍ତି ନେଲେ ଧନଞ୍ଜୟ, ନା' ଯାହା ପରିଣାମ ହେଉ ପଛେ ସେ ସତ୍ୟ ର ପରିପ୍ରକାଶ କରିବେ । ତେଣିକି ଯାହା ତାଙ୍କର ଆଉ ତାଙ୍କ ପିଲା ମାନଙ୍କ ଭାଗ୍ୟରେ ଲେଖା ଥିବ ତାହା ହେବ । ସେ ପଡୋଶୀ ବିନୋଦ ବାବୁ ଙ୍କୁ ସବୁ କଥା କହିବେ । ତାଙ୍କୁ ସାଙ୍ଗରେ ନେଇ ଆଗ ଯାଇ ବିଜ୍ଞାନ ସାର୍ ଙ୍କୁ ଦେଖିବା ପରେ ପରବର୍ତ୍ତୀ ପନ୍ଥା ନିର୍ଦ୍ଧାରଣ କରିବେ । ପୋଲିସ୍ ଷ୍ଟେସନ୍ ଯାଇ ସବୁ ସତ ଘଟଣା ବୟାନ

କରିବେ । ତେଣିକ ଯାହା ହେବାର ହେବ । ନହାର କୁ ଅପାର ଦେଖାଶୁଣା କରିବାକୁ କହି ସାର୍ଟ ପ୍ୟାଣ୍ଟ ପିନ୍ଧି ବାହାରକୁ ବାହାରି ଗଲେ ଧନଞ୍ଜୟ ।

ଭାଗ୍ୟ ଭଲଥିଲା ବିଜ୍ଞାନ ସାର୍ ଙ୍କର । ନହାର ଠାରୁ ନର୍ଘାତ ପାହାର ଖାଇବା ପରେ ପ୍ରଚୁର ରକ୍ତସ୍ରାବ ହେବା ପରେ ମଧ୍ଯ ସେ ବଞ୍ଚି ରହିଥିଲେ । ଧନଞ୍ଜୟ ଆଉ ବିନୋଦ ବାବୁ ସାଥି ହୋଇ ଆହୁରି ଗ୍ଚରି ପାଞ୍ଚଜଣଙ୍କୁ ସାଥିରେ ଧରି ସେଠିକ ଯିବା ବେଳକୁ ସେ ସେମିତି ବେହୋସ ଅବସ୍ଥା ରେ ପଡି ରହିଥିଲେ । ସାଙ୍ଗେ ସାଙ୍ଗେ ତାଙ୍କୁ ସ୍ଥାନୀୟ ପି ଏଚ୍ ସି କୁ ନେଇ ଚକସ୍ତା ବ୍ୟବସ୍ଥା କରିବା ସହିତ ପୋଲିସ୍ ଷ୍ଟେସନ୍ କୁ ଯାଇ ବିଜ୍ଞାନ ସାର୍ ଙ୍କ ବିରୁଦ୍ଧରେ ପ୍ରାଥମିକ ରିପୋର୍ଟ ଲେଖାଇଥିଲେ ଧନଞ୍ଜୟ । ମାଧୁରୀମା ର ଘଟଣା ଟି ପ୍ରକାଶିତ ହେବାରୁ ଆହୁରି ଅନେକ ଛାତ୍ରୀ, ଯେଉଁ ମାନେ ପୂର୍ବରୁ ସେଇ ବିଜ୍ଞାନସାର୍ ଙ୍କ ପଶୁ ପ୍ରବୃତ୍ତି ର ଶୀକାର ହୋଇଥିଲେ ଏବଂ ଲୋକଲଜ୍ୟା ଭୟରେ ଅଭିଭାବକ ମାନଙ୍କୁ ଜଣାଇ ନଥିଲେ, ସେମାନେ ମଧ୍ଯ ଆଗେଇ ଆସିଲେ ତାଙ୍କର ଦୁର୍ଦ୍ଦଶା ବୟାନ ରେକର୍ଡ କରିବାକୁ । ଅସତ୍ୟ ଉପରେ ସତ୍ୟ ର, ଅଧର୍ମ ଉପରେ ଧର୍ମ ର ବିଜୟ ହେଲା । ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଦୋଷୀ ସାବ୍ୟସ୍ତ ହେଲେ ବିଜ୍ଞାନ ସାର୍ । ତାଙ୍କୁ ଗ୍ଚକରୀ ରୁ ବହିଷ୍କୃତ କରାଯାଇ ଆଜୀବନ କାରାଦଣ୍ଡ ମିଳଲା ଆଉ ନହାର କୁ ମିଳଥିଲା ସମସ୍ତ ଙ୍କର ସାବାସୀ । ସାନଭାଇ ଟିଏ ହୋଇ ଭଉଣୀର ମାନ୍ ଇଜ୍ଜତ ବଞ୍ଚେଇ ରାକ୍ଷୀ ର ମାନ ରଖିଥିଲା ନହାର ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ -753004

# ମା



ପ୍ରକାଶ ସାହୁ

ପ୍ରଥମ ପ୍ରେମ ର ପ୍ରେମିକା ସାଜି,
ପ୍ରଥମ ଚୁମ୍ବନ ସ୍ନେହ ରେ ଆଙ୍କିଲ୍ - ମା
ପ୍ରଥମ ଦେବୀ ର ଅବତାର ନେଇ
ପ୍ରଥମ ଆଶିଷ ମଥା ରେ ଦେଲ୍ - ମା
ପ୍ରଥମ ସାକ୍ଷ୍ୟତେ ବନ୍ଧୁ ରୂପେ ସାଜି,
ପ୍ରଥମ ନାମ ତା ମୁଖେ ଆସିଲ୍ - ମା
ପ୍ରଥମ ଅମୃତ କ୍ଷୀର ରୂପେ ଦେଇ,
ପ୍ରଥମ ବିଶ୍ୱାସ ମନେ ଭରି ଦେଲ୍ - ମା
ପ୍ରଥମ ଆବୃତ୍ତ ପଣତ ରେ ଢାଙ୍କି,
ପ୍ରଥମ ଶୟନ ସୁଖ କୋଳେ ଦେଲ୍ - ମା
ପ୍ରଥମ କାନ୍ଧ ରେ ବକ୍ଷ ଗୁପି ଦେଇ,
ପ୍ରଥମ ହସରେ ସ୍ୱର୍ଗ ଛୁଆଁଇ ଦେଲ୍ - ମା
ପ୍ରଥମ ପାଦ ରେ ସାଥି ହାତ ଦେଇ,
ପ୍ରଥମ ସଂସ୍କାର ଶିଖାଇ ଦେଲ୍ - ମା

ନଭି ମୁମ୍ବାଇ, ମହାରାଷ୍ଟ୍ର

# ମୁଠାଏ ପାଉଁଶ



ଦିଲିପ୍ କୁମାର ତ୍ରିପାଠୀ

ପ୍ରେମ ବୋଲି ଭାବି ହେଲି
ହର୍ଷିତ ମନା
ଅଥୟ ପାଦ ମୋର କଲା
ଛୁଇଁବାକୁ, ଧରାକୁ ମନା ।

ପ୍ରଥମ ଭେଟି ପ୍ରେମର ଭାବିଲି
ହାୟ ! ମୁଁ କ ଥିଲି ଭୋଳା
ଥିଲା ସେ କାଗଜ ଫୁଲ
ଆଉ ଅତର ବୋଳା ।

ତଥାପି, କାଗଜ ଫୁଲେ କଲି ସ୍ୱପ୍ନ ଅନ୍ୱେଷଣ
ସପନ ବି ଦେଖାଇଲା
କ ରାତି କ ଦିନ
କନ୍ତୁ ଆଜି ଏକ ହେଲା !
ନାହିଁତ ସପନ !
ମନ ମନ୍ଦିର ମୋ କୋଣାର୍କ ସଦୃଶ
ଜୀର୍ଣ୍ଣଶୀର୍ଣ୍ଣ ଆଉ ଭଗ୍ନ ।

ହେଲା କ ପ୍ରେମ ଶେଷ
ହେଲା କ ପ୍ରେମ ଶେଷ ବୋଲି
ମୁଠା ଖୋଲି ଦେଖିଲା ବେଳକୁ
ଥିଲା ମୁଠାଏ ପାଉଁ ॥

ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ

# ତୁମେ

ନରେଶ କୁମାର ତ୍ରିପାଠୀ

ଫୁଲର ମକରନ୍ଦ ତୁମେ
ମଳୟ ସୁଗନ୍ଧ ତୁମେ
ସାଗର ତରଙ୍ଗ ତୁମେ
ଇନ୍ଦ୍ରଧନୁ ରଙ୍ଗ ତୁମେ
କୋକିଳର କୁହୁତାନ ତୁମେ
ଝରଣାର ମୃଦୁଗାନ ତୁମେ
ସକାଳର ଶଙ୍ଖନାଦ ତୁମେ
ଶୁଭମଙ୍ଗଳ ନିନାଦ ତୁମେ
ସଞ୍ଜର ଆଳତୀ ତୁମେ
ଜ୍ୟୋସ୍ନାବିଧୌତ ଜହ୍ନରାତି ତୁମେ
ଉଷା ପ୍ରତ୍ୟୁଷ ଗୋଧୂଳି ତୁମେ
ଭାଷା ଆକାଶର ବିଜୁଳି ତୁମେ
ମନର ସୁଲଳିତ ଧ୍ୱନି ତୁମେ
ପ୍ରାଣର ପ୍ରତିଧ୍ୱନି ତୁମେ
ଅଥୟ ହୃଦୟ ତରଙ୍ଗିଣୀ ତୁମେ
ଚିର ମଧୁମୟ ରାଗିଣୀ ତୁମେ
ମୋ ମନର ବିଶୁଦ୍ଧ ଭାବ ତୁମେ
ପ୍ରତୀକ୍ଷିତ ବୈଭବ ତୁମେ ॥

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# ବାହ୍ୟପୂଜା ଓ ଶ୍ରାଦ୍ଧ



ବରଦା ପ୍ରସନ୍ନ ଦାସ

ଯେଉଁ ହିନ୍ଦୁଧର୍ମର ସନାତନ ଶାସ୍ତ୍ର ବେଦ ସତ୍ୟ ଓ ଯଥାର୍ଥ ବିଚ୍ୟାରରେ ପରିପୂର୍ଣ୍ଣ, ସେହି ହିନ୍ଦୁ ଆଜି ଅନ୍ଧବିଶ୍ୱାସର ଅନ୍ଧକୂପରେ ନପୀଡିତ। ପରମେଶ୍ୱରଙ୍କ ଆଜ୍ଞା ହେଲା ସତ୍ୟଂ ବଦ, ଧର୍ମଂ ଚର, ଦୟାଂ କୁରୁ । ଅର୍ଥାତ୍ ଦୁଃଖୀର ଦୁଃଖ ନବାରଣ କର, ରୋଗୀକୁ ଔଷଧ ଦିଅ, କ୍ଷୁଧାର୍ତ୍ତକୁ ଅନ୍ନ ଦାନ କର, ତୃଷାର୍ତ୍ତକୁ ଜଳ ଦାନ କର, ଉଲ୍ଲଗ୍ନକୁ ବସ୍ତ୍ର ଦାନ କର, ଅଜ୍ଞାନକୁ ଜ୍ଞାନ ଦାନ କର, ଅସହାୟକୁ ସାହାଯ୍ୟ କର, ବିପଦଗ୍ରସ୍ତ ଲୋକକୁ ଉଦ୍ଧାର କର ଓ ପର ଉପକାର କର ଇତ୍ୟାଦି । ଏସବୁ କାର୍ଯ୍ୟ ହେଲା ପ୍ରଭୁ ପୂଜା । ଅର୍ଥାତ ସେବା ହିଁ ପ୍ରଭୁ ପୂଜା। ଏଣୁ ମହାଭାରତରେ ମହର୍ଷି ବ୍ୟାସ କହନ୍ତି – “ପରୋପକାରଃ ସ୍ୱାର୍ଗାୟପାପାୟ ପରପୀଡନମ୍”। ଭାଗବତରେ ଅଛି – “ପରୋପକାର ମହାଧର୍ମ। ସୁଜନେ କର ଉପାର୍ଜନ ।”

ନାନକ, କବୀର ଏବଂ ଚୈତନ୍ୟ ମଧ୍ୟ ପ୍ରଚ୍ୟାର କରିଗଲେ ଯିବ ଜଗତର ସେବା ହିଁ ସର୍ବଶ୍ରେଷ୍ଠ ଧର୍ମ। ଅତଏବ ପରମେଶ୍ୱରଙ୍କୁ ପୂଜା କରିବାରେ ଏତେ ସୁନ୍ଦର ପ୍ରଣାଳୀକୁ ଛାଡି, ଜୀବିତ ମୂର୍ତ୍ତିମାନଙ୍କର ସେବା ଛାଡି ଫଟୋ, କାଠ ପଥରର ମୂର୍ତ୍ତିମାନଙ୍କର ପୂଜା କରିବା କେତେ ଯଥାର୍ଥ ସେ କଥା ବେଦ ଆଧାରରେ ବିଚ୍ୟାର୍ଯ୍ୟ। ସକାଳେ ସନ୍ଧ୍ୟାରେ ଘଣ୍ଟାଏ ଲେଖାଏ ଈଶ୍ୱର ଚନ୍ତନ ଏକାଗ୍ର ମନରେ ଓ ନଷ୍ଠାପୂର୍ଣ୍ଣ ଅନ୍ତରରେ କରିବା ଉଚତ । ଏହା କୁ ହିଁ ଧ୍ୟାନ କୁହାଯାଏ। ସେହି ଦୟାମୟ ପରମେଶ୍ୱରଙ୍କ ଗୁଣ ଚନ୍ତନ ହିଁ ପ୍ରଭୁପୂଜା। ଏହା ନକରି ଫଟୋ ବା କାଠ ପଥରର ମୂର୍ତ୍ତିକୁ ଭୋଗରାଗ ଦେଇ ପୂଜା କରିବା ବାସ୍ତବ ପ୍ରଭୁ ପୂଜା ନୁହେଁ। ତେବେ ଶାସ୍ତ୍ରରେ ମୂର୍ତ୍ତିପୂଜାକୁ ସମ୍ପୂର୍ଣ୍ଣ ବାରଣ କରାଯାଇ ନଥିଲେ ମଧ୍ୟ ତାହା

ଅଧମାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଉପାସନା ପଦ୍ଧତି ବୋଲି କୁହାଯାଇଛି – ଉତ୍ତମୋ ବ୍ରହ୍ମସଦଭାବୋ ଧ୍ୟାନଭାବସ୍ତୁ ମଧ୍ୟମଃ । ସ୍ତୁତିଜପୋଧମଭାବୋ ବାହ୍ୟପୂଜାଧମଧମଃ ।

ଭାବଭକ୍ତିହୀନ ମୂର୍ତ୍ତିପୂଜା ହେଉଛି ସେହି ବାହ୍ୟପୂଜା, ଯାହାକୁ ଅଧମାଧମ ବୋଲି କୁହାଯାଇଛି । ଏପରି ମୂର୍ତ୍ତିପୂଜା ଦ୍ୱାରା କିଛି ଲାଭ ହୋଇନଥାଏ । ଶ୍ରୀମଦ୍ ଭଗବଦ୍ ଗୀତା ମତରେ ପରୋପକାର ଦ୍ୱାରା ହିଁ ମଣିଷ ବିଶ୍ୱପିତା ପ୍ରଭୁଙ୍କ ପୂଜା କରିଥାଏ ଏବଂ ସିଦ୍ଧି ଲାଭ କରିଥାଏ । ବିଶ୍ୱର ଜୀବଗଣଙ୍କ ଉପକାର କରିବା ଦ୍ୱାରା ହିଁ ବିଶ୍ୱପିତା ପ୍ରଭୁଙ୍କ ପୂଜା କରିଥାଏ ଏବଂ ସିଦ୍ଧି ଲାଭ କରିଥାଏ । ବିଶ୍ୱର ଜୀବଗଣଙ୍କ ଉପକାର କରିବା ଦ୍ୱାରା ହିଁ ବିଶ୍ୱପିତା ଆମ ଉପରେ ପ୍ରସନ୍ନ ହୋଇଥାନ୍ତି । ଏଣୁ ଏହା ହିଁ ବାସ୍ତବ ପ୍ରଭୁ ପୂଜା । ଏହା ହିଁ ବେଦର ଆଦେଶ ଓ ମର୍ମାର୍ଥ । ଏହାକୁ ଆମେ ପାଳନ କରୁଛେ କି? ଏବେ ଆସନ୍ତୁ ବିଗ୍ଭର କରିବା ପିତୃଶ୍ରାଦ୍ଧ ଅର୍ଥ କଣ ।

ପିତାମାତା, ପ୍ରାଣଦାତା ଓ ଅନ୍ନଦାତା – ଏ ତିନିକୁ ଧର୍ମଶାସ୍ତ୍ରରେ ପିତୃପୁରୁଷ ବୋଲି କୁହାଯାଏ । ସେମାନଙ୍କୁ ଜୀବିତାବସ୍ଥାରେ ଭୋଜନ, ବ  ଓ ଔଷଧ ଦାନ କରି ଯଥୋଚିତ ସେବାସତ୍କାର କରିବାର ନାମ ହିଁ ପିତୃଶ୍ରାଦ୍ଧ । ଶ୍ରାଦ୍ଧର ଅର୍ଥ ହେଲା ଶ୍ରଦ୍ଧାର ସହ ସେବା କରିବା ଓ ତତ୍ ପ୍ରୀତ୍ୟର୍ଥେ ଦାନ କରିବା । ଏହା ହିଁ ବେଦର ସିଦ୍ଧାନ୍ତ । ତେବେ ମୃତ ପିତୃପୁରୁଷଙ୍କୁ ଭୋଜନ ଓ ଆଚ୍ଛାଦନ ପାଇଁ ବ୍ରାହ୍ମଣମାନଙ୍କୁ ଯେଉଁ ଅନ୍ନ, ବସ୍ତ୍ର, ଅର୍ଥ ଦାନ ଦିଆଯାଏ, ସେ ସବୁ ଏକ ପରମ୍ପରା । କିନ୍ତୁ ଜୀବନ୍ତ ମତାପିତାଙ୍କର ସେବା ନ କରି ମଲାପରେ ସାଇଭାଇ ଓ ବ୍ରାହ୍ମଣଙ୍କୁ ଭୁରିଭୋଜନ ଦେବାରେ କେବଳ ଆତ୍ମବଡିମା ହିଁ ପ୍ରକାଶ ପାଇଥାଏ । ଏହାଦ୍ୱାରା ପିତୃପୁରୁଷ ପ୍ରସନ୍ନ ହୁଅନ୍ତି ନାହିଁ । ଇହ ଜନ୍ମରେ କରିଥିବା ପାପ ଓ ପୁଣ୍ୟ କର୍ମର ଫଳ ସ୍ୱରୂପ ମନୁଷ୍ୟକୁ ମୃତ୍ୟୁ ପରେ ତିନୋଟି ବସ୍ତୁ ପ୍ରାପ୍ତ ହୋଇଥାଏ । ସେଗୁଡିକ ହେଲା – ଶରୀର, ଆୟୁ ଓ ଭୋଗ । ଶରୀର ଅର୍ଥ ମନୁଷ୍ୟ ବା କୀଟପତଙ୍ଗ, ପଶୁପକ୍ଷୀ ମଧ୍ୟରୁ ଯେ କୌଣସି ଗୋଟିଏ ଶରୀର । ଆୟୁର ଅର୍ଥ ଏକ ନିର୍ଦ୍ଦିଷ୍ଟ ଆୟୁ । ଭୋଗର ଅର୍ଥ ସୁଖଦୁଃଖ ଭୋଗ । ଇହ ଜନ୍ମରେ କରିଥିବା ପାପ ବା ପୁଣ୍ୟ କର୍ମର ଫଳସ୍ୱରୂପ ମନୁଷ୍ୟକୁ ମୃତ୍ୟୁ ପରେ ପରମେଶ୍ୱରଙ୍କ ନିୟମ ଅନୁସାରେ ଉପରୋକ୍ତ ତିନୋଟି ବସ୍ତୁ ପ୍ରାପ୍ତ ହୋଇଥାଏ । ଜୀବାତ୍ମା ଏଭଳି ଏକନୂତନ ଶରୀରରେ ପଦାର୍ପଣ କରି ନିଜର

ପାପ ବା ପୁଣ୍ୟ କର୍ମର ଦୁଃଖ ବା ସୁଖ ଫଳକୁ ଭୋଗିବାରେ ଲାଗେ । ନିଜେ କରିଥିବା କର୍ମର ଫଳକୁ ନିଜକୁ ହିଁ ଭୋଗିବାକୁ ପଡେ । ମୃତ ପିତୃପୁରୁଷଙ୍କୁ ପୁଣ୍ୟର ଅଧିକାରୀ କରାଇବା ତାଙ୍କ ବଂଶଧରଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ଉତ୍ତରାଧିକାରୀମାନେ ମୃତ ପିତୃପୁରୁଷଙ୍କ ପୁଣ୍ୟକୁ ବା ପାପକୁ କଦାପି ବଢାଇ ବା କମାଇ ପାରିବେନି । ଧର୍ମନାମରେ ସମ୍ପ୍ରଦାୟ ଭିତ୍ତିରେ ମୃତ୍ୟୁ ପରେ ଅଲଗା ଅଲଗା ଶ୍ରାଦ୍ଧ ଦିଆଯିବା ପଦ୍ଧତି ବେଦ ମତେ ସମ୍ପୂର୍ଣ୍ଣ ଅମୂଳକ ।

ସାମ୍ପ୍ରତିକ ବିଶ୍ୱାସ ମତେ ପିତୃମାତୃ ଶ୍ରାଦ୍ଧ ବହୁ ଆଡମ୍ବର ସହକାରେ ସମ୍ପାଦିତ ହେଉଛି । ବ୍ରାହ୍ମଣଙ୍କୁ ଡାକି ବିଭିନ୍ନ ପୂଜା କର୍ମ, ବସ୍ତ୍ରବଣ୍ଟନ, ଭୋଜି ଆଦି ବାହ୍ୟ ଆଡମ୍ବରର ଫଳ ଶୂନ୍ୟ । ବେଦରେ ଏପରି ଶ୍ରାଦ୍ଧ ବ୍ୟବସ୍ଥା ନାହିଁ, ମାତ୍ର ସ୍ମୃତିଶାସ୍ତ୍ରରେ ଅଛି । ବେଦ ଓ ସ୍ମୃତିଶାସ୍ତ୍ର ଉଭୟ ହିନ୍ଦୁଧର୍ମର ଶାସ୍ତ୍ର । ମାତ୍ର ଏ ଉଭୟ ମଧ୍ୟରେ ବିରୋଧ ଉପସ୍ଥିତ ହେଲେ ବେଦ ହିଁ ଅନୁସର୍ତ୍ତବ୍ୟ ବୋଲି କୁହାଯାଇଛି – ଶ୍ରୁତିସ୍ମୃତି ଦ୍ୱୟୋର୍ମଧେ ଶ୍ରୁତି ଏବ ଗରୀୟସୀ । ଦୁର୍ଲ୍ଲଭ ମଣିଷ ଜନ୍ମ ପାଇ ବେଦ ମତେକାର୍ଯ୍ୟ ସମ୍ପାଦନ କଲେ ବିଶ୍ୱ ମାନବ ପ୍ରକୃତ ସନାତନ ହିନ୍ଦୁତ୍ୱକୁ ବଜାୟ ରଖିବାରେ ସହାୟକ ହେବ ।

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ମୁଣ୍ଡା ପାହାଡ



ସୂର୍ଯ୍ୟକାନ୍ତ ବେହେରା

ପ୍ରଗତି ନାଁ ରେ ପ୍ରକୃତିକୁ ଯିଏ ଧ୍ୱଂସ କରେ
ବଣମଲ୍ଲୀକୁ ବି ଫୁଟିବାକୁ ଦିଏନା
ମୂଲ୍ୟବାନ ଗଛ ସବୁକୁ ଘାସ ଭଳି
ପାଦ ତଳେ ଯିଏ ଦଳି ଦିଏ
ତା ପାଖରେ ମଲ୍ଲୀ ଫୁଲର ବାସନା ପାଇଁ
ସମୟ କାହିଁ ଯେ !

ପ୍ରକୃତିର ସବୁଜ ବନାନୀକୁ ଯିଏ
ଧୂଆଁରେ ଭର୍ତ୍ତି କରିଦିଏ
ଶାନ୍ତ ପରିବେଶ ଯୋଉଠି କଳକାରଖାନାର
କର୍କଶ ସ୍ୱରରେ ଗୁଞ୍ଜରି ଉଠେ,
ନିରୀହ ପଶୁ ବଦଳେ ଯୋଉଁଠି ମଣିଷ ରୂପି
ହିଂସ୍ର ପଶୁ ଆତଯାତ କରେ,
ସେଠି ପାହାଡି ପିଲାର ଗୀତ ଇ ବଂଶୀର ସୁର ଶୁଭେନ
ବରଂ ପାଶ୍ଚାତ୍ୟ ଗୀତର ନଗ୍ନ ଜିଭ
ତାକୁ ଅକ୍ଳେଶରେ ଗୃଟି ପକାଏ ।

ବଣଜାତ ଦ୍ରବ୍ୟ ବଦଳେ ମିଳେ ରସାୟନ ବର୍ଜୀ
କାମନା ଜର୍ଜରିତ ଆଖି ଦିଏ ଅକାଳରେ ଝଡ
ନିଜ ଗାଁ ପାହାଡରୁ ଖଦଡା ଖାଇଥିବା

ବାସହୀନଙ୍କୁ ମିଳେ ମିଛ ପ୍ରତିଶ୍ରୁତି ସାଙ୍ଗକୁ
ଆଜୀବନ ଯାଜାବରର ଜୀବନ ।

ଦିନ ଆସିବ,
ବଣ ପାହାଡକୁ ନେଇ କବିତା ଲେଖା ବନ୍ଦ ହେବ
ପାହାଡ ପର୍ବତ ପ୍ରକୃତିରେ ନୁହେଁ
ବହିରେ ଶୋଭି ପାଇବ, ଆଉ
ଘୃରିଆଡ ମଣିଷ ବଣ ପାଲଟିବ ।

ଦେଉଳଗ୍ରାମେଶ୍ୱର, ଜଗତସିଂହପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ହୁଅନ୍ତାନ

ବିଦ୍ୟାଧର ମିଶ୍ର

ମନ ଭିତରକୁ ଥରେ
ଦେଖି ହୁଅନ୍ତାନ?
କେମିତିକେତେ ସବୁ
ସ୍ୱପ୍ନ ସବୁ ଖୁନ୍ଦା ଖୁନ୍ଦି
ସଜେଇ ହେଇଛି

ଝରକା ଫାଙ୍କରୁ ଦେଖାହୁଏ
ପଡିଶା ଘର ମଉସା
ଅଶୀ ବସନ୍ତର ଭଙ୍ଗା ମନନେଇ
ଖବ୍‌ ପିଉଛନ୍ତି

ଶୀତ ସକାଳର କଅଁଳ
ଖବ୍‌ସବୁ ସୁନା ରଙ୍ଗରେ ଖେଳୁଛି
ଚଉଁରି ପୂଜା ଧୂପର କୁଣ୍ଡଳୀ ଧୂଆଁ
ମିଳେଇ ଯାଇଛି
ଶୂନ୍ୟରେ ମହା ଶୂନ୍ୟକୁ

ସେଇମିତି କଣ ମୋର
ଆମ ସମସ୍ତଙ୍କର ସଜଡା
ସ୍ୱପ୍ନ ଉଜୁଡି ଯିବ
କୁଣ୍ଡଳୀ ହୋଇ ମିଶିଯିବ
ଇଥରେ ଇଥରେ....

ଯାଜପୁର ଟାଉନ

# ଶିଶୁ



ଧୀରେନ୍ଦ୍ର କୁମାର ପ୍ରଧାନ

ସୃଷ୍ଟିକର୍ତ୍ତାଙ୍କ ମହାନ  ସୃଷ୍ଟି ରେ
ଦେବ ଦାନବ ପଶୁ ପକ୍ଷୀ ସରୀସୃପ କୀଟ ପତଙ୍ଗ
ଆଉ ମହାକାୟ ନୀଳତିମୀରୁ ଆରମ୍ଭ କରି
କ୍ଷୁଦ୍ରାତିକ୍ଷୁଦ୍ର ଜୀବଟିଏ ଯାଏଁ
ତଥା ଶେଷରେ ସର୍ବ ବୁଦ୍ଧିମାନ
ଏକ ବିବେକବାନ ହୃଦୟ ର ଅଧିକାରୀ ମାନବ ଯାଏଁ
ଭୋଗିଛନ୍ତି ସମସ୍ତେ ଶୈଶବ ।

କୋମଳ ମୃଦୁମତି ଚପଳ ଚଞ୍ଚଳ
ଓଠରେ ବିସ୍ତୀର୍ଣ୍ଣ ଗୋଲାପ ବଗିଚ୍ଚର ଲାଲିମାରେ
ସୁନ୍ଦର ସଂସାରର ପରିବ୍ୟାପ୍ତତା
ଠୁମୁକୁ ଚାଲିରେ ତା ସମ୍ମୁଖ ପଥ ସବୁ ପ୍ରଶସ୍ତ ହୋଇଯାନ୍ତି
ହାତ ଠାରି ଡାକନ୍ତି ସେପଟ ମୁଣ୍ଡ ରୁ ମହନତା ର ଶିଖର ସବୁ
ନିଷ୍କପଟ ନିର୍ଲୋଭ ହୃଦୟ ତା ଢଳଢଳ ଶ୍ୱେତପଦ୍ମ
ରିପୁହୀନ ସ୍ୱଚ୍ଛତାରେ ଭରିଦିଏ ସ୍ୱରରେ ସଚ୍ଚୋଟ ବଂଶୀସ୍ୱନ
ଆଉ ତାର ଅଝଟ ପଣରେ ଥାଏ ଅମାନିଆ ଝରଣାର କୁଳୁକୁଳୁ ନାଦ।

ଶିଶୁଟିଏ ତୃଣଟିଏ ଅଙ୍କୁରିତ ଗଛଟିଏ
ଶିର ପ୍ରଶିରରେ ରଖିଥାଏ ଲୁଚାଇ
ମହାଦ୍ରୁମର ବିଶାଳକାୟା ର ବ୍ୟକ୍ତିତ୍ୱ
ସମୁଦ୍ରର ଜୁଆରର ଉଦ୍ଦାମତା ତଥା ଗର୍ଭର ସ୍ଥିରତା
ନଦୀର ପ୍ରଖରତା
ଆଉ ହିମାଳୟ ପରି ନଭଶ୍ଚୁମ୍ବୀ ବକ୍ଷ ଭିତରେ
ଆକାଶ ପରି ମାନବତା ଧର୍ମୀ ହୃଦୟ ଟିଏ।
ରଖିଥାଏ ଅସୀମ ଶକ୍ତି କୋଟୀସୂର୍ଯ୍ୟର
ପ୍ରକାଶିତ କରେ ଯୌବନରେ।।।।।।।।

କଞ୍ଚା ମାଟି ପିତୁଳା ଟିଏ ଶିଶୁ ।
ହେବାପାଇଁ ସଂସାର ର ଚାଳକ ନାୟକ କରିତକର୍ମା ମଣିଷ
ଦରକାର ସଂସ୍କାରର ସେନେହ ପରଶ କେବଳ
ଶିଶୁବି ଥିଲେ ମହାତ୍ମା ବୁଦ୍ଧ ଭଗତ ସୁବାଷ
କଲାମ ଅଟଳ ।

ଶିଶୁ ଟିଏ ।ଛୋଟ ଭଗବାନ ଟିଏ।।।।।
ଏ ସଭ୍ୟତା ସଂସ୍କୃତି ର ପ୍ରତିନଧି ଟିଏ।।।।

ଝଜିରୀ, ଅନୁଗୋଳ

# ମୁକ୍ତିର ଆନନ୍ଦ



ଶ୍ରୀ ଅଖଣ୍ଡ

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଓ କରୁଣା ଏତେ ଯେ ତାଙ୍କ ପାଦପଦ୍ମରେ ଧ୍ୟାନ କରିବା ଲାଗି କୈଳାଶପତି ମହେଶ୍ୱର ମଧ୍ୟ ଆକୁଳ । ସେ ପ୍ରଭୁଙ୍କର ବଡ ଭକ୍ତ । ନିତ୍ୟ ନିରନ୍ତର ପ୍ରଭୁଙ୍କ ନାମ ଧ୍ୟାନରେ ମଗ୍ନ ରହିଥାନ୍ତି ଦେବଦେବ ଶିବ । ତା'ହେଲେ ଆମେ ଅବା କିଏ ? ସାରା ଜଗତ ପ୍ରଭୁଙ୍କୁ ଦେଖିବା ଓ ଅନୁଭବ କରିବା ଲାଗି ବ୍ୟାକୁଳ । ତାଙ୍କ ଶ୍ରୀମୁଖ ଦର୍ଶନ କରିବା ଲାଗି ପାଗଳ । ପ୍ରଭୁ ଓ ତାଙ୍କ ନାମର ମହିମା ବି ସେମିତି । ଜଗନ୍ନାଥ ନାମ ହେଉଛି ଅମୃତ ସମାନ । ଅମୃତରେ ସିନା ଅମରତ୍ୱ ପ୍ରାପ୍ତି ହୁଏ, କିନ୍ତୁ ପ୍ରଭୁଙ୍କ ନାମ ରସରେ ମଜ୍ଜିଗଲେ ସଂସାର ରୂପକ ବନ୍ଧନରୁ ମୁକ୍ତି ମିଳେ । ଭକ୍ତକୁ ମୋକ୍ଷ ପ୍ରାପ୍ତି ହୁଏ । ସେ ପ୍ରଭୁଙ୍କ ଠାରେ ଲୀନ ହୋଇଯାଏ । ସେଥିପାଇଁ ଦେବତା ମାନେ ଅମୃତ ପାଇ ମଧ୍ୟ ବାରମ୍ବାର ଏହି ଧରାପୃଷ୍ଠକୁ ଆସନ୍ତି, ନାମାମୃତ ପାନ କରିବାକୁ । ଜଗନ୍ନାଥ ନାମ ହିଁ ମୋ ପାଇଁ ଧର୍ମ । ମତ ଓ ପନ୍ଥ ଭିତରେ ଥିବା ମତ ପାର୍ଥକ୍ୟ ଭିତରେ ମୁଁ ପ୍ରବେଶ କରିବାକୁ ଚାହେଁନା । ସବୁ ଧର୍ମମତ ଛାଡି ଦେଇ ମୁଁ ଜଗନ୍ନାଥଙ୍କ ଶରଣାପନ୍ନ ହୋଇଛି । ତାଙ୍କରି ଚରଣରେ ମୋର ସ୍ଥାନ । ତାଙ୍କ ଶରଣ ମୋ ପାଇଁ ପରମ ଧାମ । ଭକ୍ତି ଭାବରେ ମଜ୍ଜି ଯାଇଛି ଓ ହଜିଯାଇଛି । ସେହି ବ୍ରହ୍ମା, ସେଇ ଶିବ । ଏକ ଈଶ୍ୱର । ରୂପ ଭିନ୍ନ । ଜଗତରେ ଧର୍ମ ସଂସ୍ଥାପନ କରି ଅଧର୍ମକୁ ବିନାଶ କରନ୍ତି ମହାପ୍ରଭୁ । ସମଗ୍ର ସଂସାରର ନାୟକ ହେଉଛନ୍ତି ଶ୍ରୀଜଗନ୍ନାଥ । ସେ ହିଁ ମୁଖ୍ୟ ବିନ୍ଦୁ । ତାଙ୍କରି ଚାରିପାଖରେ ଆମେ ଘୁରିବୁଲୁଛେ । ପ୍ରଭୁଙ୍କ ପ୍ରକାଶରେ ସାରା ଜଗତ ପ୍ରକାଶିତ । ତାଙ୍କରି ଇଚ୍ଛାରେ ସବୁଆଡେ ଆଲୋକିତ ହୋଇଛି । ସେ ଆମକୁ ଅଜ୍ଞାନ ଅନ୍ଧାରରୁ ଆଲୋକ ଆଡକୁ ଆଣନ୍ତି । ଆମେ

ତାହା ଅନୁଭବ କରିବା ଦରକାର । ସୂର୍ଯ୍ୟ, ଚନ୍ଦ୍ର ଓ ତାର୍‌ ମାନଙ୍କରେ ଏହି ଜଗତ ଆଲୋକତ ହେଉଛି । ଜଗନ୍ନାଥଙ୍କ ଦୁଇ ନୟନ ସଦୃଶ ରହିଛନ୍ତି ସୂର୍ଯ୍ୟ ଓ ଚନ୍ଦ୍ର । ପୁନଶ୍ଚ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜ୍ୟୋତି ତ କୋଟି ସୂର୍ଯ୍ୟର ତେଜ ଠାରୁ ଅଧିକ । ତାଙ୍କରି ଆଲୋକରେ ଆମକୁ ଦୃଷ୍ଟିଶକ୍ତି ମିଳଛି । ନହେଲେ ଏ ଜଗତ ଅନ୍ଧକାର ହୋଇଥାନ୍ତା । ଆମେ ସବୁ ଅନ୍ଧାରରେ ଥାନ୍ତେ । ପ୍ରଭୁ ତିନଲୋକର ପାଳନ କର୍ତା । କେବଳ ମଣିଷ ନୁହେଁ, ଚର୍‌ଚର ସମସ୍ତଙ୍କୁ ସେ ପାଳନ କରୁଛନ୍ତି । ଜଗତର ଜନକ ସେହି, ଜଗତର ଜନନୀ ମଧ । ଭଗବାନ ସବୁଠି ଦେଖାଯାଉଛନ୍ତି । ଆକାଶରେ ମହାପ୍ରଭୁଙ୍କ ସୁନ୍ଦର ଚକାଆଖି । ସ୍ଥଳଭାଗର ସବୁଠାରେ ପ୍ରଭୁଙ୍କ ଲୀଳା ଅନୁଭୂତ ହେଉଛି । ଜଳର ଲହରିରେ ମଧ ପ୍ରଭୁଙ୍କ ରୂପକୁ ମୁଁ ସ୍ପଷ୍ଟ ଦର୍ଶନ କରୁଛି । କେଉଁଠି ନାହାନ୍ତି ଯେ ମୋର ପ୍ରଭୁ ! ଆପଣ ବି ଦେଖନ୍ତୁ ଓ ଅନୁଭବ କରନ୍ତୁ । ସେ ଭକ୍ତର ଇଛାରେ ଭକ୍ତକୁ ଅନୁଭୂତି ପ୍ରଦାନ କରନ୍ତି ଓ ଦର୍ଶନ ଦିଅନ୍ତି । ଆପଣ ବି ପ୍ରଭୁଙ୍କୁ ପାଖରେ ଅନୁଭବ କରିପାରିବେ । ସଂସାରରେ ସଫଳତା ପାଇଁ ଆମେ କେତେ କଣ କରୁଛେ । ଥରେ ଭଗବାନଙ୍କୁ ସ୍ମରଣ ମନନ କରନ୍ତୁ। ତାଙ୍କୁ ପାଖରୁ ଦେଖିବାକୁ ଚେଷ୍ଟା କରନ୍ତୁ । ଆମେ ସଂସାର ଭିତରେ କେତେ ଘାଂଟି ହୋଇଛେ । ଶାନ୍ତି ଖୋଜୁଛେ, ସୁଖ ଖୋଜୁଛେ ।

ଜୀବନରେ ଜଗନ୍ନାଥ ନାମକୁ ନଜର ଦୀକ୍ଷା ଭାବେ ଗ୍ରହଣ କଲେ, ସଂସାର ଜଂଜାଳ ଭିତରେ ମଧ ଆପଣ ମୁକ୍ତିର ଆନନ୍ଦ ଅନୁଭବ କରିବେ ।

ଦୀକ୍ଷା ମିଶନ, ପିପିଲି, ପୁରୀ

# ବାପା - ଏକ ନଆର୍ ଶପଥ



ଧ୍ରୁବ ଚରଣ ମହାନ୍ତି

ଦୁନଆକୁ ଆଣି ମୋ ପାଇଁକି ତୁମେ
ଦେବତା ପାଲଟି ଗଲ
ଜାଣିଛି ମୁଁ ବାପା ତୁମରି ଆଖିରେ
ମୁଁ ପର୍ ଅମୂଲ ମୂଲ ।୧।

ଦିନ ରାତି ସବୁ ଏକାଠି କରିକ
ଯତନ ନେଇଛ ମୋର
କୋଳେଇ କାଖେଇ ବଢେଇଛ ମୋତେ
ଶିଖେଇଛ ହସ୍ତାକ୍ଷର ।୨।

ଗ୍ଲୁଥିଲା ବେଳେ ଝୁଣ୍ଟି ପଡିଲେ ମୁଁ
ଉଠେଇ ନେଇଛ ହାତେ
ଝାଡିଝୁଡି ଦେଇ କାନ୍ଧରେ ବସେଇ
ବୁଲେଇଛ ମୋତେ କେତେ ।୩।

ଅଭାବରେ ରହି ସ୍ୱଭାବ ଶିଖେଇ
ଗଢିଲ ଜୀବନ ମୋର
ସୁନ୍ଦର ସୃଷ୍ଟିରେ ମୋପାଇଁକି ତୁମେ
ବ୍ରହ୍ମା ବିଷ୍ଣୁ ମହେଶ୍ୱର ।୪।

ସୁଖରେ ଦୁଃଖରେ ଠିଆ ହୋଇଅଛ
ମହାଦ୍ରୁମ ଟିଏ ସାଜି

ହାରି ଯାଇଛି ସେ ଅନେଶତ ବାତ୍ୟା
ସାକ୍ଷୀ ଏ ଦୁନଆ ଆଜି ।୫।

କାନ୍ଧରେ କାନ୍ଧକୁ ମିଶେଇ ଗ୍ଭଲିଛ
ହୋଇଗଲି ଯେବେ ବଡ
ପାଖ ପଶି ନାହିଁ ବିପଦ କ ଭୟ
ଦୂରେଇ ରହିଛି ଝଡ ।୬।

ପାଇଛି ସେନେହ ଶରଧା ତୁମଠୁ
ଯତ୍ନ ରତ୍ନ ଠାରୁ ବେଶି
ଭୁଲିକ ପାରିବି ବାପା ମୁଁ ତୁମକୁ
ହେଲ୍ ବୋଲି ଆଜି ଅଶି ।୭।

ପୂଜୁଛି ତୁମରି ପାଦପଦ୍ମ ଦ୍ୱୟ
ପୂଜୁଥିବି ଚର କାଳ
ବୟସ ସଂଜରେ ଏଇମୋ କୋଳରେ
କାଟି ଦେବ ତୁମ ବେଳ ।୮।

ଗରବ କରୁନ ଗର୍ବରେ କହୁଛି
ନର୍‌ଶା ହେବନ କେବେ
କେଉଁଥିରେ ଯଦି କମି ହେବ ବାପା
ଡାକକ କହିବ ତେବେ ।୯।

ତୁମ ମୋ ସଂପର୍କ ଭକ୍ତ ଭଗବାନ
କାଲି ଥିଲ୍ ଆଜି ଅଛି
କାଲିବି ରହିବ ଦୁନଆ ଦେଖିବ
ଆଜି କଥା ଦେଉ ଅଛି ।୧୦।

ଚକର ପୁର, ଗୌଡ ଗୋପ,
ମାହାଙ୍ଗା, କଟକ

# ନାରୀ

ଶକ୍ତିଦା ବିଶୋଇ

ନାରୀ ନୁହେଁ ତୁ ନାରାୟଣୀ
ନାରୀ ନୁହେଁ ମାଟି ମାଆଟି ଗରିମ
ପୃଥିବୀ ଠାରୁ ଗଭୀର
କେତେ ଅଳ କେତେ ଅରଦଳ ସହି
ବୋହିଛି ଗୃହର ଭର।
ସେହି ଅନୁପାତେ ସମ୍ମାନ ମିଳଲେ
ପ୍ରାଣ ହେବ ପଲ୍ଲବିତ
ଲତା ପାଇ ଆଶ୍ରା ଅଜାଚତ
ଯୋଗାଇବ ଫୁଲ ଫଳ।
ନାରୀ ଜୀବନଟା ଲତାର ସଦୃଶ୍ୟ
ଗୃହିଁ ରହି ଥାଇ ଆଶ୍ରା
ଆଶ୍ରା ଯେବେ ତାକୁ ମିଳବ ସର୍ବଦା
ସୃଷ୍ଟିର କରିବ ରକ୍ଷା।
ନାରୀ ନୁହେଁ ସେତ ସ୍ୱୟଂ ନାରାୟଣୀ
ସଦା ମଙ୍ଗଳ କାରିଣୀ
ତାର ବିନା କେବେ ଆଶ୍ରା ନ ମିଳଇ
ତା ହୃଦ କୋଳ ଧରଣୀ।
ପିତା କୂଳ ପତି କୂଳର ଗୌରବ

ସୈଉନ୍ଦର୍ଯ୍ୟ ଶିକ୍ଷା ସୁରକ୍ଷା
ଗରିୟସୀ ନାରୀ ନୁହଁଇ ଅଇରି
ଦୁଇ କୂଳ କୁ ସେ ହିତା।
ଆଧୁନିକା ନୋହି ତପସ୍ଵିନୀ ହୋଇ
ସତି ଅଧର୍ମ ରକ୍ଷା କରି
ଶିକ୍ଷା ଲାଭ କରି ବେଦ ଅଧାୟରେ
ହେବା ମଦାଳସା ପରି।
ଗାର୍ଗି, ସୀତା ଭଦ୍ରା ଅନୁସୟା ଶଚ
ଅହଲ୍ୟା ଶବ୍ୟା ଶାଶ୍ଵତୀ
ଦମୟନ୍ତୀ କୁନ୍ତୀ ସୁଲଭ୍ ସାବିତ୍ରୀ
ପରି ହେବା ବେଦ ସତୀ।

ସୋରଡା, ଗଂଜାମ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ଵରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପ୍ରଜ୍ଞାନର ସ୍ୱପ୍ନ



ପ୍ରଦୀପ କୁମାର ନାୟକ

ଅନ୍ତର ଫଟା କୋହ – ବେଦନାରେ
ଗୁମୁରି ଗୁମୁରି କାନ୍ଦୁଥିଲା ପ୍ରଜ୍ଞାନ
କ୍ରୋଧ ଜର୍ଜରିତ କଣ୍ଠରେ
ଅବୁଝା ସ୍ୱରରେ – ବିଳାପ କରୁଥିଲା
ବ୍ୟର୍ଥ ହୋଇଗଲା – ତାର ସ୍ୱପ୍ନ ସବୁ
ମଉଳଗଲା ଚନ୍ଦ୍ରମାକୁ ଛୁଇଁବାର ଆଶା
ତା ବୁକୁରେ ପାଦଥାପି
ପରଖିବାକୁ ତା ଦେହର ଉଷ୍ଣତା
ନିରେଖି ଦେଖିବାକୁ –
ତା ରୂପ ଲାବଣ୍ୟର ଛବି,
ଧିକ୍କାର ଦେଉଥିଲା –
ବିକ୍ରମ ର ଅପରିଣାମ ଦର୍ଶୀ ପ୍ରଚେଷ୍ଟାକୁ
ଚନ୍ଦ୍ରମା ର ଦୁର୍ବାର ଆକର୍ଷଣ ରେ
ଆକର୍ଷିତ ବିକ୍ରମ ମଦମତ୍ତ ହୋଇ
କକ୍ଷ୍ୟଚ୍ୟୁତ ହେଲା
ପରିଣାମ କୁ ଉପେକ୍ଷା କରି

ପରିଣତିର କୁପରିଣାମ

ଭୋଗିବାକୁ ପଡୁଛି ଆଜି

ସୁଯୋଗ୍ୟ ଆବିଟର

ଦୁଃଖ ରେ ମ୍ରିୟମାଣ

ବ୍ୟର୍ଥ ତାରେ ଚେଷ୍ଟା – ପ୍ରଚେଷ୍ଟା

ପାଉନ ଖୋଜି ବିକ୍ରମର ସତ୍ତା

ଚଳଚଞ୍ଚଳ ନାସା ଆଜି ସ୍ତବ୍ଧ-ନଶବ୍ଦ

ଅଧୁର୍‌ ଶିବନ ଙ୍କ ସ୍ୱପ୍ନ

ସଫଳତାର ଅନ୍ତିମ ପାହାଚରେ

ଝୁଣ୍ଟିଗଲ୍ ଅପହୃଦ ଲେଣ୍ଡର

ଆଶା ସବୁ ଉଦ-ବୁଦ ହୋଇ

ମିଳାଇ ଗଲ୍ ନୈିର୍ଶ୍ୟରେ

ସମସ୍ତ କଲ୍ପନା – ଜଳ୍ପନା ର

ଅନ୍ଧାର ଭିତରେ ଚୁପ୍ ହୋଇଗଲ୍

ମିଶନ ଚନ୍ଦ୍ରାୟନ – ଦୁଇ

ବାରିପଦା, ଓଡିଶା

# ଛୋଟ ମୋର ନାଆଟି

**(ଧାରାବାହିକ)**



ପ୍ରଫେସର ଅଜନ୍ତା ପଣ୍ଡା

## ୧୭- ବିଜେବି କଲେଜ

**ବିବାହ ଝଲକ:-**

ବିଜେବି କଲେଜରେ କେମିତି ଦୁଇ ବର୍ଷ କଟିଗଲା ମତେ ଜଣା ପଡିଲାନ । ପ୍ରି ପ୍ରଫେସନାଲ୍ ଫାଇନାଲ୍ ପରୀକ୍ଷା ଶେଷ ହୋଇଯାଇଛି । ସମସ୍ତେ ଗାର୍ଲସ୍ କମନ୍ ରୁମରେ ବସି ହୋ ହାଲ୍ଲା କରୁଥିଲେ । ଗାର୍ଲସ୍ କମନ୍ ରୁମ୍‌ର ପଶ୍ଚିମକୁ ପ୍ରିନ୍‌ସିପାଲ୍‌ଙ୍କ ଅଫିସ୍, ପୂର୍ବକୁ କରିଡର, ଦକ୍ଷିଣରେ ବାହାରକୁ ଯିବାପାଇଁ ଦୁଇଟା କବାଟ ଖୋଲା ମୁକ୍ତ ଅଗଣାକୁ । ଉତ୍ତରରେ ଗୋଟିଏ ବଗିଚା, ବଗିଚାକୁ ଲାଗି ବିରାଟ ପାଚେରୀ । ବଗିଚାକୁ ଦୁଇଟି ଝରକା ଉନ୍ମୁକ୍ତ । ଏଇ ବଗିଚାଟି ପ୍ରିନ୍‌ସପାଲ୍‌ଙ୍କ ଝରକା ଆଡକୁ ବିସ୍ତୃତ ତେଣୁ ଖୁବ୍ ସୁନ୍ଦର । ମାଲୁ(ମାଳୀ)ୟାର ସ୍ପେଶିଆଲ ଯତ୍ନ ନଏ । ଝରକା ପାଖରେ ବସି ବଗିଚା ଉପଭୋଗ କରିବାକୁ ଖୁବ୍ ଭଲ ଲାଗେ । ତେଣୁ ସାଙ୍ଗମାନେ ହୋ ହଲ୍ଲା କରୁଥିବା ସମୟରେ ମୁଁ ନୀରବରେ ବସି ସେଇ ବଗିଚା ଆଡକୁ ଚାହିଁ ରହିଥାଏ । ମାତ୍ର ସାଙ୍ଗମାନେ ତାହା କରାଇ ଦେଇନଥାନ୍ତି । ଆଜି ସେଇ ବଗିଚାକୁ ଶେଷଥର ପାଇଁ ଆଖି ପୁରାଇ ଦେଖିବା ପାଇଁ ବସି ଗଲି । ସବୁଦିନଆ ରୀତି ନୀତି ଆରମ୍ଭ ହେଲା, ମାନସୀ, ନୟନା, ଶୈଳ, ସଂଘମିତ୍ରା ଆସି ପାଖରେ ବସିଲେ । ମିତା(ସଂଘମିତ୍ରା) ଆରମ୍ଭ କଲା:

"ତୁମେମାନେ କେତେ ଲକ । କଲେଜ ପଢା ଶେଷ, ଏବେ ସବୁ ମେଡିକାଲ କଲେଜକୁ ଯିବ। ଆମକୁ ଆହୁରି ବର୍ଷେ ରଗଡିବାକୁ ହେବ ।"

ଆମେ ବର୍ଷେ ଆଗରୁ ରଗଡା ଆରମ୍ଭ କରିଥିଲୁ ଯେ, କହିଲା ଶୈଳ । ଶୈଳଟା କଲେଜରେ ମୁହଁ ଖୋରୀ ରୂପେ ପରିଚତ । ସେ ଯେତିକ ବେଶୀ ଚବର ଚବର ହୁଏ, ନୟନା, ମାନସୀ ସେତିକ ବେଶୀ ଚୁପ୍ ଗୃପ୍ । ଟିକଏ ରହି ପୁଣି ଶୈଳ ଆରମ୍ଭ କଲା - ତତେ କଏ କହିଲା ଯେ ଆମେ ସମସ୍ତେ ପାସ୍ କରିଯିବୁ ବୋଲି । ଏମାନଙ୍କ କଥା ଛଆଡ଼ । ମୋର ଆଶା ନାହିଁ ।

ଆମକୁ ବି ସେଇଆ ମନେ ହେଉଛି, ଏକା ସଂଗେ କହି ଉଠିଲେ ମାନସୀ ଆଉ ନୟନା । ଛୁଟୀରେ କ'ଣ ସବୁ ପ୍ରୋଗ୍ରାମ କରାଯାଇପାରେ । ସେଇ ହେଲା ଆଲୋଚନାର ବିଷୟ ବସ୍ତୁ ।

ତୁ ତ ମେଡିକାଲ ଯିବାପାଇଁ ଆୟୋଜନ କରିବୁ । କହିଲା ମାନସୀ ।

ସତ କହିବି ମାନସୀ, ମୋର ମେଡିକାଲ ଯିବାକୁ ଜମା ଇଚ୍ଛା ନାହିଁ, ନଟବର ସାର୍ (ନଟବର ସାମନ୍ତରାୟ) ଙ୍କ ଭଳ ଓଡ଼ିଆ ପ୍ରଫେସର ହେବାପାଇଁ ଇଚ୍ଛା ।

କେହି କାହାଭଳ ହୋଇପାରନ୍ତିନ, ସମସ୍ତଙ୍କର ନଜ ନଜର ଇନ୍ ବିଲ୍ଟ ଆଇଡେଣ୍ଟିଟି ଥାଏ । ନଟବର ସାର୍ ଓଡିଆରେ ଓଡିଶା ପ୍ରସିଦ୍ଧ, ହୁଏତ ତୁ ଡାକ୍ତର ହୋଇ ବିଶ୍ୱପ୍ରସିଦ୍ଧ ହେବୁ । କହିଲା ଶୈଳ ।

କଥା କହିବା ପ୍ରତିଯୋଗୀତା ହେଲେ ମୁଁ ଦୃଢ ଭାବେ କହିପାରେ ତୁ ପ୍ରଥମ ସ୍ଥାନ ଅଧିକାର କରିବୁ । ମତେ ତୋ ଭଳ କଥା କହିବା ଶିଖାଇ ଦେ ନା ।

ହଁ ଶିଖାଇବାକୁ ତ ପଡିବ, ତୁ ଆମକୁ ପାଠ ପଢାଇଛୁ ।

ମୁଁ ବହୁତ ସ୍ୱାର୍ଥୀ ଶୈଳ, ତୁମମାନଙ୍କୁ ବୁଝାଇଲେ ମୋର ରିଭିଜନ ହୋଇ ଯାଉଥିଲା ।

ସେଇ ତ ତୋର ଗ୍ରେଟନେସ୍, ବଉଳ ସଂଗେ ମୁଁ ଜନ୍ମରୁ ଅଛି । ସ୍କୁଲ୍, କଲେଜ ସବୁ ଏକାଠି, କେବେ ଥରଟେ ମୁଁ ତା ଠାରୁ ସାହାଯ୍ୟ ପାଇଛି?

ଆମେ ସମସ୍ତେ ତ ପାସ୍ ହୋଇଯିବା । ମୋ ମନ ଦୁଃଖ ହେଉଛି ଆଉ ଜୀବନରେ ବଟନୀ ପଢି ପାରିବିନି । କଥାର ମୋଡ ବଦଳାଇ କହିଲି ।

ନନାମାନଙ୍କ କଥାରୁ ବାହାରିଯା, ବଟାନୀ ଅନର୍ସ ନେଇ ପଢ । ମୋ ପାଇଁ ଭଲ । ତୋ ସାଙ୍ଗରେ ପାଠ ନ ପଢି ପାରିଲେ କ'ଣ ହେଲା, ଏକାଠି ଏଇ ଭୁବନେଶ୍ୱରରେ ତ ରହିବା ।

ଶୈଳ ଠିକ୍ କହୁଛି, କାଞ୍ଚନ ଅପା (ନୟନାର ବଡ ଭଉଣୀ) ଗତବର୍ଷ ମେଡିକାଲରେ ପଶିଛନ୍ତି । ଦିନଗ୍ରତି କାନ୍ଦୁଛନ୍ତି । ମେଡିକାଲ ପାଠ ବହୁତ କଷ୍ଟ । ଜାଣିଛୁ, ନଜ ହାତରେ ଶବ କାଟିବାକୁ ପଡେ । ଛିଃ, ପୁଣି ସେଇ ହାତରେ ଭାତଗୁଣ୍ଡା ପାଟିକୁ ନେବ । କହିଲା ପ୍ରଭାତ ।

ରଖ୍ ରଖ୍ ସେତିକି । ପ୍ରଭାତ, ତୁ ତ ମେଡିକାଲ, ନୟନା ତେତେ ବି ଡିସାବଲ୍ କୋଟାରେ ମେଡିକାଲ ମିଳିଯିବ । ଆଉ ମାନସୀ ! ବାପାଙ୍କ ବଡ ପୋଷ୍ଟର ବ୍ୟବହାର କରିବ । ମୁଇଁ ଏକା ରହିଯିବି ।

ହଠାତ୍ ପାଟିଗୋଳ ବନ୍ଦ ହୋଇଗଲା ।

ଆମ ହୋ ହଲ୍ଲା ପ୍ରିନ୍ସିପାଲଙ୍କ ଅଫିସକୁ ଶୁଣାଗଲା ବୋଧେ । ପିଅନ ପଠାଇଛନ୍ତି, ଶୈଳକୁ ପ୍ରିନ୍ସପାଲଙ୍କ ଅଫିସ ଯିବାକୁ ହେବ । ବହୁତ ଭଡ ଭଡ କରୁଥିଲା । ଫୁସ୍ ଫୁସ୍ କରି ମୋ କାନରେ କହିଲା ମାନସୀ ।

ମତେ? ଆରେ ପ୍ରଭାତ ଆଗରେ ମୁଁ କଏ? ହେଲେ ଆମେ ସମସ୍ତେ ଭୁଲ୍ ଥିଲୁ ।ସ୍ରମୁ ସଂଗେ ଜଣେ ପୃଥୁଳ କାୟା ଭଦ୍ରମହିଳା । ଗ୍ୱରିଆଡକୁ ନଜର ପକାଇ କାହାକୁ ଯେମିତି ଖୋଜୁଥିଲେ ।

ଦେଖ୍ ଦେଖ୍ ସୁସଜ୍ଜିତ ଗୋଟିଏ ଗୁଣ୍ଡୁଣୀ ହାତୀ ।

ସେମିତି କାହାକୁ କୁହାଯାଏନା ଶୈଳ ।

ଆରେ ପଛକୁ ଦେଖ ନା, ପୁଣି ମତେ କହିବୁ ।

ପ୍ରଥମତଃ ପଛକୁ ବୁଲି କାହାକୁ ଦେଖିବା ଅଯୌକ୍ତିକତା । ଦ୍ୱିତୀୟରେ ତୁ ବର୍ତ୍ତମାନରେ ବିଶ୍ୱାସ କରୁ । ଅତୀତ,ଭବିଷ୍ୟ ତୋ ପାଇଁ ମାନେ ରଖେନା ।

ଗ୍ରେଟ୍ ୟାର ।

ସେ ୟାର ଫ୍ୟାର ମତେ କହିବୁନ । ତାହା ମତେ କଏ ଗାଳ ଦେବା ଭଳ ଲାଗେ ।

ସବୁ ବିଷୟରେ ଆଗକୁ ହେଲେ କ'ଣ ହେବ? ମୁଁ ତୋ ଠାରୁ ହିନ୍ଦୀରେ ଆଗ, ମନେ ରଖିଥା ମୁଁ ତୋ ଠାରୁ ପରିଚୟ (ହିନ୍ଦୀ ପରୀକ୍ଷା)ରେ ଆଗେ ରହିବି ।

ତୁମ ମାନଙ୍କର ସ୍କୁଲରେ ହିନ୍ଦୀ ଥିଲା । ମୁଁ ୟା ପୂର୍ବରୁ କେବେ ହିନ୍ଦୀ ପଢିନଥିଲି । ଅ...ଆ..ଡ ଏଇ ବର୍ଷ ଶିଖିଲି ।

ଆଡେ ଗୃହିଁଲୁ, ମୁଁ କଏ?

ଭଦ୍ର ମହିଳାଙ୍କ ସ୍ୱରରେ ମୁଁ ପ୍ରକୃତିସ୍ଥ ହେଲି । ମୁହଁଟା ଖୁବ୍ ପରିଚତ, ମାତ୍ର ଅନ୍ୟ ସବୁରେ ପରିବର୍ତ୍ତନ । ପ୍ରଥମତଃ ସେ ଦିନର ସେଇ ସାଲୁଆର କମିଜ ନୁହେଁ, ପରିଧାନ ଖୁବ୍ ଦାମୀକା ଏକ ସମ୍ବଲପୁରୀ ସିଲକ୍ ଶାଢୀ, କାନର ସେ ଫାଶିଆ (ରିଙ୍ଗ) ନାହିଁ ବଡ ଝୁମୁକୀ, ଗଳାରେ ସେ ଲମ୍ବା ସରୁଚେନ୍ ବଦଳରେ ଏକ ଗୃରିଇଞ୍ଚ ଚଉଡାର ସୁନାହାର, ହାତରେ ୩-୪ଟା ମୁଦି, ସେଥିରୁ ଗୋଟାଏ ଖୁବ୍ ଚକ ମକ୍ କରୁଛି । ଡାୟମଣ୍ଡ ହୋଇଥିବ ।

ଗୀତା, ଭଗବତଙ୍କ ପାଦରେ ମୋର ସାଦର ନମସ୍କାରମ୍ ।

ମୁଁ ତୋ କଲେଜୀ ବନ୍ଧୁ ମାନଙ୍କ ମଧ୍ୟରୁ ନୁହେଁ ।

ଠିକ୍ ଅଛି, ଓଁ ଶାନ୍ତି, ଶାନ୍ତି, ଶାନ୍ତି....

ତୁ ଆଉ ବଦଳିଲୁ ନ । ମୁଁ ଶୋଭନା (ନାମ ବଦଳ )

ମୁଁ ବଦଳଯାଏ ବୋଲି ତୁ ସତରେ ଗ୍ରହୁଁଛୁ?

ଆରେ ତୁମେ ଦୁହେଁ ପୁରୁଣା ଦୋସ୍ତ, ଶୈଳ କହିଲା ।

ନାଁ ଶୈଳ, ଆମେ ପୁରୁଣା ଦୁଶୁମନ । ହିନ୍ଦୀ ଠିକ୍ ହେଲା ।

ନାଁ, ଦୁଶୁମନ ନୁହେଁ ଦୁଶମନ୍ । ହିନ୍ଦୀରେ ବେଶୀ ଭ୍ରଗ ହଲନ୍ତ ଲଗାଇବାକୁ ହୁଏ । ଆରେ ନୟନା, ମାନସୀ ଆମେ କେଉଁଠୁ ଘେର୍ରାଏ ବୁଲି ଆସିବା । ଏ ଦୁହିଁଙ୍କର ତ ଏବେ ଗପ ପେଡି ଖୋଲିବ ।

ମୋର ବାନ୍ଧବୀ ସେମାନଙ୍କ ଚଲା ପଥକୁ ଗ୍ରହିଁ ରହିଲା ।

କ'ଣ ଏତେ ଦେଖୁଛୁ?

ଚନ୍ଦ୍ରରେ କଳଙ୍କ, ଅର୍ଥାତ୍ କେତେ ସୁନ୍ଦର ଝିଅଟିଏ, ଗୋଟିଏ ଗ୍ଭଉଳରେ ଗଢା, ହେଲେ ଈଶ୍ୱର ତାକୁ ଛୋଟୀ କର୍‌ଇଛନ୍ତି ।

ଈଶ୍ୱରଙ୍କୁ ବୃଥାରେ ଦୋଷ ଦେନା । ଏତେ ସୁନ୍ଦର ଝିଅଟିକୁ ସଂସାରକୁ ପଠାଇଥିଲେ, ମା ବାପାଙ୍କର ଅଜ୍ଞତା ଖୁବ୍ ଗୁଣର ଝିଅଟିଏ । ତଥାପି ବାହାଘର ପ୍ରସ୍ତାବ ଭାଙ୍ଗି ଯାଉଛି । ତେଣୁ ପାଠ ପଢି ନଜ ଗୋଡରେ ଠିଆ ହେବା ତାର ଚରମ ଲକ୍ଷ୍ୟ । ବାପା ମାଙ୍କୁ ବହୁଦୂରରେ ଛାଡି ଆସି ଦଦେଇଙ୍କ ପାଖରେ ରହି ପାଠ ପଢୁଛି ।

ଯାହା ଭାଗ୍ୟରେ ଥାଏ ।

ନାଁ ଏହା ଭାଗ୍ୟ ନୁହେଁ । କେବଳ ନୟନାର ମାତା ପିତା ନୁହନ୍ତି, ଦୁନିଆର ଶହ ଶହ ହଜାର ହଜାର ପିତାମାତା ଏ ବିଷୟରେ ଅଜ୍ଞ । ଜାଣିଛୁ ବହୁ ବର୍ଷ ଧରି ଏଇ ରୋଗଟି ହଜାର ହଜାର ପିଲା ମାନଙ୍କୁ ଅପଙ୍ଗ କରି ଦେଉଥିଲେ ମଧ୍ୟ ମାତ୍ର ୨୫ ବର୍ଷ ପୂର୍ବେ ଅର୍ଥାତ୍ ୧୯୦୦ ମସିହାରେ ଏହା ଜନ ଗୋଚରକୁ ଆସିଲା । ସେ ପର୍ଯ୍ୟନ୍ତ ସମସ୍ତେ ଏଇ ଦୋଷଟିକୁ ତୋରି ଭଳି ଅତି ସାଧାରଣ ଭାବେ ଈଶ୍ୱରଙ୍କୁ ଦୋଷୀ କରୁଥିଲେ । ବସନ୍ତ ଭ୍ୟାକ୍ସିନ ସଦୃଶ ଏଇ ରୋଗଟି ପାଇଁ ଭ୍ୟାକ୍ସିନ ବାହାର କରିବା ପାଇଁ ଆମେରିକାର ବହୁ ଗବେଷକ ଅଗ୍ରସର ହୋଇଥିଲେ । ୧୯୪୦ ରେ ଜନ୍ ଏଣ୍ଡର୍ସ ତାଙ୍କ ସହକର୍ମୀ ମାନଙ୍କ ସହ ବଷ୍ଟନର ଶିଶୁ ଚକିତ୍ସାଳୟରେ ଗବେଷଣା ଆରମ୍ଭ କରିଥିଲେ । ସେଥିପାଇଁ ତାଙ୍କୁ ୧୯୫୪ରେ ନୋବେଲ୍ ପ୍ରାଇଜ୍ ମଧ୍ୟ ଲାଭ ହୋଇଥିଲା । ମାତ୍ର ଜାଣିଛୁ ଦଶ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ମଧ୍ୟ ଏହାର ପ୍ରସାର ଭାରତରେ ନାହିଁ, ମୁଁ ସତ କହୁଛି । ମୁଁ ଯଦି ଡାକ୍ତରୀ ପଢେ ତେବେ ଶିଶୁ ରୋଗ ଉପରେ ଗବେଷଣା କରି ଭାରତକୁ ପୋଲିଓ ମୁକ୍ତ କରାଇବି ।

କ'ଣ ପୁଣି ମୋର ଓଡିଆ ନା ସଂସ୍କୃତ କ୍ଲାସ୍ ନେବା ଆରମ୍ଭ କଲୁଣି?

ଅଳ୍ପ ହସି କହିଲି, ନାଁ ବିଜ୍ଞାନ, ଆଚ୍ଛା ଛାଡ୍ ତୋ ବିଷୟରେ ତୋ ମିଷ୍ଟରଙ୍କ ବିଷୟରେ କହ। ଗୀତା, ଶାନ୍ତି, ଟିକି, ରୁଲି ଏବେ କ'ଣ କରୁଛନ୍ତି?

ସମସ୍ତେ କ'ଣ ତୋ ଭଳି ବୋକୀ । ବାହା ହୋଇ ସମସ୍ତେ ସାରିଲେଣି ।ଦୁହିଁଙ୍କର ବର ଫକୀର ମୋହନ କଲେଜରେ ଅଛନ୍ତି । ଆଉ ଦୁଇ ଜଣଙ୍କର କଟକରେ ।

ଆଉ ତୋ ବର?

ଜାଣିଛୁ, ବେଶୀ କ'ଣ କହିବି?

ମୁଁ କେମିତି ଜାଣିବି? ମୋର ତ ଆଇଡିଆ ନ ଥିଲା ଯେ ତୁ ବାହା ହେଲୁଣି ବୋଲି ।

ମଣ୍ଟୁ ତତେ ତାଙ୍କ ବାପା ଭାଇଙ୍କ ବିଷୟରେ କହି ନାହାନ୍ତି?

ମଣ୍ଟୁ? କାହା କଥା କହୁଛୁ ।

ଭାଇସ୍‌ଚାନ୍ସେଲରଙ୍କ ପୁଅ ।

ଆଚ୍ଛା, ତୁ ରବୀ (ନାମ ବଦଳ) ସାରଙ୍କ ଝିଅ । ତେଣୁ ତୁ ମଧ୍ୟ ନମସ୍ୟା ।

ପ୍ରକୃତରେ ନମସ୍ୟା ହେବା ପାଇଁ ହକ ଦାବୀ କରିବାକୁ ମୁଁ ଆସିଛି । ଅତୀତରେ ମୁଁ ତତେ କ'ଣ ବ୍ୟବହାର କରିଥିଲି । ସେ ସବୁ ଭୂଲି ଆମ ମଣ୍ଟୁଙ୍କୁ ନଜର କଲେ ତୁ ମତେ କ୍ଷମା କରିଛୁ ବୋଲି ଜାଣିବି ।

ମତେ କ୍ଷମା କରିବୁ, ମୁଁ ତୋ ପ୍ରସ୍ତାବରେ ଏକ ମତ ନୁହେଁ ।

ମାତ୍ର କହିଁକି?

ଜାଣେନା ।

ଅଜବ ଝିଅ, ବିନା କାରଣରେ କେହି କୌଣସି ପ୍ରସ୍ତାବକୁ ପ୍ରତ୍ୟାଖାନ କରେ?

ଆମ କଲେଜରେ ଖୁବ୍ ଭଲ ଭଲ ବ୍ରାହ୍ମଣ ଝିଅ ଅଛନ୍ତି । ମୁଁ ଆମ ନୂଆବୋଉଙ୍କ ଭାଇନାଙ୍କ ପାଇଁ କେତେ ଜଣଙ୍କୁ ବାଛିଛି । ତୁ ଚାହିଁଲେ ମୁଁ ତତେ ସାହାଯ୍ୟ କରିପାରେ ।

ମାତ୍ର ମଣ୍ଟୁ ତତେ ଚାହାନ୍ତି ।

"ଆଜି ମୋର କଛି ଗୁଣ ତାଙ୍କୁ ଭଲ ଲାଗିଲା ବୋଲି ସେ ମତେ ଚାହୁଁଛନ୍ତି । ଯଦି କାଲି ଆଉ କାହାର ----"ଅଳ୍ପ ହସି କହିଲି ।

.. ବାନ୍ଧବୀକୁ ରବୀ ସାର୍ ଙ୍କ ଗାଡିରେ ବସାଇ ଗେଟ୍ ଭିତରକୁ ପଶିଲି । ପଛରୁ କାହାର ଡାକରେ ପ୍ରକୃତିସ୍ଥ ହେଲି ।

ଆରେ ପିନାକୀ (ନାମ ବଦଳ) ତୁମେ! ଦେହ ଭଲ ନାହିଁକ? ନାଁ ପରୀକ୍ଷା ପାଇଁ ବ୍ରତି ଦିନ ଅନଦ୍ରା ରହି ପରିଶ୍ରମ କରୁଥିଲ । ହଁ, ବାବା ବେଷ୍ଟ ଟେନ୍‌ଥ ଷ୍ଟୁଡେଣ୍ଟ । ଆମେ କେଉଁ କ୍ଷେତର ମୂଳୀ ।

ତୁମେ ମତେ କେବେ ବୁଝିବା ପାଇଁ ଚେଷ୍ଟା କରିନ । ଖୁବ୍ ଉଦାସ ହୋଇ କହିଲା ପିନାକୀ ।

ପିନାକୀ ର ଉଦାସ ଚେହେରା ମତେ ଜମା ଭଲ ଲାଗେନା । ତେଣୁ ପ୍ରକୃତ କଥାଟି ମୋ ପାଟିରୁ ବାହାରି ଆସିଲା ।

ଦରକାର ଅପେକ୍ଷା ବହୁତ ବେଶୀ ।

ମିଛ କହୁଛ । ମୋ ମୁହଁକୁ ସିଧା ଭାବରେ ଚାହିଁ କହିଲା ପିନାକୀ ।

କେବେ ମୁଁ ତୁମକୁ ଅପମାନ କରିଛି?

ନାଁ,

ତେବେ?

କନ୍ତୁ ମୋ ଅନ୍ତରକୁ ପଢିବାକୁ ଚେଷ୍ଟା କରିନ ।

ଖୁବ୍ ଭଲ ଭାବେ କରିଛି ।

ତେବେ ଆଜିର ଏସବୁ ପ୍ରହେଳିକା?

ପ୍ରହେଳିକା?କ'ଣ କହୁଛ ମୁଁ ତୁମ କଥା କିଛି ବୁଝିପାରୁନ । ମୁଁ ନୟନା, ମାନସୀ, ଶୈଳକୁ ଡାକୁଛି । ଫେୟାରୱେଲ ଗ୍ରୁପ୍ ଫଟୋ ପିଆଅ ।

କଥା କାଟିବାକୁ ଚେଷ୍ଟା କରନା, ରବୀ ସାର୍ ଙ୍କର ତୁମ ପ୍ରତି ଆତ୍ମାକ୍ଷନ ଦେଖି ମୁଁ ନିଜକୁ ବୁଝାଇବାକୁ ଚେଷ୍ଟା କରିଥିଲି । ମାତ୍ର ଆଜି ଯାହା ସବୁ ଦେଖିଲି....

କ'ଣ ସବୁ ଦେଖିଲ ପିନାକୀ?

ଜୋର୍ ରେ ମୁଣ୍ଡ ବଥାଉଛି, ଆମେ ଗୁହା ପିଇବାକୁ ଯାଉଛୁ । ତୋ ବାନ୍ଧବୀ ଗଲେ? ପିନାକୀ କୁ ବି ଡାକ ଆଣ । ଧନୀଘର ପିଲା, ଉପରକୁ ସ୍କଲରସିପ୍ ପାଉଛି । ଗୁହା କପେ କପେ ପିଆଇ ପାରିବନ କହିଲା ଶୈଳ ।

କେବଳ ଗୁହା ନୁହେଁ, ତା ସାଙ୍ଗକୁ ବରା, ପିଆଜି ଏବଂ ସିଙ୍ଗଡା । ଖୁବ୍ ଆନନ୍ଦରେ ପାଞ୍ଚ ଜଣ ଯାକ ଖାଇ ଚାଲିଥିଲୁ ।

ତୁମ କଥା ଅଧା ରହିଗଲା ପିନାକୀ?

ଥାଉ ପରେ ।

"କ'ଣ ଏମିତି ଗୁପ୍ତ କଥା ଯେ! ଏ ଟୋକୀର ପୁଣି ଗୁପ୍ତ କଥା! ଇସିବଲ୍" କହିଲା ଶୈଳ ।

"ଇସିବଲ୍ ନୁହେଁ ଶୈଳ! ଚୁପ୍ ସଇତାନ କୁହ ।" କହିଲା ପିନାକୀ ।

ଇଏ ପୁଣି ଚୁପ୍ ସଇତାନ! କୁହ କୁହ ପିନାକୀ, ମୁଁ ଇେସେଣ୍ଟ ହୋଇ ଗଲିଣି ।

ତୁମ ମାନଙ୍କୁ ମଧ୍ୟ କହିବ!

କୋଉ କଥା?

ଝିଅ ଦେଖା ପର୍ବ ।

ବାସ୍ କର ପିନାକୀ । କ'ଣ ଆଜେ ବାଜେ ବକ ଚାଲିଛ ! ବିରକ୍ତି ସହ କହିଲି ।

"ଆଚ୍ଛା, ଗୁଣ୍ଡୁଣୀ ହାତୀ ତେବେ ପୁିଡିଟିକୁ ପିଠିରେ ବସାଇ ନେବାକୁ ଆସିଥିଲେ? ତୁମେ ପର୍ସ ବାହାର କରନ ପିନାକୀ ଆଜି ଏ ଟ୍ରିଟ୍ ଦେବ" । ଡେଇଁ ପଡିଲା ଭଳ କହିଲା ଶୈଳ ।

ପ୍ଲିଜ୍ ଏ ସବୁ ବନ୍ଦ କର । ସେ ମୋର ସ୍କୁଲ ସାଂ ।

ଆମର କ'ଣ କେହି ସ୍କୁଲ ସାଂଗ ନାହାନ୍ତି! କଥା ଯାଇ ଏଠି । ବୁଡି ବୁଡି ପାଣି ପିଉଥିଲୁ ।

ମାତ୍ର ଦିଟା ମାସ ହେଲା ରବୀ ସାର୍ ଆସିଛନ୍ତି । ଏତେ ଆଗକୁ କଥା ବଢିଗଲା! ମୁଁ ପାଠରେ ବୁଡି ରହି ଏତେ କଥା ଜାଣିପାରି ନଥିଲି ।

ବାସ୍ କର ପିନାକୀ, ତୁମେମାନେ ଯେମିତି ଭାବୁଛ ସେମିତି କଛି ନୁହେଁ । ମୁଁ ଶୋଭନାକୁ କହିଲି, "ଆଜି ମୁଁ ତୋ ଦିଅରଙ୍କୁ ଯେଉଁ କାରଣରୁ ହେଉ ପସନ୍ଦ ଆସିଲି ବୋଲି ପତ୍ରବାହକ ରୂପେ ଭାଉଜଙ୍କୁ ପଠାଇ ଦେଲେ । କାଲି ଯଦି ମୋ ଠାରୁ ଆହୁରି ଭଲ କେହି ତାଙ୍କ ଆଖି ଆଗକୁ ଆସିଯାଏ ତେବେ ମୋର ସ୍ଥାନ କେଉଁଠି? ଅନ୍ୟ ଜଣକୁ ଖୁବ୍ ଭଲକରି ବୁଝିବା ପାଇଁ ବୟସର ପରିପକ୍ୱତା ଆମର ଆସିନ । ତେଣୁ ମୋର ଉତ୍ତର ନାଁ "ପିନାକୀର କଥା କାଟି କହିଲି ।

"ମୁଁ ତେବେ ବୟସର ପରିପକ୍ୱତା ଆସିବା ପର୍ଯ୍ୟନ୍ତ ନଶ୍ଚିତ ଭାବେ ଅପେକ୍ଷା କରିବି ।" କହି ବିଦାୟ ନେଲା ପିନାକୀ ।

ହିନ୍ଦୀ- ଆମର ରାଷ୍ଟ୍ରଭାଷା:-

ଆଜି ହିନ୍ଦୀ ପରୀକ୍ଷାରେ କୃତକାର୍ଯ୍ୟ ଲାଭ କରିଥିବା ଲିଷ୍ଟ ପ୍ରକାଶିତ ହେବ । ଶୈଳ ଆସି ଯାଇଛି ।

ଗ୍ଲଲ ଆମେ ଦୁହେଁ ରେଜଲଟ ଦେଖି ଆସିବା ।

କେମିତି ଏକ ଅଜଣା ଭୟରେ ମୋ ଛାତି ଥରି ଉଠିଲା, "ନାଇଁ ଶୈଳ, ତୁ ମୋ ରୋଲ୍ ନମ୍ବର ନେଇଯା, ଦେଖି ଆସିବୁ, ନଶ୍ଚେ ଫେଲ୍ ହୋଇଥିବି ।" ନଜ ଆଖିରେ ନଜ

ଅସଫଳତା ଦେଖିବାକୁ ମୋର ସାହସ ପାଇବନି । ଶୈଳ ଆଉ ବେଶୀ ବାଧ ନ କରି ଏକା ଏକା ଗଲା ।

ବଉଳ ପାସ୍ କରିଛି, ମୁଁ ଫେଲ୍ ।

ଏହା ମୋର ପ୍ରଥମ ହିନ୍ଦୀ ପରୀକ୍ଷା ନଜ ବିଷୟରେ ଶୁଣିବାକୁ ବହୁ ଆଗ୍ରହ ଥିଲେ ମଧ୍ୟ ଭରସି ପଗ୍ଚରି ପାରୁ ନଥିଲି ସିନା ଆତୁର ନୟନରେ ଶୈଳ ଆଡକୁ ଗ୍ଚହିଁ ରହିଲି ।

କଏ ପ୍ରଥମ ହୋଇଛି କହିଲୁ?

କେହି ଜଣେ ଖୁବ୍ ମେଧାବୀ ଛାତ୍ର ହୋଇଥିବେ ।

ଭୁଲ୍, ଛାତ୍ର ନୁହେଁ ଛାତ୍ରୀ ।

ଅର୍ଥାତ୍ ଝିଅ ଜଣେ ! କେତେ ବୁଦ୍ଧିମତୀ ହୋଇଥିବେ । ଆମେ ତା ସଂଗେ ଦେଖା କରି ପାରିବା ! ନାଁ ସେ ବହୁତ ଦୂରରେ ।

ମୁଁ ଦେଖାକରି ସାରିଲିଣି ।

ତୁ ଏତେ ସେଲ୍‌ଫିସ୍ ନୋହୁ ଶୈଳ ।

ବେଳେ ବେଳେ ହେବାକୁ ପଡେ । ଆଚ୍ଛା ଠିକ୍ ଅଛି, ତୋ ରେଜଲ୍ଟ ଜାଣିବୁନି ।

ଫେଲ୍ ତ ହୋଇଥିବି । ନ ହେଲେ ତୁ ପ୍ରଥମରୁ କହିନଥାନ୍ତୁ କଛି କଥା ନାହିଁ । ଦୁହେଁ ମିଶି ଆଉଥରେ ରଗଡିବା । ପ୍ରଥମ ଯୁଦ୍ଧରେ ଭୀମ ହାରେ ।

ନା, ଆମ ଘରେ ମତେ ଆଉ ଥରେ ପରୀକ୍ଷା ଦେବାପାଇଁ ପଇସା ଖର୍ଚ୍ଚ କରିବେନି । ଆମ ଘରର ଆର୍ଥିକ ଅବସ୍ଥା ତ ଜାଣୁ ତେତେ ଆଉ ବେଶୀ କ'ଣ କହିବି ! ହଁ ମ, ପରିଚୟଟା ଏମିତି କ'ଣ ବଡ ପରୀକ୍ଷାଟା ଏ ଯେ ପାସ୍ ନ କଲେ ମୋର କ୍ୟାରିଅର ଖରାପ ହେବ ।

ନାଁ ଶୈଳ, ହିମତ୍ ହାର୍ ନା ଆମେ ଆଉ ଥରେ ଲଢ଼ିବୁ ।

ତୁ ଲଢ଼ିବା ପାଇଁ କେଉଁଠି ରହିବୁ ? ତୁ ତ ଯାଇ କୋଉ ଉପରେ ଆଚ୍ଛା ଶୁଣ୍, ସାର କ'ଣ ମନ୍ତବ୍ୟ ଦେଲେ ।

ତୋ ପାଇଁ ବହୁତ ଦୁଃଖ କରିଥିବେ । ତୁ ଉଭୟ ପ୍ରାଥମିକ, ପ୍ରବେଶ ରେ ଖୁବ୍ ଭଲ କରିଥିଲୁ ବୋଲି ସାର ସବୁବେଳେ କହନ୍ତି ।

ହଁ, ଠିକ୍ କହିଲୁ । ମାତ୍ର ତୋ ପାଇଁ ମତେ ଗାଳି ଶୁଣିବାକୁ ପଡ଼ିଲା । କହିଲେ "ଝିଅଟାକୁ ପାସଙ୍ଗରେ ପକାଉ ନ ଥିଲା । ଆଜି ସେ ଓଡ଼ିଶାର ନାମ୍ ରୌଶନ୍ କରିଛି ।"

ତୁ ସମସ୍ତ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ ଅନୁ । ହୁଏତ ଆସନ୍ତା ଜାନୁଆରୀ ଛବିଶ ତାରିଖରେ ଭାରତର ରାଷ୍ଟ୍ରପତି ତତେ ରାଷ୍ଟ୍ରଭୂଷା ପୁରସ୍କାର ପ୍ରଦାନ କରିପାରନ୍ତି । ସାର୍ ତତେ କାଲି ଡାକଛନ୍ତି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ବଞ୍ଚିବାକୁ ଦିଅ



କୃଷ୍ଣ ଚନ୍ଦ୍ର ଡାକୁଆ

ସତରେ ଭଗବାନଙ୍କ ସୃଷ୍ଟିରେ ନାରୀ ସମାଜର ଭୂମିକା ଅତୁଳନୀୟ । ସେ କେତେବେଳେ ମାଆ'ତ ପୁଣି କେତେ ବେଳେ ଭଗିନୀ ପୁଣି କେତେ ବେଳେ ପାପ ପୂଣ୍ୟର ସହ ଧର୍ମିଣୀ ସ୍ତ୍ରୀ । ସମାଜରେ ନାରୀଙ୍କ ଭୂମିକା ଅବର୍ଣ୍ଣନୟ, ମନେ ହୁଏ ସେମାନଙ୍କ ପାଇଁ ତ ଆମେ ଅର୍ଥାତ ଏ ମନୁଷ୍ୟ ସମାଜ । ଯେମିତିକ ବୃକ୍ଷ ବିନା ଫୁଲ ଫଳ ସୃଷ୍ଟି ଅସମ୍ଭବ ଠିକ୍ ସେମିତି ମନୁଷ୍ୟ । କନ୍ତୁ ଜଣେ ନାରୀ ଘର ଏରୁଣ୍ଡିବନ୍ଧ ତଳର ଅବହେଳତ ନଷ୍ପେସିତ ପାପି ଟିଏ ଭଳ ଜୀବନ କାଟେ । କାହିଁକ ଭ୍ବୁଛନ୍ତି ? ଆମ ସମାଜ ବୋଧ ହୁଏ ସେମାନଙ୍କୁ ସଦ୍ୟ ଜନ୍ମିତ ଫୁଲଟିଏ ଭଳ ଫୁଟି ବାସିବାକୁ ଦିଏ ନାହିଁ । କଣ ସତରେ ସେ ପାପିଟିଏ ? ନା କାହିଁ ଜମା ବିଶ୍ୱାସ ହେଉନ ତଥାପି ସେ ଅବହେଳତ, ନଷ୍ପେସିତ । ପାପ ପୂଣ୍ୟ ଜୀବନ ଦୋ'ଛକରେ ଯେମିତି ଥକ ପଡ଼ିଛି ତା ସମସ୍ତ ଅଧିକାର ! ଫୁଲଟି ଫୁଟିଚ ସତ ହେଲେ ଏ ପରିବେଶରେ ଯେମିତିକ ପ୍ରସ୍ଫୁଟିତ ହେବାର ଅଧିକାର ନାହିଁ ତାର। ଯାହା ହେଉନା କାହିଁକ ଜଣେ ନାରୀ ସର୍ବଦା ଏ ଜନମାନସରେ ନମସ୍ୟ ହୋଇ ରହିବା ଉଚତ ।

ଏକଦା ଗୋଟଏ ଗ୍ରାମରେ ଏକ ମଧ୍ଯବିତ ପରିବାର ବେସ୍ ହସ ଖୁସିରେ ବସବାସ କରୁଥିଲେ । ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଦୁଇ ପୁଅ ଓ ତିନ ଝିଅକୁ ନେଇ ପରିବାର ଗଢା । ସମୟାନୁକ୍ରମେ ପୁଅ ଝିଅ ଙ୍କ ପାଠ ପଢା ବୟସ ଆସିଲ୍ ଓ ପାଠ ପଢିଲେ ମଧ୍ଯ । ଗୋଟଏ ଶ୍ରେଣୀ ପରେ ଗୋଟଏ ଶ୍ରେଣୀ ଉଭୟ ପୁଅ ଝିଅ ଶିକ୍ଷା ଗ୍ରହଣ କରି ଗ୍ଲଲନ୍ତି । କୌଣସି କାରଣ ବଶତଃ ପ୍ରଥମେ ବଡ଼ ଝିଅ ପାଠ ପଢା ଠାରୁ ଧୀରେ ଧୀରେ ମୁହଁ ବୁଲେଇବାରେ ଲ୍ଗିଲ୍। ସେତେବେଳେକୁ ଝିଅଟି ପଞ୍ଚମ ଶ୍ରେଣୀରେ ପଢୁଥାଏ । ଏମିତି ଦିନେ ଦୁଇ ଦିନ ବିଦ୍ୟାଳୟ ଯିବା ଆସିବା ଶେଷକରି ସମ୍ପୂର୍ଣ୍ଣ ପାଠ ଛାଡ଼ି ଦେଲ୍ । ଏ କାହାଣୀ ଆଜି କମ୍ବା କାଲିର ନୁହେଁ ଏ ତ ଦୀର୍ଘଦିନର କଥା । ଯଦିଓ କାହାଣୀଟି

ବ୍ୟାସକବି ଫକୀରମୋହନଙ୍କ ଓଡିଆ ରଚତ ଗଳ୍ପ "ରେବତୀ" ଭଳ ନଥିଲ୍ ଅର୍ଥାତ ନାରୀ ଶିକ୍ଷାକୁ ପ୍ରୋତ୍ସାହନ ମିଳୁନଥିବା ବିଷୟବସ୍ତୁ ନଥିଲ୍ କନ୍ତୁ ଏଠି ପ୍ରୋତ୍ସାହନ ଥିଲ୍, ହେଲେ ଶିକ୍ଷାର ବିକାଶ ଦିଗରେ ସଚେତନତା ନଥିଲ୍ । ବଡ଼ ଭଉଣୀର ଗ୍ଲିଚଳଣିକୁ ସାନ ଭଉଣୀ ଅନୁସରଣ କରେ ଓ ସର୍ବଦା ତା'ନତ୍ୟ ଜୀବନରେ ନୟୋଜନ କରେ । ହେଲେ ଏଠି ପାଠ ପଢା ଠାରୁ ଦୂରେଇ ରହିବାକୁ ମଧ ସାନ ଭଉଣୀ ଆପଣାଇ ନେଇଥାଏ । ସେତେବେଳକୁ ସେ ସପ୍ତମ ଶ୍ରେଣୀ ପଢୁ ଥାଏ । ଅନ୍ୟପଟେ ତିନ ଭଉଣୀଙ୍କ ମଧରୁ ସାନ ଭଉଣୀ ସମ୍ପୁର୍ଣ୍ଣ ଭୀନ୍ନ, ସେ ନଜେ ନଜ ଇଚ୍ଛାନୁସାରେ ନଜ ଭ୍ଗ୍ୟ ତିଆରି କରିବାକୁ ପସନ୍ଦ କରେ । ସାନ ଭଉଣୀଟି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ନଜର ପାଠ ପଢା ଅନବରତ ଗ୍ଲୁ ରଖିଥାଏ, ହେଲେ ସେ ପ୍ରି ଟେଷ୍ଟ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ପାଠ ପଢା ଠାରୁ ଦୂରେଇ ରହେ । ଇଏ ତ ଗଲ୍ ତିନ ଝିଅଙ୍କ ଶିକ୍ଷା ଜୀବନୀ କଥା । ଏବେ ଆମେ ଆଲୋଚନା କରିବା ଦୁଇ ପୁଅଙ୍କ କଥା । ପ୍ରଥମ ପୁଅଟି ଘରର ସମସ୍ତ ପୁଅ ଝିଅଙ୍କ ମଧରେ ବଡ଼ ଥିଲ୍ ହେଲେ ସେ ଦ୍ୱିତୀୟ ଶ୍ରେଣୀରୁ ପାଠ ପଢା ଛାଡିଦେଇଥିଲ୍ ଓ ସାନ ପୁଅଟି ବହୁତ ବାପ ମା ଙ୍କ ଗେଲ୍ହା ଥିଲ୍ ହେଲେ ସେ ମାତ୍ର ଅଷ୍ଟମ ଶ୍ରେଣୀରୁ ହିଁ ପାଠ ପଢା ଜୀବନରୁ ଓହରି ଯାଇଥିଲ୍ । ଏହିଭଳ ଭ୍ବେ ସେହି ମଧବିତ ପରିବାରର ସମସ୍ତ ପୁଅ ଝିଅଙ୍କ ପାଠ ପଢା ଥିଲ୍ ।

ପାଠ ପଢା ଶେଷକରି ଦୁଇ ପୁଅ ବେକାର । ଏଣେ ଘରେ ଝିଅ ମାନଙ୍କୁ ବାହା ଦେବାର ଚନ୍ତା କାରଣ ସେମାନେ ପାଠ ଛାଡିବାର ବହୁ ବର୍ଷ ବିତି ଯାଇଥାଏ, ଏହି ଭଳ ଅନେକ କଥା ଭ୍ବି ଭ୍ବି ବାପ ମା ଦୁହେଁ ମାନସିକ ସ୍ତରରେ ଭ୍ଙ୍ଗି ପଡ଼ନ୍ତି ହେଲେ କରିବେ କଣ ? ଗୃଷବାସ ଅବା ଫସଲ ବାଡ଼ି କରି ବାପା ମାଙ୍କୁ ପରିବାର ଚଳାଇବାକୁ ପଡ଼ିଥାଏ । ଏ ସବୁ ଯେମିତି ସମସ୍ତ ଆବଶ୍ୟକତା ପୂରଣ କରିବାରେ ସମୁଦ୍ରକୁ ସଙ୍ଖେ ! ଏଣେ ଦୁଇ ପୁଅ ଚନ୍ତା କରନ୍ତି ପରିବାର ଚଳାଇବା ସମ୍ପର୍କରେ ଓ ବିଦେଶ ଗସ୍ତ କରନ୍ତି ଟଙ୍କା ଉପାର୍ଜନ କରିବା ପାଇଁ । ବିଦେଶରେ ଶ୍ରମ ପଡ଼ି ଘରକୁ ମାସେ ଦୁଇ ମାସ ବ୍ୟବଧାନରେ ଥରେ ଦୁଇ ଥର ଟଙ୍କା ପଠନ୍ତି । ଦୁଇ ପୁଅଙ୍କ ଏହିଭଳ କାର୍ଯ୍ୟରେ ବାପା ମା କଂଚତ ଖୁସି ହୋଇଯାନ୍ତି କାରଣ ଯଦିଓ ଘର ଚଳଣି ପାଇଁ ଅସୁବିଧା କମିଲ୍ ହେଲେ ସେମାନଙ୍କ ଭବିଷ୍ୟତ ବିଷୟରେ ଭ୍ବିଲେ ବାପା ମାଙ୍କୁ ଅନ୍ଧାର ଦିଶେ । ଯାହାବି ହେଉ ଏବେ କଛି ଉପାୟ ନାହିଁ ବର୍ତ୍ତମାନ ନଜେ ନଜର ଭବିଷ୍ୟତ ସରଳ ସୁଗମ କରିବା ଦାୟିତ୍ୱ ନଜ ହାତରେ । ଦୁଇ

ବର୍ଷ ବିଦେଶରେ ରହି ପୁଅ ଦୁହେଁ ଘରକୁ ଆସନ୍ତି । ଆସିବାର କଛିଦିନ ପରେ ବଡ଼ ଭଉଣୀଙ୍କୁ ଶାଶୁଘର ଛାଡନ୍ତି ଓ ପୁଣି କାମଧାମ ଶେଷ କରି ବିଦେଶ ଗ୍ଲି ଯାଆନ୍ତି । ପୂର୍ବ ଭଳ କଛି ଦିନ ବିଦେଶରେ ରହି ଗୋଟଏ ପରେ ଗୋଟିଏ ଭଉଣୀଙ୍କୁ ଶାଶୁଘର ଦେଇ ଏବେ ଦୁଇ ପୁଅ ଏବଂ ବାପ ମାଆ ନଶ୍ଚିନ୍ତରେ, ବର୍ତମାନ ବାପା ମାଆଙ୍କୁ କେବେଳ ଗୋଟିଏ ଚନ୍ତା ଦୁଇ ପୁଅଙ୍କୁ ହାତରୁ ଦୁଇ ହାତ କରିବା ।

ତିନ ଝିଅଙ୍କୁ ଶାଶୁଘର ପଠାଇବା ଯଦିଓ କଷ୍ଟକର ବ୍ୟାପାର ତଥାପି ଭଲରେ ଭଲରେ ବିବାହ ଉତ୍ସବ ଏବଂ ପରବର୍ତୀ କାର୍ଯ୍ୟ ସମାପନ କରି ପ୍ରସ୍ତୁତ ହୁଅନ୍ତି ଦୁଇ ପୁଅ ପୁଣି ବିଦେଶ ଗସ୍ତ ପାଇଁ । ଦିନେ ଦୁଇ ଦିନ ଗାଁରେ ରହି ଦୁହେଁ ଠିକ୍ ପୂର୍ବ ସ୍ଥାନକୁ ଫେରନ୍ତି ଏବଂ ଶ୍ରମ କାର୍ଯ୍ୟରେ ନୟୋଜନ ହୁଅନ୍ତି । ପୁଅ ଦୁହେଁ ଘରର ସମସ୍ତ ଭଲ ମନ୍ଦ କାର୍ଯ୍ୟରେ ନୟମିତ ଭ୍ରଗିଦାର ହୋଇ ଘର ଗ୍ଲକବାରେ ବେସ୍ ପାରଙ୍ଗମ ହୋଇଥାନ୍ତି । ଏଣେ ବାପା ମାଆ ଚନ୍ତା କରନ୍ତି ଏଥର ପୁଅ ମାନଙ୍କ କଥା ବୁଝିବା ଓ ହାତରୁ ଦୁଇ ହାତ କର୍‌ଇବା । କଛି ବର୍ଷ ବିଦେଶରେ ରହି ପୁଅ ମାନେ ଘରକୁ ଆସିବା ମାତ୍ରେ ବାପା ମାଆଙ୍କ ଗୋଟିଏ କଥା ତୁମ ଦୁଇ ଭ୍ରଇଙ୍କୁ ହାତରୁ ଦୁଇ ହାତ କରିଦେଲେ ଆମ ଚନ୍ତା ଯିବ,ଏହି କଥାରେ ବଡ଼ ପୁଅ ରାଜି ହେବା ବେଳେ ସାନ ପୁଅ ନାରାଜ । ସାନ ପୁଅ କୁହେ ମୋ ବୟସ କମ ଏବେ ମୁଁ ବାହା ହେବିନ । କଛି ଦିନ ବିତିବା ପରେ ପୁଅ ପାଇଁ ବୋହୂ ଖୋଜିବା ଆରମ୍ଭ ହେଲ୍ ଓ ପୁଅର ବାହାଘର ମଧ ହେଲ୍ । କଛି ବର୍ଷର ବ୍ୟବଧାନ ପରେ ଏହି ଦମ୍ପତ୍ତିଙ୍କ ଗୋଟଏ ପୁଅ ଓ ଝିଅ ମାତୃ କୋଳରେ ଜନ୍ମ ନେଲ୍ । ପ୍ରଥମେ ଝିଅ ଓ ପରେ ପୁଅ । ପୁଅ ଝିଅଙ୍କ ବୟସ ବଢ଼ିଲ୍ ଏଥର ବାପା ମାଙ୍କ ଚନ୍ତା ଆମ ପୁଅ ଝିଅଙ୍କୁ ପାଠ ପଢ଼ାଇବା ।

ସତରେ ଝିଅ ଜନ୍ମ କଣ ପାପ ? ଝିଅ ଟିଏ ସମାଜ ଏରୁଣ୍ଡିବନ୍ଧ ତଳର ଅବହେଳତ ନଷ୍ପେସିତ ଜୀବ ଟିଏ ? ସମାଜରେ ପୂର୍ଣ୍ଣ ଅଧିକାର ନଥିବା ଜୀବନ ଟିଏ ? ଏମିତି କେତେ କଣ ପ୍ରଶ୍ନ ମନରେ ପ୍ରଶ୍ନବାଚୀ ସୃଷ୍ଟି କରେ, କାରଣ କଣ ଭ୍ରବୁଛନ୍ତି ? ମାଆର କଥାନୁସାରେ ବାପା ଝିଅଟିକୁ ନଜ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ପାଠପଢା ଆରମ୍ଭ କଲ୍ ଏବଂ ଦୁଇ ବର୍ଷର ବ୍ୟବଧାନ ପରେ ପୁଅଟି ଝିଅ ଭଳ ଗ୍ରାମ ବିଦ୍ୟାଳୟରେ ନାମ ଲେଖାଇ ପାଠପଢା ଆରମ୍ଭ କଲ୍ । ହଁ ପୁଅଟି ପାଠପଢା ଆରମ୍ଭ କରିଲ୍ ସତ କନ୍ତୁ ଏକ ଘରେଇ ବିଦ୍ୟାଳୟରେ ! ତେବେ ଏଠାରେ ଝିଅ କଣ ଅବହେଳତ

ସମାଜ ଏରୁଣ୍ଡିବନ୍ଧ ତଳର ଅବହେଳିତ ନିଷ୍ପେସିତ ଜୀବ ଟିଏ ? ହଁ ହଁ ସେ ଅବହେଳିତ ଜୀବ ଟିଏ, କାରଣ ନିଜ ସମାଜ ତ ନିଜର ଅଧିକାର ଛଡାଇ ନିଏ । ଏଠାରେ ଏହି ଉକ୍ତି କହିବାର ଉଦ୍ଦେଶ୍ୟ ପୁଅ ଝିଅଙ୍କ ପାଠ ପଢା ସମ୍ପର୍କରେ ମାଆ ନିଷ୍ପତି ନେଇଥିଲି । ଝିଅଟି ଯଦି କେବେ କେବେ ଅଭିମାନ କରି ନିରବ ହୋଇ ବସେ ତେବେ ଠିକ୍ ସେତିକବେଳେ ମାଆ ନାନା କଥା କହି ବୁଝେଇ ଦିଏ ଓ ଝିଅଟି ବୁଝିଯାଏ । ଝିଅଟି ମାଆର ଗେହ୍ଲା ସତ କିନ୍ତୁ ପୁଅ ତୁଳନାରେ ବହୁତ କମ୍ ଏବଂ ଅବହେଳିତ । ପୁଅଟି ବିଦ୍ୟାଳୟ ଯିବା ବେଳେ ଘରର ଯେକୌଣସି ସଭ୍ୟ ବିଦ୍ୟାଳୟ ପ୍ରଯ୍ୟନ୍ତ ଯାଆନ୍ତି ଓ ପାଠ ପଢା ସମ୍ପର୍କରେ ବୁଝା ସୁଝା କରନ୍ତି । ଝିଅଟି କିନ୍ତୁ ବିଦ୍ୟାଳୟ ଏକା ଯାଏ କେହି ବିଦ୍ୟାଳୟ ପ୍ରଯ୍ୟନ୍ତ ଛାଡିବା ପାଇଁ ଯାଆନ୍ତି ନାହିଁ । ସାଙ୍ଗ ସାଥୀଙ୍କ ବାପା ମାଆ କିମ୍ବା ଘରର ଯେକୌଣସି ସଭ୍ୟ ବିଦ୍ୟାଳୟ ପ୍ରଯ୍ୟନ୍ତ ଛାଡିବା ପାଇଁ ଆସନ୍ତି ଓ ଭଲ ମନ୍ଦ ବୁଝି ଯାଆନ୍ତି । ଝିଅଟି ଏସବୁ ଦେଖି ବେଳେ ବେଳେ ଦୁଃଖରେ ଭାଙ୍ଗି ପଡ଼େ ଓ ମନେ ମନେ କାନ୍ଦିପକାଏ । ନିଜେ ନିଜକୁ କାନ୍ଦି କାନ୍ଦି ବୁଝାଇ ଦିଏ ନାରୀ ଜନମ ସମାଜରେ ଏକ ଅଦରକାରୀ ଅବହେଳିତ ଜୀବନ ଟିଏ । ଦୁଃଖରେ ଝିଅଟି ଭାଙ୍ଗି ପଡ଼େ ସତ ହେଲେ ତା ସାନ ଭାଇପ୍ରତି ସ୍ନେହ ଶ୍ରଦ୍ଧା ଆଦର ଓ ଭଲପାଇବା କୌଣସିମତେ କମ୍ କରିନଥାଏ, ସମୟେ ସମୟେ ସାନ ଭାଇକୁ ବିଦ୍ୟାଳୟକୁ ଛାଡିବାକୁ ଝିଅଟି ଯାଇ ନିଜ ମନକୁ ବୁଝାଇ ଦିଏ ଏବଂ ସେ ତା ବିଦ୍ୟାଳୟକୁ ପାଠ ପଢିବା ପାଇଁ ଚାଲିଯାଇଥାଏ ।

ଦିନକର କଥା ଗାଁରେ ବର୍ଷା ଝିପ୍ ଝିପ୍ ଲାଗିଥାଏ । ବିଦ୍ୟାଳୟ ଯିବା ପାଇଁ ଉଭୟ ଭାଇ ଭଉଣୀ ପ୍ରସ୍ତୁତ ହୁଅନ୍ତି ହେଲେ ସେତିକ ବେଳକୁ ପୁଅଟି ମାଆକୁ କହେ ମାଆ ଚାଲ ମୋତେ ଆଜି ତୁମେ ମୋ ବିଦ୍ୟାଳୟରେ ଛାଡ଼ି ଆସିବ କିନ୍ତୁ ମାଆ କହେ ଦେଖ ଧନ ମୋର ଅନେକ ଘର କାମଅଛି ତୁ ବଡ଼ ଭଉଣୀ ସହ ବିଦ୍ୟାଳୟ ଯାଆ । ସେହି ସମୟରେ ମାଆଙ୍କ କଥା ମାନି ଭଉଣୀ ହଁ କରିଦିଏ ବିଦ୍ୟାଳୟ ଛାଡ଼ି ଯିବା ପାଇଁ ଓ ଯାଏ । ସାନ ଭାଇ ଘରେଇ ବିଦ୍ୟାଳୟର ଛାତ୍ର ହୋଇଥିବାରୁ ବିଦ୍ୟାଳୟ ନିୟମନୁସାରେ ତା'ପାଇଁ ଏକ ପଲିଥିନ୍ ତିଆରି ବର୍ଷା ନିରୋଧକ ଆବରଣ ଦରକାର ହେଲେ ଘରେ ବଜାରରୁ କଣା ହୋଇ ନଥାଏ । ଗୋଟଏ ଛତା ଦେଇ ଉଭୟ ପୁଅ ଝିଅଙ୍କୁ ମାଆ ବିଦ୍ୟାଳୟ ପଠାଇ ଦିଏ । ଝିଅ ତୁ ଭାଇକୁ ତା ବିଦ୍ୟାଳୟରେ ଛାଡ଼ି ତୋ ବିଦ୍ୟାଳୟ ଯିବୁ । ଝିଅ ଭାଇକୁ ଛାଡିବା ପାଇଁ ଯିବା ସମୟରେ ବର୍ଷା ଜୋରରେ ହୁଏ ହେଲେ ସେତେବେଳେ ଭଉଣୀଟି ବର୍ଷା ପାଣିରେ ଓଦା ହୋଇ ଭାଇକୁ

ହଗ୍ପଦରେ ଛାଡ଼ି ସେ ବିଦ୍ୟାଳୟ ଗ୍ଲିଯାଏ । ଝିଅଟିର ଏହି ଗୁଣ ଦେଖି ଗ୍ରାମର ଲୋକମାନେ ବେସ୍ ପ୍ରଶଂସାର ଝିଅକୁ ପୋତି ପକାନ୍ତି ଓ ବାପା ମାଆର ଗୁଣକୁ ସଭିଏଁ ନନ୍ଦନ୍ତି । ଦିନେ ଝିଅର ବିଦ୍ୟାଳୟ ଶ୍ରେଣୀ ଗୃହରେ ଶ୍ରେଣୀ ଶିକ୍ଷକ "ଭ୍ରୁଣ ହତ୍ୟା" ସମ୍ପର୍କରେ ଏକ ଗଳ୍ପ କହିଲେ ଓ ସମସ୍ତ ଛାତ୍ରଛାତ୍ରୀଙ୍କୁ ବୁଝାଇ ଦେଲେ ସମସ୍ତ ଜୀବର ଆବଶ୍ୟକତା ସମ୍ପର୍କରେ । ସେହି ଦିନ ଏହି ଝିଅର ଗୁଣକୁ ଶିକ୍ଷକ ବେସ୍ ପ୍ରଶଂସା କଲେ କାରଣ ଝିଅଟି ଅବହେଳତ ହୋଇ ତା'ଭାଇକୁ ସେ ବହୁତ ଭଲ ପାଉଥିଲା ଏବଂ ସମସ୍ତଙ୍କୁ କହିଲେ ମୋ ସହ ସମସ୍ତେ ସ୍ୱର ମିଶାଇ କୁହ "କନ୍ୟା ରତ୍ନ, କର ଯତ୍ନ" । ଆଜି ଠାରୁ ଆମ୍ଭେ ସଭିଏଁ ପୂର୍ଣ୍ଣ ଅଧିକାର ନେଇ ସମାଜରେ ବଞ୍ଚିବା ସହ ଭାଇ ଭଉଣୀ ପ୍ରେମ ଏକତାର ବାନ୍ଧି ହେବା । ଶିକ୍ଷକଙ୍କ କଥାକୁ ସଭିଏଁ ଆଦରି ନେଲେ ଓ ଜନସଚେତନତା କରିବାରେ ଲାଗିଲେ ।

ଛାତ୍ର ଛାତ୍ରୀଙ୍କ ଏହି ମହତ କାର୍ଯ୍ୟ ଦେଖି ସଭିଏଁ ବିଦ୍ୟାଳୟର କୁନ କୁନ ପିଲାମାନଙ୍କୁ ପ୍ରଶଂସା କରିଲେ ଓ ଲୋକମାନେ ଚନ୍ତା କରିଲେ ବାସ୍ତବରେ ଛାତ୍ର ଛାତ୍ରୀଙ୍କ ଏହି ଉକ୍ତି ଠିକ୍ "କନ୍ୟା ରତ୍ନ, କର ଯତ୍ନ" । କୁନ କୁନ ଝିଅ ମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ତଥା ଜନ୍ମରୁ ମାରି ଦେଉଥିବା ହିଂସ୍ର ମଣିଷ ମାନଙ୍କୁ କଠୋର ଦଣ୍ଡ ଦେବା ଆବଶ୍ୟକତା ରହିଅଛି । ଏହାର ସମାଧାନ ପାଇଁ ଆମ ଗ୍ରହଣରେ ପୁଣି ଥରେ ମହିଷା ମର୍ଦିନ ଦୁର୍ଗତି ନାଶିନୀ ମା ଦୂର୍ଗାଙ୍କ ଭଳ ଜଣେ ସତସାହସୀ ନାରୀ ଜନ୍ମ ନେବା ଆବଶ୍ୟକତା ରହିଛି କାରଣ ଏଠି ତ ଜଣେ ନାରୀ ଆଉ ଜଣେ ନାରୀର ଶତୃ କଏବା କଣ କରିବ ? ତେଣୁ ଆଜି ଠାରୁ ଆମେ ବି ସେହି କୁନ କୁନ ପିଲାଙ୍କ ସହ ସ୍ୱର ମିଳାଇ କହିବା "କନ୍ୟା ରତ୍ନ, କର ଯତ୍ନ" ।

କରଚୁଲି(ବୁଗୁଡ଼ା), ଗଞ୍ଜାମ

# ଋତୁର ନାଁ ବର୍ଷା ନା ମୌସୁମୀ

ଚନ୍ଦ୍ର ଶେଖର ଗୋ

ବିଳମ୍ବରେ ଆସିଲ
ବିଳମ୍ବରେ ଗଲ ବି
ବିଳମ୍ବରେ ହଉ ପଛେ ଖେତକୁ ତ ପାଣି ଦେଇଗଲ
ସବୁଜିଆ ଖେତେ ସୁନାଫଳ ଅମଳର ପ୍ରତିଶ୍ରୁତି ବି ।

ଚଷାମନେ ଖୁସି ବର୍ଷେଇ ଦେଲ
ଶ୍ରାବଣର ଭେଦୁଅଁର ନୁଆଁଖାଇର
ହସିବାର ମୌକା ଦେଲ ପାର୍ବଣରେ ।

ବନ୍ୟା ତ ତମ ସାନ ଭଗ୍ନି
ତମ ସହିତ ସେ ଆସିବ ହିଁ ଆସିବ
ନ ହେଲେ ତା' ବିନା ନଦୀ କେମିତି ହସିବ ଯେ,
ଆଉ ସାଗର ବକ୍ଷରେ ମିଶିବ ।

ଆଦ୍ୟ ଆଷାଢ଼େ ମରୁଡ଼ିର ଅଜ୍ଞାତ ଆଶା ଆଶଙ୍କାରେ
ଜାତ ହତାଶାର ରେଖାପୁଞ୍ଜ ଧୋଇ ଦେଲ ଗୃଲିଯିବା ପୂର୍ବରୁ
ଶୃଙ୍ଖଳତ ତମେ ନବବଧୂ ପରି
ସନ୍ତୁଳତ ତୁଳନାତ୍ମକ ଦୃଷ୍ଟିରେ ।

ସାଧାରଣତଃ, ତମେ ମେଘମାଳ ଆଣି ଆସିଲେ
ବର୍ଷା 'ଋତୁ' ପାଲଟିଯାଏ
କିନ୍ତୁ ଚଳିତ ବର୍ଷ ତମର ରହଣିକାଳ ଏତେ ପ୍ରଲମ୍ବିତ ଯେ,
କାହିଁକି କପରି ବୁଝିବ ଅବା କିଏ ?

ଋତୁର ନାଁ ବର୍ଷା ନା ମୌସୁମୀ ତମେ !

ନା ରହିଗଲ,
ଶୀତର ଶୀତଳ ସ୍ପର୍ଶ ଟିକିଏ
ପାଇବା ଇଚ୍ଛାରେ ।

କର୍ଲାଖମାର, ନୂଆପଡ଼ା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବାପା

ମୀର ମୁସ୍ତାକମ ଅଲ୍ଲୀ

କାଲି ତୁମେ ଧରିଥିଲ ମୋତେ କୋଳ କରି
କିନ୍ତୁ ଆଜି ତୁମେ ଧରିଲ ଆଶାବାଡି ।
ଚାଲିବା ଶିଖାଇ ଦେଖାଇଲ ଚଲାପଥ
ହେଲେ ଆଜି ତୁମେ ବାହୁଡୁଛ ବାଟ ।
ଭାର କରି ନେଉଥିଲ କାନ୍ଧରେ
ପଡିଯାଉଥିଲେ ଝୁଣ୍ଟି
ମୋତେ ଦୋଷ ନ ଦେଇ
ରାସ୍ତା ସହ କରୁଥିଲ କଣ୍ଟି ।
କେତେ ରାତି କାଟିଛ ମୋ ପ୍ରତୀକ୍ଷାରେ
କାଳେ ବଢିଯିବ ରାତିର ସୀମା
ଗଣୁଥିଲ ପ୍ରଭାତ ସୂର୍ଯ୍ୟ ର ଅପେକ୍ଷାରେ ।
କଥା କହି ଜାଣିନାହିଁ ଚାଲେ ଅନ୍ୟ ର ଆଶ୍ରା ରେ
ତାକୁ ମୁଁ ଛାଡିଛି ତୁମେ ସାଥିରେ କେଉଁ ଭରସାରେ ।
ଆଜି ବୟୋବୃଦ୍ଧି ହୋଇଛି ସତ
ସମୟ ର ପରିସୀମା ଦୁହିଁଙ୍କୁ କରିଛି ଭିନ୍ନ ।
କାଲି ତୁମେ ଦେଉଥିଲ ଆଶ୍ରା ମୋତେ
ହେଲେ ଆଜି ମୁଁ ସନ୍ଧାନର ଚଲାପଥେ ।

# ଶେଷ ସାହାରା



ଶିବରାମ ଦଳେଇ

ଅନୁସୟା ଦେବି ବୃଦ୍ଧାଆଶ୍ରମ ରେ ରହିବାର ସାଢ଼େ ଚାରି ବର୍ଷ ବିତିଗଲାଣି । ସାଢ଼େ ଚାରିବର୍ଷ ମାନେ ରାମବାବୁ (ଅନୁସୟା ଦେବୀଙ୍କ ସ୍ୱାମୀ) ମରିବାର ଦିନ କେଇଟା ରେ ଦୁଇ ପୁତ୍ରବୋହୂ ସବୁ ଧନ ସମ୍ପତ୍ତିକୁ ନିଜ ଭିତରେ ଦୁଇ ଭାଗ କରିଦେଲେ । କିନ୍ତୁ ବୁଢ଼ୀ ମାଆ କୁ ନିଜ ଆଡ଼କୁ କେହି ନେବାକୁ ଚାହିଁଲେ ନାହିଁ । ବିଚାରି ବୁଢ଼ୀଟା ୧୦ -୧୫ ଦିନ ଗାଁ ରୁ ମାଗିଯାଚି ଚଳିଗଲା । ଆଜି କାଲି ଦୁନିଆରେ ବିନା ସ୍ୱାର୍ଥ ରେ କିଏ ବା କେତେଦିନ ଖାଇବା କୁ ଦେବ । ରାମବାବୁ ପ୍ରାଥମିକ ବିଦ୍ୟାଳୟରେ ଚାକିରୀ କରୁଥିବା ସମୟରେ ଅନୁସୟା ଦେବୀଙ୍କୁ ଦିନେ ବି ଉପାସ ରଖୁନଥିଲା । ପୁଅ ଦୁଇ ଦୁଇଟା କୁ ଉଚ୍ଚ ଶିକ୍ଷିତ କରାଇବା ସହ  ଜଣକୁ ସୁନା ଦୋକାନ ଆଉ ଜଣଙ୍କୁ ଛାପାଖାନା ଟେ କରି ବସାଇ ଦେଲେ । ରାମବାବୁ ଚାଲିଯିବା ପରେ ଦୁଇ ଭେଣ୍ଡିଆ ପୁଅ ଥାଇ ମାଗି ଖାଉଛି ଅନୁସୟା ଦେବି । ରାମବାବୁ ଚାକିରୀ କରିଥିବା ସମୟରେ କେତେ କାହାକୁ ସାହାଯ୍ୟ କରିଥିଲେ ତାହାର ହିସାବ ନାହିଁ । ଗାଁ ରଘୁନାଥ ର ପେଟ ଅପରେସନ ବେଳେ ତାକୁ କେତେ କଣ ସାହାଯ୍ୟ କରିଥିଲେ ଯେ ସେ ଆଜି ଯାଏ ଦେବତା ଭଳି ପୂଜେ । ଖାଲି ସେ କଣ ଗାଁ ଲୋକେ ବି ରାମବାବୁ ଙ୍କୁ ଚଳନ୍ତି ଦେବତା ବୋଲି କହନ୍ତି ।

ରଘୁନାଥ, ଅନୁସୟା ଦେବୀଙ୍କ ଏ ଅବସ୍ଥା ଦେଖି କଟକ ସହରର ଗୋଟେ ବୃଦ୍ଧାଆଶ୍ରମ ରେ  ଛାଡ଼ି ଦେଲା ଯେ ସେହିଠାରେ ସେ ବାକିତକ ଜୀବନ କାଟୁଛି । ସେହି ଦିନୁ

ବୃଦ୍ଧାଆଶ୍ରମ ଅନୁସୟା ଦେବୀଙ୍କ ଶେଷ ସାହାର୍ । ଆଜି ହଠାତ ବୃଦ୍ଧାଆଶ୍ରମ ରେ ପୁଅ ବୋହୂ ନାତି ନାତୁଣୀ କୁ ଦେଖି ଚକତ ହେଲେ ଅନୁସୟା ଦେବୀ । କନ୍ତୁ ବୃଦ୍ଧାଆଶ୍ରମ ର ରକ୍ଷଣାବେକ୍ଷଣ ଦାୟିତ୍ୱ ରେ ଥିବା ଅମୂଲ୍ୟ ବାବୁ ଟିକଏ ଖୁସି ହୋଇଗଲେ । ସେ ମନେ ମନେ ଭାବୁଥିଲେ ଯାହା ହେଉ ମାଆ ପ୍ରତି ଟିକଏ ସ୍ନେହ ଅଛି ଦୁଇ ପୁଅର ।କାଲି "ମାତୃ ଦିବସ" ବୋଲି ଆଜି ଦେଖା କରିବାପାଇଁ ଆସିଛନ୍ତି। କନ୍ତୁ ତାଙ୍କର ଭାବନା ବ୍ୟର୍ଥ ଥିଲା । ପ୍ରକୃତରେ ଦୁଇ ପୁଅ ବୋହୂ ଆସିନଥିଲେ ମାଆକୁ ଦେଖା କରିବାକୁ, ସେ ତ ଆସିଥିଲେ କଛି ବ୍ୟାଙ୍କ ପେପର ଉପରେ ଦସ୍ତଖତ କରିବାକୁ ଯାହାକ ରାମବାବୁ ଚାକରୀ ସମୟରେ ରଖିଥିବା ସ୍ତ୍ରୀ ନାଁ ରେ କଛି ଟଙ୍କାକୁ ଭାଗ ବାଣ୍ଟ କରିପାରିବେ । କନ୍ତୁ ଏ କଣ ମାଆ ସବୁତକ ଟଙ୍କା ଲେଖିଦେଲେ ଅମୂଲ୍ୟ ବାବୁଙ୍କ ସେହି ବୃଦ୍ଧ ଆଶ୍ରମ ନାଁ ରେ ।

ଲେଖକପୁର, ସାଲେପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅପହଞ୍ଚ ଦୂରତ୍ୱ



ଖଗେଶ୍ୱର ବାଗ

ଷୋଡଶୀ ଆସେ ସେ ଷୋଡଶୀର ମେଳେ ନତି ଦେଖେ ଥିଲେ ରବି ଚକ୍ରବାଳେ ।
ନୀଡ ବାହୁଡ଼ନ୍ତି ଯାବତ ବିହଙ୍ଗ ଦେଖି ବିମୋହିତ ସେ ବାଳା ଶ୍ରୀଅଙ୍ଗ ।
ପରଶି ପରଶେ ସେ ମନ୍ଦ ସମୀର ଅଞ୍ଚଳ ଉଡାଇ ଦେଖେ ତନୁ ତା'ର ।
ଗୋଲ୍‌ପୀର ଆସ୍ତରଣେ ତା' ଅଧର ଫୁଟି ଝଟକଇ ପଡି ରବି କର ।
ମଦଭର୍ ବେନ ନୟନେ କଜ୍ଜଳ ସଳାଜେ ଗ୍ରହିଁଲେ ଦିଶଇ ଉଜ୍ଜଳ ।
ହାତ ଠାରେ କେବେ ଦୂରେ ଥାଇ ବାଳା ପୁଣି ଗ୍ରୀବା ତୋଳ ଗ୍ରହେଁ ସେ ଅବଳା ।
ଘେରି ରହିଥା'ନ୍ତି ସହଚରୀ ଯେତେ ନକ୍ଷତ୍ରେ ଚନ୍ଦ୍ରମା ଦେଖି ଲ୍‌ଗେ ସତେ ।
ପ୍ରମଦା ସେ ଆସେ ପ୍ରମଦାର ପାଶେ ପ୍ରମଦା ତୀରରେ ଠିଆ ସେ ହରଷେ ।
ତହୁଁ ଅପଲକେ ଗ୍ରହେଁ ସେ ରୂପସୀ ଇଙ୍ଗିତ ନୟନେ ମନ୍ଦ ମନ୍ଦ ହସି ।
ସେ ହସେ କୁସୁମ କେତେ ପାରିଜାତ ଫୁଟି ଯୁବା ହୃଦ କରେ ସେ ମୋହିତ ।
ଏକ ଅଭିଳାଷ ଅଦମ୍ୟ ଲ୍‌ଳସା ଉଭୟେ ମିଳନ କରଇ ନର୍‌ଶା ।
ଏକ ଆରେକକୁ ଗ୍ରତକ ପର୍‌ଏ ନୀର ତୀରେ ଚଞ୍ଚ ବ୍ୟାକୁଳ କର୍‌ଏ ।
ଥିଲେ ଦ୍ୱିଧା କାୟା ଥିଲେ ଏକ ପାଶେ ଥିଲେ ଏକ ମନ ଆରେକ ମାନସେ ।
ଥିଲେ କ୍ଷୀଣ ଆଶା ତା'କୁ ପାଇବାର ଅନତି ଦୂରରେ ଥିଲେ ପରସ୍ପର ।
ନୟନେ ନୟନ ଯାଇ ଫେରିଆସେ ଫେରିଆସେ ମନ ଯାଇ ସେ ମାନସେ ।
ଅଙ୍ଗ ଅଙ୍ଗେ ସେ ତ ଦିବାସ୍ୱପ୍ନ ପରି ମିଳନେ ପ୍ରମଦା ଠିଆ ସମ ଗିରି ।
ମିଳନ ସହଜ ମଣିଲେ କ ହେବ ଅପହଞ୍ଚ ଦୂରତ୍ୱ ଏ ଅସମ୍ଭବ ।

ଖଗେଶ୍ୱର ବାଗ, ବୁଢ଼ିକୋମନା, ଜିଲ୍ଲା-ନୂଆପଡ଼ା

# ଭାଗ୍ୟରେଖା

ବଳରାମ ତରାଇ

ହାତଟାକୁ ମୁଁ ଦେଖୁଥାଏ ନିତି
ବଦଳିବ କାଳେ ଭାଗ୍ୟରେଖା,
କେବେ କାଳେ ଭାଗ୍ୟ ଖୋଲି
ହୋଇ ହସ୍ତେ ଆଙ୍କି ଯିବ ମୋର ଧନରେଖା ॥

ଜ୍ୟୋତିଷଙ୍କୁ ଡାକି ଦେଖାଇଛି ହାତ
କାହିଁ କେତେ ବାର ଗଣି ନାହିଁ,
ଜାତକ ପତର ଦେଖାଇଛି କେତେ
ପଣ୍ଡିତ ଙ୍କୁ ମୁଁ ଚିହ୍ନି ନାହିଁ ॥

ହସ୍ତରେଖା କାଳେ ଘଷି ହୋଇଯିବ
ତମ୍ବାଖୁ ଖଇନି ଦଳେ ନାହିଁ,
ଫାଟିବା କପାଳ ଯୋଡ଼ିହେବା ପାଇଁ
ମଥାରେ ସାବୁନୁ ମାରେ ନାହିଁ ॥

କିଏ କହେ ତୁମେ କର ଦେବି ମାଆ
ତାରିଣୀ ମଙ୍ଗଳା ପୂଜା
କିଏ କହେ ତୁମେ ଉଡାଅ ବାବାଙ୍କ
ମନ୍ଦିର ଚୂଡ଼ା ରେ ଧ୍ୱଜା ।

ସତ କୁହ ଭାଇ କଏ ସୁଭାକାଂକ୍ଷୀ
ଭାଗ୍ୟ ସଂମ୍ବନ୍ଧରେ ଅଛି ଜ୍ଞାନ
କେଉଁ ଉପାୟଟା କରିବାକୁ ବାକ
କରି ବଢାଇବି ସନମାନ ।

ଭାଗ୍ୟ ବଦଳବ ସପନ ଫଳବ
ବନିଯିବି ଜଣେ ମହାଜ୍ଞାନୀ
ବଡ ବଡ କବି ସାଙ୍ଗେ ସଙ୍ଗ ହେବି
ଆଉ କରିବେନ ହିନମାନ ॥

ହାଟବରଡିହ, ଖୋର୍ଦ୍ଧା ଜିଲ୍ଲା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କୋମଳ କଳିକା

ନିବେଦିତା ମହାପାତ୍ର

ଛୋଟ କଳିକାଟି ଫୁଟିଥିଲା
ଅଗଣା ବଗିଚାରେ
ପବନରେ ଝୁଲି ଗାଉଥିଲା
ସେ ଗୀତ ଆନନ୍ଦରେ ॥ (୧)
ନିଷ୍କପଟ ହୃଦୟରେ ଧରି
ମମତା ସ୍ନେହପ୍ରେମ
ଅତୁଟ ବନ୍ଧନେ ବାନ୍ଧିଥିଲା
ସଭିଙ୍କର ଜୀବନ ॥ (୨)
ଛନ୍ଦ କପଟ ହିଂସାଦ୍ୱେଷର
ଭେଦଭାବ ଦୂରେଇ
ଆପଣାର କରିଲା ସଭିଙ୍କୁ
ସରଳ ମନନେଇ ॥ (୩)
କାମୁକ ଭ୍ରମରଟିଏ ଦେଖି
କମନୀୟ ରୂପକୁ
ଆସିଥିଲା ହୋଇ ଆନମନା
କଳିକାର ପାଖକୁ ॥ (୪)
କରିବାକୁ ଚରିତାର୍ଥ ନିଜ
କାମନା ବାସନାକୁ
ଜଳାଞ୍ଜଳି ଦେଇଦେଲା ତାର
ବିବେକ ପଣିଆକୁ ॥ (୫)

କଳଙ୍କୁ କରି କ୍ଷତବିକ୍ଷତ
ଲୁଟି ନେଲ୍ ମହକ
ତୃପ୍ତକରି ନିଜ ଅଭିଳାଷ
ବୋଳଦେଲ୍ କଳଙ୍କ ॥ (୬)
ନିଷ୍ପାପ କଳକାର ଭାଙ୍ଗିଲ୍
ଭବିଷ୍ୟତ ସପନ
ବିଭୁ ଶିରେ ନହୋଇ ସ୍ଥାନିତ
ହୋଇଗଲ୍ ମଳିନ ॥ (୭)
ଅକାଳେ ବୃନ୍ତଚ୍ୟୁତ ହୋଇଲ୍
ନିରିହ ସେ ମୁକୁଳ
ସୌରଭ ବିତରିବା ଆଗରୁ
ହେଲ୍ ପତନଶୀଳ ॥ (୮)

ମୁକୁନ୍ଦ ମିଶ୍ର ନଗର,ପୁରୀ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଧର୍ମାନ୍ଧତାରୁ ରକ୍ତପାତ : ସାକ୍ଷୀ ଇତିହାସ



ବାଲ୍ମୀକ ନାୟକ

ଇସଲାମ ମତବାଦର ଧର୍ମଗୁରୁ ମହମ୍ମଦ ଇକବାଲ୍ କହିଥିଲେ – "ମଜହବ୍ ନହିଁ ଶିଖାତା ଆପସ୍ ମେଁ ବୈର ରଖନା" – ଅର୍ଥାତ ପରସ୍ପର ଭିତରେ ଦ୍ୱେଷ ରଖିବା କଥା କୌଣସି ଧର୍ମ ଶିକ୍ଷା ଦିଏନା, କିନ୍ତୁ ଇତିହାସ ଏହାର ଓଲଟା କଥା କହିଥାଏ । ଧର୍ମକୁ ଆଳ କରି ଏ ବିଶ୍ୱରେ କେତେ ଯେ ଯୁଦ୍ଧ ହୋଇଛି, କେତେ ଯେ ପ୍ରାଣହାନି ଘଟିଛି, ତାର ହିସାବ ନାହିଁ ।

ସପ୍ତମ ଶତାବ୍ଦୀର ଆରମ୍ଭରେ ଶୈବମତ ସମର୍ଥକ ସାଧୁ ଅପପର, ତିରୁଜ୍ଞାନ ସମ୍ବନ୍ଦର ଏବଂ ସିରୁତୋଣ୍ଡ ନାୟନାରମାନେ ଜୈନ ସଂପ୍ରଦାୟ ଲୋକମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ସେମାନେ ଜୈନମାନଙ୍କ ଉପରେ ନିଜର ସମର୍ଥକମାନଙ୍କ ଦ୍ୱାରା ଯେଉଁ ଅମାନବୀୟ କାଣ୍ଡ କରିଛନ୍ତି ତାର କାହାଣୀ ତାମିଲ "ପେରିଆ ପୁରାଣମ" ନାମକ ଧର୍ମ ଗ୍ରନ୍ଥରେ ଲିପିବଦ୍ଧ ଅଛି । ମହେନ୍ଦ୍ର ବର୍ମନ ଦ୍ୱାରା ଜୈନମାନଙ୍କ ଉପରେ ଭୟାନକ ଅତ୍ୟାଚାର କରାଯାଇଥିଲା । ମହେନ୍ଦ୍ର ବର୍ମନ ପାଟଳୀପୁତ୍ରରେ ଥିବା ଜୈନମନ୍ଦିରକୁ ଧ୍ୱଂସ କରି ସେହି ଜାଗାରେ ଶିବ ମନ୍ଦିର ସ୍ଥାପନ କରିଥିଲେ । ସୁନ୍ଦର ନାମକ ଜୈନେକ ପାଣ୍ଡ୍ୟ ରାଜା ଆଠ ହଜାର ଜୈନ ମୁନିଙ୍କୁ ନିର୍ଯାତନା ଦେଇ ହତ୍ୟା କରିଥିଲେ । ଅର୍କାଟର ତିରୁବତ୍ତୁର ମନ୍ଦିରର କାନ୍ଥଗୁଡିକରେ ଏହି ବିଭତ୍ସ କାହାଣୀର ଚିତ୍ର ଦେଖିବାକୁ ମିଳଥାଏ ।

ଏକାଦଶ ଶତାବ୍ଦୀରେ ମହୀଶୂର ରାଜା ବିହନେବ (ବିଷ୍ଣୁବର୍ଦ୍ଧନ) ରାମାନୁଜାଚାର୍ଯ୍ୟଙ୍କ ଉପଦେଶ ଦ୍ୱାରା ପ୍ରଭାବିତ ହୋଇ ଶହ ଶହ ଜୈନଙ୍କୁ ତେଲ ଘଣାରେ ପେଶି ମାରି ଦେଇଥିଲେ । ମଦୁରାଇର ପ୍ରସିଦ୍ଧ ମିନାକ୍ଷୀ ମନ୍ଦିରରେ ଶୈବ ଏବଂ ବୈଷ୍ଣବମାନଙ୍କ ଦ୍ୱାରା ଜୈନମାନଙ୍କ ଉପରେ ହୋଇଥିବା ଭୀଷଣ ଅତ୍ୟାଚାରର ଚିତ୍ର ଅଙ୍କନ ହୋଇଛି ।

ଜୈନମାନେ ଶୈବ ମତକୁ ସ୍ୱୀକାର କରି ନଥିବାରୁ ରାଜା ଏଭଳ ଅମାନବୀୟ କର୍ମ କରିଥିଲେ ।

ସପ୍ତମ ଶତାବ୍ଦୀରେ ବ୍ରାହ୍ମଣ ରାଜା ଶଶାଙ୍କ ବୌଦ୍ଧମାନଙ୍କ ଉପରେ ଭୟାନକ ଅତ୍ୟାଚାର କରିଥିଲେ । ଶଶାଙ୍କ ବୁଦ୍ଧଗୟାର ସମସ୍ତ ବୌଦ୍ଧ ବିହାରକୁ ଭାଙ୍ଗି ଦେଇଥିଲେ ଏବଂ ବୋଧିଦ୍ରୁମକୁ ବି ଉପାଡି ଦେଇଥିଲେ । ସେହି ସମୟରେ ବୌଦ୍ଧ ମତକୁ ସମର୍ଥନ କରୁଥିବା ଲୋକମାନଙ୍କୁ ନିର୍ମମଭାବେ ହତ୍ୟା କରାଯାଇଥିଲା ।

ମହାବଂଶ ପୁରାଣର ୯୩ ପରିଚ୍ଛେଦରେ ଏବଂ ସିଂହଳୀ ଲୋକକଥା ପୁସ୍ତକରେ ଲେଖାଅଛି – ଷୋଡଶ ଶତାବ୍ଦୀରେ ସିଂହଳ ଦ୍ୱୀପର ରାଜା ଜୟସିଂହ ବୌଦ୍ଧ ଭିକ୍ଷୁମାନଙ୍କ ଉପରେ ଅତ୍ୟାଚାର କରିବା ଫଳରେ ଚାରିପାଞ୍ଚ ବର୍ଷ ମଧ୍ୟରେ ସିଂହଳ ଦ୍ୱୀପରେ ଜଣେ ବି ବୌଦ୍ଧଭିକ୍ଷୁ ଦେଖିବାକୁ ମିଳଲେ ନାହିଁ । ରାଜା ଜୟସିଂହ ବୌଦ୍ଧ ଗ୍ରନ୍ଥାଗାରରେ ଥିବା ଗ୍ରନ୍ଥଗୁଡିକୁ ପୋଡି ନଷ୍ଟ କରି ଦେଇଥିଲେ ।

ଶଙ୍କର ଦିଗବିଜୟଙ୍କ ଶ୍ଳୋକଗୁଡିକରେ ବୌଦ୍ଧମାନଙ୍କୁ କପରି ହତ୍ୟା କରାଯାଇଥିଲା ତା ବର୍ଣ୍ଣନା କରାଯାଇଛି । "ସୁଧନ୍ୱା" ରାଜା ନିଜ ର ଭକ୍ତମାନଙ୍କୁ ଆଦେଶ ଦେଲେ ଯେ, ରାମେଶ୍ୱର ସେତୁଠାରୁ ହିମାଳୟ ପର୍ଯ୍ୟନ୍ତ ବାସ କରୁଥିବା ବୌଦ୍ଧମାନଙ୍କୁ ହତ୍ୟାକର; ସେମାନଙ୍କ ପରିବାରରେ ଥିବା ଆବାଳ ବୃଦ୍ଧବନିତାଙ୍କୁ ମାରି ଶେଷ କରିଦିଅ; କେହି ଯଦି ସେମାନଙ୍କୁ ଦୟା ପ୍ରଦର୍ଶନ କରନ୍ତି, ତାଙ୍କୁ ବି ମାରିଦିଅ ।

"ଦିବ୍ୟବଦାନ" ନାମକ ପ୍ରସିଦ୍ଧ ବୌଦ୍ଧଗ୍ରନ୍ଥ ଏବଂ ତିବ୍ବତର ଲାମା ତାରାନାଥଙ୍କ ଇତିହାସରେ ଲେଖାଅଛି – "ପୁଷ୍ୟମିତ୍ର ସିଂହ ପାଟଳୀପୁତ୍ର ଏବଂ ଜଳନ୍ଧର ଅଞ୍ଚଳରେ ଥିବା ସମସ୍ତ ବୌଦ୍ଧ ବିହାରକୁ ଜାଳ ଦେଇଥିଲେ । ଶାକଳରେ ସେ ଘୋଷଣା କରିଥିଲେ ଯେ, ଯେଉଁବ୍ୟକ୍ତି ଯେତିକ ବୌଦ୍ଧଭିକ୍ଷୁଙ୍କ କଟାମୁଣ୍ଡ ଆଣିବ, ତାକୁ ମୁଣ୍ଡପିଛା ଏକ ଶହ ସ୍ୱର୍ଣ୍ଣମୁଦ୍ରା ଦିଆଯିବ ।

ବୈଷ୍ଣବ ସଂପ୍ରଦାୟର ପ୍ରବର୍ତ୍ତକ ଆଚାର୍ଯ୍ୟ ରାମାନୁଜ ନିଜ ସହର ଶ୍ରୀରଂଗମ୍ ଛାଡି ମହୀଶୂରକୁ ପଳାୟନ କରିଥିଲେ, କାରଣ ସେଠିକାର ଚୋଳବଂଶର ରାଜା "କୁଲୋତ୍ତୁଂଗ" ଶୈବ ଧର୍ମକୁ ମାନୁଥିଲେ ଏବଂ ବୈଷ୍ଣବମାନଙ୍କୁ ବିରୋଧ କରୁଥିଲେ ।

ଶ୍ରୀରାମଙ୍କ ଭକ୍ତ ଏବଂ ରାମାୟଣର ଲେଖକ ତୁଳସୀ ଦାସଙ୍କୁ ବି ସେତେବେଳର କଟ୍ଟର ବ୍ରାହ୍ମଣ ଏବଂ ଶିବଭକ୍ତମାନେ ପ୍ରତାରଣା କରିବାକୁ ପଛେଇ ନଥିଲେ । ସେଇ କଥା ତୁଳସୀ ଦାସଙ୍କ ଦୋହାବଳୀ, କବିତାବଳୀ ଓ ବିନୟପତ୍ରିକା ଆଦିରେ ଲେଖାଅଛି ।

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଉପରେ ବି ପୁରାଣବାଦୀ ଓ ଅବତାରବାଦୀ ଆଧ୍ୟାତ୍ମପ୍ରେମୀ ବ୍ୟକ୍ତିମାନେ ବାରମ୍ବାର ଆକ୍ରମଣ କରିଥିଲେ ।

୧୯୩୨ ସାଲରେ ହରିଜନ ଆନ୍ଦୋଳନ ପାଇଁ ଭ୍ରମଣ କରିବା ସମୟରେ ପୁନାରେ ମହାତ୍ମାଗାନ୍ଧିଙ୍କ ଉପରେ ଯେଉଁ ବୋମା ଫିଙ୍ଗାଯାଇଥିଲା, ତାହା ଜଣେ ହିନ୍ଦୁଧର୍ମାବଲମ୍ବୀ ହିଁ କରିଥିଲେ ।

ଆର୍ଯ୍ୟମାନଙ୍କ ହିଂସାବୃତ୍ତି ବିଷୟ ଆମର ପୁରାଣ ଗ୍ରନ୍ଥଗୁଡିକରେ ଭରିରହିଛି । ବିଭିନ୍ନ ଯଜ୍ଞବେଳେ ଅସଂଖ୍ୟ ପଶୁ ଏପରିକି ନରବଳୀ ବି ଦିଆଯାଉଥିବାର ଉଲ୍ଲେଖ ଅଛି ।

୧୫୦୦ ମସିହାରେ ଅଲବୁକର୍କ ଗୋଆ ଉପରେ ବିଜୟ ପ୍ରାପ୍ତ କରି ସେଠାରେ ଥିବା ସମସ୍ତ ମସଜିଦକୁ ଭାଙ୍ଗି ଚର୍ଚ୍ଚରେ ପରିବର୍ତ୍ତନ କରିଥିଲେ । ଆଲବୁକର୍କ ୧୫୧୫ ମସିହାରେ ମୃତ୍ୟୁ ବରଣ କରିବା ପରେ ସେଠାରେ ହିନ୍ଦୁମାନଙ୍କ ଉପରେ ବି ଅତ୍ୟାଚାର ବୃଦ୍ଧି ପାଇଲା । ପର୍ତ୍ତୁଗାଲର ସୈନିକମାନେ ପାଦ୍ରୀମାନଙ୍କ ନେତୃତ୍ୱରେ ହିନ୍ଦୁମାନଙ୍କୁ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କରିବାକୁ ପ୍ରବର୍ତ୍ତାଇଲେ । ଏଣ୍ଟୋନିଓ ପୋଟୋ ନାମକ ଜଣେ ପାଦ୍ରୀ ବସଇ ପ୍ରଗଣାର ହଜାର ହଜାର ହିନ୍ଦୁମାନଙ୍କୁ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିବା ପାଇଁ ବାଧ୍ୟ କରିଥିଲେ । କନେରୀ ଗୁମ୍ଫାମାନଙ୍କରେ ଯେଉଁ ହିନ୍ଦୁ ସନ୍ନ୍ୟାସୀମାନେ ଥିଲେ, ସେମାନଙ୍କୁ ବନ୍ଧୁକ ଭୟ ଦେଖାଇ ଆଧ୍ୟାତ୍ମିକ ମତବାଦ ପରିବର୍ତ୍ତନ କରିଦେଲେ । ଖ୍ରୀଷ୍ଟିୟାନ୍ ପାଦ୍ରୀମାନଙ୍କ ଭୟାନକ

ଅତ୍ୟାଚାର ସହି ନପାରି ପର୍ତ୍ତୁଗାଲର ପୁରୁଣା ବସ୍ତିଗୁଡିକରୁ ହଜାର ହଜାର ହିନ୍ଦୁ ଗୃହତ୍ୟାଗ କରି ଅନ୍ୟତ୍ର ପଳାୟନ କରିଥିଲେ ।

ସ୍ପେନ ଓ ପର୍ତ୍ତୁଗାଲ ଦୁଇଟି ପଡୋଶୀ ରାଜ୍ୟ । ସେଠାରେ ବି ଏହି ଧାର୍ମିକ ଉନ୍ମାଦ ଲାଗି ରହିଥିଲା । ଶେଷରେ ପର୍ତ୍ତୁଗାଲୀମାନେ ଭାରତକୁ ଖ୍ରୀଷ୍ଟିୟାନ ମତବାଦ ପ୍ରଚାର କରିବାକୁ ଆସି ଯେଉଁ ଅମାନବୀୟ ପନ୍ଥାଗ୍ରହଣ କରିଥିଲେ, ତାହା ଅତି ବର୍ବରୋଚିତ ଓ ଭୟାନକ ପନ୍ଥା ଥିଲା । ପର୍ତ୍ତୁଗାଲର ରାଜା ଇମେନ୍ୟୁୟଲ ପେଡ୍ରୋଅଲବରେଜକୁ ଗୋଟିଏ ଆଜ୍ଞାପତ୍ର ଦେଇଥିଲେ । ସେଥିରେ ଲେଖାଥିଲା, "ମୁସଲମାନ ଏବଂ ଅନ୍ୟ ସଂପ୍ରଦାୟର ଲୋକମାନଙ୍କୁ ଖଣ୍ଡାରେ ଆକ୍ରମଣ କରିବା ପୂର୍ବରୁ ଆମର ପାଦ୍ରୀମାନେ ପ୍ରଥମେ ଧାର୍ମିକ ଆକ୍ରମଣ କରନ୍ତୁ । ଯଦି ସେମାନେ ପାଦ୍ରୀଙ୍କ ସହ ଏକମତ ହୋଇ ଧାର୍ମିକ ମତବାଦ ପରିବର୍ତ୍ତନ ନ କରନ୍ତି, ତେବେ ସେମାନଙ୍କ ଉପରେ ଖଣ୍ଡା ଓ ବନ୍ଧୁକ ବ୍ୟବହାର କରି ପରାସ୍ତ କରିବାକୁ ଚେଷ୍ଟା କରିବ ।"

୧୫୬୪ ମସିହାରେ ଏଣ୍ଟୋନୟୋ ନୋରୋନହା ନାମକ ଏକ ଧର୍ମାନ୍ଧ ବ୍ୟକ୍ତି ଗୋଆରେ ଶାସନ କରିବାକୁ ଆସିଲେ । ସେ ଗୋଆର ପାଦ୍ରୀମାନଙ୍କୁ ସମ୍ପୂର୍ଣ୍ଣ ସୈନିକ ସହାୟତା ଦେଲେ । "ସାଷ୍ଟି" ଦ୍ୱୀପରେ କଛି ପାଦ୍ରୀ ପର୍ତ୍ତୁଗାଲୀ ସୈନିକମାନଙ୍କୁ ସାଙ୍ଗରେ ନେଇ ହିନ୍ଦୁମାନଙ୍କ ମନ୍ଦିର ଭାଙ୍ଗିବା ଆରମ୍ଭ କରିଦେଲେ । ସ୍ଥାନୀୟ ଅଧିବାସୀମାନେ ଏହାର ପ୍ରତିବାଦ ସ୍ୱରୂପ ସୈନିକ ଓ ପାଦ୍ରୀମାନଙ୍କ ସହ ଲଢେଇ କରି ପରାଜିତ କରିଦେଲେ । ଏହାର ପ୍ରତିଶୋଧ ନେବା ପାଇଁ ବହୁ ସଂଖ୍ୟାରେ ସୈନିକ ସେଠାକୁ ଆସିଲେ ଏବଂ ଉକ୍ତ ଦ୍ୱୀପର ସମସ୍ତ ଅଧିବାସୀଙ୍କୁ ହତ୍ୟାକରି, ସେମାନଙ୍କ ବାସସ୍ଥାନ ଆଦିରେ ନିଆଁ ଲଗେଇ ଧ୍ୱଂସ କରିଥିଲେ ।

ଅନ୍ୟ ଏକ ଉଦାହରଣ : ପୋପଙ୍କ ଆଜ୍ଞା ପାଇ ୟୁରୋପର ଖ୍ରୀଷ୍ଟିଆନ୍ ରାଜା ଅନେକ ପ୍ରକାର ଦଣ୍ଡ ପ୍ରଣୟନ କରିଥିଲେ । ଅପରାଧର ବିଚାର ପାଇଁ ଚର୍ଚ୍ଚର ନିର୍ଦ୍ଦେଶରେ ବିଶେଷ ଅଦାଲତ ଗଠନ କରାଯାଉଥିଲା । ଏହାକୁ "ଇନକୁଇଜିଶନ" କୁହାଯାଉଥିଲା । ଏହି ଅଦାଲତର ନିଷ୍ପତ୍ତିକୁ ବିରୋଧ କରି ଅନ୍ୟ କୌଣସି ଅଦାଲତରେ ଅପିଲ କରାଯାଇପାରୁ

ନଥିଲା । ଏହି ଅଦାଲତର ସବୁଠାରୁ କଠୋର ଦଣ୍ଡ ଥିଲା – ଅପରାଧୀକୁ ଜୀବନ୍ତ ଦଗ୍ଧ କରି ମାରିବା । ଅଭିଯୁକ୍ତ କୌଣସି ଓକିଲ ଦେଇପାରୁନଥିଲେ କିମ୍ବା ତାଙ୍କ ପକ୍ଷରୁ କୌଣସି ସାକ୍ଷ୍ୟ ପ୍ରମାଣ ମଧ୍ୟ ଦେଇପାରୁନଥିଲେ ।

ଏଇଥିରୁ ଅନୁମାନ କରିହେଉଛି ଯେ, ଉକ୍ତ ଅଦାଲତଗୁଡିକର ଦଣ୍ଡିବା ଶକ୍ତି କେତେ ଅମାନବୀୟ ଥିଲା । ଇତିହାସରୁ ଜଣାପଡେ ଯେ, ସ୍ପେନର ଇନକୁଇଜଶନ୍ ଅଦାଲତର ଅଧ୍ୟକ୍ଷ ଟୋର୍କିମାଡା ନିଜର ଅଠର ବର୍ଷର କାର୍ଯ୍ୟକାଳ ମଧ୍ୟରେ ୧୧୪୪୦୧ ବ୍ୟକ୍ତିଙ୍କୁ ଦଶରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ଜେଲ ଭିତରେ ନିର୍ଯ୍ୟାତନା ଦେବା ପରେ, ଶେଷରେ ପ୍ରତ୍ୟେକଙ୍କୁ ନିଆଁରେ ପୋଡି ହତ୍ୟା କରିଥିଲେ ।

ମଧ୍ୟଯୁଗରେ ପ୍ରାୟ ଦୁଇ ଦଶକ ପର୍ଯ୍ୟନ୍ତ ଖ୍ରୀଷ୍ଟିୟାନ୍ ଓ ମୁସଲମାନ ହୋଲି ୱାର୍ ନାମରେ ସଂଘର୍ଷ ଜାରି ରଖିଥିଲେ । ସପ୍ତମ ଶତାବ୍ଦୀରେ ହିନ୍ଦୁ ଓ ମୁସଲମାନ ସୈନିକମାନଙ୍କ ମଧ୍ୟରେ ଜିହାଦ୍ ହୋଇଥିଲା । ଗୋଟିଏ ଆଧ୍ୟାତ୍ମିକ ମତବାଦ ପାଇଁ ଯୁଦ୍ଧ କରୁଥିବା ଯୋଦ୍ଧାମାନଙ୍କ ଭିତରେ ବି ଏକତାର ଅଭାବ ଦେଖାଯାଇଥାଏ । କାରଣ ଆଧ୍ୟାତ୍ମିକ ମତବାଦ ଭିତରେ ବି ଅନେକ ବର୍ଗ ଓ ଜାତିର ଲୋକ ରହୁଥିବାରୁ ପରସ୍ପର ଭିତରେ ଲଢେଇ ହୋଇଥାଏ ।

ସମସ୍ତ ମୁସଲମାନ ଦେଶ ସିହା ଓ ସୁନ୍ନୀ ଏପରି ଦୁଇଟି ବର୍ଗରେ ବିଭକ୍ତ ହୋଇଛି । ସେମାନଙ୍କ ତଥାକଥିତ ଆଲ୍ଲା ଏକ ବୋଲି କହୁଥିଲେ ବି ଦୁଇବର୍ଗ ଭିତରେ କେବେ ବି ଶାନ୍ତି ରକ୍ଷା ହୋଇପାରିନାହିଁ । ଇରାକରେ ସିହା ଓ ସୁନ୍ନୀ ସଂଘର୍ଷ ଯୋଗୁଁ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି । ପାକିସ୍ଥାନ ଗୋଟିଏ ମୁସଲମାନ ଦେଶ । ସେଠାରେ ସୁନ୍ନୀମାନଙ୍କ ସଂଖ୍ୟା ପ୍ରାୟ ଅଶୀଭାଗ ଓ ସିହାମାନଙ୍କ ସଂଖ୍ୟା ଖୁବ୍ କମ୍, କିନ୍ତୁ କେହି କାହାଠାରୁ କମ୍ ନୁହଁନ୍ତି । ଏଇ ଦୁଇ ବର୍ଗର ନିଜସ୍ୱ ଆତଙ୍କବାଦୀ ସଂଗଠନ ରହିଛି । ସମୟ ସୁବିଧା ଦେଖି ବିରୋଧୀ ବର୍ଗ ମସଜିଦ୍ (ଆଧ୍ୟାତ୍ମିକ ସ୍ଥଳ) ଗୁଡିକରେ ପ୍ରାର୍ଥନା କରୁଥିବା ସମୟରେ ବନ୍ଧୁକ, ବୋମା ଆଦି ବ୍ୟବହାର କରି ନିର୍ଦ୍ଦୋଷ ଲୋକଙ୍କ ହତ୍ୟା କରୁଛନ୍ତି । ଦେଶର ଶାସନ ଡୋର

ମୌଳବାଦୀମାନେ ହିଁ ଧରି ରଖିବାକୁ ସର୍ବଦା ଚେଷ୍ଟା କରୁଛନ୍ତି । ପରୋକ୍ଷଭାବେ ସେହିମାନେ ହିଁ ଶାସନକର୍ତ୍ତା ।

କେବଳ ଧର୍ମ ନାମରେ ଘଟିଥିବା ସଂଘର୍ଷ ଓ ଯୁଦ୍ଧରେ ପ୍ରାଣ ହରାଇଥିବା ଜନସଂଖ୍ୟା ସଂପର୍କରେ ଇତିହାସ ପୃଷ୍ଠାରୁ କିଛି ଉଦାହରଣ ଦେଖନ୍ତୁ ଗତ ୫୦୦ ବର୍ଷ ତଳେ ସ୍ପେନର ଦଶ ହଜାର ଲୋକଙ୍କୁ ମାରି ଦିଆଗଲା ଏବଂ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଜେଲ୍ ରେ ଭୋକ ଉପାସରେ ମରିବା ପାଇଁ ବାଧ୍ୟ କରାଯାଇଥିଲା ।

"ଗିନଜ୍ ବୁକ୍ ଅଫ୍ ୱାଲଡ୍ ରେକର୍ଡ" ର ଜୁଡିଶିଆଲ୍ କ୍ୟାଟେଗୋରୀ ପୃଷ୍ଠାରେ "କ୍ରାଇମ୍ ମାସ୍ କଲିଂଗ୍" ଶିରୋନାମାରେ ଗୋଟିଏ ମଜା କଥା ଲେଖାଅଛି ଯେ, ଧର୍ମ ନାମରେ ହୋଇଥିବା ଯୁଦ୍ଧରେ ଆଧ୍ୟାତ୍ମବାଦୀ ଲୋକମାନଙ୍କ ଅପେକ୍ଷା ହେତୁବାଦୀ ଲୋକ ବେଶୀ ପ୍ରାଣ ହରାଇଛନ୍ତି" - ଅର୍ଥାତ କୌଣସି ଆସ୍ତିକବାଦକୁ ମାନୁ ନଥିବା ନିରୀଶ୍ୱରବାଦୀ ଲୋକମାନଙ୍କୁ ସଭିଏଁ ହତ୍ୟା କରିବାକୁ ଆଗେଇ ଆସିଛନ୍ତି ।

ଧର୍ମଗୁଡିକରେ ଏହିଭଳି ଅନେକ ଉଦାହରଣ ଆମକୁ ଇତିହାସ ପୃଷ୍ଠାରେ ପଢିବାକୁ ମିଳୁଛି ଯେ, ଗୋଟିଏ ଧାର୍ମିକ ମତବାଦର ଶ୍ରେଷ୍ଠତ୍ୱ ପ୍ରତିପ୍ରାଦନ କରିବା ପାଇଁ ଅନ୍ୟ ଧାର୍ମିକ ଲୋକମାନଙ୍କୁ ନିର୍ଯ୍ୟାତନା ଦେଇ ନିର୍ମମ ଭାବେ ହତ୍ୟା କରାଯାଇଛି । ଆଜିରେ ବୈଜ୍ଞାନିକ ଯୁଗରେ ବି ଏହି ପ୍ରକ୍ରିୟା ଚାଲୁରହିଛି । ଧର୍ମ ନାମରେ ଶହଶହ ବର୍ଷ ଧରି ଶାସକ ଓ ଧାର୍ମିକ ନେତା ନିଜ ନିଜର ସ୍ୱାର୍ଥସିଦ୍ଧି ପାଇଁ ସାଧାରଣ ଜନତାଙ୍କୁ ଲୁଟି ଚାଲିଛନ୍ତି ।

ଧର୍ମ ଯୁଦ୍ଧ ହେଉ ବା ରାଜନୈତିକ ଯୁଦ୍ଧ-ଯୁଦ୍ଧରେ ଯେଉଁ ସୈନିକମାନେ ମୃତ୍ୟୁବରଣ କରନ୍ତି, ସେମାନଙ୍କ ସ୍ତ୍ରୀମାନେ ବିଧବା ହୋଇଥାନ୍ତି । ଅନେକ ସ୍ଥଳରେ ଜିତିଥିବା ଦଳର ସୈନିକମାନେ ପରାଜିତ ଦଳର ସ୍ତ୍ରୀମାନଙ୍କୁ ବଳପୂର୍ବକ ଉଠେଇ ନେଇଯାଆନ୍ତି । କେତେକ ସେମାନଙ୍କୁ ଯୌନ ଶୋଷଣ କରି ଛାଡି ଦିଅନ୍ତି, ଆଉ କେତେକ ଧର୍ମ ପରିବର୍ତ୍ତନ କରାଇ "ରକ୍ଷିତା" ଭାବେ ରଖି ଦିଅନ୍ତି ।

ଇତିହାସକୁ ବାଦ ଦେଇ ଯଦି ଆମେ ସ୍ୱାଧୀନ ଭାରତରେ ଘଟୁଥିବା ଘଟଣାଗୁଡିକ ଉପରେ ଦୃଷ୍ଟିପାତ କରିବା, ତେବେ ଜାଣିପାରିବା ଯେ ଭାରତରେ ଧାର୍ମିକ ସଂଘର୍ଷ ଓ ସାଂପ୍ରଦାୟିକ ହାଣକାଟର ଏକ ଲମ୍ବା ତାଲିକା ରହିଛି । ୧୯୪୭ ମସିହାରେ ଦେଶର ବିଭାଜନ ହେବା ପରଠାରୁ ଧାର୍ମିକ ଉନ୍ମାଦରେ ମାତିଥିବା ଲୋକମାନଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଯେ, ଅନ୍ୟ ଧର୍ମର ଲୋକମାନଙ୍କୁ ମାରି ଶେଷ କରିଦିଅ ଏବଂ ଦରକାର ପଡିଲେ ନିଜେ ଧର୍ମ ନାମରେ ମୃତ୍ୟୁବରଣ କର, ସ୍ୱର୍ଗକୁ ଯାଇ ଭଗବାନଙ୍କୁ ପାଖରେ ରହ ।

ମୋଟ ଉପରେ ଧର୍ମ ପାଇଁ ଯେତିକ ଯୁଦ୍ଧ ହୋଇଛି, ଅନ୍ୟ କୌଣସି କାରଣ ପାଇଁ ସେତେ ହୋଇନାହିଁ । ସେହିଭଳି ଧର୍ମ ନାମରେ ଯେତିକ ଲୋକ ବଳି ପଡିଛନ୍ତି ଅନ୍ୟ କାରଣରୁ ସେତିକ ବଳି ପଡିନାହାନ୍ତି । ଉପରୋକ୍ତ ସମସ୍ତ ଘଟଣାକୁ ଅନୁଧ୍ୟାନ କଲେ ଆମେ ବୁଝିପାରିବା ଯେ, ଧର୍ମର ଦୁହାଇ ଦେଇ ଯେଉଁ ଧର୍ମଗୁରୁ ବା ନେତାମାନେ ଜେହାଦ ବା ଯୁଦ୍ଧ ଭିତରକୁ ଆମକୁ ଠେଲି ଦେଉଛନ୍ତି, ସେମାନଙ୍କର ଅସଲ ଉଦ୍ଦେଶ୍ୟ ବୁଝିବାକୁ ଚେଷ୍ଟା କରିବା ଉଚିତ । ଯୁଦ୍ଧରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଟିଏ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଜୈନ ବା ବୌଦ୍ଧ ନୁହେଁ, ସେ ହେଉଛି ଜଣେ ସାଧାରଣ ମଣିଷ । ଆସନ୍ତୁ, ସମସ୍ତେ ମିଳିମିଶି ମଣିଷକୁ ରକ୍ଷା କରିବା, ମାନବିକତାକୁ ପାଳନ କରିବା । ତେବେ ଯାଇ ଏହି ଦୁନିଆ ଆହୁରି ସୁନ୍ଦର ଓ ସୁଖମୟ ହୋଇପାରିବ ।

କେ.ଆର. ପୁରମ, ବାଙ୍ଗାଲୋର

# ଅଭିମାନୀ ପ୍ରିୟା



ଆର୍ଯ୍ୟରଶ୍ମି ଦଳାଇ

ପ୍ରିୟା ମୋର ଏତେ ଯେ ଅଭିମାନ
ରାଗିଗଲେ କେବେ କଥା ସେ ଶୁଣେନୀ
ଏଭଳ ଅବୁଝା ମନ ଯେ ତାହାର
ଶୁଣିବନ କେବେ କଥା ହୃଦୟର
ଅଲିଅଳ ସୁନାନାକ ଝିଅ ଯେ ଏମିତି
ଗଢ଼ିଛି ଯେ ତାକୁ କଏ ବା କେମିତି
ଝିଅ ନୁହେଁ ସତେକ ସେ ଆଟୋମବମ୍ ଭଳ
କଥା କଥା କେ ମୋ ସେଗେଂ ଲଗାଇବ କଳ
ଭଗବାନ ସୃଷ୍ଟିରେ ତୁମର ଏ କ ବିଚତ୍ର ନୟମ
ଏହିପରି ଅଭିମାନ କଣ ଝିଅଙ୍କର କାମ
କରୁପଛେ ରାଗରୋଷ ହେଉ ଅମାନଆ
ତାପାଇଁ ଖୁସିଅଛି ମୋହରି ଦୁନଆ
କାରଣ ସେ ମୋର ସେ ମୋର ଅଭିମାନୀ ପ୍ରିୟା

ଗବେଷକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ହେ ମୋର ସଦଗୁରୁ



ତୃପ୍ତିମିତ୍ରା ରଥ

ଗୁରୁ ବୋଲି ଯେଉଁ ଦୁଇଟି ଅକ୍ଷର
ସରଗ ଠୁ ସେତ ଦୂର,
ସମୁଦ୍ର ଠାରୁ ସେ ଆହୁରି ଗଭୀର
ଜୀବନ ର ସାତ ସୁର,
ଉତ୍କୃଷ୍ଟ ଜୀବନ ଚର୍ଯ୍ୟା ବୀଜମନ୍ତ୍ର
ଶିଖାଇଲ ଯେତେ ତୁମେ,
କର୍ତ୍ତବ୍ୟ ନିଷ୍ଠା ର ମୂଳମନ୍ତ୍ର ନେଇ ଅଗ୍ରସର ହେଲୁ ଆମେ,
ଜନ୍ମ ଠୁ ମରଣ ତୁମ ପଦେ ଲିନ
ମୋର ମନ ମୋର ଆତ୍ମା,
ଆସିଅଛ ତୁମେ ମରତେ ଓହ୍ଲେଇ
ଲଭି ରୂପ ପରମାତ୍ମା,
ମୁଖ ନିଃସୃତ ସୁଦ୍ଧା ବନି ତବ
ଅଟଇ ପବିତ୍ର ବେଦ,
ବିଦ୍ୟାର୍ଥୀ ନିମନ୍ତେ ସାଜି ଅଛ ତୁମେ
ଈଶ୍ୱର ଙ୍କ ଆଶୀର୍ବାଦ,
ଜନମ ନଦେଇ ମାତୃ ସ୍ନେହ ଦେଲ ଲକ୍ଷ ଲକ୍ଷ ସନ୍ତାନ ଙ୍କୁ,
ସ୍ନେହ, ପ୍ରେମ, ଭାବ,ଭକ୍ତି ଯେ ଶିଖାଇ
ଗଢିଲ୍ ଏ ସଂସାର କୁ,
ଲକ୍ଷସ୍ଥଳ ରେ ପହଁଚବୁ ପରା
ଆମେତ ଲକ୍ଷ ସାଧକ,

ତୁମ ବିନା ଏହା ସମ୍ଭବ ହେବ କ
ତୁମେ ଯେ ମାର୍ଗ ଦର୍ଶକ,
ଯେତେ ଦୁଃଖ ଥିଲେ ଆସିଯାଏ ଖୁସି
ତୁମ ମିଠା କଥା ଦେଲେ ଯେ ଶୁଣି,
ଯାଏନ ମନ ରୁ କେବେ ତୁମ କଥା
ହେଉଥାଏ ସଦା ମନ ରେ ଗୁଣି,
ଚ଼ନ୍ଦ୍ରା ଚନ୍ଦ୍ରା ଲାଗେ ତୁମରି ମୁଖ ଯେ
ମିଠା ମିଠା ତୁମ କଥା,
ଅତି ମିଠା ତୁମ ସ୍ନେହ ଶରଧା ର
ନଥାଏ ଯେପରି ଦ୍ୱିଧା,
ଚେତନା ଶକ୍ତି କୁ ଜାଗ୍ରତ କଲ ହେ
ବିଦ୍ୟାର୍ଥୀ ବତ୍ସଳ ଗୁରୁ,
ଜ୍ୟୋତିର୍ମୟ ପଥେ ଅଗ୍ରସର ହେଲୁ
ତୁମରି କୃପା ବଳରୁ,
ଦୃଷ୍ଟ ଆତ୍ମା ଟିଏ ପବିତ୍ର ହୁଏ ଯେ
ଅନୁପ୍ରାଣି ହୋଇ ତୁମ ଅଦର୍ଶେ,
କୂଟ କପଟ ର ପଥ ଛାଡି ସେହୁ
ସଦମାର୍ଗ ପବିତ୍ର ପଥ କୁ ଆସେ,
ଅକଳନୟ ଯେ ତୁମରି ଶିକ୍ଷା
ତହୁଁ ମୁଁ ଲଭିଛି ଏତକ ଜ୍ଞାନ,
ବ୍ରହ୍ମ ଜ୍ଞାନ ତାକୁ ବଳ ପଡିବ ଯେ
ଚରି ଯିବ ସବୁ ପୋଥି ବିଜ୍ଞାନ,
ଢାଳ ହେ ଆଶିଷ ମାଥାପରେ ମୋର
ସଂଶୟ ଦୂର ମୋ ଠାରୁ,
ଆଜିର ଦିନ ରେ ଘେନ ମୋ ପ୍ରଣାମ
ହେ ମୋର ସଦଗୁରୁ………

କବିରାଜ ପୁର, ଗଞ୍ଜାମ

# ଶ୍ରମିକ

ଧନେଶ୍ୱର ଭୋଇ

ଯୁଗଯୁଗ ଧରି ରଖିଛନ୍ତି ଟେକ
ଦିନରାତି କେତେଯେ ପରିଶ୍ରମ କରି
ତିଆରି କରନ୍ତି କେତେ କଳା କର୍ତ୍ତୀ
ନିର୍ଭୟରେ ନିଜ ଛାତିକୁ ପଥର କରି ।

ଗଢି ତୋଳନ୍ତି କେତେ କଳା କର୍ତ୍ତୀ
ବଡବଡ ମହଲ, ମନ୍ଦିର, ସ୍ତମ୍ଭ ମାନ
ମଥା ଝାଳ ପୋଛି ଶ୍ରମିକ ସାଜି
ନିର୍ମାଣ କାର୍ଯ୍ୟେ ବାଜି ଲଗାଇ ଜୀବନ ।

ରକ୍ତ, ମାଂସ, ମେଦି ଖରା ବର୍ଷା ତାତି
ଖଟି ଗଳିଥାଏ ଶ୍ରମରେ ପାଣି କରି ରୁଧିର
ଜଞ୍ଜାଳ ସଂସାରର ଭୋକ ମିଣ୍ଟା ପାଇଁ
ଖୋଜି ବୁଲେ ପେଟ ପାଇଁ ମଠାଏ ଆହାର ।

କେନ୍ଦୁମୁଣ୍ଡି, କର୍ଲାମୁଣ୍ଡା, ମ.ରାମପୁର
+୩ ସ୍ୱୟଂ ଶିକ୍ଷିତ ମହାବିଦ୍ୟାଳୟ
ଭବାନୀପାଟଣା

# ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟର ସାରକଥା-୨



ନରେନ୍ଦ୍ର ପ୍ରସାଦ ବେହେରା

ଅର୍ଜୁନଙ୍କୁ ବିଷାଦଗ୍ରସ୍ତ ଦେଖି ଓ ଯୁଦ୍ଧ କରିବେ ନାହିଁ ଶୁଣି ଭଗବାନ ଶ୍ରୀକୃଷ୍ଣ ମୋହ ଓ କାପୁରୁଷୋଚତ କାର୍ଯ୍ୟ ପାଇଁ ତାଙ୍କୁ ନନ୍ଦାକଲେ । କନ୍ତୁ ପୂଜ୍ୟଗୁରୁ ଓ ପିତାମହଙ୍କୁ ସେ କପରି ଯୁଦ୍ଧରେ ମାରିବେ ତାହାହିଁ ତାଙ୍କର ଦୁଃଖ ବୋଲି ଅର୍ଜୁନ ଜଣାଇଲେ ଏବଂ ପୁଣି କହିଲେ- ସାମାନ୍ୟ ରାଜ୍ୟ କ'ଣ, ଦେବତାମାନଙ୍କର ଅଧିକାର ପାଇଲେ ବି ତାଙ୍କର ଶୋକ ନବୃତ୍ତ ହେବନାହିଁ । ଏଣୁ ତାଙ୍କ ପକ୍ଷରେ କ'ଣ ଶ୍ରେୟ ତାହା ତାଙ୍କୁ ଶିକ୍ଷା ଦେବାକୁ ସେ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହେଲେ ।

*ଶ୍ରୀକୃଷ୍ଣ ବୁଝାଇଲେ-* ଆମ୍ଭେମାନେ ସମସ୍ତେ ପୂର୍ବରୁ ଥିଲେ, ଏବେ ଅଛୁ ଓ ଭବିଷ୍ୟତରେ ମଧ୍ୟ ଥିବୁ । ଏ ଦେହ କେବଳ ନଷ୍ଟ ହେଉଛି । ଦେହ ଜନ୍ମଲାଭ କରୁଛି ଏବଂ କୌମାର, ଯୌବନ ଓ ବାର୍ଦ୍ଧକ୍ୟ ମଧ୍ୟରେ ଗତିକରି ଶେଷରେ ତାର ବିନାଶ ହେଉଛି। ଯେପରି ମନୁଷ୍ୟମାନେ ଜୀର୍ଣ୍ଣବସ୍ତ୍ର ତ୍ୟାଗ କରି ନୂତନ ବସ୍ତ୍ର ପିନ୍ଧନ୍ତି ସେହିପରି ଏ ଦେହ ଆତ୍ମାର ଦେହାନ୍ତର ପ୍ରାପ୍ତି ହେଉଛି । ଦେହ ନଷ୍ଟ ହେଉଛି, ଆତ୍ମା କନ୍ତୁ ଅମର । ସେହି ଆତ୍ମାକୁ କେହି ଶସ୍ତ୍ରରେ ହାଣିପାରିବେ ନାହିଁ, ଜଳ ତାକୁ ଓଦା କରିପାରିବ ନାହିଁ, ଅଗ୍ନି ତାକୁ ପୋଡି ପାରିବ ନାହିଁ ବା ପବନ ତାକୁ ଶୁଖାଇ ପାରିବ ନାହିଁ । ଯଦି ବି ତୁମେ ତାକୁ ନତ୍ୟ ଜାତ ଓ ନତ୍ୟ ମୃତ ବୋଲି ମନେ କରୁଥାଅ ତଥାପି ତୁମର ଶୋକ କରିବା ଉଚତ ନୁହେଁ। କାରଣ ଯେ ଜନ୍ମ ହେଉଛି ସେ ନଶ୍ଚୟ ମରିବ ଏବଂ ମୃତକର ଜନ୍ମ ମଧ୍ୟ ନଶ୍ଚିତ ।

ତୁମର ସ୍ୱଧର୍ମ ପାଳନ କରିବା ଉଚତ୍ । ତୁମେ କ୍ଷତ୍ରିୟ ହୋଇଥିବାରୁ ସ୍ୱତଃ ଉପସ୍ଥିତ ଏହି ଧର୍ମଯୁଦ୍ଧକୁ ତ୍ୟାଗ କରିବା ଠିକ୍ ହେଉନାହିଁ । ଯୁଦ୍ଧ ଛାଡି ପଳାଇଲେ ମହାବୀର ବୋଲି

ତୁମକୁ ଯେଉଁମାନେ ଆଗରୁ ପ୍ରଶଂସା କରୁଥିଲେ ସେମାନେ ତୁମର ବହୁତ ନିନ୍ଦା କରିବେ । ତାଙ୍କର କଟୂଭାଷା ମରଣଠାରୁ ବଳପଡିବ । ଯୁଦ୍ଧରେ ଜିତିଲେ ରାଜ୍ୟଲାଭ ହେବ, ମଲେ ସ୍ୱର୍ଗକୁ ଯିବ । ସୁଖ-ଦୁଃଖ, ଲାଭ-କ୍ଷତି, ଜୟ-ପରାଜୟ ସବୁକୁ ସମାନ ମନେକରି ଭଗବାନଙ୍କର ଶରଣାପନ୍ନ ହୋଇ ନିଷ୍କାମ ଭାବରେ କର୍ମ କର । ସେହି ନିଷ୍କାମ ଭାବରେ ଯୁଦ୍ଧକରି ଶତ୍ରୁମାନଙ୍କୁ ମାରିଲେ ବି ତୁମକୁ ପାପ ଲାଗିବ ନାହିଁ । ଫଳ ଆଶା ନଥିବାରୁ କର୍ମତ୍ୟାଗ କରିବା ଉଚିତ୍ ନୁହେଁ । ତୁମର କର୍ମ କରିବାର ଅଧିକାର ଅଛି, କର୍ମଫଳରେ ଅଧିକାର ନାହିଁ । ତୁମ ଆଶାନୁରୂପ ଫଳ ପାଇବ ନାହିଁ ବୋଲି ତୁମର କର୍ମତ୍ୟାଗ କରିବା ମଧ ଉଚିତ୍ ନୁହେଁ । କର୍ମତ୍ୟାଗ କଲେ ତୁମେ ପାପଭାଗୀ ହେବ । କର୍ମର କୌଶଳ ତୁମକୁ ଜାଣିବାକୁ ହେବ-ଯାହା ଜାଣି ପାରିଲେ ତୁମେ କର୍ମବନ୍ଧନରୁ ମୁକ୍ତ ହେବ । ତୁମର ବୁଦ୍ଧି ବିଷୟ ବାସନା ତ୍ୟାଗକରି ପରମାତ୍ମାଙ୍କଠାରେ ସ୍ଥିର ହେବା ଦରକାର । ତୁମର ବ୍ରହ୍ମଜ୍ଞାନ ବା ବ୍ରହ୍ମନିଷ୍ଠା ଦୃଢ ହେଲେ ବା ତୁମେ ସ୍ଥିତପ୍ରଜ୍ଞ ହୋଇପାରିଲେ ସମସ୍ତ କର୍ମ କରି ମଧ ତୁମେ ମୋକ୍ଷ ପଦର ଅଧିକାରୀ ହେବ ।

*ଅର୍ଜୁନ ପୁଣି ପଚାରିଲେ-* ହେ କେଶବ ! ସ୍ଥିତପ୍ରଜ୍ଞଙ୍କର ଲକ୍ଷଣ ଓ ସେ କିପରି ଚଳପ୍ରଚଳ ହୁଅନ୍ତି ମୋତେ ବୁଝାଇ କୁହନ୍ତୁ । ଭଗବାନ ଶ୍ରୀକୃଷ୍ଣ କହିଲେ- ଯେଉଁ ବ୍ୟକ୍ତି ମନମଧରେ ଥିବା ବା ମନକୁ ଆକୃଷ୍ଟ କରୁଥିବା ସମସ୍ତ କାମନା ତ୍ୟାଗକରି ସମସ୍ତ ପରିସ୍ଥିତିରେ ସନ୍ତୁଷ୍ଟ ରହନ୍ତି ସେ ସ୍ଥିତପ୍ରଜ୍ଞ । ସେ ଦୁଃଖରେ ବିଚଳିତ ହୁଅନ୍ତି ନାହିଁ କି ସୁଖରେ ଆନନ୍ଦିତ ହୁଅନ୍ତି ନାହିଁ । ଇନ୍ଦ୍ରିୟମାନେ ବଡ଼ ବଳବାନ୍ । ଇନ୍ଦ୍ରିୟର ବଶବର୍ତ୍ତୀ ହେଲେ ଯେ କୌଣସି ଗୋଟିଏ ଇନ୍ଦ୍ରିୟ ମଧ ବିନାଶ ସାଧନ କରିପାରେ । ଏଣୁ କେବଳ ସଂଯତେନ୍ଦ୍ରିୟ ସ୍ଥିତପ୍ରଜ୍ଞ ପୁରୁଷର ବୁଦ୍ଧି ପ୍ରତିଷ୍ଠିତ । ସେ ନିସ୍ପୃହ, ନିର୍ମମ ଓ ନିରହଂକାର ରହି ବିଚରଣ କରନ୍ତି । ତାଙ୍କର କୌଣସି ବିଷୟ ପ୍ରତି ସ୍ପୃହା ନଥାଏ । ସ୍ନେହ, ଘର, ପିଲା ଓ ସମ୍ପତ୍ତି ପ୍ରଭୃତିରେ ମମତା ନଥାଏ । ସେ ବ୍ରହ୍ମଜ୍ଞାନୀ-ଏ ଅହଂକାର ମଧ ନଥାଏ । ଶେଷରେ ସେ ବ୍ରହ୍ମନିର୍ବାଣ ପ୍ରାପ୍ତ ହୁଅନ୍ତି ।

ଏ ଅଧାୟରେ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ପ୍ରିୟଶିଷ୍ୟ ଅର୍ଜୁନଙ୍କୁ ମୁଖ୍ୟତଃ ଜ୍ଞାନ ବିଷୟରେ ବୁଝାଇଲେ । ଏଣୁ ଏ ଅଧାୟର ନାମ ସାଂଖ୍ୟଯୋଗ । ପ୍ରକୃତରେ ଗୀତାର ଅମୃତଧାରା ଏ ଅଧାୟରୁ ସ୍ରବିବାକୁ ଆରମ୍ଭ ହୋଇଛି ।

*ସଂଗ୍ରହକର୍ତ୍ତୀ-- ନରେନ୍ଦ୍ର ପ୍ରସାଦ ବେହେରା, ଆଳନ୍ଦା, ଖଇରା,ବାଲେଶ୍ୱର*

# ଗାନ୍ଧାରୀ



ଚିତ୍ତରଞ୍ଜନ ପଧାନ

କୌରବର୍ ପଖିଆ ରହେଲି ମୁଇଁ
ଦେଖିକରି ଦୁର୍‌ନତୀ,
ଶାସନର୍ ଭାର୍ ଥିଲେବି ହାତେରେ
ନାଇଁ ଦିଏଁ କେଭେଁ ଶାସ୍ତି ।
ଅସତର୍ ଫାଲେ କୁଚହେଇ କରି
ଡଗ୍‌ଡଗ୍ ଦେଖୁଥିସି,
ଅଧର୍ମର୍ ବାଟେ ଜାନଜାନୀ ମୁଇଁ
ପାଦ୍‌କେ ବଢେଇ ଦେସି ।
ଯୁଗ୍ ବଦ୍‌ଲିଛେ ଦିନ୍ ବି ଯାଇଛେ
ଚରିତ୍ର ମୁଇଁ ରହିଛେ,
ପୁଓ ପୁଓ ବଲିକରି ପାଣ୍ଡବ କୁଁ
ଅଧିକାରୁ ବଁଚଉଛେ ।
ଦୁସାଶନ୍ ହାତେ ଇଜ୍ଜତ୍ ଯଉଛେ
କାନ୍ଦୁଛେ ମୋର୍ ଦ୍ରୋପଦୀ,
ନିଲଜ୍ ନିଠୁର୍ ଛାତିଟା ମୋର୍ ଗୋ
ନାଇଁ ପାରେ ଇଟା ଭେଦୀ ।
ଆଏଜ୍ ବି ପାଣ୍ଡବ ଲେଖେ ଗରିବ୍
ପାଖେ କରେ ଅର୍‌ଦଲି,
ଗୁସିଆଁର୍ ମହତ୍ ରଖିବାର୍ ଲାଗି
ବାନ୍ଧିଲି ଆଖି ପୁଟ୍‌ଲି ।

ଅନଏ କରେହିଁ ଥିଁ ଭିଜିହେଲେ ପୋ'
ଗୁଟେଗୁଟେ ଗଲେ ସରି,
ପସ୍ତେଇ ହଉଛେ ଆଏଜ୍ ବି ଭଲି
ଫଟା କପାଲ୍ ଆବ୍ରି ।
ସତ୍ ବାଟ୍‌କେ ଧର୍‌ଲେ ଆମେ ସଭେ
ଜୀବନ୍ ଯିବା କହିଁରି,
ଅଧରମ୍ ଆବ୍ରି ଧର୍‌ସି ଯିଏ
ସିଏ ବି ଗୁଟେ ଗାନ୍ଧାରୀ ।
ହିଁ ସିଏ ବି ଗୁଟେ ଗାନ୍ଧାରୀ ....

ଢୁଙ୍ଗୁରିପାଲି, ଜମଲ୍, ପଦମ୍‌ପୁର୍, ବରଗଡ଼

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଉତ୍କଳ ମାଟିର ମଣି

ସଂଯୁକ୍ତା ରାଉତ

ଉତ୍କଳ ମାଟିର ସୁଯୋଗ୍ୟ ସନ୍ତାନ
ଥିଲ ହେ ଉତ୍କଳମଣି
ଶୁଭେ ଏ ମାଟିର କୋଣେ ଅନୁକୋଣେ
ତୁମରି ମହତ ବାଣୀ

ସେବା ଓ ଅହିଂସା ଥିଲା ତୁମ ବ୍ରତ
ସରଳ ଶାନ୍ତ ସ୍ୱଭାବ
କର୍ମରେ ଧର୍ମରେ ଫୁଟିଉଠୁଥିଲା
ପର ଉପକାର ଭାବ

ହେ ଦାସ ଆପଣେ ବିବେକ ପଣରେ
ଥିଲ ବଡ଼ ସ୍ୱାଭିମାନୀ
ଏ ଜାତିର ତୁମେ ଥିଲ ଗଉରବ
ଜ୍ଞାନୀ ପଣରେ ସୁଜ୍ଞାନୀ

ଉତ୍କଳ ଜନନୀ ଝୁରେ ନତିନତି
ତୁମ ପରି କେ ହୋଇବ
ମରଣ ମୁଖରେ ନିଜ ପୁଅ ଛାଡି
ଦେଶ ସେବା କେ କରିବ

ବନ୍ୟା ପ୍ରପୀଡ଼ିତ ଦୁଃଖୀ ଦରିଦ୍ରଙ୍କ
ଥିଲ ତୁମେ ପ୍ରାଣବନ୍ଧୁ
ଏମିତି ମଣିଷ କୋଟିରେ ଗୋଟିଏ
ହୃଦୟ ଦୟାର ସିନ୍ଧୁ

ମାତୃଭାଷା ପ୍ରୀତି ସ୍ୱଦେଶ ଚେତନା
ରକ୍ତେ ରକ୍ତେ ତୁମ ଲେଖା
ବକୁଳ ବନର ବନ ବିଦ୍ୟାଳୟ
ନୀତି ଆଦର୍ଶର ଶିକ୍ଷା

ସମାଜ କାଗଜ ପ୍ରତିଷ୍ଠାନ ତୁମ
ଲକ୍ଷ ଥିଲା ଜାଗରଣ
ଉତ୍କଳ ଜାତିର ଚର ସ୍ମରଣୀୟ
କୀର୍ତ୍ତି ତୁମ ଅମଳନ

ଭାଷା ସାହିତ୍ୟର ତୁମେ ସଂରକ୍ଷକ
ହେ ସାରସ୍ୱତ ସାଧକ
ପ୍ରେରଣା ପ୍ରଦାୟି ପ୍ରତିଟି ସର୍ଜନା
ତୁମେ ଶ୍ରେଷ୍ଠ ସାହିତ୍ୟିକ

ସ୍ୱତନ୍ତ୍ର ଉତ୍କଳ ଗଠନରେ ତୁମେ
ହୋଇଥିଲ ଆଗୁସାର
ସଦା ସଚେତନ ଜାଗ୍ରତ ପ୍ରହରୀ
ଥିଲ ଏହି ଉତ୍କଳର

ଉତ୍କଳ ମାଟିର ଥିଲ ତୁମେ ଗାନ୍ଧୀ
ସ୍ୱାଧୀନ ଚନ୍ତା ଚେତନ
ସ୍ୱାଧୀନତା ପାଇଁ ଉତ୍କଳୀୟ ପ୍ରାଣେ
ଭରିଥିଲ ଦିଗଦର୍ଶନ

ଉତ୍କଳ ଆକାଶେ ଜ୍ୟୋତି ସମ ଚର
ଝଟକୁଥିବ ହେ ବୀର
ତୁମ ଜନ୍ମଦିନେ ପୟରେ ଜଣାଉ
ଶତ କୋଟି ନମସ୍କାର

ଜୟପୁର , କୋରାପୁଟ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ନଭେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

# ପ୍ରେମ ର ପରିଭାଷା



ବିଶ୍ୱରଂଜନ ପଣ୍ଡା

ପ୍ରେମ ଗଗନ ମଣ୍ଡଳସ୍ଥ ସୂର୍ଯ୍ୟଙ୍କ ପରି ସ୍ୱପ୍ରକାଶ
ପ୍ରେମ ସ୍ୱିକୃତି ନେଇ ହୁଏନାହିଁ ଏହା ସ୍ୱକୃତ
ପ୍ରେମ ନଷ୍ଠାର ଏକ ପରିପ୍ରକାଶ
ପ୍ରେମ ଭଲପାଇବାର ପରିପାକଦଶା
ପ୍ରେମ ଅପକ୍ୱ ଶିଶୁର ସୁପକ୍ୱ ହସ ପରି
ପ୍ରେମ ଆଶକ୍ତି ନୁହେଁ ଏହା ଶ୍ରଦ୍ଧା
ପ୍ରେମ ର ଭବିଷ୍ୟତ ପ୍ରତାରଣା ନୂହେଁ ଏହା କରୁଣା
ପ୍ରେମ ନର୍ଜନ ରେ ନୂହେଁ ହୃଦୟର ଏକ ଶୁଭ୍ର କୂଜନରେ ହୁଏ
ପ୍ରେମ କମ୍ପନରେ ନୂହେଁ ସଞ୍ଚାର ରେ ଗତି କରେ
ପ୍ରେମ ସମ୍ଭୋଗ ବାସନାର ପ୍ରତିରୂପ ନୂହେଁ ଏହା ବିମଳ ରୋମାଞ୍ଚର ସ୍ୱରଭେଦ
ପ୍ରେମ କାମନା ନୂହେଁ ଏହା ସମର୍ଥା ଅଟେ
ପ୍ରେମ ମମତା ର ବନ୍ଧନ ନୂହେଁ ମମତା ର ପ୍ରସାର ଅଟେ
ପ୍ରେମ ପ୍ରଣୟ ନୂହେଁ ଅନୁରାଗ ଅଟେ

ନବରଙ୍ଗପୁର ଓଡିଶା

# କାଳଆର ହସ



ବିଶ୍ୱଜିତ୍ @ ବାବୁସୁନା

ଯାଇଥିଲି ଥରେ ପୁରୀ, ବଡଦାଣ୍ଡେ ଓହ୍ଲେଇଲି । ବଡଦାଣ୍ଡ ଧୂଳ ମୁଣ୍ଡରେ ମାରି କାଳଆ ଦର୍ଶନ କଲି । ଆନନ୍ଦ ବଜାର ଗଲି, ଆମ୍ବା ଭରି ଅଭଡା ବି ଖାଇଲି । ପତିତପାବନଙ୍କୁ ମୁଣ୍ଡିଆ ମାରି ବେଳାଭୂମି ଆଡେ ମୁହାଁଇଲି । ଅଟୋଟେ ଧରି ହୋଟେଲରେ ପହଞ୍ଚିଲି । ହୋଟେଲଟି ମୁଁ ଆଗରୁ ବୁକ୍ କରି ଦେଇଥାଏ । ରୁମ୍ ସହିତ ଥାଏ ଗୋଟେ ଛୋଟ ବାଲକୋନ, ଆଉ ବାଲକୋନକୁ ସାମ୍ନା କରୁଥାଏ ସଦା ଚଳଚଞ୍ଚଳ ମୋ ପ୍ରିୟ ବେଳାଭୂମି । ବାସ୍, ଚେୟାରଟେ ପକେଇ ସେଠି ବସିଯାଏ ଆଉ ଜୀବନର ସବୁ ଦୁଃଖକୁ ପାଶୋରୀ ଦିଏ। ଭାରି ଖୁସି ଥିଲି ମୁଁ । ତିନ ଚାରି ଦିନ ହୋଟେଲରେ ରହିବାର ଯୋଜନା ଥିଲ୍ । ଆଉ ସବୁ ଖୁସିକୁ ଆଖି ବୁଜି ପିଇ ଯିବାର ଭାରି ଇଚ୍ଛା ଥିଲ୍ ।

ମୋ ହୋଟେଲ ସାମନାରେ ଥିବା ପ୍ରାୟ ସବୁ ଛୋଟ ଛୋଟ ଦୋକାନ ଗୁଡ଼ିକ ଅଳ୍ପେ ବହୁତେ ମୋର ଚହ୍ନା ହୋଇ ଯାଇଥାଏ, ଯେହେତୁ ମୁଁ ସେଠାକୁ ପ୍ରତି ବର୍ଷ ଯାଉଥାଏ । ଆଉ ଠିକ୍ ମୋ ବାଲକୋନ ସାମନାରେ ଥିଲ୍ ଗୋଟେ ବୁଢୀ ମାଉସୀର ଉଠା ଦୋକାନଟିଏ। ପ୍ରତ୍ୟେକ ଦିନ ସେ ସେଠି କାକୁଡି ବିକେ । ମୋର ସେ ଭାରି ଚହ୍ନା ହେଇଯାଇଥିଲ୍ । ଛତାଟେ ବାନ୍ଧି ବସିଥିବ । ସବୁବେଳେ ହସୁଥିବ । ମୁଁ ଯେଉଁ ତିନ ଚାରି ଦିନ ରହେ, ପ୍ରାୟ ସବୁଦିନ ତା'ଠୁ କଛି କାକୁଡି କଣି ଖାଏ । ବାଲକୋନରୁ ଥାଇ ମାଉସୀ ବୋଲି ଡାକ ଦେଲେ, ସେ ଖୁବ୍ ସୁନ୍ଦର ଭାବରେ କଷି କଷି  କାକୁଡିକୁ ଲଙ୍କା ଲୁଣ ଦେଇ ହୋଟେଲ ପିଲ୍ ହାତରେ ମୋ ପାଖକୁ ପଠେଇଦିଏ । ତା ମୋ ଭିତରେ ପଇସାର ସେମିତି ବିଶେଷ କଛି ହିସାବ ନଥାଏ ।

ମୁଁ ପୁରୀ ଛାଡିବା ପୂର୍ବଦିନ ତା ହାତରେ ଟଙ୍କା ପାଁଆଶ ରଖିଦିଏ । ଆଉ ସେ ଖୁସି ହେଇ

ଯାଇ ପଚାରେ - ହଉ ପୁଅ, ପୁଣି କେବେ ଆସିବୁ ! ମୁଁ ତ ବୁଢୀ ହେଲିଣି । ଆର ଥରକୁ ଆସିଲା ବେଳକୁ ମୁଁ ଆଉ ନଥିବି । ମୁଁ ହସିଦେଇ କହେ, ରହୁଛି ମାଉସୀ ପୁଣି ଆସିଲେ ଦେଖା !ଏଇଠି ବୁଢୀ ମାଉସୀର ପରିଚୟ ଟିକେ ଦେଇଦିଏ । ଅନେଶତ ମସିହା ବାତ୍ୟାରେ ତାର ସବୁକଛି ଭାସିଯିବା ପରେ, ସେ ତାର ଚାରି ପାଞ୍ଚ ବର୍ଷର ନାତି ଟୋକାକୁ ନେଇ କେମିତି କଣ ପୁରୀରେ ପହଞ୍ଚି ଯାଇଥିଲା । ଆଉ ତା ପରଠୁ ଏଇଠି କଉ ସାହୀରେ ସେ ରହି ଆସୁଥିଲା ।

ଯାହାହେଉ ସେଦିନ ମୁଁ ହୋଟେଲରେ ଠିକ୍ ଠାକ୍ ପହଞ୍ଚିଗଲି ଓ ସ୍ୱଳ୍ପ ବିଶ୍ରାମ ପରେ ବାଲ୍କୋନରେ ଆସି ବସିଲି । ସବୁଆଡୁ ଟିକେ ଆଖି ବୁଲେଇ ଆଣିଲି । ବୁଢୀ ମାଉସୀଟି ହେଲେ ସେଦିନ ଆସି ନଥିଲା । ତା ପର ଦିନ ସକାଳେ ଦେଖିଲି, ମାଉସୀ ତାର ସବୁଦିନଆ ଜାଗାରେ ଛତା ପୋତି ବସିଛି । ଡାକଲି - ମାଉସୀ ! ଚମକ ପଡି ମାଉସୀ ମୋତେ ଅନାଇଲା ଆଉ ଖୁସିରେ ତୁରନ୍ତ କାକୁଡି ଛଡେଇବାରେ ଲାଗିଗଲା । ଏବଂ ମୁଁ ମନୋଜ ଦାସଙ୍କୁ ପଢିବାରେ ମନଦେଲି ।

ପାଞ୍ଚ ସାତ ମିନଟ ପରେ, ପୁଅ ଡାକରେ ଅନେଇଲି, ଦେଖିଲି - ମାଉସୀ ମୋ ପାଖରେ ଛିଡା ହୋଇଛି ହାତରେ କାକୁଡି ଧରି । କହିଲା, ହୋଟେଲ ପିଲା କେହି ତଳେ ଦେଖା ହେଲେନ ତ ! ତେଣୁ ନେଇ ଆସିଲି ତୋ ପାଇଁ ।

ମାଉସୀ ମୁହଁକୁ ଦେଖିଲି । କାହିଁକି କେଜାଣି ଭାରି ସୁଖି ଯାଇଥିଲା ତା ମୁହଁ ଆଉ ଆଖି ସବୁ ଲାଲ୍ ଦେଖା ଯାଉଥିଲା । ପଚାରିଲି - ମାଉସୀ ତୋ ଦେହ ଭଲ ନାହିଁ କ ? ଭାରି ମନ ଦୁଃଖରେ କହିଲା - ନାହିଁରେ ପୁଅ, ମୋ ନାତି ଟୋକାଟି ଭଲରେ ନାହିଁ । କାଲି ସ୍କୁଲରୁ ଆସିଲା ବେଳେ ସାଇକେଲରୁ ପଡିଗଲା ଯେ ତା ଗୋଡ ଭାଙ୍ଗି ଯାଇଛି । ବଡ ଡାକ୍ତରଖାନାରେ ଭର୍ତ୍ତି କରିଛି । ଡାକ୍ତର କହୁଛି ଅପରେସନଟେ କହାଡି ଜରୁରୀ । କୋଡିଏରୁ ପଚଶ ହଜାର ଟଙ୍କା ଲାଗିବ କହୁଛି । ପୁଣି କହିଲା, ଡାକ୍ତରବାବୁ ଜଣଙ୍କ ଭାରି ଭଲ ଲୋକ । କହିଲେ ସେ କଛି ଯୋଗାଡ଼ କରିଦେବେ ହେଲେ ତଥାପି ଦଶ ହଜାର ଖଣ୍ଡେ ମୋତେ ଆଣିବାକୁ କହିଛନ୍ତି। ପାଞ୍ଚ ହଜାର ମୁଁ ରଖିଛି ହେଲେ ଆଉ ବାକ କଉଠୁ କେମିତି ଆଣିବି ସେଇ ଚନ୍ତାରେ ଅଛି । ନାତିଟି ମୋର ଭାରି କଷ୍ଟ ପାଉଛି । ଦୁଇ ଚାରି ଜଣଙ୍କୁ କହିଛି । ସନ୍ଧ୍ୟା ସୁଦ୍ଧା ଯୋଗାଡ଼ ହେଇଗଲେ କାଲି ତା ଅପରେସନ ହେଇଯିବ। ହଉ ପୁଅ ତୁ ବସିଥା, ମୁଁ ଯାଏ । ବେପାର ବେଳ ପରା ଏବେ !

ମାଉସୀ ପଳାଇଲା ଆଉ ମୁଁ ବସି ଭାବିଲି । ତା ନାତି ଟୋକାକୁ ମୁଁ ଥରେ ଦି'ଥର ଦେଖିଛି ହେଲେ ଠିକ୍ ରେ ତା ମୁହଁ ମନେ ପଡିଲାନ । ଟିକେ ଧୁଆଧୁଇ ହେଇ ବାହାରି ପଡିଲି ମୋ ବ୍ୟାଗ ଧରି । ରୁମ୍ ଚେକ୍ ଆଉଟ୍ ବି କରିଦେଲି। ହୋଟେଲ ବାଲା ପଚାରିଲା - ବାବୁ, ତିନ ଚାରି ଦିନ ରହିବାର ଥିଲା ପରା ! ଅତି ଜରୁରୀ କାମ ଆସିଗଲା କହି ବାହାରି ଆସିଲି ।

ମାଉସୀ ପାଖରେ ପହଞ୍ଚିଲି, କହିଲି - ମାଉସୀ ଚାଲ୍ ଯିବା ତୋ ନାତି ଟୋକାକୁ ଦେଖିବାକୁ । ମାଉସୀ ମୋ ମୁହଁକୁ ଚାହିଁଲା ଓ କଛି ନ ପଚାରି ତା କାକୁଡି ପାଛିଆକୁ ପାଖରେ ଥିବା ପାନ ଦୋକାନୀକୁ ଟିକେ ଅନେଇ ଥିବୁ କହି ବାହାରି ପଡିଲା । ଅଟୋରେ ପହଞ୍ଚିଲୁ ହସପିଟାଲ୍ । ନାତି ଟୋକାକୁ ଦେଖିଲି। ତା ବୁଢୀମାକୁ ଦେଖି ଖୁବ୍ ଖୁସି ହେଇଗଲା ସେ ।

ମୁଁ ଖବର ନେଇ ସେଇ ଡାକ୍ତର ବାବୁଙ୍କ ପାଖରେ ପହଞ୍ଚିଲି । ସେ କହିଲେ ଗୋଇଠିରେ ଅପରେସନ ହେବ। ଓୟାର କ୍ଲାମ୍ପିଙ୍ଗ କରିବାକୁ ପଡିବ । ମୁଁ କଛି ସାହାଯ୍ୟ କରିବି ହେଲେ ତଥାପି ଦଶ ଆଡେ ନହାତି ଦରକାର ।

ଡାକ୍ତରବାବୁ ଆଉ କଛି କହିବା ଆଗରୁ ପକେଟରୁ ଦଶ ହଜାର ଟଙ୍କା କାଢି ତାଙ୍କୁ ଧରେଇ ଦେଲି । କାଲି ଭିତରେ ଅପରେସନଟି କରି ଦିଅନ୍ତୁ । ଆଉ ସେ ମାଉସୀ ପାଖରୁ କଛି ନେବେନ । ଏତିକ କହି ବିଦାୟ ନେଲି ଡାକ୍ତରବାବୁଙ୍କ ପାଖରୁ ।

ଗଲାବେଳେ ମାଉସୀକୁ କହି ଆସିଲି - ମାଉସୀ, ତୋ ନାତିର ଅପରେସନ ହେଇଯିବ କାଲି ।

ନାତି ଟୋକା ହସୁଥିଲା । *ଲାଗିଲା - ଯେମିତି ମୋ କାଳଆ ଠାକୁର ହସୁଛି ପରା* **!!!!**



ସାଉଦି ଆରବ

# ପଏସାର୍ ଦୁହିଫାଲ୍



ଶଙ୍ଖସିନ୍ଧୁ ପୁରୋହିତ

କେତେ ଦୁଃଖେ କଷ୍ଟେଁ ଜନମ୍ କଲା,
ପେଟେ ଧରି ଦଶ୍ ମାସ୍ ।
ହାତ୍ ଯେନତା ତୋର୍ ଗିଜକେ ପହୁଁଚଲା,
ମାଁ କେ ମାରସୁ ଲାତ୍ ॥

ନଜେ ଭୁକେଁ ମରି ତୋତେ ଖୁଆଲା,
ନଜେ କାନ୍ଦି ଯିଏ ତୋତେ ହଁସାଲା,
ଆଝିର୍ ହେଇଗଲା ସେ ପର୍ ହର୍ ।
"ଜରାଶ୍ରମ୍" କେ କରିନେଲୁ ତୁହି,
ମାଁ ର୍ ଠିକନା ଘର୍ ॥

ଧଏନ୍ ଅଏନ୍ ତୁଇଁ କୁଳପୁଛା ପୁଅ,
ଧଏନ୍ ଧଏନ୍ ତୋର୍ ଜନମ୍ ।
ତର୍ ଗୋଟେ ଥିଲେ ପଛେଁ କାମକେ,
କାଏଁ କରବୁ ଉଆଁସର ଜନ୍ ?

ଝି ଗୁଟେ ଥିଲେ ସିନା ବୁଝତା,
ଆଏର୍ ଗୁଟେ ଝିର୍ (ମାଁ ର) କଥା ।
ପୁଓ ର ପଛେ ତ ବାଇ ହେଲୁଁ,
ଏଡେଁ ପସ୍ତାଲେ ହେବା କନେତା?

ପୁଓ-ଝିଅ ନୁହେଁ କହେ ବଡ ସାନ୍,
ଗୁଟେ ପଏସାର୍ ଦୁହିଁଫାଲ୍ ।
ଫାଲେ ହେଲେ ଖାଲି,
ଆର୍ ନାଇଁ ଗ୍ଚଲେଁ
ଇଟା ତ ଦୁନଆର ଗ୍ଚଲ୍ ॥

ବଡାଲି, ଉଲୁଣ୍ଡା, ସୁବର୍ଣ୍ଣପୁର

**"ବେଦାନ୍ତୀ" ର ଓ୍ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ପବିତ୍ର ପାପ

ପ୍ରକାଶ କୁମାର ଗୁନ୍ଦ

ତୋପାଇଁ ଲେଖେ ମୁଁ ହଜାରେ କବିତା
ଲେଖେ ମୁଁ ହଜାରେ ଗପ
ତୁଯେ ଥିଲୁ ମୋର ପ୍ରଥମ ଶବଦ
ତୁ ମୋର ପବିତ୍ର ପାପ

ତୋପାଇଁ ଫଗୁଣ ଯୋଉଠି ସେଇଠି
ଋତୁ ଲାଗେ ଭାରି ମିଠା
ସେ ମିଠା ଋତୁରେ ଏଇ ମନେ ମୋର
ଖେଳେ ସାତରଙ୍ଗ ଛିଟା
ସାତରଙ୍ଗ ନେଇ ଇନ୍ଦ୍ରଧନୁ ଆସେ
ଛୁଇଁବାକୁ ତୋର ରୂପ
ତୁଯେ ଥିଲୁ ମୋର ପ୍ରଥମ ଶବଦ
ତୁମୋର ପବିତ୍ର ପାପ ।।

ତୋପାଇଁ କରେ ମୁଁ ହଜାରେ ଆଳତି
ଦେଉଳ ବେଢାରେ ବସି
ତୋପାଇଁ ସାଉଁଟେ ମନ ମୁଲକରୁ
ମହଣ ମହଣ ଖୁସି

ସେ ଖୁସି ଜଳଇ ହୃଦୟରେ ମୋର
ହୋଇ ପର୍ବ ଟିକ ଦୀପ
ତୁଯେ ଥିଲୁ ମୋର ପ୍ରଥମ ଶବଦ
ତୁମୋର ପବିତ୍ର ପାପ ।।

ଜୟପୁର ଶାସନ ପିପିଲି ପୁରୀ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# କୁମାରୀ ମାତୃତ୍ୱ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ପ୍ରଥମ ଭୁଲ୍  କରି  ମୁଁ  ସାରିଛି
ଅନୈତିକ ଭ୍ରୂଣ ରଖିକ,
ସିନ୍ଥିରେ ସିନ୍ଦୁର  ଭରିବା  ଆଗରୁ
ମନ ତନ ସବୁ ଦେଇକ ।

ପ୍ରାୟଶ୍ଚିତ  ପାଇଁ  ଦୁନଆଁର ସବୁ
ରାସ୍ତା ମୋର ବନ୍ଦ ପଡିଛି,
ଗରଭେ ମୋହର ଦ୍ୱିତୀୟ ଜୀବନ
ମରି ନା ମାରି ମୁଁ ପାରୁଛି ।

ପ୍ରୀତି ରଚବାଟା ପାପ ଯଦି ଅଟେ
ସେ ପାପକୁ ମୁଁ କରିଛି,
ନିଷ୍ପାପ ଶିଶୁକୁ  ମାରିବି  କମ୍ପାଇଁ
ମାତୃତ୍ୱ ଆନନ୍ଦ ନେଉଛି ।

ନିନ୍ଦା  କଳଙ୍କକୁ  ଚନ୍ଦନ  ପରି
ମଥାରେ ମୋହର ବୋଳଛି,
ମଧୁ ଶୋଷି  ନେଇ  ଭ୍ରମର ଟି
ଆଉ କ ଫୁଲକୁ ଫେରୁଛି ।

ସମାଜଟା ମତେ ଦୋଷ୍ଗରୁଣୀ କହେ
ହେଲେ ଏ ବିବେକ କହୁଛି,
ଗରଭ ସନ୍ତାନ ଇଶ୍ୱରଙ୍କ ଦାନ
କେମିତି ମାରିବି ଭାବୁଛି ।

ଲିଭ୍ ଇନ୍ ସଂପର୍କକୁ ସଂବିଧାନ ଆମ
ସ୍ୱୀକୃତି ଦେଇ ସାରିଛି,
ସମାଜ ଆମର ଜାତି, ପ୍ରଥା ନାମେ
ସବୁକୁ ବିଭ୍ରାଟ କରୁଛି ।

କୁନ୍ତି ସତୀ ନାରୀ ଇତିହାସ ସାକ୍ଷୀ
କୁମାରୀ ମାତୃତ୍ୱ ପାଇକ,
ଆଜି ମୁଁ ସମାଜେ କାହିଁକି ଅବଳା
ଜାଣି ହୁଏ ନ ଏ ନୀତିକ ।

ବଙ୍କିଆ, ବୀରମହାରାଜପୁର

# ପୁସ୍ତକ ସମୀକ୍ଷା



ସନାତନ ମହାକୁଡ

ପତ୍ରିକା – ଯୋଗ ବିଗ୍ଭର

ପ୍ରକାଶକ –ବିବେକାନନ୍ଦ ଯୋଗ ଚକସ୍ଥା ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର – ୧୨

ପ୍ରକାଶ ସ୍ଥାନ – ଏମ୍.ଆଇ.ଜି – ବି/୨୧(ପ୍ରଥମ ତଳ),ବ୍ରିଟ୍ କଲୋନୀ,


ନୂଆପଲ୍ଲୀ,ଭୁବନେଶ୍ୱର-୧୨, ଓଡିଶା

ପ୍ରକାଶ ସମୟ – ତ୍ରୈମାସିକ, ମୂଲ୍ୟ – ୨୫ ଟଙ୍କା, RNI No. **48180/88**,

ସମୀକ୍ଷା – ସନାତନ ମହାକୁଡ

ଭୁବନେଶ୍ୱର ବିବେକାନନ୍ଦ ଯୋଗ ଚକସ୍ଥା ଗବେଷଣା ପ୍ରତିଷ୍ଠାନ ଦ୍ୱାର୍ ପ୍ରକାଶିତ ତ୍ରୈମାସିକ ଯୋଗଭିତ୍ତିକ ସ୍ୱାସ୍ଥ୍ୟ ପତ୍ରିକାର ଅପ୍ରେଲ-ଜୁନ, ୨୦୧୯ ସଂଖ୍ୟାଟି ଆମର ହସ୍ତଗତ ହୋଇଛି । ଏହା ହେଉଛି ଓଡିଶାର ସର୍ବପ୍ରାଚୀନ ଯୋଗ ପତ୍ରିକା "ଯୋଗ ବିଗ୍ଭର" ର ଅଷ୍ଟାଦଶ ବର୍ଷ ଓ ଦ୍ୱିତୀୟ ସଂଖ୍ୟା । ଯୋଗବିଗ୍ଭରର ସଂପାଦନା ମଣ୍ଡଳୀରେ ସ୍ଥାନୀତ ହୋଇଛନ୍ତି ଡଃ ନଶାକର ପଣ୍ଡା, ଡଃ ସୁଧାଂଶୁବାଳା ସାହୁ, ଶ୍ରୀ ସନାତନ ମହାକୁଡ ଓ ଶ୍ରୀ ନରଞ୍ଜନ ଶୁକ୍ଳା । ପତ୍ରିକାଟିରେ ଓଡିଆ ଓ ଇଂରାଜୀ ଭାଷାରେ ଦୁଇଟି ବିଭାଗ ରହିଛି । ଚଳତ ସଂଖ୍ୟାର ଓଡିଆ ବିଭାଗରେ ସ୍ଥାନୀତ ହୋଇଛି ଶ୍ରୀ ଅଶ୍ୱିନୀ କୁମାର ଶତପଥୀଙ୍କ ମହା ବିଷୁବ ସଂକ୍ରାନ୍ତିର ମହତ୍ତ୍ୱ, ପ୍ରଫେସର ଡଃ ରାମଚନ୍ଦ୍ର ଧୀରଙ୍କ ଯୋଗ ସାଧନା – ଉତ୍କୃଷ୍ଟ ମାନବ ଜୀବନ ସହିତ ଅର୍ଦ୍ଧଚକ୍ରାସନ ଓ ପ୍ରାଣାୟାମ ସଂପର୍କୀତ ଗ୍ଭରିଟି ଉପାଦେୟ ଲେଖା । ସେହିଭଳି ଇଂରାଜୀ ବିଭାଗରେ ରହିଛି – **Gentle Exercises for work place wellness and efficiency, The power of the Breath by Dr. Kunda Silim Khan, The Intellect by Sri Sri Ravi Sankar and The origin of International Day of Yoga IDY.** ଆଶା କରାଯାଏ ଯୋଗ ପ୍ରେମୀ ତଥା ସ୍ୱାସ୍ଥ୍ୟ ସଚେତନ ପାଠକ ଙ୍କ ଗହଣରେ ଏହା ନିଶ୍ଚୟ ଆଦର ଲାଭ କରିବ ।

ବେରୁଆଁବାରୀ – ୭୫୨୦୮୨, ଜିଲ୍ଲା ନୟାଗଡ, ଓଡିଶା


ଯୋଗ ବିଚାର
• APRIL-JUNE -2019 • VOLUME-XVIII • No. 2
ବିବେକାନନ୍ଦ ଯୋଗ ଚିକିତ୍ସା ଗବେଷଣା ପ୍ରତିଷ୍ଠାନ

# ପୂଜା ଖବର

ନନ୍ଦନବିହାର ପୂଜା କମିଟି ତରଫରୁ ଦୁର୍ଗା ପୂଜା ପାଳନ କରାଯାଇଛି । ଏଠାରେ ମା ଙ୍କର ଦର୍ଶନ ପାଇଁ ଭକ୍ତମନଙ୍କର ପ୍ରବଳ ଜନସମାଗମ ହୋଇଥିଲା । ଏହି ପୂଜା ମଣ୍ଡପକୁ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ତାଙ୍କର ଓଡିଶା ଗସ୍ତ ସମୟରେ ପରିଦର୍ଶନ କରିଥିଲେ । ନନ୍ଦନ ବିହାର ପୂଜା କମିଟି ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଭୁବନେଶ୍ୱର ଏମସ ର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ ମହାପାତ୍ରଙ୍କ ସମେତ ସମ୍ବାଦ ଗ୍ରୁପ୍ ର ବିତ୍ତ ଉପଦେଷ୍ଟା ପ୍ରହ୍ଲାଦ ଦାସ, ସଙ୍ଗୀତା ସାହୁ, ସୁମନ ମହାପାତ୍ର, ଅଭୟ ନାୟକ, ବେଣୁଧର ରଥଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

ପୂଜା କମିଟିର ସଭାପତି ଦେବାଶିଷ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଅରୁଣ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଭାସ୍କର ଚନ୍ଦ୍ର ଜେନା, ଅଭୟ ମିଶ୍ର, ଶୁଭେନ୍ଦୁ ମହାନ୍ତି, ଅଜୟ କୁମାର ସାହୁ, ନାରାୟଣ ପଟ୍ଟନାୟକ, ନିପନ କାମିଲ୍, ଶୁଭକାନ୍ତ ମିଶ୍ର, ତନୁଜା ସାକସେନା, ସ୍ୱାଧୀନ ପଟ୍ଟନାୟକ, ସୁବ୍ରତ ପଣ୍ଡା, ମନୋରଞ୍ଜନ ବିଶୋଇ, ସଙ୍ଗୀତା ଦାସ, ଶୁଭଶ୍ରୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ପଟ୍ଟନାୟକ, ଦୀପା ମହାପାତ୍ର, ଉମାମଣି ଜେନା, ସଙ୍ଗୀତା ବସନ୍ତରାୟ, ଉତ୍କଳଲକ୍ଷ୍ମୀ ସିୟାଁ, ସଙ୍ଗୀତା ମିଶ୍ର ଏବଂ ଦୁର୍ଗାବାହିନୀର ଅନ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ନନ୍ଦନ ବିହାର ବିକାଶ ପରିଷଦର ସଭାପତି ଗଣେଶ ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ନରେନ୍ଦ୍ର ନାଥ ନନ୍ଦ, ବଳରାମ ପାଣି, ବିମଳ ଦାସ, ଦେବଦତ୍ତ ବସନ୍ତରାୟ, ଜିତେନ୍ଦ୍ର ରଥ, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।





Durgostav-2019
Kurl-on
RED TAPE
Galaxy Mall, Nandankanan Road





# ଶିଶୁ ବିଭାଗ



# କୋଇଲି ବୈକୁଣ୍ଠ



ମମତା ଦାଶ

ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥ ରୂପ ଧରି ବିଷ୍ଣୁ ଲକ୍ଷ୍ମୀଙ୍କ ସଗେ ରହିଥିବାରୁ ଏହାକୁ ବୈକୁଣ୍ଠ ବୋଲି କୁହାଯାଇଥାଏ । ଏହି ଦେଉଳର ବେଢ଼ା ଭିତରେ ଗୋଟିଏ ବଗିଚ୍ଚ ଅଛି ଯେଉଁଥିରେ ନାନାଜାତିର ଫଳ ଆଉ ଫୁଲ ଗଛ ରହିଛି । ସମୟ ସମୟରେ କୋଇଲି ବଗିଚ୍ଚରେ ଡାକଲେ ଲକ୍ଷ୍ମୀ ବଡ ଖୁସିରେ ତାର ଗୀତ ଶୁଣିଥାନ୍ତି ।

ଦିନେ ଜଗନ୍ନାଥ କୋଇଲି ବେଶରେ ବଗିଚ୍ଚକୁ ଯାଇ ଅତି ମଧୁର ସ୍ୱରରେ କୁହୂ କୁହୂ କଲେ । ସେ ଗୀତରେ ମୁଗ୍ଧ ହୋଇ ଲକ୍ଷ୍ମୀ କୋଇଲିକୁ ନିଜ ପାଖକୁ ଡାକଲେ । କୋଇଲି ପାଖକୁ ଆସିଲା ପରେ ଲକ୍ଷ୍ମୀ ତା ବେକରେ ନିଜ ମୁକ୍ତା ହାରଟି ପକାଇ ଦେବାକ୍ଷଣି ଜଗନ୍ନାଥ ନିଜ ରୂପ ଦରିଲେ । ସେହିଦିନଠାରୁ ବଗିଚ୍ଚର ନାମ ହେଲା "କୋଇଲି ବୈକୁଣ୍ଠ" ।

ଲକ୍ଷ୍ନୌ, ଉତ୍ତର ପ୍ରଦେଶ

# ମା ପାଦେ ଏହି ଅଳି



ସତ୍ୟବ୍ରତ ସାହୁ

ଜଗତ ଜନନୀ ଦୁର୍ଗେ ଘେନ ଆମ ଅଳି,
ଅବୋଧ ଅଜ୍ଞାନ ଆମେ କରୁ ନଉଛାଳି ।୧।
ଦଶଭୁଜା ମାଆ ଆଗେ ଦୁର୍ଗତି ନାଶିନୀ,
ଦଶଅସ୍ତ୍ର ଧାରିଣୀ ମା ସନ୍ତାନ ପାଳନୀ ।୨।
ଅମ୍ବିକା, ଶିବାନୀ ଦେବୀ ଗୌର, କାତ୍ୟାୟନୀ,
ଶରତର ଆଗମନେ ଆସ ମା ଧରଣୀ ।୩।
ମହିଷା ମର୍ଦ୍ଦିନୀ ଅମ୍ବେ ଦୁଷ୍ଟ ବିନାଶନୀ,
ଅଧର୍ମ ନାଶିନୀ ଉମା ଧର୍ମ ଉଦ୍ଧାରିଣୀ ।୪।
ଦିଅ ମାଆ ସଦବୁଦ୍ଧି ଆମ କୁନି ଚତ୍ତେ,
ବିତୁ ମା ଆମ ଜୀବନ ଜଗତର ହିତେ ।୫।
ସଭିଙ୍କ କଣ୍ଠରେ ମାଆ ହୁଅ ଅବତିର୍ଣ୍ଣା,
ସଭିଙ୍କ ଅନ୍ତରେ ଭରୁ ସ୍ନେହ, ପ୍ରେମ, କ୍ଷମା ।୬।
ଦୁଃଖ, ଶୋକ, ଯନ୍ତ୍ରଣାର ହୋଇଯାଉ ଇତି,
ଧରମର ଜୟ ହେଉ ଅଧର୍ମର କ୍ଷତି ।୭।
ତମ ଅମୃତ ଦୃଷ୍ଟିରେ ପୃଥୀ ହେଉ ପୂତ,
ମା ବୋଲି ନିର୍ଭୟର ଜଣାଉ ଆରତ ।୮।
ତମ ପାଦେ ଥାଉ ସଦା ଆମ କୁନିମନ,
ଅଭୟ ଦାୟିନୀ ପଦେ ଏହି ନିବେଦନ ।୯।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ଦୀପାବଳି ଦୀପାଳି



ରାଜଶେଖର ସି "ଚମା"

ପାବନ କାର୍ତ୍ତିକ ମାସ ହେଲା ପ୍ରାରମ୍ଭ,
ଦୀପାବଳି କାଳୀପୂଜାର ପାର୍ବଣ ହେଲା ଆରମ୍ଭ |୧|

ଭଦ୍ରକରେ ହୁଏ ଅନୁଷ୍ଠିତ ମାଆ ଭଦ୍ରକାଳୀଙ୍କର ପୂଜା ଉତ୍ସବ,
ପ୍ରତିବର୍ଷ ଏହି ପର୍ବ ଲାଗେ ଅତ୍ୟନ୍ତ ଅମୋଘ ଅଭିନବ ଆନନ୍ଦୋତ୍ସବ |୨|

ଅମାବାସ୍ୟା ଆଲୋକ ପାଇଁ ସମସ୍ତେ ଆଣନ୍ତି ଦୀପାଳି,
ପଙ୍କ୍ତିରେ ଦୀପାଳି ରଖି ସୃଜନ କରନ୍ତି ଦିବ୍ୟ ଦୀପାବଳି |୩|

ଘର ଅଗଣାରେ ରଖାହୁଏ ପ୍ରଜ୍ଜ୍ୱଳିତ ଦୀପ,
ଭକ୍ତି ଶ୍ରଦ୍ଧା ପୂଜା ସହ ହୁଏ ଶ୍ରୀମହାଲକ୍ଷ୍ମୀଙ୍କ ଭଜନ ଆଳାପ |୪|
ପୁରୀ ବଡ଼ଦାଣ୍ଡରେ ହୁଏ ବଡ଼ବଡୁଆଙ୍କ ଡାକ ପରମ୍ପରା,
ପୂର୍ବପୁରୁଷଙ୍କ ହେତୁ ଏହି ଆଲୋକ ପଥ ଦର୍ଶନ ଅତ୍ୟନ୍ତ ନିଆରା |୫|

ଅଯୋଧ୍ୟାରେ ଶ୍ରୀ ସୀତାରାମଙ୍କ ସ୍ୱାଗତରେ ଅନୁଷ୍ଠିତହୁଏ ଉଦ୍ଦୀପକ ମେଳା,
ପୁରାତନ ନଗର ବାସୀଙ୍କ ମନ ଆନନ୍ଦ ପାଏ ଦେଖି ଆଲୋକଦାୟକ ଦୀପକ ଶୃଙ୍ଖଳା |୬|

ବିଭିନ୍ନ ବାଣ ସହ ସଞ୍ଜବେଳେ ହୁଏ ପୃଥିବୀ ଆକାଶରେ ଆତସବାଜି,
ବହୁତ ରଙ୍ଗୀନ ଲାଗେ କୁମ୍ଭୀ ହାବିଳ ଭୂଚକ୍ର ବିଷ୍ଣୁଚକ୍ର ଫୋଟକା ତୋପବାଜୀ |୭|

ସନାତନ ଧର୍ମ ଅନୁଗାମୀଙ୍କ ଘରେ ଘରେ ସାଜେ ଦୀପର ଅଲୋକ ମାଳା,
ଅତି ଚତ୍ତାକର୍ଷକ ଏହି କାର୍ତ୍ତିକ ଅମାବାସ୍ୟାର ନୈଶ ଆଲୋକୋତ୍ସବ ଦୀପମାଳା ।୮।

ଏହି ପାର୍ବଣ ଦିନେ ମାଆମାନେ ରାନ୍ଧନ୍ତି ସ୍ୱାଦିଷ୍ଟ ପିଠାପଣା,
ଏହି ଅଲୌକିକ କାନ୍ତିପ୍ରଦ ସମାଗମ ସମାହାର ଭାରତର ଗୁରୁତ୍ୱପୂର୍ଣ୍ଣ ଗହଣା ।୯।

ବର୍ଷ ପରେ ବର୍ଷ ସୁଗ୍ଧରୁ ରହୁ ଏହି ଉଜ୍ଜ୍ୱଳ ପର୍ବ,
ଦୀପାବଳ ଦୀପାଳର ଜ୍ୟୋତି କାନ୍ତି ସଦାଯେ ଅପୂର୍ବ ।୧୦।

chvrajasekhar@gmail.com

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**



# କଖାରୁ ମାହାତ୍ମ୍ୟ

ଡ଼ଃ ରଞ୍ଜିତ କୁମାର ସାହୁ

ଆଇ ଆଜି କାଲି ଓଷା କରୁଛି, ସେଥିପାଇଁ ମାମୁଁ ବଜାରରୁ କେତେ ପ୍ରକାରର ପନପରିବା ଆଣି ଯୋଗେଇ ଦେଉଛନ୍ତି । ଆଇର ପ୍ରିୟ ଜିନଷ ହେଲା 'ସୂର୍ଯ୍ୟ କାଞ୍ଜି' । ମାଟି ହାଣ୍ଡିଟିରେ ତୋରାଣି ସହିତ ସବୁ ପନପରିବା ରଖିଦିଏ ଅଗଣାର ଖରା ହେଉଥିବା ଜାଗାରେ । ଦିନ ସାରା ଗୁଲିଥାଏ ତାହାର କାଞ୍ଜି ତିଆରି । ତନ୍ମୟ ଜଗିଥାଏ ଆଇ ବାଢ଼ି ଦେବ ତାହା ପାଇଁ ସେଥିରୁ କଛି ।ସ୍କୁଲରୁ ଫେରୁ ଫେରୁ ବାଟରେ ସିଏ ମାମୁଁ ଘରେ ଅଟକ ଯାଏ ସେଥିପାଇଁ। ଆଜି କନ୍ତୁ ଆଇ କାଞ୍ଜି କରିନ । ମାମୁଁ ଆଜି ଭଲ ବୋଇତି କଖାରୁ ପାଇଲେନ ତେଣୁ ଆଇ ବିନା କଖାରୁରେ କାଞ୍ଜି କରିବାକୁ ମଙ୍ଗିନ । ଆଇର କଖାରୁ ନହାତି ଦରକାର: ସବୁଥିରେ ପକେଇ ଦିଏ ! ଶାଗ, ଖଟା, ବେସର, ଡାଲମା, କାଞ୍ଜି ଯୋଉଥିରେ ନାହିଁ ସେଇଥିରେ । ରକ୍ଷା ହେଇଛି ଆଇ ଆମିଷ ଖାଏନ ନଚେତ ହୁଏତ ମାଂସ ତରକାରୀରେ ମଧ କଖାରୁ ପକେଇ ଦିଅନ୍ତା ? କଖାରୁ ଟି କାହିଁକ ଏତେ ପ୍ରିୟ ହେଲା କେଜାଣି?

ମାମୁଁଙ୍କୁ ଦେଖି ତନ୍ମୟ ପଗ୍ଚରିଦେଲା, ଏହି ସାଧାରଣ କଖାରୁକୁ କାହିଁକ ଏତେ ପ୍ରାଧାନ୍ୟ ଦିଆ ଯାଉଛି?

ମାମୁଁ ବୁଝେଇବାକୁ ଲାଗିଲେ ଓଡ଼ିଶାର ଘରେ ଘରେ ପରିଚତ ବୋଇତି କଖାରୁ ଯାହାର ବିନା ଆମ୍ବିଳ, କାଞ୍ଜି ଇତ୍ୟାଦି ଅସମ୍ପୂର୍ଣ୍ଣ ହୋଇଯାଏ, ଗୋଟିଏ ପୁଷ୍ଟିକର ପରିବା ବ୍ୟତୀତ ଏକ ଅତ୍ୟନ୍ତ ରୋଚକ ଇତିହାସର ଅଧିକାରୀ । ଯଦିଓ ଏହାକୁ ଆମ୍ଭେମାନେ ଆମର ରୋଷେଇର ଏକ ମହତ୍ୱପୁର୍ଣ ସାମଗ୍ରୀ ଭାବରେ ମାନ୍ୟତା ଦେଉ, ବୋଇତି କଖାରୁର ଗ୍ଷ ଆମେରିକା ମହାଦେଶରେ ପ୍ରଥମ ଥର ପାଇଁ ହୋଇଥିଲା । ଏହା ସର୍ବ ପ୍ରଥମେ ଲୋହିତ ଭାରତୀୟଙ୍କ ଦ୍ୱାରା ଗ୍ଷ କରା ଯାଇଥିଲା । ସେଥି ପାଇଁ ବହୁତ ପୁରାତନ ଓଡ଼ିଆ ବ୍ୟଞ୍ଜନରେ ଏହାର ବ୍ୟବହାର ବିଷୟରେ ବର୍ଣନା ନାହିଁ ।





ଗୋଟିଏ ପୃଷ୍ଟିକର ପରିବା ବ୍ୟତୀତ ଏହା ବିଭିନ୍ନ ପ୍ରକାରର ସଂଶୋଧିତ ଆହାରର ଉତ୍ପାଦନରେ ବ୍ୟବହୃତ ହୁଏ, ଉଦାହରଣ : କ୍ୟାଚପ । ତେବେ ଉତ୍ତର ଆମେରିକାରେ ଏହାର ସାଂସ୍କୃତିକ ମହତ୍ୱ ମଧ୍ୟ ରହିଛି । କୁହାଯାଏ ଯେତେବେଳେ ଇଉରୋପିୟ ମାନେ ପ୍ରଥମେ ଉତ୍ତର ଆମେରିକାରେ ପାଦ ଦେଇଥିଲେ ସେମାନଙ୍କୁ ସ୍ଥାନୀୟ ଲୋହିତ ଭାରତୀୟ ମାନେ ସେ ଯୁଗରେ ଉପଲବ୍ଧ ଥିବା ମକା, ଲଙ୍କା ଓ କଖାରୁର ଚାଷ ବିଷୟରେ ସେମାନଙ୍କୁ ଆବଗତ କରାଇଥିଲେ ଯାହା ଦ୍ୱାରା ଆଗନ୍ତୁକମାନଙ୍କୁ ନୂଆ ଦେଶରେ ନିଜର ଉପନିବେଶ ସ୍ଥାପନ କରିବାରେ ସାହାଯ୍ୟ କରିଥିଲା । ଏହି ଘଟଣାକୁ ପାଳନ କରିବା ପାଇଁ "ଥ୍ୟାନକ୍ସ ଗିବିଙ୍ଗ ଡେ" ବା "ଧନ୍ୟବାଦ ଅର୍ପଣ ଦିବସ" ପାଳନ କରାଯାଏ । ଏହି ଦିନ ଅଧିକାଂଶ ପରିବାରରେ ବୋଇତି କଖାରୁ ବ୍ୟବହାର କରି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରା ଯାଏ । ଅନେକ ଲୋକ ନିଜ ନିବାସରେ ପରମ୍ପରାଗତ ଭାବରେ ଚାଷ ହୋଇ ଥିବା କଖାରୁର କଷମକୁ ଏହି ସମୟରେ ସାଜ ସଜାରେ ପ୍ରୟୋଗ କରି ଥାଆନ୍ତି ।

ଏହା ବ୍ୟତୀତ କିଛି ପ୍ରକାର କଖାରୁକୁ ନେଇ ଏକ ପ୍ରକାର ଲଣ୍ଠନ ମଧ୍ୟ ତିଆରି କରାଯାଏ ଓ 'ହାଲୋୱୀନ' ପର୍ବ ସମୟରେ ସାଜ ସଜାରେ ଲଗା ଯାଏ । ବୋଇତି କଖାରୁ ର ଗୋଟିଏ ପ୍ରକାରର କଷମ ବୃହତ୍ତ ଆକାରର ହୋଇଥାଏ ଏବଂ ଓଜନରେ କିଛି କୁଇଣ୍ଟାଲ ମଧ୍ୟ ହୋଇପାରେ । ବିଶାଳକାୟ କଖାରୁ ଚାଷ କରିବା ପ୍ରତିଯୋଗୀତା ପାଇଁ ଲୋକମାନେ

ଏହାକୁ ଗ୍ରହଣ କରନ୍ତି । ଆମେରିକାରେ କଖାରୁ ଉତ୍ପାଦନ ର ପ୍ରତିଯୋଗିତା ମଧ୍ୟ ହୋଇଥାଏ ଏବଂ ଏଥିରେ ଅନେକ ବିଶାଳକାୟ କଖାରୁ ଦେଖିବାକୁ ମିଳେ ।

ସଂସ୍କୃତି ଓ ପରମ୍ପରା ସହିତ ଦୃଢ ଭାବରେ ଜଡିତ ହୋଇଥିବା କଖାରୁ କିନ୍ତୁ ପ୍ରଥମେ ଦେଖିବାକୁ ଏତେ ସୁନ୍ଦର ନଥିଲା । ବିଭିନ୍ନ ପ୍ରକାର କୃଷି ପ୍ରଣାଳୀର ପ୍ରୟୋଗ ଦ୍ୱାରା ଆଜି ବ୍ୟବହୃତ ବିଭିନ୍ନ ଲୋକପ୍ରିୟ କିସମର କଖାରୁ ଦେଖିବାକୁ ମିଳୁଛି । ପୂର୍ବର କଖାରୁ ଗୁଟିକା କାକୁଡି କମ୍ବା କଲରା ଭଳି ଦେଖା ଯାଉଥିଲା । ଏଗୁଡିକ ଆଜି ବିଭିନ୍ନ ପ୍ରକାରର ମିଳେ ଏବଂ ଏହାକୁ ନେଇ ବିଭିନ୍ନ ବ୍ୟଞ୍ଜନ ତିଆରି କରାଯାଏ ।

ଘରେ ଓ ବଜାରରେ ସାଧାରଣ ଦେଖା ଯାଉଥିବା ବୋଇତି କଖାରୁର ଅନେକ ରୋଚକ ତଥ୍ୟ ମାମୁଁ କହିଗଲେ ତନ୍ମୟକୁ । ସବୁ ଶୁଣି ସାରି ତନ୍ମୟ ପଚାରିଲା, "କିନ୍ତୁ ଆଈର କାହିଁକି କଖାରୁ ପ୍ରତି ଏତେ ଆଗ୍ରହ?"

"ବୋଉ ଜାଣେ ମୋତେ କାଞ୍ଜିର କଖାରୁ ବହୁତ ପସନ୍ଦ, ତେଣୁ ମୋ ପାଇଁ ସିଏ ଯେତେବେଳେ କାଞ୍ଜି କରେ, ସେଥିରେ କଖାରୁ ପକାଏ, ନଚେତ କଖାରୁ ବିନା କାଞ୍ଜି କରେ ନାହିଁ!"

"ଓଃ ଯେମିତି ମୋ ଲାଗି ସବୁବେଳେ ଛେନା ପୁର ଦେଇ ମଣ୍ଡାପିଠା ତିଆରି କରେ, ନ ହେଲେ କରେନ!" ତନ୍ମୟ କହିଲା । ମାମୁଁ ସ୍ନେହରେ ଆଉଁସି ଦେଲେ ତନ୍ମୟକୁ ଆଉ ଦୁହେଁ ହସି ଉଠିଲେ । ପାଖ ଘରୁ ଆଈର ପାଟି ଶୁଭିଲା, "ତନୁ କାଲି ଆସିବୁ, କାଞ୍ଜି ନିଶ୍ଚୟ ହବ, ଏବେ ପଡିଶା ଘରର ରୁକ୍ମିଣୀ ଆଣିକି ଦେଇ ଯାଇଛି କଖାରୁ ଗୋଟିଏ ।"

"ତୋତେ ଆଉ ପାରି ହେଲାଣି ବୋଉ," ମାମୁଁ କହିଲେ।

ପ୍ରଣାମ କରି ନିଜ ଘର ଅଭିମୁଖେ ବାହାରି ଗଲା ତନ୍ମୟ ॥

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ସାରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ସ୍ନେହର ପିଲ୍ମାନେ



ପ୍ରେମଶିଲ୍ ରାଉତ

ସ୍ନେହର ମୋର ସମସ୍ତ ପିଲ୍ମାନେ
କହୁଛି ବଚନ ରଖିବ ମନେ
ଓଠେ ସଦା ହସ ସାଇତି ରଖିବ
ବିତରିବ ସଭିଙ୍କର ଗହଣେ ।

ତୁମେ ଏ ଦେଶର ଭାଗ୍ୟ ଭବିଷ୍ୟତ
ତୁମକୁ ଚାହିଁ ରହିଛି ପ୍ରଗତି ପଥ
ଦେଶସେବା କରି ହସି ହସାଇବ
ଦେଖିବ ନଇଁଯିବ ବିଶ୍ୱ ଜଗତ ।

ପାଠ ପଢି ବଡ଼ ପଦବୀରେ ତୁମ
ରହିବା କେବଳ ଲକ୍ଷ୍ୟ ନ ହେଉ,
ଜଣେ ଜଣେ ଭଲ ମଣିଷଟେ ହୋଇ
ସମାଜ କଲ୍ୟାଣେ ମନ ସଦା ଥାଉ ।

ଏ ସମାଜ ଚାହିଁଛି ତୁମ ହାତକୁ
ଆଙ୍କିବ ତୁମେ ସୁନାର କୋଣାର୍କ,
ଚାହିଁ ରହିଛି ତୁମ ଖିଲି ଖିଲି ହସକୁ
ଗଢ଼ିବ ଦେଶକୁ ରୂପ ରେ ଅନେକ ।

ବାନ୍ଧିବ ତୁମେ ଯେ ସ୍ନେହର ରାକ୍ଷୀ
ଦେଶ ପ୍ରେମ, ସେବା ମନରେ ମାଖି
ମହାପୁରୁଷଙ୍କର ବାଣୀ ମନେ ରଖି
ଅମୃତ ର ସ୍ୱାଦ ଦେଶବାସୀ ଙ୍କୁ ଚଖେଇ ।

ଶେଷ ଅଳଟିଏ ସମାଜ ପାଇଁ ହେ
ତୁମରି ପାଖେ କରେ ନିବେଦନ
ସମାଜରୁ ତୁମେ ନାଶିବ ଅଛି ଯେତେ କୁକର୍ମ
ହେ ମୋର ପ୍ରିୟ ଛାତ୍ରଛାତ୍ରୀ ଗଣ ।

ଗ୍ରାମ-ବୃନ୍ଦାବାହାଲ, କଳାହାଣ୍ଡି

"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# କୁନା ବୁଝି ଗଲ୍



ବୈଦ୍ୟନାଥ ପଣ୍ଡା

କାଟୁଥିଲ୍ କୁନା ବାଡ଼ି ବଗିଚ୍ଚରେ
ଅଫଳନ୍ତି ଗଛଟିଏ
ଧାଇଁ ଆସି ଜେଜେ ଘରର ଭିତରୁ
ପକାଇଲେ ଗ୍ଚପୁଡ଼ାଏ

କହିଲେ ଚଗଲ୍ କାହିଁକି ହାଣୁଛୁ
ସେ ପର୍ ବନ୍ଧୁ ଟିଏ
ଜାଣିନୁକି ତୁହି ଆମ ଅଜାଣତେ
ସାହା କେତେ ହୋଇଥାଏ

ନାଲି ଆଖିକରି କହିଦେଲ୍ କୁନା
ପାରୁନକି ଜେଜେ ଜାଣି
ଅଫଳନ୍ତି ଗଛ କାହିଁକି ରଖିବି
ସେଥିପାଇଁ ଦେଲି ହାଣି

ଜେଜେ ତ କହିଲେ ଆରେ ମୂର୍ଖଟୋକା
ବୁଦ୍ଧି ତୋ ଏତିକି ନାହିଁ
ଫଳ ନଦେଲେବି ଦିଏ ଅମ୍ଳଜାନ
ବଞ୍ଚି ଅଛୁ ତାହା ପାଇଁ

ଅଫଳନ୍ତି ହେଲେ ଛାୟା ତ ଦେଉଛି
ବସୁଅଛୁ ତାହା ତଳେ
ନଦାଘ ଗ୍ରୀଷ୍ମରେ ତାହାରି ପାଇଁକି
ସୁଶୀତଳ ବାୟୁ ଚଳେ

ଝଡ଼ ବତାଶରେ ତୋ ଘର ଆଗରେ
ଠିଆ ହୋଇ ରହି ସେହି
ପ୍ରଳୟ ବତାସ ରୋକୁଥାଏ ସେହି
ପାଚେରୀ ପ୍ରାୟକ ହୋଇ

ବୃକ୍ଷ ଯେ ନଥିଲେ କଏସେ କରିବ
ଏ ଧରାକୁ ସନ୍ତୁଳନ
ତାକୁ କାଟିଦେଲେ ପରିବେଶ ପର
ହୋଇଯିବ ପ୍ରଦୂଷଣ

ସିଏ ମରିଗଲେ ଆମେବି ମରିବା
ଏ, କଥାକୁ ହେଜ ତୁହି
ଜାଣିଗଲା କୁନା ଗଛର ମହତ୍ୱ
ହାତ ଯୋଡି ସେ କହଇ
ମାନଗଲି ଜେଜେ ଗଛ ଆମ ବନ୍ଧୁ
ଆଉ ମୁଁ କାଟିବି ନାହିଁ।

ଅବଦଲପୁର, ଯାଜପୁର

# ସ୍ୱଚ୍ଛ ବିଦ୍ୟାଳୟ

ଶରତ ଚନ୍ଦ୍ର ଜାଲି

ବିଦ୍ୟାଳୟ ଦେବାଳୟ ନୁହେଁ କିଛି ଭିନ୍ନ
ସବୁଜ, ସୁନ୍ଦର ହୋଇ ହସୁ ସବୁ ଦିନ ॥
ଏଇ ଠାରେ ଗଢା ହୁଏ ମଣିଷ ରତନ
ସ୍ୱଚ୍ଛ ପରିବେଶ ଥିଲେ ହସିବ ଜୀବନ ॥
ଅଳଆ ଜିନଷ ଯେତେ ଜରି, କାଠିକୁଟା
ବିଦ୍ୟାଳୟ ପରିସରେ ପଡିଅଛି କଣ୍ଟା ॥
ପଡି ରହିଥିଲେ ସବୁକଥା ଯିବ ସରି
ଆସ ଜାଗ୍ରତ ହୋଇବା ସ୍ୱଚ୍ଛମନ୍ତ୍ର ଧରି ॥
ଶ୍ରେଣୀଗୃହ, ରୋଷଘର, ଖେଳ ପଡିଆକୁ
ଚାଲଯିବା ନଜହାତେ ସଫା କରିବାକୁ ॥
ସ୍ୱଚ୍ଛ ବିଦ୍ୟାଳୟ ଗଢି ଆଣିବା ଗୌରବ
ମହକ ଉଠିବ ଦେଶେ ଶିକ୍ଷାର ସୌରଭ ॥
ଆମେ ଯେତେ ଶିଶୁ ସବୁ ପଢିପଢି ପାଠ
ସ୍ୱଚ୍ଛ ବିଦ୍ୟାଳୟ କୋଳେ କରୁଥିବା ନାଟ ॥
ଜଗତକୁ ଦେଖେଇବା ନୂଆ ନୂଆ ବାଟ
ସ୍ୱଚ୍ଛ ମନେ ସ୍ୱଚ୍ଛ ତନେ ସପନର ହାଟ ।
ଏଇ ଆମ ସବୁଜିମା ସ୍ୱଚ୍ଛ ବିଦ୍ୟାଳୟ
ଯାହା ଲାଗି ବହେ ମନେ ଖୁସିର ମଳୟ ॥

ପଥରା, ଖଲିକୋଟ, ଗଂଜାମ

# ମାନଯା ଥରେ ଧନରେ ମୋର



ଡମ୍ବରୁଧର ବାଗ

କଏ କଛି ତତେ କହିବା ଆଗରୁ
ବେଳ ଥାଉ ଯଦି ଯିବୁ ସୁଧୁରି ।
ଦୁନଆ କହିବ ଭଲ ପିଲ୍ ବୋଲି
ଦୁଷ୍ଟ କହିବେନ ତତେ ଆହୁରି ।
ମନ ଦେଇ ଯଦି ପଢିବୁ ପାଠରେ
ଭଲ ମଣିଷଟେ ନଶ୍ଚୟ ହେବୁ ।
ମାତାପିତା କଥା ମାନ କ ଚଳଲେ
ସୁନା ପିଲ୍‌ରେ ତୁ ଗଣା ହୋଇବୁ।
ଗୁରୁଜନ ତୋର ଚଳନ୍ତି ଦେବତା
ମାର୍ଗ ଦର୍ଶକ ସେ ଅଟନ୍ତି ତୋର ।
ଉପଦେଶ ତାଙ୍କ ଗ୍ରହଣ କରିଲେ
ଅପସରି ଯିବ ଦୁଃଖ ତୋହର।
ଖେଳବେଳେ ଖେଳ ପାଠବେଳେ ପାଠ
ମନେ ରଖିଥିବୁ ଏଇ ବଚନ ।
ଉଚତ ମାର୍ଗରେ ପାଦ ତୁ ଥାପିଲେ
ସୁଖରେ ସୁଖରେ କଟିବ ଦିନ।
କୁସଙ୍ଗ କେବେ କରିବୁ ନାହିଁରେ
ସୁଜନ ସାଙ୍ଗରେ କରିବୁ ବାସ।
ଯେବେ ପଡିଯିବୁ କୁସଙ୍ଗ ସାଥିରେ

ମଧୁର ଜୀବନ ହେବରେ ବିଷ ।
ଆସିଛୁ ଧରାକୁ ହୋଇ ତୁ ଏକେଲା
ଗଲାବେଳେ ଯିବୁ ହୋଇ ଏକେଲା ।
ଯିବେନ ଧନରେ କେହି ତୋ ସାଥିରେ
ଯିବୁ ପୁଣି ତୁହିରେ ହୋଇ ପୁଙ୍ଗୁଳା ।
ଭଲ କର୍ମ ଯଦି କରିଥିବୁ ତୁହି
ଦୁନିଆ ଝୁରିବ ତୋ ପାଇଁକି ସଦା।
ସ୍ୱର୍ଣ୍ଣାକ୍ଷରରେ ତୋ ନାଆଁ ଲେଖା ହେବ
ଯଦି ତୁ ହେବୁରେ ଧରାରୁ ବିଦା।

ଗୋଲାମୁଣ୍ଡା, କଳାହାଣ୍ଡି

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/୧୧/୨୦୧୯ | ଷୋଳଶାସନ ଅମୃତ ମଣୋହି ଭୋଗ |
| ୦୪/୧୧/୨୦୧୯ | ଗୋଷ୍ଠାଷ୍ଟମୀ ଓ ଜଗମୋହନ ଭୋଗ |
| ୦୫/୧୧/୨୦୧୯ | ଜଗଦ୍ଧାତ୍ରୀ ପୂଜା, ଅଁଳା ନବମୀ ଓ ଶ୍ରୀରାଧାଙ୍କ ପାଦ ଦର୍ଶନ |
| ୦୭/୧୧/୨୦୧୯ | ଶରଦ୍ରାସାଧୀବାସ, ସୁଦଶା ବ୍ରତ |
| ୦୯/୧୧/୨୦୧୯ | ଗରୁଡ ଦ୍ୱାଦଶୀ ଓ ତୁଳସୀ ବିବାହ |
| ୧୦/୧୧/୨୦୧୯ | ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ, ବଡ ଓଷା |
| ୧୨/୧୧/୨୦୧୯ | ରାସ ପୂର୍ଣ୍ଣିମା, ବାଲିଯାତ୍ରା |
| ୧୩/୧୧/୨୦୧୯ | ଛାଡଖାଇ |
| ୧୪/୧୧/୨୦୧୯ | ଶିଶୁ ଦିବସ ଓ ମାର୍ଗଶୀର ପ୍ରଥମ ଗୁରୁବାର |
| ୧୭/୧୧/୨୦୧୯ | ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା ଓ ସୀତା ବିବାହ |
| ୧୮/୧୧/୨୦୧୯ | ଶ୍ରୀକ୍ଷେତ୍ର ପରିକ୍ରମା |
| ୨୦/୧୧/୨୦୧୯ | ପ୍ରଥମାଷ୍ଟମୀ |
| ୨୧/୧୧/୨୦୧୯ | କାଞ୍ଜିଅଁଳା ନବମୀ ଓ ମାଣବସା ଦ୍ୱିତୀୟ ପାଳି |
| ୨୩/୧୧/୨୦୧୯ | ଉତ୍ପନ୍ନା ଏକାଦଶୀ ଉପବାସ |
| ୨୫/୧୧/୨୦୧୯ | ଶ୍ରୀମନ୍ଦିରେ ଦେବଦୀପାବଳ୍ୟୁତ୍ସବ ଆରମ୍ଭ |
| ୨୬/୧୧/୨୦୯ | ଅମାବାସ୍ୟା |
| ୨୮/୧୧/୨୦୧୯ | ମାଣବସା ତୃତୀୟା ପାଳି |

# ଚନ୍ଦ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଅକ୍ଟୋବର ମାସର ବିଜେତାଙ୍କ ନାମ



ଦିନକର କାମ ସାରି ଦିନମଣି ହସି
ଥକ୍କାହୋଇ ମା ମୁଣ୍ଡେ ଝୁଲୁଛନ୍ତି ବସି
ଫଟୋ କର୍‌ମତି ଭ୍‌ଇ
ମା ହସି ହସି ଛୁଆକୁ ଚଲ୍‌ଏ
ଘରେ ପହଞ୍ଚିବା ପାଇଁ

**ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ରସୁଲଗଡ, ଭୁବନେଶ୍ବର**

ସୂର୍ଯ୍ୟବିମ୍ବ ତେଜ ଦ୍ୱାର୍ ଦିଶୁଛି ହରିଦ୍ରା ରଞ୍ଜିତ ଆକାଶ,
ବିମ୍ବ ଉପରକୁ ଯାଉ ଯାଉ ହୁଏ ଦିନର ବିଶିଷ୍ଟ ବିକାଶ,
ହସି ହସି ମାଆ ପୁଅ କରୁଛନ୍ତି ନଜ ଖୁସିର ଭ୍‌ବପ୍ରକାଶ,
ଲ୍‌ଗୁଛି ଟୋକେଇରେ ନେଉଛନ୍ତି ହଳଦିଆ ଫଳବିଶେଷ |

**ଶ୍ରୀ ର୍‌ଜଶେଖର ସି 'ଟମା'**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ। ଯଦି କୌଣସି ପାଠକ/ପାଠିକା ନଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚ୍ଚହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲ୍ – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**